# ଧରିତ୍ରୀ
DHARITRI

ଭୁବନେଶ୍ୱର, ମଙ୍ଗଳବାର, ଜାନୁୟାରୀ ୩/୨୦୨୩ (୧୬ ପୃଷ୍ଠା) | Bhubaneswar, Tuesday, January 3/2023 | Page 16 | ₹ 7.00

୪୯ଶ ଭାଗ ୪୧ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Rayagada & Angul | VOLUME 49 ISSUE 41 | ମୂଲ୍ୟ ₹୭/-


# ୪ ଜଣଙ୍କ ସମର୍ଥନ, ଜଣେ କହିଲେ ବେଆଇନ

**ବିମୁଦ୍ରୀକରଣ ରାୟ**





ଜଷ୍ଟିସ୍ ବି.ଭି. ନାଗରତ୍ନା

ନୂଆଦିଲ୍ଲୀ,୨।୧

୨୦୧୬ ନଭେମ୍ବର ୮ରେ କେନ୍ଦ୍ର ସରକାରଙ୍କ ବିମୁଦ୍ରୀକରଣ ନିଷ୍ପତ୍ତିକୁ ଚାଲେଞ୍ଜ କରି ସୁପ୍ରିମକୋର୍ଟରେ ହୋଇଥିବା ୫୮ଟି ପିଟିଶନର ରାୟ ସୋମବାର ପ୍ରକାଶ ପାଇଛି। ଜଷ୍ଟିସ୍ ଏସ୍.ଏ. ନାଜିରଙ୍କ ଅଧ୍ୟକ୍ଷତାରେ ବି.ଆର୍. ଗଭାଇ, ଏ.ଏସ୍. ବୋପନ୍ନା, ଭି. ରାମସୁବ୍ରମଣ୍ୟନ୍ ଏବଂ ବି.ଭି. ନାଗରତ୍ନାଙ୍କୁ ନେଇ ଗଠିତ ୫ଜଣିଆ ସାମ୍ବିଧାନିକ ପୀଠ ୪-୧ରେ ରାୟ ଶୁଣାଇଛନ୍ତି। ୪ଜଣ ବିଚାରପତି ନୋଟ୍‌ବନ୍ଦୀର ନିଷ୍ପତ୍ତିକୁ ବୈଧ ବୋଲି କହିଥିବାବେଳେ ବିଚାରପତି ନାଗରତ୍ନା ଏଥିରେ ଅସହମତି ପ୍ରକାଶ କରିଛନ୍ତି। ବିମୁଦ୍ରୀକରଣ ନିଷ୍ପତ୍ତିକୁ ସେ ବେଆଇନ ବୋଲି କହିଛନ୍ତି। ପୁରୁଣା ୫୦୦ ଓ ୧,୦୦୦ ଟଙ୍କିଆ ନୋଟ୍‌ର ସମ୍ପୂର୍ଣ୍ଣ ସିରିଜ୍‌କୁ ରଦ୍ଦ କରିବା ଭଳି ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତିରେ ପାର୍ଲାମେଣ୍ଟକୁ ବାଦ୍ ଦିଆଯାଇପାରିବ ନାହିଁ ବୋଲି ନାଗରତ୍ନା କହିଛନ୍ତି। କେନ୍ଦ୍ର ସରକାର ସମ୍ପୂର୍ଣ୍ଣ ସିରିଜ୍ ବ୍ୟାଙ୍କ ନୋଟ୍‌କୁ ରଦ୍ଦ କରିଦେବା ଅତ୍ୟନ୍ତ ଗମ୍ଭୀର ପ୍ରସଙ୍ଗ। ଏହା ଦେଶର ଅର୍ଥନୀତି ଏବଂ ଦେଶବାସୀଙ୍କ ଉପରେ ଗୁରୁତର ପ୍ରଭାବ ପକାଇଥିଲା। ଏହି ନିଷ୍ପତ୍ତି ପଛରେ କେବଳ ଭାରତର ରିଜର୍ଭ ବ୍ୟାଙ୍କ (ଆର୍‌ବିଆଇ) ମୁଣ୍ଡ ଖେଳାଇଥିବା ଜଣାପଡୁ ନାହିଁ। ସମ୍ପୂର୍ଣ୍ଣ ପଦକ୍ଷେପ ୨୪ ଘଣ୍ଟା ମଧ୍ୟରେ ନିଆଯାଇଥିବା ସାମ୍ବିଧାନିକ ପୀଠର ସର୍ବକନିଷ୍ଠ ବିଚାରପତି ନାଗରତ୍ନା କହିଛନ୍ତି। ତାଙ୍କ ମତରେ କେବଳ ଗେଜେଟ୍ ବିଜ୍ଞପ୍ତି ଜାରି କରି ବୃହତ ନିଷ୍ପତ୍ତି ନେବା ଅପେକ୍ଷା ପାର୍ଲାମେଣ୍ଟରେ ଆଲୋଚନା ମାଧ୍ୟମରେ ନେବାର ପର୍ଯ୍ୟାପ୍ତ କ୍ଷମତା କେନ୍ଦ୍ର ପାଖରେ ରହିଛି। କାରଣ ପାର୍ଲାମେଣ୍ଟ ଦେଶବାସୀଙ୍କ ପ୍ରତିନିଧିତ୍ୱ କରୁଛି। ବିମୁଦ୍ରୀକରଣ ପ୍ରସ୍ତାବ କେନ୍ଦ୍ର ସରକାରଙ୍କର। ଏହା ଉପରେ ଆର୍‌ବିଆଇର ମତାମତ ଲୋଡ଼ାଯାଇଥିଲା। ତେଣୁ ଆର୍‌ବିଆଇ ଆଇନର ଧାରା ୨୬(୨) ଅନୁଯାୟୀ ଏହାକୁ କେନ୍ଦ୍ରୀୟ ବ୍ୟାଙ୍କର ସୁପାରିସ୍ ବିବେଚନା କରାଯାଇପାରିବ ନାହିଁ ବୋଲି ଜଷ୍ଟିସ୍ ନାଗରତ୍ନା କହିଛନ୍ତି। ପାର୍ଲାମେଣ୍ଟକୁ ବାଦ୍ ଦେଇ ଗଣତନ୍ତ୍ର ତିଷ୍ଠି ପାରିବ ନାହିଁ। ତେଣୁ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତିରେ ପାର୍ଲାମେଣ୍ଟକୁ ବାଦ୍ ଦିଆଯାଇପାରିବ ନାହିଁ ବୋଲି ନାଗରତ୍ନା କହିଛନ୍ତି। ସୂଚନାଯୋଗ୍ୟ, ଦେଶରେ ପ୍ରଚଳିତ ସମସ୍ତ ୫୦୦ ଓ ୧,୦୦୦ ☞ ପୃଷ୍ଠା-୪

## ୟୁକ୍ରେନ୍ କ୍ଷେପଣାସ୍ତ୍ର ମାଡ଼ରେ ୪୦୦ ରୁଷୀୟ ସୈନ୍ୟ ନିହତ

ମସ୍କୋ,୨।୧

ୟୁକ୍ରେନ୍‌ର କ୍ଷେପଣାସ୍ତ୍ର ମାଡ଼ରେ ରୁଷିଆର ପାଖାପାଖି ୪୦୦ ସୈନ୍ୟ ନିହତ ହୋଇଥିବା ସୋମବାର କିଭ୍ ଦାବି କରିଛି। ପୂର୍ବ ୟୁକ୍ରେନ୍‌ରେ ଥିବା ରୁଷୀୟ ସୈନ୍ୟଙ୍କ କ୍ୟାମ୍ପ ଉପରେ କିଭ୍ ସୈନ୍ୟ ଆମେରିକା ଯୋଗାଇଥିବା କ୍ଷେପଣାସ୍ତ୍ରକୁ ମାଡ଼ କରିଥିଲେ। କ୍ରେମ୍‌ଲିନ୍ ବିରୋଧରେ ଏହା ୟୁକ୍ରେନ୍‌ର ଗୋଟିଏ ଦିନରେ ସବୁଠୁ ଘାତକ ଆକ୍ରମଣ। ସୈନ୍ୟ ମୃତ୍ୟୁକୁ ନେଇ ରୁଷିଆରେ ଉତ୍ତେଜନା ପ୍ରକାଶ ପାଇଛି। ସୈନ୍ୟମାନଙ୍କୁ ମୃତ୍ୟୁ ମୁଖକୁ ଠେଲିଦେଇଥିବା କମାଣ୍ଡରଙ୍କୁ ଦଣ୍ଡିତ କରାଯାଉ ବୋଲି ରୁଷୀୟ ଜାତୀୟତାବାଦୀ ☞ ପୃଷ୍ଠା-୪

## ନିୟମ ଅନୁପାଳନ ହୋଇନାହିଁ

### ରୁଷୀୟ ପର୍ଯ୍ୟଟକଙ୍କ ମୃତ୍ୟୁ ଘଟଣା

ନୂଆଦିଲ୍ଲୀ,୨।୧ (ସ୍ୱ.ପ୍ର.)

ଓଡ଼ିଶାକୁ ପରିଭ୍ରମଣରେ ଆସିଥିବା ୨ ରୁଷୀୟ ପର୍ଯ୍ୟଟକ ତଥା ସେଠାକାର ଏମ୍‌ପି ଆଣ୍ଟୋଭ ପାଭେଲ (୬୫) ଏବଂ ତାଙ୍କ ବନ୍ଧୁ ଭ୍ଲାଡିମିର ବିଦାନୋଭ(୬୧)ଙ୍କ ମୃତ୍ୟୁକୁ ନେଇ ନାନା ସନ୍ଦେହ ସୃଷ୍ଟି ହେଉଛି। ରୁଷିଆ ରାଷ୍ଟ୍ରପତି ଭ୍ଲାଡିମିର ପୁଟିନଙ୍କ ୟୁକ୍ରେନ୍ ଆକ୍ରମଣକୁ ପାଭେଲ ସମାଲୋଚନା କରି ଚର୍ଚ୍ଚାକୁ ଆସିଥିଲେ। ରାୟଗଡ଼ାର ସାଇ ଇଣ୍ଟରନ୍ୟାଶନାଲ ହୋଟେଲରେ ରହଣୀ ସମୟରେ ଗତ ଡିସେମ୍ବର ୨୨ରେ ବିଦାନୋଭଙ୍କ ମୃତ୍ୟୁ ଘଟିଥିବାବେଳେ ୨୪ ତାରିଖରେ ହୋଟେଲର ତୃତୀୟ ମହଲାରୁ ପଡ଼ି ପାଭେଲଙ୍କ ମୃତ୍ୟୁ ଘଟିଥିବା କୁହାଯାଉଛି। ପାଭେଲଙ୍କ ଭଳି ଅନ୍ୟ କେତେଜଣ ପୁଟିନ୍ ବିରୋଧୀ ରୁଷୀୟ ନାଗରିକଙ୍କ ଅସ୍ୱାଭାବିକ ମୃତ୍ୟୁ ଘଟିଛି। ତେଣୁ ପାଭେଲଙ୍କ ମୃତ୍ୟୁକୁ ନେଇ ଅନ୍ତର୍ଜାତୀୟ ସ୍ତରରେ ହଇଚଇ ସୃଷ୍ଟି ହୋଇଛି। ଏଭଳି ସ୍ଥଳେ ଏହି ଘଟଣାକୁ ପରିଚାଳନା କରିବାରେ ଓଡ଼ିଶା ପୋଲିସର ଭୂମିକାକୁ ନେଇ ସମାଲୋଚନା କରାଯାଉଛି। ବିସ୍ମୟର କଥା, ପାଭେଲଙ୍କ ମୃତ୍ୟୁ ପରେ ପୋଲିସ ଏସ୍‌ଓପି (ସାଧାରଣରେ ଯେଉଁ ସବୁ ନିୟମ ଅନୁପାଳନ କରିବା କଥା) ପାଳନ କରିନାହିଁ।

ଜଣେ ବିଦେଶୀ ନାଗରିକଙ୍କ ମୃତ୍ୟୁ ଘଟଣାରେ ପୋଲିସ କ'ଣ କରିବା ଉଚିତ ସେନେଇ କେନ୍ଦ୍ର ସରକାରଙ୍କ ☞ ପୃଷ୍ଠା-୪

## ଓସିଏସ୍ ପରୀକ୍ଷା ଆଶାୟୀଙ୍କୁ ପୁଣି ସୁଯୋଗ

ଭୁବନେଶ୍ୱର,୨।୧(ବ୍ୟୁରୋ)

ଓଡ଼ିଶା ସିଭିଲ ସର୍ଭିସ(ଓସିଏସ୍), କମ୍ବାଇଣ୍ଡ ରିକ୍ରୁଟମେଣ୍ଟ ଏକ୍‌ଜାମିନେଶନ ଆଶାୟୀ ପରୀକ୍ଷାର୍ଥୀଙ୍କୁ ଆଉ ଏକ ସୁଯୋଗ ଦେବାକୁ ରାଜ୍ୟ ସରକାର ନିଷ୍ପତ୍ତି ନେଇଛନ୍ତି। ତିନୋଟି ସୁଯୋଗ ଶେଷ ହୋଇଥିଲେ ମଧ୍ୟ ପରୀକ୍ଷା ପାଇଁ ଆଉ ଏକ ସୁଯୋଗ ମିଳିବ। ୨୦୧୯, ୨୦୨୦ ଓ ୨୦୨୧ରେ ଦେଇଥିବା ପରୀକ୍ଷାର୍ଥୀମାନଙ୍କୁ ଏହି ସୁଯୋଗ ମିଳିପାରିବ। ୨୦୨୨ରେ ପରୀକ୍ଷା ଦେଇପାରି ନ ଥିବା ଆଶାୟୀଙ୍କୁ ମଧ୍ୟ ସୁଯୋଗ ମିଳିବ। ☞ ପୃଷ୍ଠା-୪

**ଆଜିର ସମ୍ପାଦକୀୟ**

**ବିମୁଦ୍ରୀକରଣ: ବିରୋଧୀ ଦାୟୀ**











## ଟ୍ରକ୍ ଓଲଟି ୪ ମୃତ

ପଶ୍ଚିମବଙ୍ଗ ବାଙ୍କୁରା ଜିଲାରେ ରବିବାର ବିଳମ୍ବିତ ରାତିରେ ଟ୍ରକ୍ ଓଲଟି ୪ ଜଣଙ୍କ ମୃତ୍ୟୁ ହୋଇଥିବାବେଳେ ୨ ଜଣ ଆହତ ହୋଇଛନ୍ତି। ଚାଉଳ ବୋଝେଇ ଟ୍ରକ୍‌ଟି ତଲଡଙ୍ଗରାରୁ ରେନା ଅଭିମୁଖେ ଯାଉଥିଲା। ଡ୍ରାଇଭର ନିୟନ୍ତ୍ରଣ ହରାଇବା ଯୋଗୁ ଏହି ଦୁର୍ଘଟଣା ଘଟିଥିବା ଓ ଗାଡ଼ିରେ ୬ ଜଣ ଲୋକ ଥିବା ପୋଲିସ କହିଛି।

## ସଂକ୍ଷେପରେ

### ମାନ୍‌ଙ୍କ ଘର ନିକଟରେ ବୋମା

**ଚଣ୍ଡିଗଡ଼,୨।୧:** ପଞ୍ଜାବ ମୁଖ୍ୟମନ୍ତ୍ରୀ ଭଗୱନ୍ତ ମାନ୍‌ଙ୍କ ଚଣ୍ଡିଗଡ଼ସ୍ଥିତ ବାସଭବନ ନିକଟରୁ ସୋମବାର ବୋମା ନିଷ୍କ୍ରିୟ ଦଳ ଏକ ବୋମା ଜବତ କରିଛନ୍ତି। ଅପରାହ୍ନ ୪ଟାରୁ ସାଢ଼େ ୪ଟା ମଧ୍ୟରେ ବାସଭବନ ପରିସରରେ ଥିବା ହେଲିପ୍ୟାଡ୍ ନିକଟରେ ବୋମା ପଡ଼ିଥିବାର ଜଣେ ଟ୍ୟୁବ୍‌ୱେଲ ଅପରେଟର ଦେଖିଥିଲେ। ତେବେ ଏହା ବୋମା ନୁହେଁ ବରଂ ମିସ୍‌ଫାୟାର୍ଡ ଶେଲ୍ ହୋଇଥିବା ମାନ୍‌ଙ୍କ ସିକ୍ୟୁରିଟି ମୁଖ୍ୟ ଏ.କେ. ପାଣ୍ଡେ କହିଛନ୍ତି।

### ୧୦ରେ ଆସ୍ଥାଭୋଟ ଲୋଡ଼ିବେ ପ୍ରଚଣ୍ଡ



**କାଠମାଣ୍ଡୁ,୨।୧(ପି.ଟି.):** ନେପାଳର ନବନିଯୁକ୍ତ ପ୍ରଧାନମନ୍ତ୍ରୀ ପୁଷ୍ପ କମଲ ଦହଲ 'ପ୍ରଚଣ୍ଡ'ଆସନ୍ତା ୧୦ ତାରିଖରେ ପାର୍ଲାମେଣ୍ଟରେ ଆସ୍ଥା ଭୋଟ ଲୋଡ଼ିବେ ବୋଲି ସୋମବାର କହିଛନ୍ତି। ଗତ ମାସ ୨୬ ତାରିଖରେ ସିପିଏନ୍-ମାଇଇଷ୍ଟ ସେଣ୍ଟର ନେତା ପ୍ରଚଣ୍ଡ ପ୍ରଧାନମନ୍ତ୍ରୀ ଭାବେ ଶପଥ ନେଇଥିଲେ। ନେପାଳୀ କଂଗ୍ରେସ ନେତୃତ୍ୱ ପାକ୍ ନିର୍ବାଚନୀ ମେଣ୍ଟରୁ ପ୍ରଚଣ୍ଡ ବାହାରିଯାଇ ବିରୋଧୀ ନେତା କେ.ପି. ଶର୍ମା ଓଲିଙ୍କ ସହ ହାତ ମିଳାଇଥିଲେ। ଏବେ ମେଣ୍ଟ ଦଳ ସମର୍ଥନରେ ସରକାର ଗଢ଼ିଥିବାରୁ ତାଙ୍କୁ ଗୃହରେ ସଂଖ୍ୟାଗରିଷ୍ଠତାର ପ୍ରମାଣ ଦେବାକୁ ହେବ।

### ଦୁଇ ହେଲିକପ୍ଟର ମଧ୍ୟରେ ଧକ୍କା: ୪ ମୃତ

**ସିଡ୍‌ନୀ,୨।୧:** ଅଷ୍ଟ୍ରେଲିଆର ଗୋଲ୍ଡ କୋଷ୍ଟ ପର୍ଯ୍ୟଟନ ସ୍ଥଳୀ ଉପରେ ସୋମବାର ଦୁଇଟି ହେଲିକପ୍ଟର ମଧ୍ୟରେ ଧକ୍କା ଲାଗି ୪ ଜଣଙ୍କ ମୃତ୍ୟୁ ଘଟିଛି। ଅନ୍ୟ ୩ ଜଣଙ୍କ ଅବସ୍ଥା ଗୁରୁତର ରହିଛି। ଗୋଟିଏ ହେଲିକପ୍ଟର ସମୁଦ୍ରକୂଳଠାରୁ କିଛି ଫୁଟ୍ ଦୂରରେ ପଡ଼ିଥିବାବେଳେ ଏହାର ରୋଟର ଅନ୍ୟତ୍ର ପଡ଼ିଥିବା ଦେଖାଯାଇଛି। ଉପକୂଳରେ ଉଦ୍ଧାରକାରୀ ବୋଟ ଏବଂ ପୋଲିସ ପହଞ୍ଚି ଅନ୍ୟ ହେଲିକପ୍ଟରର ଭଗ୍ନାବଶେଷକୁ ଖୋଜୁଛନ୍ତି। ଅଷ୍ଟ୍ରେଲିଆ ପରିବହନ ସୁରକ୍ଷା ବ୍ୟୁରୋ ଦୁର୍ଘଟଣାର କାରଣ ସମ୍ପର୍କରେ ତଦନ୍ତ କରୁଛି।

### ଛତିଶଗଡ଼ରେ ଚର୍ଚ୍ଚ ଭଙ୍ଗାରୁଜା

**ରାୟପୁର,୨।୧:** ଛତିଶଗଡ଼ର ନାରାୟଣପୁର ସହରରେ ସୋମବାର ଅପରାହ୍ନରେ ଉତ୍ତ୍ୟକ୍ତ ଲୋକେ ଏକ ଚର୍ଚ୍ଚରେ ଭଙ୍ଗାରୁଜା କରିଛନ୍ତି। ପୋଲିସ ମାମଲା ରୁଜୁ କରିବା ସହ ଅଭିଯୁକ୍ତମାନଙ୍କୁ ଗିରଫ କରିବ ବୋଲି କହିଛି। ଭଙ୍ଗାରୁଜା ପରେ ଘଟଣାସ୍ଥଳରେ ଉତ୍ତେଜନା ଲାଗି ରହିଛି। ନାରାୟଣପୁର ଏସ୍‌ପି ସଦାନନ୍ଦ କୁମାର ଘଟଣାସ୍ଥଳରେ ପହଞ୍ଚି ଲୋକଙ୍କୁ ବୁଝାସୁଝା କରିବା ସହ ଉତ୍ତେଜନା ହ୍ରାସ ଲାଗି ଉଦ୍ୟମ କରିଥିଲେ। ଉତ୍ତେଜନା ବେଳେ ଜଣେ ବରିଷ୍ଠ ପୋଲିସ ଅଧିକାରୀଙ୍କ ମୁଣ୍ଡ ଫାଟିଥିବାବେଳେ ଅନ୍ୟମାନେ ସାମାନ୍ୟ ଆହତ ହୋଇଛନ୍ତି। ଚର୍ଚ୍ଚ ବିରୋଧରେ କେତେଜଣ ଲୋକ ଏକାଠି ହୋଇ ବିକ୍ଷୋଭ କରିଥିଲେ। ପ୍ରତିବାଦର କାରଣ ଜଣାପଡ଼ିନାହିଁ।

# 'ମୋ ଝିଅକୁ ନ୍ୟାୟ ଦିଅ'

## ମା'ଙ୍କ ଆକୁଳ ନିବେଦନ

### ସ୍କୁଟି ସହିତ ଯୁବତୀଙ୍କୁ ଘୋଷାଡ଼ିନେବା ଘଟଣା

- ଉପରାଜ୍ୟପାଳଙ୍କ ଘର ସମ୍ମୁଖରେ ଏଏପିର ବିକ୍ଷୋଭ
- କାର୍ ଚକାରୁ ମିଳିଲା ରକ୍ତ
- ଦେଢ଼ଘଣ୍ଟା କାର୍‌ରେ ଘୋଷଡ଼ା ହୋଇଥିଲେ: ପ୍ରତ୍ୟକ୍ଷଦର୍ଶୀ
- ତଦନ୍ତ ନିର୍ଦ୍ଦେଶ ଦେଲେ ଶାହା

**ନୂଆଦିଲ୍ଲୀ,୨।୧**

ଶ୍ରଦ୍ଧା ୱାଲ୍‌କର ହତ୍ୟାକାଣ୍ଡ ପରେ ଦିଲ୍ଲୀରେ ଆଉ ଜଣେ ଯୁବତୀଙ୍କ ମୃତ୍ୟୁ ଚାଞ୍ଚଲ୍ୟ ଖେଳାଇ ଦେଇଛି। ଉତ୍ତର-ପୂର୍ବ ଦିଲ୍ଲୀର ସୁଲତାନପୁରି ଅଞ୍ଚଳରେ ରବିବାର ଭୋର ସମୟରେ ସ୍କୁଟିରେ ଯାଉଥିବା ଜଣେ ଯୁବତୀଙ୍କୁ କାର୍ ଧକ୍କା ଦେଇ ୧୩ କିଲୋମିଟର ଘୋଷାଡ଼ି ନେବାରୁ ଅତି ଦୟନୀୟ ଭାବେ ତାଙ୍କର ମୃତ୍ୟୁ ଘଟିଥିଲା। ଝିଅଙ୍କୁ ନ୍ୟାୟ ପାଇଁ ତାଙ୍କ ମାଆ ଆକୁଳ ନିବେଦନ କରିଛନ୍ତି। ଗଣମାଧ୍ୟମକୁ ପ୍ରତିକ୍ରିୟା ଦେଇ ମୋ ଝିଅକୁ ନ୍ୟାୟ ମିଳୁ ବୋଲି ସେ କହିଛନ୍ତି। ଅନ୍ୟପକ୍ଷେ ଯୁବତୀଙ୍କ ମୃତ୍ୟୁକୁ ନେଇ ଦିଲ୍ଲୀର ରାଜନୈତିକ ମାହୋଲ ସରଗରମ ହୋଇଛି। ଯୁବତୀଙ୍କୁ ନ୍ୟାୟ ଦାବିରେ ସୋମବାର ଏଏପିର ୨୦୦ ନେତା ଓ କର୍ମୀ ଉପରାଜ୍ୟପାଳ ଭି.କେ. ସକ୍ସେନାଙ୍କ ବାସଭବନ ରାଜନିବାସ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରିଛନ୍ତି। ଗିରଫ ଅଭିଯୁକ୍ତଙ୍କ ମଧ୍ୟରୁ ଜଣେ ଭାଜପା କର୍ମୀ ହୋଇଥିବାରୁ ପୋଲିସ ଘଟଣାକୁ ଚାପିଦେବାକୁ ଉଦ୍ୟମ କରୁଛି ବୋଲି ଏଏପି କହିଛି। ଘଟଣାର ଉପଯୁକ୍ତ ତଦନ୍ତ କରି ରିପୋର୍ଟ ସ୍ୱରାଷ୍ଟ୍ର ମନ୍ତ୍ରଣାଳୟରେ ଦାଖଲ କରିବା ପାଇଁ କେନ୍ଦ୍ରମନ୍ତ୍ରୀ ଅମିତ ଶାହା ଦିଲ୍ଲୀ ପୋଲିସକୁ ନିର୍ଦ୍ଦେଶ ଦେଇଛନ୍ତି।



ଦିଲ୍ଲୀ ଉପରାଜ୍ୟପାଳଙ୍କ ବାସଭବନ ଆଗରେ ଏଏପିର ବିକ୍ଷୋଭ।

ରାଜନୈତିକ ଦଳଗୁଡ଼ିକର ଆରୋପ ପ୍ରତ୍ୟାରୋପ ଭିତରେ ଘଟଣାର ପ୍ରତ୍ୟକ୍ଷଦର୍ଶୀଙ୍କ ପ୍ରତିକ୍ରିୟା ସାମ୍ନାକୁ ଆସିଛି। ଯୁବତୀଙ୍କୁ ଦେଢ଼ ଘଣ୍ଟା କାଳ ୧୮ରୁ ୨୦ କି.ମି. ଦୂର କାର୍‌ରେ ଘୋଷଡ଼ାଯାଇଥିବା କାଞ୍ଝୱାଲା ରୋଡ୍‌ରେ ଚକୋଲେଟ୍ ଦୋକାନ କରିଥିବା ପ୍ରତ୍ୟକ୍ଷଦର୍ଶୀ ଦୀପକ ଦହିୟା କହିଛନ୍ତି। ଭୋର ୩ଟା ୨୦ ମିନିଟରେ ଦୀପକ ତାଙ୍କ ଦୋକାନ ବାହାରେ ଛିଡ଼ା ହୋଇଥିବାବେଳେ ଗୋଟିଏ କାର୍‌ରେ ଯୁବତୀଙ୍କ ଶରୀର ଘୋଷଡ଼ାହୋଇ ଯାଉଥିବା ଦେଖିଥିଲେ। ଏହାର ସୂଚନା ସେ ପୋଲିସକୁ ଦେଇଥିଲେ। ପରବର୍ତ୍ତୀ ସମୟରେ ରାସ୍ତାରେ ଯୁବତୀଙ୍କ ମୃତଦେହକୁ ରଖି ୫ ଜଣଯାକ କାର୍‌ରେ ଫେରାର ହୋଇଯାଇଥିଲେ। ଦିଲ୍ଲୀ ପୋଲିସ କମିଶନର ସଞ୍ଜୟ ଅରୋରା କହିଛନ୍ତି, ଘଟଣାରେ ସମ୍ପୃକ୍ତ ଥିବା ୫ ଅଭିଯୁକ୍ତଙ୍କୁ ଗିରଫ କରାଯାଇଛି। ବିଭାଗୀୟ ଟିମ୍ ଘଟଣାର ତଦନ୍ତ ଚଳାଇଛି। ଯୁବତୀଙ୍କୁ ନ୍ୟାୟ ଦାବିରେ ସୋମବାର ଅନେକେ ଲୋକ ସୁଲତାନପୁରି ଥାନା ଘେରାଉ କରିଥିଲେ। ଅନ୍ୟପକ୍ଷେ ଦିଲ୍ଲୀର ଏକ କୋର୍ଟ ସୋମବାର ଗିରଫ ଅଭିଯୁକ୍ତଙ୍କୁ ୩ ଦିନିଆ ପୋଲିସ ରିମାଣ୍ଡରେ ପଠାଇଛନ୍ତି। ଜବତ ହୋଇଥିବା କାର୍ ଭିତରୁ କିମ୍ବା ସିଟ୍‌ରୁ ରକ୍ତ ନମୁନା ମିଳି ନ ଥିବା ଫୋରେନ୍ସିକ୍ ସାଇନ୍ସ ଲାବୋରେଟୋରି (ଏଫ୍‌ଏସ୍‌ଏଲ୍) ପକ୍ଷରୁ କୁହାଯାଇଛି। ଏଫ୍‌ଏସ୍‌ଏଲ୍ ଗାଡ଼ି ଚକା ଏବଂ ଘଟଣାସ୍ଥଳରୁ ରକ୍ତ ନମୁନା ସଂଗ୍ରହ କରିଛି। ଦିଲ୍ଲୀ ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜରିୱାଲ କହିଛନ୍ତି, ଏ ପ୍ରକାର ଜଘନ୍ୟ ଅପରାଧରେ ଦୋଷୀଙ୍କ ଲାଗି ଫାଶୀ ଦଣ୍ଡ ପ୍ରଯୁଜ୍ୟ। ଉପରାଜ୍ୟପାଳ ଭି.କେ. ସକ୍ସେନାଙ୍କ ସହ ଏ ସମ୍ପର୍କରେ ସେ ଆଲୋଚନା କରିଛନ୍ତି। ଗିରଫ ଅଭିଯୁକ୍ତଙ୍କ ମଧ୍ୟରୁ ଜଣେ ଭାଜପା ସଦସ୍ୟ। ଏହି କାରଣରୁ ଉଚ୍ଚ ପୋଲିସ ଅଧିକାରୀ ଏବଂ ଉପରାଜ୍ୟପାଳ ଘଟଣାକୁ ଚପାଇ ଦେବାକୁ ଚେଷ୍ଟା କରୁଥିବା ଏଏପି ମୁଖପାତ୍ର ସୌରଭ ଭରଦ୍ୱାଜ ଗଣମାଧ୍ୟମକୁ କହିଛନ୍ତି। ଏହାର ଜବାବରେ ଭାଜପା ଗଣମାଧ୍ୟମ ଶାଖା ମୁଖ୍ୟ ହରିଶ ଖୁରାନା ପ୍ରକାଶ କରିଛନ୍ତି, ଘଟଣାରେ ସମ୍ପୃକ୍ତ ଥିବା ଅଭିଯୁକ୍ତଙ୍କୁ ପୋଲିସ ଗିରଫ କରିଛି। ଦୋଷୀଙ୍କୁ କଠୋର ଦଣ୍ଡ ଦିଆଯିବ ବୋଲି ସେ କହିଛନ୍ତି।




## ବ୍ରାଜିଲ ରାଷ୍ଟ୍ରପତି ଭାବେ ଶପଥ ନେଲେ ଲୁଲା



ଲୁଇଜ୍ ଇନାସିଓ ଲୁଲା ଡା ସିଲ୍‌ଭା

**ବ୍ରାସିଲିଆ,୨।୧**

ତୃତୀୟ ଥର ପାଇଁ ବ୍ରାଜିଲ ରାଷ୍ଟ୍ରପତି ଭାବେ ଲୁଇଜ୍ ଇନାସିଓ ଲୁଲା ଡା ସିଲ୍‌ଭା ରବିବାର ଶପଥ ଗ୍ରହଣ କରିଛନ୍ତି। ସେ ଦେଶରୁ ଗରିବୀ ହଟାଇବା ଏବଂ ପରିବେଶ ପାଇଁ ଲଢ଼େଇ ଜାରି ରଖିବା ସହ ଦେଶର ପୁନଃନିର୍ମାଣ କରିବେ ବୋଲି ପ୍ରତିଶ୍ରୁତି ଦେଇଛନ୍ତି। ୭୭ ବର୍ଷୀୟ ବାମପନ୍ଥୀ ନେତା ଲୁଲା ୨୦୦୩ରୁ ୨୦୧୦ ବ୍ରାଜିଲ ରାଷ୍ଟ୍ରପତି ଥିଲେ। ଧାତବ କାରିଗରରୁ ରାଷ୍ଟ୍ରପତି ହୋଇଥିବା ଲୁଲାଙ୍କୁ ଦୁର୍ନୀତି ଅଭିଯୋଗରେ ଜେଲ ଯିବାକୁ ପଡ଼ିଥିଲା ଓ ପରେ ତାଙ୍କ ବିରୋଧରେ ଅଭିଯୋଗ ଖାରଜ ହୋଇଥିଲା। ୫ ବର୍ଷରୁ କମ୍ ସମୟ ପରେ ସେ ପୁଣିଥରେ କ୍ଷମତାକୁ ଫେରିଛନ୍ତି। ସେ ବିଦାୟୀ ରାଷ୍ଟ୍ରପତି ଜୈର ବୋଲ୍‌ସୋନାରୋଙ୍କୁ ମାତ୍ର ୨ ପ୍ରତିଶତ ଭୋଟ ବ୍ୟବଧାନରେ ହରାଇଥିଲେ। ୩ ଦଶନ୍ଧି ମଧ୍ୟରେ ଏହା ସବୁଠୁ କମ୍ ଭୋଟ ବ୍ୟବଧାନ। ନିର୍ବାଚନ ଫଳାଫଳକୁ ବୋଲ୍‌ସୋନାରୋଙ୍କର ଗୋଟିଏ ଗୋଷ୍ଠୀ ସମର୍ଥକ ଗ୍ରହଣ କରି ନ ଥିଲେ।

## ଆତଙ୍କବାଦୀ ଆକ୍ରମଣ: ୨ ଶିଶୁ ମୃତ




ଆତଙ୍କବାଦୀଙ୍କ ଆକ୍ରମଣରେ ସାଧାରଣ ଲୋକଙ୍କ ମୃତ୍ୟୁ ପ୍ରତିବାଦରେ ପାକିସ୍ତାନ ପତାକା ପୋଡ଼ୁଛନ୍ତି ଶିବସେନା ଡୋଗ୍ରା ଫ୍ରଣ୍ଟ ସଦସ୍ୟ।

**ରାଜୌରୀ/ଜମ୍ମୁ,୨।୧(ପି.ଟି.)**

### ୧୪ ଘଣ୍ଟାରେ ଗଲାଣି ୬ ନିରୀହଙ୍କ ଜୀବନ

ଜମ୍ମୁ-କଶ୍ମୀରର ରାଜୌରୀ ଜିଲା ଅନ୍ତର୍ଗତ ଡାଙ୍ଗ୍ରୀ ଗ୍ରାମରେ ଆତଙ୍କବାଦୀମାନେ ୧୪ ଘଣ୍ଟା ମଧ୍ୟରେ ଦ୍ୱିତୀୟ ଆକ୍ରମଣ କରିଛନ୍ତି। ଏଥିରେ ଦୁଇ ନାବାଳକ ଭାଇଭଉଣୀ ପ୍ରାଣ ହରାଇବା ସହ ୬ ଜଣ ଆହତ ହୋଇଛନ୍ତି। ଦୁଇଟି ଆକ୍ରମଣରେ ମୋଟ ୬ ଜଣଙ୍କ ମୃତ୍ୟୁ ଘଟିଲାଣି। ରବିବାର ସନ୍ଧ୍ୟାରେ ଆତଙ୍କବାଦୀଙ୍କ ଗୁଳିରେ ୪ ଜଣ ନିହତ ହେବା ସହ ଅନ୍ୟ ୬ ଜଣ ଆହତ ହୋଇଥିଲେ। ସୋମବାର ସକାଳ ସାଢ଼େ ୯ଟା ବେଳେ ଡାଙ୍ଗ୍ରୀ ଗ୍ରାମରେ ଆତଙ୍କବାଦୀ ବିସ୍ଫୋରଣ ଘଟାଇବାରୁ ସାନ୍‌ଭି ଶର୍ମା(୭) ଏବଂ ବିହାନ କୁମାର ଶର୍ମା (୪)ଙ୍କର ଜୀବନ ଯାଇଛି। ଆକ୍ରମଣ ପ୍ରତିବାଦରେ ରାଜୌରୀ ସହର ସମେତ ଜିଲାର ବିଭିନ୍ନ ସ୍ଥାନରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ଆତଙ୍କବାଦୀମାନେ ବରିଷ୍ଠ ଅଫିସରଙ୍କୁ ଟାର୍ଗେଟ କରିବା ଉଦ୍ଦେଶ୍ୟରେ ଆଇଇଡି ବିସ୍ଫୋରଣ ଘଟାଇଥିଲେ ବୋଲି ଜମ୍ମୁ-କଶ୍ମୀର ପୋଲିସ ମହାନିର୍ଦ୍ଦେଶକ (ଡିଜିପି) ଦିଲ୍‌ବାଗ ସିଂ କହିଛନ୍ତି। ଗ୍ରାମ ପ୍ରତିରକ୍ଷା କମିଟି (ଭିଡିସି)କୁ ପୁନର୍ଗଠନ କରାଯାଇ ସେମାନଙ୍କୁ ଅସ୍ତ୍ରଶସ୍ତ୍ର ଯୋଗାଇ ଦିଆଯିବ ବୋଲି ଦିଲ୍‌ବାଗ ଘୋଷଣା କରିଛନ୍ତି। ପୂର୍ବରୁ ଭିଡିସିରୁ ୬୦ ପ୍ରତିଶତ ବନ୍ଧୁକ ଫେରାଇ ନିଆଯାଇଥିବା ବରିଷ୍ଠ ଭାଜପା ନେତା ତଥା ପୂର୍ବତନ ଏମ୍ଏଲ୍‌ସି ବିବୋଧ ଗୁପ୍ତା କହିଛନ୍ତି। ଡିଜିପି ବିକ୍ଷୋଭକାରୀଙ୍କୁ ଭେଟି ବୁଝାଶୁଝା କରିଥିଲେ।

## ତୃତୀୟ ମହଲାରୁ ଶିଶୁ କନ୍ୟାକୁ ଫିଙ୍ଗିଦେଲେ ମା'

**ଅହମଦାବାଦ,୨।୧**

ଗୁଜରାଟର ଆନନ୍ଦ ଜିଲା ଅନ୍ତର୍ଗତ ପେଟ୍‌ଲାଡ୍‌ରେ ଜଣେ ୩୦ ବର୍ଷୀୟ ମହିଳା ତାଙ୍କର ୨ ମାସର ଶିଶୁକନ୍ୟାକୁ ଅସରୱାସ୍ଥିତ ସିଭିଲ୍ ହସ୍ପିଟାଲ ୩ୟ ମହଲାରୁ ଫିଙ୍ଗି ହତ୍ୟା କରିଛନ୍ତି। ରବିବାର ଭୋର ସମୟରେ ମହିଳା ଜଣକ ଶିଶୁଟିକୁ ଫିଙ୍ଗିଦେବା ପରେ ହଜିଯାଇଥିବା କହି ଦୋଷ ଘୋଡ଼ାଇବାକୁ ଉଦ୍ୟମ କରିଥିଲେ। ପୋଲିସ ହସ୍ପିଟାଲରେ ଲାଗିଥିବା ସିସିଟିଭିର ଫୁଟେଜ୍ ଯାଞ୍ଚ କରିବା ପରେ ମହିଳା ଜଣକ ଅପରାଧ ସ୍ୱୀକାର କରିଥିଲେ। ଫର୍ଜନା ନାମ୍ନୀ ଅଭିଯୁକ୍ତଙ୍କ କହିବା ଅନୁଯାୟୀ ତାଙ୍କ ଅସୁସ୍ଥ ଝିଅ ଅମ୍ରିନ୍ ଜନ୍ତ୍ରଣାରେ ଛଟପଟ ହେଉଥିବାରୁ ଏହା ତାଙ୍କ ପାଇଁ ଅସହ୍ୟ ହୋଇଥିଲା। ତେଣୁ ସେ ଝିଅର ଯନ୍ତ୍ରଣା ସବୁଦିନ ପାଇଁ ଶେଷ କରିଦେବା ଲାଗି ତାକୁ ମାରିଦେବାକୁ ନିଷ୍ପତ୍ତି ନେଇଥିଲେ ବୋଲି କହିଛନ୍ତି। ଫର୍ଜନାଙ୍କ ସ୍ୱାମୀ ଅସିଫ୍ ମାଲେକ୍ ଥାନାରେ ଏତଲା ଦେବା ପରେ ହତ୍ୟା ମାମଲା ରୁଜୁ ହୋଇଛି।

## ଫେବୃୟାରୀ ୨୪ରୁ ରାୟପୁରରେ କଂଗ୍ରେସର ଅଧିବେଶନ

**ନୂଆଦିଲ୍ଲୀ,୨।୧(ଆଇଏଏନ୍ଏସ୍)**

ଆସନ୍ତା ଫେବୃୟାରୀ ୨୪ରୁ ୨୬ ତାରିଖ ପର୍ଯ୍ୟନ୍ତ ରାୟପୁରରେ କଂଗ୍ରେସର ୮୫ତମ ପୂର୍ଣ୍ଣାଙ୍ଗ ଅଧିବେଶନ ଅନୁଷ୍ଠିତ ହେବ। ସୋମବାର ଏଆଇସିସି ମୁଖ୍ୟାଳୟଠାରେ ସଂଗଠନ ଦାୟିତ୍ୱରେ ଥିବା କଂଗ୍ରେସ ସାଧାରଣ ସମ୍ପାଦକ କେ.ସି. ବେଣୁଗୋପାଳ ଏହି ଘୋଷଣା କରିଛନ୍ତି। ୩ ଦିନିଆ ଅଧିବେଶନରେ ରାଜନୀତି, ଅର୍ଥନୀତି, ଅନ୍ତର୍ଜାତୀୟ ବ୍ୟାପାର, କୃଷି, ସାମାଜିକ ନ୍ୟାୟ ଏବଂ ନିଯୁକ୍ତି ପ୍ରସଙ୍ଗ ଆଲୋଚନା ହେବ। ଏହି ଅଧିବେଶନରେ କଂଗ୍ରେସ କାର୍ଯ୍ୟକାରୀ କମିଟି (ସିଡବ୍ଲୁସି) ନିର୍ବାଚନ ଅନୁଷ୍ଠିତ ହେବ। ସିଡବ୍ଲୁସିରେ ଅଧ୍ୟକ୍ଷ ସମେତ ୨୫ ସଦସ୍ୟ ଅଛନ୍ତି। ସେମାନଙ୍କ ମଧ୍ୟରୁ ୧୨ ଜଣଙ୍କୁ ଦଳ ଅଧ୍ୟକ୍ଷ ମନୋନୀତ କରୁଥିବାବେଳେ ଅନ୍ୟ ୧୨ ଜଣଙ୍କୁ ଏଆଇସିସି ସଦସ୍ୟମାନେ ନିର୍ବାଚିତ କରିଥାନ୍ତି। ଗତ ଅକ୍ଟୋବରରେ କଂଗ୍ରେସ ଅଧ୍ୟକ୍ଷ ମଲ୍ଲିକାର୍ଜୁନ ଖାର୍ଗେ ସିଡବ୍ଲୁସି ସ୍ଥାନରେ ୪୭ ଜଣିଆ ଷ୍ଟିୟରିଂ କମିଟି ଗଠନ କରିଥିଲେ। ଏଥିରେ ସୋନିଆ ଗାନ୍ଧୀ, ରାହୁଲ ଗାନ୍ଧୀ ଏବଂ ପୂର୍ବତନ ପ୍ରଧାନମନ୍ତ୍ରୀ ମନମୋହନ ସିଂ ପ୍ରମୁଖ ରହିଛନ୍ତି।

## ୬୩୩ ଭାରତୀୟ ବନ୍ଦୀଙ୍କୁ ମୁକ୍ତ କର

### ପାକିସ୍ତାନକୁ କହିଲା ଭାରତ

**ନୂଆଦିଲ୍ଲୀ,୨।୧**

ଦଣ୍ଡ ଅବଧି ପୂରଣ କରିବା ସତ୍ତ୍ୱେ ୬୩୧ ଜଣ ଭାରତୀୟ ମତ୍ସ୍ୟଜୀବୀ ଏବଂ ଅନ୍ୟ ୨ ଜଣ ସାଧାରଣ ପାକିସ୍ତାନ ଜେଲରେ ଅଟକି ରହିଛନ୍ତି। ସେମାନଙ୍କୁ ତୁରନ୍ତ ମୁକ୍ତ କରିଦେବା ଲାଗି ଭାରତ ସରକାରଙ୍କ ପକ୍ଷରୁ ଇସ୍‌ଲାମାବାଦକୁ କୁହାଯାଇଛି। ଏଥିସହିତ ସେଠାରେ ବନ୍ଦୀ ଥିବା ୩୦ ଜଣ ଭାରତୀୟ ମତ୍ସ୍ୟଜୀବୀ ଏବଂ ୨୨ ସାଧାରଣ ବନ୍ଦୀଙ୍କୁ ଦୂତାବାସ ଜରିଆରେ ଆଇନଗତ ସହାୟତା ଯୋଗାଇଦେବାକୁ ପାକ୍ କର୍ତ୍ତୃପକ୍ଷଙ୍କୁ ଅନୁରୋଧ କରାଯାଇଥିବା ବହିର୍ବ୍ୟାପାର ମନ୍ତ୍ରଣାଳୟ ପକ୍ଷରୁ କୁହାଯାଇଛି। ନୂଆବର୍ଷ ଅବସରରେ ଉଭୟ ଦେଶ ବନ୍ଦୀ ତାଲିକା ଅଦଳବଦଳ କଲାବେଳେ ନୂଆଦିଲ୍ଲୀ ଉପରୋକ୍ତ ଅନୁରୋଧ କରିଛି। ୨୦୦୮ ଚୁକ୍ତି ଅନୁଯାୟୀ ପ୍ରତିବର୍ଷ ଜାନୁୟାରୀ ୧ ଏବଂ ଜୁଲାଇ ୧ରେ ଦୁଇ ଦେଶ ପରସ୍ପର ମଧ୍ୟରେ ବନ୍ଦୀ ତାଲିକା ବିନିମୟ କରିଥାନ୍ତି।

## ଇଞ୍ଜିନିୟରିଂ ଛାତ୍ରୀଙ୍କୁ ହତ୍ୟା କଲେ ବିଫଳ ପ୍ରେମିକ

**ବେଙ୍ଗାଲୁରୁ,୨।୧(ଆଇଏଏନ୍ଏସ୍)**

ବେଙ୍ଗାଲୁରୁର ଏକ କଲେଜ ପରିସରରେ ଜଣେ ଇଞ୍ଜିନିୟରିଂ ଛାତ୍ରୀଙ୍କୁ ସୋମବାର ହତ୍ୟା କରାଯାଇଛି। ପ୍ରେମ ପ୍ରସ୍ତାବକୁ ଛାତ୍ରୀ ଜଣକ ପ୍ରତ୍ୟାଖ୍ୟାନ କରିଦେବାରୁ ବିଫଳ ପ୍ରେମିକ ପ୍ରତିଶୋଧ ପରାୟଣ ହୋଇ ତାଙ୍କୁ ହତ୍ୟା କରିଥିଲେ। ରାଜାନୁକୁଣ୍ଟେ ନିକଟ ଇଟ୍‌ଗାଲୁରଠାରେ ଥିବା ପ୍ରେସିଡେନ୍ସି ୟୁନିଭର୍ସିଟି କଲେଜରେ ଏହି ହତ୍ୟାକାଣ୍ଡ ଘଟିଛି। ମୃତା ଲୟସ୍ମିତା (୧୯) ବିଟେକ୍ ପ୍ରଥମ ବର୍ଷ ଛାତ୍ରୀ ଥିଲେ। ଅଭିଯୁକ୍ତ ପବନ କଲ୍ୟାଣ (୨୧) ନୃପତୁଙ୍ଗା ୟୁନିଭର୍ସିଟିର ବିସିଏ ଛାତ୍ର। ଛାତ୍ରୀଙ୍କୁ ହତ୍ୟା କରିବା ପରେ ସେ ନିଜକୁ ଛୁରି ଭୁସିଥିଲେ। ତାଙ୍କୁ ଗୁରୁତର ଅବସ୍ଥାରେ ହସ୍ପିଟାଲରେ ଭର୍ତ୍ତି କରାଯାଇଛି।

## ସୂର୍ଯ୍ୟନଗରୀ ଏକ୍ସପ୍ରେସ୍‌ର ୧୧ ବଗି ଲାଇନଚ୍ୟୁତ

**ନୂଆଦିଲ୍ଲୀ,୨।୧(ପି.ଟି.)**



ମୁମ୍ବାଇ-ଯୋଧପୁର ମଧ୍ୟରେ ଚଳାଚଳ କରୁଥିବା ସୂର୍ଯ୍ୟନଗରୀ ଏକ୍ସପ୍ରେସ୍‌ର ୧୧ଟି ବଗି ଲାଇନଚ୍ୟୁତ ହୋଇଛି। ସୋମବାର ଭୋର ସମୟରେ ଯୋଧପୁର ଡିଭିଜନ୍‌ର ରାଜକିଆୱାସ-ବୋମଦ୍ରା ସେକ୍ସନ ମଧ୍ୟରେ ଏହି ଦୁର୍ଘଟଣା ଘଟିଛି। ଏଥିରେ ୨୦ ଜଣ ଯାତ୍ରୀ ସାମାନ୍ୟ ଆହତ ହୋଇଥିଲେ। ସେମାନଙ୍କୁ ପ୍ରାଥମିକ ଚିକିତ୍ସା ପରେ ଛାଡ଼ିଦିଆଯାଇଛି। ଦୁର୍ଘଟଣା ଯୋଗୁ ଉକ୍ତ ଲାଇନରେ ଟ୍ରେନ୍ ଚଳାଚଳ ପ୍ରଭାବିତ ହୋଇଥିଲା। ୨ଟି ଟ୍ରେନ୍ ବାତିଲ ହୋଇଥିବାବେଳେ ୧୨ଟି ଟ୍ରେନ୍‌କୁ ଅନ୍ୟ ରୁଟ୍‌ରେ ଛଡ଼ାଯାଇଥିଲା। ଅଟକି ରହିଥିବା ଯାତ୍ରୀଙ୍କୁ ସେମାନଙ୍କ ଗନ୍ତବ୍ୟ ସ୍ଥଳରେ ପହଞ୍ଚାଇବା ଲାଗି ବସ୍ ବ୍ୟବସ୍ଥା କରାଯାଇଥିଲା।

## ନୋଟ୍‌ବନ୍ଦୀ ନିଷ୍ପତ୍ତି କାଏମ ରହିଛି କହିବା ଠିକ୍ ନୁହେଁ: କଂଗ୍ରେସ

**ନୂଆଦିଲ୍ଲୀ,୨।୧(ପି.ଟି.)**

ବିମୁଦ୍ରୀକରଣ ନିଷ୍ପତ୍ତିକୁ ସୁପ୍ରିମକୋର୍ଟ କାଏମ ରଖିଛନ୍ତି କହିବା ବିଭ୍ରାନ୍ତିକର ଓ ଭୁଲ୍ ବୋଲି କଂଗ୍ରେସ କହିଛି। ନିଷ୍ପତ୍ତି ଗ୍ରହଣ ପ୍ରକ୍ରିୟାର ସୀମିତ ପ୍ରସଙ୍ଗ ଉପରେ ସୁପ୍ରିମକୋର୍ଟଙ୍କ ସଂଖ୍ୟାଗରିଷ୍ଠ ରାୟ ପ୍ରକାଶ ପାଇଥିବା ବିରୋଧୀ ଦଳ ମତ ଦେଇଛି। ବିମୁଦ୍ରୀକରଣ ଲକ୍ଷ୍ୟ ହାସଲ ହୋଇଛି କି ନାହିଁ ତାହା ରାୟରେ କୁହାଯାଇ ନ ଥିବା ଏଆଇସିସି ସାଧାରଣ ସମ୍ପାଦକ ଜୟରାମ ରମେଶ କହିଛନ୍ତି। ବିମୁଦ୍ରୀକରଣ ପ୍ରକ୍ରିୟା ଉପରେ ସୁପ୍ରିମକୋର୍ଟ ରାୟ ଦେଇଛନ୍ତି, ଏହାର ପରିଣାମକୁ ନେଇ ନୁହେଁ। ଏଥିପାଇଁ ଯଦି କାହାକୁ କ୍ଷମା ମାଗିବାକୁ ଥାଏ, ସେ ହେଉଛନ୍ତି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି। କାରଣ ୨୦୧୬ ନଭେମ୍ବର ୮ରେ ତାଙ୍କର ତୋଗଲକି ନିଷ୍ପତ୍ତି ଲକ୍ଷ ଲକ୍ଷ ଏମ୍ଏସ୍ଏମ୍ଇ, ଅଣଆନୁଷ୍ଠାନିକ କ୍ଷେତ୍ରକୁ ଧ୍ୱଂସ କରିଦେଲା, ଲକ୍ଷ ଲକ୍ଷ ଲୋକଙ୍କ ଜୀବିକା ପ୍ରଭାବିତ ହେଲା। ଆମ ଅର୍ଥନୀତି ଉପରେ ଏହାର ପ୍ରତିକୂଳ ପ୍ରଭାବ ଏବେ ମଧ୍ୟ ଜାରି ରହିଛି ବୋଲି ରମେଶ କହିଛନ୍ତି।



ଜୟରାମ ରମେଶ

ସୁପ୍ରିମକୋର୍ଟଙ୍କ ରାୟ ଅତ୍ୟନ୍ତ ଦୁଃଖଦାୟକ ବୋଲି କଂଗ୍ରେସ ନେତା ରଣଦୀପ୍ ସୁର୍ଜେୱାଲା କହିଛନ୍ତି। ବିମୁଦ୍ରୀକରଣ ସରକାରଙ୍କ ବେପରୁଆ ନିଷ୍ପତ୍ତି ଥିଲା। ଏଥିଲାଗି ଅଦାଲତ ଭାଜପା ନେତୃତ୍ୱାଧୀନ କେନ୍ଦ୍ର ସରକାରଙ୍କୁ ଦୋଷୀସାବ୍ୟସ୍ତ କରିବାରେ ବିଫଳ ହୋଇଥିବା ସୁର୍ଜେୱାଲା କହିଛନ୍ତି। ସୁପ୍ରିମକୋର୍ଟ ବିଚାରପତି ବି.ଭି. ନାଗରତ୍ନାଙ୍କ ଭିନ୍ନ ରାୟ ସରକାରଙ୍କ ଅଣ୍ଟାରେ ଚାପୁଡ଼ା ବୋଲି ବରିଷ୍ଠ କଂଗ୍ରେସ ନେତା ତଥା ପୂର୍ବତନ କେନ୍ଦ୍ର ଅର୍ଥମନ୍ତ୍ରୀ ପି. ଚିଦାମ୍ବରମ୍ କହିଛନ୍ତି। ବିମୁଦ୍ରୀକରଣ ନିଷ୍ପତ୍ତିର ଅବୈଧତା ଓ ଅନିୟମିତତାକୁ ଜଷ୍ଟିସ୍ ନାଗରତ୍ନା ପଦାରେ ପକାଇଛନ୍ତି।

### ସୁପ୍ରିମକୋର୍ଟଙ୍କ ରାୟକୁ ଐତିହାସିକ କହିଲା ଭାଜପା

ନୋଟ୍‌ବନ୍ଦୀ ଉପରେ ସୁପ୍ରିମକୋର୍ଟଙ୍କ ରାୟକୁ ଭାଜପା ଐତିହାସିକ କହି ପ୍ରଶଂସା କରିଛି। ସର୍ବୋଚ୍ଚ ଅଦାଲତଙ୍କ ରାୟ ପରେ ବିମୁଦ୍ରୀକରଣ ବିରୋଧରେ ପ୍ରଚାର ଚଳାଇଥିବା କଂଗ୍ରେସ ନେତା ରାହୁଲ ଗାନ୍ଧୀ କ୍ଷମା ମାଗିବେ କି ବୋଲି ଭାଜପା ପ୍ରଶ୍ନ କରିଛି। ଆତଙ୍କବାଦୀଙ୍କୁ ପାଣ୍ଠି ଯୋଗାଣ, ଆୟକର ଫାଙ୍କି ରୋକିବା ଏବଂ ଅର୍ଥନୀତିରେ ସ୍ୱଚ୍ଛତା ଆଣିବାରେ ବିମୁଦ୍ରୀକରଣ ପ୍ରମାଣିତ ହୋଇଥିବା ପୂର୍ବତନ ଆଇନମନ୍ତ୍ରୀ ତଥା ଭାଜପା ନେତା ରବିଶଙ୍କର ପ୍ରସାଦ ଦାବି କରିଛନ୍ତି। ଜାତୀୟ ସ୍ୱାର୍ଥକୁ ଦୃଷ୍ଟିରେ ରଖି ନୋଟ୍‌ବନ୍ଦୀ ନିଷ୍ପତ୍ତି ନିଆଯାଇଥିଲା। ଚିଦାମ୍ବରମ୍ ସଂଖ୍ୟାଲଘୁ ରାୟକୁ ପ୍ରଶଂସା କରୁଥିବାରୁ ପ୍ରସାଦ ଏହାର ସମାଲୋଚନା କରିଛନ୍ତି। ନୋଟ୍‌ବନ୍ଦୀ ବିରୋଧରେ ରାୟ ଦେଇଥିବା ଜଷ୍ଟିସ ନାଗରତ୍ନା ମଧ୍ୟ ଭଲ ଉଦ୍ଦେଶ୍ୟରେ ସରକାର ନିଷ୍ପତ୍ତି ନେଇଥିବା କହିଛନ୍ତି। ଭାରତ ଡିଜିଟାଲ ପେମେଣ୍ଟରେ ବିଶ୍ୱର ନେତୃତ୍ୱ ନେଉଛି। ବିମୁଦ୍ରୀକରଣ ପରେ ଦେଶରେ ଡିଜିଟାଲ ପେମେଣ୍ଟ ବଢ଼ିଥିବା ପ୍ରସାଦ କହିଛନ୍ତି।

## ସଂକ୍ଷେପରେ

### ବାଲେଶ୍ୱର ଏମ୍‌ପି ଅସୁସ୍ଥ



**ବାଲେଶ୍ୱର ଅଫିସ,୨।୧:** ପୂର୍ବତନ କେନ୍ଦ୍ରମନ୍ତ୍ରୀ ତଥା ବାଲେଶ୍ୱର ଏମ୍‌ପି ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ ଅସୁସ୍ଥ ହୋଇ ପଡ଼ିଛନ୍ତି। ସୋମବାର ସନ୍ଧ୍ୟାରେ ଚିକିତ୍ସା ପାଇଁ ତାଙ୍କୁ ବାଲେଶ୍ୱର ଫକୀରମୋହନ ମେଡିକାଲ କଲେଜରେ ଭର୍ତ୍ତି କରାଯାଇଛି। ଗତ ୩ଦିନ ଧରି ତାଙ୍କୁ ଥଣ୍ଡା ଓ ଜ୍ୱର ଲାଗି ରହିଥିଲା। ଜ୍ୱର ଛାଡ଼ି ଯାଇଥିବା ବେଳେ କାଶ ଲାଗି ରହିଛି। ଏନେଇ ଡାକ୍ତରଙ୍କ ପରାମର୍ଶ ଅନୁଯାୟୀ ଜିଲା ମୁଖ୍ୟ ଚିକିତ୍ସାଳୟକୁ ଯାଇ କୋଭିଡ୍‌ର ଆଣ୍ଟିଜେନ୍ ଟେଷ୍ଟ କରିଥିଲେ। ରିପୋର୍ଟ ନେଗେଟିଭ୍ ଆସିଛି। ଆର୍‌ଟି-ପିସିଆର୍ ଟେଷ୍ଟ ପାଇଁ ଦିଆଯାଇଛି। ଆରୋଗ୍ୟ ପାଇଁ ତାଙ୍କୁ ହସ୍ପିଟାଲର ଆଇସିୟୁରେ ଭର୍ତ୍ତି କରାଯାଇ ଚିକିତ୍ସା ଜାରି ରହିଥିବା ବ୍ୟକ୍ତିଗତ ସହାୟକ ଚନ୍ଦ୍ରବିନ୍ଦୁ ଦାସ ସୂଚନା ଦେଇଛନ୍ତି।

### ମୁଖ୍ୟମନ୍ତ୍ରୀଙ୍କ ଓଏସ୍‌ଡି ହେଲେ ମନୋଜ ମିଶ୍ର

**ଭୁବନେଶ୍ୱର,୨।୧(ବ୍ୟୁରୋ):** ୧୯୯୮ ବ୍ୟାଚ୍ ଆଇଆର୍‌ଏସ୍ ଅଧିକାରୀ ମନୋଜ ମିଶ୍ର ସରକାରୀ ଚାକିରିରୁ ଇସ୍ତଫା ଦେବା ପରେ ରାଜ୍ୟ ସରକାର ତାଙ୍କୁ ନୂଆ ନିଯୁକ୍ତି ଦେଇଛନ୍ତି। ସେ ପୂର୍ବଭଳି ଇଲେକ୍ଟ୍ରୋନିକ୍ସ ଓ ଆଇଟି ବିଭାଗର ପ୍ରମୁଖ ସଚିବ ଭାବେ ଠିକା ଭିତ୍ତିରେ ନିଯୁକ୍ତି ପାଇଛନ୍ତି। ସେହିପରି ଏବେ ସେ ମୁଖ୍ୟମନ୍ତ୍ରୀଙ୍କ ଓଏସ୍‌ଡି(ଅଫିସର୍ ଇନ୍ ସ୍ପେଶାଲ ଡ୍ୟୁଟି)ରେ ମଧ୍ୟ ରହିବେ ବୋଲି ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟ ପକ୍ଷରୁ ସୂଚନା ଦିଆଯାଇଛି। ଏହାସହ ସେ ବାଣିଜ୍ୟ ଓ ପରିବହନ ବିଭାଗର ସ୍ୱତନ୍ତ୍ର ସଚିବ ଭାବେ ଅତିରିକ୍ତ ଦାୟିତ୍ୱ ତୁଲାଇବେ। ପ୍ରମୁଖ ସଚିବ ପାହ୍ୟାର ଅଧିକାରୀମାନଙ୍କ ପାଇଁ ଯେଉଁ ଦରମା ଓ ସୁବିଧା ଉପଲବ୍ଧ ହେଉଛି ତାହା ମଧ ମନୋଜ ମିଶ୍ର ପାଇବେ ବୋଲି ସରକାରଙ୍କ ପକ୍ଷରୁ ସୂଚନା ଦିଆଯାଇଥିଲା।

# କୋର୍ଟ କାର୍ଯ୍ୟରେ ଯୋଗଦେବେ ଓକିଲ

**ଜେଲରେ ଓକିଲଙ୍କୁ ଭେଟିଲେ ସିଏସି ସଦସ୍ୟ**

- ଜାରିରହିଛି ୧୪୪ ଧାରା, ସ୍ଥିତି ସ୍ୱାଭାବିକ ନେଇ ପ୍ରଶ୍ନ
- ଗାଡ଼ି ପୋଡ଼ି ଘଟଣାରେ ୭ ଓକିଲଙ୍କୁ ରିମାଣ୍ଡ

ସମ୍ବଲପୁର,୨।୧(ବ୍ୟୁରୋ)

ପଶ୍ଚିମ ଓଡ଼ିଶାରେ ହାଇକୋର୍ଟ ସ୍ଥାୟୀ ବେଞ୍ଚ ଦାବି ନେଇ ଆନ୍ଦୋଳନ ସମୟରେ କୋର୍ଟ ଭଙ୍ଗାରୁଜା ଓ ବିଚାରପତିଙ୍କୁ ବାହାର କରିଦେବା ଭଳି ଘଟଣା ପରେ ପୋଲିସ ୩୦ ଓକିଲଙ୍କ ସମେତ ମୋଟ ୩୯ ଜଣଙ୍କୁ ଗିରଫ କରିଥିଲା। ସେହିଦିନଠାରୁ ଜିଲା ଓକିଲ ସଂଘ ପକ୍ଷରୁ କାର୍ଯ୍ୟବନ୍ଦ କରାଯାଇଛି। ଫଳରେ ପ୍ରାୟ ୨୦ଦିନ ହେଲା କୋର୍ଟ କାର୍ଯ୍ୟରେ ଅଚଳାବସ୍ଥା ଲାଗିରହିଛି। ଏପରିସ୍ଥଳେ ସୋମବାର ପଶ୍ଚିମ ଓଡ଼ିଶା ଓକିଲସମୂହ କ୍ରିୟାନୁଷ୍ଠାନ କମିଟି (ସିଏସି) ସଦସ୍ୟମାନେ ଜେଲ ଭିତରେ ଗିରଫ ଓକିଲମାନଙ୍କୁ ଭେଟିବା ପରେ କୋର୍ଟ କାର୍ଯ୍ୟ ସ୍ୱାଭାବିକ ହେବାର ବାଟ ଫିଟିଛି। ଏ ନେଇ ଅନୁଷ୍ଠିତ ବୈଠକରେ ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶ ପାଳନ କରି ସିଏସି ସହମତିରେ ଜିଲା ଓକିଲ ସଂଘ କୋର୍ଟ କାର୍ଯ୍ୟରେ ଯୋଗଦେବାକୁ ସ୍ଥିର କରିଛି। ଫଳରେ ମଙ୍ଗଳବାରଠାରୁ କୋର୍ଟ କାର୍ଯ୍ୟ ସ୍ୱାଭାବିକ ହେବା ନେଇ ଆଶା କରାଯାଉଛି। ଅନ୍ୟପକ୍ଷେ କୋର୍ଟ ବାହାରେ ଲାଗିଥିବା ୧୪୪ ଧାରାକୁ ପ୍ରଶାସନ ଉଠାଇ ନାହାନ୍ତି। ତେଣୁ କୋର୍ଟ କାର୍ଯ୍ୟ କିଭଳି ହେବ ସେ ନେଇ ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ପ୍ରାୟ ୩ବର୍ଷ ପୂର୍ବେ ଏକ ଦୁର୍ଘଟଣାରେ ଆଇନଜୀବୀ ଉମେଶ ପଧାନଙ୍କ ମୃତ୍ୟୁ ଘଟଣାରେ ଏକ ଟ୍ରକ୍‌କୁ ପୋଡି ଦିଆଯାଇଥିଲା। ଏହି ଘଟଣାରେ ଧନୁପାଲି ପୋଲିସ ଜିଲା ଜଜ୍‌କୋର୍ଟରେ ୭ଜଣ ଓକିଲଙ୍କୁ ରିମାଣ୍ଡ ଦେଇଛି। ଅନ୍ୟପଟେ ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶାନୁସାରେ କୋର୍ଟ କାର୍ଯ୍ୟ ସ୍ୱାଭାବିକ କରାଯାଉଛି ବୋଲି ଜଣେ ଓକିଲ କହିଛନ୍ତି।

ଜେଲ ଭିତରେ ଜିଲା ଓକିଲ ସଂଘ ସଭାପତି ସୁରେଶ୍ୱର ମିଶ୍ର, ପ୍ରଦୀପ ବହିଦାରଙ୍କୁ ସିଏସି ଆବାହକ ଅଶୋକ ଦାସଙ୍କ ସହ ଏକ ଟିମ୍ ଭେଟି ଆଲୋଚନା କରିଥିଲେ। ପଶ୍ଚିମ ଓଡ଼ିଶା ହାଇକୋର୍ଟ ସ୍ଥାୟୀ ବେଞ୍ଚ ଆନ୍ଦୋଳନରୁ ଓକିଲମାନେ ଓହରିଯିବାକୁ ସୁପ୍ରିମକୋର୍ଟରେ ସତ୍ୟପାଠ ଦାଖଲ କରିବାକୁ ମାନସିକ ପ୍ରସ୍ତୁତି କରିଥିବା ଆବାହକ ଦାସ କହିଛନ୍ତି। ପୂର୍ବରୁ ସିଏସିକୁ ମଧ ଆନ୍ଦୋଳନରୁ ଓହରିଯିବାକୁ କଡ଼ା ନିର୍ଦ୍ଦେଶ ଦେଇଥିଲେ। ସୁପ୍ରିମକୋର୍ଟ ନିର୍ଦ୍ଦେଶକୁ ସିଏସି ପାଳନ କରିବ। ସିଏସି ପକ୍ଷରୁ ଆସନ୍ତା ୫ ତାରିଖ ପରେ ସୁପ୍ରିମକୋର୍ଟରେ ସତ୍ୟପାଠ ଦାଖଲ କରିବାକୁ ସର୍ବସମ୍ମତିକ୍ରମେ ମତପ୍ରକାଶ ପାଇଛି। ଡିସେମ୍ବର ୧୨ରେ ସମ୍ବଲପୁର ସମେତ ରାଜ୍ୟର ବିଭିନ୍ନ ଓକିଲ ସଂଘ ଆନ୍ଦୋଳନକୁ ଓହ୍ଲାଇଥିଲେ। ଏଥିରେ କ୍ଷୋଭ ପ୍ରକାଶ କରି ଆନ୍ଦୋଳନ କରିଥିବା ରାଜ୍ୟର ବିଭିନ୍ନ ଜିଲାର ୨୭ ବାର୍‌କୁ ମଧ ସୁପ୍ରିମକୋର୍ଟ ରିପୋର୍ଟ ତଲବ କରିଛନ୍ତି। ଏ ସମ୍ପର୍କରେ ସିଏସି ଆବାହକ ଦାସ କହିଛନ୍ତି, ସୁପ୍ରିମକୋର୍ଟ ସର୍ବୋଚ୍ଚ। ଆଇନଜୀବୀଙ୍କ ସମେତ ଭାରତୀୟ ନାଗରିକ ତାଙ୍କ ନିର୍ଦ୍ଦେଶ ପାଳନ କରନ୍ତି। ତେଣୁ ହାଇକୋର୍ଟ ବେଞ୍ଚ ଆନ୍ଦୋଳନ ଉପରେ ଦେଇଥିବା ନିର୍ଦ୍ଦେଶ ପାଳନ କରିବୁ। ଏହାକୁ ନେଇ ଆମ ପକ୍ଷ ସୁପ୍ରିମକୋର୍ଟରେ ରଖାଯିବ। ସୂଚନାଯୋଗ୍ୟ, ପଶ୍ଚିମ ଓଡ଼ିଶାରେ ହାଇକୋର୍ଟ ସ୍ଥାୟୀ ବେଞ୍ଚ ଦାବି ନେଇ ନଭେମ୍ବର ୩୦ରେ ପୋଲିସ ଓ ଆନ୍ଦୋଳନକାରୀଙ୍କ ମଧ୍ୟରେ ଧସ୍ତାଧସ୍ତି ହୋଇଥିଲା। ପରେ ଡିସେମ୍ବର ୧୨ରେ ପୁଣି ଆନ୍ଦୋଳନ ସମୟରେ ଅଭାବନୀୟ ଘଟଣା ଘଟିଥିଲା। ଏହି ଘଟଣାରେ ପୋଲିସ ୩୦ ଓକିଲଙ୍କ ସମେତ ୮ କିନ୍ନର ଓ ଜଣେ ବାର୍ କର୍ମଚାରୀଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି।

# ଆଇଏଏସ୍ ଅଫିସର ମଞ୍ଜୁଳା ସୁବ୍ରମଣ୍ୟମ୍‌ଙ୍କ ପରଲୋକ



**ପ୍ରଧାନମନ୍ତ୍ରୀଙ୍କ ପ୍ରମୁଖ ସଚିବଙ୍କ ଶୋକ**

ଭୁବନେଶ୍ୱର, ୨।୧(ବ୍ୟୁରୋ)

୧୯୭୨ ବ୍ୟାଚ୍ ଗୁଜରାଟ କ୍ୟାଡରର ଆଇଏଏସ୍ ଅଫିସର ଡ. ମଞ୍ଜୁଳା ସୁବ୍ରମଣ୍ୟମଙ୍କ ରବିବାର ପରଲୋକ ଘଟିଛି। ଜଟିଳ ସ୍ୱାସ୍ଥ୍ୟଗତ ସମସ୍ୟାରୁ ଭଦୋଦରାସ୍ଥିତ ଏକ ହସ୍ପିଟାଲରେ ସେ ଆଖି ବୁଜିଛନ୍ତି। ଗୁଜରାଟର ସେ ପ୍ରଥମ ମହିଳା ମୁଖ୍ୟ ଶାସନ ସଚିବ ଭାବେ ତତ୍‌କାଳୀନ ମୁଖ୍ୟମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଅଧୀନରେ କାର୍ଯ୍ୟ କରିଥିଲେ। ଲୋକସେବା ଓ ପ୍ରଶାସନିକ କ୍ଷେତ୍ରରେ ଦକ୍ଷତାର ସହ କାର୍ଯ୍ୟ କରି ସେ ଅନେକ ସୁନାମ ଅର୍ଜନ କରିଥିଲେ। ମଞ୍ଜୁଳାଙ୍କ ବିୟୋଗରେ ପ୍ରଧାନମନ୍ତ୍ରୀଙ୍କ ପ୍ରମୁଖ ସଚିବ ଡ. ପି.କେ. ମିଶ୍ର ଶୋକ ପ୍ରକାଶ କରି କହିଛନ୍ତି, ସେ ନିଜର ସହପାଠୀ ତଥା ଘନିଷ୍ଠ ବନ୍ଧୁଙ୍କୁ ହରାଇଛନ୍ତି। ମଞ୍ଜୁଳାଙ୍କ ମୃତ୍ୟୁ ତାଙ୍କ ପାଇଁ ଏକ ଅପୂରଣୀୟ କ୍ଷତି। ସେ ଜଣେ ଉଜ୍ଜ୍ୱଳ, ଉତ୍ସର୍ଗୀକୃତ ଅଫିସର ଥିଲେ। ଗୁଜରାଟ ସରକାରରେ ସେ ଜାମନଗରର ଡିଡିଓ, ଅମ୍ରେଲି ଏବଂ ଜୁନାଗଡ଼ର ଜିଲାପାଳ, ବିଭିନ୍ନ ବିଭାଗରେ ଅତିରିକ୍ତ ମୁଖ୍ୟ ଶାସନ ସଚିବ ଏବଂ ମୁଖ୍ୟ ଶାସନ ସଚିବ ଥିଲେ। ଏଥିସହିତ ସେ ବାଣିଜ୍ୟ ମନ୍ତ୍ରଣାଳୟ ଏବଂ ପ୍ରଧାନମନ୍ତ୍ରୀଙ୍କ କାର୍ଯ୍ୟାଳୟରେ ମଧ କାର୍ଯ୍ୟ କରିଛନ୍ତି। କାର୍ଯ୍ୟକ୍ଷେତ୍ରରେ ସେ ନିଜର ଏକ ସ୍ୱତନ୍ତ୍ର ପରିଚୟ ଛାଡ଼ି ଯାଇଛନ୍ତି। ତାଙ୍କର କର୍ତ୍ତବ୍ୟନିଷ୍ଠା ଓ କାର୍ଯ୍ୟଧାରା ଅନେକ ଦିନ ପର୍ଯ୍ୟନ୍ତ ସ୍ମରଣୀୟ ହୋଇ ରହିବ ବୋଲି ଡ. ମିଶ୍ର କହିଛନ୍ତି।



ହକି ବିଶ୍ୱକପ୍ ପାଇଁ ଭୁବନେଶ୍ୱରର ବିଭିନ୍ନ ସ୍ଥାନରେ ସ୍ଥାପନ ହେବାକୁ ଥିବା କଳାକୃତିକୁ କଳାଭୂମିଠାରେ ଛାତ୍ରୀଛାତ୍ର ବୁଲି ଦେଖୁଛନ୍ତି। (ଫଟୋ–ବିକାଶ ନାୟକ)

# ଆସନ୍ତା ୩୦ରୁ ୪୦ ଦିନ ସତର୍କ ରହିବାକୁ ପଡ଼ିବ

**ଓମିକ୍ରନ୍ ବିଏଫ୍-୭ ଚିନ୍ତା**

**ଭୁବନେଶ୍ୱର, ୨।୧(ବ୍ୟୁରୋ):** ଦେଶରେ ଏବେ ଦେଖାଯାଇଥିବା କରୋନାର ନୂଆ ଭାରିଆଣ୍ଟ ଓମିକ୍ରନ୍ ବିଏଫ୍–୭ ଯୋଗୁ ଜନସାଧାରଣଙ୍କ ମଧ୍ୟରେ ଚିନ୍ତା ବଢ଼ିଯାଇଥିବାବେଳେ ଏହାକୁ ନେଇ ଭୟଭୀତ ନ ହେବା ପାଇଁ ସ୍ୱାସ୍ଥ୍ୟ ବିଭାଗ ପରାମର୍ଶ ଦେଉଛି। ଏହି ନୂଆ ଭାରିଆଣ୍ଟର ଲକ୍ଷଣ ଓ ଭୟାବହତା କେତେ ହେବ ତାହା ଜଣାପଡିନାହିଁ। ଏ ନେଇ ପରୀକ୍ଷା ନିରୀକ୍ଷା ଚାଲିଛି। ତେବେ ଆସନ୍ତା ୩୦ରୁ ୪୦ ଦିନ ଯାଏ ଆମକୁ ସତର୍କତା ଅବଲମ୍ବନ କରିବାର ଆବଶ୍ୟକତା ରହିଛି ବୋଲି ସ୍ୱାସ୍ଥ୍ୟ ନିର୍ଦ୍ଦେଶକ ଡା. ବିଜୟ ମହାପାତ୍ର କହିଛନ୍ତି। ଅପରପକ୍ଷେ ଜନସ୍ୱାସ୍ଥ୍ୟ ନିର୍ଦ୍ଦେଶକ ଡା. ନିରଞ୍ଜନ ମିଶ୍ର କହିଛନ୍ତି, ନଭେମ୍ବର ୧୧ରୁ କୋଭିଡ୍ ସଂକ୍ରମିତଙ୍କ ସଂଖ୍ୟା ୧୨ତଳେ ରହୁଛି। ବର୍ତ୍ତମାନ ରାଜ୍ୟରେ ମାତ୍ର ୫୦ଜଣ ରୋଗୀ ରହିଛନ୍ତି। ଆଗକୁ ସଂକ୍ରମଣ ବଢ଼ିପାରେ। କିନ୍ତୁ ଏହା କେତେ କ୍ଷତି ପହଞ୍ଚାଇବ, ଲକ୍ଷଣ କେତେ ଭୟଙ୍କର ହେବ, ତାହାର ତଥ୍ୟ ଆସିନାହିଁ। ତେବେ ମୁକାବିଲା ପାଇଁ ରାଜ୍ୟ ସରକାର ପ୍ରସ୍ତୁତ ଅଛନ୍ତି। ସମସ୍ତ ମେଡିକାଲ କଲେଜରେ ୨୦ଟି ଲେଖାଏ ବେଡ୍ ମହଜୁଦ ରହିଛି। ଜିଲା ମୁଖ୍ୟ ଚିକିତ୍ସାଳୟରେ ମଧ ବେଡ୍ ପ୍ରସ୍ତୁତ ରହିଛି। ଆବଶ୍ୟକ ପଡ଼ିଲେ ବେଡ୍ ସଂଖ୍ୟା ବଢ଼ାଯିବ। ହକିପାଇଁ କଟକ, ଭୁବନେଶ୍ୱର ଓ ରାଉରକେଲାର ସମସ୍ତ ଅର୍ବାନ ପିଏଚ୍‌ସି ଓ ସିଏଚ୍‌ସିରେ ଟେଷ୍ଟିଂ ବ୍ୟବସ୍ଥା କରାଯାଉଛି। ଏହାସହ ହକି ଷ୍ଟାଡିୟମ ଭିତରେ ମଧ ଟେଷ୍ଟ ପାଇଁ ସ୍ୱତନ୍ତ୍ର ବ୍ୟବସ୍ଥା କରାଯିବ ବୋଲି ଜନସ୍ୱାସ୍ଥ୍ୟ ନିର୍ଦ୍ଦେଶକ କହିଛନ୍ତି।

# ଜେଲରେ ଜେରା ହେବେ ଅର୍ଚ୍ଚନା, ଖଗେଶ୍ୱର

**ବେଆଇନ ଅର୍ଥ କାରବାର ମାମଲା**

- ଡିଜିଟାଲ ପ୍ରମାଣପତ୍ର ସଂକ୍ରାନ୍ତରେ ହେବ ପଚରାଉଚରା
- ଜାମିନ ପାଇଁ ହାଇକୋର୍ଟଙ୍କ ଦ୍ୱାରସ୍ଥ ହେଲେ ଅର୍ଚ୍ଚନା

ଭୁବନେଶ୍ୱର, ୨।୧ (ବ୍ୟୁରୋ)

ବେଆଇନ ଅର୍ଥ କାରବାର ମାମଲାରେ ବ୍ଲାକ୍‌ମେଲର ଅର୍ଚ୍ଚନା ନାଗ ଓ ତାଙ୍କ ବ୍ୟବସାୟିକ ସହଯୋଗୀ ଖଗେଶ୍ୱର ପାତ୍ରଙ୍କୁ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି) ଝାରପଡ଼ା ଜେଲରେ ଜେରା କରିବ। ଏଥିପାଇଁ ଭୁବନେଶ୍ୱର ଏସ୍‌ଡିଜେଏମ୍ କୋର୍ଟ ଅନୁମତି ଦେଇଛନ୍ତି। ତାରିଖ ଅନୁଯାୟୀ ଅର୍ଚ୍ଚନା ଓ ଜଗବନ୍ଧୁ ସୋମବାର କୋର୍ଟରେ ଭର୍ଚୁଆଲରେ ହାଜର ହୋଇଥିଲେ। ଷ୍ଟେଟ୍ ଫୋରେନ୍‌ସିକ୍ ଲ୍ୟାବ୍(ଏସ୍‌ଏଫ୍‌ଏସ୍‌ଏଲ)ରୁ ମିଳିଥିବା ଡିଜିଟାଲ ପ୍ରମାଣପାତ୍ର ସଂକ୍ରାନ୍ତରେ ଅର୍ଚ୍ଚନାଙ୍କୁ ବୁଧବାର ଓ ଖଗେଶ୍ୱରଙ୍କୁ ଗୁରୁବାର ଜେରା କରିବାକୁ ଇଡି ଅନୁମତି ମାଗିଥିଲା। କୋର୍ଟ ଏହି ଆବେଦନକୁ ଗ୍ରହଣ କରି ଅନୁମତି ଦେବା ସହ ଜେରାବେଳେ ଅଭିଯୁକ୍ତଙ୍କ ଓକିଲ ଉପସ୍ଥିତ ରହିବେ ବୋଲି କହିଛନ୍ତି। ଏହାପରେ ଅର୍ଚ୍ଚନା ଓ ଖଗେଶ୍ୱରଙ୍କୁ ପଚରାଉଚରା କରିବାକୁ ଇଡି ପ୍ରସ୍ତୁତ ହେଉଛି। ଡିଜିଟାଲ ପ୍ରମାଣପତ୍ରରୁ ମିଳିଥିବା ଗୁପ୍ତ ତଥ୍ୟ ବିଷୟରେ ଅର୍ଚ୍ଚନାଙ୍କ ମୁହଁରୁ ସତ ହାସଲ କରିବାକୁ ଇଡି ଯୋଜନା କରିଛି। ତେବେ ଜେଲରେ ଥିବା ଅର୍ଚ୍ଚନାଙ୍କ ସ୍ୱାମୀ ଜଗବନ୍ଧୁ ଚାନ୍ଦଙ୍କୁ ଜେରା କରିବାକୁ ଇଡି ଆବେଦନ କରିନାହିଁ।

ଅନ୍ୟପକ୍ଷରେ ସିନେ ପ୍ରଯୋଜକ ଅକ୍ଷୟ ପରିଜାଙ୍କୁ ବ୍ଲାକ୍‌ମେଲ ମାମଲାରେ ନୟାପଲ୍ଲୀ ଥାନାରେ ହୋଇଥିବା ମାମଲାରେ ଜାମିନ ପାଇଁ ସୋମବାର ଅର୍ଚ୍ଚନା ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଛନ୍ତି। ପୂର୍ବରୁ ତଳ କୋର୍ଟରେ ତାଙ୍କର ଜାମିନ ଆବେଦନ ଖାରଜ ହୋଇଯାଇଥିଲା। ତେବେ ଅର୍ଚ୍ଚନାଙ୍କ ପକ୍ଷରୁ ଓକିଲ ପ୍ରଭୁପ୍ରସନ୍ନ ବେହେରା, ବିଶ୍ୱଚନ୍ଦନ ମହାନ୍ତି, ଠାକୁର ସଂଗ୍ରାମ ସିଂ ହାଇକୋର୍ଟରେ ବେଲ ପିଟିସନ୍ (ନଂ.୩/୨୩) ଦାଖଲ କରିଛନ୍ତି। ଏହି ମାମଲା (ନଂ.୬୪୬/୨୦୨୨)ରେ ପୋଲିସ ଗତ ଡିସେମ୍ବର ୨୩ରୁ ଭୁବନେଶ୍ୱର ଜେଏମ୍‌ଏଫ୍‌ସି–୩ କୋର୍ଟରେ ୫୦୧ ପୃଷ୍ଠା ସମ୍ବଳିତ ଏକ ଚାର୍ଜଶିଟ୍ ଦାଖଲ କରିଛି। ହେଲେ ଅଧିକ ପ୍ରମାଣ ଯୋଗାଡ଼ ପାଇଁ ତଦନ୍ତକୁ ଖୋଲା ରଖାଯାଇଥିବାବେଳେ ପରେ ଆଉଏକ ସପ୍ଲିମେଣ୍ଟାରୀ ଚାର୍ଜଶିଟ୍ ଦାଖଲ କରିବାକୁ ପୋଲିସକୁ ଅନୁମତି ମିଳିଛି।

# ଗୁରୁଚାପ ପ୍ରଭାବ: ୭ରୁ ଆହୁରି କମିବ ଶୀତ

**୪ରେ ହାଲୁକା ବର୍ଷା ସମ୍ଭାବନା**

**ଭୁବନେଶ୍ୱର,୨।୧(ବ୍ୟୁରୋ):** ଓଡ଼ିଶା ଉପକୂଳ ବଙ୍ଗୋପସାଗରରେ ଏକ ଗୁରୁଚାପ କ୍ଷେତ୍ର ସୃଷ୍ଟି ହୋଇଛି। ଏଥିସହିତ ଦକ୍ଷିଣ ପଶ୍ଚିମ ଆରବସାଗର ପଟୁ ଜଳୀୟ ବାଷ୍ପ ରାଜ୍ୟ ଭିତରକୁ ପ୍ରବେଶ କରୁଛି। ଏଥିଯୋଗୁ ଆକାଶ ମେଘାଚ୍ଛନ୍ନ ରହିବା ସହ ପ୍ରବଳ କୁହୁଡ଼ି ହେଉଛି। ଫଳରେ ରାଜ୍ୟରୁ ଶୀତ ଉଭେଇ ଯାଇଛି। ଆସନ୍ତା ୪ କିମ୍ବା ୫ ତାରିଖରେ ଉପକୂଳ ଓଡ଼ିଶାର କେତେକ ସ୍ଥାନରେ ହାଲୁକା ବର୍ଷା ହେବା ସହିତ କେତେକ ଜିଲାରେ ପ୍ରବଳ କୁହୁଡ଼ି ହେବାର ସମ୍ଭାବନା ରହିଛି। ଆସନ୍ତା ୭ ତାରିଖରୁ ଶୀତ ଆହୁରି କମିବ। ପାରଦ ପୁଣି ଉପରମୁହାଁ ହେବ। ୧୦ ତାରିଖରୁ ଶୀତ ପୁଣି ବଢ଼ିବ ବୋଲି ଭାରତୀୟ ପାଣିପାଗ ବିଭାଗ ପକ୍ଷରୁ ପୂର୍ବାନୁମାନ କରାଯାଇଛି। ଆସନ୍ତା ୨୪ ଘଣ୍ଟା ମଧ୍ୟରେ କନ୍ଧମାଳ, କଳାହାଣ୍ଡି, ଅନୁଗୋଳ, ବୌଦ୍ଧ, ଢେଙ୍କାନାଳ, ଯାଜପୁର, କଟକ, ଭଦ୍ରକ, କେନ୍ଦ୍ରାପଡ଼ା, ଜଗତ୍‌ସିଂହପୁର, ଖୋର୍ଦ୍ଧା, ପୁରୀ ଏବଂ ଗଞ୍ଜାମ ଜିଲାରେ କୁହୁଡି ହେବାର ସମ୍ଭାବନା ରହିଛି। ରାଜ୍ୟର ବିଭିନ୍ନ ଅଞ୍ଚଳରେ ଶୀତ ହ୍ରାସ ପାଇଛି। ଆଞ୍ଚଳିକ ପାଣିପାଗ କାର୍ଯ୍ୟାଳୟ ପକ୍ଷରୁ ମିଳିଥିବା ସୂଚନା ଅନୁଯାୟୀ କେବଳ ଫୁଲବାଣୀରେ ସର୍ବନିମ୍ନ ତାପମାତ୍ରା ୯.୫ ଡିଗ୍ରୀ ସେଲ୍‌ସିୟସ ରେକର୍ଡ କରାଯାଇଥିବା ବେଳେ କୋରାପୁଟ ୧୧, ଦାରିଙ୍ଗବାଡ଼ିରେ ୧୧ ଡିଗ୍ରୀ ସେଲସିୟସ ରେକର୍ଡ କରାଯାଇଛି। ଡିଗ୍ରୀ ସେଲ୍‌ସିୟସ ଉପରେ ରହିଛି।




# ରହସ୍ୟ ଘେରରେ ମହିଳା ଡାକ୍ତରଙ୍କ ମୃତ୍ୟୁ

- ପ୍ରେମ ପ୍ରତାରଣା ନେଇ ଥାନାରେ ଅଭିଯୋଗ କରିଥିଲେ
- ପୋଲିସ ତଦନ୍ତକୁ ନେଇ ପ୍ରଶ୍ନବାଚୀ
- କଲ୍ ରେକର୍ଡରୁ ମିଳିପାରେ ତଥ୍ୟ

ଯୋଡ଼ା,୨।୧(ଡି.ଏନ.ଏ.)

କେନ୍ଦୁଝର ଜିଲା ଯୋଡ଼ା ଅର୍ବାନ ଡାକ୍ତରଖାନାର ମହିଳା ଡାକ୍ତର ଶୁଭଶ୍ରୀ କରଙ୍କ ସନ୍ଦେହଜନକ ମୃତ୍ୟୁ ଘଟଣା ଜିଲା ତଥା ରାଜ୍ୟରେ ଚର୍ଚ୍ଚାର ବିଷୟ ପାଲଟିଛି। ସେ ମୃତ୍ୟୁ ପୂର୍ବରୁ ଯୋଡ଼ା ଥାନାରେ ଦେଇଥିବା ଲିଖିତ ଅଭିଯୋଗ ପତ୍ରଟି ଲୋକ ଲୋଚନକୁ ଆସିବା ପରେ ମୃତ୍ୟୁକୁ ନେଇ ରହସ୍ୟ ଘନୀଭୂତ ହୋଇଛି। ପ୍ରେମ ପ୍ରତାରଣା ନେଇ ଜଣେ ଡାକ୍ତରଙ୍କ ନାମରେ ଅଭିଯୋଗ କରିଥିଲେ ହେଁ ଯୋଡ଼ା ପୋଲିସ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରି ନ ଥିଲା। ତେଣୁ ପୋଲିସର ତଦନ୍ତକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହେଉଛି। ଏ ନେଇ ମହିଳା ଡାକ୍ତରଙ୍କ ପରିବାର ପକ୍ଷରୁ କୌଣସି ଅଭିଯୋଗ ହୋଇ ନ ଥିବା ଜଣାପଡ଼ିଛି।

ଯୋଡ଼ା ଥାନାରେ ୨୦୨୨ ଡିସେମ୍ବର ୨୦ରେ ହୋଇଥିବା ଅଭିଯୋଗ ଅନୁଯାୟୀ, ମହିଳା ଡାକ୍ତରଙ୍କ ଏକ ଘରୋଇ ଖଣି କମ୍ପାନୀରେ କାର୍ଯ୍ୟ କରୁଥିବା ଜଣେ ଡାକ୍ତରଙ୍କ ସହ ସମ୍ପର୍କ ଗଢ଼ି ଉଠିଥିଲା। ସେ ବିବାହ ପ୍ରତିଶ୍ରୁତି ଦେଇ ଗତ ୧୮ ସେପ୍ଟେମ୍ବର ୨୦୨୨ ଓ ୧୦ ଅକ୍ଟୋବର ୨୦୨୨ରେ ଶାରୀରିକ ସମ୍ପର୍କ ସ୍ଥାପନ କରିଥିଲେ। ପରେ ଏ ନେଇ ଶୁଭଶ୍ରୀ ବିବାହ କରିବାକୁ ଜିଦ୍ ଧରିବାରୁ ସେ ମନା କରିଥିବା ଅଭିଯୋଗ ପତ୍ରରେ ଉଲ୍ଲେଖ ରହିଛି। ଥାନାରେ ଅଭିଯୋଗ ପରେ ବଡ଼ବିଲ ଜେଏମ୍‌ଏଫ୍‌ସି କୋର୍ଟରେ ଶୁଭଶ୍ରୀଙ୍କର ୧୬୪ ବୟାନ ରେକର୍ଡ ମଧ ହୋଇଥିଲା। ଘଟଣାକୁ ନେଇ ଶୁଭଶ୍ରୀଙ୍କ ପରିବାର ଲୋକେ ମୁହଁ ଖୋଲୁ ନ ଥିବା ବେଳେ ମୃତ୍ୟୁ ପଛର ରହସ୍ୟ ଘନେଇବାରେ ଲାଗିଛି। ଘଟଣା ଦିନ ରାତିରେ ସେ କାହା ସହ କଥା ହୋଇଛନ୍ତି, ଅଭିଯୋଗ ପରେ ସମ୍ପୃକ୍ତ ଡାକ୍ତରଙ୍କ ସହ ଶୁଭଶ୍ରୀ କଥା ହୋଇ ଥିଲେ କି ନାହିଁ, ମୋଇବାଇ କଲ ରେକର୍ଡ ଯାଞ୍ଚ ପରେ ଘଟଣା ଉପରୁ ପରଦା ହଟିପାରିବ ବୋଲି ଆଲୋଚନା ହେଉଛି।



ଶୁଭଶ୍ରୀ କର



ମୃତ୍ୟୁ ପୂର୍ବରୁ ଦେଇଥିବା ଅଭିଯୋଗପତ୍ର।

ସ୍ୱାସ୍ଥ୍ୟ କେନ୍ଦ୍ର କର୍ମଚାରୀଙ୍କ କହିବା ଅନୁଯାୟୀ, ୩୧ ତାରିଖ ମଧରାତିରେ ସ୍ୱାସ୍ଥ୍ୟ କେନ୍ଦ୍ର ପରିସରରେ ଡାକ୍ତରଙ୍କ ସମେତ ୭ ଜଣ ଏକାଠି ମିଶି ଜିରୋ ନାଇଟ୍ ସେଲିବ୍ରେସନ୍ କରିଥିଲେ। ଏଥିପାଇଁ ଶୁଭଶ୍ରୀ ସବୁ ଆୟୋଜନ କରିଥିଲେ। ନିଜେ ରୋଷେଇ କରିବା ସହ ନୃତ୍ୟ ଗୀତରେ ଝୁମିଥିଲେ। ରାତି ୧.୩୦ ପର୍ଯ୍ୟନ୍ତ ସେଲିବ୍ରେସନ କରିବା ପରେ ଉପର ମହଲାରେ ଥିବା ନିଜ ରୁମ୍‌କୁ ଚାଲିଯାଇଥିଲେ। ରବିବାର ସକାଳୁ ୭ ଟାରେ ସହାୟିକା କବାଟ ବାଡ଼େଇ ଥିଲେ ବି କବାଟ ଫିଟାଇ ନ ଥିଲେ। ଏ ନେଇ ପୋଲିସକୁ ସେ ଖବର ଦେଇଥିଲେ। ସନ୍ଧ୍ୟା ସମୟରେ ପୋଲିସ କବାଟ ଭାଙ୍ଗି ଖଟ ଉପରେ ପଡ଼ିଥିବା ଅବସ୍ଥାରେ ମୃତଦେହ ଜବତ କରିଥିଲା। ପୋଲିସ ସୋମବାର କେନ୍ଦୁଝର ମୁଖ୍ୟ ଚିକିତ୍ସାଳୟରେ ବ୍ୟବଚ୍ଛେଦ କରି ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। ପୋଲିସ ଶୁଭଶ୍ରୀ ରହୁଥିବା ଘରକୁ ଯାଇ ସେଠାରୁ ତାଙ୍କର ମୋବାଇଲ, ମେଡ଼ିସିନ ବୋତଲ ସହିତ କିଛି କାଗଜପତ୍ର ଜବତ କରି ଅନୁସନ୍ଧାନ ଜାରି ରଖିଛି। କଲ୍ ରେକର୍ଡ ଯାଞ୍ଚ କରିବା ସହ ସ୍ୱାସ୍ଥ୍ୟ କେନ୍ଦ୍ରର ଅନ୍ୟ କର୍ମଚାରୀଙ୍କୁ ପଚରାଉଚୁରା କରୁଛି। ମହିଳା ଡାକ୍ତରଙ୍କ ସହଯୋଗୀ ମନୋଜ ପରିଡ଼ା କହିଛନ୍ତି, ପୋଲିସ ଷ୍ଟାଫ୍‌ମାନଙ୍କଠାରୁ ସମସ୍ତ ତଥ୍ୟ ନେଇଛି। ଘଟଣାର ଉପଯୁକ୍ତ ତଦନ୍ତ କରିବାକୁ ସେ ନିବେଦନ କରିଛନ୍ତି।

ଜନୈକ ଆଇନଜୀବୀ ନାମ ଗୋପନ ରଖି କହିଛନ୍ତି, ବଳାତ୍କାର ଅଭିଯୋଗ ହେଲେ ଅବିଳମ୍ବେ ସମ୍ପୃକ୍ତ ଅଭିଯୁକ୍ତଙ୍କୁ ପୋଲିସ ଗିରଫ କରି ପୀଡ଼ିତା ଓ ଅଭିଯୁକ୍ତଙ୍କର ଡାକ୍ତରୀ ମଇନା କରିବା କଥା। ପରେ ଅଭିଯୁକ୍ତଙ୍କୁ କୋର୍ଟଚାଲାଣ କରିଥାଏ। ଏ କ୍ଷେତ୍ରରେ କାହିଁକି ବିଳମ୍ବ ହେଲା ତାହା ସନ୍ଦେହ ଘେରରେ ରହିଛି ବୋଲି ସେ କହିଛନ୍ତି। ପ୍ରକାଶଯୋଗ୍ୟ, କଟକ ଜିଲା ବୟାଳିସ ମୌଜା ଅଞ୍ଚଳର ମହିଳା ଡାକ୍ତର ଶୁଭଶ୍ରୀ କର କେନ୍ଦୁଝର ଜିଲା ଯୋଡ଼ା ସହରାଞ୍ଚଳ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରରେ ନିଯୁକ୍ତ ଥିଲେ। ଶୁଭଶ୍ରୀଙ୍କ ମୃତଦେହ ରବିବାର ଭଡ଼ାଘରୁ ପୋଲିସ ସନ୍ଦେହଜନକ ଭାବେ କବାଟ ଭାଙ୍ଗି ଜବତ କରିଥିଲା।



**ଆଜିର ମନ୍ତବ୍ୟ**

"ବୈଶ୍ୱିକ ସମସ୍ୟାର ସମାଧାନ କ୍ଷେତ୍ରରେ ଭାରତର ଯୋଗଦାନ ରହିଛି। ବିଶ୍ୱ ପାଇଁ ଦାଉ ସାଜିଥିବା ରୁଷିଆ-ୟୁକ୍ରେନ୍ ଯୁଦ୍ଧର ସମାପ୍ତି ଲାଗି ଭାରତ ଉଭୟ ଦେଶର ମୁଖ୍ୟଙ୍କ ସହ ଆଲୋଚନା ଜାରି ରଖିଛି।

– ଏସ୍. ଜୟଶଙ୍କର, ବହିର୍ବ୍ୟାପାର ମନ୍ତ୍ରୀ

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଅତି ବଡ଼ ହୁଅନି**
**ଝଡ଼ ନବ ଉଡ଼େଇ**
**ଅତି ନ୍ୟୂନ ହୁଅନି**
**ଛେଳି ଦବ ଖାଇ ।**

ବଡ଼ ବଡ଼ ଗଛ ଝଡ଼ ତୋଫାନରେ ଭାଙ୍ଗି ଯାଉଥିବାର ଦେଖିବାକୁ ମିଳିଥାଏ। ଛୋଟ ଛୋଟ ଚାରା ଗଛକୁ ଛେଳି ଖାଇଦେଇଥାଏ। ସଂସାରରେ ତିଷ୍ଠିବାକୁ ହେଲେ ନିଜ ବୁଦ୍ଧି ଓ ବିଚାରକୁ ପାଥେୟ କରି ଜୀବିକା ନିର୍ବାହ କରିବା ଶ୍ରେୟସ୍କର ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

**ଅଦିନେ ଖାଇଛି ଦହି**
**ଗାଁ ଯାକ ଗଲି କହି ।**

କେଉଁଠି କେମିତି ଭଲ ସୁସ୍ୱାଦ ଖାଇବା ଟିକକ ମିଳିଗଲେ ତାହା ଅନେକ ଦିନ ଧରି ମନରେ ସ୍ମୃତି ହୋଇ ରହିଯାଇଥାଏ। କଦବା କ୍ୱଚିତ୍ ଦୁର୍ଲଭ ପଦାର୍ଥ ଖାଇବାକୁ ପାଇଲେ ବହୁ ଲୋକ ଫୁଲାଫାଙ୍କିଆ ହୋଇ ଚାରିଆଡ଼େ କହିବୁଲୁଥିବା ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ରୂଢ଼ି ପ୍ରୟୋଗ – ଏ.କେ. ମିଶ୍ର ପବ୍ଲିଶର୍ସ ପ୍ରା:ଲିଃ:

# ପୂର୍ବତନ ମୁଖ୍ୟଶାସନ ସଚିବ ପ୍ରତୀପ ମହାନ୍ତିଙ୍କ ପରଲୋକ

**ଭୁବନେଶ୍ୱର, ୨।୧(ବ୍ୟୁରୋ):** ଓଡ଼ିଶାର ପୂର୍ବତନ ମୁଖ୍ୟ ଶାସନ ସଚିବ ତଥା ଓଡ଼ିଶା ଲୋକ ସେବା ଆୟୋଗର ପୂର୍ବତନ ଅଧ୍ୟକ୍ଷ ପ୍ରତୀପ କୁମାର ମହାନ୍ତି(୭୮)ଙ୍କ ରବିବାର ସକାଳେ ପରଲୋକ ଘଟିଛି। ୧୯୬୭



ବ୍ୟାଚ୍ ଆଇଏଏସ୍ ଅଧିକାରୀ ପ୍ରତୀପ ରାଜ୍ୟ ସରକାରଙ୍କ ବିଭିନ୍ନ ବିଭାଗରେ ସଚିବ ଭାବେ କାର୍ଯ୍ୟ କରିଥିଲେ। ୨୦୦୨ରୁ ୨୦୦୪ ପର୍ଯ୍ୟନ୍ତ ମୁଖ୍ୟଶାସନ ସଚିବ ଭାବେ ଦାୟିତ୍ୱ ନିର୍ବାହ କରିଥିଲେ। ସେ ଶହୀଦନଗରଠାରେ ରହୁଥିଲେ। ମୃତ୍ୟୁ ଶଯ୍ୟା ନିକଟରେ ସ୍ତ୍ରୀ ପଦ୍ମାଳୟା, ପୁତ୍ର ତଥା ସିଆଇଏସ୍ଏଫ୍ ଆଇଜି ପ୍ରତୀକ ମହାନ୍ତି, ପୁତ୍ରବଧୂ ମୈତ୍ରୀ, ଝିଅ ନୋନିକା, ଜ୍ୱାଇଁ ଆଇଏଏସ୍ ଅଫିସର ସୁରେଶ କୁମାର, ନାତୁଣୀନାତି ପ୍ରମୁଖ ଉପସ୍ଥିତ ଥିଲେ। ପ୍ରତୀପଙ୍କ ମୃତ୍ୟୁ ଖବର ଜଣାପଡ଼ିବା ପରେ ବହୁ ବିଶିଷ୍ଟ ବ୍ୟକ୍ତି ତାଙ୍କର ଶେଷ ଦର୍ଶନ କରିଥିଲେ। ସୋମବାର ସତ୍ୟନଗର ଶ୍ମଶାନରେ ତାଙ୍କ ଶେଷକୃତ୍ୟ ସମ୍ପନ୍ନ ହୋଇଛି।

ପ୍ରଥମ ପୃଷ୍ଠାରୁ...

## ୪ ଜଣଙ୍କ ସମର୍ଥନ...

ଟଙ୍କିଆ ନୋଟ୍ ରଦ୍ଦ ହେଲା ବୋଲି ୨୦୧୬ ନଭେମ୍ବର ୮ତାରିଖ ରାତି ୮ଟାରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଘୋଷଣା କରିଥିଲେ। ଏହାର ୬ ବର୍ଷରୁ ଊର୍ଦ୍ଧ୍ୱ ସମୟ ପରେ ସର୍ବୋଚ୍ଚ ଅଦାଲତ ସରକାରଙ୍କ ନିଷ୍ପତ୍ତିକୁ କାଏମ ରଖିଛନ୍ତି। ରାୟ ଘୋଷଣା କରି ଜଷ୍ଟିସ୍ ଗଭାଇ କହିଛନ୍ତି, କେବଳ କେନ୍ଦ୍ର ସରକାର ନୋଟ୍‌ବନ୍ଦୀ ପ୍ରସ୍ତାବ ଆଣିଥିବା ଦର୍ଶାଇ ନିଷ୍ପତ୍ତି ଗ୍ରହଣକାରୀ ପ୍ରକ୍ରିୟାକୁ ଦୋଷ ଦିଆଯାଇପାରିବ ନାହିଁ। ଏଭଳି ପଦକ୍ଷେପ ନେବା ପଛରେ ଯଥେଷ୍ଟ କାରଣ ରହିଥିଲା। ସମାନୁପାତିକ ସିଦ୍ଧାନ୍ତ ବିମୁଦ୍ରୀକରଣ ନିଷ୍ପତ୍ତିକୁ ପ୍ରଭାବିତ କରି ନ ଥିବା ଅଦାଲତ କହିଛନ୍ତି। ଏହି ନିଷ୍ପତ୍ତିପାଇଁ କେନ୍ଦ୍ର ସରକାର ଏବଂ ଭାରତର ରିଜର୍ଭ ବ୍ୟାଙ୍କ (ଆର୍‌ବିଆଇ) ମଧ୍ୟରେ ୬ ମାସ ଧରି ବିଚାରବିମର୍ଶ ଚାଲିଥିଲା। ତେଣୁ ନୋଟ୍‌ବନ୍ଦୀ ବିଜ୍ଞପ୍ତି ଜାରି ତାରିଖ ୨୦୧୬ ନଭେମ୍ବର ୮କୁ ଅକାରଣ ଦର୍ଶାଇ ନିଷ୍ପତ୍ତି ପ୍ରକ୍ରିୟା ଆଧାରରେ ଏହାକୁ ବଦଳାଯାଇ ପାରିବ ନାହିଁ ବୋଲି ସାମ୍ବିଧାନିକ ପୀଠ ତାଙ୍କ ରାୟରେ କହିଛନ୍ତି।

ଅଦାଲତ କହିଛନ୍ତି, ଅଚଳ ନୋଟ୍ ବଦଳାଇବା ପାଇଁ ୫୨ ଦିନ ସମୟ ଦିଆଯାଇଥିଲା। ସମୟସୀମାକୁ ଆଉ ବଢ଼ାଯାଇପାରିବ ନାହିଁ। ୧୯୭୮ ବିମୁଦ୍ରୀକରଣବେଳେ ପୁରୁଣା ନୋଟ୍ ବଦଳାଇବା ଲାଗି ମାତ୍ର ୩ ଦିନ ସମୟ ଦିଆଯାଇଥିବାବେଳେ ପରେ ଏହାକୁ ଆଉ ୫ ଦିନ ବଢ଼ାଯାଇଥିଲା ବୋଲି ସାମ୍ବିଧାନିକ ପୀଠ କହିଛନ୍ତି। ଆର୍‌ବିଆଇ-୧୯୩୪ ଆଇନର ଧାରା ୨୬(୨)ରେ କେତେକ ସିରିଜ୍ ନୋଟ୍‌କୁ ରଦ୍ଦ କରିବା କ୍ଷମତା କେନ୍ଦ୍ର ସରକାରଙ୍କୁ ମିଳିଛି। ତେଣୁ ଏହି କ୍ଷମତାକୁ ସଂକୁଚିତ କରାଯାଇପାରିବ ନାହିଁ। ପୂର୍ବରୁ ଦୁଇଥର ନୋଟ୍‌ବନ୍ଦୀ ନିଷ୍ପତ୍ତି ପାର୍ଲାମେଣ୍ଟରେ ଆଲୋଚନା ପରେ ନିଆଯାଇଥିବାରୁ ଉପରୋକ୍ତ କ୍ଷମତା କେନ୍ଦ୍ର ସରକାରଙ୍କ ପାଖରେ ନ ଥିବା କୁହାଯାଇପାରିବ ନାହିଁ ବୋଲି ଜଷ୍ଟିସ୍ ଗଭାଇ କହିଛନ୍ତି।

# ବିମୁଦ୍ରୀକରଣର ୬ ବର୍ଷ ପରେ ନଗଦ କାରବାର ବଢ଼ିଛି

**ନୂଆଦିଲ୍ଲୀ,୨।୧:** ବିମୁଦ୍ରୀକରଣକୁ ୬ ବର୍ଷ ପୂରିଛି। ନୋଟ୍‌ବନ୍ଦୀ ନାମରେ ସେତେବେଳେ ପ୍ରଚଳିତ ୮୬ ପ୍ରତିଶତ ବ୍ୟାଙ୍କ ନୋଟ୍‌କୁ ଅଚଳ କରିଦିଆଯାଇଥିଲା। ଯେଉଁ ଉଦ୍ଦେଶ୍ୟ ନେଇ କେନ୍ଦ୍ର ସରକାର ଏତେବଡ଼ ନିଷ୍ପତ୍ତି ନେଇଥିଲେ, ତାହା ପୂରଣ ହୋଇନାହିଁ। ୬ ବର୍ଷ ପରେ ମଧ୍ୟ ବଜାରରେ ନଗଦର ପ୍ରାଧାନ୍ୟ ଜାରି ରହିଛି। ଜନସାଧାରଣଙ୍କ ହାତରେ ନଗଦ ଅର୍ଥ ପରିମାଣ ଦ୍ୱିଗୁଣିତ ହୋଇଛି। ଗତ ଡିସେମ୍ବର ୨୩ରେ ଲୋକଙ୍କ ହାତରେ ଥିବା ନଗଦ ଅର୍ଥ ପରିମାଣ ୩୨.୪୨ ଲକ୍ଷ କୋଟି ଟଙ୍କା ଥିଲା ବୋଲି ରିଜର୍ଭ ବ୍ୟାଙ୍କ ତଥ୍ୟରୁ ଜଣାପଡ଼ିଛି। ବିମୁଦ୍ରୀକରଣ ପୂର୍ବରୁ ୨୦୧୬ ନଭେମ୍ବର ୪ରେ ଦେଶରେ କାରବାର ହେଉଥିବା ନଗଦ ଅର୍ଥ ପରିମାଣ ଥିଲା ୧୭.୭୪ ଲକ୍ଷ କୋଟି ଟଙ୍କା। ଏହାର ୪ ଦିନ ପରେ ଅର୍ଥାତ୍ ନଭେମ୍ବର ୮ରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ସମସ୍ତ ପ୍ରଚଳିତ ୫୦୦ ଓ ୧,୦୦୦ ଟଙ୍କିଆ ନୋଟ୍ ରଦ୍ଦ ହେଲା ବୋଲି ଘୋଷଣା କରିଥିଲେ। କଳାଧନ ଓ ଦୁର୍ନୀତି ରୋକିବା ସହ ଡିଜିଟାଲ କାରବାର ବଢ଼ାଇବା ବିମୁଦ୍ରୀକରଣର ଲକ୍ଷ୍ୟ ଥିଲା। ବିମୁଦ୍ରୀକରଣ ପରେ କାରବାରରେ ଥିବା ବ୍ୟାଙ୍କ ନୋଟ୍ ପରିମାଣ ୯ ଲକ୍ଷ କୋଟି ଟଙ୍କାକୁ ହ୍ରାସ ପାଇଥିଲା। ୨୦୧୭ ଜାନୁୟାରୀ ୬ ସହ ତୁଳନା କଲେ ବର୍ତ୍ତମାନ ନଗଦ ଅର୍ଥ ପରିମାଣ ୨୬୦ ପ୍ରତିଶତ ବୃଦ୍ଧି ପାଇଛି। ୨୦୧୬ ନଭେମ୍ବର ୪ ତୁଳନାରେ ଏହା ୮୩ ପ୍ରତିଶତ ବୃଦ୍ଧି।

## ନିୟମ ଅନୁପାଳନ...

ଏସ୍‌ଓପି ରହିଛି। ତଦନୁଯାୟୀ ପୋଲିସ ଜଣେ ବିଦେଶୀ ନାଗରିକଙ୍କ ମୃତଦେହ ପାଇବା ପରେ ଯୋଗାଯୋଗର ଶୀଘ୍ର ମାଧ୍ୟମକୁ ବ୍ୟବହାର କରି ସ୍ୱରାଷ୍ଟ୍ର ଏବଂ ବହିର୍ବ୍ୟାପାର ମନ୍ତ୍ରଣାଳୟକୁ ସୂଚନା ଦେବା ଜରୁରୀ। ଉକ୍ତ ସୂଚନାରେ ମୃତ ବିଦେଶୀଙ୍କ ସମସ୍ତ ତଥ୍ୟ, ଯେପରି କି ସେ କେଉଁ ଦେଶର ନାଗରିକ, ଜନ୍ମ ତାରିଖ, ମାତାପିତା, ଆବାସିକ ଠିକଣା, ପାସ୍‌ପୋର୍ଟ ନମ୍ବର ଓ ତାହା କେଉଁ ତାରିଖ, ସ୍ଥାନରୁ ଜାରି ହୋଇଛି ଏବଂ ମୃତ୍ୟୁର ଠିକ୍ ତାରିଖ, ସମୟ ଓ କାରଣ ଉଲ୍ଲେଖ ରହିବା ଆବଶ୍ୟକ। ସେହିପରି ମୃତଦେହର ବ୍ୟବଚ୍ଛେଦ ହୋଇଛି କି ନାହିଁ। ଯଦି ହୋଇଛି, ତାହାର ରିପୋର୍ଟକୁ ପୋଲିସ ପଠାଇବା ସାଙ୍ଗକୁ ଇଣ୍ଟରପୋଲ ୱିଙ୍ଗ୍‌ର ହସ୍ତକ୍ଷେପ ଆବଶ୍ୟକ କରୁଛି କି ନାହିଁ ତାହା ଜଣାଇବାକୁ ପଡ଼ିଥାଏ। ଏହାଛଡ଼ା ମୃତଦେହର ସତ୍କାର ହୋଇଛି କି ନାହିଁ କିମ୍ବା ତାହାର ସ୍ଥିତି ଏବଂ ଶରୀରରେ ଦୃଶ୍ୟମାନ ହେଉଥିବା କୌଣସି ଚିହ୍ନ ଓ ପୋଷାକ ସମ୍ପର୍କରେ ସବିଶେଷ ତଥ୍ୟ ମଧ୍ୟ ଦେବାକୁ ପଡ଼ିଥାଏ। ଅସ୍ୱାଭାବିକ ମୃତ୍ୟୁ କ୍ଷେତ୍ରରେ ପୋଲିସ ବିଦେଶୀ ନାଗରିକଙ୍କୁ ଚିହ୍ନଟ ପାଇଁ ତାଙ୍କର ଫିଙ୍ଗରପ୍ରିଣ୍ଟ ଏବଂ ଫଟୋ ସଂଗ୍ରହ କରିବାକୁ ଏସ୍‌ଓପିରେ ଉଲ୍ଲେଖ ରହିଛି। ସମସ୍ତ ତଥ୍ୟ ପୋଲିସ ଦେବା ପରେ କେନ୍ଦ୍ର ସରକାରଙ୍କ ପକ୍ଷରୁ ବିଦେଶୀ ନାଗରିକଙ୍କ ମୃତ୍ୟୁ ସମ୍ପର୍କରେ ସମ୍ପୃକ୍ତ ଦୂତାବାସକୁ ସୂଚିତ କରାଯାଇଥାଏ। ସୂଚନାଥାଉ କି, ପାଭେଲ ଖ୍ରୀଷ୍ଟଧର୍ମାବଲମ୍ବୀ ହୋଇଥିବାବେଳେ ତାଙ୍କ ମୃତଦେହକୁ ସମାଧି ଦିଆଯିବା ପରିବର୍ତ୍ତେ ପୋଡ଼ିଦିଆଯାଇଥିଲା। ଏଭଳି ତରବରିଆ ପଦକ୍ଷେପକୁ ନେଇ ସନ୍ଦେହ ସୃଷ୍ଟି ହେଉଛି। ଏହାଛଡ଼ା ମୃତଦେହ ସତ୍କାର ପୂର୍ବରୁ ପାଭେଲଙ୍କ ପରିବାର ଏବଂ ରୁଷିଆ ଦୂତାବାସର ସହମତି ପାଇଛି କି ନାହିଁ ତାହା ପୋଲିସ ସ୍ପଷ୍ଟ କରୁନାହିଁ।



ପୂର୍ବତନ ମୁଖ୍ୟମନ୍ତ୍ରୀ ସ୍ୱର୍ଗତ ଡ. ହରେକୃଷ୍ଣ ମହତାବଙ୍କ ଶ୍ରାଦ୍ଧୋତ୍ସବ ଉପଲକ୍ଷେ ସୋମବାର ଭୁବନେଶ୍ୱରସ୍ଥିତ ରାଜ୍ୟ ଗ୍ରନ୍ଥାଗାର ପରିସରରେ ଥିବା ପ୍ରତିମୂର୍ତ୍ତିରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ପୁଷ୍ପଗୁଚ୍ଛ ପ୍ରଦାନ ସହ ଶ୍ରଦ୍ଧାସୁମନ ଅର୍ପଣ କରୁଛନ୍ତି।

# ୪ର୍ଥ ଦିନରେ ଆମ୍ବୁଲାନ୍ସ, ହୋଟେଲ କର୍ମଚାରୀଙ୍କୁ ଜେରା

## ୨ ରୁଷୀୟ ପର୍ଯ୍ୟଟକଙ୍କ ମୃତ୍ୟୁ ଘଟଣା

- ରାୟଗଡ଼ା ଆସିପାରେ ଆଉ ଏକ ତଦନ୍ତକାରୀ ଟିମ୍
- ଫର୍ମ-ସି ନିୟମ ପାଳନ କରିଥିଲା କି ହୋଟେଲ

ରାୟଗଡ଼ା,୨।୧(ସ୍ୱ.ପ୍ର.)

ରାୟଗଡ଼ାଠାରେ ରୁଷୀୟ ପର୍ଯ୍ୟଟକ ତଥା ସେଠାକାର ଏମ୍‌ପି ପାଭେଲ ଆଣ୍ଟୋଭ ଏବଂ ତାଙ୍କ ବନ୍ଧୁ ଭ୍ଲାଡିମିର ବିଦାନୋଭଙ୍କ ରହସ୍ୟଜନକ ମୃତ୍ୟୁ ଘଟଣାରେ କ୍ରାଇମବ୍ରାଞ୍ଚ ତଦନ୍ତ ଜାରି ରଖିଛି। ଚତୁର୍ଥ ଦିନ ସୋମବାର ଡିଏସ୍‌ପି ସରୋଜକାନ୍ତ ମହାନ୍ତଙ୍କ ନେତୃତ୍ୱରେ ୪ ଅଧିକାରୀ ପୁଣି ହୋଟେଲ ସାଇ ଇଣ୍ଟରନ୍ୟାଶନାଲକୁ ଯାଇ କର୍ମଚାରୀଙ୍କୁ ଜେରା କରିଥିଲେ। ଏହାର କିଛି ସମୟ ପରେ ଫରେନସିକ୍ ଏବଂ ସାଇଣ୍ଟିଫିକ୍ ଟିମ୍ ମଧ୍ୟ ହୋଟେଲରେ ପହଞ୍ଚିଥିଲେ। ପରେ ବିଦାନୋଭ ଏବଂ ପାଭେଲଙ୍କୁ ମେଡିକାଲ ନେଇଥିବା ଆମ୍ବୁଲାନ୍ସ କର୍ମଚାରୀ ଏବଂ ଜଣେ ପୋଲିସ ଅଧିକାରୀଙ୍କୁ ମଧ୍ୟ କ୍ରାଇମ ବ୍ରାଞ୍ଚ ପକ୍ଷରୁ ଜେରା କରାଯାଇଛି। ବିଦାନୋଭ ଏବଂ ପାଭେଲଙ୍କୁ ଗୁରୁତର ଅବସ୍ଥାରେ ଡାକ୍ତରଖାନା ନେବା ସମୟରେ ସେମାନଙ୍କ ସ୍ଥିତି କ'ଣ ଥିଲା ସେ ନେଇ ଅଧିକାରୀମାନେ ପଚରାଉଚରା କରିଥିଲେ। ବିଶେଷକରି ଘଟଣା ଦିନ ବିଦାନୋଭ ଏବଂ ପାଭେଲଙ୍କ ସାଙ୍ଗରେ ଆସିଥିବା ମିଖାଇଲ ଏବଂ ନାତାଲିଆଙ୍କ ହାବଭାବ ତଥା ବଡି ଲାଙ୍ଗୁଏଜ୍ କିପରି ଥିଲା ସେ ବିଷୟରେ ପଚରାଯାଇଥିବା ଅନୁମାନ କରାଯାଉଛି।

ଏହା ବ୍ୟତୀତ ଅନ୍ୟ ବିଭିନ୍ନ ଦିଗକୁ ନେଇ ହୋଟେଲ କର୍ମଚାରୀଙ୍କୁ ମଧ୍ୟ ପ୍ରଶ୍ନ କରାଯାଇଥିବା ଜଣାପଡ଼ିଛି। ପୋଷ୍ଟମର୍ଟମ ରିପୋର୍ଟରୁ ବିଦାନୋଭଙ୍କ ଶରୀରରେ ଗଞ୍ଜେଇ କିମ୍ବା ଅଫିମର ଦୁର୍ଗନ୍ଧ ବାହାରିଥିବା ଉଲ୍ଲେଖ ଥିବାରୁ ବିଦେଶୀ ନାଗରିକଙ୍କୁ ଗଞ୍ଜେଇ କେଉଁଠାରୁ ମିଳିଲା ସେ ନେଇ ପ୍ରଶ୍ନ କରାଯାଇ ଥାଇପାରେ ବୋଲି ମଧ୍ୟ ଅନୁମାନ କରାଯାଉଛି। ହେଲେ କ୍ରାଇମ ବ୍ରାଞ୍ଚ ପକ୍ଷରୁ ଜେରାରେ କ'ଣ ପ୍ରଶ୍ନ କରାଯାଇଥିଲା ସେ ବିଷୟରେ ସୂଚନା ଦିଆଯାଇ ନାହିଁ। ସୂଚନାଯୋଗ୍ୟ, ଉକ୍ତ ୪ ରୁଷୀୟ ପର୍ଯ୍ୟଟକ ହୋଟେଲରେ ରହିବାକୁ ଆସିଥିବା ବେଳେ ସେମାନଙ୍କ ନିକଟକୁ ଗଞ୍ଜେଇ କେମିତି ଆସିଲା, ପୂର୍ବରୁ ସେମାନେ ଗଞ୍ଜେଇ ସାଙ୍ଗରେ ନେଇ ଆସିଥିଲେ ନା ହୋଟେଲକୁ ଆସିବା ପରେ ସେମାନଙ୍କୁ କେହି ଗଞ୍ଜେଇ ଯୋଗାଇଛନ୍ତି ତାହାକୁ ନେଇ ସହରବାସୀଙ୍କ ମନରେ ପ୍ରଶ୍ନ ଉଠିଛି। ନିୟମ ଅନୁଯାୟୀ, ହୋଟେଲରେ ରହିବାକୁ ଆସୁଥିବା ବିଦେଶୀ ପର୍ଯ୍ୟଟକଙ୍କ ତଥ୍ୟ ଫର୍ମ-ସିରେ ପୂରଣ କରି ପୋଲିସକୁ ଉକ୍ତ ଫର୍ମ ସହ ଅବଗତ କରାଇବା ନେଇ ନିୟମ ରହିଛି। ହେଲେ ହୋଟେଲ ସାଇ ଇଣ୍ଟରନ୍ୟାଶନାଲ ପକ୍ଷରୁ ଏହା କରାଯାଇଥିଲା କି ନାହିଁ ତାହାର ତଦନ୍ତ ଆବଶ୍ୟକ ବୋଲି ମତପ୍ରକାଶ ପାଉଛି। ହୋଟେଲ ପକ୍ଷରୁ ବିଦେଶୀ ନାଗରିକଙ୍କ ସମସ୍ତ ତଥ୍ୟ ପ୍ରଦାନ କରିବା ଦ୍ୱାରା ପୋଲିସକୁ ସେମାନଙ୍କ ସମସ୍ତ ସୂଚନା ମିଳିଥାଏ। ଏହାଦ୍ୱାରା ପୋଲିସ ସେମାନଙ୍କ ଗତିବିଧି ଉପରେ ନଜର ରଖିବା ସହଜ ହୋଇଥାଏ। ସେହିପରି ଘଟଣାର ଅଧିକ ତଦନ୍ତ ପାଇଁ ଆଉ ଏକ ତଦନ୍ତକାରୀ ଦଳ ରାୟଗଡ଼ାରେ ପହଞ୍ଚି ତଦନ୍ତ କରିପାରେ ବୋଲି ମଧ୍ୟ ବିଶ୍ୱସ୍ତ ସୂତ୍ରରୁ ସୂଚନା ମିଳିଛି।

# ଗ୍ଲାଗୋଲେଭଙ୍କୁ ପୁରୀ ଭଡ଼ାଘରେ ଛାଡ଼ିଲା ଜିଆର୍‌ପି

ପୁରୀ ଅଫିସ, ୨।୧

ଭୁବନେଶ୍ୱର ରେଳଷ୍ଟେଶନରୁ ଉଦ୍ଧାର ହୋଇଥିବା ରୁଷୀୟ ପର୍ଯ୍ୟଟକ ଗ୍ଲାଗୋଲେଭ ଆଣ୍ଡ୍ରୁ (୬୫)ଙ୍କୁ ସୋମବାର ଜିଆର୍‌ପି ନେଇ ପୁରୀର ଗଙ୍ଗାରାମ ନୂଆସାହି ଅଞ୍ଚଳରେ ସେ ରହୁଥିବା ତାଙ୍କ ଭଡ଼ା ଘରେ ଛାଡ଼ିଛି। ଗ୍ଲାଗୋଲେଭଙ୍କ ଉପରେ ନଜର ରଖିବା ସହ ତାଙ୍କ ସମ୍ପର୍କରେ ଜିଲା ପ୍ରଶାସନକୁ ଆବଶ୍ୟକ ତଥ୍ୟ ଦେବା ଲାଗି ସମ୍ପୃକ୍ତ ଘରମାଲିକ ଓ ସ୍ଥାନୀୟ ପୋଲିସକୁ କୁହାଯାଇଥିବା ସୂଚନା ମିଳିଛି। ଅନ୍ୟପକ୍ଷରେ ଏପର୍ଯ୍ୟନ୍ତ ଗ୍ଲାଗୋଲେଭଙ୍କ ସମ୍ପର୍କରେ ପୁରୀ ପୋଲିସ ନିକଟରେ କୌଣସି ତଥ୍ୟ ନ ଥିବା ଜଣାପଡ଼ିଛି। ସେହିପରି ଏ ସମ୍ପର୍କରେ ତାଙ୍କ ନିକଟରେ କୌଣସି ସୂଚନା ନ ଥିବା ଅତିରିକ୍ତ ଏସ୍‌ପି ମିହିର ପଣ୍ଡା କହିଛନ୍ତି।

ସୂଚନାଯୋଗ୍ୟ, ଗତ ୨୯ ତାରିଖରେ ଭୁବନେଶ୍ୱର ରେଳଷ୍ଟେଶନରେ ଗ୍ଲାଗୋଲେଭ ଏକ ପ୍ଲାକାର୍ଡ ଧରି ଛିଡ଼ା ହୋଇଥିବା ନଜରକୁ ଆସିଥିଲେ। ଯେଉଁଥିରେ ସେ 'ମୁଁ ଜଣେ ରୁଷୀୟ ଶରଣାର୍ଥୀ। ଯୁଦ୍ଧକୁ ବିରୋଧ କରେ। ଏଥିସହ ମୁଁ ରାଷ୍ଟ୍ରପତି ପୁଟିନଙ୍କ ବିରୋଧୀ। ମୋର ଘରଦ୍ୱାର ନାହିଁ। ଦୟାକରି ମୋତେ ସାହାଯ୍ୟ କର' ବୋଲି ପ୍ଲାକାର୍ଡରେ ଲେଖି ବୁଲୁଥିଲେ। କିନ୍ତୁ ତା'ପରଦିନ ଷ୍ଟେଶନରୁ କୁଆଡ଼େ ଚାଲିଯାଇଥିଲେ। ଏହାର ଦିନକ ପରେ ୩୧ ତାରିଖରେ ତାଙ୍କୁ ଭୁବନେଶ୍ୱର ରେଳଷ୍ଟେଶନରୁ ବୁଲୁଥିବା ଅବସ୍ଥାରେ ଜିଆର୍‌ପି ଉଦ୍ଧାର କରିଥିଲା। ଉଲ୍ଲେଖ ଥାଉ କି, ଗ୍ଲାଗୋଲେଭ



ଗ୍ଲାଗୋଲେଭ ଆଣ୍ଡ୍ରୁ

ମସ୍କୋର ବାସିନ୍ଦା। ସେ ୨୦୧୬ ମାର୍ଚ୍ଚ ୨୭ରେ ୬ମାସ ପାଇଁ ଟୁରିଷ୍ଟ ଭିସା ନେଇ ଭାରତ ଆସିଥିଲେ। ସେ ପ୍ରଥମେ ଉତ୍ତରପ୍ରଦେଶର ବୃନ୍ଦାବନରେ ରହୁଥିଲେ। ୫ବର୍ଷ ତଳେ ପ୍ରଥମ ଥର ପାଇଁ ସେ ପୁରୀ ଆସିଥିଲେ। ଏଠାରେ ୩ମାସ ରହିବା ପରେ ସେ ବୃନ୍ଦାବନ ଫେରିଯାଇଥିଲେ। ଗତ ୩ମାସ ତଳେ ପୁଣି ପୁରୀ ଆସି ଏକ ଆଶ୍ରୟ ଗୃହରେ ରହୁଥିଲେ। ପରେ ଗତ କିଛି ଦିନ ହେବ ପୁରୀ ଗଙ୍ଗାରାମ ନୂଆସାହିର ଦେବାଶିଷ ଖୁଣ୍ଟିଆଙ୍କ ଘରେ ଭଡ଼ା ରହୁଥିବା ଜଣାପଡ଼ିଛି। ଗ୍ଲାଗୋଲେଭ ନୂଆଦିଲ୍ଲୀସ୍ଥିତ ୟୁନାଇଟେଡ ନେଶନ ଫର୍ ହାଇ କମିଶନର ଫର ରିଫ୍ୟୁଜି (ୟୁଏନ୍‌ଏଚ୍‌ଆର୍‌ସିଆର)କୁ ଶରଣାର୍ଥୀ ମାନ୍ୟତା ପାଇଁ ଆବେଦନ କରିଥିଲେ, ଯାହାକି ବିଚାରାଧୀନ ରହିଛି। କିଛିଦିନ ତଳେ ରାୟଗଡ଼ା ବୁଲିବାକୁ ଆସିଥିବା ୨ରୁଷୀୟ ପର୍ଯ୍ୟଟକଙ୍କ ମୃତ୍ୟୁ ଘଟଣାକୁ ନେଇ ଚର୍ଚ୍ଚା ଥମି ନ ଥିବାବେଳେ ଗ୍ଲାଗୋଲେଭଙ୍କ ପ୍ରସଙ୍ଗ ପୁଣି ଚର୍ଚ୍ଚାକୁ ଆସିଛି।

# ୧ରେ ଆସିପାରେ କେନ୍ଦ୍ର ବଜେଟ

ନୂଆଦିଲ୍ଲୀ,୨।୧

ପାର୍ଲାମେଣ୍ଟର ବଜେଟ ଅଧିବେଶନ ଆସନ୍ତା ୩୧ ତାରିଖରେ ଆରମ୍ଭ ହୋଇପାରେ, ଯାହା ଦୁଇଟି ପର୍ଯ୍ୟାୟରେ ସମ୍ପନ୍ନ ହେବ। ଅର୍ଥମନ୍ତ୍ରୀ ନିର୍ମଳା ସୀତାରାମନ ଫେବୃୟାରୀ ୧ରେ କେନ୍ଦ୍ର ବଜେଟ୍ ଉପସ୍ଥାପନ କରିବା ଯୋଜନା ଥିବା ଏକ ସୂତ୍ରରୁ ଜଣାପଡ଼ିଛି। ସୂଚନାନୁଯାୟୀ, ଅଧିବେଶନର ପ୍ରଥମ ଦିନ ହିଁ ପାର୍ଲାମେଣ୍ଟର ଉଭୟ ଗୃହରେ ଅର୍ଥନୈତିକ ସର୍ଭେ ଉପସ୍ଥାପନ କରାଯିବ। ହେଲେ ଅଧିବେଶନ ଆରମ୍ଭରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ପାର୍ଲାମେଣ୍ଟର ସେଣ୍ଟ୍ରାଲ ହଲ୍‌ରେ ଲୋକ ସଭା ଏବଂ ରାଜ୍ୟ ସଭାର ଯୁଗ୍ମ ଅଧିବେଶନକୁ ଉଦ୍‌ବୋଧନ ଦେବେ। ରାଷ୍ଟ୍ରପତି ପଦ ଅଳଙ୍କୃତ କରିବା ପରେ ପାର୍ଲାମେଣ୍ଟରେ ଏହା ହେବ ତାଙ୍କର ପ୍ରଥମ ଉଦ୍‌ବୋଧନ। ବଜେଟ ଅଧିବେଶନର ପ୍ରଥମ ପର୍ଯ୍ୟାୟ ଫେବୃୟାରୀ ୧୦ ଶେଷ ହେବା ନେଇ ଯୋଜନା ଥିବାବେଳେ ଦ୍ୱିତୀୟ ପର୍ଯ୍ୟାୟ ମାର୍ଚ୍ଚ ୬ରୁ ଆରମ୍ଭ ହୋଇ ଏପ୍ରିଲ ୬ରେ ଶେଷ ହେବା ସମ୍ଭାବନା ରହିଛି। ପ୍ରଥମ ପର୍ଯ୍ୟାୟ ଅଧିବେଶନ ସମୟରେ ଉଭୟ ଗୃହରେ ରାଷ୍ଟ୍ରପତିଙ୍କ ଉଦ୍‌ବୋଧନକୁ ନେଇ ଧନ୍ୟବାଦ ପ୍ରସ୍ତାବ ଉପରେ ଆଲୋଚନା ହେବ। ଏହାପରେ କେନ୍ଦ୍ର ବଜେଟ ଉପରେ ସବିଶେଷ ଆଲୋଚନା ହେବ। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଧନ୍ୟବାଦ ପ୍ରସ୍ତାବ ସମ୍ପର୍କିତ ଆଲୋଚନାର ଉତ୍ତର ଦେବେ। ଅର୍ଥମନ୍ତ୍ରୀ ବଜେଟ୍ ଆଲୋଚନାର ଉତ୍ତର ରଖିବେ। ସେହିପରି ଦ୍ୱିତୀୟ ପର୍ଯ୍ୟାୟ ଅଧିବେଶନ ସମୟରେ ବିଭିନ୍ନ ମନ୍ତ୍ରଣାଳୟର ଅନୁଦାନ ଦାବି ଉପରେ ଆଲୋଚନା ହେବ। କେନ୍ଦ୍ର ବଜେଟ ଏବଂ ଏକ ଅର୍ଥ ବିଲ୍ ପାରିତ ହେବ।

## ଓସିଏସ୍ ପରୀକ୍ଷା...

ଏ ନେଇ ସର୍ବୋଚ୍ଚ ବୟସସୀମା ଅତିକ୍ରମ କରିଥିଲେ ମଧ୍ୟ ଆଶାୟୀ ପରୀକ୍ଷାର୍ଥୀ ପୁଣିଥରେ ପରୀକ୍ଷା ଦେଇପାରିବେ। ତେବେ ଭବିଷ୍ୟତରେ ଆଉ ଏଭଳି ସୁଯୋଗ ମିଳିବ ନାହିଁ। ଏନେଇ ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗ ପକ୍ଷରୁ ରିଜୋଲ୍ୟୁଶନ ଜାରି କରାଯାଇଛି।

ଏଠାରେ ସୂଚନାଯୋଗ୍ୟ, ପୂର୍ବରୁ ଓଡ଼ିଶା ସିଭିଲ ସର୍ଭିସ ପରୀକ୍ଷା ପ୍ରତ୍ୟେକ ବର୍ଷ ହେଉ ନ ଥିଲା। ଏହାଛଡ଼ା ୨୦୧୧ରୁ ୨୦୧୪ ମଧ୍ୟରେ ଓସିଏସ୍ ପରୀକ୍ଷା ବିଳମ୍ବ ହୋଇଥିଲା। ଏହା ପରେ ରାଜ୍ୟ ସରକାର ୟୁନିୟନ ପବ୍ଲିକ ସର୍ଭିସ କମିଶନ(ୟୁପିଏସ୍‌ସି) ପରୀକ୍ଷା ପଦ୍ଧତି ଭଳି ଓଡ଼ିଶାରେ ଓସିଏସ୍ ପରୀକ୍ଷା କରିବାକୁ ନିଷ୍ପତ୍ତି ନେଇଥିଲେ। ପରୀକ୍ଷା ବିଳମ୍ବ ହୋଇଥିବାରୁ ସରକାର ଓଡ଼ିଶା ସିଭିଲ ସର୍ଭିସ ପରୀକ୍ଷା ୨୦୧୬, ୨୦୧୭, ୨୦୧୮, ୨୦୧୯ ଏବଂ ୨୦୨୦ ପାଇଁ ସବୁ ବର୍ଗ ପ୍ରାର୍ଥୀଙ୍କ ସକାଶେ ସର୍ବାଧିକ ବୟସ ସୀମା ବୃଦ୍ଧି କରିଥିଲେ। ବୟସକୁ ନ ଦେଖି ଓସିଏସ୍ ପରୀକ୍ଷା-୨୦୨୨ ପାଇଁ ଆଉ ଏକ ସୁଯୋଗ ଦେବାକୁ ଆଶାୟୀମାନେ ସରକାରଙ୍କ ନିକଟରେ ଦାବି କରି ଆସୁଥିଲେ। ବହୁ ସଂଖ୍ୟାରେ ଆବେଦନ ମିଳିବା ପରେ ରାଜ୍ୟ ସରକାର ଆଶାୟୀଙ୍କୁ ଏଭଳି ସୁଯୋଗ ଦେଇଛନ୍ତି। ନିକଟରେ ଓଡ଼ିଆରେ ସିଭିଲ୍ ସର୍ଭିସ ପରୀକ୍ଷା ପାଇଁ ଅନୁମତି ପ୍ରଦାନ କରାଯାଇଛି।

ଆଉ ଏକ ସୁଯୋଗ ପାଇବା ପରେ ଆଶାୟୀମାନେ ଖୁସି ହେବା ସହିତ ପଢ଼ାପଢ଼ି ପାଇଁ ନିଜକୁ ପ୍ରସ୍ତୁତ କଲେଣି। ସମସ୍ତ ୩ଟି ସୁଯୋଗ ପରେ ଓଏଏସ୍ ପାଇବାରୁ ବଞ୍ଚିତ ହୋଇଥିବା ଆଶାୟୀ ପ୍ରାର୍ଥୀ ସୁଦର୍ଶନ ପ୍ରଧାନ କହିଛନ୍ତି, ସରକାରଙ୍କ ଏହି ନିଷ୍ପତ୍ତି ସ୍ୱାଗତଯୋଗ୍ୟ। ୟୁପିଏସ୍‌ସି ଭଳି ପ୍ରତ୍ୟେକ ବର୍ଷ ଓସିଏସ୍ ପରୀକ୍ଷା କରାଯାଉ ନ ଥିଲା। ଯଦ୍ୱାରା ମୋ ଭଳି ଅନେକ ଆଶାୟୀ କ୍ଷତି ସହିଛନ୍ତି। ଶେଷ ସୁଯୋଗ ମିଳିଥିବାରୁ ମୁଁ ବହୁତ ଖୁସି। ଏଥିପାଇଁ ଅଧିକ ପରିଶ୍ରମ କରିବାକୁ ପଡ଼ିବ ବୋଲି ସେ କହିଛନ୍ତି।

## ୟୁକ୍ରେନ୍ କ୍ଷେପଣାସ୍ତ୍ର...

ବ୍ଲଗରମାନେ ଦାବି କରିଛନ୍ତି। ଅପରପକ୍ଷରେ ରୁଷିଆ ପ୍ରତିରକ୍ଷା ମନ୍ତ୍ରଣାଳୟର ସୂଚନା ଅନୁଯାୟୀ ସେମାନଙ୍କର ଏକ ଅସ୍ଥାୟୀ ସେନା କ୍ୟାମ୍ପ ଉପରେ ୟୁକ୍ରେନ ୪ଟି ମିଶାଇଲ୍ ମାଡ଼ କରିଛି। ଏଥିରେ ୬୩ ସୈନ୍ୟ ପ୍ରାଣ ହରାଇଛନ୍ତି। ବିସ୍ଫୋରଣ ଯୋଗୁ ରୁଷିଆ ଅଧିକୃତ ଡୋନେସ୍କର ଆଞ୍ଚଳିକ ରାଜଧାନୀ ମାକିଭ୍‌କା ଟୁଇନ୍ ସିଟିରେ ଥିବା ଅସ୍ଥାୟୀ ବାରାକ ଧ୍ୱଂସ ହୋଇଯାଇଛି। ନୂଆବର୍ଷରେ ରୁଷିଆ ୟୁକ୍ରେନ୍ ଉପରେ ଘନ ଘନ ମିଶାଇଲ ମାଡ଼ କରିଥିଲା। ୟୁକ୍ରେନ୍‌ର ବେସାମରିକ ଭିତ୍ତିଭୂମିକୁ କ୍ରେମ୍‌ଲିନ୍ ଟାର୍ଗେଟ କରିଥିଲା। ଏଥିସହିତ ରୁଷିଆ କିଭ୍‌କୁ ୪୦ଟି ଡ୍ରୋନ୍ ଛାଡ଼ିଥିଲା। ସେଗୁଡ଼ିକୁ ଧ୍ୱଂସ କରିଦିଆଯାଇଥିବା କିଭ୍ ମେୟର ଭିଟାଲି କ୍ଲିସ୍‌କୋ କହିଛନ୍ତି।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ** – ଆଜି ରବିଙ୍କ ନକ୍ଷତ୍ରରେ ଚନ୍ଦ୍ର ଅର୍ଥ ଓ ବୈଷୟିକ ସୁଖ ସମୃଦ୍ଧି ଦିଗରେ ନୂତନ ପଦକ୍ଷେପ ନେଇପାରନ୍ତି। ପ୍ରଶାସନ, ପ୍ରକାଶନ, ଅଧ୍ୟୟନ ଓ ଅଧ୍ୟାପନା, ସାହିତ୍ୟ ଚର୍ଚ୍ଚା କ୍ଷେତ୍ରରୁ ଶୁଭଫଳ ମିଳିବ। ବ୍ୟବସାୟ ଓ ପରିବହନରେ ପ୍ରତିବନ୍ଧକର ସମ୍ମୁଖୀନ ହୋଇପାରନ୍ତି। ପରିବାରର ଅଭିଳଷିତ ଜିନିଷଟି ଆଜି ବିଳମ୍ବିତ ସମୟରେ ପାଇବେ।

**ବୃଷ** – ଆଜିର ଚନ୍ଦ୍ରମଙ୍ଗଳ ଯୋଗ ପ୍ରଭାବରେ ଅର୍ଥନୈତିକ ଅଭିବୃଦ୍ଧି ସାଙ୍ଗକୁ ସରଳ ସୁନ୍ଦର ବ୍ୟବହାରରେ ଅନ୍ୟମାନଙ୍କୁ ଆପ୍ୟାୟିତ କରିବେ। ଅତୀତର କୌଣସି ବିବାଦୀୟ ଘଟଣା ସମାଧାନ ଦିଗକୁ ମୁହାଁଇବ, କିନ୍ତୁ ପାରିବାରିକ ସ୍ଥିତି ଭଲ ରହି ନ ପାରେ। ବ୍ୟବସାୟ ଓ ପରିବହନ କ୍ଷେତ୍ରରୁ ଲାଭବାନ ହେବେ। କିନ୍ତୁ ସଂଘର୍ଷମୟ ସ୍ଥିତି ଲାଗି ରହିବ।

**ମିଥୁନ** – ଅଷ୍ଟମସ୍ଥ ଶନି ଓ ଶୁକ୍ରଜନିତ ଅର୍ଥ ସମ୍ବନ୍ଧୀୟ ବିବାଦର ସମ୍ମୁଖୀନ ହୋଇପାରନ୍ତି। ନିଜ ଲୋକମାନେ ଦୂରେଇ ରହିବା ହେତୁ ମନ ଅସ୍ଥିର ରହିବ। ସଭାସମିତିରେ ଅପ୍ରିୟ ସତ୍ୟ କହି ସମସ୍ୟାକୁ ଡାକି ଆଣିଲା ଭଳି କାମ କରିପାରନ୍ତି। କ୍ରୀଡ଼ା, କଳା, ସାହିତ୍ୟ, ପ୍ରକାଶନ ଓ ପ୍ରଶାସନିକ ସ୍ତରରେ ଉଚ୍ଚ ସମ୍ମାନ ପାଇବା ଆଶା ରହିଛି।

**କର୍କଟ** – କର୍ମକ୍ଷେତ୍ର ପୂର୍ଣ୍ଣ ସନ୍ତୋଷଜନକ ନ ହେଲେ ମଧ୍ୟ ଧୈର୍ଯ୍ୟଧାରଣପୂର୍ବକ ମାନସିକସ୍ଥିତି ବେଶ୍ ଭଲ ରହିବ। ଚନ୍ଦ୍ରଙ୍କ ଏକାଦଶ ସ୍ଥିତି ସ୍ୱାସ୍ଥ୍ୟୋନ୍ନତି, ଅର୍ଥଲାଭ, ନୂତନ ବନ୍ଧୁ ସମ୍ପର୍କ, ଫଳପ୍ରଦ ଆଲୋଚନା, ବୈଷୟିକ ସୁଖ, ସମୃଦ୍ଧି ପ୍ରଦାନ କରିବ। କିନ୍ତୁ ପାରିବାରିକ ସମସ୍ୟା ହେତୁ ଅନ୍ତର୍ଦ୍ୱନ୍ଦ୍ୱ କାରଣରୁ ଅନ୍ୟମନସ୍କ ରହିପାରନ୍ତି।

**ସିଂହ** – ରବି ଧର୍ମକର୍ମାଧିପଙ୍କ ସହ ଅବସ୍ଥାନ କରୁଥିବାରୁ ଲକ୍ଷ୍ୟ ହାସଲରେ ସଫଳ ହେବେ। ଉଚ୍ଚପଦସ୍ଥ ସରକାରୀ କର୍ମଚାରୀଙ୍କ ସହ ସାକ୍ଷାତକଲେ ଉପକୃତ ହେବେ। ଆତ୍ମୀୟଙ୍କୁ ସହମତି କରାଇବା ସକାଶେ କିଛିଟା ତ୍ୟାଗ ସ୍ୱୀକାର କରିବାକୁ ପଡ଼ିପାରେ। ଆନୁଷ୍ଠାନିକ, ବ୍ୟବସାୟିକ, ସାଂଗଠନିକ କାର୍ଯ୍ୟରେ ସନ୍ତୋଷଜନକ ଫଳ ମିଳିପାରିବ।

**କନ୍ୟା** – ଅନୁକୂଳ ଗ୍ରହ ସ୍ଥିତିରୁ ଆଜି ଯେଉଁ କାମରେ ହାତ ଦେବେ ସେଥିରେ ସଫଳତା ନିଶ୍ଚିତ। ପାରିବାରିକ କ୍ଷେତ୍ରରେ ଭୁଲ୍ ବୁଝାମଣା ଓ ମତାନ୍ତରକୁ କୌଶଳପୂର୍ଣ୍ଣ କଥା କହି ନିୟନ୍ତ୍ରଣ କରିପାରିବେ। ଆର୍ଥିକ କ୍ଷେତ୍ର ଭଲ ନ ଥିବାରୁ କୌଣସି ଜିନିଷ କିଣିପାରିବେ ନାହିଁ। ସାଧାରଣ ଭୁଲ୍‌ଜନିତ ଅଫିସ୍‌ରେ ଗୋଳମାଳିଆ ପରିସ୍ଥିତି ସୃଷ୍ଟି ହୋଇପାରେ।

**ତୁଳା** – ଅଷ୍ଟମସ୍ଥ ଚନ୍ଦ୍ର ଓ ରାଶିରେ କେତୁ ଥିବାରୁ ମାନସିକ ସ୍ଥିତି ଭଲ ରହିବ ନାହିଁ। ନିଜର ଅସଫଳତା ପଛରେ କୌଣସି ବନ୍ଧୁଙ୍କ ହାତରହିଥିବା ସନ୍ଦେହକରି ଅସନ୍ତୁଷ୍ଟ ରହିପାରନ୍ତି। କର୍ମକ୍ଷେତ୍ରରେ ପ୍ରତ୍ୟେକ ପ୍ରତିବନ୍ଧକକୁ ଦୂରେଇ ନେବାର ମନୋବଳ ବଳବତ୍ତର ରହିବ। ବ୍ୟବସାୟ, ପରିବହନ, ରାଜନୀତି, କଳା, ସାହିତ୍ୟ କ୍ଷେତ୍ରରେ ସମ୍ମାନ ପାଇବେ।

**ବିଛା** – ଏକାଧିକଗ୍ରହଙ୍କ ଶୁଭତ୍ୱ କାରଣରୁ କାର୍ଯ୍ୟସିଦ୍ଧି, ଶୁଭଖବର, ଅର୍ଥ ଓ ସମ୍ମାନ ଲାଭ କରିପାରିବେ। ଆପଣଙ୍କ ଯୁକ୍ତିଯୁକ୍ତ ବିଚାରଧାରାକୁ କର୍ମକ୍ଷେତ୍ରରେ ସହମତି ମିଳିବାରେ କୌଣସି ଅସୁବିଧା ରହିବ ନାହିଁ। ସ୍ତ୍ରୀଙ୍କୁ, ବ୍ୟବସାୟରେ ଅଂଶୀଦାରଙ୍କୁ, କଚେରି ମାମଲାରେ ମହକିଲଙ୍କୁ ସନ୍ତୁଷ୍ଟ କରିପାରିବେ ନାହିଁ।

**ଧନୁ** – ରାହୁ ପଞ୍ଚମଭାବରେ ରହିଥିବାରୁ ଆପଣଙ୍କ ଭୁଲ୍ ନିଷ୍ପତ୍ତି ଅଶାନ୍ତିକର ପରିସ୍ଥିତି ସୃଷ୍ଟି କରିବ। କିନ୍ତୁ ପରିବାରରେ, ଲୋକସମ୍ପର୍କ କ୍ଷେତ୍ରରେ, ସାଂଗଠନିକ ସ୍ତରରେ ଲକ୍ଷ୍ୟ ହାସଲ କରିବେ। ଅତୀତ ଘଟଣାକୁ ନେଇ ଅନିଷ୍ଟକର ବାତାବରଣ ସୃଷ୍ଟି କରିପାରନ୍ତି। କୌଣସି ଜିନିଷ ହରାଇ ତିରସ୍କାର ଶୁଣିବାକୁ ପଡ଼ିପାରେ।

**ମକର** – ଶନିଙ୍କ ଦୃଷ୍ଟିରେ ବୃହସ୍ପତି ଥିବାରୁ ସହକର୍ମୀ, ପଡ଼ୋଶୀ କିମ୍ବା ନିକଟରେ ରହୁଥିବା ବ୍ୟକ୍ତି ଦ୍ୱାରା କୌଣସି ସମସ୍ୟା ଆସିପାରେ। କାର୍ଯ୍ୟହାନିରୁ ଅସନ୍ତୋଷ, ମତାନ୍ତରରୁ ବନ୍ଧୁ ବିରୋଧ, ପ୍ରତିରୋଧଜନିତ କଳହର ସମ୍ମୁଖୀନ ହେବାକୁ ପଡ଼ିବ। ଖର୍ଚ୍ଚଭାର ବୃଦ୍ଧି ସହ ସ୍ତ୍ରୀଙ୍କ ସହ ମତାନ୍ତର ସୃଷ୍ଟି ହେବା ଆଶଙ୍କା ମଧ୍ୟ ରହିଛି।

**କୁମ୍ଭ** – ବକ୍ରୀ ମଙ୍ଗଳ ସହ କର୍ମାଧିପ ଚନ୍ଦ୍ରଙ୍କ ସଂଯୋଗରୁ କର୍ମକ୍ଷେତ୍ରରେ ସୁନାମ ଅର୍ଜନ କରିବେ। କିନ୍ତୁ ସାମୟିକ ଭାବରେ କୌଣସି ବ୍ୟକ୍ତିଙ୍କ ସହ କଳହ ଲାଗିପାରେ। ଶୁକ୍ର ଓ ଶନିଙ୍କ ସମ୍ପର୍କରୁ ପାରିବାରିକ କ୍ଷେତ୍ରରେ ସବୁ ଜାଣିଶୁଣି ନୀରବତା ଅବଲମ୍ବନ କରିବେ। ଅନ୍ୟମନସ୍କ ରହିବା ଦ୍ୱାରା କେତେକ ବ୍ୟତିକ୍ରମ ପରିଲକ୍ଷିତ ହୋଇପାରେ।

**ମୀନ** – ଭାଗ୍ୟସ୍ଥାନକୁ ଭାଗ୍ୟ ଓ ପଞ୍ଚମାଧିପଙ୍କ ଦୃଷ୍ଟି ସୌଭାଗ୍ୟର ସ୍ୱରୂପ ପ୍ରତ୍ୟେକ ପ୍ରକାର ଶୁଭଫଳ ପ୍ରାପ୍ତ ହେବେ। ଘରେ ବାହାରେ ସବୁଠି ସମ୍ମାନ ଓ ସଦିଚ୍ଛା ଊଣା ହେବ ନାହିଁ। ଆନୁଷ୍ଠାନିକ କାମରୁ ସମ୍ମାନ ଲାଭ ହେବ। ପରୋକ୍ଷ ଶତ୍ରୁତାକୁ ଭୁଲିଗଲେ ଚଳିବ ନାହିଁ। ବାଣିଜ୍ୟ, ବ୍ୟବସାୟ, ପରିବହନ ଓ ଜମିଜମା କାରବାରରେ ଲାଭବାନ୍ ହେବେ।

ଆଜି ପୌଷ ଶୁକ୍ଳ ଦ୍ୱାଦଶୀ ମଙ୍ଗଳବାର, ବୈଷ୍ଣବସମ୍ମତ ଜୟନ୍ତୀ ଏକାଦଶୀ ଉପବାସ, ଜାନୁୟାରୀ ୩ ତାରିଖ। ରାଶିନକ୍ଷତ୍ର-କୃତ୍ତିକା/ବୃଷ, ଦ୍ୱାଦଶୀର ଏକୋଦ୍ଦିଷ୍ଟ ଓ ପାର୍ବଣଶ୍ରାଦ୍ଧ। ପ୍ରାତଃ ଘ.୦୬।୨୫ ଗତେ, ଘ.୦୭।୦୯ ମଧ୍ୟେ, ଘ.୦୯।୦୮ ଗତେ, ଘ.୧୧।୨୯ ମଧ୍ୟେ ଶୁଦ୍ଧ ଶୁଭବେଳା। ଦିବା ଘ.୦୨।୩୩ ଗତେ, ଘ.୦୩।୫୪ ମଧ୍ୟେ ରାହୁକାଳ। ଯୋଗିନୀ ନୈଋତେ।

ଧରିତ୍ରୀ
DHARITRI
ଭୁବନେଶ୍ୱର, ମଙ୍ଗଳବାର, ୩ ଜାନୁୟାରୀ, ୨୦୨୩

ଆଧୁନିକ ମନୁଷ୍ୟର ସବୁକିଛି ସମସ୍ୟା ଓ ସଙ୍କଟର ପ୍ରତୀକ ପ୍ରତିନିଧି ହେଉଛି ଭାରତ। ଏହି ଭାରତରେ ହିଁ ଘଟିବ ଏକ ଅଭିନବ ଅଭ୍ୟୁଦୟ। ଏହି ଅଭ୍ୟୁଦୟ ହେବ ଏକ ଉଚ୍ଚତର ଓ ସତ୍ୟରେ ଜୀବନ ଆଡକୁ। -ଶ୍ରୀମା



# ବିମୁଦ୍ରୀକରଣ: ବିରୋଧୀ ଦାୟୀ

ଭାରତରେ ୮ ନଭେମ୍ବର ୨୦୧୬ରେ କେନ୍ଦ୍ର ସରକାରଙ୍କ ଦ୍ୱାରା ନିଆଯାଇଥିବା ବିମୁଦ୍ରୀକରଣ ନିଷ୍ପତ୍ତି ପ୍ରକ୍ରିୟାରେ କୌଣସି ତ୍ରୁଟି ନ ଥିଲା ବୋଲି ୨ ଜାନୁୟାରୀ ୨୦୨୩ରେ ସୁପ୍ରିମକୋର୍ଟ ରାୟ ଶୁଣାଇଛନ୍ତି। ସେତେବେଳେ ନରେନ୍ଦ୍ର ମୋଦିଙ୍କ ସରକାର ୧୦୦୦ ଏବଂ ୫୦୦ ଟଙ୍କିଆ ଦୁଇଟି କାଗଜଟଙ୍କାକୁ ଅଚଳ କରିଦେଇଥିଲେ। ଏଥିଲାଗି ଦେଶର ସର୍ବୋଚ୍ଚ ନୀତି ନିର୍ଦ୍ଧାରଣ ସଂସ୍ଥା ପାର୍ଲାମେଣ୍ଟକୁ ଜଣାଇ ଦିଆଯାଇ ନ ଥିଲା। ହଠାତ୍ ଏକ ଗେଜେଟ୍ ବିଜ୍ଞପ୍ତି ଜରିଆରେ ବୈଧ ନୋଟ୍‌କୁ ଅକାମୀ କରିଦିଆଯିବା ପରେ ସେତେବେଳେ ଦେଶବ୍ୟାପୀ ଚହଳ ପଡ଼ିଯାଇଥିଲା। ଟଙ୍କା ବଦଳାଇବାକୁ ଯାଇ ଅନେକ ଲୋକଙ୍କ ମୃତ୍ୟୁ ଘଟିଥିଲା। ଛୋଟବଡ଼ ବ୍ୟବସାୟ ସମ୍ପୂର୍ଣ୍ଣ ବନ୍ଦ ହୋଇଯାଇଥିଲା, ଯାହାକି ଆଜି ପର୍ଯ୍ୟନ୍ତ ଶଟର ଖୋଲିପାରୁ ନାହାନ୍ତି। ଦେଶୀ ଓ ବିଦେଶୀ ପର୍ଯ୍ୟଟକମାନେ ବିନା ଦୋଷରେ ପ୍ରବଳ ଦୁର୍ଦ୍ଦଶାର ସମ୍ମୁଖୀନ ହୋଇଥିଲେ। ଗ୍ରାମାଞ୍ଚଳରେ ବସବାସ କରୁଥିବା ଜନସାଧାରଣ ସେମାନଙ୍କ ଟଙ୍କା ବଦଳାଇପାରି ନ ଥିବାରୁ ବିଭାଘର, ବ୍ରତଘର ଭଳି ସାମାଜିକ କାର୍ଯ୍ୟରେ ଘୋର ବାଧା ସୃଷ୍ଟି ହୋଇଥିଲା। ସର୍ବୋଚ୍ଚରେ ପଡ଼ୋଶୀ ନେପାଳ, ଥାଇଲାଣ୍ଡ, ଶ୍ରୀଲଙ୍କା ଭଳି ଦେଶରେ ସେହି ୫୦୦ ଓ ୧୦୦୦ ଟଙ୍କିଆ ଭାରତୀୟ କାଗଜ ନୋଟ୍‌କୁ ସ୍ୱୀକାର କରିବା ବନ୍ଦ ହୋଇଗଲା, ଯାହାକି ଆଜି ପର୍ଯ୍ୟନ୍ତ ପୁନଃଆରମ୍ଭ ହୋଇପାରି ନାହିଁ। ମୋଟାମୋଟି ଭାରତୀୟ କାଗଜ ଟଙ୍କା ତା'ର ଦୀର୍ଘଦିନର ବିଶ୍ୱସନୀୟତା ହରାଇବସିଲା। ତେବେ ସରକାରଙ୍କ ନିଷ୍ପତ୍ତିକୁ ବିରୋଧ କରାଯାଇ ସୁପ୍ରିମକୋର୍ଟରେ ୫୮ଟି ପିଟିଶନ ଦାଏର କରାଯାଇଥିଲା। ଏବେ ସେହି ସଂକ୍ରାନ୍ତ ରାୟ ପ୍ରକାଶ ପାଇଥିବାରୁ ବିମୁଦ୍ରୀକରଣ ଓ ତା' ପରବର୍ତ୍ତୀ ସ୍ଥିତିକୁ ଅବଲୋକନ କରିବାର ଅବକାଶ ସୃଷ୍ଟି ହୋଇଛି।

ସର୍ବୋଚ୍ଚ ଅଦାଲତର ୫ ଜଣିଆ ପୀଠରେ ଜଷ୍ଟିସ୍ ଏସ୍. ଅବଦୁଲ ନାଜିର, ବି.ଆର୍. ଗଭାଇ, ଏ.ଏସ୍. ବୋପାନ୍ନା, ଭି. ରାମସୁବ୍ରମଣ୍ୟନ୍ ବିମୁଦ୍ରୀକରଣ ସପକ୍ଷରେ ରାୟ ଦେଇଥିବା ବେଳେ ଏକମାତ୍ର ମହିଳା ଜଜ୍ ବି.ଭି. ନାଗରତ୍ନା ସରକାରଙ୍କ ତ୍ରୁଟି ବିଷୟ ଦର୍ଶାଇ ମତ ରଖିଛନ୍ତି। ନାଗରତ୍ନା ଯୁକ୍ତି ଦର୍ଶାଇଛନ୍ତି ଯେ, ବିମୁଦ୍ରୀକରଣ ଲାଗି ସଂସଦର ସମ୍ମତି ନ ଥିଲା ବେଳେ ଗେଜେଟ ବିଜ୍ଞପ୍ତି ବଳରେ ସରକାର ଯେଉଁ ତରବରିଆ ନିଷ୍ପତ୍ତି ନେଇଥିଲେ ତାହା ବେଆଇନ ଥିଲା। ୫ ଜଣିଆ ପୀଠରେ ତାଙ୍କ ମତକୁ ସଂଖ୍ୟାଲଘୁ ଆଖ୍ୟା ଦିଆଯାଇପାରେ। କିନ୍ତୁ ଅନ୍ୟ ୪ ବିଚାରପତିଙ୍କ ସଂଖ୍ୟାଗରିଷ୍ଠ ମତ ଗଣତାନ୍ତ୍ରିକ ପ୍ରକ୍ରିୟାରେ ଗ୍ରହଣଯୋଗ୍ୟ ହେଉଥିଲେ ମଧ୍ୟ ଦେଶ ହିତ ବିରୋଧୀ ବୋଲି ଅନେକେ କହିବା ଆରମ୍ଭ କଲେଣି। କାରଣ ବିମୁଦ୍ରୀକରଣ ବେଳର ଯନ୍ତ୍ରଣା ଅନୁଭବ କରିଥିବା ଦେଶବାସୀ କଦାପି ସେହି ସମୟକୁ ଭୁଲିପାରିବେ ନାହିଁ। ଏଠାରେ ଉଲ୍ଲେଖଯୋଗ୍ୟ ଯେ, ଅନ୍ୟ କୌଣସି ଦେଶରେ ଜଣେ ବ୍ୟକ୍ତି, ଯେତେ ଶକ୍ତିଶାଳୀ ହୁଅନ୍ତୁ ପଛେ, ଏକାକୀ ଏଭଳି ଏକ ଗୁରୁତ୍ୱପୂର୍ଣ୍ଣ ଅର୍ଥନୈତିକ ନିଷ୍ପତ୍ତି ନିଅନ୍ତି ନାହିଁ। କିନ୍ତୁ ସେତେବେଳେ ଏହାକୁ ଧନୀ ବିରୋଧୀ ଏବଂ ଗରିବ ସପକ୍ଷବାଦୀ ଧ୍ୱନି ଦେଇ ଦେଶବାସୀଙ୍କୁ ଭାଲୁ ଧରାଇ ଦିଆଗଲା। ନିଃସନ୍ଦେହରେ କହିହେବ ଯେ, ଭାଜପା ଏହି ଗୋଟିଏ ପଦକ୍ଷେପ ଯୋଗୁ ଉତ୍ତରପ୍ରଦେଶ ନିର୍ବାଚନ ଜିଣିପାରିଥିଲା।

ଭାରତୀୟ ଅର୍ଥନୀତି ନଗଦ ଉପରେ ପର୍ଯ୍ୟବସିତ ହୋଇଥିବାରୁ ଛୋଟିଆ ବେପାରୀଙ୍କଠାରୁ ଆରମ୍ଭକରି ମଧ୍ୟମଧରଣର ଶିଳ୍ପ ସଂସ୍ଥା ଦୈନନ୍ଦିନ ଖର୍ଚ୍ଚ ମେଣ୍ଟାଇବା ଲାଗି ୧୦୦୦ ଓ ୫୦୦ ଟଙ୍କିଆ ବଡ଼ ନୋଟ୍‌କୁ ନିଜ ପାଖରେ ସାଇତି ରଖିଥିଲେ। କେନ୍ଦ୍ର ସରକାରଙ୍କ ଅଚାନକ ନିଷ୍ପତ୍ତି ଯୋଗୁ ନିର୍ଦ୍ଧାରିତ ସମୟରେ ସେମାନେ ସବୁତକ ଟଙ୍କାକୁ ବଦଳାଇବାରେ ସକ୍ଷମ ନ ହେବାରୁ ବଡ଼ କ୍ଷତିର ସମ୍ମୁଖୀନ ହୋଇଥିଲେ। ଏହା ଜଣାଶୁଣା ଯେ, ଦେଶର ନିଯୁକ୍ତି ବଜାର ଚାହିଦାକୁ ସରକାରୀ ସଂସ୍ଥା ଓ ବୃହତ୍ କର୍ପୋରେଟ୍ ହାଉସ୍ ମେଣ୍ଟାଇପାରି ନ ଥାନ୍ତି। ତେଣୁ କ୍ଷୁଦ୍ର ଓ ମଧ୍ୟମ ଧରଣର ବ୍ୟବସାୟିକ ପ୍ରତିଷ୍ଠାନରେ ବହୁ ଲୋକ ନିଯୁକ୍ତି ପାଇ ନିଜ ପରିବାର ସହ ଦେଶର ଅର୍ଥନୀତିକୁ ସମୃଦ୍ଧ କରିଥାଆନ୍ତି। ବିମୁଦ୍ରୀକରଣ ମାଡ଼ ଏହିସବୁ ସଂସ୍ଥା ଉପରେ ପଡ଼ିବାରୁ ସେମାନେ ଉଧେଇ ପାରୁନାହାନ୍ତି। ଆଜି ମଧ୍ୟ ତାହାର କୁପ୍ରଭାବ ନିଯୁକ୍ତି ସୁଯୋଗ ଅଭାବରେ ପ୍ରତିଫଳିତ ହେଉଛି। ଯାହା ହେଉଛି ତାହା ହୋଇଚାଲୁ। କାରଣ ସୁପ୍ରିମକୋର୍ଟଙ୍କ ଅବାଞ୍ଛିତ ରାୟକୁ କୌଣସି ଭାବେ ସମାଲୋଚନା କଲେ ତାହା ନ୍ୟାୟ ବ୍ୟବସ୍ଥାର ମାନ ହ୍ରାସ କରିଦେବାର ଆଶଙ୍କା ରହିଛି। ଦେଶବାସୀ କେବଳ ସରକାରଙ୍କୁ ଡରୁନାହାନ୍ତି, ନ୍ୟାୟାଳୟର କଣ୍ଟେମ୍ପ୍‌ଟକୁ ଯଥେଷ୍ଟ ପରିମାଣରେ ଭୟ କରୁଛନ୍ତି।

କଳାଧନ ନିୟନ୍ତ୍ରଣ, ନକଲି ମୁଦ୍ରା ପ୍ରସାରଣ ଉପରେ ରୋକୋ ଲାଗିବା ଏବଂ ଆତଙ୍କବାଦୀଙ୍କୁ ବେଆଇନ ଭାବେ ହେଉଥିବା ପାଣ୍ଠି ଯୋଗାଣ ବନ୍ଦ ହୋଇଯିବା ଲକ୍ଷ୍ୟ ରଖି ସରକାର ବିମୁଦ୍ରୀକରଣ ଆଣିଲେ ବୋଲି କହିଥିଲେ। ହେଲେ ଏହାର ୬ ବର୍ଷ ପରେ ମଧ୍ୟ ଉପରଲିଖିତ ଘଟଣାରେ ପରିବର୍ତ୍ତନ ଆସିପାରି ନାହିଁ। ୨ ଜାନୁୟାରୀରେ ଜମ୍ମୁ ଓ କଶ୍ମୀରରେ ଉଗ୍ରପନ୍ଥୀଙ୍କ ଦ୍ୱାରା ବୋମା ଫୁଟାଯାଇ ପ୍ରାୟ ୪ ସାଧାରଣ ନାଗରିକଙ୍କୁ ହତ୍ୟା କରାଯାଇଥିବା ବେଳେ ୬ ଜଣ ଆହତ ହୋଇଛନ୍ତି। ଏବେ ଆଉ ଏକ ବିଷୟ ଜନସାଧାରଣ ଅନୁଭବ କରିପାରୁଥିବେ। ୧୦୦୦ ଟଙ୍କିଆ ଓ ୫୦୦ ଟଙ୍କିଆ ପୁରୁଣା ନୋଟ୍ ବଦଳରେ ସେତେବେଳେ ୨,୦୦୦ ଓ ୫୦୦ ଟଙ୍କିଆ ନୂଆ କାଗଜ ଟଙ୍କା ବଜାରକୁ ଆସିଥିଲା। ହେଲେ ଲୋକେ ବଜାରରେ ଏବେ ଗୋଲାପି ରଙ୍ଗର ସେହି ୨,୦୦୦ ଟଙ୍କିଆ ନୋଟ୍ ଦେଖିବାରୁ ବଞ୍ଚିତ ହେଉଛନ୍ତି। ଗ୍ରାହକ ବ୍ୟାଙ୍କରେ ସେହି ଟଙ୍କା ଖୋଜୁଥିଲା ବେଳେ ଉତ୍ତର ମିଳୁଛି ଯୋଗାଣ ବନ୍ଦ ହୋଇଛି। ତେବେ ସେତେବେଳେ ଯେତେ ପରିମାଣରେ ୨,୦୦୦ ଟଙ୍କିଆ ଆସିଥିଲା ତାହା କେଉଁଠି ଛପି ରହିଛି ସରକାରଙ୍କୁ ଭଲ ଭାବେ ଜଣାଥିବ। ଗୋଟେ ପଟେ କଳାଧନ ସୃଷ୍ଟି କରିବା ଲାଗି ସରକାର ସୁଯୋଗ ଦେଉଥିବା ବେଳେ ଅନ୍ୟପଟେ ସ୍ୱଚ୍ଛ ଅର୍ଥନୈତିକ ବ୍ୟବସ୍ଥା ବିଷୟରେ ବଡ଼ ଭାଷଣ ଦିଆଯାଉଛି। ସରକାରଙ୍କ ଉଦ୍ୟମକୁ କେହି ଖୁଣିଲେ ସିବିଆଇ, ଇଡି, ଆୟକର ଭଳି କେନ୍ଦ୍ରୀୟ ଯାଞ୍ଚ ସଂସ୍ଥା ହାତଧୋଇ ପଛରେ ପଡ଼ିଯିବେ। ସେଥିପାଇଁ ଏଠାରେ ଆମେ ସରକାର ବିରୋଧରେ କହୁନାହୁଁ। ସମସ୍ତେ ହୃଦ୍‌ବୋଧ କରୁଛନ୍ତି ଯେ, ବିମୁଦ୍ରୀକରଣ ଦ୍ୱାରା ଘଟିଥିବା ଅପୂରଣୀୟ କ୍ଷତି ଯୋଗୁ ଆଜି ଦେଶ ଯେଉଁଭଳି ଭାବେ ପଛରେ ପଡ଼ିଯାଇଛି, ସେଥିପାଇଁ ପାକିସ୍ତାନ ସରକାର ଓ ଭାରତରେ ଅଣଭାଜପା ଦଳଗୁଡ଼ିକ କେବଳମାତ୍ର ଦାୟୀ।

# ଭୋରା ସାଗରର ମା'



ଶୈଳେନ୍ଦ୍ର ଦ୍ୱିବେଦୀ

ପାଠକେ, ୨୪ ମାର୍ଚ୍ଚ ୨୦୨୦ ରାତି ୮ ଟାରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଦୂରଦର୍ଶନରେ ଘୋଷଣା କରିଥିଲେ, କରୋନା ସଂକ୍ରମଣକୁ ରୋକିବା ଉଦ୍ଦେଶ୍ୟରେ ମଧ୍ୟରାତ୍ରିଠାରୁ (ମାର୍ଚ୍ଚ ୨୪) ସାରା ଦେଶରେ ଲକ୍‌ଡାଉନ ଜାରି ହେବ। ଦୋକାନ ବଜାର ଓ ଗାଡ଼ିମୋଟର ଚଳାଚଳ ବନ୍ଦ ରହିବ, ଜରୁରୀ ସେବାକୁ ବାଦ୍ ଦେଇ। ମୋଦି କହିଥିଲେ, କେବଳ ପ୍ରଧାନମନ୍ତ୍ରୀ ଭାବରେ ନୁହେଁ, ୧.୩୮ ବିଲିୟନ ଦେଶବାସୀଙ୍କ ପରିବାରର ଜଣେ ବରିଷ୍ଠ ସଦସ୍ୟ ହିସାବରେ ସେ ଏଇ ନିଷ୍ପତ୍ତି ନେଇଛନ୍ତି। ଭାରତରେ ଏଇ ଘୋଷଣାର ୨୪ ଘଣ୍ଟା ନ ପୂରୁଣୁ ଏକ ଅଭାବନୀୟ ଦୃଶ୍ୟ ଦେଖିବାକୁ ମିଳିଥିଲା। ମୁଣ୍ଡରେ ଗଣ୍ଠିଲି ବୋହି, କାଖରେ ଛୋଟ ପିଲାଙ୍କୁ କାଖେଇ ଲକ୍ଷ ଲକ୍ଷ ଦାଦନ ଶ୍ରମିକ ନିଜ ଘରମୁହାଁ ହେଲେ। ଖ୍ୟାତନାମା ଔପନ୍ୟାସିକା ଏବଂ ସାମାଜିକ କର୍ମୀ ଅରୁନ୍ଧତୀ ରାୟ ସେତେବେଳେ ଲେଖିଥିଲେ, ରାସ୍ତାରେ ଲକ୍ଷ ଲକ୍ଷ ବୁଭୁକ୍ଷୁଙ୍କ ପଟୁଆର ଆମକୁ ମନେପକାଇ ଦେଉଥିଲା ଭାରତ ପାକିସ୍ତାନ ବିଭାଜନ ସମୟର ଦୃଶ୍ୟ। ସାରା ବିଶ୍ୱ ନୁହେଁ, ଖୋଦ୍ ଆମ ସରକାର ଆଶ୍ଚର୍ଯ୍ୟ ହେଲେ ଯେ ଏକବିଂଶ ଶତାବ୍ଦୀର ଏକ ଅଗ୍ରଣୀ ଅର୍ଥନୀତିରେ ପ୍ରକୃତ ସ୍ଥିତି ଏମିତି ହୃଦୟ ବିଦାରକ ହୋଇପାରେ ! ନା ସ୍ଥିରତା ଏଠି ନିଯୁକ୍ତିର, ନା ରୋଜଗାରର, ନା ଦୁଇବେଳା ଦାନାର। ସ୍ଥିରତା ଥିଲା ତ କେବଳ ଅନିଶ୍ଚିତତାର।

କେଇଦିନ ତଳେ ପଦ୍ମପୁର ଉପନିର୍ବାଚନ ବେଳେ ହଠାତ୍ ମନେହେଇଥିଲା ଅର୍ଥନୀତି , ରାଜନୀତି ଓ ସମାଜ ନୀତିର ସବୁ ପରୀକ୍ଷା ନିରୀକ୍ଷା ପଦ୍ମପୁର ମୁହାଁ ହୋଇଛି। ଆଉ ସେତିକିବେଳେ ଗଣମାଧ୍ୟମ ସୌଜନ୍ୟରୁ ପଦ୍ମପୁର ଦାଦନ ସମସ୍ୟା ଉପରେ କିଛି ସମୟ ପାଇଁ ଆଲୋଚନା ଉଷ୍ମ ହୋଇଥିଲା। ଜଣେ ସାମ୍ବାଦିକ ପାଇକମାଳଠୁ କିଛି ଦୂରରେ ଗୋଟିଏ ଗାଁରେ ଆବିଷ୍କାର କରିଥିଲେ ଏକ ଝଟିମାଟି ଘରର ବାରଣ୍ଡାରେ ବସିଥିବା ଜଣେ ବୃଦ୍ଧାଙ୍କୁ। ଭୋରା ସାଗରର ମା'। ବୃଦ୍ଧା କହିଲେ, ସ୍ୱାମୀ କେଇବର୍ଷ ହେବ ଆଖି ବୁଜିଦେଇଛନ୍ତି। ପୁଅ ବୋହୂ ଦାଦନ ଖଟିବାକୁ ବାହାରକୁ ଯାଇଛନ୍ତି। ସେମାନଙ୍କ ସାଙ୍ଗରେ ବର୍ଷକର ନାତି। ୨/୩ ମାସରେ ୪୦୦/୫୦୦ ଟଙ୍କା ପଠାନ୍ତି। ଏଣେ ନିର୍ବାଚନ ପ୍ରଚାରରେ ମସ୍‌ଗୁଲ ତୁଙ୍ଗନେତାମାନେ ଦାଦନ ସମସ୍ୟାକୁ ନେଇ ପରସ୍ପର ଉପରେ କାଦୁଅ ଫିଙ୍ଗିବାରେ ବ୍ୟସ୍ତ ଥିଲେ। ପରିସ୍ଥିତିକୁ ସାମାନ୍ୟ ସମ୍ବେଦନଶୀଳ କରି ବରତୁଣ୍ଡା ଗ୍ରାମପଞ୍ଚାୟତର ଜଣେ ମହିଳା ସେଇ ସମୟରେ କହିଲେ ଯେ ୧୦ ବର୍ଷ ହେବ ସେ ବିବାହ ତ କରିଛନ୍ତି, କିନ୍ତୁ ତାଙ୍କ ସ୍ୱାମୀ ରାଜମୋହନ ଅଧିକାଂଶ ସମୟ ଦାଦନ ଖଟିବା ପାଇଁ ରାଜ୍ୟ ବାହାରେ। ଆଉ ଦାମ୍ପତ୍ୟ ଜୀବନ କ'ଣ! ରାଜ୍ୟରେ ଅନ୍ତତଃ ୧୧ଟି ଜିଲା ଦାଦନ ପ୍ରବଣ : ବଲାଙ୍ଗୀର, ନୂଆପଡ଼ା, କଳାହାଣ୍ଡି, ସୋନପୁର , ବରଗଡ଼, କୋରାପୁଟ, ଗଜପତି, ମାଲକାନଗିରି, ଗଞ୍ଜାମ, ରାୟଗଡ଼ା ଓ ନବରଙ୍ଗପୁର। କିଛି ଜିଲା ପାଇଁ ସରକାର ପାଇଲଟ ପ୍ରୋଜେକ୍ଟ ହାତକୁ ନେଇଛନ୍ତି। ଏମ୍‌ଜିଏନ୍‌ଆର୍‌ଜିଏ ସମେତ ଅନ୍ୟାନ୍ୟ ଯୋଜନାରେ ଜୀବିକା ପାଇଁ ବ୍ୟବସ୍ଥା ହୋଇଛି। ତଥାପି ସମସ୍ୟାର ସମାଧାନ ନାହିଁ। ଏକ ସର୍ଭେ ଅନୁସାରେ ଜିଲାଗୁଡ଼ିକରୁ ୧୮ରୁ ୩୧ ପ୍ରତିଶତ ପରିବାରରୁ ଅନ୍ତତଃ ଜଣେ ଦାଦନ ଖଟିବାକୁ ବାହାରକୁ ଯାଆନ୍ତି। ଏହା ସାମୟିକ ନିଯୁକ୍ତି, ତେବେ ଇଟାଭାଟି ହେଉ ବା ନିର୍ମାଣ କାର୍ଯ୍ୟ, ପ୍ରବାସରେ ଖଟିବା ୬ ମାସରୁ କମ୍ ନୁହେଁ।



ଆମ ରାଜ୍ୟରେ ଅବିକଳ ଦାଦନ ଶ୍ରମିକଙ୍କ ସଂଖ୍ୟା କେତେ ସେଇ ତଥ୍ୟ ସରକାରଙ୍କ ପାଖରେ ନାହିଁ। ପ୍ରବାସୀ ଶ୍ରମିକଙ୍କ ସୁରକ୍ଷା ନେଇ ସରକାର ଅନ୍ୟ ରାଜ୍ୟଗୁଡ଼ିକ ସହିତ ରାଜିନାମା କରିଛନ୍ତି, ତେବେ ଏହା ସମସ୍ୟାର ସମାଧାନ ନୁହେଁ। ଏକାଧିକ ଅଧ୍ୟୟନ ସୂଚେଇ ସାରିଛି ଯେ ଓଡ଼ିଶା ବାଦ୍ ଉତ୍ତରପ୍ରଦେଶ, ବିହାର, ପଶ୍ଚିମବଙ୍ଗରେ ଦାଦନ ସମସ୍ୟା ଗମ୍ଭୀର। ରାଜସ୍ଥାନ, ମଧ୍ୟପ୍ରଦେଶ ଏବଂ ଝାଡ଼ଖଣ୍ଡରୁ ପ୍ରବାସକୁ ଯାଉଥିବା ଶ୍ରମିକଙ୍କ ସଂଖ୍ୟା ମଧ୍ୟ କମ୍ ନୁହେଁ। ବିଭିନ୍ନ ରାଜ୍ୟରେ କରୋନା ସମୟରେ ଦାଦନ ଶ୍ରମିକମାନଙ୍କୁ ବିକଳ୍ପ ଜୀବିକା ଯୋଗାଇଦେବା ପାଇଁ ଉଦ୍ୟମ ତ ହୋଇଥିଲା, ତେବେ ପରିଣତି ଉତ୍ସାହଜନକ ନ ଥିଲା।

ଯେତେବେଳେ ଭାରତ ସରକାରଙ୍କ ନିଦ ଭାଙ୍ଗିଲା ଯେ, ଅସଂଗଠିତ / ଅନିୟମିତ କ୍ଷେତ୍ରରେ କାମ କରୁଥିବା ଶ୍ରମିକମାନଙ୍କ ତଥ୍ୟ କୌଣସି ବିଭାଗରେ ନାହିଁ, ସ୍ଥିର ହେଲା ଯେ ଦାଦନ ଶ୍ରମିକଙ୍କର ସର୍ବଭାରତୀୟ ସର୍ଭେ କରାଯିବ। ଦାୟିତ୍ୱ ଅର୍ପଣ ହେଲା ଲେବର ବ୍ୟୁରୋକୁ। ପ୍ରବନ୍ଧ ଲେଖିଲା ବେଳକୁ ଯାହା ଖବର, ସର୍ଭେ ସରିନାହିଁ। କିନ୍ତୁ କେନ୍ଦ୍ର ସରକାର ପ୍ରେସ୍ ବିଜ୍ଞପ୍ତିରେ ଦର୍ଶାଇଛନ୍ତି, କରୋନା ପ୍ରକରଣରେ ୪୩୭୮.୪୪ କୋଟି ଟଙ୍କାର ଆର୍ଥିକ ସହାୟତା ପ୍ରବାସୀ ଶ୍ରମିକମାନଙ୍କୁ ଦିଆଯାଇଛି, ସେମାନଙ୍କ ଇପିଏଫ୍ ଆକାଉଣ୍ଟ ମାଧ୍ୟମରେ। ଏହାବାଦ ପ୍ରଧାନମନ୍ତ୍ରୀ ଗରିବ କଲ୍ୟାଣ ଯୋଜନା ଏବଂ ଅନ୍ୟାନ୍ୟ ଯୋଜନାରେ ସେମାନଙ୍କୁ ସହାୟତା ମିଳିଛି। ପାଠକେ, ପଶ୍ଚିମ ଓଡ଼ିଶାର ୭ଟି ଜିଲା (ବରଗଡ଼, ସମ୍ବଲପୁର, ବଲାଙ୍ଗୀର, ଝାରସୁଗୁଡ଼ା, ସୁନ୍ଦରଗଡ଼, ସୋନପୁର ଏବଂ ଦେବଗଡ଼) ରେ ସମ୍ବଲପୁର ବିଶ୍ୱବିଦ୍ୟାଳୟ ତରଫରୁ କରାଯାଇଥିବା ଏକ ଅଧ୍ୟୟନ ଗତବର୍ଷ ଇଙ୍ଗିତ କରିଛି ଯେ ସର୍ଭେଭୁକ୍ତ ୧୯.୮ ପ୍ରତିଶତ ପ୍ରବାସୀ ପରିବାରଙ୍କ ମାସିକ ଆୟ ୧୦,୦୦୦ ଟଙ୍କା ହୋଇଥିବା ବେଳେ ୫୮.୬ ପ୍ରତିଶତ ପ୍ରବାସୀ ରୋଜଗାର କରନ୍ତି ମାସକୁ ୧୦,୦୦୦ ରୁ ୧୫,୦୦୦ ଟଙ୍କା। ୪୧ ପ୍ରତିଶତ ସର୍ଭେଭୁକ୍ତ ପରିବାରଙ୍କ ମତ, ସେମାନଙ୍କ ସ୍ଥିତିରେ ଖାସ୍ କିଛି ଉନ୍ନତି ନାହିଁ। 'ମାଇଗ୍ରେସନ ଇନ୍ ଇଣ୍ଡିଆ ୨୦୨୦-୨୧' ରିପୋର୍ଟ ମୁତାବକ ୫୧.୬ ପ୍ରତିଶତ ଗ୍ରାମାଞ୍ଚଳ ବାସିନ୍ଦା ରୋଜଗାର ପାଇଁ ଗାଁ ଛାଡ଼ିଥିଲେ। ୨୦୧୧ ଜନଗଣନା ତଥ୍ୟ ଅନୁସାରେ ପ୍ରାୟ ୪୫.୬ କୋଟି ଥିଲେ ଦାଦନ / ପ୍ରବାସୀ ଶ୍ରମିକ। ତେବେ ଏହା ନିର୍ଭରଯୋଗ୍ୟ ବିଶ୍ଳେଷଣ ନୁହେଁ, କାରଣ ୪୫.୬ କୋଟି ଶ୍ରମିକ ଜୀବିକା ପାଇଁ ଗ୍ରାମାଞ୍ଚଳରୁ ବାହାରକୁ ତ ଆସୁଥିଲେ, ତେବେ ସେମାନେ ରାଜ୍ୟ ବାହାରକୁ ଯାଉଥିଲେ ନା ନାହିଁ, ଦେଶ ବାହାରକୁ କେତେ ଯାଇଥିଲେ ସେ ବାବଦରେ ତଥ୍ୟ ନାହିଁ। ଅନ୍ୟାନ୍ୟ ସୂତ୍ର ମୁତାବକ ଭାରତରେ ଦାଦନ ଶ୍ରମିକ ସଂଖ୍ୟା ୭୦ ରୁ ୧୯୫ ନିୟୁତ। ତଥ୍ୟ ଅନୁସାରେ (ସରକାରୀ ନୁହେଁ) ଓଡ଼ିଶାରେ ପ୍ରବାସୀ ଶ୍ରମିକଙ୍କ ସଂଖ୍ୟା ୨.୫ ନିୟୁତରୁ କମ୍ ନୁହେଁ। ୨୦୨୦ ରେ 'ସେଣ୍ଟର ଫର୍ ମନିଟରିଂ ଇଣ୍ଡିଆନ ଇକୋନୋମି'(CMIE) ବିଶ୍ଳେଷଣ ଅନୁସାରେ ଓଡ଼ିଶାରେ ବେରୋଜଗାରୀ ହାର ଥିଲା ୨୩.୮ ପ୍ରତିଶତ। ଭୋରା ସାଗରର ମା' ପୁଅ ବୋହୂଙ୍କ ଅପେକ୍ଷାରେ ଅଛି। ଆଖିରେ ଉଦ୍ଦୀପନା ନାହିଁ। ଆଶା ନାହିଁ। ସବୁ ଦେହସୁହା ହୋଇଗଲାଣି। ଆଖି ବୁଜିବା ଯାହା ବାକି ଅଛି !

ମୋ:୯୪୩୭୧୩୭୦୬୦
sailendradwivedi@gmail.com

# ମଣିଷ କ'ଣ ବାରମାସୀ ଚଢ଼େଇ



ଇଂ. ମୁରଲୀଧର ହୋତା

ଆମେ ସାଧାରଣତଃ ପୁତ୍ରକୁ ପିତାଙ୍କର ପ୍ରତିଛବି ଭାବରେ ମାନି ନେଇଥାଉ। ଏହାର କାରଣ ହେଲା ପିତା-ମାତାଙ୍କର ଗୁଣସୂତ୍ରର ପ୍ରଭାବରୁ ପୁତ୍ରର ଜନ୍ମ। ତେଣୁ ପୁତ୍ରର ରୂପକୁ ଆମେ କହିଥାଉ ପିତୃମାତୃ ପ୍ରଦତ୍ତ ଏବଂ ଈଶ୍ୱର ପ୍ରଦତ୍ତ ମଧ୍ୟ। କନ୍ୟାମାନଙ୍କ କ୍ଷେତ୍ରରେ ସେହିଭଳି। ଜନ୍ମଲାଭ ପରଠାରୁ ହେତୁ ପାଇବା ପର୍ଯ୍ୟନ୍ତ ଜନ୍ମଦାତ୍ରୀ ମା' ହିଁ ଆମ ଶରୀରର ଯତ୍ନ ନେଇଥାନ୍ତି। ତା'ପରେ କ୍ରମେ ଆମେ ନିଜେ ନିଜ ଶରୀରର ଯତ୍ନ ନେଇଥାଉ। କାରଣ 'ଶରୀର ଆଦ୍ୟଂ ଖଳୁଧର୍ମ ସାଧନମ୍' ଅର୍ଥାତ୍ ଶରୀର ହେଉଛି ଆଦ୍ୟ ମୂଳାଧାର। ଶରୀର ସୁସ୍ଥ, ସବଳ, ନୀରୋଗ ରହିଲେ ଆମେ ତାହାରି ମାଧ୍ୟମରେ ସ୍ୱଧର୍ମ, ସ୍ୱକର୍ମ ଏପରି କି ମୋକ୍ଷପ୍ରାପ୍ତି ମଧ୍ୟ ହାସଲ କରିପାରିଥାଉ।

କିନ୍ତୁ ମଣିଷର ରୂପ ଏବଂ ସ୍ୱରୂପ, ଦୁଇଟି ଏକା କଥା ନୁହେଁ। ମଣିଷ ବାହ୍ୟରୂପକୁ ସଜେଇହୁଏ ମୁଖ୍ୟତଃ ଅନ୍ୟମାନଙ୍କ ଦୃଷ୍ଟିପଥାରୂଢ଼ ହୋଇ ନିଜର ଆତ୍ମପ୍ରଚାର କରିବା ପାଇଁ ଯଥା- ସେ ଜଣେ ସଭ୍ୟ, ଶିକ୍ଷିତ, ଉଚ୍ଚକୁଳସମ୍ଭୂତ, ଧନାଢ୍ୟ, ଆଧ୍ୟାତ୍ମବାଦୀ, ସାମ୍ୟବାଦୀ ଏବଂ ସବ୍‌ଜାନ୍ତା ଆଦ୍‌ମୀ। ଭିତରେ କିନ୍ତୁ ସ୍ୱରୂପ ସେମିତି ନ ଥାଏ। କିଛି ଲୋକ ଅଛନ୍ତି ରୂପରେ ସଜେଇ ନ ହୋଇ ମଧ୍ୟ ସେମାନଙ୍କର ସ୍ୱରୂପ ଖୁବ୍ ଉଚ୍ଚକୋଟୀର। ରୂପ ଅପେକ୍ଷା ସ୍ୱରୂପର ଗୁରୁତ୍ୱ ସବୁବେଳେ ଅଧିକ। ରୂପ ସଜେଇବାକୁ ଦାମୀ ପୋଷାକପତ୍ର, ବିଭିନ୍ନ ଆଭୂଷଣ ତଥା ପ୍ରସାଧନ ସାମଗ୍ରୀର ଆବଶ୍ୟକ ପଡ଼େ। କିନ୍ତୁ ସ୍ୱରୂପ ସଜେଇହୁଏ ସତ୍ୟ, ଶାନ୍ତି, ଦୟା, କ୍ଷମା, କରୁଣା, ପ୍ରେମ, ପରୋପକାର, ମୈତ୍ରୀଭାବ ଏବଂ କୃତଜ୍ଞତା ଭଳି ଅନ୍ତର୍ନିହିତ ସଦ୍‌ଗୁଣରେ। ପରିବେଶ, ପରିସ୍ଥିତିକୁ ଦେଖି ଜଣେ ରୂପ ବଦଳାଇପାରେ। ମାତ୍ର ଜଣଙ୍କର ସ୍ୱରୂପ ପ୍ରାୟତଃ ସ୍ଥିର ଥାଏ। କିନ୍ତୁ ଆଜିକାଲିର ଧୂର୍ତ୍ତ ଲୋକମାନେ ବାରମାସୀ ଚଢ଼େଇ ଭଳି ପରିସ୍ଥିତିକୁ ଦେଖି ନିଜର ସ୍ୱାର୍ଥ ସାଧନ ପାଇଁ ରୂପ ବଦଳାଇବା ସହିତ ସ୍ୱରୂପକୁ ମଧ୍ୟ ବଦଳାଇ ପାରୁଛନ୍ତି। ଏହାକୁ ଆମେ ବିପରୀତ ଆଚରଣ ମଧ୍ୟ କହିପାରିବା। ଏହି ବିପରୀତ ଆଚରଣ ଯୋଗୁ ଆମ ସମାଜ ଜୀବନ ଆଜି ବିପନ୍ନ। ଏହି ବିପରୀତ ଆଚରଣ ସମ୍ପର୍କରେ ଏଠାରେ କିଛି ଆଲୋଚନା କରିବା।

ଜୀବଜଗତର ସର୍ବଶ୍ରେଷ୍ଠ ପ୍ରାଣୀ ମନୁଷ୍ୟ। ତା'ର ବୁଦ୍ଧି, ବିବେକ ଏବଂ ଜାଗ୍ରତ ଚେତନା ତାକୁ ଆଣି ଆଜିର ଉନ୍ନତସ୍ତରରେ ପହଞ୍ଚାଇଛି। ତା' ବୁଦ୍ଧିର ଚମତ୍କାରିତା ବଳରେ ସେ ଆଜି ବିଭିନ୍ନ ଗ୍ରହ, ଉପଗ୍ରହରେ ପାଦ ଥାପିବା ସମ୍ଭବ ହୋଇପାରିଛି। ମାତ୍ର କେତେଫୁଟ ଦୂରରେ ଥିବା ତା'ର ପଡ଼ୋଶୀମାନଙ୍କ ସହ ତାଙ୍କର କିଛି ସମ୍ପର୍କ ନ ଥାଏ। ଅର୍ଥାତ୍ ସେ ପରସ୍ପର ପାଇଁ ଅଜଣା। ବାସଗୃହ ନିର୍ମାଣ ମଣିଷର ଏକ ମୌଳିକ ଆବଶ୍ୟକତା। ଆମ ପିଲାମାନେ ସହରରେ ଏକ ସୁଉଚ୍ଚ, ସୁଦୃଶ୍ୟ ତଥା ସୁସଜ୍ଜିତ ବାସଗୃହଟିଏ ନିର୍ମାଣ କରିବା ଆମ ପାଇଁ ବଡ଼ ଆନନ୍ଦର କଥା। ବାସଗୃହ ସିନା ବଡ଼, ସେଥିରେ ବାସ କରନ୍ତି ଏକ ମିନି ପରିବାର। କାରଣ ଆମେ ଆମର ଯୌଥ ପରିବାର ବ୍ୟବସ୍ଥାଟିକୁ ନିଜ ହାତରେ ଭାଙ୍ଗିଦେଇଛୁ। ଆଉ କିଛି



ଆମଭଳି ବୟସାଧିକ ବାପମାଆଙ୍କ ପାଇଁ ସେ ଘରେ ସ୍ଥାନ ମିଳେନାହିଁ। ବୃଦ୍ଧାଶ୍ରମ ହିଁ ସେମାନଙ୍କର ଅନ୍ତିମ ଠିକଣା। ବାପମା'ଙ୍କୁ ଚଳନ୍ତି ଦେବତା କୁହାଯାଏ। ମାତ୍ର ଚଳନ୍ତି ଦେବତା ତଥା ଦେବଦେବୀଙ୍କ ପ୍ରତିମା ପୂଜା ପାଇଁ ସେ ଘରେ ସ୍ଥାନ ନ ଥାଏ।

ଆଜିର ସ୍ୱାସ୍ଥ୍ୟ ସଚେତନ ଶିକ୍ଷିତ ବ୍ୟକ୍ତିଟି କାର୍ ନେଇ ଜିମ୍‌କୁ ଯାଏ। ମାତ୍ର ସେଠାରେ ଅଙ୍ଗପ୍ରତ୍ୟଙ୍ଗର କସରତ ପାଇଁ ସାଇକେଲ ଚଳାଏ। ଆଜିର ବାବୁମାନେ ପ୍ରାୟତଃ ଶ୍ରମକାତର ଏବଂ ଆଳସ୍ୟପରାୟଣ। କାରଣ ପାଖରେ ସମସ୍ତ ଆରାମଦାୟକ ତଥା ଉପଭୋଗ୍ୟ ପଦାର୍ଥ ଉପଲବ୍ଧ। ତେଣୁ ଡାଇବେଟିକ୍ସରେ ପୀଡ଼ିତ। ଡାକ୍ତରବାବୁ ଓ ଔଷଧ ଦୋକାନୀକୁ ପଇସା ଗଣିବାରେ ବ୍ୟସ୍ତ। କୁହାଯାଏ, ପୃଥିବୀ ଆଜି ଏକ ବୈଶ୍ୱିକ ଗ୍ରାମରେ ପରିଣତ ହୋଇଛି। ମୋବାଇଲ୍, ଭିଡିଓ କଲ୍ ମାଧ୍ୟମରେ ମିନିଟ୍‌କ ଭିତରେ ଆମେ ପୃଥିବୀର ଯେକୌଣସି ପ୍ରାନ୍ତରେ ଥିବା ଲୋକଙ୍କୁ ଦେଖିପାରୁଛୁ ଏବଂ ତାଙ୍କ ସହ କଥା ହୋଇପାରୁଛୁ। ଦ୍ରୁତଗାମୀ ଉଡ଼ାଜାହାଜରେ ବସି ଆମେ ମାତ୍ର କେତେ ଘଣ୍ଟା ମଧ୍ୟରେ ସୁଦୂର ସ୍ଥାନରେ ଯାଇ ପହଞ୍ଚିପାରୁଛୁ। ଅର୍ଥାତ୍ ଆମେ ଦୂରତାକୁ ଜୟ କରିପାରିଛୁ। ମାତ୍ର ଗୋଟିଏ ବାସସ୍ଥଳୀର ଗୋଟିଏ କୋଠରିରେ ଥିବା ବାପାଙ୍କ ସହ ଅନ୍ୟ କୋଠରିରେ ଥିବା ପୁଅ ମୋବାଇଲ୍‌ରେ କଥା ହେଉଛି। ଅର୍ଥାତ୍ ଆମେ ମୁହଁକୁ ମୁହଁ କଥାବାର୍ତ୍ତା ହୋଇପାରୁନୁ, ଆମ ଭିତରେ ଦୂରତା ବଢ଼ିଛି। ମା'ଟିଏ ଦଶମାସ ଧରି ତା' ପିଲାଟିକୁ ତା'ର କ୍ଷୁଦ୍ର ଜରାୟୁରେ ସ୍ଥାନ ଦିଏ। ମାତ୍ର ପୁଅର ବିଶାଳ ପ୍ରାସାଦରେ ମା' ପାଇଁ ଗୋଟିଏ କୋଠରି ମିଳେନାହିଁ। ସାମାଜିକ ଗଣମାଧ୍ୟମରେ ଆମର ଶହ ଶହ ବନ୍ଧୁ ଅଛନ୍ତି। ମାତ୍ର ବିପଦଆପଦ ବେଳେ ସେମାନଙ୍କ ଭିତରୁ ଜଣଙ୍କର ବି ଦେଖାମିଳେନାହିଁ। ଦୁର୍ଘଟଣାଗ୍ରସ୍ତ ମଣିଷଟି ପାଣି ମୁନ୍ଦାଏ ପାଇଁ ଆର୍ତ୍ତ ଚିତ୍କାର କରୁଥିବାବେଳେ ଆମେ ପାଣି ମୁନ୍ଦିଏ ଦେବାକୁ ଅନିଚ୍ଛୁକ। ମାତ୍ର ତା'ର ଅସହାୟତାର ଫଟୋ ଆମେ ମୋବାଇଲ୍‌ରେ ଉଠାଇ ଭାଇରାଲ୍ କରିବାକୁ ଆଗଭର। 'ବସୁଧୈବ କୁଟୁମ୍ବକମ୍'ର ଏହା ଆଧୁନିକ ନିର୍ଯ୍ୟାସ। ସଭାସମିତିରେ ବଡ଼ପଣ୍ଡା ସାଜି ଯୌତୁକ ବିରୋଧରେ ଗଳା ଫଟାଇ ଚିତ୍କାର କରୁଥିବା ବ୍ୟକ୍ତିଟି ଘରେ ବଧୂ ନିର୍ଯାତନାର ମହାନାୟକ ସାଜି ବୋହୂକୁ ଆଉ ଅଧିକ ଯୌତୁକ ଆଣିବାକୁ ବାଧ୍ୟ କରିଥାଏ। ସଭାରେ ବିଶିଷ୍ଟ ସମାଜବାଦୀ ବୋଲାଉଥିବା ଲୋକଟି ଘରେ ସାମନ୍ତବାଦର ବିଶିଷ୍ଟ ପୁରୋଧା। ଏହିଭଳି ଅନେକ ବିପରୀତ ଆଚରଣରେ ଆମ ସମାଜ ଆଜି କଳୁଷିତ। ସଭ୍ୟ, ଶିକ୍ଷିତ ଓ ଜ୍ଞାନୀ ମଣିଷ ସାମାଜିକ ଭାରସାମ୍ୟ ନଷ୍ଟ କରିବାରେ ବ୍ୟସ୍ତ।

ପିତାମାତା ବୃଦ୍ଧାଶ୍ରମକୁ ବିସ୍ଥାପିତ ନ ହୁଅନ୍ତୁ, ସାମାଜିକ ଗଣମାଧ୍ୟମରେ ଅସଂଖ୍ୟ ବନ୍ଧୁ ରୁହନ୍ତୁ କିନ୍ତୁ ଅସଲ ବନ୍ଧୁଙ୍କୁ କେବେ ବି ପାଖଛଡ଼ା କରା ନ ଯାଉ, ମାନବିକତାକୁ ଜଳାଞ୍ଜଳି ନ ଦେଇ ଦୁର୍ଘଟଣାଗ୍ରସ୍ତ ଅସହାୟ ମଣିଷର ମୋବାଇଲ୍ ଫଟୋ ଭାଇରାଲ୍ କରାଯାଉ କିନ୍ତୁ ତାକୁ ପାଣି ମୁନ୍ଦିଏ ମଧ୍ୟ ଦିଆଯାଉ। ଅର୍ଥାତ୍ ଭାରତୀୟ ସଂସ୍କୃତିକୁ ବିକୃତ ହେବାକୁ ଦିଆ ନ ଯାଉ। କାରଣ ଜାତି (ନେଶନ) ସ୍ୱାଧୀନ ହେଉ ଅଥବା ପରାଧୀନ ହେଉ ସଂସ୍କୃତି ବଞ୍ଚିଥିବା ପର୍ଯ୍ୟନ୍ତ ଜାତିର ମୃତ୍ୟୁ ହୁଏନାହିଁ। ଅର୍ଥାତ୍ ଜାତିର ସ୍ୱତନ୍ତ୍ରତା ନଷ୍ଟ ହୋଇଗଲେ ସେ ଜାତିର ପରିଚିତି ମଧ୍ୟ ବିଶ୍ୱ ଦରବାରରୁ ନିଷ୍କ୍ରାନ୍ତ ହୋଇଯାଏ ବା ସବୁଦିନ ପାଇଁ ହଜିଯାଏ। ତେଣୁ ଆମ ପାଇଁ କ'ଣ କରଣୀୟ ତାହା ପାଠକମାନଙ୍କ ବିଚାର ଲାଗି ଛାଡ଼ିଦେଉଛି।

ମହାନଦୀ ବିହାର, କଟକ
ମୋ-୯୮୬୧୧୪୦୧୬୯

## ଏଇ ଭାରତରେ

ଜାଳେଣି କାଠର ବିକଳ୍ପ ସ୍ୱଚ୍ଛ ଇନ୍ଧନ ଆବିଷ୍କାର କରି ବାୟୁ ପ୍ରଦୂଷଣ ରୋକିବାରେ ସକ୍ରିୟ ଭୂମିକା ନେଉଛନ୍ତି ମହାରାଷ୍ଟ୍ରର ଡ. ପ୍ରିୟଦର୍ଶିନୀ କାର୍ଭେ। ସେ ରହୁଛନ୍ତି ପୁଣେଠାରୁ ପାଖାପାଖି ୧୦୦ କି.ମି. ଦୂର ଫାଲଟନ ସହରରେ। କାର୍ଭେ କୃଷିଜାତ ବର୍ଜ୍ୟରୁ ଜୈବଇନ୍ଧନ ପ୍ରସ୍ତୁତ କରୁଛନ୍ତି। ନୂତନ ଟେକ୍‌ନୋଲୋଜିରେ ସେ କୃଷି ବର୍ଜ୍ୟରୁ ଜୈବଅଙ୍ଗାର ଇନ୍ଧନ (ବାୟୋଚାର୍ ଫୁଏଲ) ତିଆରି କରୁଛନ୍ତି। ଏହି ପ୍ରକାର ସ୍ୱଳ୍ପ ଇନ୍ଧନରେ କମ୍ ସମୟରେ ରୋଷେଇ ପାଇଁ ସେ ମଧ୍ୟ ଏକ ଷ୍ଟୋଭ ନିର୍ମାଣ କରିଛନ୍ତି। ଏହାର ନାମ ରଖିଛନ୍ତି 'କାର୍ଭେ ଷ୍ଟିମ୍ କୁକିଂ ଷ୍ଟୋଭ୍'। ଏଥିରେ ମାତ୍ର ୧୦୦ ଗ୍ରାମ ଜୈବଅଙ୍ଗାର ଜାଳେଣି ଓ ଏକ ଗ୍ଲାସ ପାଣି ବ୍ୟବହାର ହେଉଛି। ଏହି ପରିମାଣ ଜାଳେଣି ୩୦ ମିନିଟ ଧରି ଜଳିବା ପରେ ଷ୍ଟିମ୍‌ରେ ୪ ଜଣଙ୍କ ପାଇଁ ଖାଦ୍ୟ ପ୍ରସ୍ତୁତ ହୋଇପାରୁଛି। ସ୍କୁଲରେ ପଢ଼ିବା ସମୟରେ ସେ ଆଖୁବର୍ଜ୍ୟ ପୋଡ଼ି ଜନିତ ପ୍ରଦୂଷଣକୁ ଲକ୍ଷ୍ୟ କରିଥିଲେ ଓ ସେବେଠାରୁ ଏହାର ବିକଳ୍ପ ଚିନ୍ତା କରୁଥିଲେ। କାର୍ଭେ ଉଚ୍ଚଶିକ୍ଷା ଲାଭ କରି ଦୀର୍ଘ ୨୦ ବର୍ଷ ହେଲା ଗବେଷଣା କରିବା ପରେ ଏହି ସଫଳତା ପାଇଛନ୍ତି। ଏଭଳି ଆବିଷ୍କାର ଯୋଗୁ ଜାଳେଣି କାଠ ଇନ୍ଧନ ବ୍ୟବହାର କମ୍ ହେବା ସହ ବାୟୁ ପ୍ରଦୂଷଣ ହ୍ରାସ ଲାଗି ଉପଯୋଗୀ ହୋଇପାରିଛି। ତାଙ୍କ କମ୍ପାନୀ ଏବେ ୬୦,୦୦୦ ଷ୍ଟୋଭ ବିକ୍ରି କରିସାରିଲାଣି।

## ୨୫ ବର୍ଷ ତଳର ଧରିତ୍ରୀ

୩ ଜାନୁୟାରୀ ୧୯୯୮

- ଦେଶରେ ଆର୍ଥିକ ସଙ୍କଟ ଦେଖା ଦେଇଥିବାରୁ ମାଲେସିଆ ସରକାର ପକ୍ଷରୁ ସରକାରୀ କର୍ମଚାରୀଙ୍କ ବିଦେଶ ଭ୍ରମଣ ଉପରେ କଟକଣା ଜାରି।
- ଟେନିସ୍ ଜଗତର ବର୍ଷୀୟାନ ମହିଳା ଟେନିସ ଖେଳାଳି ହେଲେନ ଓ୍ୱିଲ୍ସ ମୁଡିଙ୍କ ୯୨ ବର୍ଷ ବୟସରେ ପରଲୋକ।
- ବିମଳ ମିତ୍ରଙ୍କ ବଙ୍ଗଳା ପୁସ୍ତକ 'ଆସାମୀ ହାଜିର' ଅନୁବାଦ ପାଇଁ ରାଜ୍ୟର ବିଶିଷ୍ଟ ଅନୁବାଦକ ତଥା ସାହିତ୍ୟିକ ଯୁଗଳ କିଶୋର ଦତ୍ତଙ୍କୁ କେନ୍ଦ୍ର ସାହିତ୍ୟ ଏକାଡେମୀ ପୁରସ୍କାର ପ୍ରଦାନ।

## ସୁ-ଡୋ-କୁ

su | do | ku
Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| | 9 | | | 1 | | 7 | | |
| | 2 | | | | | | | 8 |
| 8 | | | | | | | 6 | 9 |
| | | | 3 | | 5 | | | |
| | 5 | | | 4 | | | | |
| 4 | | 6 | | | | 3 | 7 | |
| | | | | | 9 | | | |
| | | | 7 | | | 5 | | |
| 3 | | | 2 | | 6 | 4 | | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 8 | 1 | 3 | 9 | 2 | 4 | 7 | 5 | 6 |
| 9 | 7 | 2 | 1 | 6 | 5 | 8 | 4 | 3 |
| 6 | 5 | 4 | 3 | 8 | 7 | 1 | 2 | 9 |
| 5 | 8 | 6 | 2 | 9 | 3 | 4 | 1 | 7 |
| 3 | 9 | 1 | 7 | 4 | 8 | 5 | 6 | 2 |
| 4 | 2 | 7 | 6 | 5 | 1 | 9 | 3 | 8 |
| 1 | 3 | 9 | 4 | 7 | 6 | 2 | 8 | 5 |
| 7 | 4 | 5 | 8 | 3 | 2 | 6 | 9 | 1 |
| 2 | 6 | 8 | 5 | 1 | 9 | 3 | 7 | 4 |

ଗତକାଲିର ଉତ୍ତର

## ପାଠକ ଶ୍ରେଷ୍ଠ ବିଚାରକ

### ସମୃଦ୍ଧି ଓ ଅଭିବୃଦ୍ଧିରେ ବାଧକ

ମହାଶୟ,

ଚାଇନା ତା' ସୀମା ମଧ୍ୟରେ ବିଭିନ୍ନ ସ୍ଥାନରେ ପାହାଡ଼ କାଟିବା ଏବଂ ଟନେଲ ଖୋଳି ରୋଡ୍ ଓ ରେଳଲାଇନ ବିଛାଇ ପ୍ରମୁଖ ସହର ମଧ୍ୟରେ ସଂଯୋଗୀକରଣ କରିଛି। କିନ୍ତୁ ଭାରତକୁ ସେପରି ବିକାଶ କାର୍ଯ୍ୟ କରିବାକୁ କିଏ ବାରଣ କରିଛି ? ଭାରତରେ ସବୁ କିଛି ଥାଇ ତା'ର ବ୍ୟବହାର ନ କରି ଅନ୍ୟ ଦେଶ ଉପରେ ନିର୍ଭରଶୀଳ ହୋଇ ରହିଛି । ଲୁହା ଖଣି ଅଛି, କିନ୍ତୁ ଅଧିକ କାରଖାନା ନାହିଁ। ଅଛି କପାଚାଷ, କିନ୍ତୁ ସୂତା ଓ ଲୁଗାକଳ ବନ୍ଦ, ଅଛି ବାଉଁଶ କିନ୍ତୁ କାଗଜକଳ ନାହିଁ । କାଗଜ , ଖାଇବାତେଲ ଓ ଗହମ ପାଇଁ ୟୁକ୍ରେନ୍ ଓ ରୁଷିଆ ଉପରେ ନିର୍ଭର। ଆଖୁଚାଷରେ ଆଖୁ ଆମଦାନୀ ପ୍ରଚୁର, କିନ୍ତୁ ଚିନିକଳ ବନ୍ଦ। ଚିରସ୍ରୋତା ନଦୀନାଳ, ଝରଣା ଓ ଜଳପ୍ରପାତ ରହିଥିବା ସତ୍ତ୍ୱେ ଠିକ୍‌ରୂପେ ଜଳସେଚନ ପ୍ରକଳ୍ପ କରାଯାଇ ପାରିନାହିଁ। ଆମ ଦେଶର ଗଣତନ୍ତ୍ର ରକ୍ଷକମାନେ ସ୍ୱାର୍ଥନିହିତ କାର୍ଯ୍ୟରୁ ନିବୃତ୍ତ ରହିଲେ ଦେଶର ବିକାଶ ନିଶ୍ଚିତ। ଲୋକାଭିମୁଖୀ ନିର୍ମଳ ଶାସନ ହିଁ ରାଜନୀତିକୁ ନିଷ୍କଳଙ୍କ ଓ ସ୍ୱଚ୍ଛ କରାଇପାରିବ। ଦେଶ ଉନ୍ନତି ପଥର ଶାସନ ପଦ୍ଧତିରେ ଦୁର୍ନୀତି ଓ ଭ୍ରଷ୍ଟାଚାର ହଟିବା ଦରକାର।

**- ଅଶୋକ କୁମାର ଆଢ୍ୟ, ମରୀଚିକୋଟ୍ ଗଳି, ପୁରୀ**

## ଚିରନ୍ତନୀ

ବିରହୀ ଚକୋର ଦମ୍ପତି
ତାଙ୍କୁ, ଦେବି ମୁଁ ମିଳନ-ସମ୍ପତ୍ତି,
ଭୁବନ ଚାହିଁଛି କାତରେ, ତାକୁ ମୁଁ
ବିରଚିବି ଶୋଭା ସଦନ
ହାହାକାରେ ପୂରେ ଗଗନ !
-(ବିଶ୍ୱର ଆହ୍ୱାନ)

-କାଳିନ୍ଦୀ ଚରଣ ପାଣିଗ୍ରାହୀ

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

# ୫୦ ବର୍ଷିଆ ପୁରୁଣା ଗାଡ଼ି ପାଇଁ ହେବ ସ୍ୱତନ୍ତ୍ର ନମ୍ବର ପ୍ଲେଟ୍

## ୧୦ ବର୍ଷ ପାଇଁ ୨୦ ହଜାର ପଞ୍ଜୀକରଣ ଖର୍ଚ୍ଚ

ଭୁବନେଶ୍ୱର,୨୧(ବ୍ୟୁରୋ)

ବହୁ ପୁରୁଣା ଯାନ(ଭିଣ୍ଟେଜ୍) ସଂଗ୍ରହକାରୀଙ୍କ ପାଇଁ ଖୁସି ଖବର। ୨୦୨୩ ଜାନୁୟାରୀ ପହିଲାରୁ ୫୦ ବର୍ଷରୁ ଅଧିକ ସମୟର କ୍ଲାସିକ୍ ଯାନଗୁଡ଼ିକ ପାଇଁ ସ୍ୱତନ୍ତ୍ର ନମ୍ବର ପ୍ଲେଟ୍ ହେବ। ଏହି ଯାନର ମାଲିକମାନେ ଏଥିପାଇଁ ଆବେଦନ କରିପାରିବେ। ନୂଆ ନିୟମ ଅନୁଯାୟୀ, ନୂତନ ପଞ୍ଜୀକରଣ ସାର୍ଟିଫିକେଟ୍ ପାଇଁ ଯାନବାହନ ମାଲିକଙ୍କୁ ୨୦,୦୦୦ ଟଙ୍କା ଖର୍ଚ୍ଚ କରିବାକୁ ପଡ଼ିବ। ଏହା ୧୦ ବର୍ଷ ପାଇଁ ବୈଧ ହେବ। ପରବର୍ତ୍ତୀ ସମୟରେ, ଉକ୍ତ ପଞ୍ଜୀକରଣର ନବୀକରଣ ପାଇଁ ଅତିରିକ୍ତ ୫୦୦୦ ଟଙ୍କା ଖର୍ଚ୍ଚ କରିବାକୁ ପଡ଼ିବ। ଏହାର ବୈଧତା ୫ ବର୍ଷ ଯାଏ ରହିବ। ପୁରୁଣା ମୋଟର ଯାନଗୁଡ଼ିକ ନିୟମିତ କିମ୍ବା ବାଣିଜ୍ୟିକ ଉଦ୍ଦେଶ୍ୟରେ ରାସ୍ତାରେ ଚାଲିପାରିବ ନାହିଁ। ଏହା କେବଳ ପ୍ରଦର୍ଶନୀ, ରାଲି କିମ୍ବା ସେହିଭଳି ଉଦ୍ଦେଶ୍ୟରେ ଚାଲିପାରିବ।

ଫର୍ମ ୨୩ (ଏ )ର ସର୍ତ୍ତ ଅନୁଯାୟୀ ଯାନର ଯାଞ୍ଚ ପରେ ଯାନର ଫିଟ୍‌ନେସ ଏବଂ ବୈଧ ପିୟୁସି ଥିଲେ ରାଜ୍ୟ ପଞ୍ଜୀକରଣ ପ୍ରାଧିକରଣ ଦ୍ୱାରା ପଞ୍ଜୀକରଣର ଏକ ପ୍ରମାଣପତ୍ର ପ୍ରଦାନ କରାଯିବ। ଭିଣ୍ଟେଜ୍‌ଯୋଗ୍ୟ ଯାନକୁ XX VA YY ଭାବରେ ଏକ ନୂତନ ପଞ୍ଜୀକରଣ ଚିହ୍ନ ଦିଆଯିବ। ଯେଉଁଠାରେ VA ଭିଣ୍ଟେଜ୍ ପାଇଁ, XX ଷ୍ଟେଟ୍ କୋଡ୍ ପାଇଁ, YY ଦୁଇଟି ଅକ୍ଷର ରହିବ। ନୂତନ ନମ୍ବର ଦିଆଯିବା ପରେ ଭିଣ୍ଟେଜ୍ ମୋଟର ଯାନର ମାଲିକ ମଧ୍ୟ ଉକ୍ତ ଯାନର ମାଲିକାନା ହସ୍ତାନ୍ତର ପାଇଁ ଆବେଦନ କରିପାରିବେ ଓ ଭିଣ୍ଟେଜ୍ ଗାଡ଼ିକୁ ବିକ୍ରି କରିପାରିବେ। ମୋଟର ଯାନ ଅଧିନିୟମ, ୧୯୮୮ ଅନୁଯାୟୀ ଦିଆଯାଇଥିବା ପଦ୍ଧତିରେ ଆବେଦନ କରି ଠିକଣା ମଧ୍ୟ ପରିବର୍ତ୍ତନ କରିପାରିବେ। ସେହି ଯାନଗୁଡ଼ିକ ଓଡ଼ିଶା ସ୍କ୍ରାପେଜ ପଲିସିରୁ ମୁକ୍ତି ପାଇପାରିବେ। ଭିଣ୍ଟେଜ୍ ଯାନଗୁଡ଼ିକର ଐତିହ୍ୟକୁ ସଂରକ୍ଷଣ ତଥା ପ୍ରୋତ୍ସାହିତ କରିବା ଉଦ୍ଦେଶ୍ୟରେ ସଡ଼କ ପରିବହନ ଏବଂ ରାଜପଥ ମନ୍ତ୍ରଣାଳୟ ଭିଣ୍ଟେଜ୍ ମୋଟର ଯାନଗୁଡ଼ିକର ପଞ୍ଜୀକରଣ ପ୍ରକ୍ରିୟା

**ମିଳିବ ସ୍ୱତନ୍ତ୍ର ପଞ୍ଜୀକରଣ ମାର୍କ**




ପାଇଁ କେନ୍ଦ୍ରୀୟ ମୋଟର ଯାନ ନିୟମ–୧୯୮୯ ଅନୁଯାୟୀ ବ୍ୟବସ୍ଥା କରିଛି। ଯେଉଁମାନେ ଏହିପରି ଯାନ ରଖିବାକୁ ଇଚ୍ଛା କରୁଛନ୍ତି ସେମାନଙ୍କ ପାଇଁ ଏହା ଏକ ବଡ଼ ସୁଯୋଗ। ଐତିହ୍ୟ ଓ ସଂସ୍କୃତି ବଜାୟ ରଖିବା ପାଇଁ ଏହି ବ୍ୟବସ୍ଥା କାର୍ଯ୍ୟକାରୀ କରିବାରେ ଓଡ଼ିଶା ପ୍ରଥମ ରାଜ୍ୟ ହୋଇଛି।

ପରିବହନ ଯୁଗ୍ମ କମିଶନର ଦୀପ୍ତିରଞ୍ଜନ ପାତ୍ର (ଟେକ୍ନିକାଲ) କହିଛନ୍ତି, ସ୍କ୍ରାପ୍ ନୀତି ପ୍ରଣୟନ କରି ପୁରୁଣା ଗାଡ଼ିର ବ୍ୟବହାରକୁ ନିରୁତ୍ସାହିତ କରିବା ପାଇଁ ମନ୍ତ୍ରଣାଳୟ ଏଭଳି ପଦକ୍ଷେପ ନେଇଛି। ଭାରତରେ ଥିବା ପୁରୁଣା ଯାନଗୁଡ଼ିକର ଐତିହ୍ୟକୁ ସଂରକ୍ଷଣ ଏବଂ ପ୍ରୋତ୍ସାହିତ କରିବା ଦିଗରେ ଭିଣ୍ଟେଜ୍ ମୋଟର ଯାନଗୁଡ଼ିକର ପଞ୍ଜୀକରଣ ପ୍ରକ୍ରିୟାକୁ ସରକାର ଆନୁଷ୍ଠାନିକ ଭାବରେ ଅନୁମତି ଦେଇଛନ୍ତି। ନୂତନ ନିୟମଗୁଡ଼ିକ ଏକ ବିଶେଷ ଭିଣ୍ଟେଜ୍ ପଞ୍ଜୀକରଣ ମାର୍କ ଭିଏ ସିରିଜ୍ (ୟୁନିକ୍ ରେଜିଷ୍ଟ୍ରେଶନ୍ ମାର୍କ) ସହିତ ପୁରୁଣା ପଞ୍ଜୀକୃତ ଯାନଗୁଡ଼ିକର ଗୁରୁତ୍ୱପୂର୍ଣ୍ଣ ତଥ୍ୟ ପ୍ରଦାନ କରିବ। ନିୟମ ଅନୁଯାୟୀ, ଦୁଇଚକିଆ ଯାନ ଏବଂ ଚାରିଚକିଆ ଯାନ (ବ୍ୟକ୍ତିଗତ ବ୍ୟବହାର) ଯାହା ସେମାନଙ୍କର ପ୍ରଥମ ପଞ୍ଜୀକରଣ ତାରିଖଠାରୁ ୫୦ ବର୍ଷରୁ ଅଧିକ ପୁରୁଣା ହୋଇଥିବ (ଆମଦାନୀ ହୋଇଥିବା ଯାନ ମଧ୍ୟ ଅନ୍ତର୍ଭୁକ୍ତ) ସେଗୁଡିକୁ ଭିଣ୍ଟେଜ୍ ମୋଟର ଯାନ ଭାବରେ ଗ୍ରହଣ କରାଯିବ। ଯେଉଁ ଯାନବାହନର ଚେସିସ୍ କିମ୍ବା ବଡି ସେଲ୍‌ରେ ପରିବର୍ତ୍ତନ ଏବଂ ଇଞ୍ଜିନରେ କୌଣସି ପ୍ରମୁଖ ମରାମତି ହୋଇ ନ ଥିବ ତାହାକୁ ଭିଣ୍ଟେଜ୍ ମୋଟର ଯାନ ଭାବରେ ଗ୍ରହଣ କରାଯିବ। ଫର୍ମ ୨୦ ଅନୁଯାୟୀ ପଞ୍ଜୀକରଣ/ପୁନଃ ପଞ୍ଜୀକରଣ ପାଇଁ ଆବେଦନ କରାଯିବ। ଆମଦାନୀ ହୋଇଥିବା ଯାନ କ୍ଷେତ୍ରରେ ବୀମା ପଲିସି, ଫି, ପ୍ରବେଶ ବିଲ୍ ଏବଂ ପୁରୁଣା ଆର୍‌ସି ରହିବା ଦରକାର। ଭାରତରେ ପୂର୍ବରୁ ପଞ୍ଜୀକୃତ ହୋଇଥିବା ଯାନ ଥରେ ଭିଣ୍ଟେଜ୍ ମୋଟର ଯାନ ଭାବରେ ପଞ୍ଜୀକୃତ ହେବା ପରେ ସେହି ଯାନର ପୁରୁଣା ପଞ୍ଜୀକରଣର ପ୍ରମାଣପତ୍ରକୁ ବାତିଲ କରାଯିବ। ମାଲିକ କେବଳ ଐତିହାସିକ ଉଦ୍ଦେଶ୍ୟରେ ଏହିପରି ବାତିଲ ହୋଇଥିବା ପଞ୍ଜୀକରଣ ପ୍ରମାଣପତ୍ରକୁ ରଖିପାରିବେ।

ଏଠାରେ ଉଲ୍ଲେଖଯୋଗ୍ୟ ଯେ ରାଜ୍ୟ ସରକାର ୧୫ ବର୍ଷରୁ ଊର୍ଦ୍ଧ୍ୱ ପୁରୁଣା ଗାଡ଼ିକୁ ହଟାଇବାକୁ ସ୍କ୍ରାପେଜ ପଲିସି ଆଣିଛନ୍ତି। ୧୫ ବର୍ଷରୁ ଅଧିକ ପୁରୁଣା ଗାଡ଼ି ଆଉ ରାସ୍ତାରେ ଚାଲିପାରିବ ନାହିଁ। ସେଥିପାଇଁ ସରକାରୀ ପ୍ରୋତ୍ସାହନ ବ୍ୟବସ୍ଥା କରାଯାଇଛି।

# ରାଜ୍ୟ ଖାଉଟି ଅଦାଲତରେ ସିଧା ପ୍ରସାରଣ ଆରମ୍ଭ

## ପ୍ରଥମ ଦିନରେ ୫୪ ମାମଲା ଶୁଣାଣି

କଟକ ଅଫିସ,୨୧

ଓଡ଼ିଶା ରାଜ୍ୟ ଖାଉଟି ବିବାଦ ସମାଧାନ ଆୟୋଗ (ରାଜ୍ୟ ଖାଉଟି ଅଦାଲତ)ରେ ସୋମବାରଠାରୁ ଆରମ୍ଭ ହୋଇଛି ମାମଲା ଶୁଣାଣିର ସିଧା ପ୍ରସାରଣ ବା ଅନ୍‌ଲାଇନ୍ ଲାଇଭ୍ ଷ୍ଟ୍ରିମିଂ। ପ୍ରଥମ ଦିନରେ ୫୪ଟି ମାମଲାର ଶୁଣାଣି ହୋଇଥିବା ବେଳେ ତନ୍ମଧ୍ୟରେ ୭ଟି ମାମଲାର ଫଇସଲା ହୋଇ ରାୟ ପ୍ରକାଶ ପାଇଛି। ଆୟୋଗର ପ୍ରେସିଡେଣ୍ଟ ବିଚାରପତି ଡ. ଡି.ପି. ଚୌଧୁରୀ ମାମଲାଗୁଡ଼ିକର ଶୁଣାଣି କରିଥିଲେ। ଏଥିସହ ସଦସ୍ୟ ପ୍ରମୋଦ କୁମାର ପୃଷ୍ଟି ଓ ସଦସ୍ୟ ଏସ୍. ଏଲ୍. ପଟ୍ଟନାୟକ ସହଯୋଗ କରିଥିଲେ। ପ୍ରଥମ ଦିନର ଏହି ସିଧା ପ୍ରସାରଣ କାର୍ଯ୍ୟ ଆୟୋଗର ସଚିବ ଶାନ୍ତନୁ କୁମାର ଦାଶଙ୍କ ତତ୍ତ୍ୱାବଧାନରେ ପରିଚାଳିତ ହୋଇଥିଲା। ଏହାଦ୍ୱାରା ଯେକୌଣସି ବ୍ୟକ୍ତି ୟୁଟ୍ୟୁବ ଜରିଆରେ ଦେଶର କୌଣସି ସ୍ଥାନରେ ରହି ରାଜ୍ୟ ଖାଉଟି ଅଦାଲତରେ ଚାଲିଥିବା ମାମଲାର ଶୁଣାଣିକୁ ମୋବାଇଲ ବା କମ୍ପ୍ୟୁଟର ମାଧ୍ୟମରେ ଦେଖିପାରିବେ। ମାମଲା ସହ ଜଡ଼ିତ ପକ୍ଷ, ସାକ୍ଷୀ ଅଥବା ଅନ୍ୟମାନେ ସିଧା ମାମଲାର ବିଚାର ପ୍ରକ୍ରିୟାର ଗତିବିଧିକୁ ଜାଣିବାର ସୁଯୋଗ ପାଇବେ। ରାଜ୍ୟ ଖାଉଟି ଅଦାଲତରେ ୨ଟି ବେଞ୍ଚ(କୋର୍ଟ) ରହିଥିବା ବେଳେ କେବଳ ପ୍ରେସିଡେଣ୍ଟଙ୍କ କୋର୍ଟର ସିଧା ପ୍ରସାରଣ ବ୍ୟବସ୍ଥା ଆରମ୍ଭ ହୋଇଛି। ପ୍ରତି ସପ୍ତାହରେ ସୋମବାରରୁ ଶୁକ୍ରବାର ପର୍ଯ୍ୟନ୍ତ ନିୟମିତ ଅଦାଲତର କାର୍ଯ୍ୟ ସମୟରେ ଏହି ସିଧା ପ୍ରସାରଣ ଚାଲିବ। ଓଡ଼ିଶା ହାଇକୋର୍ଟ ପରେ ରାଜ୍ୟ ଖାଉଟି ଅଦାଲତରେ ମାମଲା ଶୁଣାଣିର ସିଧା ପ୍ରସାରଣ ଏକ ଯୁଗାନ୍ତକାରୀ ପଦକ୍ଷେପ ହୋଇଥିବା ଆୟୋଗ ପକ୍ଷରୁ ସୂଚନା ଦିଆଯାଇଛି। ସୂଚନାଯୋଗ୍ୟ, କୋଭିଡ୍ ସମୟରେ ରାଜ୍ୟ ଖାଉଟି ଅଦାଲତରେ ଭର୍ଚୁଆଲ କୋର୍ଟ ଆରମ୍ଭ ହୋଇଥିଲା। ସେହିପରି ଗତ ଡିସେମ୍ବର ୨୪ ତାରିଖ ଜାତୀୟ ଖାଉଟି ଦିବସ ଅବସରରେ ଓଡ଼ିଶା ରାଜ୍ୟ ଖାଉଟି ବିବାଦ ସମାଧାନ ଆୟୋଗରେ ରେକର୍ଡ ଡିଜିଟାଇଜେଶନ ଓ କାଗଜବିହୀନ କୋର୍ଟକୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଭର୍ଚୁଆଲ ମାଧ୍ୟମରେ ଉଦ୍‌ଘାଟନ କରିଥିଲେ।

# ନମିତା ଗୋଖ୍‌ଲେଙ୍କୁ 'ନୀଳିମାରାଣୀ ସାହିତ୍ୟ ସମ୍ମାନ'




ଭୁବନେଶ୍ୱର,୨୧(ବ୍ୟୁରୋ)

**କାଦମ୍ବିନୀ ସାହିତ୍ୟ ମହୋତ୍ସବ ଓ ତ୍ରୟୋଦଶ ପତ୍ରିକା ହାଟ**

- ଫକୀର ମୋହନ ହେଉଛନ୍ତି ଭାରତୀୟ ସାହିତ୍ୟର ସେନାପତି: ମାଧବ କୌଶିକ
- ସୁସ୍ମିତା ବାଗ୍‌ଚୀଙ୍କୁ 'କାଦମ୍ବିନୀ ସାହିତ୍ୟ ସମ୍ମାନ'
- ୩ଜଣଙ୍କୁ 'କାଦମ୍ବିନୀ ସାହିତ୍ୟ ସମ୍ବର୍ଦ୍ଧନା'

ଭାରତୀୟ ସାହିତ୍ୟକୁ ଅନ୍ୟ କେତେକ ଭାଷାର ବହୁ ଅବଦାନ ରହିଛି। ତେବେ ଏ କ୍ଷେତ୍ରରେ ଓଡ଼ିଆ ଭାଷାର ସର୍ବୋଚ୍ଚ ଯୋଗଦାନ ରହିଛି। ଫକୀର ମୋହନ ସେନାପତି ହେଉଛନ୍ତି ଆମ ସାହିତ୍ୟର ସେନାପତି। ସୋମବାର ଅଷ୍ଟାଦଶ କାଦମ୍ବିନୀ ସାହିତ୍ୟ ମହୋତ୍ସବ ଓ ତ୍ରୟୋଦଶ ପତ୍ରିକା ହାଟକୁ ଉଦ୍‌ଘାଟନ କରି ବିଶିଷ୍ଟ ଲେଖକ ଓ କେନ୍ଦ୍ର ସାହିତ୍ୟ ଏକାଡେମୀ ଉପସଭାପତି ମାଧବ କୌଶିକ ଏହା କହିଛନ୍ତି। ଲେଖିକା, କବି ତଥା ଜୟପୁର ଜାତୀୟ ସାହିତ୍ୟ ମହୋତ୍ସବର ସହ–ପ୍ରତିଷ୍ଠାତା ନମିତା ଗୋଖଲେ କହିଲେ, ସମସ୍ତଙ୍କ ଜୀବନରେ ମାତୃଭାଷାର ଗୁରୁତ୍ୱ ରହିଛି। ତେବେ ଅନ୍ୟସବୁ ଭାଷାର ଆଦର ରହିବା ଉଚିତ। ଅନ୍ୟତମ ଅତିଥି ବିଶିଷ୍ଟ ଅଭିନେତା ସଚିନ୍ ପିଲଗାଁଓକର୍ କହିଲେ, ଭାରତୀୟ ସଂସ୍କୃତି ଓ ପରମ୍ପରାକୁ ଜାଣିବାକୁ ହେଲେ ସମସ୍ତେ ଓଡ଼ିଶା ଆସିବା ଉଚିତ। ମରାଠୀ ଓ ହିନ୍ଦୀ ଚଳଚ୍ଚିତ୍ର ଅଭିନେତ୍ରୀ ସୁପ୍ରିୟା ପିଲଗାଁଓକର୍ କହିଲେ, ସାହିତ୍ୟ ଓ ସଂସ୍କୃତି ମାଧ୍ୟମରେ ସମ୍ଭାବନା ସୃଷ୍ଟି ହୋଇଥାଏ। ମରାଠୀ ସାହିତ୍ୟିକା ଓ ସମାଜସେବୀ ଦୀପା ଦେଶମୁଖ କହିଲେ, ବିଜ୍ଞାନ ଆମକୁ ଦୃଷ୍ଟି ଓ ଦୃଷ୍ଟିକୋଣ ଦେଇଥାଏ। କଳା ଓ ସାହିତ୍ୟ ଆମର ଭାବାବେଗକୁ ପରିପ୍ରକାଶ କରିଥାଏ। କାଦମ୍ବିନୀର ପ୍ରତିଷ୍ଠାତା ତଥା କନ୍ଧମାଳ ଏମ୍‌ପି ଅଚ୍ୟୁତ ସାମନ୍ତ ସ୍ୱାଗତ ଭାଷଣରେ କହିଲେ, ପତ୍ରିକାଟିଏ କରିବା ଓ ବଞ୍ଚାଇ ରଖିବା କଷ୍ଟକର ବ୍ୟାପାର। ପୁଣି ଏକ ଫିଚର ପତ୍ରିକା ପ୍ରକାଶ କରିବା ଆହୁରି କଷ୍ଟକର। ବିଭିନ୍ନ କାରଣରୁ ବିଶେଷକରି ଆର୍ଥିକ ଅସୁବିଧାରୁ ଅନେକ ଓଡ଼ିଆ ପତ୍ରିକା ବନ୍ଦ ହୋଇଯାଉଛି। କାଦମ୍ବିନୀ ପ୍ରକାଶନୀ ମାଧ୍ୟମରେ ଏଭଳି ୨୦ରୁ ୨୫ଟି ଦୁଃସ୍ଥ ପତ୍ରିକାକୁ ପ୍ରୋତ୍ସାହନ ଯୋଗାଇ ଦିଆଯିବ ବୋଲି ସେ ଘୋଷଣା କରିଥିଲେ। ଏହି ଅବସରରେ କାଦମ୍ବିନୀ ସାହିତ୍ୟ ଏକାଡ଼େମୀ ପକ୍ଷରୁ ନମିତା ଗୋଖଲେଙ୍କୁ ଜାତୀୟସ୍ତରୀୟ 'ନୀଳିମାରାଣୀ ସାହିତ୍ୟ ସମ୍ମାନ ପ୍ରଦାନ କରାଯାଇଥିଲା। ପୁରସ୍କାର ସ୍ୱରୂପ ୫ଲକ୍ଷ ଟଙ୍କାର ଅର୍ଥରାଶି, ରୌପ୍ୟ ପଦକ, ସନନ୍ଦ ପତ୍ର ଓ ଉପଢୌକନ ଦିଆଯାଇଛି। ସେହିପରି ଔପନାସିକା ତଥା ଲେଖିକା ସୁସ୍ମିତା ବାଗ୍‌ଚୀଙ୍କୁ 'କାଦମ୍ବିନୀ ସାହିତ୍ୟ ସମ୍ମାନ' ପ୍ରଦାନ କରାଯାଇଥିବାବେଳେ ପୁରସ୍କାର ସ୍ୱରୂପ ୧ଲକ୍ଷ ଟଙ୍କାର ଅର୍ଥରାଶି ଦିଆଯାଇଥିଲା। 'ପକ୍ଷୀଘର'ର ସମ୍ପାଦକ ବନୋଜ ତ୍ରିପାଠୀଙ୍କୁ 'କାଦମ୍ବିନୀ ସମ୍ପାଦକ ସମ୍ମାନ', ବରିଷ୍ଠ ସାହିତ୍ୟିକ ଗଣେଶରାମ ନାହାକ, ରବୀନ୍ଦ୍ରନାଥ ମିଶ୍ର ଓ କେଶବ ଚନ୍ଦ୍ର ରାଉତରାୟଙ୍କୁ 'କାଦମ୍ବିନୀ ସାହିତ୍ୟ ସମ୍ବର୍ଦ୍ଧନା' ସମ୍ମାନରେ ସମ୍ମାନିତ କରାଯାଇଥିଲା। ଏଥିସହ ଅତିଥିଙ୍କ ଦ୍ୱାରା କାଦମ୍ବିନୀ ଓ କୁନିକଥା ଜାନୁୟାରୀ ସଂଖ୍ୟା (ମରାଠୀ ଅନୁବାଦ ବିଶେଷାଙ୍କ) ଓ ଡ. ଇତି ସାମନ୍ତଙ୍କ ଉପନ୍ୟାସ 'ଶକୁନ୍ତଳାର ଝିଅ'ର ହିନ୍ଦୀ ଅନୁବାଦ 'ଶକୁନ୍ତଳା କି ବେଟୀ' ଉନ୍ମୋଚିତ ହୋଇଥିଲା। ଭାଷାବିତ୍ ଦେବାଶିଷ ମହାପାତ୍ର, 'ଶକୁନ୍ତଳା କି ବେଟୀ'ର ପ୍ରକାଶକ ଦିଲ୍ଲୀ ମେଧାବୁକ୍ସର ଅଧିକାରୀ ଅଜୟ କୁମାର ଏବଂ ଅନୁବାଦକ ଶଙ୍କରଲାଲ୍ ପୁରୋହିତ ଉପସ୍ଥିତ ଥିଲେ।

# ବାର୍ଡ ଫ୍ଲୁ ପାଇଁ ୧୬୪ ପକ୍ଷୀଙ୍କ ରକ୍ତ, ମଳ ସଂଗ୍ରହ

କେନ୍ଦ୍ରାପଡ଼ା ଅଫିସ, ୨୧

- ଜାତୀୟ ଉଦ୍ୟାନରେ ବହିରାଗତ ପକ୍ଷୀଙ୍କ ସମାଗମ
- କୁଆ, ବତକ, କୁକୁଡ଼ା, ପାରା ଆଦି ରୋଗର ବାହକ
- ଲକ୍ଷଣ ଦେଖିଲେ ଡାକ୍ତରଙ୍କ ପରାମର୍ଶ ଜରୁରୀ

କେନ୍ଦ୍ରାପଡ଼ା ଜିଲା ରାଜନଗରସ୍ଥିତ ଜାତୀୟ ଉଦ୍ୟାନ ଭିତରକନିକାରେ ବହିରାଗତ ପକ୍ଷୀଙ୍କ ସମାଗମ ହୋଇଥିବାରୁ ରାଜନଗର ବନ ବିଭାଗ ଓ ଜିଲା ପ୍ରାଣୀଧନ ବିଭାଗ ପକ୍ଷରୁ ସତର୍କତା ଅବଲମ୍ବନ କରାଯାଇଛି। ଭିତରକନିକା ଅଞ୍ଚଳରୁ ୬୪ ଓ ଜିଲାର ଅନ୍ୟ ଅଞ୍ଚଳର କୁକୁଡ଼ା ଫାର୍ମ, ଘରେ ଥିବା ୧୦୦ ପକ୍ଷୀଙ୍କ ମଳ ଓ ରକ୍ତ ନମୁନା ସଂଗ୍ରହ ହୋଇଛି। ସେହିପରି ପ୍ରାଣୀଧନ ବିଭାଗ ପକ୍ଷରୁ ଜିଲାର ୯ ବ୍ଲକ ଅଞ୍ଚଳରେ ରାପିଡ ରେସ୍‌ପନ୍ସ ଟିମ୍ ସହ ୪୦ଟି କୁକୁଡା ଫାର୍ମ ମାଲିକଙ୍କୁ ଅସୁସ୍ଥ ଚିଆଁ ସମ୍ପର୍କରେ ଜାଣିବା ପାଇଁ ତାଲିମ ପ୍ରଦାନ କରାଯାଇଛି। କୁଆ, ବତକ, ବିଦେଶାଗତ ପାରା, କୁକୁଡ଼ା ଆଦି ପକ୍ଷୀ ବାର୍ଡ ଫ୍ଲୁର ବାହକ ହୋଇଥିବା ବେଳେ ଲକ୍ଷଣ ଦେଖିଲେ ୪୮ ଘଣ୍ଟା ମଧ୍ୟରେ ଡାକ୍ତରଙ୍କ ସହ ପରାମର୍ଶ ଜରୁରୀ ବୋଲି ସିଡିଭିଓ ଡା. ଦୀପ୍ତି ମହାପାତ୍ର ଓ ଏଡିଏମ୍‌ଓ ଡା. ସଚ୍ଚିଦାନନ୍ଦ ମିଶ୍ର କହିଛନ୍ତି।

ଏ ସମ୍ପର୍କରେ ଏଡିଏମ୍‌ଓ ଡା. ମିଶ୍ର କହିଛନ୍ତି, ବାର୍ଡ ଫ୍ଲୁ ପାଇଁ ଏଚ ୫ ଏନ୍ ୧ ଭୂତାଣୁ ଦାୟୀ। ଏହି ରୋଗ ସଂକ୍ରମିତ ହେଲେ ବହୁ ପକ୍ଷୀଙ୍କ ମୃତ୍ୟୁ ହୋଇଥାଏ। ପକ୍ଷୀଙ୍କ ସହିତ ମିଳାମିଶା କରୁଥିବା ଲୋକ ଏଥିରେ ସଂକ୍ରମିତ ହେବା ବହୁବାର ଦେଖିବାକୁ ମିଳିଛି। ସଂକ୍ରମିତ ରୋଗ ପାଇଁ କୁକୁଡ଼ା ଚାଷୀ ବିଶେଷ କ୍ଷତିଗ୍ରସ୍ତ ହୋଇଥାନ୍ତି। ସେହିପରି କଞ୍ଚା ଓ ଦରସିଝା ଅଣ୍ଡା ଏହି ସମୟରେ ଆଦୌ ବ୍ୟବହାର କରିବା ଉଚିତ ନୁହେଁ। ବାର୍ଡ ଫ୍ଲୁରେ ସଂକ୍ରମିତ ପ୍ରଥମ ମଣିଷ ୧୯୯୭ରେ ହଂକଂରେ ଚିହ୍ନଟ ହୋଇଥିଲା। ସେହିବର୍ଷ ପ୍ରାୟ ୬୦ ପ୍ରତିଶତ ଗୃହପାଳିତ ପକ୍ଷୀଙ୍କ ମୃତ୍ୟୁ ହୋଇଥିଲା। ସଂକ୍ରମିତ ପକ୍ଷୀଙ୍କ ମଳ, ଲାଳ, ଆଖିରୁ ନିଗୁଡୁଥିବା ପାଣି ଏହି ଭୂତାଣୁର ବାହକ ହୋଇଥାନ୍ତି। ବିଶେଷକରି ବିଦେଶାଗତ ପକ୍ଷୀଙ୍କ ଦ୍ୱାରା ଏହି ରୋଗ ବ୍ୟାପିଥାଏ। କଫ, ଡାଇରିଆ, ଜ୍ୱର, ଶ୍ୱାସ ନେବାରେ କଷ୍ଟ, ମୁଣ୍ଡବିନ୍ଧା, ମାଂସପେଶୀ ଯନ୍ତ୍ରଣା, ଗଳା ଖସଖସ ହେବା, ନାକରୁ ଅନବରତ ପାଣି ଗଡ଼ିବା ଆଦି ଏହି ରୋଗର ପ୍ରାଥମିକ ଲକ୍ଷଣ। ଲକ୍ଷଣ ଦେଖା ଦେବାର ୪୮ ଘଣ୍ଟା ମଧ୍ୟରେ ଡାକ୍ତରଙ୍କ ପରାମର୍ଶ ନେବା ଜରୁରୀ ବୋଲି ଏଡିଏମ୍‌ଓ ଡା. ମିଶ୍ର ପ୍ରକାଶ କରିଛନ୍ତି। ଏ ସଂକ୍ରାନ୍ତରେ ସିଡିଭିଓ ଡା. ମହାପାତ୍ର କହିଛନ୍ତି, ପ୍ରାଣୀ ଚିକିତ୍ସା ବିଭାଗ ପକ୍ଷରୁ ୪୦ଟି ରାପିଡ୍ ରେସ୍‌ପନ୍ସ ଟିମ୍ ଗଠନ କରାଯାଇଛି। ଏଥିରେ ଜଣେ ଭିଏଏସ୍, ଜଣେ ଏଲ୍‌ଆଇ, ସ୍ଥାନୀୟ ଜିଲା ପରିଷଦ ସଭ୍ୟ ଓ ସାମାଜିକ କର୍ମୀଙ୍କୁ ସାମିଲ କରାଯାଇଛି। ଇତିମଧ୍ୟରେ ଏହି ଟିମ୍ ୪୦ଟି କୁକୁଡ଼ା ଫାର୍ମ ମାଲିକଙ୍କୁ ସଚେତନ କରିବା ସହ ତାଲିମ ପ୍ରଦାନ କରିଛନ୍ତି। ଏଥିସହ ଭିତରକନିକା ସମେତ ଜିଲାର ଅନ୍ୟ ସ୍ଥାନରେ ପକ୍ଷୀଙ୍କ ମଳ ଓ ରକ୍ତର ନମୁନା ସଂଗ୍ରହ କରାଯାଇ କଟକ ଜିଲା ଫୁଲନଖରାଠାରେ ଥିବା ଏଡିଆର୍‌ଆଇ (ଆନିମାଲ ଡିଜିଜ ରିସର୍ଚ୍ଚ ଇନ୍‌ଷ୍ଟିଚ୍ୟୁଟ୍)କୁ ପଠାଯାଇଛି। ସେହିପରି ଅସୁସ୍ଥ ପକ୍ଷୀଙ୍କୁ ଚିହ୍ନଟ କରିବାକୁ ଟିମ୍‌କୁ ନିର୍ଦ୍ଦେଶ ଦିଆଯାଇଛି। ଅଦ୍ୟାବଧି କୌଣସି ପକ୍ଷୀ ଏହି ରୋଗର ଶିକାର ହୋଇଥିବା ଚିହ୍ନଟ ହୋଇନାହାନ୍ତି।

# କଳିଙ୍ଗନଗର ଗୁଳିକାଣ୍ଡକୁ ୧୭ ବର୍ଷ

## ବିସ୍ଥାପନ ଉନ୍ନୟନ ପରିଷଦ ପକ୍ଷରୁ ଶହୀଦ ଦିବସ ପାଳିତ

କଳିଙ୍ଗନଗର,୨୧(ଡି.ଏନ୍.ଏ.)

୨୦୦୬ ଜାନୁୟାରୀ ୨ରେ ଟାଟା କାରଖାନାକୁ ବିରୋଧ କରି କଳିଙ୍ଗନଗରରେ ଘଟିଥିବା ଗୁଳିକାଣ୍ଡରେ ୧୨ଆଦିବାସୀଙ୍କ ମୃତ୍ୟୁ ଘଟିଥିଲା। ପ୍ରାୟ ୩୭ ଜଣ ଆହତ ହୋଇଥିଲେ। ଏଥିପାଇଁ ପ୍ରତି ବର୍ଷ ଜାନୁୟାରୀ ୨କୁ ସ୍ଥାନୀୟ ଆଦିବାସୀମାନେ ଶହୀଦ ଦିବସ ଭାବେ ପାଳନ କରି ଆସୁଛନ୍ତି। କଳିଙ୍ଗନଗର ଗୁଳିକାଣ୍ଡକୁ ଇତିମଧ୍ୟରେ ୧୭ ବର୍ଷ ପୂରିଛି। ଏହି ଉପଲକ୍ଷେ ସୋମବାର ବିସ୍ଥାପନ ଉନ୍ନୟନ ପରିଷଦ ପକ୍ଷରୁ ମିଳିତ ଭାବେ ଶହୀଦ ଦିବସ ପାଳନ କରାଯାଇଛି। ସୋମବାର ସକାଳ ୯ଟାରୁ ଶତାଧିକ ଆଦିବାସୀ ଗୁଳିକାଣ୍ଡସ୍ଥଳ ଚମ୍ପାକୋଇଲଠାରେ ଏକତ୍ରିତ ହୋଇଥିଲେ। ସେଠାରେ ଥିବା ଶହୀଦ ସ୍ତମ୍ଭରେ ନୂଆ ବସ୍ତ୍ର, ଧୂପ, ଦୀପ ଦେଇ



ପୂଜାର୍ଚ୍ଚନା କରିଥିଲେ। ଡିରୀ ଦୁସଲମ, ଅୟାରଚମ୍ ଆଦି କରାଯାଇ ମାୟବଲିଙ୍ଗକୁ ପାଣି ଢ଼ାଳି ଗାଧୋଇ ଦିଆଯାଇଥିଲା। ପରେ ସମୂହ ନିଜ ପାରମ୍ପରିକ ଅସ୍ତ୍ର ଶସ୍ତ୍ର ଧରି ଏକ ବିଶାଳ ଶୋଭାଯାତ୍ରାରେ ବାହାରି ଥିଲେ। ଏହି ଶୋଭାଯାତ୍ରା ବାରଗାଡିଆ ଛକ, ଡୁବୁରୀ ଛକ, ଟାଟା କାରଖାନା ମୁଖ୍ୟ ଫାଟକ ଦେଇ ବୀର ଭୂମି ଆମ୍ବଗାଡ଼ିଆଠାରେ ପହଞ୍ଚିଥିଲା। ଶୋଭାଯାତ୍ରାରେ କଳିଙ୍ଗନଗର ବୀର ଶହୀଦ ଅମର ରହେ, ଆଦିବାସୀଙ୍କୁ ନ୍ୟାୟ ମିଳୁ ଆଦି ସ୍ଲୋଗାନ ଦିଆଯାଇଥିଲା। ଏହି ଶୋଭାଯାତ୍ରା ବୀରଭୂମିଠାରେ ପହଞ୍ଚିବା ପରେ ସେଠାରେ ଆଦିବାସୀମାନଙ୍କ ପାରମ୍ପରିକ ପୂଜାର୍ଚ୍ଚନା କରାଯାଇଥିଲା। ପରେ ଅପରାହ୍ନ ୩ଟାରେ ସଭାକାର୍ଯ୍ୟ ଆରମ୍ଭ ହୋଇଥିଲା। ବିସ୍ଥାପନ ବିରୋଧୀ ଜନମଞ୍ଚ ସମ୍ପାଦକ ରବୀନ୍ଦ୍ର ଜାରିକାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ବିସ୍ଥାପନ ଉନ୍ନୟନ ପରିଷଦ ସଭାପତି ତ୍ରିଲୋଚନ ମହାନ୍ତ, ବୀରେନ ଜାମୁଦା, ଭୀମ ଆର୍ମିର ଅବଦୁଲ୍ ୱାହିଦ, ଅଲ୍ ଓଡ଼ିଶା ହୋ ଭାଷା ସଭାପତି ରାମ ରାଇ ମୁଣ୍ଡେୟା, ଅଲ୍ ଇଣ୍ଡିଆ ହୋ ସମାଜ ସମ୍ପାଦକ ଲକ୍ଷ୍ମୀଧର ତିଉ, ଗୋବର ଘାଟି ପଞ୍ଚାୟତ ପୂର୍ବତନ ସରପଞ୍ଚ ସ୍ୱର୍ଣ୍ଣଲତା ବାନରା, ବିସ୍ଥାପନ ବିରୋଧୀ ଜନମଞ୍ଚ ସଭାପତି ଅମର ସିଂ ବାନରା, ମନୋରଞ୍ଜନ ଜେନାପ୍ରମୁଖ ଯୋଗ ଦେଇ ବକ୍ତବ୍ୟ ରଖିଥିଲେ। ପୋଲିସ ପ୍ରଶାସନ ପକ୍ଷରୁ ସୁରକ୍ଷା ବ୍ୟବସ୍ଥାକୁ କଡ଼ାକଡ଼ି କରାଯାଇଥିଲା। ୧୧ ପ୍ଲାଟୁନ୍ ପୋଲିସ ଫୋର୍ସ ସହ କଳିଙ୍ଗନଗର ଅତିରିକ୍ତ ଏସ୍‌ପି ଏସ୍ ଟପ୍ପୋ, ୨ଜଣ ଡିଏସ୍‌ପି, ୬ ଇନ୍ସପେକ୍ଟରଙ୍କୁ ସୁରକ୍ଷା ଦାୟିତ୍ୱ ଦିଆଯାଇଥିଲା।

# 'ପ୍ରତିଷ୍ଠିତ ହେବା ନିମନ୍ତେ ଚେଷ୍ଟା, ଅଧ୍ୟବସାୟ ଏକମାତ୍ର ରାସ୍ତା'



କବି ଜୟନ୍ତ ମହାପାତ୍ରଙ୍କୁ କବି ସମ୍ରାଟ ଉପେନ୍ଦ୍ର ଭଞ୍ଜ ସମ୍ମାନ ସ୍ୱରୂପ ୧ଲକ୍ଷ ଟଙ୍କାର ଚେକ୍ ପ୍ରଦାନ କରାଯାଉଛି।

**ବ୍ରହ୍ମପୁର ବିଶ୍ୱବିଦ୍ୟାଳୟର ୫୭ ତମ ପ୍ରତିଷ୍ଠା ଦିବସ**

**ବିଶ୍ୱସ୍ତରୀୟ ବିଶ୍ୱବିଦ୍ୟାଳୟ ଭାବେ ଗଢ଼ି ତୋଳିବାକୁ ଆହ୍ୱାନ**

ବ୍ରହ୍ମପୁର ଅଫିସ,୨୧

ବ୍ରହ୍ମପୁର ବିଶ୍ୱବିଦ୍ୟାଳୟର ୫୭ତମ ପ୍ରତିଷ୍ଠା ଦିବସ ସୋମବାର ଭଞ୍ଜବିହାରସ୍ଥ ବିଜୁ ପଟ୍ଟନାୟକ ଅଡିଟୋରିୟମଠାରେ ପାଳିତ ହୋଇଯାଇଛି। ଏଥିରେ ଓଡ଼ିଶା ଦକ୍ଷତା ବିକାଶ ପ୍ରାଧିକରଣର ଅଧ୍ୟକ୍ଷ ସୁବ୍ରତୋ ବାଗ୍‌ଚୀ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ଏହି ଅବସରରେ ବିଶିଷ୍ଟ ଶିକ୍ଷାବିତ୍ ତଥା ଅନ୍ତର୍ଜାତୀୟ ଖ୍ୟାତିସମ୍ପନ୍ନ କବି ପଦ୍ମଶ୍ରୀ ପ୍ରଫେସର ଜୟନ୍ତ ମହାପାତ୍ରଙ୍କୁ ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ ପକ୍ଷରୁ କବିସମ୍ରାଟ ଉପେନ୍ଦ୍ରଭଞ୍ଜ ଜାତୀୟ ସମ୍ମାନରେ ସମ୍ମାନିତ କରାଯିବା ସହ ୧ଲକ୍ଷ ଟଙ୍କା ପୁରସ୍କାର ସହ ମାନପତ୍ର ଓ ଉପଢୌକନ ପ୍ରଦାନ କରାଯାଇଥିଲା। ଉତ୍ସବରେ କୁଳପତି ପ୍ରଫେସର ଗୀତାଞ୍ଜଳି ଦାଶ ଅଧ୍ୟକ୍ଷତା କରିବା ସହ ବାର୍ଷିକ ବିବରଣୀ ପାଠ କରିଥିଲେ। ଏଥିରେ ପିଜି କାଉନ୍‌ସିଲ ଅଧ୍ୟକ୍ଷ ପ୍ରଫେସର ପ୍ରତାପ କୁମାର ମହାନ୍ତି ଅତିଥି ପରିଚୟ ପ୍ରଦାନ ଓ କୁଳସଚିବ ପ୍ରଫେସର ପ୍ରସନ୍ନ କୁମାର ସ୍ୱାଇଁ ସଭା ପରିଚାଳନା କରିଥିଲେ। ମୁଖ୍ୟ ଅତିଥି ବାଗ୍‌ଚୀ କହିଥିଲେ, ସାମ୍ପ୍ରତିକ ସମାଜରେ ପ୍ରତିଷ୍ଠିତ ହେବା ନିମନ୍ତେ ସଫଳତା ରାତାରାତି ଆସେନି, ନିୟମିତ ଅଧ୍ୟବସାୟ ଓ ଅହରହ ପ୍ରଚେଷ୍ଟା ରହିବା ଆବଶ୍ୟକ ବୋଲି ବିଦ୍ୟାର୍ଥୀଙ୍କୁ ଆହ୍ୱାନ କରିଥିଲେ। ଏହାସହ ଶିକ୍ଷାନୁଷ୍ଠାନ ହେଉ ଅବା ଶିଳ୍ପ ଅନୁଷ୍ଠାନ ପ୍ରତିଷ୍ଠିତ ଓ ବିଶ୍ୱସ୍ତରୀୟ ହେବା ନିମନ୍ତେ ମୁଖ୍ୟତଃ ତିନୋଟି ଉପାଦାନ ଦାୟୀ। ତାହା ହେଉଛି ସୁଦୃଢ଼ ଭିତ୍ତିଭୂମି, ଶିକ୍ଷାବିତ୍‌ଙ୍କ ପାରଦର୍ଶିତା ଏବଂ ଛାତ୍ରୀଛାତ୍ରଙ୍କ ସ୍ମରଣୀୟ ମୁହୂର୍ତ୍ତ ବୋଲି ସେ ମତବ୍ୟକ୍ତ କରିଥିଲେ। ସେହିପରି ପ୍ରଫେସର ଜୟନ୍ତ ମହାପାତ୍ର କହିଥିଲେ, ଏହି ସମ୍ମାନ ନିମନ୍ତେ ଆଜି ମଧ୍ୟ ମୁଁ ବହୁତ ଛୋଟ। କବି ସମ୍ରାଟଙ୍କ ନାଁ ସମ୍ମୁଖରେ ନିମିତ୍ତମାତ୍ର। ଜୀବନରେ ବଞ୍ଚି ରହିବା ନିମନ୍ତେ ଟଙ୍କା ଆବଶ୍ୟକ ନାହିଁ। ମୋ ଲେଖା ଜନସମାଜ ସହ ସ୍ନେହ ଓ ଶ୍ରଦ୍ଧା ଡୋରିରେ ବନ୍ଦୀ ରଖିଛି। ଲେଖିବା ଦ୍ୱାରା ନିଜକୁ, ସମାଜକୁ ଓ ଅନ୍ୟକୁ ଚିହ୍ନିବା ଜାଣିବାର ସୁଯୋଗ ପାଇଛି ବୋଲି କହିଥିଲେ। ଏହି ଅବସରରେ ଦକ୍ଷିଣ ଓଡ଼ିଶା ଲୋକ ସଂସ୍କୃତି ସମ୍ମାନରେ ପଦ୍ମଶ୍ରୀ ପୂର୍ଣ୍ଣମାସୀ ଜାନୀଙ୍କୁ ସମ୍ମାନିତ କରାଯାଇଥିଲା। ବିଶିଷ୍ଟ ସାହିତ୍ୟିକ ମେଜର ରମାରମଣ ପାଢ଼ୀ ଓ ପୂର୍ଣ୍ଣଚନ୍ଦ୍ର ମହାପାତ୍ରଙ୍କୁ ଅଙ୍ଗବସ୍ତ୍ର ସମ୍ମାନରେ ସମ୍ମାନିତ କରାଯାଇଥିବା ବେଳେ ବିଶ୍ୱବିଦ୍ୟାଳୟର ଆଲୁମ୍ନି ତଥା ଭୁବନେଶ୍ୱର କିଟ୍ ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ସସ୍ମିତା ସାମନ୍ତଙ୍କୁ କ୍ୟାରିୟର କ୍ଷେତ୍ରରେ ଉଲ୍ଲେଖନୀୟ ସଫଳତା ନିମନ୍ତେ ସମ୍ମାନିତ କରାଯାଇଥିଲା। ଏଥିରେ ବକ୍ତୃତା, ପ୍ରବନ୍ଧ, ଗବେଷଣା, ଆନ୍ତଃ ମହାବିଦ୍ୟାଳୟ ବିଭିନ୍ନ ପ୍ରତିଯୋଗିତାରେ ସଫଳତା ହାସଲ କରିଥିବା ଏବଂ ବିଭିନ୍ନ ବିଭାଗର ଟପ୍ପର ହୋଇଥିବା ୫୨ ଛାତ୍ରୀଛାତ୍ର ଓ ଭଲ୍ୟୁଣ୍ଟରଙ୍କୁ ପୁରସ୍କୃତ କରାଯାଇଥିଲା।

# ରାଧାକୃଷ୍ଣଙ୍କ ନାବକେଳି, କଂସଙ୍କ ଧନୁଯାତ୍ରା ଆୟୋଜନ

ମଥୁରାନଗରୀ,୨୧

ବରଗଡ଼ ଧନୁଯାତ୍ରାର ସୋମବାର ସପ୍ତମ ଦିବସରେ ମଥୁରାଧିପତି କଂସ ମହାରାଜଙ୍କ ପରାକ୍ରମ, ଧନୁଯାତ୍ରା ଆୟୋଜନ ଏବଂ ରାଧାକୃଷ୍ଣଙ୍କ ନାବକେଳି ଦୃଶ୍ୟାଭିନୟ ଦେଖିବାକୁ ମିଳିଥିଲା। ରାଧାକୃଷ୍ଣଙ୍କୁ ନେଇ ଗୋପବାସୀ ଶୋଭାଯାତ୍ରାରେ ମନାବନ୍ଧ ଅଭିମୁଖେ ବାହାରିଥିଲେ। ବାଟରେ ପ୍ରତିଘର ସମ୍ମୁଖରେ ପୂର୍ଣ୍ଣକଳସ ରଖି ରାଧାକୃଷ୍ଣଙ୍କୁ ସ୍ୱାଗତ କରାଯାଇଥିଲା। ମନାବନ୍ଧ (ଜଳାଶୟ)ରେ ନାବକେଳି ଦୃଶ୍ୟାଭିନୟ ବେଶ୍ ମନୋରମ ହୋଇଥିଲା। ସୁସଜ୍ଜିତ ଡଙ୍ଗାରେ ରାଧାକୃଷ୍ଣ ବସିଥିବାବେଳେ ନାଉରିଆ ଡଙ୍ଗାକୁ ଜଳାଶୟ ଚାରିପାଖ ବୁଲାଇଥିଲେ। ଏହି ଦୃଶ୍ୟାଭିନୟ ଚାଲିଥିବା ସମୟରେ ମନାବନ୍ଧର ଚତୁଃପାର୍ଶ୍ୱ ଲୋକାରଣ୍ୟ ହୋଇପଡ଼ିଥିଲା। ଉପସ୍ଥିତ ମହିଳାଙ୍କ ହୁଳହୁଳି ଏବଂ ପୁରୁଷଙ୍କ ହରିବୋଲରେ ସ୍ଥାନୀୟ ଅଞ୍ଚଳ କମ୍ପି ଉଠିଥିଲା।

ଅନ୍ୟପକ୍ଷେ ମଥୁରାଧିପତି କଂସ ଅନ୍ୟଦିନ ଭଳି ଅପରାହ୍ନରେ ମଥୁରା ଭ୍ରମଣରେ ବାହାରିଥିଲେ। ଏହି ସମୟରେ ସେ କ୍ଷେଟବ୍ୟାଙ୍କ ସମେତ ଅନ୍ୟ ସ୍ଥାନ



**ବରଗଡ଼ ଧନୁଯାତ୍ରା**

ପରିଦର୍ଶନ କରି ଲୋକମଣ୍ଡପ ପଡ଼ିଆ ସ୍ଥିତ ରଙ୍ଗମହଲରେ ପହଞ୍ଚିଥିଲେ। ସେଠାରେ କଂସ ମହାରାଜଙ୍କ ସମ୍ମୁଖରେ ବିଭିନ୍ନ ସାଂସ୍କୃତିକ ଅନୁଷ୍ଠାନର କଳାକାରମାନେ ନୃତ୍ୟଗୀତ ପରିବେଷଣ କରିଥିଲେ। ଏହାପରେ କଂସ ମହାରାଜ ହାଟପଦା ସ୍ଥିତ ରାଜଦରବାରକୁ ଯାଇଥିଲେ। ଗୋପପୁର ପ୍ରେରିତ ରାକ୍ଷସୀ, ରାକ୍ଷସ ନିଧନ ପରଠାରୁ ମର୍ମାହତ କଂସ ଶ୍ରୀକୃଷ୍ଣଙ୍କୁ ହତ୍ୟା କରିବା ପାଇଁ ପୁଣି ଷଡ଼ଯନ୍ତ୍ର ରଚନା କରିଥିଲେ। ଏଥିପାଇଁ ସେ ଧନୁଯାତ୍ରାର ଆୟୋଜନ କରିଥିଲେ। ଏହି କ୍ରମରେ ଧନୁଯାତ୍ରାକୁ କୃଷ୍ଣ ଓ ବଳରାମଙ୍କୁ ନିମନ୍ତ୍ରଣ ପାଇଁ ସେ ମହାମନ୍ତ୍ରୀ ଅକ୍ରୁରଙ୍କୁ ଗୋପପୁର ଯିବାକୁ ନିର୍ଦ୍ଦେଶ ଦେଇଥିଲେ। ତେବେ ମଙ୍ଗଳବାରଠାରୁ ବର୍ତ୍ତମାନ ରଙ୍ଗମହଲ ପାଲଟିଥିବା ଲୋକମଣ୍ଡପ ମଞ୍ଚ ରାଜଦରବାର ଏବଂ ହାଟପଦା ମଞ୍ଚରେ ରଙ୍ଗମହଲ ଦୃଶ୍ୟାଭିନୟ ଦେଖିବାକୁ ମିଳିବ।

## ନିକୁଞ୍ଜବିହାରୀ ମନ୍ଦିରରେ ଗୋଷ୍ଠଲୀଳା କୀର୍ତ୍ତନ

ବାଲିଅନ୍ତା,(ଡି.ଏନ୍.ଏ.)- ବାଲିଅନ୍ତାର ଆରାଧ ଠାକୁର ଶ୍ରୀନିକୁଞ୍ଜବିହାରୀ ଦେବଙ୍କ ମନ୍ଦିର ପରିସରରେ ରବିବାର ନୂଆବର୍ଷ ଅବସରରେ ପ୍ରଭୁଙ୍କ ମହାମନ୍ତ୍ର କୀର୍ତ୍ତନ ସହିତ ଗୋଷ୍ଠଲୀଳା ଅନୁଷ୍ଠିତ ହୋଇଯାଇଛି। ଭୁବନେଶ୍ୱର ୮ନଂ. ଡେଲ୍ଟା କଲୋନିର ସଚିନନ୍ଦନ ସଂକୀର୍ତ୍ତନ ପରିଷଦ ପକ୍ଷରୁ ଆୟୋଜିତ ଏହି ଆଧାତ୍ମିକ କାର୍ଯ୍ୟକ୍ରମରେ ଶତାଧିକ ଶ୍ରଦ୍ଧାଳୁ ଯୋଗଦେଇ ହରିନାମ ସଂକୀର୍ତ୍ତନରେ ସାମିଲ ହୋଇଥିଲେ। ଶ୍ୟାମ ସୁନ୍ଦର ପୃଷ୍ଟି ଓ ତାଙ୍କ ସହଯୋଗୀ ଏବଂ ବିଭିନ୍ନ ଅଞ୍ଚଳର ସଂକୀର୍ତ୍ତନ ମଣ୍ଡଳୀ ଯୋଗଦେଇ ପ୍ରଭୁ ଶ୍ରୀକୃଷ୍ଣ ଲୀଳା କୀର୍ତ୍ତନ କରିଥିଲେ।

# ରାଜଧାନୀରେ ମହିଳାଙ୍କୁ ହତ୍ୟା

■ ଭଙ୍ଗାଘରୁ ଗଳିତ ମୃତଦେହ ଜବତ
■ ବୁଧବାରଠାରୁ ନିଖୋଜ ଥିଲେ, ସ୍ୱାମୀ ଅଟକ

ଭୁବନେଶ୍ୱର, ୨।୧ (ବ୍ୟୁରୋ)


ପୋଲିସ ଘଟଣାସ୍ଥଳ ଆଖପାଖରେ ତଦନ୍ତ କରୁଛି ।

ଭୁବନେଶ୍ୱର ମଞ୍ଚେଶ୍ୱର ଥାନା ଅନ୍ତର୍ଗତ କୋରଡ଼କଣ୍ଟା ଅର୍ଦ୍ଧକପିଳେଶ୍ୱର ମନ୍ଦିର ନିକଟରେ ଥିବା ଏକ ଭଙ୍ଗା ଆଜବେଷ୍ଟସ୍ ଘରୁ ସୋମବାର ଜଣେ ମହିଳାଙ୍କ ଗଳିତ ମୃତଦେହକୁ ପୋଲିସ ଜବତ କରିଛି। ମୃତା ମହିଳା ହେଲେ ନୟାଗଡ଼ ଜିଲା ବାଣିଗୋଛା ଥାନା ଅଞ୍ଚଳର ସରିତା ନାୟକ (୩୦)। ସେ ତାଙ୍କ ସ୍ୱାମୀ ବିଦ୍ୟାଧର ଓରଫ ନାଲୁ ଓ ଭାଇ ହେରମ ଓରଫ ଜଗାଙ୍କ ସହ ଏଠାରେ ରହି ଶ୍ରମିକ ଭାବେ କାର୍ଯ୍ୟ କରୁଥିଲେ। ପାରିପାର୍ଶ୍ୱିକ ସ୍ଥିତିରୁ ସରିତାଙ୍କୁ ହତ୍ୟା କରାଯାଇଥିବା ଜଣାପଡ଼ିଛି। ସରିତା ଏକ ଶାଢ଼ି ପିନ୍ଧିଥିବାବେଳେ ମୃତଦେହର ୫୦ ପ୍ରତିଶତ ପଚିଯାଇଛି। ମୃତଦେହଟି କଳା ପଡିଯାଇଥିବା ଓ ସେଥିରୁ ପୋକ ବାହାରୁଥିବାରୁ ୪ରୁ ୫ ଦିନ ପୂର୍ବରୁ ତାଙ୍କୁ ହତ୍ୟା କରାଯାଇଥିବା ସନ୍ଦେହ କରାଯାଉଛି। ଜୋନ୍-୫ ଏସିପି ସଞ୍ଜୀବ ଶତପଥୀ ପୋଲିସ ଟିମ୍ ସହ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରିଛନ୍ତି। ସାଇଣ୍ଟିଫିକ୍ ଟିମ୍ ମଧ୍ୟ ସେଠାରୁ ବିଭିନ୍ନ ନମୁନା ସଂଗ୍ରହ କରିଛି। ବ୍ୟବଚ୍ଛେଦ ପାଇଁ ମୃତଦେହକୁ ପୋଲିସ ଏମ୍ସ ପଠାଇଥିବାବେଳେ ସରିତାଙ୍କୁ ତାଙ୍କ ସ୍ୱାମୀ ହତ୍ୟା କରିଥିବା ଭାଇ ହେରମ ଅଭିଯୋଗ କରିଛନ୍ତି। ତାଙ୍କ ଅଭିଯୋଗ ଆଧାରରେ ପୋଲିସ ଏକ ହତ୍ୟା ମାମଲା (ନଂ.୧/୨୦୨୩) ରୁଜୁ କରି ତଦନ୍ତ ଆରମ୍ଭ କରିଛି। ଥାନାଧିକାରୀ ସୁଧୀର କୁମାର ସାହୁ କହିଛନ୍ତି, ମହିଳାଙ୍କୁ ହତ୍ୟା କରାଯାଇଥିବା ସନ୍ଦେହ କରାଯାଉଛି। ତେବେ କିପରି ଓ କେମିତି ଘଟଣା ଘଟିଛି ତାହାର ଖୋଳତାଡ଼ କରାଯାଉଥିବାବେଳେ ବ୍ୟବଚ୍ଛେଦ ରିପୋର୍ଟକୁ ଅପେକ୍ଷା କରାଯାଇଛି। ସ୍ୱାମୀ ନାଲୁଙ୍କୁ ଖୋଜାଖୋଜି ଚାଲିଥିବା ସେ କହିଛନ୍ତି। ହେଲେ ପରବର୍ତ୍ତୀ ସମୟରେ ନାଲୁଙ୍କୁ ପୋଲିସ ଥାନାରେ ଅଟକ ରଖି ପଚରାଉଚରା କରୁଥିବା ବିଶ୍ୱସ୍ତ ସୂତ୍ରରୁ ସୂଚନା ମିଳିଛି।

ସୂଚନା ଅନୁଯାୟୀ, ସରିତା ନାଲୁଙ୍କୁ ଦ୍ୱିତୀୟ ବିବାହ କରିଥିଲେ। ଉଭୟଙ୍କର ଏକ ୪ ବର୍ଷର ପୁଅ ଅଛି। ତେବେ ସେମାନେ ଦେଢ଼ ମାସ ହେଲା କୋରଡ଼କଣ୍ଟାରେ ଏକ ନିର୍ମାଣାଧୀନ ଘରେ ରହିବା ସହ ସେଠାରେ କାମ କରୁଥିଲେ। ଏଥିସହ ସରିତାଙ୍କ ଭାଇ ହେରମ ଓ ଭାଉଜ ମଧ୍ୟ ତାଙ୍କ ସହ କାମ କରୁଥିଲେ। ତେବେ ନାଲୁ ଓ ସରିତାଙ୍କ ମଧ୍ୟରେ କିଛିଦିନ ହେଲା ଝଗଡ଼ା ଲାଗି ରହୁଥିଲା। ତେବେ ଗତ ୨୮ ତାରିଖ ରାତିରୁ ସରିତା ନିଖୋଜ ଥିଲେ। ଏପରିକି ସେହିଦିନଠାରୁ ସ୍ୱାମୀ ନାଲୁ ମଧ୍ୟ ସେଠାକୁ ଆସୁ ନ ଥିଲେ। ଏନେଇ ଭାଇ ହେରମ ଫୋନ୍ କରି ଭଉଣୀଙ୍କ କଥା ପଚାରିବାରୁ ସେ ତାଙ୍କ ସହ ଥିବା ନାଲୁ କହୁଥିଲେ। ତେବେ ସୋମବାର ଅପରାହ୍ନରେ ଉକ୍ତ ନିର୍ମାଣାଧୀନ ଘରଠାରୁ ୧୦୦ ମିଟର ଦୂର ଏକ ଭଙ୍ଗା ଆଜବେଷ୍ଟସ ଘରୁ ଦୁର୍ଗନ୍ଧ ଆସିଥିଲା। ଏନେଇ ହେରମ ସେଠାରେ ତାଙ୍କ ଭଉଣୀଙ୍କ ମୃତଦେହ ଦେଖିବା ପରେ କଣ୍ଟ୍ରାକ୍ଟରଙ୍କୁ ଜଣାଇବା ସହ ପୋଲିସକୁ ଖବର ଦେଇଥିଲେ।

# ମହିଳାଙ୍କ ସନ୍ଦେହଜନକ ମୃତ୍ୟୁ

**ଘରୁ ମିଳିଲା ଝୁଲନ୍ତା ମୃତଦେହ**

■ ପରିବାରର ଅଭିଯୋଗକ୍ରମେ ହତ୍ୟା ମାମଲା ରୁଜୁ

ଭୁବନେଶ୍ୱର, ୨।୧(ବ୍ୟୁରୋ)

ଖଣ୍ଡଗିରି ଥାନା ଅନ୍ତର୍ଗତ ପଞ୍ଚସଖା ନଗରରେ ଜଣେ ମହିଳାଙ୍କ ସନ୍ଦେହଜନକ ମୃତ୍ୟୁ ଘଟିଛି। ସେ ହେଲେ ନୟାଗଡ଼ ଜିଲା ଖଣ୍ଡପଡ଼ା ଥାନା ଅନ୍ତର୍ଗତ ବେଦାଙ୍ଗି ଗ୍ରାମର ସୁନିତା ନାଏକ (୨୫)। ଘରୁ ଝୁଲନ୍ତା ଅବସ୍ଥାରେ ତାଙ୍କ ମୃତଦେହ ମିଳିଛି। ସ୍ୱାମୀ ବିମଳ ବିଭୂତି ପଟ୍ଟନାୟକ ସୁନିତାଙ୍କୁ ମାରି ଟାଙ୍ଗି ଦେଇଥିବା ଖଣ୍ଡଗିରି ଥାନାରେ ମହିଳାଙ୍କ ପରିବାର ଲୋକେ ଅଭିଯୋଗ କରିଛନ୍ତି। ବିମଳ ଅଧିକାଂଶ ସମୟରେ ସ୍ତ୍ରୀଙ୍କୁ ମାରଧର କରନ୍ତି ବୋଲି ଅଭିଯୋଗରେ ଉଲ୍ଲେଖ ରହିଛି। ଅଭିଯୋଗକୁ ଭିତ୍ତି କରି ପୋଲିସ ଏକ ହତ୍ୟା ମାମଲା (ନଂ.୧/୨୦୨୩)ରୁଜୁ କରି ତଦନ୍ତ ଆରମ୍ଭ କରିଛି। ଏହାସହ ସ୍ୱାମୀ ନୟାଗଡ଼ ଜିଲା ହରିହରପୁରର ବିମଳଙ୍କୁ ଅଟକ ରଖି ପଚରାଉଚରା କରୁଛି ।

ସୂଚନା ଅନୁସାରେ, ସୁନିତା ଓ ବିମଳ ଗତ ୯ ମାସ ତଳେ ବିବାହ କରିଥିଲେ। ଏହା ପୂର୍ବରୁ ଉଭୟ ବିବାହିତ ଥିଲେ ମଧ୍ୟ ବିନା ଡିଭୋର୍ସରେ ଦ୍ୱିତୀୟ ବିବାହ କରିଥିଲେ। ପରେ ବିମଳ ପଞ୍ଚସଖା ନଗରରେ ଘର ଭଡା ନେଇ ସ୍ତ୍ରୀ ସୁନିତାଙ୍କୁ ନେଇ ରହିବା ସହ ଏକ ଘରୋଇ ସଂସ୍ଥାରେ କାମ କରନ୍ତି। ତାଙ୍କ କହିବା ଅନୁସାରେ, ଗତ ଦୁଇ ତିନିଦିନ ପୂର୍ବରୁ ସୁନିତା ଏକ କାମ ପାଇଁ ତାଙ୍କୁ କହିଥିଲେ। ଉକ୍ତ କାମ ପାଇଁ ସେ ତାଙ୍କ ସ୍ତ୍ରୀକୁ ସମୟ ଦେଇ ପାରି ନ ଥିଲେ। ଏହାକୁ ନେଇ ଉଭୟଙ୍କ ମଧ୍ୟରେ ବଚସା ହେବା ସହ ମନୋମାଳିନ୍ୟ


ମୃତ ସୁନୀତା ନାୟକ ।

ହୋଇଥିଲା। ରବିବାର ବିମଳ କୌଣସି କାମରେ ବାହାରକୁ ଯାଇଥିଲେ। ଅପରାହ୍ନ ୩ଟାରେ ଘରକୁ ଫେରି କବାଟ ଭିତରପଟୁ ବନ୍ଦ ଥିବା ଦେଖିଥିଲେ। ତେଣୁ ସେ ସ୍ତ୍ରୀ ସୁନିତାଙ୍କୁ ଡାକିଥିଲେ ମଧ୍ୟ ଶୁଣି ନ ଥିଲେ। ତେଣୁ କବାଟକୁ ଧକ୍କା ମାରି ଖୋଲି ଭିତରକୁ ଯିବା ପରେ ସୁନିତା ଫ୍ୟାନ୍‌ରେ ରଶି ଲଗାଇ ଝୁଲି ପଡିଥିବା ଦେଖି ବିମଳ ଖଣ୍ଡଗିରି ଥାନା ଓ ତାଙ୍କ ଶଶୁର ଘରକୁ ଜଣାଇଥିଲେ। ପୋଲିସ ଘଟଣା ସ୍ଥଳରେ ପହଞ୍ଚି ମୃତଦେହ ଜବତ କରିବା ସହ ବ୍ୟବଚ୍ଛେଦ ପାଇଁ କ୍ୟାପିଟାଲ ହସ୍ପିଟାଲକୁ ପଠାଇଥିଲା। ତେବେ ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ସୁନିତାଙ୍କ ମୃତ୍ୟୁର ପ୍ରକୃତ କାରଣ ଜଣାପଡିବ ବୋଲି ପୋଲିସ କହିଛି।

## ସଂକ୍ଷେପରେ

### ଛିନ୍ତାଇ ଅଭିଯୋଗରେ ୨ ଗିରଫ

୯ ମୋବାଇଲ, ୨ ବାଇକ୍ ଜବତ

ଭୁବନେଶ୍ୱର, ୨।୧(ବ୍ୟୁରୋ): ଛିନ୍ତାଇ ଓ ଚୋରି ମାମଲାରେ ଭରତପୁର ଥାନା ପୋଲିସ ୨ଜଣଙ୍କୁ ଗିରଫ କରି ସୋମବାର କୋର୍ଟ ଚାଲାଣ କରିଛି। ସେମାନେ ହେଲେ ଭଦ୍ରକ ଭଣ୍ଡାରୀପୋଖରୀ ଥାନା ଅଞ୍ଚଳରେ କାହ୍ନୁଚରଣ ମଲ୍ଲିକ ଓ ଗଞ୍ଜାମର ରାମଚନ୍ଦ୍ର ପ୍ରଧାନ। ଜାମିନ ନାମଞ୍ଜୁର ହେବାରୁ ଉଭୟଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି । ସେମାନଙ୍କଠାରୁ ବିଭିନ୍ନ କମ୍ପାନୀର ୯ଟି ମୋବାଇଲ, ୨ ଚୋରା ବାଇକ୍ ଜବତ ହୋଇଛି। ଅଭିଯୁକ୍ତଦ୍ୱୟ ବରମୁଣ୍ଡା ବସଷ୍ଟାଣ୍ଡରେ କମ୍ ଦାମରେ ବିଭିନ୍ନ ସାମଗ୍ରୀ ବିକ୍ରି କରିବା ପାଇଁ ଗ୍ରାହକ ଖୋଜୁଥିଲେ। ଲୋକଙ୍କ ସନ୍ଦେହ ହେବାରୁ ପୋଲିସକୁ ଜଣାଇଥିଲେ। ଖବରପାଇ ପୋଲିସ ପହଞ୍ଚି ଉଭୟଙ୍କୁ ପଚରାଉଚରା ସହ ଯାଞ୍ଚ କରିବାରୁ ସବୁ ଚୋରି ସାମଗ୍ରୀ ବୋଲି ଜଣାପଡ଼ିଥିଲା। ଏନେଇ ପୋଲିସ ପୃଥକ ମାମଲା ରୁଜୁ କରି ଅଭିଯୁକ୍ତଦ୍ୱୟଙ୍କୁ ଗିରଫ କରିଛି।

### ମା' ପରି କିଏ ହେବ

ଗାୟକ ତାନସେନ୍ ସିଂଙ୍କୁ ବିଦ୍ୟା କନକ ସମ୍ମାନ

ଭୁବନେଶ୍ୱର,୨।୧(ବ୍ୟୁରୋ): ବିଦ୍ୟାକନକ ସୃଜନ ଅନୁଷ୍ଠାନ ପକ୍ଷରୁ ସଙ୍ଗୀତ ଭିତ୍ତିକ କାର୍ଯ୍ୟକ୍ରମ 'ମା' ପରି କିଏ' ହେବ ରବୀନ୍ଦ୍ରମଣ୍ଡପରେ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଅତିଥି ଭାବେ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗର ମୁଖ୍ୟ ଶାସନ ସଚିବ ସତ୍ୟବ୍ରତ ସାହୁ, ଯୁଗ୍ମ ସଚିବ ସୁବୋଧ ଚନ୍ଦ୍ର ଆଚାର୍ଯ୍ୟ ଯୋଗଦେଇଥିଲେ। ଅନୁଷ୍ଠାନର ସଭାପତି ସୁଧାକର ପତ୍ରୀ ଓ ସଚିବ ଶୁଭକାନ୍ତ ପାଢ଼ୀ ପ୍ରମୁଖ ଅତିଥି ଭାବେ ଉପସ୍ଥିତ ଥିଲେ। ସନ୍ଧ୍ୟାର ସଙ୍ଗୀତ କାର୍ଯ୍ୟକ୍ରମ ଡ. ବିଜୟ ଜେନା, ପ୍ରଶାନ୍ତ ପାଢ଼ୀ, ଅଭିଜିତ୍ ମିଶ୍ର, ସୌରଭ ନାୟକ, ଅନିନ୍ଦିତା ଦାସ, ବ୍ରଜବଲ୍ଲଭ ନାୟକ, ମାଳବିକା ମହାନ୍ତି ପ୍ରମୁଖଙ୍କ କଣ୍ଠସ୍ୱରରେ ଝୁମି ଉଠିଥିଲା। ଏହି ଅବସରରେ ବିଶିଷ୍ଟ ଗାୟକ ତାନସେନ୍ ସିଂଙ୍କୁ ବିଦ୍ୟା କନକ ସମ୍ମାନରେ ସମ୍ମାନିତ କରାଯାଇଥିଲା।

### ଜାତୀୟ ସେବା ଶିବିର ଉଦ୍‌ଯାପିତ

ବାଲିପାଟଣା,୨।୧(ଡି.ଏନ୍.ଏ.): ବାଲିପାଟଣା ବ୍ଲକ ବନମାଳୀପୁର ଡିଗ୍ରୀ କଲେଜର ଏକ ସାତଦିନିଆ ଜାତୀୟ ସେବା ଶିବିର ସାରଦା ଉଚ୍ଚ ବିଦ୍ୟାଳୟ ନିକଟରେ ଅନୁଷ୍ଠିତ ହୋଇଯାଇଛି। ଜାତୀୟ ସେବା ଅଧିକାରୀ ମୋହମାୟା ମହାପାତ୍ର ଓ କଲେଜର ୫୦ଜଣ ଛାତ୍ରୀଛାତ୍ରଙ୍କୁ ନେଇ ଅନୁଷ୍ଠିତ ଶିବିର ସୋମବାର ଉଦ୍‌ଯାପିତ ହୋଇଯାଇଛି। ଛାତ୍ରୀଛାତ୍ରଙ୍କ ଦ୍ୱାରା ସ୍ୱଚ୍ଛ ଭାରତ କାର୍ଯ୍ୟକ୍ରମ, ସଚେତନତା ସୃଷ୍ଟି କରିବା ପାଇଁ ବିଭିନ୍ନ ସଚେତନତାଧର୍ମୀ ନାଟକ ପରିବେଷଣ, ସ୍କୁଲ ପରିସରରେ ଚାରାରୋପଣ ଆଦି କାର୍ଯ୍ୟକ୍ରମ କରଯାଇଥିଲା। ଉଦ୍‌ଯାପନୀ ଉତ୍ସବରେ ଭାଗୀରଥି ପାତ୍ର ଯୋଗଦେଇ କହିଥିଲେ, ସେବା ମନୋବୃତ୍ତି ନେଇ କାମ କଲେ ଜୀବନରେ ଜଣେ ସଫଳ ସମାଜସେବୀ ହୋଇପାରିବ। ଡିଗ୍ରୀ କଲେଜ ଅଧକ୍ଷ ଡ. ମୁରଲୀଧର ସାହୁ ଯୋଗଦେଇ ମତବ୍ୟକ୍ତ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଅଧାପକ ଉମେଶ ଚନ୍ଦ୍ର ନାୟକ, ସୁଶାନ୍ତ ମହାପାତ୍ର, ମନୋଜ କୁମାର ସାହୁ ପ୍ରମୁଖ ଯୋଗଦେଇଥିଲେ।

# ବିଏମ୍‌ସି ନିୟମ ମାନୁ ନାହାନ୍ତି ସ୍ମାର୍ଟସିଟି ବାସିନ୍ଦା


ଅଳିଆ ନ ପକାଇବାକୁ ବିଏମ୍‌ସି ପକ୍ଷରୁ ସୂଚନା ଫଳକ ପାଖରେ ଲୋକେ ଆବର୍ଜନା ପକାଇଛନ୍ତି ।

ଭୁବନେଶ୍ୱର,୨।୧(ବ୍ୟୁରୋ)

**ଫେବୃୟାରୀରୁ କଡ଼ା କାର୍ଯ୍ୟାନୁଷ୍ଠାନ**

ସ୍ମାର୍ଟସିଟି ବାସିନ୍ଦାଙ୍କ ଜୀବନଶୈଳୀକୁ ସୁଗମ କରିବା ପାଇଁ ଭୁବନେଶ୍ୱର ମହାନଗର ନିଗମ(ବିଏମ୍‌ସି) ପକ୍ଷରୁ ଅନେକ ଯୋଜନା କରାଯାଉଛି। ସେପଟେ ଯୋଜନା କାର୍ଯ୍ୟକାରୀ କରିବାରେ ଖିଲାପ ହେଲେ ସହରବାସୀଙ୍କ ପକ୍ଷରୁ ମାଳମାଳ ଅଭିଯୋଗ ହେଉଛି। ତେବେ ଅନେକ ସମୟରେ ପ୍ରଶାସନ ତତ୍ପରତା ଦେଖାଉଥିଲେ ମଧ୍ୟ ସହରବାସୀଙ୍କ ବେପରୁଆ ମନୋଭାବ ସହରର ଖରାପ ଚିତ୍ର ସୃଷ୍ଟି କରିବାରେ ଲାଗୁଛି। ବିଏମ୍‌ସି ପକ୍ଷରୁ 'ଏଠାରେ ଅଳିଆ ପକାନ୍ତୁ ନାହିଁ' ଶୀର୍ଷକ ପୋଷ୍ଟର ଯେଉଁଠି ଲଗାଯାଉଛି, ସେହିଠାରେ ହିଁ ଅଳିଆ ଗଦା ହେଉଥିବା ଦେଖିବାକୁ ମିଳୁଛି। ସେହିପରି 'ନୋ ପାର୍କିଂ' ଅଞ୍ଚଳରେ ପାର୍କିଂ କରିବା ଅଭ୍ୟାସ ଛାଡ଼ିପାରୁନାହାନ୍ତି ରାଜଧାନୀବାସୀ।

ସହରରେ ପ୍ରତିଦିନ ସକାଳେ ବିଏମ୍‌ସିର ସଫେଇ ଗାଡ଼ିକୁ ବସ୍ତିବାସିନ୍ଦା ଅଳିଆ ପୃଥକ କରି ଦେଉଥିବା ବେଳେ ବିଭିନ୍ନ ଆପାର୍ଟମେଣ୍ଟ ଓ ଶିକ୍ଷିତ ପରିବାର ଏହି ନିୟମକୁ ଅବମାନନା କରୁଛନ୍ତି। ରାତି ଅଧରେ ଗଳି ମୁଣ୍ଡରେ ଅଳିଆ ପକାଉଛନ୍ତି। ଏପରି ଚିତ୍ର ଶହୀଦ ନଗର ଅଧିକାଂଶ ଗଳିରେ ଦେଖିବାକୁ ମିଳୁଛି। ବିଏମ୍‌ସି ପକ୍ଷରୁ ସ୍ୱଚ୍ଛସାଥୀଙ୍କ ଯୋଗାଯୋଗ ନମ୍ବର ଥିବା ପୋଷ୍ଟର ମାଧ୍ୟମରେ ଅଳିଆ ନ ପକାଇବା ପାଇଁ ବାରଣ କରାଯାଉଥିଲେ ମଧ୍ୟ ଅଞ୍ଚଳବାସୀ ଏହାକୁ ଅଣଦେଖା କରୁଛନ୍ତି। ନିର୍ଦ୍ଦିଷ୍ଟ କେତେଜଣ ବ୍ୟକ୍ତିଙ୍କର ଏପରି ନିୟମିତ କାର୍ଯ୍ୟକଳାପ ପାଇଁ ଅସ୍ୱାସ୍ଥ୍ୟକର ପରିବେଶ ସୃଷ୍ଟି ହେଉଛି। ଦୁର୍ଗନ୍ଧରେ ସାହି ପଡ଼ିଶା ଅତିଷ୍ଠ ହେଉଛନ୍ତି। ସେହିପରି ବିଏମ୍‌ସି ଭବାନୀ ମଲ୍‌କୁ ବିଭିନ୍ନ କାର୍ଯ୍ୟ ପାଇଁ ଆସୁଥିବା ଲୋକଙ୍କ ପାଇଁ ପାର୍କିଂ ସ୍ଥଳ ରହିଥିଲେ ମଧ୍ୟ 'ନୋ ପାର୍କିଂ' ଅଞ୍ଚଳରେ ଶହ ଶହ ସଂଖ୍ୟାରେ ବାଇକ୍ ଏବଂ କାର୍ ପାର୍କିଂ କରାଯାଉଛି। ଫଳରେ ଅଧିକାଂଶ ସମୟରେ ଉକ୍ତ ଅଞ୍ଚଳରେ ଟ୍ରାଫିକ ସମସ୍ୟା ସୃଷ୍ଟି ହେଉଛି। ଆବର୍ଜନା ନିଷିଦ୍ଧ ଅଞ୍ଚଳରେ ଆବର୍ଜନା ପକାଉଥିବା ଲୋକଙ୍କ ବିରୋଧରେ ବିଏମ୍‌ସି ପକ୍ଷରୁ ଫେବୃୟାରୀରୁ କଡ଼ା କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ବିଭାଗୀୟ ଅଧିକାରୀ କହିଛନ୍ତି। ହକି ବିଶ୍ୱକପ୍ ପରେ ଅଧିକ ସଂଖ୍ୟକ ଏନଫୋର୍ସମେଣ୍ଟ ଟିମ୍ ଗଠନ କରାଯାଇ ଚଢ଼ାଉ କରାଯିବ ବୋଲି ସେ କହିଛନ୍ତି।

# ମହିଳାଙ୍କ କ୍ଷତବିକ୍ଷତ ମୃତଦେହ ଜବତ

ଭୁବନେଶ୍ୱର,୨।୧(ବ୍ୟୁରୋ)

ନୟାପଲ୍ଲୀ ଥାନା ଅନ୍ତର୍ଗତ ଇନ୍ଦିରା ଗାନ୍ଧୀ ମାର୍କେଟ ନିକଟସ୍ଥ ଏକ ନିର୍ମାଣାଧୀନ ଆପାର୍ଟମେଣ୍ଟରୁ ଜଣେ ମହିଳାଙ୍କ କ୍ଷତବିକ୍ଷତ ମୃତଦେହ ମିଳିଛି। ମୃତା ଜଣଙ୍କ ହେଲେ ମୟୂରଭଞ୍ଜ ଜିଲା ଉଦଳା ଅଞ୍ଚଳର ସୁନୀ ମୂଳି ସିଂ। ଖବରପାଇ ପୋଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ କ୍ୟାପିଟାଲ ହସ୍ପିଟାଲ ପଠାଇଛି। ତେବେ ମହିଳାଙ୍କ ଶରୀରରେ କ୍ଷତ ଚିହ୍ନ ଥିବାବେଳେ ତାଙ୍କ ସ୍ୱାମୀ ନିଶାସକ୍ତ ଅବସ୍ଥାରେ ପିଟି ମାରିଦେଇଥିବା ସନ୍ଦେହ ହେଉଥିବା ସ୍ଥାନୀୟ ଲୋକେ କହିଛନ୍ତି। ତେଣୁ ପୋଲିସ ମୃତାଙ୍କ ସ୍ୱାମୀଙ୍କୁ ଅଟକ ରଖି ଘଟଣାର ଅଧିକ ତଦନ୍ତ ଚଳାଇଛି। ସୂଚନାନୁସାରେ ସୁନୀ ଓ ତାଙ୍କ ସ୍ୱାମୀ ମହେଶ୍ୱର ରାଜଧାନୀରେ ରହି ଶ୍ରମିକ କାମ କରନ୍ତି। ଉକ୍ତ ନିର୍ମାଣାଧୀନ ଆପାର୍ଟମେଣ୍ଟରେ ରହୁଥିଲେ। ହେଲେ ସୋମବାର ରାତି ୯ଟାରେ ସୁନୀଙ୍କ ମୃତଦେହ ପାଖରେ ମହେଶ୍ୱର ବସି କାନ୍ଦୁଥିବାର କେତେଜଣ ଲୋକ ଦେଖିଥିଲେ। ଏହାପରେ ପାଖକୁ ଯାଇ ଘଟଣା ଜାଣିବା ପରେ ପୋଲିସକୁ ଖବର ଦେଇଥିଲେ। ଥାନାରେ କୌଣସି ଅଭିଯୋଗ ହୋଇ ନାହିଁ। ଏ ନେଇ ଥାନା ଅଧିକାରୀ ବିଶ୍ୱରଞ୍ଜନ ସାହୁ କହିଛନ୍ତି, ମୃତ୍ୟୁର ପ୍ରକୃତ କାରଣ ଜଣାପଡିନାହିଁ। ମହିଳାଙ୍କୁ ସ୍ୱାମୀ ମହେଶ୍ୱର ମାରଧର କରିଥିଲେ। ତେଣୁ ତାଙ୍କୁ ପଚରାଉଚାର ପାଇଁ ଥାନାରେ ଅଟକ ରଖାଯାଇଛି। ମୃତ ମହିଳାଙ୍କ ପରିବାରବର୍ଗଙ୍କୁ ଖବର ଦିଆଯାଇଛି।

# ନୂଆ ଆଶା ସଞ୍ଚାର କଲା କୃତ୍ରିମ ଗୋଡ଼


କୃତ୍ରିମ ଗୋଡ ସହ ପ୍ରତାପ କୁମାର ଜେନା(ମଝି) ଓ ଅନ୍ୟମାନେ ।

ଭୁବନେଶ୍ୱର, ୨।୧ (ବ୍ୟୁରୋ)

ଦୁର୍ଘଟଣାର ଶିକାର ହୋଇଥିବା ପ୍ରତାପଙ୍କ ଜୀବନରେ ଘୋଟି ଆସିଥିବା ଅନ୍ଧକାରକୁ ଦୂର କଲା ଓଡ଼ିଶା-ମୋ ପରିବାର। କ୍ୟାପିଟାଲ ହସ୍ପିଟାଲ ପରିସର ଏ.ଆର୍.ସି ସହିତ ସମନ୍ୱୟ ରକ୍ଷା କରି ପ୍ରତାପଙ୍କୁ ସୋମବାର କୃତ୍ରିମ ଗୋଡ଼ ଯୋଗାଇ ଦିଆଯାଇଛି। ଏଣିକି ଚଲାବୁଲା କରିବା ପାଇଁ ତାଙ୍କୁ ଆଉ କାହା ଉପରେ ନିର୍ଭର କରିବାକୁ ପଡିବ ନାହିଁ। କୃତ୍ରିମ ଗୋଡ଼ ଲାଗିବା ପରେ ପ୍ରତାପଙ୍କ ମନରେ ନୂଆ ଆଶା ସଞ୍ଚାର କରିଛି। ତାଙ୍କ ମୁହଁରେ ଖୁସିର ଲହରୀ ଖେଳି ଯାଇଛି। ସୂଚନା ଅନୁଯାୟୀ, ୧୯୯୭ ଏପ୍ରିଲ ୧୭ରେ ଜଗତ୍‌ସିଂହପୁର ଜିଲାର ୩୯ ବର୍ଷୀୟ ପ୍ରତାପ କୁମାର ଜେନା ମାଷ୍ଟରକ୍ୟାଣ୍ଟିନ ନିକଟରେ ଦୁର୍ଘଟଣାର ସମ୍ମୁଖୀନ ହୋଇଥିଲେ। ଏକ ବସ୍ ତାଙ୍କୁ ଧକ୍କା ଦେଇ ଚଢ଼ିଯିବା ଫଳରେ ସେ ଗୁରୁତର ଭାବେ ଆହତ ହୋଇଥିଲେ। ଏଥିରେ ତାଙ୍କ ଗୋଡ଼ରେ ଗଭୀର ଆଘାତ ଲାଗିଥିବାରୁ ଅସ୍ତ୍ରୋପଚାର ସମୟରେ ଡାକ୍ତର ଉକ୍ତ ଗୋଡ଼ କାଟି ଦେଇଥିଲେ। ୧୯୯୮ରେ ସେ ଓଲଟପୁରରୁ ଏକ କୃତ୍ରିମ ଗୋଡ଼ ଆଣି ବ୍ୟବହାର କରୁଥିଲେ। କିନ୍ତୁ କିଛିବର୍ଷ ପରେ ତାହା ନଷ୍ଟ ହୋଇଯାଇଥିଲା। ତାଙ୍କର ଏ ସଂଘର୍ଷମୟ କାହାଣୀ ସମ୍ପର୍କରେ ଭୁବନେଶ୍ୱରସ୍ଥିତ ମା' ମଙ୍ଗଳା କ୍ଲବର ୨ଜଣ ସାମାଜିକକର୍ମୀ ରାଜା ମହାନ୍ତି ଏବଂ ଦେବାଶିଷ ମହାରଣାଙ୍କଠାରୁ ଓଡ଼ିଶା ମୋ ପରିବାର ଯୁଗ୍ମ ସମ୍ପାଦକ ରୁଦ୍ର ନାରାୟଣ ସାମନ୍ତରାୟ ଜାଣିଥିଲେ। ଅନୁଷ୍ଠାନର ଆବାହକଙ୍କ ସହ ଆଲୋଚନା କରିବା ପରେ ତୁରନ୍ତ ପଦକ୍ଷେପ ନିଆଯାଇ କୃତ୍ରିମ ଗୋଡ଼ ଯୋଗାଇ ଦିଆଯାଇଛି। ଏହି ସମୟରେ ରୁଦ୍ର ନାରାୟଣଙ୍କ ସମେତ ସ୍ୱାସ୍ଥ୍ୟ ଉପଦେଷ୍ଟା ସତ୍ୟଜିତ ଦାଶ, ରାଜ୍ୟ ସଂଯୋଜକ ମିହିର ରାୟ ଏବଂ ଅନୁଷ୍ଠାନର ସଦସ୍ୟମାନେ ଉପସ୍ଥିତ ଥିଲେ।

# ଡୋଜର ଆଗରେ ଶୋଇଲେ ଉଠା ଦୋକାନୀ

ଭୁବନେଶ୍ୱର,୨।୧(ବ୍ୟୁରୋ)

**ଉଚ୍ଛେଦକୁ ବିରୋଧ**

ରାସ୍ତାକଡ଼ରେ ଉଠାଦୋକାନ କରି ଗୁଜୁରାଣ ମେଣ୍ଟାଉଥିବା ଦୋକାନୀଙ୍କୁ ଉଚ୍ଛେଦ କରାଯିବ ନାହିଁ। ଅତି ଆବଶ୍ୟକ ପଡ଼ିଲେ ଉଠାଦୋକାନୀ ମହାସଂଘର କର୍ମକର୍ତ୍ତାଙ୍କୁ ଡାକି ଆଲୋଚନା ପରେ ଦୋକାନ ଭଙ୍ଗାଯିବ ବୋଲି ବିଏମ୍‌ସି ପ୍ରତିଶ୍ରୁତି ଦେଇଥିଲା। ମାତ୍ର ପ୍ରତିଶ୍ରୁତିକୁ ୩ଦିନ ନ ପୂରୁଣୁ ପୁଣିଥରେ ଉଠାଦୋକାନୀଙ୍କୁ ଉଠାଇବାକୁ ଚେଷ୍ଟା କରିଛି ବିଏମ୍‌ସି। ସୋମବାର ଶିଖରଚଣ୍ଡୀ ବଜାର ନିକଟରେ ଥିବା ଦୋକାନଗୁଡ଼ିକୁ ଦ୍ୱିତୀୟଥର ଭାଙ୍ଗିବା ପାଇଁ ଉଚ୍ଛେଦକାରୀ ଟିମ୍ ପହଞ୍ଚିଥିଲା। ଏହାକୁ ବିରୋଧ କରି ଶତାଧିକ ଉଠା ଦୋକାନୀ ଏକତ୍ରିତ ହୋଇ ଡୋଜର ଆଗରେ ଶୋଇ ପ୍ରତିବାଦ କରିଥିଲେ। ଘଟଣାସ୍ଥଳରୁ ଜଣେ ଦୋକାନୀ ନିଖିଳ ଓଡ଼ିଶା ରାସ୍ତାପାର୍ଶ୍ୱ ଉଠାଦୋକାନୀ ମହାସଂଘର ରାଜ୍ୟ ସଭାପତି ପ୍ରତାପ କୁମାର ସାହୁଙ୍କୁ ଏନେଇ ଜଣାଇଥିଲେ। ଖବର ପାଇ ସଂଘ ସଭାପତି ସାହୁ ଘଟଣାସ୍ଥଳରେ ପହଞ୍ଚି ସଂଘ ସହ ବିନା ଆଲୋଚନାରେ ବିଏମ୍‌ସି କିଭଳି ଉଚ୍ଛେଦ କରିବାକୁ ଆସିଛି ବୋଲି ପ୍ରଶ୍ନ କରିବା ସହ ଫେରିଯିବାକୁ କହିଥିଲେ। ଏଥିସହ ଦୋକାନୀମାନଙ୍କୁ ବୁଝାଶୁଝା କରିବା ପରେ ସେମାନେ ପ୍ରତିବାଦରୁ ଓହରିଥିଲେ। ଏ ନେଇ ପ୍ରତାପ କହିଛନ୍ତି, ଡିସେମ୍ବର ୩୦ରେ ବିଏମ୍‌ସି, ବିଡିଏ ଓ ପୋଲିସଙ୍କ ଉପସ୍ଥିତିରେ ଉଠାଦୋକାନ ଉଚ୍ଛେଦ କରାଯିବ ନାହିଁ ବୋଲି ନିଷ୍ପତ୍ତି ହୋଇଥିଲା। ଏହାକୁ ନ ମାନି ବିଏମ୍‌ସି ଉଚ୍ଛେଦକାରୀ ଦଳକୁ ପଠାଇଥିଲା। ଫଳରେ ଏପରି ଅପ୍ରୀତିକର ପରିସ୍ଥିତି ସୃଷ୍ଟି ହୋଇଥିଲା। ବିଶ୍ୱକପ୍ ହକି ପାଇଁ ହଜାର ହଜାର ଉଠାଦୋକାନୀ ସେମାନଙ୍କର ରୋଜଗାର ହରାଇଛନ୍ତି। ସହରର ସୌନ୍ଦର୍ଯ୍ୟକରଣ ନାମରେ ସେମାନଙ୍କ ପେଟରେ ନାତ ମାରୁଛି ବିଏମ୍‌ସି, ବିଡିଏ। ଏହାକୁ ନିଖିଳ ଓଡ଼ିଶା ରାସ୍ତାପାର୍ଶ୍ୱ ଉଠାଦୋକାନୀ ମହାସଂଘ ଦୃଢ଼ ବିରୋଧ କରିବା ସହ ବିଏମ୍‌ସି କାର୍ଯ୍ୟାଳୟ ଘେରାଉ କରିଥିଲା। ଆପୋସ ଆଲୋଚନାରେ ଉଚ୍ଛେଦ ବନ୍ଦ କରିବାକୁ ନିଷ୍ପତ୍ତି ନିଆଯାଇଥିବାବେଳେ ବିଏମ୍‌ସି ଏହାକୁ ଖିଲାପ କରିଥିବାରୁ ଉତ୍ତେଜନା ପ୍ରକାଶ ପାଇଥିଲା।


ଶିଖରଚଣ୍ଡୀରେ ଉଠା ଦୋକାନୀମାନେ ଉଚ୍ଛେଦକୁ ବିରୋଧ କରୁଛନ୍ତି ।

# ପାଠାଗାର ଆନ୍ଦୋଳନ ସକ୍ରିୟ କରିଥିଲେ ମହତାବ

ଭୁବନେଶ୍ୱର,୨।୧(ବ୍ୟୁରୋ)


ହରେକୃଷ୍ଣ ମହତାବ ରାଜ୍ୟ ଗ୍ରନ୍ଥାଗାର ପରିସରରେ ଥିବା ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ ଅବସରରେ ଅତିଥି ଓ ଅନ୍ୟମାନେ ।

**ହରେକୃଷ୍ଣ ମହତାବଙ୍କ ୩୬ତମ ଶ୍ରାଦ୍ଧୋତ୍ସବ**

ଡ. ହରେକୃଷ୍ଣ ମହତାବ ଥିଲେ ଏକାଧାରରେ ଜଣେ ସ୍ୱାଧୀନତା ସଂଗ୍ରାମୀ, ଐତିହାସିକ, ସାହିତ୍ୟିକ, ସାମ୍ବାଦିକ, ଖବରକାଗଜ ସମ୍ପାଦକ, ଓଡ଼ିଶାର ପୂର୍ବତନ ପ୍ରଧାନମନ୍ତ୍ରୀ, ମୁଖ୍ୟମନ୍ତ୍ରୀ, ବମ୍ବେ ପ୍ରଦେଶର ରାଜ୍ୟପାଳ ଓ ପୂର୍ବତନ କେନ୍ଦ୍ରମନ୍ତ୍ରୀ। ସେ ଥିଲେ ଓଡ଼ିଶାର ଚଳନ୍ତି ପାଠାଗାର। ଓଡ଼ିଶାରେ ପାଠାଗାର ଆନ୍ଦୋଳନକୁ ସେ ହିଁ ସକ୍ରିୟ କରିଥିଲେ। ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ପକ୍ଷରୁ ସୋମବାର ତାଙ୍କ ୩୬ତମ ଶ୍ରାଦ୍ଧ ଦିବସ ପାଳନ ଅବସରରେ ଅତିଥିମାନେ ଏହା କହିଛନ୍ତି। ପ୍ରଥମେ ବିଜେବି ନଗରସ୍ଥିତ ତାଙ୍କ ପ୍ରତିମୂର୍ତ୍ତି ଓ ପରେ ଶହୀଦ ସ୍ୱାଧୀନତା ସଂଗ୍ରାମୀ ସଦନଠାରେ ଥିବା ପ୍ରତିକୃତିରେ ମାଲ୍ୟାର୍ପଣ କରାଯାଇଥିଲା। ବିଭାଗୀୟ ଅନୁଶାସନ ସଚିବ ଲକ୍ଷ୍ମୀଧର ବେହେରାଙ୍କ ସଂଯୋଜନାରେ ହରେକୃଷ୍ଣ ମହତାବ ରାଜ୍ୟ ଗ୍ରନ୍ଥାଗାର ପରିସରରେ ଥିବା ପ୍ରତିମୂର୍ତ୍ତିରେ ଭାରପ୍ରାପ୍ତ ଅଧିକାରୀଙ୍କ ପୌରୋହିତ୍ୟରେ ମାଲ୍ୟାର୍ପଣ କରାଯାଇଥିଲା। କାର୍ଯ୍ୟକ୍ରମରେ ବିଧାୟକ ପ୍ରଫୁଲ୍ଲ ସାମଲ, ସୁରେଶ କୁମାର ରାଉତରାୟ, ପୂର୍ବତନ ବିଧାୟକ ପ୍ରଭାତ କୁମାର ତ୍ରିପାଠୀ, ପ୍ରଶାସକ ସ୍ୱଦେଶ ସୁନ୍ଦର ପଟ୍ଟନାୟକ, ଶିକ୍ଷାବିତ୍ କାମଦେବ ମହାପାତ୍ର, ଅଧ୍ୟାପକ ରମେଶ ଚନ୍ଦ୍ର ପାତାଳସିଂହ, ଗିରିଜା ଶଙ୍କର ମହାପାତ୍ର, ସଂଜୟ କୁମାର ପରିଡ଼ା, ପୂର୍ବତନ କର୍ପୋରେଟର ଶାଶ୍ୱତୀ ମିଶ୍ର, ଅନୁପମା ବେହେରା, ସଂଯୁକ୍ତା ମିଶ୍ର, ସରୋଜିନୀ ମିଶ୍ର, ବିଜୟ କୁମାର ପରିଡ଼ା, ଉଇ ଫର୍ ଭୁବନେଶ୍ୱରର ସଭ୍ୟ, ଗ୍ରନ୍ଥାଗାର କର୍ମଚାରୀ ଓ ପାଠକମାନେ ଯୋଗଦେଇ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ଏହି ଅବସରରେ ପ୍ରବୋଧ କୁମାର ଦାସ, ବାବନ ଶତପଥୀ, ହାଡ଼ିବନ୍ଧୁ ବେଉରିଆ, ତାପସ କୁମାର ସାହୁ ଓ ଅବନ୍ତୀ କୁମାର ସୁତାରଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଏଥିଓହ ପାଠାଗାର ପରିସରରେ ଡ. ମହତାବଙ୍କ ଉପରେ ଏକ ସ୍ୱତନ୍ତ୍ର ପୁସ୍ତକ ପ୍ରଦର୍ଶନୀ, ଆଲୋଚନାଚକ୍ର ଏବଂ ଗ୍ରନ୍ଥାଗାର ବନ୍ଧୁମିଳନ ଅନୁଷ୍ଠିତ ହୋଇଥିଲା। ମହତାବ ଛାତ୍ର ଜୀବନ ପରିତ୍ୟାଗ କରି ଗାନ୍ଧିଜୀଙ୍କ ଆହ୍ୱାନରେ ସ୍ୱାଧୀନତା ସଂଗ୍ରାମରେ ଯୋଗଦେଇ ରାଜ୍ୟରେ ଏକ ଦୁର୍ବାର ବ୍ରିଟିଶ ବିରୋଧୀ ଆନ୍ଦୋଳନ ଗଢିତୋଳିବା ସହ ଗଡ଼ଜାତ ପ୍ରଜା ଆନ୍ଦୋଳନରେ ସାମିଲ ହୋଇ ଏହାକୁ ସକ୍ରିୟ କରିଥିଲେ। ରାଜ୍ୟରେ ଗଣମାଧ୍ୟମକୁ ସକ୍ରିୟ କରିବା ପାଇଁ ପ୍ରଜାତନ୍ତ୍ର ଖବରକାଗଜ ପ୍ରତିଷ୍ଠା କରିଥିଲେ। ଝଙ୍କାର ସାହିତ୍ୟ ପତ୍ରିକା, ମୀନାବଜାର ଶିଶୁ ପତ୍ରିକା ପ୍ରକାଶନ କରିଥିଲେ। ସାହିତ୍ୟିକଙ୍କୁ ପ୍ରୋତ୍ସାହିତ କରିବାକୁ ବିଷୁବ ମିଳନ ଆରମ୍ଭ କରିଥିଲେ। ଓଡ଼ିଶା ଇତିହାସ ସହିତ ବହୁ ପୁସ୍ତକ ରଚନା କରି ସେ ଓଡ଼ିଶାର ବାଣୀ ଭଣ୍ଡାରକୁ ସମୃଦ୍ଧ କରିଥିଲେ। ରାଜ୍ୟରେ ପାଠାଗାର ଆନ୍ଦୋଳନକୁ ସକ୍ରିୟ କରିବା ପାଇଁ ଆଜୀବନ କାର୍ଯ୍ୟ କରି ଓଡ଼ିଶା ପାଠାଗାର ସଂଘର ଆଜୀବନ ସଭାପତି ହୋଇଥିଲେ। ମହତାବଙ୍କୁ ଛାଡ଼ି ଓଡ଼ିଶାର ଇତିହାସ ରଚନା କରାଯାଇ ନ ପାରେ ବୋଲି ଅତିଥିମାନେ କହିଥିଲେ। ଗ୍ରନ୍ଥାଗାରିକ ସସ୍ମିତା ମିଶ୍ର, ରୁଦ୍ର ପ୍ରସାଦ ବେହେରା, କୁମୁମିନା ଦାସ, ବିଦ୍ୟାଧର ପଣ୍ଡା, ସଳିତା ପାତ୍ର, ମଞ୍ଜୁରାଣୀ ମୁଦୁଲି, କଣ୍ଠମଣି ବିଶ୍ୱାଳ, ସୁବର୍ଣ୍ଣ ପଣ୍ଡା, ରାଜ୍ୟ ଗ୍ରନ୍ଥାଗାରରେ ପ୍ରକଳ୍ପ କାର୍ଯ୍ୟ କରୁଥିବା ଗ୍ରନ୍ଥାଗାରିକ ବିଦ୍ୟାର୍ଥୀ ପ୍ରମୁଖ ଡ. ମହତାବଙ୍କ ସମ୍ପର୍କରେ କହିଥିଲେ।

## ସଂକ୍ଷେପରେ

### ଆଞ୍ଚଳିକ ନୀଳାଚଳ ଭକ୍ତ ସମ୍ମିଳନୀ ଉଦ୍‌ଘାଟିତ

ବୋଲଗଡ଼,୨୧(ଡି.ଏନ୍.ଏ.): ବୋଲଗଡ଼ ବ୍ଲକ ଅନ୍ତର୍ଗତ ଚମ୍ପାଇଲୋ ମା'ବଘେଇ ଦେବୀଙ୍କ ପୀଠରେ ୨୨ତମ ଆଞ୍ଚଳିକ ନୀଳାଚଳ ଭକ୍ତ ସମ୍ମିଳନୀ ସୋମବାର ଉଦ୍‌ଘାଟିତ ହୋଇଯାଇଛି। ଟିକାତାଳ ରାମକୃଷ୍ଣ ଆଶ୍ରମର ଅଧକ୍ଷ ସ୍ୱାମୀ ଭାଗବତାନନ୍ଦ ପୁରୀଙ୍କ ଅଧକ୍ଷତାରେ ଲୋକନାଥ ଦେବ ଓ ଜଗନ୍ନାଥଙ୍କ ଭାବଧାରାରେ ପ୍ରବଚନ ଅନୁଷ୍ଠିତ ହୋଇଥିଲା। ବେଦମନ୍ତ୍ର, ଲିଙ୍ଗାଷ୍ଟକ, ୧୦୮ପଞ୍ଚାକ୍ଷର ମନ୍ତ୍ର ଜପ ଧାନ ଓ ଶ୍ରୀଜଗନ୍ନାଥ କୀର୍ତ୍ତନ ଆଦି ହୋଇଥିଲା। ବେଗୁନିଆ ଓ ଟିକାତାଳର ଭକ୍ତମଣ୍ଡଳୀଙ୍କ ଦ୍ୱାରା କାର୍ଯ୍ୟକ୍ରମ ପରିଚାଳନା କରାଯାଇଥିଲା। ମାଗୁରା, ସାନବାଡ଼ ଓ ଚମ୍ପାଇଲୋ ଗ୍ରାମର ମହିଳା ଶ୍ରଦ୍ଧାଳୁଙ୍କ ଦ୍ୱାରା ଆୟୋଜନ କରାଯାଇଛି। ଓଡ଼ିଶାର ବିଭିନ୍ନ ଅଞ୍ଚଳରୁ ପ୍ରବଚକମାନେ ଯୋଗ ଦେଇଛନ୍ତି। ୬ତାରିଖ ପର୍ଯ୍ୟନ୍ତ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ।

### ସ୍କାଏଲାଇଟ୍ ଭାଙ୍ଗି ସୁନା ଗହଣା ଚୋରି

ବଲାଙ୍ଗୀ,୨୧(ଡି.ଏନ୍.ଏ.): ବଲାଙ୍ଗୀ ଥାନା ଅନ୍ତର୍ଗତ ଚକଲଙ୍ଗା ଗ୍ରାମର ଜଣେ ବ୍ୟକ୍ତିଙ୍କ ଘରର ସ୍କାଏଲାଇଟ ଭାଙ୍ଗି ଲକ୍ଷାଧିକ ଟଙ୍କାର ସୁନା ଗହଣା ସହ ନଗଦ ଟଙ୍କା ଚୋରି ହୋଇଥିବା ସୋମବାର ବଲାଙ୍ଗୀ ଥାନାରେ ଅଭିଯୋଗ ହୋଇଛି। ପୋଲିସ ଏକ ମାମଲା (ନଂ. ୧/୨୩)ରୁଜୁ କରି ତଦନ୍ତ ଚଳାଇଛି। ପ୍ରକାଶ ଯେ, ଜଟଣୀ ଥାନା ଅଧୀନ ଦେଉଳିଆ ପାଟଣା ଗ୍ରାମର ପ୍ରଶାନ୍ତ ସାହୁ ବଲାଙ୍ଗୀରେ ବ୍ୟାଙ୍କ ଅଫ୍ ଇଣ୍ଡିଆ ଶାଖାରେ ସହକାରୀ ପରିଚାଳକ ଭାବେ କାର୍ଯ୍ୟରତ ଅଛନ୍ତି। ସେ ଚକଲଙ୍ଗାସ୍ଥିତ ଶରତ ସାହୁଙ୍କ ଘରେ ଭଡ଼ାରେ ରୁହନ୍ତି। ପ୍ରଶାନ୍ତ ରବିବାର ସ୍ତ୍ରୀଙ୍କ ସହ ଗାଁକୁ ଯାଇଥିଲେ। ଘରର ସ୍କାଏଲାଇଟ ଭଙ୍ଗା ଯାଇଥିବା ବାବଦରେ ତାଙ୍କ ପଡ଼ୋଶୀ ସୋମବାର ସକାଳେ ପ୍ରଶାନ୍ତଙ୍କୁ ଖବର ଦେଇଥିଲେ। ପ୍ରଶାନ୍ତ ଚକଲଙ୍ଗାରେ ପହଞ୍ଚି ସ୍କାଏଲାଇଟ୍ ଭଙ୍ଗା ହୋଇଥିବା ଦେଖିଥିଲେ। ଏଥିସହ ଭିତର ଘରର ସମସ୍ତ ତାଲା ଭଙ୍ଗାଯାଇଥିବାବେଳେ ଶୋଇବା ଘରର ଆସବାବପତ୍ର ଏପଟ ସେପଟ ହୋଇ ପଡ଼ିଥିବା ଦେଖିଥିଲେ। ୮୨ ହଜାର ଟଙ୍କା ଓ ୧ ଲକ୍ଷରୁ ଊର୍ଦ୍ଧ୍ୱ ମୂଲ୍ୟର ସୁନାଗହଣା ଚୋରି ହୋଇଥିବା ଅଭିଯୋଗ ହୋଇଛି।

### ଓଡ଼ିଶା ବାର୍ତ୍ତାର ସାହିତ୍ୟ ମିତ୍ର ସମ୍ମାନ ପ୍ରଦାନ

ଅସ୍ତରଙ୍ଗ,୨୧(ଡି.ଏନ୍.ଏ.) ଶାମ୍ବ ଦଶମୀ ଅବସରରେ ଓଡ଼ିଶା ବାର୍ତ୍ତା ସାହିତ୍ୟ ପରିଷଦ ପକ୍ଷରୁ ଅମରେଶ୍ୱର ମନ୍ଦିର ପ୍ରାଙ୍ଗଣରେ ରବିବାର ରାଜ୍ୟସ୍ତରୀୟ ବାର୍ତ୍ତା ସାହିତ୍ୟ ମିତ୍ର ସମ୍ମାନ ଓ ସାହିତ୍ୟ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ଓଡ଼ିଶା ବାର୍ତ୍ତା ସାହିତ୍ୟ ପରିଷଦର ପ୍ରତିଷ୍ଠାତା ସମ୍ପାଦକ ଡ. ସଂଗ୍ରାମ କେଶରୀ ସାମନ୍ତରାୟ ଏଥିରେ ଅଧକ୍ଷତା କରିଥିଲେ। କବି, ଲେଖକ, ସ୍ତମ୍ଭକାର ଓ ଖବରଦାତାଙ୍କୁ ବାର୍ତ୍ତା ସାହିତ୍ୟ ମିତ୍ର ସମ୍ମାନରେ ସମ୍ମାନିତ କରାଯାଇଥିଲା। ଜଣେ ନିରନ୍ତର ସାରସ୍ୱତ ସାଧକ ଓଡ଼ିଆ ଭାଷା ସଂସ୍କୃତିର ପ୍ରଚାରକ ଭାବେ ଡ. ସଂଗ୍ରାମ କେଶରୀ ସାମନ୍ତରାୟଙ୍କୁ ରାଜ୍ୟସ୍ତରୀୟ ମାତୃ ଭାରତୀ ସମ୍ମାନରେ ସମ୍ମାନିତ କରାଯାଇଛି।

# ରାଜଧାନୀରେ ମହିଳାଙ୍କୁ ହତ୍ୟା

■ ଭଙ୍ଗାଘରୁ ଗଳିତ ମୃତଦେହ ଜବତ
■ ବୁଧବାରଠାରୁ ନିଖୋଜ ଥିଲେ, ସ୍ୱାମୀ ଅଟକ

ଭୁବନେଶ୍ୱର, ୨୧ (ବ୍ୟୁରୋ)

ଭୁବନେଶ୍ୱର ମଞ୍ଚେଶ୍ୱର ଥାନା ଅନ୍ତର୍ଗତ କୋରଡ଼କଣ୍ଟା ଅର୍ଦ୍ଧକପିଳେଶ୍ୱର ମନ୍ଦିର ନିକଟରେ ଥିବା ଏକ ଭଙ୍ଗା ଆଜବେଷ୍ଟସ୍ ଘରୁ ସୋମବାର ଜଣେ ମହିଳାଙ୍କ ଗଳିତ ମୃତଦେହକୁ ପୋଲିସ ଜବତ କରିଛି। ମୃତା ମହିଳା ହେଲେ ନୟାଗଡ଼ ଜିଲା ବାଣିଗୋଛା ଥାନା ଅଞ୍ଚଳର ସରିତା ନାୟକ (୩୦)। ସେ ତାଙ୍କ ସ୍ୱାମୀ ବିଦ୍ୟାଧର ଓରଫ ନାଲୁ ଓ ଭାଇ ହେରମ ଓରଫ ଜଗାଙ୍କ ସହ ଏଠାରେ ରହି ଶ୍ରମିକ ଭାବେ କାର୍ଯ୍ୟ କରୁଥିଲେ। ପାରିପାର୍ଶ୍ୱିକ ସ୍ଥିତିରୁ ସରିତାଙ୍କୁ ହତ୍ୟା କରାଯାଇଥିବା ଜଣାପଡ଼ିଛି। ସରିତା ଏକ ଶାଢ଼ି ପିନ୍ଧିଥିବାବେଳେ ମୃତଦେହର ୫୦ ପ୍ରତିଶତ ପଚିଯାଇଛି। ମୃତଦେହଟି କଳା ପଡିଯାଇଥିବା ଓ ସେଥିରୁ ପୋକ ବାହାରୁଥିବାରୁ ୪ରୁ ୫ ଦିନ ପୂର୍ବରୁ ତାଙ୍କୁ ହତ୍ୟା କରାଯାଇଥିବା ସନ୍ଦେହ କରାଯାଉଛି। ଜୋନ୍-୫ ଏସିପି ସଞ୍ଜୀବ ଶତପଥୀ ପୋଲିସ ଟିମ୍ ସହ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରିଛନ୍ତି। ସାଇଣ୍ଟିଫିକ୍ ଟିମ୍ ମଧ୍ୟ ସେଠାରୁ ବିଭିନ୍ନ ନମୁନା ସଂଗ୍ରହ କରିଛି। ବ୍ୟବଚ୍ଛେଦ


ପୋଲିସ୍ ଘଟଣା ସ୍ଥଳରେ ତଦନ୍ତ କରୁଛି।

ପାଇଁ ମୃତଦେହକୁ ପୋଲିସ ଏମ୍ସ ପଠାଇଥିବାବେଳେ ସରିତାଙ୍କୁ ତାଙ୍କ ସ୍ୱାମୀ ହତ୍ୟା କରିଥିବା ଭାଇ ହେରମ ଅଭିଯୋଗ କରିଛନ୍ତି। ତାଙ୍କ ଅଭିଯୋଗ ଆଧାରରେ ପୋଲିସ ଏକ ହତ୍ୟା ମାମଲା (ନଂ.୧/୨୦୨୩) ରୁଜୁକରି ତଦନ୍ତ ଆରମ୍ଭ କରିଛି। ଥାନାଧିକାରୀ ସୁଧୀର କୁମାର ସାହୁ କହିଛନ୍ତି, ମହିଳାଙ୍କୁ ହତ୍ୟା କରାଯାଇଥିବା ସନ୍ଦେହ କରାଯାଉଛି। ତେବେ କିପରି ଓ କେମିତି ଘଟଣା ଘଟିଛି ତାହାର ଖୋଳତାଡ଼ କରାଯାଉଥିବାବେଳେ ବ୍ୟବଚ୍ଛେଦ ରିପୋର୍ଟକୁ ଅପେକ୍ଷା କରାଯାଇଛି। ସ୍ୱାମୀ ନାଲୁଙ୍କୁ ଖୋଜାଖୋଜି ଚାଲିଥିବା ସେ କହିଛନ୍ତି। ହେଲେ ପରବର୍ତ୍ତୀ ସମୟରେ ନାଲୁଙ୍କୁ ପୋଲିସ ଥାନାରେ ଅଟକ ରଖି ପଚରାଉଚରା କରୁଥିବା ବିଶ୍ୱସ୍ତ ସୂତ୍ରରୁ ସୂଚନା ମିଳିଛି।

ସୂଚନା ଅନୁଯାୟୀ, ସରିତା ନାଲୁଙ୍କୁ ଦ୍ୱିତୀୟ ବିବାହ କରିଥିଲେ। ଉଭୟଙ୍କର ଏକ ୪ ବର୍ଷର ପୁଅ ଅଛି। ତେବେ ସେମାନେ ଦେଢ଼ ମାସ ହେଲା କୋରଡ଼କଣ୍ଟାରେ ଏକ ନିର୍ମାଣାଧୀନ ଘରେ ରହିବା ସହ ସେଠାରେ କାମ କରୁଥିଲେ। ଏଥିସହ ସରିତାଙ୍କ ଭାଇ ହେରମ ଓ ଭାଉଜ ମଧ୍ୟ ତାଙ୍କ ସହ କାମ କରୁଥିଲେ। ତେବେ ନାଲୁ ଓ ସରିତାଙ୍କ ମଧ୍ୟରେ କିଛିଦିନ ହେଲା ଝଗଡ଼ା ଲାଗି ରହୁଥିଲା। ତେବେ ଗତ ୨୮ ତାରିଖ ରାତିରୁ ସରିତା ନିଖୋଜ ଥିଲେ। ଏପରିକି ସେହିଦିନଠାରୁ ସ୍ୱାମୀ ନାଲୁ ମଧ୍ୟ ସେଠାକୁ ଆସୁ ନ ଥିଲେ। ଏନେଇ ଭାଇ ହେରମ ଫୋନ୍ କରି ଭଉଣୀଙ୍କ କଥା ପଚାରିବାରୁ ସେ ତାଙ୍କ ସହ ଥିବା ନାଲୁ କହୁଥିଲେ। ତେବେ ସୋମବାର ଅପରାହ୍ନରେ ଉକ୍ତ ନିର୍ମାଣାଧୀନ ଘରଠାରୁ ୧୦୦ ମିଟର ଦୂର ଏକ ଭଙ୍ଗା ଆଜବେଷ୍ଟସ ଘରୁ ଦୁର୍ଗନ୍ଧ ଆସିଥିଲା। ଏନେଇ ହେରମ ସେଠାରେ ତାଙ୍କ ଭଉଣୀଙ୍କ ମୃତଦେହ ଦେଖିବା ପରେ କଣ୍ଟ୍ରାକ୍ଟରଙ୍କୁ ଜଣାଇବା ସହ ପୋଲିସକୁ ଖବର ଦେଇଥିଲେ।

# ମହିଳାଙ୍କ ସନ୍ଦେହଜନକ ମୃତ୍ୟୁ

**ଘରୁ ମିଳିଲା ଝୁଲନ୍ତା ମୃତଦେହ**
■ ପରିବାରର ଅଭିଯୋଗକ୍ରମେ ହତ୍ୟା ମାମଲା ରୁଜୁ
■ ସ୍ୱାମୀଙ୍କୁ ଅଟକ ରଖି ପୋଲିସର ପଚରାଉଚରା

ଭୁବନେଶ୍ୱର, ୨୧(ବ୍ୟୁରୋ)

ଖଣ୍ଡଗିରି ଥାନା ଅନ୍ତର୍ଗତ ପଞ୍ଚସଖା ନଗରରେ ଜଣେ ମହିଳାଙ୍କ ସନ୍ଦେହଜନକ ମୃତ୍ୟୁ ଘଟିଛି। ସେ ହେଲେ ନୟାଗଡ଼ ଜିଲା ଖଣ୍ଡପଡ଼ା ଥାନା ଅନ୍ତର୍ଗତ ବେଦାଙ୍ଗି ଗ୍ରାମର ସୁନିତା ନାଏକ (୨୫)। ଘରୁ ଝୁଲନ୍ତା ଅବସ୍ଥାରେ ତାଙ୍କ ମୃତଦେହ ମିଳିଛି। ସ୍ୱାମୀ ବିମଳ ବିଭୂତି ପଟ୍ଟନାୟକ ସୁନିତାଙ୍କୁ ମାରି ଟାଙ୍ଗି ଦେଇଥିବା ଖଣ୍ଡଗିରି ଥାନାରେ ମହିଳାଙ୍କ ପରିବାର ଲୋକେ ଅଭିଯୋଗ କରିଛନ୍ତି। ବିମଳ ଅଧିକାଂଶ ସମୟରେ ସ୍ତ୍ରୀଙ୍କୁ ମାରଧର କରନ୍ତି ବୋଲି ଅଭିଯୋଗରେ ଉଲ୍ଲେଖ ରହିଛି। ଅଭିଯୋଗକୁ ଭିତ୍ତି କରି ପୋଲିସ ଏକ ହତ୍ୟା ମାମଲା (ନଂ.୧/୨୦୨୩)ରୁଜୁ କରି ତଦନ୍ତ ଆରମ୍ଭ କରିଛି। ଏହାସହ ସ୍ୱାମୀ ନୟାଗଡ଼ ଜିଲା ହରିହରପୁରର ବିମଳଙ୍କୁ ଅଟକ ରଖି ପଚରାଉଚରା କରୁଛି।

ସୂଚନା ଅନୁସାରେ, ସୁନିତା ଓ ବିମଳ ଗତ ୯ ମାସ ତଳେ ବିବାହ କରିଥିଲେ। ଏହା ପୂର୍ବରୁ ଉଭୟ ବିବାହିତ ଥିଲେ ମଧ୍ୟ ବିନା ଡିଭୋର୍ସରେ ଦ୍ୱିତୀୟ ବିବାହ କରିଥିଲେ। ପରେ ବିମଳ ପଞ୍ଚସଖା ନଗରରେ ଘର ଭଡା ନେଇ ସ୍ତ୍ରୀ ସୁନିତାଙ୍କୁ ନେଇ ରହିବା ସହ ଏକ ଘରୋଇ ସଂସ୍ଥାରେ କାମ କରନ୍ତି। ତାଙ୍କ କହିବା ଅନୁସାରେ, ଗତ ଦୁଇ ତିନିଦିନ ପୂର୍ବରୁ ସୁନିତା ଏକ କାମ ପାଇଁ ତାଙ୍କୁ କହିଥିଲେ। ଉକ୍ତ କାମ ପାଇଁ ସେ ତାଙ୍କ ସ୍ତ୍ରୀକୁ ସମୟ ଦେଇ ପାରି ନ ଥିଲେ। ଏହାକୁ ନେଇ ଉଭୟଙ୍କ ମଧ୍ୟରେ ବଚସା ହେବା ସହ ମନୋମାଳିନ୍ୟ ହୋଇଥିଲା। ରବିବାର ବିମଳ କୌଣସି କାମରେ ବାହାରକୁ ଯାଇଥିଲେ। ଅପରାହ୍ନ ୩ଟାରେ ଘରକୁ ଫେରି କବାଟ ଭିତରପଟୁ ବନ୍ଦ ଥିବା ଦେଖିଥିଲେ। ତେଣୁ ସେ ସ୍ତ୍ରୀ ସୁନିତାଙ୍କୁ ଡାକିଥିଲେ ମଧ୍ୟ ଶୁଣି ନ ଥିଲେ। ତେଣୁ କବାଟକୁ ଧକ୍କା ମାରି ଖୋଲି ଭିତରକୁ ଯିବା ପରେ ସୁନିତା ଫ୍ୟାନ୍‌ରେ ରଶି ଲଗାଇ ଝୁଲି ପଡିଥିବା ଦେଖି ବିମଳ ଖଣ୍ଡଗିରି ଥାନା ଓ ତାଙ୍କ ଶଶୁର ଘରକୁ ଜଣାଇଥିଲେ। ପୋଲିସ ଘଟଣା ସ୍ଥଳରେ ପହଞ୍ଚି ମୃତଦେହ ଜବତ କରିବା ସହ ବ୍ୟବଚ୍ଛେଦ ପାଇଁ କ୍ୟାପିଟାଲ ହସ୍ପିଟାଲକୁ ପଠାଇଥିଲା। ତେବେ ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ସୁନିତାଙ୍କ ମୃତ୍ୟୁର ପ୍ରକୃତ କାରଣ ଜଣାପଡିବ ବୋଲି ପୋଲିସ କହିଛି।

# ଚିଲିକା ସେଲ୍‌ଫି ପଏଣ୍ଟ ଲୋକାର୍ପିତ




ବାଲୁଗାଁ,୨୧(ଡି.ଏନ୍.ଏ.)

ପର୍ଯ୍ୟଟକଙ୍କ ପାଇଁ ଉଦ୍ଦିଷ୍ଟ ଚିଲିକା ସେଲ୍‌ଫି ପଏଣ୍ଟ ରବିବାର ବାଲୁଗାଁ ଚିଲିକା କୂଳ ଜେଟିଠାରେ ଏନ୍‌ଏସି ଅଧକ୍ଷା ସୁକାନ୍ତି ପାଇକରାୟଙ୍କ ଦ୍ୱାରା ଉଦ୍‌ଘାଟିତ ହୋଇଯାଇଛି । ଏଥିସହ ବାଲୁଗାଁ ସହରକୁ ମୁଖ୍ୟ ପ୍ରବେଶ ଦ୍ୱାର ମାମୁଭଣଜା ପାହାଡ଼ ଏବଂ ସୋମନାଥ ବସ୍‌ଷ୍ଟାଣ୍ଡଠାରେ ଦୁଇଟି ସ୍ୱାଗତ ପ୍ରବେଶ ତୋରଣ, ବାଲୁଗାଁ-ବାଣପୁର ରେଳ ଫ୍ଲାଏଓଭର ବ୍ରିଜ୍ ଉପରେ ବିଦ୍ୟୁତ୍ ଖୁଣ୍ଟର ଆଲୋକୀ ସହ ସୌନ୍ଦର୍ଯ୍ୟକରଣ ଏବଂ ପରିମଳ କାର୍ଯ୍ୟର ସୁପରିଚାଳନା ନିମନ୍ତେ ଗୋଟିଏ ଟ୍ରାକ୍ଟର ଓ ଦୁଇଟି ଟାଟା ଏସିଇ ଗାଡ଼ିର ଉଦ୍‌ଘାଟନ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ଏନ୍‌ଏସି କାର୍ଯ୍ୟନିର୍ବାହୀ ଅଧିକାରୀ ସ୍ୱପ୍ନାରାଣୀ ପାଢ଼ୀ, ଉପାଧ୍ୟକ୍ଷ ଭଗବାନ ପ୍ରଧାନ, ଅଧକ୍ଷାଙ୍କ ପ୍ରତିନିଧି ସନ୍ତୋଷ ପାଇକରାୟ, ବିଧାୟକଙ୍କ ପ୍ରତିନିଧି ପ୍ରକାଶ ପ୍ରଧାନ, ଏମ୍‌ପିଙ୍କ ପ୍ରତିନିଧି ଅକ୍ଷୟ ରଣସିଂହଙ୍କ ସମେତ ପୌର ଯନ୍ତ୍ରୀ, କର୍ମଚାରୀ ଏବଂ କାଉନ୍‌ସିଲର ଉପସ୍ଥିତ ଥିଲେ।

# ବୈକୁଣ୍ଠଙ୍କୁ ଲାପଟପ ସହାୟତା

ଖୋର୍ଦ୍ଧା ଅଫିସ,୨୧

ସତ୍ୟବାଦୀ ନିର୍ବାଚନମଣ୍ଡଳୀର ବୈକୁଣ୍ଠ ସେଠୀଙ୍କୁ ସ୍ନେହା ଅନୁଷ୍ଠାନ ପକ୍ଷରୁ ଲାପଟପ ପ୍ରଦାନ କରାଯାଇଛି। ବୈକୁଣ୍ଠ ଡାକ୍ତରୀ ପଢିବା ପାଇଁ ଯୋଗ୍ୟତା ହାସଲ କଲେ, ସେତେବେଳେ ନାମଲେଖା ଲାଗି ଅର୍ଥ ବାଧକ ସାଜିଥିଲା। ମଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ତାଙ୍କୁ ସହାୟତାର ହାତ ବଢାଇଥିଲେ। ତେବେ ଅନଲାଇନ କ୍ଲାସ ଲାଗି ଏକ ଲାପଟପର ଆବଶ୍ୟକ ଥିଲା। ଯାହା ତାଙ୍କ ପକ୍ଷେ କିଣିବା ସମ୍ଭବ ନ ଥିଲା । ଏନେଇ ସେ ସମସ୍ତଙ୍କୁ ସହାଯୋଗ ମାଗିଥିଲେ। ଏଥିସହିତ ସିଏମଓ ଏବଂ ସ୍ନେହା ଅନୁଷ୍ଠାନକୁ ଟ୍ୱିଟ କରି ଲାପଟପ ଲାଗି ସହାୟତା ମାଗିଥିଲେ। ଅନୁଷ୍ଠାନ ପକ୍ଷରୁ ବୈକୁଣ୍ଠଙ୍କ ଲାଗି ଏକ ଲାପଟପ ବୁକ କରିଥିଲେ। ରବିବାର ବୈକୁଣ୍ଠଙ୍କୁ ଖୋର୍ଦ୍ଧା ବିଜେଡି କାର୍ଯ୍ୟାଳୟ ପରିସରରେ ଏହି ଲାପଟପ ପ୍ରଦାନ କରାଯାଇଛି। ବିଜୁ ଯୁବ ଜନତା ଦଳ ରାଜ୍ୟ ଉପସଭାପତି ରୁଦ୍ରନାଥ ଦତ୍ତ ଏବଂ ଜିଲା ଉପ ସଭାପତି ଅମିତ କୁମାର ପ୍ରଧାନ ବୈକୁଣ୍ଠଙ୍କୁ ଲାପଟପ୍ ପ୍ରଦାନ କରିଥିଲେ।

# କୂଅରୁ ବାର୍‌ହା ଉଦ୍ଧାର, ଜଣେ ଆହତ



ଖୋର୍ଦ୍ଧା ଅଫିସ,୨୧

ଖୋର୍ଦ୍ଧା ବନାଞ୍ଚଳ ଅନ୍ତର୍ଗତ ଉଇଲକିଶନ ନଗର ଗ୍ରାମରେ ବାର୍‌ହା ଉପଦ୍ରବ ଲାଗି ରହିଛି। ଫସଲ ଅମଳ ସମୟରେ ବାର୍‌ହା ବିଲରେ ପଶି ଫସଲ ନଷ୍ଟ କରୁଛନ୍ତି। ସୋମବାର ସକାଳେ ବାର୍‌ହା ଆକ୍ରମଣରେ ଗ୍ରାମର କରୁଣା ବଳିଆରସିଂ ଆହତ ହୋଇଛନ୍ତି। ଅନ୍ୟପଟେ ଆକ୍ରମଣ ପରେ ଲୋକଙ୍କ ପାଟି ଶୁଣି ବାର୍‌ହା ଦୌଡିବା ବେଳେ ଗ୍ରାମର ଗୟାଧର ବାରିକଙ୍କ କୂଅକୁ ଖସି ପଡିଥିଲା। ଖବରପାଇ ଖୋର୍ଦ୍ଧା ବନ ଓ ଅଗ୍ନିଶମ କର୍ମଚାରୀ ପହଞ୍ଚି ଲୋକଙ୍କ ସହାୟତାରେ ପ୍ରାୟ ଦୁଇ ଘଣ୍ଟା ପରେ ଜାଲ ପକାଇ କାବୁ କରି ବାହାର କରିଥିଲେ। ପ୍ରାଥମିକ ଚିକିତ୍ସା ପରେ ବାର୍‌ହାକୁ ନିକଟ ଜଙ୍ଗଲରେ ଛାଡି ଦିଆଯାଇଛି। ଆହତଙ୍କୁ ଆର୍ଥିକ ସହାୟତା ଯୋଗାଇଦେବା ଲାଗି ଗ୍ରାମବାସୀ ବନ ବିଭାଗ ନିକଟରେ ଦାବି କରିଛନ୍ତି। ଏନେଇ ସାମାଜିକ କର୍ମୀ ଗୋପାଳ କୃଷ୍ଣ ପ୍ରଧାନ କୁହନ୍ତି, ଏବେ ଧାନ ଅମଳ ସମୟ। ବିଲରେ ବିଭିନ୍ନ ପନିପରିବା ଫସଲ ମଧ୍ୟ ଲାଗିଛି। ଚାଷୀ ଦୁଇ ପଇସା ରୋଜଗାର ସମୟରେ ଉଇଲକିଶନ ନଗର ସମେତ ଆଖପାଖ ଗ୍ରାମରେ ବାରହାଙ୍କ ଉପଦ୍ରବ ଲାଗି ରହିଛି। ବନ ବିଭାଗ ଏଦିଗରେ ଗୁରୁତ୍ୱ ଦେବାକୁ ଦାବି କରିଛନ୍ତି।

# ୨୦ ଘଣ୍ଟା ଝୁଲି ରହିଲା ମୃତଦେହ

ଗୋପ,୨୧(ଡି.ଏନ୍.ଏ.)

ପାରିବାରିକ କଳହକୁ ନେଇ ଗୋପ ଥାନା ଅନ୍ତର୍ଗତ ଭଇରିପୁର ଗ୍ରାମରେ ଜଣେ ମହିଳା ରବିବାର ସନ୍ଧ୍ୟାରେ ଆତ୍ମହତ୍ୟା କରିଥିଲେ। ଏନେଇ ପୋଲିସକୁ ଖବର ଦିଆଯାଇଥିଲେ ମଧ୍ୟ ପୋଲିସ ଉକ୍ତ ମହିଳାଙ୍କ ମୃତଦେହକୁ ଜବତ କରିବାକୁ ଦୀର୍ଘ ୨୦ ଘଣ୍ଟା ସମୟ ଲଗାଇଥିଲା। ମୃତା ହେଲେ ଉକ୍ତ ଗ୍ରାମର ଦେବଦୂତ ସାମନ୍ତରାୟଙ୍କ ସ୍ତ୍ରୀ ଶିବାନୀ ମହାନ୍ତି(୨୦)। ପୋଲିସ ମୃତଦେହ ଜବତ କରି ଏକ ଅପମୃତ୍ୟୁ ମାମଲା (ନଂ. ୧/୨୩)ରୁଜୁ କରି ତଦନ୍ତ ଚଳାଇଛି। ସୂଚନା ମୁତାବକ, ଖୋର୍ଦ୍ଧା ବାଣପୁର ଥାନା ଅଞ୍ଚଳର ଦେବଦୂତ ଗୋପ ଥାନା ଅନ୍ତର୍ଗତ ଏକ ଘରୋଇ କମ୍ପାନୀରେ କାର୍ଯ୍ୟ କରନ୍ତି। ସେ ୭ ମାସ ପୂର୍ବରୁ ବିବାହ କରି ଭଇରିପୁର ଗ୍ରାମର ଏକ ଭଡ଼ା ଘରେ ସ୍ତ୍ରୀ ଶିବାନୀଙ୍କ ସହ ରହୁଥିଲେ। ରବିବାର ଅପରାହ୍ନ ୫/୬ଟା ସମୟରେ ସ୍ୱାମୀ ସ୍ତ୍ରୀ କଥା ହୋଇଥିଲେ। ପରେ କୌଣସି କାରଣରୁ ଦେବଦୂତ ବାହାରକୁ ଯାଇଥିଲେ। ସେ ଆସିବା ପରେ ସ୍ତ୍ରୀ ଶିବାନୀଙ୍କୁ ଫଙ୍ଗାରେ ଝୁଲି ଆତ୍ମହତ୍ୟା କରିଥିବା ଘରର ଝରକା ପଟେ ଦେଖିଥିଲେ। ଖବରପାଇ ପୋଲିସ ଘଟଣାସ୍ଥଳରେ ପହଞ୍ଚିଥିଲା। ହେଲେ ମହିଳାଙ୍କ ଘର କବାଟ ବନ୍ଦ ଥିବାରୁ ପୋଲିସ ବାହାରେ ଜଗି ରହିଥିଲା। ଜିଲା ସାଇଣ୍ଟିଫିକ୍ ଟିମ୍ ସୋମବାର ଅପରାହ୍ନରେ ପହଞ୍ଚିବା ପରେ ତାଙ୍କ ଉପସ୍ଥିତିରେ ମହିଳାଙ୍କ ମୃତଦେହ ଜବତ ହୋଇଥିଲା। ତେବେ କେହି ଜଣେ ମହିଳାଙ୍କୁ ବ୍ଲାକମେଲିଂ କରୁଥିବା ସନ୍ଦେହରେ ତାଙ୍କ ମୋବାଇଲ ଫୋନକୁ ତଦନ୍ତ କରିବାକୁ ବାପଘର ପକ୍ଷରୁ ଦାବି ହୋଇଛି।

# ଆକ୍ରମଣ ଅଭିଯୋଗରେ ଯୁବକ ଗିରଫ

**ପୁରୀ ଅଫିସ,୨୧:** ଆକ୍ରମଣ କରିବା ଓ ଅସଭ୍ୟ ଭାଷାରେ ଗାଳି ଗୁଲଜ କରିବା ଅଭିଯୋଗରେ ବାସେଳି ସାହି ଥାନା ପୋଲିସ ଜଣେ ଅଭିଯୁକ୍ତକୁ ଗିରଫ କରି ସୋମବାର କୋର୍ଟ ଚାଲାଣ କରିଛି। ଗିରଫ ଅଭିଯୁକ୍ତ ଜଣଙ୍କ ହେଉଛି ଗୋଖା ସାହିର ପିଣ୍ଟୁନା ବେହେରା (୨୨) । ପୋଲିସ ଏ ନେଇ କସେ ନଂ ୧/୨୩ରେ ଏକ ମାମଲା ରୁଜୁ କରିଛି । ପୋଲିସର ସୂଚନା ଅନୁଯାୟୀ ଅଭିଯୁକ୍ତ ପିଣ୍ଟୁନା ଏବଂ ତାଙ୍କ ମାଙ୍କ ମଧ୍ୟରେ ଝଗଡା ଲାଗିଥିଲା। ଏହି ସମୟରେ ସୁବାଷ ଉଭୟଙ୍କୁ ଛଡାଇବା ପାଇଁ ଚେଷ୍ଟା କରିଥିଲା ।ଫଳରେ ଅଭିଯୁକ୍ତ ପିଣ୍ଟୁନା ରାଗିଯାଇ ସୁବାଷକୁ ଅସଭ୍ୟ ଭାଷାରେ ଗାଳି ଗୁଲଜ କରିବା ସହ ମରାଣାତ୍ମକ ଆକ୍ରମଣ କରିଥିଲା। ଯାହାଫଳରେ ସୁବାଷଙ୍କ ମୁଣ୍ଡରେ ଆଘାତ ଲାଗିଥିଲା।

# ଝିଅକୁ ଟ୍ୟୁଶନ ସାର୍ ଅପହରଣ କରିନେଇଗଲେ

**ନ୍ୟାୟ ଦାବିରେ ଏସ୍‌ପିଙ୍କ କାର୍ଯ୍ୟାଳୟ ଆଗରେ ଧାରଣା ଦେଲେ ମାତାପିତା**

ପୁରୀ ଅଫିସ, ୨୧:

ନାବାଳିକା ଝିଅକୁ ଅପହରଣକାରୀଙ୍କଠାରୁ ଉଦ୍ଧାର କରିବା ସହ ନ୍ୟାୟ ପ୍ରଦାନ ଦାବିରେ ମାତା, ପିତା ସୋମବାର ଏସ୍‌ପିଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦେଇଛନ୍ତି। ଏଥିସହ ଏ ନେଇ ଏସ୍‌ପିଙ୍କୁ ଏକ ଦାବିପତ୍ର ପ୍ରଦାନ କରିଛନ୍ତି।

ସମ୍ପୃକ୍ତ ନାବାଳିକାଙ୍କ ବାପା ଅଭିଯୋଗପତ୍ରରେ ଦର୍ଶାଇଛନ୍ତି ଯେ, ଗତ ଡିସେମ୍ବର ୭ତାରିଖ ପୂର୍ବାହ୍ନ ପ୍ରାୟ ୧୦ଟା ୩୦ରେ ଘରକୁ ଆସି ଦେଖିଥିଲେ ଦଶମ ଶ୍ରେଣୀରେ ପଢୁଥିବା ତାଙ୍କ ନାବାଳିକା ଝିଅ ନାହିଁ। ସେ କିଛି ସାମଗ୍ରୀ କିଣିବା ଲାଗି ବଜାରକୁ ଯାଇଥିବା ପୁଅଠାରୁ ଜାଣିବାକୁ ପାଇଥିଲେ। ତେବେ ଅନେକ ସମୟ ପରେ ବି ଝିଅ ନ ଫେରିବାରୁ ବିଭିନ୍ନ ସ୍ଥାନରେ ଖୋଜାଖୋଜି କରିଥିଲେ। ମାତ୍ର କୌଣସି ସନ୍ଧାନ ପାଇ ନ ଥିଲେ। ପୂର୍ବରୁ ତାଙ୍କ ଝିଅକୁ ଟିଉଶନ କରୁଥିବା ଜଣେ ଯୁବକ ଅପହରଣ କରିନେଇଥିଲେ। ଏ ସମ୍ପର୍କରେ ସେ ଚନ୍ଦନପୁର ଥାନାରେ ଅଭିଯୋଗ କରିଥିଲେ। ପୋଲିସ ଏକ ମାମଲା (ନଂ. ୧୪୩/୨୨) ରୁଜୁ କରି ଅଭିଯୁକ୍ତଙ୍କୁ ଗିରଫ କରି ଜେଲ୍ ପଠାଇଥିଲା। ତେବେ ଅଭିଯୁକ୍ତ ଜେଲ୍‌ରୁ ମୁକୁଳିବା ପରେ ଗତ ଡିସେମ୍ବର ୭ରେ ବାଇକ ଯୋଗେ ଆସି ଝିଅକୁ ପୁଣି ଅପହରଣ କରିନେଇଥିବା ବାପା ଅଭିଯୋଗ କରିଛନ୍ତି। ତାଙ୍କ ଅଭିଯୋଗ କ୍ରମେ ସଦର ଥାନାରେ ଏକ ମାମଲା (ନଂ. ୩୧୫/୨୨) ରୁଜୁ ହୋଇଥିଲା। ମାତ୍ର କୌଣସି କାର୍ଯ୍ୟାନୁଷ୍ଠାନ ନିଆ ନ ଯିବାରୁ ସେ ଥାନାକୁ ଯାଇ ପଚାରିଥିଲେ। ତେବେ ପୋଲିସ ତାଙ୍କୁ ଦୁର୍ବ୍ୟବହାର କରିଥିଲା। ସେ ଗତ ୧୨ତାରିଖରେ ଏସ୍‌ପିଙ୍କ ଦ୍ୱାରସ୍ଥ ହୋଇଥିଲେ। ତଦନ୍ତ ପାଇଁ ଏସ୍‌ପି ନିର୍ଦ୍ଦେଶ ଦେଇଥିଲେ ମଧ୍ୟ ତାହା ପାଣିର ଗାର ପାଲଟିଛି। ତୁରନ୍ତ ଘଟଣାର ତଦନ୍ତ କରି ତାଙ୍କ ଝିଅକୁ ଉଦ୍ଧାର କରିବା ସହ ଅଭିଯୁକ୍ତଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ପାଇଁ ବାପା ଦାବି କରିଛନ୍ତି। ନ୍ୟାୟ ନ ମିଳିବା ପର୍ଯ୍ୟନ୍ତ ଏସ୍‌ପିଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣାରେ ବସିବେ ଏହି ଦମ୍ପତି କହିଛନ୍ତି।

# ଅଲିଭ୍ ରିଡ୍‌ଲେଙ୍କ ସୁରକ୍ଷା ପ୍ରତି ନିଘା ନାହିଁ

**ବେଳାଭୂମିରେ ପଡ଼ିଛି ମୃତ କଇଁଛ**
■ ସୃଷ୍ଟି ହେଉଛି ଦୁର୍ଗନ୍ଧମୟ ପରିବେଶ
■ ପ୍ରାଣୀପ୍ରେମୀ,ପରିବେଶବିତ୍‌ଙ୍କ ଉଦ୍‌ବେଗ

ପୁରୀ ଅଫିସ, ୨୧:

ସମ୍ପ୍ରତି ବିରଳ ଅଲିଭ୍ ରିଡ୍‌ଲେ କଇଁଛମାନଙ୍କ ଅଣ୍ଡାଦାନ ଋତୁ ଚାଲିଛି। ଗଭୀର ସମୁଦ୍ରରୁ ଅଲିଭ୍ ରିଡ୍‌ଲେ କଇଁଛ ବେଳାଭୂମିକୁ ଆସି ଅଣ୍ଡାଦାନ କରୁଛନ୍ତି। ଅଣ୍ଡା ଓ କଇଁଛଙ୍କ ସୁରକ୍ଷା ପାଇଁ ପ୍ରଶାସନ ପକ୍ଷରୁ ବ୍ୟବସ୍ଥା କରାଯାଉଛି। କଇଁଛଗୁଡ଼ିକ ସୁରକ୍ଷିତ ଭାବେ କୂଳକୁ ଆସି ଅଣ୍ଡାଦାନ କରିବା ନେଇ ପ୍ରଶାସନ ଦୃଷ୍ଟି ଦେଉଥିବା କୁହାଯାଉଛି। ତେବେ ଅନେକ ସମୟରେ ପୁରୀ ବେଳାଭୂମିରେ ଅଲିଭ୍ ରିଡ୍‌ଲେ କଇଁଛ ମରି ପଡ଼ିରହୁଥିବା ଦେଖିବାକୁ ମିଳୁଛି। ସୋମବାର ବଳିଆପଣ୍ଡା ଲାଇଟ ହାଉସ୍ ନିକଟ ହୋଟେଲ ଡ୍ରିମ୍‌ଲ୍ୟାଣ୍ଡ ସମ୍ମୁଖ ବେଳାଭୂମିରେ ଏକ ଅଲିଭ୍ ରିଡ୍‌ଲେ କଇଁଛ ମରି ପଡ଼ିଥିବାବେଳେ ତା'ର ମାଂସକୁ କାଉମାନେ ଖୁମ୍ପି ଖାଉଥିବା ଦେଖିବାକୁ ମିଳିଛି। ଏପରି କି ମୃତ କଇଁଛର ମାଂସ ଖାଇବାକୁ ସେଠାରେ କୁକୁର ବୁଲୁଥିଲେ। ତେବେ ଏ ସଂକ୍ରାନ୍ତରେ ବନ ବିଭାଗ ନିକଟରେ ଖବର ନ ଥିବା ଜଣାପଡ଼ିଛି। ଏ ନେଇ ପରିବେଶବିତ୍ ଓ ପ୍ରାଣୀପ୍ରେମୀ ଉଦ୍‌ବେଗ ପ୍ରକାଶ କରିଛନ୍ତି।


ବେଳାଭୂମିରେ ପଡ଼ିରହିଥିବା ମୃତ ଅଲିଭ୍ ରିଡ୍‌ଲେ କଇଁଛକୁ କୁଆମାନେ ଖୁମ୍ପି ଖାଉଛନ୍ତି।

ଅନ୍ୟପକ୍ଷରେ ମୃତ କଇଁଛ ପାଖକୁ ଯାଇ ଯୁବ ଗୋଷ୍ଠୀ ଫଟୋ ଉଠାଇବା ସହ ସେଲ୍ଫି ନେଉଥିବା ଦେଖିବାକୁ ମିଳିଥିଲା। ଏପରିକି ଅନେକ ବ୍ୟକ୍ତି ତାଙ୍କ ମୋବାଇଲ ଫୋନରେ ଏହାର ଭିଡିଓ କରିଥିଲେ। ପୁରୀକୁ ପ୍ରତିଦିନ ବହୁ ଭକ୍ତ ଓ ପର୍ଯ୍ୟଟକ ଆସିଥାନ୍ତି। ତେବେ ବର୍ତ୍ତମାନ ନୂଆବର୍ଷ ଅବସରରେ ପୁରୀରେ ପର୍ଯ୍ୟଟକଙ୍କ ସଂଖ୍ୟା ଅଧିକ ରହିଛି। ବେଳାଭୂମିରେ ଅଲିଭ୍ ରିଡ୍‌ଲେ କଇଁଛଙ୍କ ମୃତଦେହ ଦେଖି ସେମାନଙ୍କ ମନରେ ଏକ ନକାରାତ୍ମକ ଭାବନା ସୃଷ୍ଟି ହେଉଛି। ତେଣୁ ପ୍ରଶାସନ ଏଥିପ୍ରତି ଦୃଷ୍ଟି ଦେବାକୁ ସାଧାରଣରେ ଦାବି ହେଉଛି। ଅନେକ ସମୟରେ ସାମାଜିକ କର୍ମୀମାନେ ବେଳାଭୂମିରେ ପଡ଼ିରହିଥିବା ମୃତ କଇଁଛକୁ ବାଲିରେ ପୋତି ଦେଇଥାନ୍ତି। ଏନେଇ ପୁରୀ ଡିଏଫ୍‌ଓ ଏନ୍. ରାମାସ୍ୱାମୀ କହିଛନ୍ତି, ଗତ ନଭେମ୍ବର ମାସରୁ କଇଁଛମାନଙ୍କ ପ୍ରଜନନ ଋତୁ ଆରମ୍ଭ ହୋଇଛି। ତେଣୁ ନଭେମ୍ବର ୧ରୁ ପ୍ରଶାସନ ପକ୍ଷରୁ ବେଳାଭୂମିରେ ୧୫ଟି ଟଟଲ କ୍ୟାମ୍ପ ଓ ହାଜରା କରାଯାଇଛି। ପ୍ରତ୍ୟେକ କ୍ୟାମ୍ପରେ ଦୁଇଜଣ ଲେଖାଏ କର୍ମଚାରୀ ନିୟୋଜିତ ରହିଛନ୍ତି। କୋଷ୍ଟ ଏରିଆକୁ କେତେ କଇଁଛ ଅଣ୍ଡା ଦେବାକୁ ଆସୁଛନ୍ତି ଓ କେତେ କଇଁଛ ମରି ପାଣିରେ ଭାସୁଛନ୍ତି ସେ ନେଇ ସେମାନେ ନଜର ରଖିବା ସହ ମନିଟରିଂ କରୁଛନ୍ତି। ସେହିଭଳି ସମୁଦ୍ର ମଧ୍ୟରେ ୨୦କି.ମି. ଭିତରେ ଥିବା 'ନୋ ଫିଶିଙ୍ଗ୍ ଜୋନ'ରେ ଟ୍ରଲର ଦ୍ୱାରା ପାଟ୍ରୋଲିଂ କରାଯାଉଛି। ଯେଉଁମାନେ ନିୟମ ଉଲ୍ଲଂଘନ କରୁଛନ୍ତି, ସେମାନଙ୍କୁ ଧରାଯାଇ ଫିସରି ଡିପାର୍ଟମେଣ୍ଟକୁ ହସ୍ତାନ୍ତର କରାଯାଉଛି। ଅନେକ ସମୟରେ କଇଁଛଗୁଡ଼ିକ ଆଘାତ ପ୍ରାପ୍ତ ହୋଇ ସମୁଦ୍ର ମଧ୍ୟରେ ମୃତ୍ୟୁବରଣ କରୁଛନ୍ତି। ସେମାନେ ପାଣିରେ ଭାସି ଭାସି ବେଳାଭୂମିର କୂଳରେ ଲାଗୁଛନ୍ତି। ସେମାନଙ୍କୁ ବିଭାଗୀୟ କର୍ମଚାରୀମାନେ ଉଦ୍ଧାର କରି ବ୍ୟବଚ୍ଛେଦ ପରେ ବେଳାଭୂମି ବାଲିରେ ପୋତି ଦେଉଛନ୍ତି। ବେଳାଭୂମିରେ ପଡ଼ିରହିଥିବା ମୃତ କଇଁଛକୁ ସମ୍ଭବତଃ ପୂର୍ବରୁ କର୍ମଚାରୀମାନେ ବ୍ୟବଚ୍ଛେଦ ପରେ ବାଲିରେ ପୋତି ଦେଇଥିବେ। ସୁମୁଦ୍ରର ଢ଼େଉ ବାଜି ପୋତା ଯାଇଥିବା କଇଁଛଟି ବାଲି ଉପରକୁ ଆସିଯାଇ ଥାଇପାରେ। ଅନ୍ୟପକ୍ଷରେ ପ୍ରଶ୍ନ ଉଠୁଛି ଯେ, ଲାଇଟ ହାଉସ୍ ବେଳାଭୂମି ଓ ସମୁଦ୍ର ମଧ୍ୟରେ ଦୂରତା କମ୍ ଥିବାରୁ ପାଣି ଯଦି ବହୁବାଟକୁ ମାଡ଼ିଆସୁଛି, ତେବେ ବଡ଼ ଗାତ ଖୋଳାଯାଇ ମୃତ କଇଁଛମାନଙ୍କୁ କାହିଁକି ପୋତା ଯାଉନାହିଁ। କଇଁଛମାନଙ୍କୁ ଠିକ୍ ଭାବେ ପୋତାଯାଉ ନ ଥିବାରୁ ସମୁଦ୍ର ଢେଉ ମାଡ଼ ବାଲି ଭିତରୁ ବାହାରି ବେଳାଭୂମିରେ ପଡୁଛନ୍ତି। ତାହାକୁ କାଉ, କୁକୁର ଖାଇବା ଦ୍ୱାରା ଏକ ଅସ୍ୱାସ୍ଥ୍ୟକର ପରିବେଶ ସୃଷ୍ଟି ହେଉଛି।

## ସଂକ୍ଷେପରେ

### ନାବାଳିକାଙ୍କୁ ବଳାତ୍କାର ଉଦ୍ୟମ, ଜଣେ ଗିରଫ

**ଚୌଦ୍ୱାର,୨।୧(ଡି.ଏନ୍.ଏ.):** ଚୌଦ୍ୱାର ଥାନା ଅଞ୍ଚଳରେ ଜଣେ ୯ ବର୍ଷର ନାବାଳିକାଙ୍କୁ ବଳାତ୍କାର ଉଦ୍ୟମ କରିବା ଅଭିଯୋଗରେ ପୋଲିସ ଜଣେ ଯୁବକଙ୍କୁ ଗିରଫ କରି ସୋମବାର କୋର୍ଟଚାଲାଣ କରିଛି। ଏଥିସହ ନାବାଳିକାଙ୍କୁ ଡାକ୍ତରୀ ମାଇନା କରାଯାଇଛି। ସୂଚନା ଅନୁଯାୟୀ, ଚୌଦ୍ୱାର ପୌରପାଳିକା ଅଞ୍ଚଳରେ ଯୁବକ ଭଡ଼ାରେ ରହୁଥିଲେ। ତେବେ ରବିବାର ସନ୍ଧ୍ୟାରେ ସେ ଘର ମାଲିକଙ୍କ ୯ ବର୍ଷର ଝିଅଙ୍କୁ ଘର ଛାତ ଉପରକୁ ଡାକି ନେଇ ମୋବାଇଲରେ ଅଶ୍ଳୀଳ ଭିଡିଓ ଦେଖାଇ ବଳାତ୍କାର ଉଦ୍ୟମ କରିଥିଲେ। ଏ ନେଇ ନାବାଳିକା ଜଣକ ମାଆଙ୍କୁ ଜଣାଇବା ପରେ ପରିବାର ପକ୍ଷରୁ ଚୌଦ୍ୱାର ଥାନାରେ ଅଭିଯୋଗ କରାଯାଇଥିଲା। ଅଭିଯୋଗକ୍ରମେ ପୋଲିସ ଏକ ମାମଲା ରୁଜୁ କରି ତଦନ୍ତ କରି ଅଭିଯୁକ୍ତଙ୍କୁ ଗିରଫ କରିଛି।

### ମଣ୍ଡିରେ ଧାନ ସଂଗ୍ରହ ଆରମ୍ଭ

**କଣ୍ଟାପଡା,୨।୧(ଡି.ଏନ୍.ଏ.):** କଣ୍ଟାପଡ଼ା ବ୍ଲକ ଅନ୍ତର୍ଗତ କଣ୍ଟାପଡ଼ା ସେବା ସମବାୟ ସମିତି ପରିସରରେ ସରକାରୀ ଧାନକ୍ରୟ ମଣ୍ଡିରେ ସୋମବାର ପଞ୍ଜିକୃତ ଚାଷୀଙ୍କଠାରୁ ଧାନକ୍ରୟ ଆରମ୍ଭ ହୋଇଛି। କଣ୍ଟାପଡ଼ା ସେବା ସମବାୟ ସମିତି ସଭାପତି ଦ୍ୱାରିକାନାଥ ଦାଶ, କଣ୍ଟାପଡ଼ା ସରପଞ୍ଚ ନିର୍ମଳ କୁମାର ସାହୁ ଯୋଗଦେଇ ମଣ୍ଡିକୁ ଉଦ୍‌ଘାଟନ କରିଥିଲେ। ଏଥିସହ ଚାଷୀମାନେ କିଭଳିଭାବେ ମଣ୍ଡିରେ ଧାନ ଦେଇପାରିବେ ସେ ସମ୍ପର୍କରେ ଅବଗତ କରାଇଥିଲେ। ସମବାୟ ସମିତି ସମ୍ପାଦକ ଶିବନାରାୟଣ ମହାନ୍ତି ପ୍ରଥମ ଦିନରେ ୧୬ ଜଣ ଚାଷୀଙ୍କଠାରୁ ୬୦୦ କୁଇଣ୍ଟାଲ ଧାନ କିଣାଯିବ ବୋଲି ସୂଚନା ଦେଇଥିଲେ।

### ମାଗଣା ଚକ୍ଷୁ ଚିକିତ୍ସା ଶିବିର

**କଣ୍ଟାପଡା,୨।୧(ଡି.ଏନ୍.ଏ.):** କଣ୍ଟାପଡ଼ା ବ୍ଲକ ଅନ୍ତର୍ଗତ ବାଗଲପୁର ପଞ୍ଚାୟତ କାର୍ଯ୍ୟାଳୟ ପରିସରରେ ଏକ ମାଗଣା ଚକ୍ଷୁ ଚିକିତ୍ସା ଶିବିର ଅନୁଷ୍ଠିତ ହୋଇଯାଇଛି। ସରପଞ୍ଚ ଜ୍ୟୋତ୍ସ୍ନାରାଣୀ ସେଠୀ ଶିବିରକୁ ଉଦଘାଟନ କରିଥିଲେ। ବାଗଲପୁର ପଞ୍ଚାୟତ ଓ ଭୂମିକା ହସ୍ପିଟାଲର ମିଳିତ ସହଯୋଗରେ ଆୟୋଜିତ ଏହି ଶିବିରରେ ୧୩ଜଣ ବ୍ୟକ୍ତି ଆଖି ପରୀକ୍ଷା କରାଇଥିଲେ। ସେମାନଙ୍କ ମଧ୍ୟରୁ ୮ଜଣଙ୍କ ଆଖି ଅସ୍ତ୍ରୋପଚାର ପାଇଁ ସ୍ଥିର କରାଯାଇଥିଲା। ହସ୍ପିଟାଲ ପକ୍ଷରୁ ସନ୍ତୋଷ ମଲ୍ଲିକ, ସୁପ୍ରଭା ଜେନା, ଆଶାଲତା ପୃଷ୍ଟି, ଲିଲିପ୍ରଭା ଚାନ୍ଦ ପ୍ରମୁଖ ଯୋଗଦେଇ ଚକ୍ଷୁ ପରୀକ୍ଷା କରିଥିଲେ। କବିନ୍ଦ୍ର ସେଠୀ ଓ ଉପେନ୍ଦ୍ର ଖଟୁଆ ସହଯୋଗ କରିଥିଲେ।

### ବିଶ୍ୱଶାନ୍ତି ମହାଯଜ୍ଞ, ଧର୍ମସଭା

**ଚୌଦ୍ୱାର,୨।୧(ଡି.ଏନ୍.ଏ.):** କଜଳଖଣାସ୍ଥିତ ପଞ୍ଚସଖା ଆଶ୍ରମରେ ପଞ୍ଚଦିନ ବ୍ୟାପି ବିଶ୍ୱଶାନ୍ତି ମହାଯଜ୍ଞ ଅନୁଷ୍ଠିତ ହୋଇଯାଇଛି। ସୋମବାର ପୂର୍ଣ୍ଣାହୁତି ଅବସରରେ ଏକ ଧର୍ମସଭାର ଆୟୋଜନ କରାଯାଇଥିଲା। ଶୁଭେନ୍ଦ୍ରନାଥ ଷଡ଼ଙ୍ଗୀଙ୍କ ପୌରୋହିତ୍ୟରେ ଆୟୋଜିତ ଏହି ସଭାରେ ସିଦ୍ଧଗିରି ଆଶ୍ରମର ବିଶ୍ୱନାଥ ବାବା, ସତ୍ୟ ସନାତନ ଭାଗବତ ପ୍ରଚାର ସମିତି ସଭାପତି ସିଦ୍ଧେଶ୍ୱର ନାୟକ, ହୃଷୀକେଶ ମହାନ୍ତି, ବିଚିତ୍ରାନନ୍ଦ ନାୟକ, ତୋଫାନୀ ବାବା ପ୍ରମୁଖ ଭାଗବତ ଆଲୋଚନା କରି ଏକ ସୁସ୍ଥ ସମାଜ ଗଠନ ପାଇଁ ଗୀତା ଓ ଭାଗବତ ପଠନ ସହିତ ନାମଯଜ୍ଞର ଆବଶ୍ୟକ ରହିଛି ବୋଲି କହିଥିଲେ। ଏହି ଅବସରରେ ବହୁ ଆଧାତ୍ମିକବାଦୀଙ୍କୁ ସମ୍ବର୍ଦ୍ଧିତ କରାଯିବା ସହିତ ନାମ ସଂକୀର୍ତ୍ତନର ଆୟୋଜନ କରାଯାଇଥିଲା। ଶ୍ରୀକାନ୍ତ ପଟ୍ଟନାୟକ, ଧନଞ୍ଜୟ ମହାରଣା, ଭାଗ୍ୟଧର ବିଶ୍ୱାଳ, ଧ୍ରୁବ ମହାନ୍ତି ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ବାବାଜି ଚିତ୍ତରଞ୍ଜନ ମିଶ୍ର ଧନ୍ୟବାଦ ଦେଇଥିଲେ।

# ସିଏମ୍‌ସି ସୃଷ୍ଟି କରିବ ଉଷ୍ମତା ମାହୋଲ

**କଟକ ଅଫିସ,୨।୧**


ସିଏମ୍‌ସି ବିଜୁ ଭବନରେ ଅନୁଷ୍ଠିତ ବୈଠକରେ ଉପସ୍ଥିତ ମେୟର ସୁବାସ ସିଂ, ସିଏମ୍‌ସି କମିଶନର ଓ ଅନ୍ୟ ଅଧିକାରୀମାନେ।

**୧୧ରେ ବିଶ୍ୱକପ୍ ହକି ଉଦ୍‌ଘାଟନୀ ଉତ୍ସବ**
- ୩ରୁ ୧୧ ସଭା, ଶୋଭାଯାତ୍ରା ସହ କ୍ରୀଡ଼ା ପ୍ରତିଯୋଗିତା
- ପ୍ରତି ୱାର୍ଡରେ ହେବ ଖେଳ ପ୍ରତିଯୋଗିତା
- ସାମିଲ ହେବେ ପୂଜା କମିଟି କର୍ମକର୍ତ୍ତା, ସାହି ମୁରବି

ବାରବାଟୀ ଷ୍ଟାଡିୟମରେ ଆସନ୍ତା ୧୧ ତାରିଖରେ ହେବାକୁ ଥିବା ବିଶ୍ୱକପ୍ ହକି ଉଦ୍‌ଘାଟନୀ ଉତ୍ସବ ପୂର୍ବରୁ କଟକ ସହରରେ ଉଷ୍ମତା ମାହୋଲ ସୃଷ୍ଟି କରିବା ପାଇଁ ପ୍ରଶାସନ ପକ୍ଷରୁ ବିଭିନ୍ନ କାର୍ଯ୍ୟକ୍ରମ ଆରମ୍ଭ କରାଯାଇଛି। ୩ରୁ ୧୧ ତାରିଖ ପର୍ଯ୍ୟନ୍ତ ସହରର ବିଭିନ୍ନ ସ୍ଥାନରେ ଭିନ୍ନ ଭିନ୍ନ କାର୍ଯ୍ୟକ୍ରମ ଆୟୋଜନ ହେବ। ଏ ସମ୍ପର୍କରେ ସୋମବାର ସିଏମ୍‌ସି ବିଜୁ ଭବନରେ ଅନୁଷ୍ଠିତ ଏକ ବୈଠକରେ ନିଷ୍ପତ୍ତି ନିଆଯାଇଛି। ୧୦ ତାରିଖ ରାତିରେ ବିଦ୍ୟାଧରପୁରରେ ଟ୍ରଫି ପହଞ୍ଚିବା ପରେ ୧୧ ତାରିଖ ସକାଳୁ ସାଇମନ୍ଦିର ପାଖରୁ ଏକ ବିରାଟ ଶୋଭାଯାତ୍ରାରେ ସହର ଭିତରକୁ ପାଛୋଟି ଅଣାଯିବ। ରେଭେନ୍‌ଶା ବିଶ୍ୱବିଦ୍ୟାଳୟ, ବକ୍ସିବଜାରସ୍ଥିତ 'ସମାଜ' କାର୍ଯ୍ୟାଳୟ, ଶୈଳବାଳା ମହିଳା ମହାବିଦ୍ୟାଳୟ, ଚଣ୍ଡିମନ୍ଦିର, ଚାନ୍ଦିନିଚୌକ ଛକ, ସିଡିଏ ସେକ୍ଟର-୯, ନେତାଜୀ ଜନ୍ମସ୍ଥାନ ସଂଗ୍ରହାଳୟକୁ ଟ୍ରଫି ନିଆଯାଇ ଅପରାହ୍ନ ୩ଟାରେ ବାଲିଯାତ୍ରା ତଳ ପଡ଼ିଆରେ ରଖାଯିବ। ୩ ତାରିଖରେ ସହରର ସମସ୍ତ ପୂଜା ଓ ଶାନ୍ତି କମିଟିର କର୍ମକର୍ତ୍ତା, ସଦସ୍ୟ ଓ ସାହି ମୁରବିମାନଙ୍କୁ ନେଇ ଏକ ବୈଠକ ଅନୁଷ୍ଠିତ ହେବ । ସେଥିରେ ବିଭିନ୍ନ ସାହିବସ୍ତି ଓ ମହଲାରେ ଯେପରି ହକିର ମାହୋଲ ସୃଷ୍ଟି ହେବ ସେଥିପାଇଁ ଏକାଧିକ କାର୍ଯ୍ୟକ୍ରମ ହାତକୁ ନିଆଯିବ। ସେହିପରି ୪ ତାରିଖରେ ଶହୀଦଭବନରେ ସହରର ସମସ୍ତ ସ୍ପୋର୍ଟିଂ କ୍ଲବ୍‌ର କର୍ମକର୍ତ୍ତା, ସଦସ୍ୟ ଓ କ୍ରୀଡ଼ାବିତମାନଙ୍କୁ ନେଇ ଏକ ବୈଠକ ଅନୁଷ୍ଠିତ ହେବ। ପ୍ରତି ୱାର୍ଡରେ ବିଭିନ୍ନ ଖେଳ ପ୍ରତିଯୋଗିତା କରାଯାଇ କୃତୀ ଖେଳାଳିମାନଙ୍କୁ ପୁରସ୍କୃତ କରାଯିବ। ଏତଦ୍‌ବ୍ୟତୀତ ୬ତାରିଖରେ ସହରର ମାନ୍ୟଗଣ୍ୟ ବରିଷ୍ଠ ନାଗରିକମାନଙ୍କୁ ନେଇ ଏକ ବୈଠକ କରାଯାଇ ସେମାନଙ୍କୁ ଏହି ମହୋତ୍ସବରେ ସାମିଲ କରାଯିବ। ଉଦ୍‌ଘାଟନୀ ଉତ୍ସବର ସିଧା ପ୍ରସାରଣ ଦେଖିବା ପାଇଁ ସହରର ୧୬ଟି ସ୍ଥାନ ଚିହ୍ନଟ କରାଯାଇଛି। ସେଠାରେ ବିରାଟ ଏଲ୍‌ଇଡି ସ୍କ୍ରିନ୍ ଲଗାଯିବା ସହ ସାଉଣ୍ଡ ସିଷ୍ଟମ୍ ଏବଂ ଏକ ହଜାର ଲୋକ ବସିଲା ଭଳି ଅସ୍ଥାୟୀ ବ୍ୟବସ୍ଥା କରାଯିବ। ଉକ୍ତ ୧୬ଟି ସ୍ଥାନ ମଧ୍ୟରେ ମୁଖ୍ୟତଃ ବକ୍ସିବଜାରସ୍ଥିତ ଗୋପବନ୍ଧୁ ବାଗ, ଆନନ୍ଦ ଭବନ ନିକଟ ଖ୍ରୀଷ୍ଟିୟାନ ପଡ଼ିଆ, ଗୌରୀଶଙ୍କର ପାର୍କ, ନିମପୁର ସ୍ପୋର୍ଟସ୍ ଗ୍ରାଉଣ୍ଡ, ନୂଆପାଟଣା ଶହୀଦ ପାର୍କ, ପୋତାପୋଖରୀସ୍ଥିତ ନେତାଜୀ ଖେଳ ପଡ଼ିଆ, ଓଏମ୍‌ପି ଛକ ନିକଟ ଚାଉଳିଆଗଞ୍ଜ ଖେଳ ପଡ଼ିଆ, ଶହୀଦ ଭବନ କ୍ୟାମ୍ପସ, ପଞ୍ଚମୁଖୀ ହନୁମାନ ମନ୍ଦିର ପଡ଼ିଆ ଓ ବେଲଭ୍ୟୁ ପାର୍କ ଅନ୍ତର୍ଭୁକ୍ତ । ସେହିପରି ୱାର୍ଡ ସ୍ତରରେ ମଧ୍ୟ ଏହି ବ୍ୟବସ୍ଥା କରାଯାଇଛି। ୫୯ଟି ୱାର୍ଡର ବିଭିନ୍ନ ସ୍ଥାନରେ ଉଦ୍‌ଘାଟନୀ ଉତ୍ସବର ସିଧା ପ୍ରସାରଣ ଦେଖିବା ପାଇଁ ଏଲ୍‌ଇଡି ବ୍ୟବସ୍ଥା କରାଯାଇଛି। ସହରର ପ୍ରତ୍ୟେକ ବର୍ଗର ଲୋକଙ୍କୁ ଏହି କାର୍ଯ୍ୟକ୍ରମରେ ସାମିଲ କରାଯିବା ସହ କ୍ରୀଡ଼ାବିତ୍, କ୍ରୀଡ଼ାପ୍ରେମୀ ଯୁବତୀ ଯୁବକ, ବରିଷ୍ଠ ନାଗରିକ, ସ୍କୁଲ କଲେଜ ଛାତ୍ରୀଛାତ୍ର ଓ ଅଭିଭାବକମାନଙ୍କୁ ଉଷ୍ମତା କାର୍ଯ୍ୟକ୍ରମରେ ଅଧିକ ପ୍ରାଧାନ୍ୟ ଦିଆଯିବ। ବୈଠକରେ ମେୟର ସୁବାସ ସିଂ, ଡେପୁଟି ମେୟର ଦମୟନ୍ତୀ ମାଝି, ସିଏମ୍‌ସି ୱାର୍କସ୍ ଷ୍ଟାଣ୍ଡିଂ କମିଟି ଅଧ୍ୟକ୍ଷ ପ୍ରଦୀପ୍ତ କୁମାର ଖୁଣ୍ଟିଆ, ଡେପୁଟି କମିଶନର ଅମୀୟ ପଣ୍ଡା, ଅଜୟ ମହାନ୍ତି, ସିଟି ଇଞ୍ଜିନିୟର ଅତନୁ ସାମନ୍ତ, ନିର୍ବାହୀ ଯନ୍ତ୍ରୀ ଦିବ୍ୟରଞ୍ଜନ ତ୍ରିପାଠୀ ପ୍ରମୁଖ ଉପସ୍ଥିତ ଥିଲେ।

## ଜାତି ଗୌରବ ସମ୍ମାନ ପାଇବେ ୩ ପ୍ରତିଭା

**କଟକ ଅଫିସ, ୨।୧**

ବେଦବ୍ୟାସ ବ୍ରାହ୍ମଣ ସମାଜ ପକ୍ଷରୁ ୩ଜଣ ବିଶିଷ୍ଟ ପ୍ରତିଭାଙ୍କୁ ମର୍ଯ୍ୟାଦାଜନକ ଜାତି ଗୌରବ ସମ୍ମାନରେ ସମ୍ମାନିତ କରାଯିବ। ସେମାନେ ହେଲେ ପାଲାଗାୟକ ପଣ୍ଡିତ ଶିବ ଚରଣ ନନ୍ଦ, ବାହୁ କୁସ୍ତି ପ୍ରଶିକ୍ଷକ ଆଡଭୋକେଟ କେଦାର ଚନ୍ଦ୍ର ଷଡ଼ଙ୍ଗୀ ଏବଂ ସାମ୍ବାଦିକ କମଳାକାନ୍ତ ଦାଶ। ସ୍ଥାନୀୟ ବିଡ଼ାନାସୀସ୍ଥିତ ମା' ଭୁଆସୁଣୀ ମନ୍ଦିରରେ ଅନୁଷ୍ଠାନ ପକ୍ଷରୁ ଆସନ୍ତା ୮ତାରିଖରେ ଆୟୋଜିତ ହେବାକୁ ଥିବା ଏକ କାର୍ଯ୍ୟକ୍ରମରେ ୩ ଜଣ ପ୍ରତିଭାଙ୍କୁ ଉକ୍ତ ସମ୍ମାନ ପ୍ରଦାନ କରାଯିବ। ଏଥିସହ ଅନୁଷ୍ଠାନର ବୈଦିକ ପଣ୍ଡିତମାନଙ୍କ ଦ୍ୱାରା ବିଶ୍ୱ କଲ୍ୟାଣ ନିମନ୍ତେ ତପ, ଜପ, ହୋମ, ଚଣ୍ଡୀ ପାଠ ଆୟୋଜନ ହେବ। ଏ ସମ୍ପର୍କରେ ଅନୁଷ୍ଠାନର ସଭାପତି ଫକିର ଚରଣ ପତି, ସମ୍ପାଦକ ପଣ୍ଡିତ ଦୀପକ କୁମାର ଶତପଥୀ ସୋମବାର ଏକ ପ୍ରେସ୍ ବିବୃତିରେ ସୂଚନା ଦେଇଛନ୍ତି।

# ମଣ୍ଡିରେ ଧାନ କାଟକୁ ନେଇ ଚିନ୍ତାରେ ଚାଷୀ

**କଟକ ସଦର,୨।୧(ଡି.ଏନ୍.ଏ.)**

ଚଳିତମାସରେ କଟକ ସଦର ବ୍ଲକ ଅନ୍ତର୍ଗତ ୧୦ଟି ମଣ୍ଡି ଖୋଲିବାକୁ ଯାଉଛି। ଏଠାରେ ପଞ୍ଜୀକୃତ ଚାଷୀମାନେ ଧାନ ବିକ୍ରି କରିବା ପାଇଁ ଖାଦ୍ୟ, ଯୋଗାଣ ଓ ଖାଉଟି ବ୍ୟାପାର ବିଭାଗ ତରଫରୁ ମେସେଜ ପାଇସାରିଛନ୍ତି। ମାତ୍ର ଗତ ବର୍ଷ ଧାନ ବିକ୍ରିବେଳେ କୁଇଣ୍ଟାଲ ପିଛା ୫ କିଲୋ କାଟି ଦିଆଯାଇଥିଲା। ତେଣୁ ଏ ବର୍ଷ ବାହାନା କରି ଧାନ କାଟ କଲେ ଚାଷୀମାନେ କ୍ଷତିଗ୍ରସ୍ତ ହେବେ ବୋଲି ଉତ୍କଳ ବିକାଶ ପରିଷଦର ସଭାପତି ପ୍ରକାଶ ଚନ୍ଦ୍ର ସେଠି ଅଭିଯୋଗ ଆଣିଛନ୍ତି। ଏ ନେଇ ସେ ସୋମବାର ଜିଲାପାଳଙ୍କ ଜନ ଶୁଣାଣି ଶିବିରରେ ଉକ୍ତ ଦାବି ଉପସ୍ଥାପନ କରିଛନ୍ତି। ଏପରିକି ମଣ୍ଡିରେ ଚାଷୀଙ୍କ ପ୍ରତିନିଧିମାନଙ୍କୁ ନେଇ ଗଠିତ କ୍ରୟ କମିଟି ସଦସ୍ୟମାନେ ମଧ୍ୟ ମିଲର୍ ପାଖରେ ଚୁପ୍ ରହୁଥିବାରୁ ସେମାନଙ୍କ ଦୁଃଖ କେହି ଶୁଣୁନାହାନ୍ତି ବୋଲି ଅଭିଯୋଗ ହେଉଛି। ୨୦୨୧ ଡିସେମ୍ବର ୪- ୫ ତାରିଖରେ ବାତ୍ୟା ଜୱାଦ ପାଇଁ ବିଲରେ କଟା ଧାନ ବର୍ଷାପାଣିରେ ଭିଜିଥିଲା। ସେଥିପାଇଁ ଚାଷୀ ମାନଙ୍କଠାରୁ ମିଲରମାନେ ଧାନ କାଟ କରିଥିଲେ। ମିଲର- କ୍ରୟ କମିଟି ମଧ୍ୟରେ ମଧୁଚନ୍ଦ୍ରିକା ପାଇଁ କେବଳ ଏହି ବ୍ଲକରୁ ଚାଷୀମାନଙ୍କୁ ୨୦୨୧- ୨୦୨୨ରେ ୩ ହଜାର କୁଇଣ୍ଟାଲ ଧାନ କାଟ ଆକାରରେ ଦେବାକୁ ପଡ଼ିଥିଲା। ଯାହାର ସରକାରୀ ମୂଲ୍ୟ ପ୍ରାୟ ୫୮ ଲକ୍ଷ ଟଙ୍କାରୁ ଅଧିକ ଅଟେ। ଚଳିତ ଅବଧିରେ ବର୍ଷା ନ ଥିବାରୁ ଧାନର କାଟ ବ୍ୟବସ୍ଥା ଉଚ୍ଛେଦ ପାଇଁ ସାଧାରଣରେ ଦାବି ହେଉଛି। ଏ ସମ୍ପର୍କରେ କଟକସ୍ଥିତ ସହକାରୀ ସମବାୟ ନିବନ୍ଧକ ଅନିମା ବେହେରାଙ୍କୁ ପଚାରିବାରୁ ଅଭିଯୋଗ ଆସିଲେ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି କହିଥିଲେ।


ବାଦାମବାଡ଼ିସ୍ଥିତ ଟାଟା ପାୱାର କାର୍ଯ୍ୟାଳୟ ପରିସରରେ ଦ୍ୱିତୀୟ ସ୍କିଲ ଡେଭଲପମେଣ୍ଟ ସେଣ୍ଟରକୁ ସୋମବାର ମନ୍ତ୍ରୀ ପ୍ରତାପ କେଶରୀ ଦେବ ଫିତା କାଟି ଉଦ୍‌ଘାଟନ କରୁଛନ୍ତି।

## ଇଟାଭାଟି ଶ୍ରମିକ ପିଲାଙ୍କ ଶିକ୍ଷା ପାଇଁ ପ୍ରୟାସ

**କଣ୍ଟାପଡା,୨।୧(ଡି.ଏନ୍.ଏ.)**

କଣ୍ଟାପଡା ଅଞ୍ଚଳରେ ଥିବା ଇଟାଭାଟିରେ କାମ କରୁଥିବା ରାଜ୍ୟ ତଥା ରାଜ୍ୟ ବାହାରର ଶ୍ରମିକଙ୍କ ପିଲାମାନଙ୍କ ପ୍ରାଥମିକ ଶିକ୍ଷାପାଇଁ କୁଆଁରପୁରରେ ଦିଗନ୍ତ ମୁକ୍ତବିଦ୍ୟାଳୟର ନୂତନ ଶ୍ରେଣୀଗୃହ ସୋମବାର ଉଦ୍‌ଘାଟିତ ହୋଇଯାଇଛି। ସଙ୍କଳ୍ପ ଓ ସିଏସ୍‌ଏନ୍‌ଆର ମିଳିତ ସହଯୋଗରେ ଚାଲୁଥିବା ଏହି ବିଦ୍ୟାଳୟର ନୂତନ ଗୃହ ଉଦ୍‌ଘାଟନ ଉତ୍ସବରେ ଆଇନଜୀବୀ ବିଶ୍ୱପ୍ରିୟ କାନୁନଗୋ ଯୋଗଦେଇ ଭାଟିରେ ଯେଉଁ ଇଟା ଗଢ଼ା ହେଉଛି ସେଥିରେ ବଡ଼ବଡ଼ ସୌଧ ନିର୍ମାଣ ହେଉଛି। ସେହି ଇଟାକୁ ଯେଉଁଭଳି ଭାବେ ସୁନ୍ଦରକରି ତିଆରି କରୁଛ ସେହିପରି ତୁମ ପିଲାମାନଙ୍କୁ ସୁନ୍ଦର କରି ଗଢ଼ି ତୋଳିଲେ ସେମାନଙ୍କ ଭବିଷ୍ୟତ ସୁଖମୟ ହେବ ବୋଲି କହିଥିଲେ। ଏଥିରେ ସିଏସ୍‌ଏନ୍‌ଆର୍ ନିର୍ଦ୍ଦେଶକ ଧୀରେନ୍ଦ୍ର ପଣ୍ଡା ମୁଖ୍ୟ ଅତିଥି, ସମାଜିକ କର୍ମୀ ଅଶୋକ ରଥ ମୁଖ୍ୟ ବକ୍ତା, ବାଗଲପୁର ସରପଞ୍ଚ ଜ୍ୟୋତ୍ସ୍ନାରାଣୀ ସେଠୀ, କଣ୍ଟାପଡା ସମନ୍ୱିତ ଶିଶୁ ବିକାଶ ବିଭାଗ ସୁପରଭାଇଜର ମଞ୍ଜୁଲତା ଦାସ, ନରେନ୍ଦ୍ର ମହାନ୍ତି ପ୍ରମୁଖ ସମ୍ମାନିତ ଅତିଥିଭାବେ ଯୋଗଦେଇଥିଲେ। ସଙ୍କଳ୍ପର ସଭାପତି ଚକ୍ରଧର ପ୍ରଧାନ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ସୂଚନାଯୋଗ୍ୟ, ଇଟାଭାଟିରେ କାମ କରୁଥିବା ଶ୍ରମିକ ପରିବାରର ପିଲାମାନେ ଶିକ୍ଷାରୁ ବଞ୍ଚିତ ହେଉଥିବାରୁ ଅନୁଷ୍ଠାନ ପକ୍ଷରୁ ଏଭଳି କାର୍ଯ୍ୟକ୍ରମ ହାତକୁ ନିଆଯାଇଛି ବୋଲି ସଙ୍କଳ୍ପ ସଭାପତି କହିଥିଲେ।

## ଗାଁରେ ଷ୍ଟ୍ରିଟ୍‌ଲାଇଟ ଲଗାଇବାକୁ ଦାବି


ମହିଳା ଗୋଷ୍ଠୀ ପକ୍ଷରୁ ସୋମବାର ବିଡିଓଙ୍କୁ ଦାବିପତ୍ର ପ୍ରଦାନ କରାଯାଉଛି।

**ମଙ୍ଗୁଳି-ଜଗତପୁର,୨।୧(ଡି.ଏନ୍.ଏ.)**

ଟାଙ୍ଗୀ-ଚୌଦ୍ୱାର ବ୍ଲକ ଅଧୀନ କୟଳପଡ଼ା ପଞ୍ଚାୟତରେ ବିଦ୍ୟୁତ୍‌ଖୁଣ୍ଟରେ ଷ୍ଟ୍ରିଟଲାଇଟ ଲଗାଇବା ଦାବିରେ ସ୍ଥାନୀୟ ମହିଳା ଗୋଷ୍ଠୀ ପକ୍ଷରୁ ସୋମବାର ବିଡିଓଙ୍କୁ ଏକ ଦାବିପତ୍ର ପ୍ରଦାନ କରାଯାଇଛି। ଦାବିପତ୍ରରେ ଉଲ୍ଲେଖ ଅଛି ଯେ, ପଞ୍ଚାୟତ ତରଫରୁ ଲଗାଯାଇଥିବା ଷ୍ଟ୍ରିଟ ଲାଇଟ ୬ ମାସ ହେବ କେହି ଦୁର୍ବୃତ୍ତ ପାଖାପାଖି ୪୦ରୁ ଊର୍ଦ୍ଧ୍ୱ ଖୁଣ୍ଟରୁ ଲାଇଟ ଚୋରି କରିନେଇଛି। ଆଉ କିଛି ଖୁଣ୍ଟରେ ଷ୍ଟ୍ରିଟଲାଇଟ ଅଛି କିନ୍ତୁ ସନ୍ଧ୍ୟା ହେଲେ ଠିକ୍ ଭାବେ ଜଳୁନାହିଁ। ଫଳରେ ରାସ୍ତା ଘାଟ ଅନ୍ଧାରରେ ରହିଛି। ପଞ୍ଚାୟତର ମୁଖ୍ୟ କାର୍ଯ୍ୟାଳୟ ରାସ୍ତାର ଗେଟ ଲାଇଟ କିଛି ଦିନ ହେଲା ଖରାପ କାରଣରୁ ଅପରାହ୍ନ ୫ଟା ପରେ ସମ୍ପୂର୍ଣ୍ଣ ଅନ୍ଧକାରମୟ ହୋଇଯାଉଛି। ଫଳରେ ଗ୍ରାମରେ ଚୋରି ଦୁର୍ଘଟଣା ବଢ଼ୁଛି। ସେଥିପ୍ରତି ଦୃଷ୍ଟି ରଖି ତିନି ଦିନ ମଧ୍ୟରେ ଷ୍ଟ୍ରିଟଲାଇଟ ନ ଲଗାଯାଏ ତା'ହେଲେ ଆମେ ଜଳୁ ନ ଥିବା ବିଦ୍ୟୁତଖୁଣ୍ଟ ଏବଂ ପଞ୍ଚାୟତ ଗେଟରେ ଲଣ୍ଠନ ବାନ୍ଧିବୁ। ଏହି ଦାବିପତ୍ର ପ୍ରଦାନ ବେଳେ କୟଳପଡାର ପୂର୍ବତନ ସରପଞ୍ଚ ରଶ୍ମିରଞ୍ଜନ ପ୍ରଧାନଙ୍କ ନେତୃତ୍ୱରେ ଗ୍ରାମର ଚୁନିଆ ଲେଙ୍କା, ଜୟନ୍ତୀ ଲେଙ୍କା, ସୁଲୋଚନା ସାହୁ, ଜ୍ୟୋତ୍ସ୍ନା ବେହେରା, ମମତା ମହାରଣା, ନିର୍ମଳା ପୃଷ୍ଟି, ମମତା ସାହୁ, କୁନୀଆ ନାୟକ, କାଞ୍ଚନ ସ୍ୱାଇଁ, ଭାରତି ବେହେରା ପ୍ରମୁଖ ଉପସ୍ଥିତ ଥିଲେ। ଏ ନେଇ ବିଡିଓ କହିଛନ୍ତି, ଆଗାମୀ ଏକ ମାସ ମଧ୍ୟରେ ଷ୍ଟ୍ରିଟ ଲାଇଟ ନ ଥିବା ଖୁଣ୍ଟରେ ନୂଆ ଲାଇଟ ଲାଗିବ ଏବଂ ଖରାପ ଲାଇଟଗୁଡ଼ିକୁ ମରାମତି କରାଯିବ।

## ଛିନ୍‌ତାଇ ଅଭିଯୋଗରେ ୨ ଗିରଫ

**ଭୁବନେଶ୍ୱର, ୨।୧(ବ୍ୟୁରୋ)**

ଛିନ୍‌ତାଇ ଓ ଚୋରି ମାମଲାରେ ଭରତପୁର ଥାନା ପୋଲିସ ୨ଜଣଙ୍କୁ ଗିରଫ କରି ସୋମବାର କୋର୍ଟ ଚାଲାଣ କରିଛି। ସେମାନେ ହେଲେ ଭଦ୍ରକ ଭଣ୍ଡାରୀପୋଖରୀ ଥାନା ଅଞ୍ଚଳରେ କାହ୍ନୁଚରଣ ମଲ୍ଲିକ ଓ ଗଞ୍ଜାମର ରାମଚନ୍ଦ୍ର ପ୍ରଧାନ। ସେମାନଙ୍କଠାରୁ ବିଭିନ୍ନ କମ୍ପାନୀର ୯ଟି ମୋବାଇଲ, ୨ ଚୋରା ବାଇକ୍ ଜବତ ହୋଇଛି। ଅଭିଯୁକ୍ତଦ୍ୱୟ ବରମୁଣ୍ଡା ବସଷ୍ଟାଣ୍ଡରେ କମ୍ ଦାମରେ ବିଭିନ୍ନ ସାମଗ୍ରୀ ବିକ୍ରି କରୁଥିବା ବେଳେ ସନ୍ଦେହରେ ପୋଲିସକୁ ଲୋକେ ଜଣାଇଥିଲେ।

# ୬ରେ ମୁଖ୍ୟମନ୍ତ୍ରୀ କଳାକାର ସହାୟତା ପାଇଁ ଚୟନ

**କଟକ ଅଫିସ, ୨।୧**

- କଳାକାରଙ୍କ ପାଇଁ ପାରଦର୍ଶିତା ପ୍ରତିପାଦନର ଶେଷ ସୁଯୋଗ
- ସ୍ୱରାଜ ଆଶ୍ରମରେ ମୂଳ ପ୍ରମାଣପତ୍ର ସହ ଭାଗ ନେଇପାରିବେ ପ୍ରାର୍ଥୀ

ମୁଖ୍ୟମନ୍ତ୍ରୀ କଳାକାର ସହାୟତା ଯୋଜନା ଚୟନ ପ୍ରକ୍ରିୟାରେ ପାରଦର୍ଶିତା ପ୍ରତିପାଦନ ପ୍ରଦର୍ଶନ କାର୍ଯ୍ୟକ୍ରମ ଆସନ୍ତା ୬ତାରିଖରେ ଅନୁଷ୍ଠିତ ହେବ। ଉକ୍ତଦିନ ସକାଳ ୯ଟାରୁ ଅପରାହ୍ନ ୫ଟା ମଧ୍ୟରେ ପାରଦର୍ଶିତା ପ୍ରଦର୍ଶନ ନିମନ୍ତେ ସମୟ ନିର୍ଦ୍ଧାରଣ କରାଯାଇଛି। କଟକ ଜିଲାର ସମସ୍ତ ବ୍ଲକ ଓ ପୌରାଞ୍ଚଳରେ ପାରଦର୍ଶିତା ପ୍ରତିପାଦିତ କରିପାରି ନ ଥିବା କଳାକାରଙ୍କ ନିମନ୍ତେ ଏହା ଶେଷ ସୁଯୋଗ। ଏହି ଚୟନ ପ୍ରକ୍ରିୟା ପରେ ଯୋଗ୍ୟ କଳାକାରଙ୍କୁ ଭତ୍ତା ପ୍ରଦାନ କରାଯିବ। ତେଣୁ ଚୟନ ପ୍ରକ୍ରିୟାରେ ଅଂଶଗ୍ରହଣ କରିବାକୁ ଥିବା ପ୍ରାର୍ଥୀମାନେ ସମସ୍ତ ମୂଳ ପ୍ରମାଣପତ୍ର ସହ କଟକ ସ୍ୱରାଜ ଆଶ୍ରମଠାରେ ଉପସ୍ଥିତ ରହି ଆୟୋଜିତ କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିପାରିବେ। ଜାନୁୟାରୀ ୬ ତାରିଖ ପରେ ଏଥିସମ୍ବନ୍ଧିତ କୌଣସି ଅଭିଯୋଗ ଗ୍ରହଣୀୟ ହେବ ନାହିଁ ବୋଲି ଜିଲା ସଂସ୍କୃତି ଅଧିକାରୀ ନଳିନୀକାନ୍ତ ସାହୁ ସୋମବାର ଏକ ପ୍ରେସ୍ ବିଜ୍ଞପ୍ତିରେ ସୂଚନା ଦେଇଛନ୍ତି। ଉଲ୍ଲେଖଯୋଗ୍ୟ, ଚୟନ ପ୍ରକ୍ରିୟାରେ ସାମିଲ ହୋଇଥିବା କଳାକାରମାନଙ୍କ ତାଲିକା ସମ୍ପୃକ୍ତ ବ୍ଲକ ଓ ପୌରାଞ୍ଚଳ କାର୍ଯ୍ୟାଳୟରେ ଉପଲବ୍ଧ।

## ବିଜ୍ଞାପନ ହୋର୍ଡିଂରେ ଓଡ଼ିଆ ଭାଷାର ସୁରକ୍ଷା ପାଇଁ ଦାବି

**କଟକ ଅଫିସ,୨।୧**

ବିଜ୍ଞାପନ ହୋର୍ଡିଂରେ ଓଡ଼ିଆ ଭାଷାର ସୁରକ୍ଷା ଦେବା ପାଇଁ କର୍ପୋରେଟର ଗଗନ ଓଝାଙ୍କ ନେତୃତ୍ୱରେ କଟକ ଜିଲା ସଂସ୍କୃତି ଅଧିକାରୀଙ୍କ ମାଧ୍ୟମରେ ରାଜ୍ୟ ସଂସ୍କୃତି ସଚିବଙ୍କ ନିକଟକୁ ଦାବିପତ୍ର ପ୍ରଦାନ କରାଯାଇଛି। ଭାଷାର ସୁରକ୍ଷା ଦିଗରେ ପଦକ୍ଷେପ ନେବା ଲାଗି ଦାବି କରାଯାଇଛି। ଏ ନେଇ କର୍ପୋରେଟର କହିଛନ୍ତି, ଓଡ଼ିଆ ଭାଷାର ପ୍ରଚାରପ୍ରସାର ନିମନ୍ତେ ସରକାର ବିଭିନ୍ନ ନିୟମ ପ୍ରଣୟନ କରୁଥିବା ବେଳେ ବାସ୍ତବିକ ଚିତ୍ର କିନ୍ତୁ ଭିନ୍ନ। ଭାଷା ଆଇନ ବିଧେୟକ ଆଣି ରାଜ୍ୟର ସରକାରୀ ବେସରକାରୀ କାର୍ଯ୍ୟରେ ଓଡ଼ିଆ ବ୍ୟବହାରକୁ ପ୍ରୋତ୍ସାହନ ଦିଆଯିବା ସହିତ ବ୍ୟବସାୟିକ ପ୍ରତିଷ୍ଠାନମାନେ ନିଜ ବୋର୍ଡରେ ଓଡ଼ିଆ ଲେଖିବା ପାଇଁ ନିର୍ଦ୍ଦେଶ ଦିଆଯାଇଥିଲା। ହେଲେ ବିଜ୍ଞାପନ ପାଇଁ ବିଭିନ୍ନ କମ୍ପାନୀର ଲାଗୁଥିବା ହୋର୍ଡିଂରେ ଓଡ଼ିଆ ଭାଷାକୁ ଗୁରୁତର ଭାବେ କଦର୍ଥ କରି ଲେଖା ଯିବା ଓଡ଼ିଆଙ୍କ ମନରେ ଆଘାତ ଦେଇଛି। କିଛିଦିନ ତଳେ ଏକ ଘରୋଇ କମ୍ପାନୀର ହୋର୍ଡିଂରେ ଏପରି ବିଚ୍ୟୁତି ଦେଖାଯାଇଥିଲା, ଯାହାକୁ ବିରୋଧ କରାଯାଇ ଚିରାଯାଇଥିଲା। ରାଜରାସ୍ତାରେ ମାତୃଭାଷାକୁ ବିକୃତ କରି ଲେଖିବା ଗ୍ରହଣୀୟ ନୁହଁ ବୋଲି ସେ କହିଥିଲେ। ଜିଲା ସଂସ୍କୃତି ଅଧିକାରୀ ଏ ନେଇ ଜିଲାପାଳଙ୍କ ଦୃଷ୍ଟି ଆକର୍ଷଣ କରି ଓଡ଼ିଆ ଭାଷାର ପ୍ରଚାର ପ୍ରସାର ଓ ସୁରକ୍ଷା ନିମନ୍ତେ ପଦକ୍ଷେପ ନିଆଯିବ ବୋଲି ପ୍ରତିଶ୍ରୁତି ଦେଇଥିଲେ। ଦାବିପତ୍ର ପ୍ରଦାନ ସମୟରେ ଅବିନାଶ ଓଝା, ପବନ ଓଝା, ଯତୀନ ମହାରଣା, ସାର୍ଥକ ରାୟ ପ୍ରମୁଖ ଉପସ୍ଥିତ ଥିଲେ।

## 'ଦୁଃଖ, ଯନ୍ତ୍ରଣା ମଣିଷକୁ ଆଗକୁ ବଢ଼ିବାକୁ ପ୍ରେରଣା ଦିଏ'

**ଚୌଦ୍ୱାର/ମଙ୍ଗୁଳି-ଜଗତପୁର,୨।୧(ଡି.ଏନ୍.ଏ.)**

**ସ୍ୱାଗତିକା ଫାଉଣ୍ଡେସନର ବାର୍ଷିକୋତ୍ସବ**

ସେବା ଅନୁଷ୍ଠାନ ସ୍ୱାଗତିକା ଫାଉଣ୍ଡେଶନ୍‌ର ଦ୍ୱିତୀୟ ବାର୍ଷିକୋତ୍ସବ ସୋମବାର ଅନୁଷ୍ଠିତ ହୋଇଯାଇଛି । ଫାଉଣ୍ଡେଶନର ସଭାପତି ଦେବେନ୍ଦ୍ର କୁମାର ପୃଷ୍ଟିଙ୍କ ସଭାପତିତ୍ୱରେ ପୌର ଟାଉନ୍‌ହଲରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଜିଲାପାଳ ଭବାନୀ ଶଙ୍କର ଚୟନୀ ଉଦ୍‌ଘାଟକ ଭାବେ ଯୋଗଦେଇ ଫାଉଣ୍ଡେଶନର ସେବା କାର୍ଯ୍ୟର ପ୍ରଶଂସା କରିବା ସହିତ ଦୁଃଖ ଓ ଯନ୍ତ୍ରଣା ମଣିଷକୁ ଆଗକୁ ବଢ଼ିବାର ପ୍ରେରଣା ଦେଇଥାଏ ବୋଲି କହିଥିଲେ। ପୂର୍ବତନ ବିଧାୟକ ପ୍ରଭାତ ରଞ୍ଜନ ବିଶ୍ୱାଳ, ହିନ୍ଦ୍ ସେବକ ସଂଘର ରାଷ୍ଟ୍ରୀୟ ଅଧ୍ୟକ୍ଷ ଦାମୋଦର ସାହୁ, ପୌରାଧ୍ୟକ୍ଷା ମାନସୀ ସ୍ୱର୍ଣ୍ଣପ୍ରଭା ସାମଲ, ଉପାଧ୍ୟକ୍ଷ ଶୁଭେନ୍ଦୁ ସାମଲ ପ୍ରମୁଖ ଅତିଥି ଭାବେ ଯୋଗଦେଇ ଅଞ୍ଚଳର ଭୋକିଲାଙ୍କୁ ନିୟମିତ ଦାନା ଯୋଗାଇବା ଦିଗରେ ସ୍ୱାଗତିକା ଫାଉଣ୍ଡେଶନ ଓ ଏହାର କର୍ମକର୍ତ୍ତାଙ୍କ ପ୍ରୟାସକୁ ପ୍ରଶଂସା କରିଥିଲେ। ଏହି ଅବସରରେ ବିଭିନ୍ନ ସ୍ୱେଚ୍ଛାସେବୀ ସଙ୍ଗଠନ, ଖବରଦାତା ଓ ବିଶିଷ୍ଟ ବ୍ୟକ୍ତିଙ୍କୁ ସଙ୍ଗଠନ ତରଫରୁ ସମ୍ବର୍ଦ୍ଧିତ କରାଯାଇଥିଲା। ଅଶୋକ ମଞ୍ଚ ପରିଚାଳନା କରିଥିବା ବେଳେ ମାନସ ସାମଲ, ସରୋଜ ସାହୁ, ପ୍ରଦୀପ ମହାପାତ୍ର, ଜୟନ୍ତୀ ପୃଷ୍ଟି, ବିଦ୍ୟାଶ୍ରୀ ଦାସ ପ୍ରମୁଖ ସାମିଲ ଥିଲେ।


ସ୍ୱାଗତିକା ଫାଉଣ୍ଡେସନର ବାର୍ଷିକୋତ୍ସବରେ ଯୋଗଦେଇଥିବା ଜିଲାପାଳ ଭବାନୀ ଶଙ୍କର ଚୟନୀ ଓ ଅନ୍ୟ ଅତିଥିମାନେ।

# ୫୩ନଂ. ୱାର୍ଡ ରାସ୍ତା କାମର ଫାଇଲ ହଜିଗଲା

**କଟକ ଅଫିସ,୨।୧**



ଖବରଦାତା ସମ୍ମିଳନୀରେ ଉପସ୍ଥିତ ସୂଚନା ଅଧିକାର କର୍ମୀ ଜିତେନ୍ଦ୍ର ସାହୁ ଓ ଅନ୍ୟମାନେ।

**ସମ୍ପୃକ୍ତ ଯନ୍ତ୍ରୀଙ୍କ ବିରୋଧରେ ଭିଜିଲାନ୍ସ ତଦନ୍ତ ଦାବି**

ରାଜ୍ୟ ସରକାର କଟକ ସହରର ସୌନ୍ଦର୍ଯ୍ୟକରଣ ଓ ଉନ୍ନତିମୂଳକ କାର୍ଯ୍ୟ ପାଇଁ ବ୍ୟାପକ ଅର୍ଥ ବ୍ୟୟ କରୁଛନ୍ତି। ଅନ୍ୟପଟେ କଟକ ମହାନଗର ନିଗମ (ସିଏମ୍‌ସି)ର ଦୁର୍ନୀତିଗ୍ରସ୍ତ ଅଧିକାରୀ ନିମ୍ନମାନର କାର୍ଯ୍ୟ କରି ବ୍ୟାପକ ଅର୍ଥ ହେରଫେର, ପିସି କାରବାର କରୁଥିବା ଅଭିଯୋଗହେଉଛି। ଏପରିକି କାର୍ଯ୍ୟର ଅଟକଳ ମୂଲ୍ୟଠାରୁ ଯଥେଷ୍ଟ ଅଧିକ ଅର୍ଥ ଠିକାଦାରଙ୍କୁ ଦେଇ ଫାଇଲ ହଜାଇ ଦେଉଥିବା କୁହାଯାଉଛି। କନିଷ୍ଠ ଯନ୍ତ୍ରୀଙ୍କ ଅଧୀନରେ ଅନେକ କାର୍ଯ୍ୟକୁ ବିଭାଗୀୟ ଅଧିକାରୀ ଓ ଠିକାଦାର ମଧୁଚନ୍ଦ୍ରିକାରେ ନିମ୍ନମାନର କାର୍ଯ୍ୟ କରି ଜନସାଧାରଣଙ୍କ ଟିକସ ଅର୍ଥକୁ ଲୁଟିଛନ୍ତି, ଯାହାଦ୍ୱାରା ସୂଚନା ଅଧିକାର ଆଇନ ବଳରେ ତଥ୍ୟ ଦେବାକୁ ଜନସୂଚନା ଅଧିକାରୀ ଭୟ କରୁଛନ୍ତି। ସିଏମ୍‌ସି ଅଧୀନ ୫୩ନଂ. ୱାର୍ଡରେ କଂକ୍ରିଟ ରାସ୍ତା କାମରେ ଦୁର୍ନୀତି ଅଭିଯୋଗ ହୋଇଛି। ସୋମବାର କଲେଜ ଛକ ଦୁର୍ଗାପୂଜା ପ୍ରତିଷ୍ଠାନ ସଭାଗୃହରେ ଆୟୋଜିତ ଖବରଦାତା ସମ୍ମିଳନୀରେ ସୂଚନା ଅଧିକାର କର୍ମୀ ଜିତେନ୍ଦ୍ର ସାହୁ ଏଭଳି ସଙ୍ଗିନ ଅଭିଯୋଗ ଆଣିଛନ୍ତି। ଅଭିଯୋଗ ଅନୁଯାୟୀ, ୫୩-ନମ୍ବର ୱାର୍ଡର ଉତ୍କଳ ଆପାର୍ଟମେଣ୍ଟଠାରୁ କଲ୍ୟାଣୀ ନଗର ମୁଖ୍ୟରାସ୍ତାରେ ଥିବା କୁସୁମ ଦେବୀ ମହିଳା କଲେଜ ପର୍ଯ୍ୟନ୍ତ- ନିର୍ମାଣ ହୋଇଥିବା କଂକ୍ରିଟ ରୋଡ୍ କାମରେ ଦୁର୍ନୀତି ହୋଇଛି। ଯାହାର ସତ୍ୟତା ଜାଣିବା ପାଇଁ ଓଡ଼ିଶା ସୂଚନା ଅଧିକାର ଆଇନରେ ତଥ୍ୟ ମଗାଯାଇଥିଲେ ବି ତଥ୍ୟ ନ ଦେଇ ଫାଇଲ୍ ହଜିଯାଇଛି ବୋଲି ସିଏମ୍‌ସି ପକ୍ଷରୁ କୁହାଯାଇଛି। ଉକ୍ତ କାର୍ଯ୍ୟରେ ନିୟୋଜିତ ଥିବା ସିଏମ୍‌ସିର କନିଷ୍ଠ ଯନ୍ତ୍ରୀ ଗୀତରାଣୀ ସାହୁ, ଉପଅଧୀକ୍ଷଣ ଯନ୍ତ୍ରୀ ନନ୍ଦ କିଶୋର ପାଲ ଏବଂ ଅଧୀକ୍ଷଣ ଯନ୍ତ୍ରୀ ମନୀଷ ସରକାରଙ୍କ ବିରୋଧରେ ଭିଜିଲାନ୍ସ ତଦନ୍ତ ପାଇଁ ସୂଚନା ଅଧିକାର କର୍ମୀ ସାହୁ ଦାବି କରିଛନ୍ତି। ଏହି କାର୍ଯ୍ୟର ସମ୍ପୂର୍ଣ୍ଣ ହିସାବ ସର୍ବସାଧାରଣରେ ଦିଆଯାଉ ବୋଲି ସେ କହିଛନ୍ତି। ଏ ନେଇ ସିଏମ୍‌ସି ଅଧିକାରୀଙ୍କ ପ୍ରତିକ୍ରିୟା ମିଳିପାରିନାହିଁ।

# ୨୦ ଘଣ୍ଟା ଝୁଲି ରହିଲା ମୃତଦେହ

ଗୋପ,୨।୧(ଡି.ଏନ୍.ଏ.)

**ବିଳମ୍ବରେ ଆସିଲା ପୋଲିସ**
- ଗାଁରେ ଜଳିଲାନି ଚୁଲି
- ଗ୍ରାମବାସୀଙ୍କ ମଧ୍ୟରେ ଅସନ୍ତୋଷ

ପାରିବାରିକ କଳହକୁ ନେଇ ଗୋପ ଥାନା ଅନ୍ତର୍ଗତ ଭଇରିପୁର ଗ୍ରାମରେ ଜଣେ ମହିଳା ରବିବାର ସନ୍ଧ୍ୟାରେ ଆତ୍ମହତ୍ୟା କରିଥିଲେ। ଏନେଇ ପୋଲିସକୁ ଖବର ଦିଆଯାଇଥିଲେ ମଧ୍ୟ ପୋଲିସ ଉକ୍ତ ମହିଳାଙ୍କ ମୃତଦେହକୁ ଜବତ କରିବାକୁ ଦୀର୍ଘ ୨୦ ଘଣ୍ଟା ସମୟ ଲଗାଇଥିଲା। ମୃତା ହେଲେ ଉକ୍ତ ଗ୍ରାମର ଦେବଦୂତ ସାମନ୍ତରାୟଙ୍କ ସ୍ତ୍ରୀ ଶିବାନୀ ମହାନ୍ତି(୨୦)। ପୋଲିସ ମୃତଦେହ ଜବତ କରି ଏକ ଅପମୃତ୍ୟୁ ମାମଲା (ନଂ. ୧/୨୩)ରୁଜୁ କରି ତଦନ୍ତ ଚଳାଇଛି। ସୂଚନା ମୁତାବକ, ଖୋର୍ଦ୍ଧା ବାଣପୁର ଥାନା ଅଞ୍ଚଳର ଦେବଦୂତ ଗୋପ ଥାନା ଅନ୍ତର୍ଗତ ଏକ ଘରୋଇ କମ୍ପାନୀରେ କାର୍ଯ୍ୟ କରନ୍ତି। ସେ ୭ ମାସ ପୂର୍ବରୁ ବିବାହ କରି ଭଇରିପୁର ଗ୍ରାମର ଏକ ଭଡ଼ା ଘରେ ସ୍ତ୍ରୀ ଶିବାନୀଙ୍କ ସହ ରହୁଥିଲେ। ରବିବାର ଅପରାହ୍ଣ ୫/୬ଟା ସମୟରେ ସ୍ୱାମୀ ସ୍ତ୍ରୀ କଥା ହୋଇଥିଲେ। ପରେ କୌଣସି କାରଣରୁ ଦେବଦୂତ ବାହାରକୁ ଯାଇଥିଲେ। ସେ ଆସିବା ପରେ ସ୍ତ୍ରୀ ଶିବାନୀଙ୍କୁ ଫଙ୍ଗାରେ ଝୁଲି ଆତ୍ମହତ୍ୟା କରିଥିବା ଘରର ଝରକା ପଟେ ଦେଖିଥିଲେ। ଖବରପାଇ ପୋଲିସ ଘଟଣାସ୍ଥଳରେ ପହଞ୍ଚିଥିଲା। ହେଲେ ମହିଳାଙ୍କ ଘର କବାଟ ବନ୍ଦ ଥିବାରୁ ପୋଲିସ ବାହାରେ ଜଗି ରହିଥିଲା। ଜିଲା ସାଇଣ୍ଟିଫିକ୍ ଟିମ୍ ପହଞ୍ଚିବାରେ ପ୍ରାୟ ୨୦ ଘଣ୍ଟା ବିଳମ୍ବ ଅର୍ଥାତ ସୋମବାର ଅପରାହ୍ଣରେ ପହଞ୍ଚିବା ପରେ ତାଙ୍କ ଉପସ୍ଥିତିରେ ମହିଳାଙ୍କ ମୃତଦେହ ଜବତ ହୋଇଥିଲା। ତେବେ କେହି ଜଣେ ମହିଳାଙ୍କୁ ବ୍ଲାକମେଲିଂ କରୁଥିବା ସନ୍ଦେହରେ ତାଙ୍କ ମୋବାଇଲ ଫୋନକୁ ତଦନ୍ତ କରିବାକୁ ବାପଘର ପକ୍ଷରୁ ଦାବି ହୋଇଛି। ଅନ୍ୟପଟେ ହିନ୍ଦୁଧର୍ମ ଅନୁସାରେ ଗାଁରେ କାହାର ମୃତ୍ୟୁ ହୋଇଥିଲେ ତାଙ୍କ ମୃତଦେହ ନ ଉଠିବା ପର୍ଯ୍ୟନ୍ତ ଗାଁରେ ଚୁଲି ଜଳି ନ ଥାଏ।

ପୋଲିସ ପ୍ରଶାସନର ଏପରି ବିଳମ୍ବରୁ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି। ଏପରି ବିଳମ୍ବକୁ ନେଇ ଥାନା ଅଧିକାରୀ ସୁନୀଲ ପ୍ରଧାନଙ୍କୁ ପଚାରିବାରେ, ଜିଲାରେ ପୋଲିସର ବିଭିନ୍ନ କାର୍ଯ୍ୟକ୍ରମ ରହିଥିବାରୁ ବିଳମ୍ବ ହୋଇଥିବା କହିଥିଲେ।




୨।୧।୨୦୨୩

| ୫,୮୮,୫୭୩ ଟଙ୍କା | |
|---|---|
| ସୁନା | ୫.୫୦୦ ଗ୍ରାମ୍ |
| ରୁପା | ୨୭.୪୦୦ ଗ୍ରାମ୍ |

## ତାନସେନ୍ ସିଂଙ୍କୁ ବିଦ୍ୟା କନକ ସମ୍ମାନ

ଭୁବନେଶ୍ୱର,୨।୧(ବ୍ୟୁରୋ): ବିଦ୍ୟାକନକ ସୃଜାନୁଷ୍ଠାନ ଅନୁଷ୍ଠାନ ପକ୍ଷରୁ ସଙ୍ଗୀତ ଭିତ୍ତିକ କାର୍ଯ୍ୟକ୍ରମ 'ମା' ପରି କିଏ' ହେବ ରବୀନ୍ଦ୍ରମଣ୍ଡପରେ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଅତିଥି ଭାବେ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗର ମୁଖ୍ୟ ଶାସନ ସଚିବ ସତ୍ୟବ୍ରତ ସାହୁ, ଯୁଗ୍ମ ସଚିବ ସୁବୋଧ ଚନ୍ଦ୍ର ଆଚାର୍ଯ୍ୟ ଯୋଗଦେଇଥିଲେ। ଅନୁଷ୍ଠାନର ସଭାପତି ସୁଧାକର ପତ୍ରି ଓ ସଚିବ ଶୁଭକାନ୍ତ ପାଢ଼ୀ ପ୍ରମୁଖ ଅତିଥି ଭାବେ ଉପସ୍ଥିତ ଥିଲେ। ସନ୍ଧ୍ୟାର ସଙ୍ଗୀତ କାର୍ଯ୍ୟକ୍ରମ ଡ. ବିଜୟ ଜେନା, ପ୍ରଶାନ୍ତ ପାଢ଼ୀ, ଅଭିଜିତ୍ ମିଶ୍ର, ସୌରଭ ନାୟକ, ଅନିନ୍ଦିତା ଦାସ, ବ୍ରଜବଲ୍ଲଭ ନାୟକ, ମାଳବିକା ମହାନ୍ତି ପ୍ରମୁଖଙ୍କ କଣ୍ଠସ୍ୱରରେ ଝୁମି ଉଠିଥିଲା। ଏହି ଅବସରରେ ବିଶିଷ୍ଟ ଗାୟକ ତାନସେନ୍ ସିଂଙ୍କୁ ବିଦ୍ୟା କନକ ସମ୍ମାନରେ ସମ୍ମାନିତ କରାଯାଇଥିଲା।

## ବାବା ବୈଦ୍ୟନାଥଙ୍କ ପୀଠରେ ହନୁମାନ ଚାଳିଶା ପାଠ

କଣାସ,୨।୧(ସ୍ୱ.ପ୍ର.): କଣାସ ବ୍ଲକ ଅନ୍ତର୍ଗତ ବଡ଼ାସ ପଞ୍ଚାୟତର ବଡ଼ାସ ଗ୍ରାମର ଆରାଧ ଠାକୁର ବାବା ବୈଦ୍ୟନାଥଙ୍କ ପୀଠରେ ୧୫ତମ ବାର୍ଷିକ ଉତ୍ସବ ଉପଲକ୍ଷେ ୧୦୮ ହନୁମାନ ଚାଳିଶା ପଠନ ଓ ରାମକଥା ଶ୍ରବଣ କାର୍ଯ୍ୟକ୍ରମ ରବିବାର ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ କଣାସ ବଡ଼ମଠ ମହନ୍ତ ପୂର୍ଣ୍ଣଚନ୍ଦ୍ର ଦାସ ମହାରାଜ, ବାଦଲପୁର ମଠ ମହନ୍ତ ସନାତନ ଦାସ ମହାରାଜ, ଚମ୍ପାଧର ମଠ ମହନ୍ତ ପର୍ଶୁରାମ ଦାସ ମହାରାଜ, ଜାଗୁଲାଇ ମଠ ମହନ୍ତ, ଖୋର୍ଦ୍ଧା ଦୟାନିଧି ଦାସ ମହାରାଜ, ଗଡ଼ବଳଭଦ୍ରପୁର ମଠ ମହନ୍ତ ଜଗବନ୍ଧୁ ଦାସ ମହାରାଜା, ନାନକେରା ମଠ ମହନ୍ତ ବ୍ରଜବନ୍ଧୁ ଦାସ ମହାରାଜ, ବେନୁପଡ଼ା ମଠ ଅଧିକାରୀ କାଳୁଚରଣ ଦାସ ମହାରାଜ ଓ ଆଖପାଖର ଅନେକ ହନୁମାନ ଭକ୍ତ ଯୋଗଦେଇ ୧୦୮ ହନୁମାନ ଚାଳିଶା ପାଠ କରିଥିଲେ। ପଣ୍ଡିତ ନାରାୟଣ ଦାସ ରାମକଥା ପ୍ରଦାନ କରିଥିବାବେଳେ ବୈଦ୍ୟନାଥ ସେବା ପରିଷଦର କର୍ମକର୍ତ୍ତା ଉକ୍ତ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ। ସେହିପରି ଶନିବାର ପୁରୁଣା ବର୍ଷକୁ ବିଦାୟ ଦେବା ଉପଲକ୍ଷେ କଣାସଠାରେ ପ୍ରତିଷ୍ଠିତ ବଜରଙ୍ଗି ଟେଣ୍ଟ ହାଉସ୍ ପକ୍ଷରୁ ମା' କୁଞ୍ଜେଶ୍ୱରୀଙ୍କ ପୀଠରେ କାମନା ଠାକୁରାଣୀଙ୍କ ନିକଟରେ ୧୦୮ ହନୁମାନ ଚାଳିଶା, ସୁନ୍ଦରାକାଣ୍ଡ ପାଠ କରାଯାଇଥିଲା। ନୂଆବର୍ଷ ୨୦୨୩କୁ ସ୍ୱାଗତ କରାଯାଇଥିଲା। ସୂର୍ଯ୍ୟକାନ୍ତ ମହାରଣା, କାଳୁଚରଣ ଭୋଳ, ବଳଭଦ୍ର ସ୍ୱାଇଁ ଏବଂ ସମସ୍ତ ସହଯୋଗୀ ହନୁମାନ ଚାଳିଶା ପାଠ କରିଥିଲେ।


ପୁରୀ ଆର୍ଟ ଅଫ୍ ଲିଭିଙ୍ଗ ମହିଳା କ୍ଲବ୍ ପକ୍ଷରୁ ଦିବ୍ୟାଙ୍ଗମାନଙ୍କ ସହିତ ନବବର୍ଷ ପାଳନ କରାଯାଉଛି।

## ଦିବ୍ୟାଙ୍ଗ, ଅସହାୟଙ୍କ ସହ ଖୁସି ବାଣ୍ଟିଲେ

ପୁରୀ ଅଫିସ, ୨।୧

ପୁରୀ ଆର୍ଟ ଅଫ୍ ଲିଭିଙ୍ଗ ମହିଳା କ୍ଲବ୍ ପକ୍ଷରୁ କଚେରୀ ପରିସରସ୍ଥ ଚଟଣୀ ରେଷ୍ଟୁରାଣ୍ଟରେ ଏକ ନିଆରା ଢଙ୍ଗରେ ନୂତନ ବର୍ଷ ପାଳନ କରାଯାଇଛି। ଦିବ୍ୟାଙ୍ଗ ଭଉଣୀ ଭାଇମାନଙ୍କୁ ନୂତନ ବସ୍ତ୍ର ଓ ଖାଦ୍ୟ ବଣ୍ଟନ କରାଯାଇଛି। ଏହି କାର୍ଯ୍ୟକ୍ରମରେ ଡାକ୍ତର ଶୁଭେନ୍ଦୁ କୁମାର୍ ମହାନ୍ତି ଓ ଆର୍ଟ ଅଫ ଲିଭିଙ୍ଗର ପ୍ରଶିକ୍ଷକ ସମ୍ପା ଦାସ, ପ୍ରଦୀପ ସାହୁ ଯୋଗ ଦେଇଥିଲେ। ମହିଳା କ୍ଲବ୍ ସଭାପତି ସଂଘମିତ୍ରା ମହାନ୍ତି, ସମ୍ପାଦିକା ସୁଚିସ୍ମିତା ମହାନ୍ତି, ଅଙ୍କିତା ସାହୁଙ୍କ ସହ ଆର୍ଟ ଅଫ୍ ଲିଭିଙ୍ଗର ସିଦ୍ଧାର୍ଥ ରାୟ, ନାରାୟଣ ଦାଶ, ରାଜକିଶୋର ପାତ୍ର ଉପସ୍ଥିତ ଥିଲେ। ସମର୍ପଣ ଚାରିଟେବୁଲ ଟ୍ରଷ୍ଟ ଅଧ୍ୟକ୍ଷ ବ୍ରଜ କିଶୋର ସାହୁଙ୍କ ନେତୃତ୍ୱରେ ପରିଚାଳିତ କାର୍ଯ୍ୟକ୍ରମରେ ଅରୁଣ ମହାନ୍ତି, ଦେବରାଜ ଦାସ ପ୍ରମୁଖ ସହଯୋଗ କରିଥିଲେ। ସେହିପରି ଆଶ୍ୱସ୍ତି ଫାଉଣ୍ଡେଶନ ଟ୍ରଷ୍ଟ ପକ୍ଷରୁ ମଙ୍ଗଳାଘାଟସ୍ଥିତ ବୃଦ୍ଧାଶ୍ରମରେ ଅନ୍ତେବାସୀଙ୍କ ସହ ଫାଉଣ୍ଡେଶନର ସଦସ୍ୟାସଦସ୍ୟ ମିଶି ନୂତନ ବର୍ଷକୁ ସ୍ୱାଗତ କରିଥିଲେ। କାର୍ଯ୍ୟକ୍ରମକୁ ଟ୍ରଷ୍ଟ ସଭାପତି ଆଇନଜୀବୀ ଦୀପକ କୁମାର ପଣ୍ଡା ପରିଚାଳନା କରିଥିଲେ। ପୂଜା ପ୍ରିୟଦର୍ଶିନୀ ବାରିକ୍, ସମ୍ୟକ୍ ପରିଚ୍ଛା, ମୋନାଲିସା ଶ୍ରୀଚନ୍ଦନ, ସଂଘମିତ୍ରା ପଣ୍ଡା, ସ୍ୱପ୍ନା ପ୍ରିୟଦର୍ଶିନୀ ବିଶ୍ୱାଳ, ଶୁଭାଶିଷ ମିଶ୍ର, ଆଶୁତୋଷ ମିଶ୍ର ସହଯୋଗ କରିଥିଲେ। ଅନୁଷ୍ଠାନ ପକ୍ଷରୁ କଣ୍ଢପୁର ଗ୍ରାମରେ ଚାରାରୋପଣ କରାଯାଇଥିଲା। 'ଉର୍ଜାବାନ ଓଡ଼ିଶା' ପକ୍ଷରୁ ୧୫୦ ଜଣ ନିରାଶ୍ରୟ ବ୍ୟକ୍ତିଙ୍କୁ ସହାୟତା ଦିଆଯାଇଛି। ରାସ୍ତାକଡ଼ରେ ଆଶ୍ରୟ ନେଉଥିବା ଅସହାୟ ବାସହୀନ, ରେଳଷ୍ଟେଶନ, ମୁକ୍ତାକାଶ ରଙ୍ଗମଞ୍ଚ ନିକଟ ଓ ବଡ଼ଦାଣ୍ଡ ବ୍ୟାରିକେଡ୍ ମଧ୍ୟରେ ଶୋଉଥିବା ଲୋକଙ୍କୁ କମ୍ବଳ ଓ ମଶାରି ବଣ୍ଟାଯାଇଛି। ସାମାଜିକ କର୍ମୀ ବିଜୟ କୁମାର ପାଣି ଓ ବୀରେନ କୁମାର ପଟ୍ଟନାୟକ ଏହି କାର୍ଯ୍ୟରେ ସହଯୋଗ କରିଥିଲେ। ଅନୁଷ୍ଠାନର ସଭାପତି ସନ୍ତୋଷ ସେନାପତି, ସମ୍ପାଦିକା ନିହାରିକା ତ୍ରିପାଠୀ, ଦିଲ୍ଲୀପ ଚିନ୍ରା, ମନୋରଞ୍ଜନ ରଥ, ସୂର୍ଯ୍ୟ ପଣ୍ଡା, ଶଚ୍ଚିଦାନନ୍ଦ ବିଶୋଇ, ଗଜେନ୍ଦ୍ର ସେନାପତି, ସନ୍ତୋଷ ମୁଖି, ମନୋଜ ନାୟକ, ଅଜୟ ବେହେରା ଏବଂ କାଳିଆ ଦାସ ଉପସ୍ଥିତ ଥିଲେ।

## ଇଂଲିଶ ନବବର୍ଷକୁ ଗୁରୁତ୍ୱ ନ ଦେବା ପାଇଁ ସଚେତନତା

ପୁରୀ ଅଫିସ, ୨।୧

ଇଂଲିଶ ନବବର୍ଷକୁ ଗୁରୁତ୍ୱ ନ ଦେବା ପାଇଁ ଶ୍ରୀମନ୍ଦିର ସିଂହଦ୍ୱାର ସମ୍ମୁଖରେ ଉତ୍କଳ ବିଦ୍ୱତ୍ ପରିଷଦ ପକ୍ଷରୁ ନିବେଦନ କରାଯାଇଛି। ଏ ନେଇ ପରିଷଦର ଆବାହକ ମନୋଜ ରଥଙ୍କ ନେତୃତ୍ୱରେ ରବିବାର ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ରଥ କହିଛନ୍ତି, ବିଗତ କିଛି ବର୍ଷ ହେବ ଇଂଲିଶ ନବବର୍ଷ ଜାନୁୟାରୀ ୧ ତାରିଖକୁ ଜାକଜମକରେ ପାଳିବା ଏକ ପରମ୍ପରା ପାଲଟିଛି। ଏହି ବିଦେଶୀ ଅପସଂସ୍କୃତିର କରାଳରୂପ ଚାରିଆଡ଼େ କାୟା ବିସ୍ତାର କରିଚାଲିଛି, ଯାହାର ଝଲକ ଡିସେମ୍ବର ୩୧ ତାରିଖ ମଧ୍ୟରାତ୍ରିରେ ଦେଖିବାକୁ ମିଳୁଛି। ପ୍ରଶାସନ ଜବରଦସ୍ତ ମହାପ୍ରଭୁଙ୍କୁ ରାତି ଅଧରୁ ଉଠାଇ ନୀତି କରୁଛି, ଯାହା ଠିକ୍ ନୁହେଁ। ତେଣୁ ଇଂଲିଶ ନବବର୍ଷ ପାଳନକୁ ଗୁରୁତ୍ୱ ନ ଦେବା ପାଇଁ ପରିଷଦ ପକ୍ଷରୁ ସିଂହଦ୍ୱାର ସମ୍ମୁଖରେ ପରିଷଦର କର୍ମକର୍ତ୍ତା ଏବଂ ଅନ୍ୟମାନେ ହାତରେ ପ୍ଲାକାର୍ଡ ଧରି ସଚେତନତା ବାର୍ତ୍ତା ଲେଖି ସଚେତନ କରିଥିଲେ। ସେହିପରି ବିଭିନ୍ନ ସ୍ଲୋଗାନ ସହିତ ଜନସାଧାରଣଙ୍କୁ ରାଷ୍ଟ୍ରୀୟ ହିନ୍ଦୁ ନବବର୍ଷ ଚୈତ୍ର ଶୁକ୍ଳ ପ୍ରତିପଦା ଏବଂ ପଣା ସଂକ୍ରାନ୍ତିରେ ଓଡ଼ିଆ ନବବର୍ଷ ଜାକଜମକରେ ପାଳନ କରିବାକୁ ଅନୁରୋଧ କରିଥିଲେ। ସାଧାରଣତଃ ଲୋକେ ସମସ୍ତ ମାଙ୍ଗଳିକ କାର୍ଯ୍ୟ ତିଥି ନକ୍ଷତ୍ର ଅନୁସାରେ ପାଳନ କରିଥାନ୍ତି। ତେଣୁ ନବବର୍ଷ ମଧ୍ୟ ପାରମ୍ପାରିକ ତିଥିରେ ପାଳନ କରାଯିବା ଉଚିତ ବୋଲି ରଥ କହିଛନ୍ତି।


ପୁରୀ ବେଳାଭୂମି ମାର୍ଗରେ ଥିବା ଭ୍ରାମ୍ୟମାଣ ଶୌଚାଳୟରୁ ନିର୍ଗତ ଦୂଷିତ ଜଳ ରାସ୍ତାକୁ ବୋହି ଆସିଛି।

## ଗୋପ: ୮ରେ ବିଜେଡିର ବିରାଟ ସମାବେଶ

ଗୋପ,୨।୧(ଡି.ଏନ୍.ଏ.)

**ମହିଳାଙ୍କୁ ଫୋକସ୍ ଦେବାକୁ ପରାମର୍ଶ**

ଗ୍ରାମାଞ୍ଚଳ ମହିଳାଙ୍କୁ ସ୍ୱାବଲମ୍ବୀ କରିବାକୁ ବିଜେଡି ସରକାର ବିଭିନ୍ନ ଯୋଜନା ମାଧ୍ୟମରେ କୋଟି କୋଟି ଟଙ୍କା ପ୍ରଦାନ କରୁଛି। କିନ୍ତୁ ସାଂଗଠନିକ ଦାୟିତ୍ୱରେ ଥିବା ଦଳୀୟ କର୍ମୀମାନେ ମହିଳାଙ୍କୁ ଫୋକସ୍ ଦିଅନ୍ତୁ। ଗୋପ ଜଳସେଚନ ଡାକ ବଙ୍ଗଳାଠାରେ ସୋମବାର ସନ୍ଧ୍ୟାରେ ଆୟୋଜିତ ଏକ ବୈଠକରେ ବିଦ୍ୟାଳୟ ଓ ଗଣଶିକ୍ଷାମନ୍ତ୍ରୀ ସମୀର ରଞ୍ଜନ ଦାଶ ଯୋଗଦେଇ ଏହି ପରାମର୍ଶ ଦେଇଥିଲେ। ପ୍ରକାଶ ଯେ, ଗୋପରେ ଆସନ୍ତା ୮ ତାରିଖରେ ହେବାକୁ ଥିବା ବିଧାନସଭା ନିର୍ବାଚନକୁ ଆଖି ଆଗରେ ରଖି ନିର୍ବାଚନ ବିଗୁଲ୍ ଫୁଙ୍କିବା ଆରମ୍ଭ କରିବାକୁ ଏହି ସମାବେଶ ହୋଇଥିବା ଜଣାପଡିଛି। ଯେପରି ତୃଣମୂଳ ସ୍ତରରୁ କାମ କରାଯିବ ସେନେଇ ବୈଠକରେ ସୂଚନା ଦିଆଯାଇଥିଲା। ଏହି ବାର୍ତ୍ତା ଯେପରି ୧୬ ଗୋଟି ଜୋନ୍‌ରେ ଥିବା ୭୨୬ ୱାର୍ଡରେ ପହଞ୍ଚିବ, ସେଥିପ୍ରତି ଗୁରୁତ୍ୱ ଦେବାକୁ ମନ୍ତ୍ରୀ କହିଥିଲେ। ବୈଠକରେ ନିମାପଡ଼ା ନଗର ସଭାପତି ଜୀବନାନନ୍ଦ ମହାପାତ୍ର, ସୁଧୀର ରଞ୍ଜନ ଦାଶ, ନିମାପଡ଼ା ବ୍ଲକ ଅଧ୍ୟକ୍ଷ ଶଙ୍କର ଭୋଇ, ଅଜୟ ସ୍ୱାଇଁ, ସନ୍ତୋଷ ଓଝା, ଗୋପ ବ୍ଲକ ବିଜେଡି ସଭାପତି ମଧୁସୂଦନ ପାଇକରାୟ, ବ୍ଲକ ସମ୍ପାଦକ ରବୀନ୍ଦ୍ର ନାୟକ, ଗଗନ ଚନ୍ଦ୍ର ନାୟକ, ସୁକାନ୍ତ ମହାନ୍ତି, ମନଦୀପ୍ ପାଇକରାୟ, ଅକ୍ଷୟ ନିଶଙ୍କ ପ୍ରମୁଖ ଉପସ୍ଥିତ ଥିଲେ।

## ଜାତି ଗୌରବ ସମ୍ମାନ ପାଇବେ ୩ ପ୍ରତିଭା

କଟକ ଅଫିସ, ୨।୧

ବେଦବ୍ୟାସ ବ୍ରାହ୍ମଣ ସମାଜ ପକ୍ଷରୁ ୩ଜଣ ବିଶିଷ୍ଟ ପ୍ରତିଭାଙ୍କୁ ମର୍ଯ୍ୟାଦାଜନକ ଜାତି ଗୌରବ ସମ୍ମାନରେ ସମ୍ମାନିତ କରାଯିବ। ସେମାନେ ହେଲେ ପାଲାଗାୟକ ପଣ୍ଡିତ ଶିବ ଚରଣ ନନ୍ଦ, ବାହୁ କୁସ୍ତି ପ୍ରଶିକ୍ଷକ ଆଡଭୋକେଟ କେଦାର ଚନ୍ଦ୍ର ଷଡ଼ଙ୍ଗୀ ଏବଂ ସାମ୍ବାଦିକ କମଳାକାନ୍ତ ଦାଶ। ସ୍ଥାନୀୟ ବିଡ଼ାନାସୀସ୍ଥିତ ମା' ଭୁଆସୁଣୀ ମନ୍ଦିରରେ ଅନୁଷ୍ଠାନ ପକ୍ଷରୁ ଆସନ୍ତା ୮ତାରିଖରେ ଆୟୋଜିତ ହେବାକୁ ଥିବା ଏକ କାର୍ଯ୍ୟକ୍ରମରେ ୩ ଜଣ ପ୍ରତିଭାଙ୍କୁ ଉକ୍ତ ସମ୍ମାନ ପ୍ରଦାନ କରାଯିବ। ଏଥିସହ ଅନୁଷ୍ଠାନର ବୈଦିକ ପଣ୍ଡିତମାନଙ୍କ ଦ୍ୱାରା ବିଶ୍ୱ କଲ୍ୟାଣ ନିମନ୍ତେ ତପ, ଜପ, ହୋମ, ଚଣ୍ଡୀ ପାଠ ଆୟୋଜନ ହେବ। ଏ ସମ୍ପର୍କରେ ଅନୁଷ୍ଠାନର ସଭାପତି ଫକିର ଚରଣ ପତି, ସମ୍ପାଦକ ପଣ୍ଡିତ ଦୀପକ କୁମାର ଶତପଥୀ ସୋମବାର ଏକ ପ୍ରେସ୍ ବିବୃତ୍ତିରେ ସୂଚନା ଦେଇଛନ୍ତି।

## ଶିକ୍ଷାବିତ୍ ମାଧବ ବୈଠାରୁଙ୍କ ସ୍ମୃତିସଭା


ସ୍ମୃତିସଭାରେ ଯୋଗଦେଇଥିବା ଅତିଥିମାନେ।

ପିପିଲି,୨।୧(ଡି.ଏନ୍.ଏ./ସ୍ୱ.ପ୍ର.)

ପିପିଲି ଅଞ୍ଚଳର ବରିଷ୍ଠ ଶିକ୍ଷାବିତ୍ ତଥା ସାମାଜିକ କର୍ମୀ ସ୍ୱର୍ଗତ ମାଧବ ଚନ୍ଦ୍ର ବୈଠାରୁଙ୍କ ଏକାଦଶାହ ସ୍ମୃତିସଭା ପିପିଲି ବଜାରସ୍ଥିତ ତାଙ୍କ ବାସଭବନରେ ସୋମବାର ଅନୁଷ୍ଠିତ ହୋଇଯାଇଛି। ବରିଷ୍ଠ ସାହିତ୍ୟିକ ତଥା ଅବସରପ୍ରାପ୍ତ ଶିକ୍ଷକ ବୃନ୍ଦାବନ ଜେନା ଏଥିରେ ସଭାପତିତ୍ୱ କରିଥିଲେ। ସଭାରେ ଡା. ଉସିମ ଉଦ୍ଦିନ ଅଲ୍ଲି ଅହମଦ୍, ଶିକ୍ଷାବିତ୍ ରାମଚନ୍ଦ୍ର ଦାଶ, ରମାକାନ୍ତ ନାୟକ, ଭଗବାନ ସେଠୀ, ପୁରୀ ଜିଲା ଭାଜପା ସଭାପତି ଆଶ୍ରିତ ପଟ୍ଟନାୟକ, ସମାଜବାଦୀ ପାର୍ଟି ରାଜ୍ୟ ସାଧାରଣ ସମ୍ପାଦକ ସୁଦର୍ଶନ ପ୍ରଧାନ, ପିପିଲି ସାଂସ୍କୃତିକ ପରିଷଦ ସମ୍ପାଦକ ରମେଶ ଚନ୍ଦ୍ର ମହାପାତ୍ର, ପ୍ରଫୁଲ୍ଲ ପଣ୍ଡା, ପ୍ରଭାତ ମହାପାତ୍ର, ଜବାହର ବିଦ୍ୟାପୀଠ ପ୍ରଧାନ ଶିକ୍ଷକ ପୀତବାସ ସେଠୀ, ପୂର୍ବତନ କାଉନ୍‌ସିଲର ସୁକାନ୍ତ ଭଞ୍ଜ ପ୍ରମୁଖ ଯୋଗଦେଇ ସ୍ୱର୍ଗତ ବୈଠାରୁଙ୍କ ସ୍ମୃତିଚାରଣ କରିଥିଲେ। ସ୍ୱର୍ଗତ ବୈଠାରୁ ଜଣେ ଶିକ୍ଷାବିତ୍ ଓ ସମାଜସେବା କ୍ଷେତ୍ରରେ ତାଙ୍କର ଅବଦାନ ଚିରସ୍ମରଣୀୟ। ତାଙ୍କ ବିୟୋଗ ସମଗ୍ର ପିପିଲି ଅଞ୍ଚଳ ପାଇଁ ଅପୂରଣୀୟ କ୍ଷତି ବୋଲି ଅତିଥିମାନେ କହିଥିଲେ। ବୈଠାରୁଙ୍କ ସ୍ମୃତି ଉଦ୍ଦେଶ୍ୟରେ ଏକ ସ୍ମରଣିକା ଅତିଥିମାନଙ୍କ ଦ୍ୱାରା ଉନ୍ମୋଚନ କରାଯାଇଥିଲା। ସଚେତନ ନାଗରିକ ମଞ୍ଚ ସଭାପତି ତଥା ଆଇନଜୀବୀ ସୁରେଶ ରଥ ଏହାର ସଂଯୋଜନା କରିଥିଲେ। ତାପସ ରଞ୍ଜନ ବୈଠାରୁ, ଇତିଶ୍ରୀ ବୈଠାରୁ, ତାରକେଶ୍ୱର ବୈଠାରୁ, ନିର୍ଲିପ୍ତା ବୈଠାରୁଙ୍କ ସମେତ ପରିବାରବର୍ଗ ଓ ପୁରାତନ ଛାତ୍ର ଉପସ୍ଥିତ ରହି କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ଓଡ଼ିଆ ସାହିତ୍ୟର ଗଳ୍ପ କବିତା ପ୍ରବନ୍ଧ ହେଉଛି ତା'ର ପ୍ରାଣକେନ୍ଦ୍ର

ସାକ୍ଷୀଗୋପାଳ, ୨।୧ (ସ୍ୱ.ପ୍ର./ଡି.ଏନ୍.ଏ.)

**ଗଳ୍ପ ପଞ୍ଚବିଂଶନ୍ତି 'ଅଲୋଡ଼ା ମଣିଷ' ପୁସ୍ତକ ଉନ୍ମୋଚନ**


ଅତିଥିମାନେ 'ଅଲୋଡ଼ା ମଣିଷ' ପୁସ୍ତକ ଉନ୍ମୋଚନ କରୁଛନ୍ତି।

କଥାକାର ତଥା ଓଡ଼ିଆ ସାହିତ୍ୟ କ୍ଷେତ୍ରରେ ପ୍ରତିଷ୍ଠା ଲାଭ କରିଥିବା ବ୍ୟକ୍ତିଙ୍କୁ ନେଇ ନବବର୍ଷ ରବିବାରରେ ସ୍ଥାନୀୟ ପଞ୍ଚସଖା ସମାଧି ପୀଠ ପରିସରରେ ଏକ ସ୍ୱତନ୍ତ୍ର ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ସତ୍ୟବାଦୀ ଅଞ୍ଚଳର ବରିଷ୍ଠ ସାହିତ୍ୟାନୁରାଗୀ ମହାଦେବ ମିଶ୍ର ଉତ୍ସବରେ ସଭାପତିତ୍ୱ କରିଥିଲେ। ସମାଜରେ ସାହିତ୍ୟର ଭୂମିକା ଅତି ଗୁରୁତ୍ୱପୂର୍ଣ୍ଣ। ଗଳ୍ପ ଓ କବିତା ଏହାର ପ୍ରାଣକେନ୍ଦ୍ର ବୋଲି ସେ କହିଥିଲେ। ମୁଖ୍ୟ ଅତିଥି ଭାବେ ନ୍ୟାଶନାଲ ବୁକ୍ ଟ୍ରଷ୍ଟ ଅଫ୍ ଇଣ୍ଡିଆର ପ୍ରାକ୍ତନ ସମ୍ପାଦକ ମାନସ ରଞ୍ଜନ ମହାପାତ୍ର ଯୋଗଦେଇଥିଲେ। ଗଳ୍ପ ଓ କବିତା ହେଉଛି ସାମାଜିକ ଚିତ୍ର, ଚରିତ ଓ ଚରିତ୍ରର ଅପୂର୍ବ ସମନ୍ୱୟ। ସାହିତ୍ୟରୁ ସଂହତି, ସଂହତିରୁ ସଂସ୍କାର ଓ ସଂସ୍କାରରୁ ସାମାଜିକ ବିକାଶ ସମ୍ଭବ ହୋଇଥାଏ ବୋଲି ମୁଖ୍ୟ ଅତିଥି କହିଥିଲେ। ସମ୍ମାନ୍‌ନୀୟ ଅତିଥି ଭାବେ ଅବସରପ୍ରାପ୍ତ ପ୍ରାଧ୍ୟାପକ ଅଭିମନ୍ୟୁ ବରାଳ, ମୁଖ୍ୟ ବକ୍ତା ଶୈଳବାଳା ମହାପାତ୍ର, ସୁନୀଲ ସକ୍‌ସେନା, ବରିଷ୍ଠ ଶିକ୍ଷକ ପ୍ରଣବ ମିଶ୍ର ଯୋଗଦେଇ ସାହିତ୍ୟର ବିଭିନ୍ନ ଦିଗ ଉପରେ ଆଲୋଚନା କରିଥିଲେ। ଏହି ଅବସରରେ ଅବସରପ୍ରାପ୍ତ ପ୍ରାଧ୍ୟାପକ ଡ. ବସନ୍ତ ରଥଙ୍କ ଦ୍ୱାରା ରଚିତ ଗଳ୍ପ ପଞ୍ଚବିଂଶନ୍ତି 'ଅଲୋଡ଼ା ମଣିଷ' ପୁସ୍ତକ ଅତିଥିଙ୍କ ଦ୍ୱାରା ଉନ୍ମୋଚିତ ହୋଇଥିଲା। ଉତ୍ସବରେ ଉତ୍କଳମଣି ସ୍ମୃତି ମହାବିଦ୍ୟାଳୟ ଏବଂ ପିପିଲି ମହାବିଦ୍ୟାଳୟର ପୁରାତନ ଓ ନୂତନ ଛାତ୍ରୀଛାତ୍ର ଯୋଗଦେଇ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ଶେଷରେ ଗୋପବନ୍ଧୁ ସ୍ମୃତି ମହାବିଦ୍ୟାଳୟର ରାଜକିଶୋର ପତି ଧନ୍ୟବାଦ ଦେଇଥିଲେ।

# ରାଜଧାନୀରେ ମହିଳାଙ୍କୁ ହତ୍ୟା

ଭୁବନେଶ୍ୱର, ୨।୧ (ବ୍ୟୁରୋ)

- ଭଙ୍ଗାଘରୁ ଗଳିତ ମୃତଦେହ ଜବତ
- ବୁଧବାରଠାରୁ ନିଖୋଜ ଥିଲେ, ସ୍ୱାମୀ ଅଟକ

ମଞ୍ଚେଶ୍ୱର ଥାନା ଅନ୍ତର୍ଗତ କୋରଡ଼କଣ୍ଟା ଅର୍ଦ୍ଧକପିଳେଶ୍ୱର ମନ୍ଦିର ନିକଟରେ ଥିବା ଏକ ଭଙ୍ଗା ଆଜବେଷ୍ଟସ୍ ଘରୁ ସୋମବାର ଜଣେ ମହିଳାଙ୍କ ଗଳିତ ମୃତଦେହକୁ ପୋଲିସ ଜବତ କରିଛି। ମୃତା ମହିଳା ହେଲେ ନୟାଗଡ଼ ଜିଲା ବାଣିଗୋଛା ଥାନା ଅଞ୍ଚଳର ସରିତା ନାୟକ (୩୦)। ସେ ତାଙ୍କ ସ୍ୱାମୀ ବିଦ୍ୟାଧର ଓରଫ ନାଲୁ ଓ ଭାଇ ହେରମ ଓରଫ ଜଗାଙ୍କ ସହ ଏଠାରେ ରହି ଶ୍ରମିକ ଭାବେ କାର୍ଯ୍ୟ କରୁଥିଲେ। ପାରିପାର୍ଶ୍ୱିକ ସ୍ଥିତିରୁ ସରିତାଙ୍କୁ ହତ୍ୟା କରାଯାଇଥିବା ଜଣାପଡ଼ିଛି। ସରିତା ଏକ ଶାଢ଼ି ପିନ୍ଧିଥିବାବେଳେ ମୃତଦେହର ୫୦ ପ୍ରତିଶତ ପଚିଯାଇଛି। ଜୋନ୍-୫ ଏସିପି ସଞ୍ଜୀବ ଶତପଥୀ ପୋଲିସ ଟିମ୍ ସହ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରିଛନ୍ତି। ସାଇଣ୍ଟିଫିକ୍ ଟିମ୍ ମଧ୍ୟ ସେଠାରୁ ବିଭିନ୍ନ ନମୁନା ସଂଗ୍ରହ କରିଛି। ବ୍ୟବଚ୍ଛେଦ ପାଇଁ ମୃତଦେହକୁ ପୋଲିସ ଏମ୍‌ସ ପଠାଇଥିବାବେଳେ ସରିତାଙ୍କୁ ତାଙ୍କ ସ୍ୱାମୀ ହତ୍ୟା କରିଥିବା ଭାଇ ହେରମ ଅଭିଯୋଗ କରିଛନ୍ତି। ତାଙ୍କ ଅଭିଯୋଗ ଆଧାରରେ ପୋଲିସ ଏକ ହତ୍ୟା ମାମଲା (ନଂ.୧/୨୦୨୩) ରୁଜୁ କରି ତଦନ୍ତ ଆରମ୍ଭ କରିଛି। ଥାନାଧିକାରୀ ସୁଧୀର କୁମାର ସାହୁ କହିଛନ୍ତି, ମହିଳାଙ୍କୁ ହତ୍ୟା କରାଯାଇଥିବା ସନ୍ଦେହ କରାଯାଉଛି। ତେବେ କିପରି ଓ କେମିତି ଘଟଣା ଘଟିଛି ତାହାର ଖୋଳତାଡ଼ କରାଯାଉଥିବାବେଳେ ବ୍ୟବଚ୍ଛେଦ ରିପୋର୍ଟକୁ ଅପେକ୍ଷା କରାଯାଇଛି। ସ୍ୱାମୀ ନାଲୁଙ୍କୁ ଖୋଜାଖୋଜି ଚାଲିଥିବା ସେ କହିଛନ୍ତି। ହେଲେ ପରବର୍ତ୍ତୀ ସମୟରେ ନାଲୁଙ୍କୁ ପୋଲିସ ଥାନାରେ ଅଟକ ରଖି ପଚରାଉଚରା କରୁଥିବା ବିଶ୍ୱସ୍ତ ସୂତ୍ରରୁ ସୂଚନା ମିଳିଛି।

ସୂଚନା ଅନୁଯାୟୀ, ସରିତା ନାଲୁଙ୍କୁ ଦ୍ୱିତୀୟ ବିବାହ କରିଥିଲେ। ଉଭୟଙ୍କର ଏକ ୪ ବର୍ଷର ପୁଅ ଅଛି। ସେମାନେ ଦେଢ଼ ମାସ ହେଲା କୋରଡ଼କଣ୍ଟାରେ ରହି କାମ କରୁଥିଲେ। ସରିତାଙ୍କ ଭାଇ ହେରମ ଓ ଭାଉଜ ତାଙ୍କ ସହ କାମ କରୁଥିଲେ। ନାଲୁ ଓ ସରିତାଙ୍କ ମଧ୍ୟରେ କିଛିଦିନ ହେଲା ଝଗଡ଼ା ଲାଗି ରହିଥିଲା। ଗତ ୨୮ ତାରିଖ ରାତିରୁ ସରିତା ନିଖୋଜ ଥିଲେ। ଏପରିକି ସେହିଦିନଠାରୁ ସ୍ୱାମୀ ନାଲୁ ମଧ୍ୟ ସେଠାକୁ ଆସୁ ନ ଥିଲେ। ଏନେଇ ଭାଇ ହେରମ ଫୋନ୍ କରି ଭଉଣୀଙ୍କ କଥା ପଚାରିବାରୁ ସେ ତାଙ୍କ ସହ ଥିବା ନାଲୁ କହୁଥିଲେ। ତେବେ ସୋମବାର ଉକ୍ତ ଘରଠାରୁ ୧୦୦ ମିଟର ଦୂର ଏକ ଭଙ୍ଗା ଆଜବେଷ୍ଟସ ଘରୁ ଦୁର୍ଗନ୍ଧ ଆସିଥିଲା। ଏନେଇ ହେରମ ସେଠାରେ ତାଙ୍କ ଭଉଣୀଙ୍କ ମୃତଦେହ ଦେଖିବା ପରେ କଣ୍ଟ୍ରାକ୍ଟରଙ୍କୁ ଜଣାଇବା ସହ ପୋଲିସକୁ ଖବର ଦେଇଥିଲେ।

# କାର୍ଯ୍ୟାନୁଷ୍ଠାନ ଦାବି: ବ୍ଲକ ଅଫିସ ସମ୍ମୁଖରେ କଂଗ୍ରେସ କର୍ମୀଙ୍କ ବିକ୍ଷୋଭ

ନିମାପଡ଼ା,୨।୧(ଡି.ଏନ୍.ଏ.)

**କଳାପାଞ୍ଚଣ ସରପଞ୍ଚଙ୍କୁ ପିଇଓଙ୍କ ଦୁର୍ବ୍ୟବହାର ଘଟଣା**


ବ୍ଲକ୍ କାର୍ଯ୍ୟାଳୟ ସମ୍ମୁଖରେ କଂଗ୍ରେସ କର୍ମୀମାନେ ବିକ୍ଷୋଭ ପ୍ରଦର୍ଶନ କରୁଛନ୍ତି।

ନିମାପଡ଼ା ବ୍ଲକର ଶତାଧିକ କଂଗ୍ରେସ କର୍ମୀ ସୋମବାର ନିମାପଡ଼ା ବ୍ଲକ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରି ଗଣଧାରଣା ଦେଇଥିଲେ। କଳାପାଞ୍ଚଣ ସରପଞ୍ଚ ଗୀତାଞ୍ଜଳି ଜେନାଙ୍କୁ ବ୍ଲକର ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ (ପିଇଓ) ଦେବେନ୍ଦ୍ର ସ୍ୱାଇଁଙ୍କ ଦୁର୍ବ୍ୟବହାର ପ୍ରତିବାଦରେ ନ୍ୟାୟ, ସମ୍ପୃକ୍ତ ପିଇଓଙ୍କୁ ତୁରନ୍ତ ଗିରଫ କରାଯିବା, ବ୍ଲକ ପ୍ରଶାସନର ଉକ୍ତ ଗ୍ରାମପଞ୍ଚାୟତ ପ୍ରତି ଚରମ ଅବହେଳା ପ୍ରତିବାଦରେ ପୂର୍ବାହ୍ଣ ୧୧ଟାରୁ ଅପରାହ୍ଣ ୨ଟା ପର୍ଯ୍ୟନ୍ତ ଏହି ଆନ୍ଦୋଳନ ଚାଲିଥିଲା। ଗତ ମାସ ୬ ତାରିଖରେ ଘଟିଥିବା ଏହି ଘଟଣା ସମ୍ପର୍କରେ ସରପଞ୍ଚ ଜିଲାପାଳ, ଏସ୍‌ପି, ନିମାପଡ଼ା ବିଡିଓ ଏବଂ ନିମାପଡ଼ା ଥାନାରେ ଅଭିଯୋଗ କରିଥିଲେ। ଆନ୍ଦୋଳନ ସ୍ଥଳରେ ଏକ ପ୍ରତିବାଦ ସଭା ଅନୁଷ୍ଠିତ ହୋଇଥିଲା। ଏଥିରେ ଅତିଥି ଭାବେ ପୁରୀ ଜିଲା ମହିଳା କଂଗ୍ରେସ ସଭାନେତ୍ରୀ ନିରୁପମା ପାତ୍ର, ବ୍ଲକ ମହିଳା କଂଗ୍ରେସ ସଭାନେତ୍ରୀ ପ୍ରଗତି ବରାଳ, ନାରୀନେତ୍ରୀ ରେଣୁବାଳା ମାଝୀ, କବିତା ଦାସ, ବରିଷ୍ଠ କଂଗ୍ରେସ ନେତା ସଞ୍ଜୟ ନାୟକ, ଆଇନଜୀବୀ ସୁଧୀର ମହାନ୍ତି, ନିଶିକାନ୍ତ ସ୍ୱାଇଁ, ଅକ୍ଷୟ ମଲ୍ଲିକ, ବନବିହାରୀ ଦାଶ, ବାବୁଲି ବାରିକ୍, ଦେବେନ୍ଦ୍ର ପ୍ରଧାନ, ଗୋବିନ୍ଦ ମଲ୍ଲିକ ପ୍ରମୁଖ ଉପସ୍ଥିତ ଥିଲେ। ରାଜ୍ୟରେ ଭ୍ରଷ୍ଟାଚାରୀ କଳଙ୍କିତ, ଦୁର୍ନୀତିଗ୍ରସ୍ତ, ଏକଚ୍ଛତ୍ରବାଦୀ ବିଜେଡି ସରକାର, ଦୁର୍ନୀତିଗ୍ରସ୍ତ ବ୍ଲକ ପ୍ରଶାସନର ମନମୁଖି ଏକଚ୍ଛତ୍ରବାଦ କାର୍ଯ୍ୟକୁ ଉପସ୍ଥିତ ଅତିଥି ତୀବ୍ର ସମାଲୋଚନା କରିଥିଲେ। ବ୍ଲକ ପ୍ରଶାସନ ଏଥିରୁ ନିବୃତ୍ତ ନ ହେଲେ, ସରପଞ୍ଚଙ୍କୁ ଉପଯୁକ୍ତ ନ୍ୟାୟ ନ ମିଳିଲେ ଆଗାମୀ ଦିନରେ କଂଗ୍ରେସ ପକ୍ଷରୁ ଦୁର୍ବାର ଗଣଆନ୍ଦୋଳନ କରାଯିବ ବୋଲି ଆନ୍ଦୋଳନର ନେତୃବୃନ୍ଦମାନେ ପ୍ରଶାସନକୁ ଚେତାବନୀ ଦେଇଛନ୍ତି। ଏହି ଅବସରରେ ଶତାଧିକ କଂଗ୍ରେସ କର୍ମୀଙ୍କ ଏକ ବାଇକ୍ ଶୋଭାଯାତ୍ରା ସହର ପରିକ୍ରମା କରିଥିଲା। କଂଗ୍ରେସ ପକ୍ଷରୁ ଏକ ଦାବିପତ୍ର ପୁରୀ ଜିଲାପାଳଙ୍କ ଉଦ୍ଦେଶ୍ୟରେ ବିଡିଓ ବସନ୍ତ ମଲ୍ଲିକଙ୍କୁ ପ୍ରଦାନ କରାଯାଇଥିଲା। ଏନେଇ ବିଡିଓ କହିଛନ୍ତି, ଉକ୍ତ ଦାବି ସମ୍ପର୍କରେ ଜିଲାପାଳଙ୍କୁ ଅବଗତ କରିବି, ଜିଲାପାଳ ଯାହା ନିର୍ଦ୍ଦେଶ ଦେବେ ସେହି ଅନୁସାରେ ବ୍ଲକ ପ୍ରଶାସନ ପକ୍ଷରୁ ପଦକ୍ଷେପ ନିଆଯିବ ବୋଲି ବିଡିଓ ଆନ୍ଦୋଳନକାରୀଙ୍କୁ ପ୍ରତିଶ୍ରୁତି ଦେଇଥିଲେ। ଏହାପରେ ଆନ୍ଦୋଳନ ପ୍ରତ୍ୟାହୃତ ହୋଇଥିଲା।

## ସଂକ୍ଷେପରେ

### କଳିଙ୍ଗ ଷ୍ଟାଡିୟମ ସୁରକ୍ଷା ତଦାରଖ କଲେ ଡିସିପି

ଭୁବନେଶ୍ୱର, ୨।୧(ବ୍ୟୁରୋ) - ଆସନ୍ତା ୧୩ ତାରିଖରୁ ଓଡ଼ିଶାର ଭୁବନେଶ୍ୱର ଓ ରାଉରକେଲାରେ ଆରମ୍ଭ ହେବ ହକି ପୁରୁଷ ବିଶ୍ୱକପ୍। ଏହାକୁ ଦୃଷ୍ଟିରେ ରଖି ସହରର ସୁରକ୍ଷା ବ୍ୟବସ୍ଥାକୁ ଗୁରୁତ୍ୱର ସହ ନେଇଛି କମିଶନରେଟ ପୋଲିସ। ବିମାନବନ୍ଦରଠାରୁ ଆରମ୍ଭ କରି ହୋଟେଲ ପର୍ଯ୍ୟନ୍ତ ସବୁଠି ସୁରକ୍ଷା ବ୍ୟବସ୍ଥା ଯାଞ୍ଚ କରାଯାଉଛି। ସୋମବାର କଳିଙ୍ଗ ଷ୍ଟାଡିୟମ ଯାଞ୍ଚ ହୋଇଥିଲା। ଖେଳାଳି, ଅତିଥି ଓ ଦର୍ଶକ ଯେମିତି କୌଣସି ଅସୁବିଧା ନ ହୁଅନ୍ତି ସେନେଇ ଭୁବନେଶ୍ୱର ଡିସିପି ଷ୍ଟାଡିୟମକୁ ଯାଇ ହକି ଇଣ୍ଡିଆ ଓ ଖେଳ ବିଭାଗର ଅଧିକାରୀଙ୍କ ସହ ସୁରକ୍ଷା ବ୍ୟବସ୍ଥାକୁ ତଦାରଖ କରିଛନ୍ତି। ଷ୍ଟାଡିୟମରେ କ'ଣ କଣ ଡେଭଲପ୍‌ମେଣ୍ଟ କାମ ଚାଲିଛି, ଖେଳ ଦେଖିବାକୁ ଆସିବାକୁଥିବା ଦର୍ଶକ କେଉଁ ପଟେ ପ୍ରବେଶ ଓପ୍ରସ୍ଥାନ କରିବେ। ପାର୍କିଂ ବ୍ୟବସ୍ଥା ହୋଇଛି କି ନାହିଁ, ସାଇନ୍ ବୋର୍ଡ କେଉଁ କେଉଁ ସ୍ଥାନାରେ ଲଗାଯିବ, ଜରୁରୀକାଳୀନ ଆମ୍ବୁଲାନ୍ସର ବ୍ୟବସ୍ଥା ଆଦି ସଂକ୍ରାନ୍ତରେ ପଚାରି ବୁଝିବା ସହ ସ୍ଥିତି ଅନୁଧ୍ୟାନ କରିଥିଲେ।

### ରାସ୍ତାରୁ ଉଠାଇ ନେଉଛନ୍ତି ଗୋରୁ

ଜଟଣୀ,୨।୧(ଡି.ଏନ୍.ଏ.): ଖୋର୍ଦ୍ଧା ଜିଲା ଜଟଣୀ ଥାନା ଅଞ୍ଚଳରେ ଗୋଚାଲାଣ ବଢ଼ିଚାଲିଛି। ସୋମବାର ଭୋରୁ ଏହି ଥାନା ଅଧୀନ ବଡ଼ନୂଆଗାଁସ୍ଥିତ ମୁଖ୍ୟ ରାସ୍ତା ଉପରେ ଶୋଇଥିବା ଗୋରୁଙ୍କୁ କେତେଜଣ ଯୁବକ ଗାଡ଼ିରେ ଆସି ଜବରଦସ୍ତ ନେଇଯାଉଥିବା ଦେଖିବାକୁ ମିଳିଛି, ଯାହାକି ଉକ୍ତ ଅଞ୍ଚଳରେ ଲାଗିଥିବା ସିସିଟିଭିରେ କଏଦ ହୋଇଛି। ସୂଚନା ମୁତାବକ, ଏକ ପିକ୍‌ଅପ୍ ଭ୍ୟାନରେ କେତେଜଣ ଯୁବକ ଆସି ହଠାତ୍ ବଡ଼ନୂଆଗାଁସ୍ଥିତ ଏକ ଶପିଂ ମଲ୍ ଆଗରେ ଓହ୍ଲାଇଥିଲେ। ସେଠାରେ ଶୋଇଥିବା ଗୋରୁ, ବାଛୁରି, ଷଣ୍ଢଙ୍କୁ ଜବରଦସ୍ତ ଉଠାଇ ନେବାକୁ ଚେଷ୍ଟା କରିଥିଲେ। ଗୋରୁଙ୍କ ଚିତ୍କାର ଶୁଣି ସ୍ଥାନୀୟ ଲୋକେ ବାହାରକୁ ଆସିଥିଲେ।



ଯୁବକମାନେ ଜବରଦସ୍ତ ଗୋରୁଙ୍କୁ ନେଉଥିବା ଦେଖି ସ୍ଥାନୀୟ ଲୋକେ ଗୋଡ଼ାଇବାରୁ ସେମାନେ ଗାଡ଼ିରେ ପଳାଇଥିଲେ। ଏହି ଦୃଶ୍ୟ ସିସିଟିଭିରେ କଏଦ ହୋଇଛି। ପୋଲିସର ଢିଲା ପାଟ୍ରୋଲିଂ ଯୋଗୁ ଏଭଳି ଘଟଣା ଘଟୁଥିବା ସାଧାରଣରେ ମତପ୍ରକାଶ ପାଇଛି। ତୁରନ୍ତ ପୋଲିସ ପ୍ରଶାସନ ଏଥିପ୍ରତି ଦୃଷ୍ଟି ଦେବାକୁ ବୁଦ୍ଧିଜୀବୀଙ୍କ ମହଲରେ ଦାବି ହୋଇଛି। ଏନେଇ ଥାନା ଅଧିକାରୀ ସୋମ୍ୟକାନ୍ତ ବାରିୟାରସିଂହ କୁହନ୍ତି, ଏ ସମ୍ପର୍କରେ କୌଣସି ଅଭିଯୋଗ ହୋଇନାହିଁ। ପୋଲିସ ସିସିଟିଭି ଆଧାରରେ ତଦନ୍ତ ଜାରି ରଖିଛି।





ଆସନ୍ତା ୧୩ ତାରିଖରୁ ଭୁବନେଶ୍ୱରରେ ଆରମ୍ଭ ହେବାକୁ ଥିବା ହକି ପୁରୁଷ ବିଶ୍ୱକପ୍ ପାଇଁ ରାଜଧାନୀର ଫୁଟପାଥିକୁ ରଙ୍ଗ ଦିଆଯିବା ସହ ପ୍ରାଚୀରକୁ ଓଡିଶାର କଳା, ସଂସ୍କୃତି ଓ ଐତିହ୍ୟ ଚିତ୍ରରେ ଚିତ୍ରିତ କରାଯାଉଛି। (ଫଟୋ: ବିକାଶ)

# ବିଶ୍ୱକପ୍ ପାଇଁ ସଜେଇ ହେଉଛି ରାଜଧାନୀ

## ଆରମ୍ଭ ହେଲାଣି ହକି ଫିଭର୍

- ଚିତ୍ର, ଭାସ୍କର୍ଯ୍ୟ ଓ ସବୁଜିମାରେ ଜୀବନ୍ତ ହେଉଛି ସହର
- ଚିତ୍ର ଆଙ୍କିବା ପାଇଁ ୨୮ ଗ୍ରୁପ୍‌ରେ ୫ଶହ ଶିଳ୍ପୀ ନିୟୋଜିତ
- କଳାଭୂମିରେ ତିଆରି ହୋଇଛି ଆକର୍ଷଣୀୟ ଭାସ୍କର୍ଯ୍ୟ





ଭୁବନେଶ୍ୱର, ୧।୧ (ବ୍ୟୁରୋ)

ରାଜଧାନୀର କାନ୍ଥ ବଖାଣୁଛି ଓଡ଼ିଶାର ଐତିହ୍ୟ, ସଂସ୍କୃତି ଓ ପରମ୍ପରାର ଗାଥା। ଶିଳ୍ପୀଙ୍କ ରଙ୍ଗତୂଳୀରେ ସାଧବ ପୁଅଙ୍କ ବୋଇତଯାତଠାରୁ ଆରମ୍ଭ କରି ପଟ୍ଟଚିତ୍ର, ମନ୍ଦିର, ଖଣ୍ଡଗିରି, ଉଦୟଗିରି, ଧଉଳି ଶାନ୍ତିସ୍ତୁପ ଭଳି ବିଭିନ୍ନ କଳାକୃତି ଜୀବନ୍ତ ପ୍ରତ୍ୟେୟ ହେଉଛି। ସହରର ପ୍ରମୁଖ ରାସ୍ତାଗୁଡିକ ନୂଆ ନୂଆ ଲାଗୁଛି। ଆଗକୁ ହକି ବିଶ୍ୱକପ୍ ଥିବାରୁ ନବବଧୂ ପରି ସଜେଇ ହେଉଛି ସହର। ପାର୍କରୁ ଆରମ୍ଭ କରି ରାଜରାସ୍ତା ପର୍ଯ୍ୟନ୍ତ ସବୁଠି ସାଜସଜ୍ଜା ଚାଲିଛି। ବିଏମ୍‌ସି, ବିଡିଏ, ପୂର୍ତ୍ତ ବିଭାଗ, ପର୍ଯ୍ୟଟନ ବିଭାଗ, ଭୁବନେଶ୍ୱର ସ୍ମାର୍ଟସିଟି ଲିମିଟେଡ୍, ଏନ୍‌ଏଚ୍‌ଆଇ, ଟିପିସିଓଡିଏଲ୍, ୱାଟ୍‌କୋ, କ୍ରୁଟ୍ ସମସ୍ତେ ମିଳିତ ଭାବେ କାମ କରୁଛନ୍ତି। ସହରର କାନ୍ଥବାଡ଼ରେ ଚିତ୍ର ଆଙ୍କିବା ପାଇଁ ମୋଟ୍ ୨୮ଟି ଗ୍ରୁପ୍‌ରେ ପ୍ରାୟ ୫ଶହ ଜଣ ଶିଳ୍ପୀ ନିୟୋଜିତ ହୋଇଛନ୍ତି। ଏମାନଙ୍କୁ ଓଡ଼ିଶା ଲଳିତକଳା ଏକାଡେମୀ ପକ୍ଷରୁ ଗାଇଡ୍ କରାଯାଉଛି। ୧୩ ତାରିଖରୁ ବିଶ୍ୱକପ୍ ହକି ଆରମ୍ଭ ହେଉଥିବାରୁ ଜାନୁୟାରୀ ପ୍ରଥମ ସପ୍ତାହ ସୁଦ୍ଧା ସମସ୍ତ କାମ ସାରିବାକୁ ନିର୍ଦ୍ଦେଶ ଦିଆଯାଇଛି। କେବଳ ଚିତ୍ରକଳା ନୁହେଁ ବରଂ ସହରର ବିଭିନ୍ନ ଛକ ସ୍ଥାନ, ଓଭରବ୍ରିଜ୍ ତଳ ଆଦି ୫୧ ସ୍ଥାନରେ ପ୍ରସ୍ତର, ସ୍କ୍ରାପ୍, ଟେରାକୋଟା ଭସ୍କର୍ଯ୍ୟ ଶୋଭା ପାଇବ। ଇତି ମଧ୍ୟରେ ଜୟଦେବ ବିହାରରେ ହକି ବିଶ୍ୱକପ୍ ମଡେଲ ସ୍ଥାପନ କରାଯାଇଛି। ଏଥିପାଇଁ କଳାଭୂମିରେ ଅନ୍ତର୍ଜାତୀୟ ଭାସ୍କର୍ଯ୍ୟ ଶିଳ୍ପୀ ଶିବିର ଷ୍ଟାମ୍ପ-୩.୦ ଆୟୋଜନ କରାଯାଇଥିଲା। ଏଠାରେ ରାଜ୍ୟ ତଥା ଦେଶବିଦେଶର ବିଶିଷ୍ଟ ଶିଳ୍ପୀଙ୍କ ଦ୍ୱାରା ପ୍ରସ୍ତୁତ ଭାସ୍କର୍ଯ୍ୟ କଳାକୁ ସହରରେ ସ୍ଥାନିତ କରାଯିବ। ଏଥିସହ ସହରକୁ ସୁନ୍ଦର କରିବା ପାଇଁ ସବୁଜିମା ଉପରେ ଗୁରୁତ୍ୱ ଦିଆଯାଉଛି। ଭଳିକି ଭଳି ଫୁଲର ସମ୍ଭାରରେ ସଜେଇ ହେଉଛି ସହର। ରାସ୍ତା ମେଡିଆନ୍‌ଠାରୁ ଆରମ୍ଭ କରି ଓଭରବ୍ରିଜ୍ ତଳ, ରାସ୍ତାକଡ଼ରେ ବିଭିନ୍ନ ଫୁଲଗଛ, ଅର୍ନାମେଣ୍ଟାଲ ଟ୍ରି ଏବଂ ଘାସ ବିଛାଇ ସବୁଜିମା ସୃଷ୍ଟି କରାଯାଉଛି। ଏହା ରାଜଧାନୀବାସୀ ବିଶେଷକରି ହକି ପାଇଁ ବାହାରୁ ଆସିବାକୁ ଥିବା ଖେଳାଳି, ଅତିଥି ଓ ପ୍ରଶଂସକଙ୍କ ପାଇଁ ଏକ ନୂତନ ପରିବେଶ ପ୍ରଦାନ କରିବ। ଅପରପକ୍ଷେ ଏବେଠୁ ରାଜଧାନୀରେ ହକି ଫିଭର୍ ମଧ୍ୟ ଆରମ୍ଭ ହୋଇଯାଇଛି। ସହରବାସୀଙ୍କୁ ଏଥିରେ ସାମିଲ କରିବା ପାଇଁ ବିଏମ୍‌ସି, ବିଡିଏ ପକ୍ଷରୁ ଜୋର୍‌ଦାର ପ୍ରୟାସ କରାଯାଉଛି। ସହରରେ ହକିର ପ୍ରଚାର ପ୍ରସାରକୁ ଦୃଷ୍ଟିରେ ରଖି ଜାନୁୟାରୀ ୧୦ ପର୍ଯ୍ୟନ୍ତ 'ଚକ୍‌ଦେ ଭୁବନେଶ୍ୱର' ଥିମ୍ ଅଧୀନ ବିଭିନ୍ନ ମନୋରଞ୍ଜନ ଭିତ୍ତିକ କାର୍ଯ୍ୟକ୍ରମ ଜାରି ରହିଛି।



କଳାଭୂମିରେ ତିଆରି ହୋଇଥିବା ଆକର୍ଷଣୀୟ ଭାସ୍କର୍ଯ୍ୟ।



'ମ୍ୟୁଜିକ୍ ଇନ୍ ପାର୍କ' ମାଧ୍ୟମରେ ଲୋକଙ୍କୁ ହକି ସହିତ ଯୋଡ଼ିବାର ପ୍ରୟାସ କରାଯାଉଛି। ପୂର୍ବରୁ ଆଇଜି ପାର୍କରେ ଏହି କାର୍ଯ୍ୟକ୍ରମ ସରିଥିବାବେଳେ ସୋମବାରଠାରୁ ବୁଧବାର ପର୍ଯ୍ୟନ୍ତ ୩ଦିନ ବିଜୁ ପଟ୍ଟନାୟକ ପାର୍କରେ ଏହା ଆୟୋଜିତ ହୋଉଛି। ଅପରାହ୍ନ ୫ଟା ୩୦ରୁ ରାତି ୮ଟା ୩୦ ପର୍ଯ୍ୟନ୍ତ ସଙ୍ଗୀତଭିତ୍ତିକ କାର୍ଯ୍ୟକ୍ରମରେ ଝୁମିବେ ଶ୍ରୋତା। ପରେ ବୁଦ୍ଧଜୟନ୍ତୀ ପାର୍କ, ବିଡିଏ ସିଟି ସେଣ୍ଟର, ଏକାମ୍ର କାନନ, ନେତାଜୀ ସୁବାଷ ଚନ୍ଦ୍ର ବୋଷ ପାର୍କ, ମଧୁସୂଦନ ପାର୍କରେ ଏହାର ଆୟୋଜନ କରାଯିବ ବୋଲି ସୂଚନା ଦିଆଯାଇଛି। ସେହିଭଳି ସୋସିଆଲ ମିଡିଆରେ ମଧ୍ୟ ହକିକୁ ନେଇ ଟ୍ରେଣ୍ଡ୍ ଆରମ୍ଭ ହୋଇଛି। ହକିକୁ ନେଇ ର୍‍ୟାପ୍ ସଙ୍ଗ୍ ପ୍ରସ୍ତୁତ ହୋଇଥିବାବେଳେ ଏହାକୁ ଯୁବପିଢୀ ଖୁବ୍ ପସନ୍ଦ କରୁଛନ୍ତି। 'ପୂରା ଖେଳ ପୂରା ଖେଳ' ନାମରେ ଏହି ର୍‍ୟାପ୍‌କୁ ରାପର ବିଗ୍ ଡିଲ୍ ଗାଇଛନ୍ତି।

## ଆଣ୍ଟିଭେନମ୍ ସଙ୍କଟ

# ଆଖି ବୁଜିଲା 'ଜ୍ୟାକି'



ଭୁବନେଶ୍ୱର, ୨।୧(ବ୍ୟୁରୋ)

ଆଣ୍ଟିଭେନମ୍ ଅଭାବରୁ ରବିବାର ସାପ କାମୁଡ଼ାରେ ଆହତ ଡୋବରମ୍ୟାନ 'ପେପ୍‌ସୀ'ର ମୃତ୍ୟୁ ଘଟିଥିବାବେଳେ ଗୁରୁତର ଥିବା ଲାବ୍ରାଡର 'ଜ୍ୟାକି'ର ସୋମବାର ମୃତ୍ୟୁ ଘଟିଛି। ଏହି ଦୁଇଟି କୁକୁରଙ୍କୁ ଚିକିତ୍ସା ପାଇଁ ଓୟୁଏଟି ଭେଟେରିନାରି କଲେଜରେ ଥିବା ସେଣ୍ଟ୍ରାଲ କ୍ଲିନିକକୁ ନିଆଯାଇଥିଲା। ଆଣ୍ଟିଭେନମ୍ ଇଞ୍ଜେକ୍ସନ ନ ଥିବାରୁ 'ପେପ୍‌ସୀ' ସେଠାରେ ଛଟପଟ ହୋଇ ମରିଯାଇଥିବାବେଳେ 'ଜ୍ୟାକି'କୁ ତା'ର ମାଲିକ ଅକ୍ଷୟ ପରିଡ଼ା ବାହାରୁ କିଣି ନେଇଥିବା ୨ ଭାଏଲ୍ ଆଣ୍ଟିଭେନମ୍ ଦିଆଯାଇଥିଲା। ପ୍ରୋଟୋକଲ୍ ଅନୁଯାୟୀ, ସାପ କାମଡ଼ିଲେ ପ୍ରଥମ ଡୋଜ୍‌ରେ ୧୦ ଭାଏଲ ଆଣ୍ଟିଭେନମ୍ ଦିଆଯିବା ଉଚିତ। କିନ୍ତୁ ଓୟୁଏଟିରେ ଥିବା ଡାକ୍ତର 'ଜ୍ୟାକି'କୁ ପ୍ରଥମ ଡୋଜ୍‌ରେ ଦୁଇଟି ଭାଏଲ ଆଣ୍ଟିଭେନମ୍ ଦେଇଥିଲେ। ପୁଣି ରବିବାର ୧୨ଟାରୁ କ୍ଲିନିକ୍ ବନ୍ଦ ହେବ କହି ଡ୍ୟୁଟିରେ ଥିବା ପ୍ରାଣୀ ଚିକିତ୍ସକ 'ଜ୍ୟାକି' ଦେହରୁ ସାଲାଇନ ଖୋଲି ଶହୀଦନଗର ଭେଟେରିନାରି ଡାକ୍ତରଖାନା ନେବାକୁ କହି ଚାଲିଯାଇଥିଲେ। ସେତେବେଳେ ଜ୍ୟାକିର ଗୋଡ଼ରେ ଯେଉଁଠି ସାଲାଇନ ଛୁଞ୍ଚି ଫୋଡ଼ା ହୋଇଥିଲା ସେ ସ୍ଥାନରୁ ଲଗାତର ଭାବରେ ରକ୍ତ ବାହାରୁଥିଲା। ତେବେ ସରକାରୀ ଡାକ୍ତରଖାନା ଓ ସରକାରୀ ଚିକିତ୍ସା ଉପରେ ଭରସା ତୁଟାଇ ଶେଷରେ ଅକ୍ଷୟ କୁକୁରଟିକୁ ନିଜ ଘରେ ରଖି ଚିକିତ୍ସା କରିଥିଲେ। ତାକୁ ଦିନ ତମାମ ବାହାରୁ ଆଣ୍ଟିଭେନମ କିଣି ୧୦ଟି ଭାଏଲ ଦେଇଥିଲେ। କିନ୍ତୁ ଚିକିତ୍ସାରେ ବହୁ ବିଳମ୍ବ ହୋଇଯାଇଥିବାରୁ ତାକୁ ବଞ୍ଚାଇ ହେଲାନି। ସୋମବାର ସକାଳେ ତା'ର ମୃତ୍ୟୁ ଘଟିଥିବା ମାଲିକ ଅକ୍ଷୟ କହିଛନ୍ତି। ଏ ସମ୍ପର୍କରେ ସେ କୁହନ୍ତି, 'ଜ୍ୟାକି' ଆମ ଘରର ଏକ ସଦସ୍ୟ ପରି ଥିଲା। ଭୁବନେଶ୍ୱରରେ ପ୍ରାଣୀ ଚିକିତ୍ସକମାନେ ସାପ କାମୁଡ଼ା ଚିକିତ୍ସା ଜାଣି ନାହାନ୍ତି। ଆଣ୍ଟିଭେନମ୍ କେତେ ଦିଆଯିବ ତାହା ସେମାନେ ଜାଣି ନାହାନ୍ତି। ଆଣ୍ଟିଭେନମ କିଣିବା ପାଇଁ ରବିବାର ଆମେ ସାରା ଭୁବନେଶ୍ୱର ବୁଲିଥିଲୁ। ଏ ନେଇ ସ୍ନେକ୍ ହେଲ୍ପ ଲାଇନ ସାଧାରଣ ସମ୍ପାଦକ ଶୁଭେନ୍ଦୁ ମଲ୍ଲିକ କୁହନ୍ତି, 'ଜ୍ୟାକି' ଦେହରୁ ଲଗାତର ରକ୍ତ ବାହାରିବା କାରଣ ହେଉଛି ଗୋଟିଏ ପଟେ ଚନ୍ଦନ ବୋଡ଼ା ସାପର ବିଷ ହେମୋଟକ୍ସିକ ହୋଇଥିବାରୁ ରକ୍ତ ସହଜରେ ଜମାଟ ବାନ୍ଧେ ନାହିଁ। ଅନ୍ୟପଟେ ସାଲାଇନ ପାଇଁ ସିଧାସଳଖ ରକ୍ତ ଶିରାରେ କଣା କରାଯାଇଥାଏ। ସକାଳ ପର୍ଯ୍ୟନ୍ତ ଜ୍ୟାକି ଦେହରୁ ରକ୍ତ ବାହାରୁ ଥିଲା। ଜ୍ୟାକିର ନିଶ୍ଚିତ ଭାବରେ କିଡ୍‌ନୀ ଫେଲ ହୋଇଥିଲା। ତେବେ ଭେଟେରିନାରି କଲେଜରେ ଥିବା ସେଣ୍ଟ୍ରାଲ କ୍ଲିନିକରେ ଡାକ୍ତରଙ୍କ ରହିବା ପାଇଁ ରୁମ ବ୍ୟବସ୍ଥା ଥିବାବେଳେ ପିଜି ଛାତ୍ରଙ୍କୁ ରାଜ୍ୟ ସରକାର ଷ୍ଟାଇପେଣ୍ଡ୍ ମଧ୍ୟ ଦେଉଛନ୍ତି। ତେଣୁ ରବିବାର ଦିନ ରୋଟେଶନ ବ୍ୟବସ୍ଥା କରି ଭେଟେରିନାରି ପିଜି ଏବଂ ପିଏଚ୍‌ଡି ଛାତ୍ରଙ୍କ ୮ ଘଣ୍ଟିଆ ଡ୍ୟୁଟି ବ୍ୟବସ୍ଥା କରିବା ନିହାତି ଦରକାର ବୋଲି ଶୁଭେନ୍ଦୁ କହିଛନ୍ତି।

# ସରିଲାନି ରାଜପଥ ମରାମତି, ସୌନ୍ଦର୍ଯ୍ୟକରଣ

ଭୁବନେଶ୍ୱର,୨।୧(ବ୍ୟୁରୋ)



ହକି ପୁରୁଷ ବିଶ୍ୱକପ୍‌କୁ ଦୃଷ୍ଟିରେ ରଖି ଭୁବନେଶ୍ୱର ମଧ୍ୟଦେଇ ଖୋର୍ଦ୍ଧା-କଟକକୁ ସଂଯୋଗ କରୁଥିବା ଜାତୀୟ ରାଜପଥ-୧୬ ଉନ୍ନତିକରଣ ତଥା ମରାମତି କାର୍ଯ୍ୟ ଡିସେମ୍ବର ଶେଷସୁଦ୍ଧା ସରିବ। ସର୍ଭିସ ରୋଡ୍ ସହ ସହର ଭିତରେ ଥିବା ବିଭିନ୍ନ ରାସ୍ତା, ଡ୍ରେନ୍, ଫୁଟ୍‌ପାଥ, ବ୍ୟାରିକେଡ୍, ବ୍ରିଜ୍‌ର ଆବଶ୍ୟକ ମରାମତି, ଉନ୍ନତି ସହ ଜବରଦଖଲ ଉଚ୍ଛେଦ, ଆଲୋକୀକରଣ, ସୌନ୍ଦର୍ଯ୍ୟକରଣ ଓ ବିଭିନ୍ନ ସେବାମୂଳକ କାର୍ଯ୍ୟ ଶେଷ କରିବାକୁ ଭୁବନେଶ୍ୱର ଉନ୍ନୟକ କର୍ତ୍ତୃପକ୍ଷ(ବିଡିଏ) ପକ୍ଷରୁ ଅନୁଷ୍ଠିତ ବୈଠକରେ ନିଷ୍ପତ୍ତି ହୋଇଥିଲା। ଜାତୀୟ ରାଜପଥ ପ୍ରାଧିକରଣ(ଏନ୍‌ଏଚଆଇ) ପକ୍ଷରୁ ପ୍ରାୟୋରିଟି ରୋଡ୍ ନେଟ୍‌ୱର୍କ (ପିଆର୍‌ଏନ୍) ମାଧ୍ୟମରେ ଚାଲିଥିବା ରାଜପଥ ମରାମତି ଓ ଉନ୍ନତିକରଣ କାର୍ଯ୍ୟ ନିର୍ଦ୍ଧାରିତ ସମୟ ମଧ୍ୟରେ ଶେଷ କରିବା ପାଇଁ ଦାୟିତ୍ୱରେ ଥିବା ଅଧିକାରୀଙ୍କୁ ବିଡିଏ ଉପାଧ୍ୟକ୍ଷ ବଲୱନ୍ତ ସିଂହ ପରାମର୍ଶ ଦେଇଥିଲେ। ତେବେ କଷ୍ଟ ପୂରଣ ହୋଇଥିଲେ ମଧ୍ୟ ଏସବୁ କାମ ଅଧାପନ୍ତରିଆ ରହିଛି। ଅନେକ ସ୍ଥାନରେ ରାସ୍ତାକଡ଼ରୁ କେବଳ ଜବଦରଦଖଲ ଉଚ୍ଛେଦ କରାଯାଇଥିଲେ ମଧ୍ୟ ଆନୁସଙ୍ଗିକ ତଥା ପରବର୍ତ୍ତୀ କାର୍ଯ୍ୟ ଆଗେଇପାରି ନାହିଁ। ସେହିପରି ସହରସାରା ନିର୍ମାଣ ତଥା ସୋନ୍ଦର୍ଯ୍ୟକରଣ କାର୍ଯ୍ୟ ଚାଲିଥିବାବେଳେ ପ୍ରତିଦିନ ବିଭିନ୍ନ ସ୍ଥାନରେ ଟ୍ରାଫିକ ସମସ୍ୟା ସୃଷ୍ଟି ହେଉଛି। ପର୍ଯ୍ୟଟନ ଋତୁ ଚାଲୁଥିବାରୁ ଏହି ସମସ୍ୟା ଦ୍ୱିଗୁଣିତ ହେଉଛି। ଅତ୍ୟାବଶ୍ୟକ ନ ଥିଲେ ଡିସେମ୍ବର ୧ ପରେ କୌଣସି ଏଜେନ୍ସି ବା ବିଭାଗ ରାଜପଥରେ ଖୋଳାଖୋଳି ନ କରିବା ପାଇଁ କୁହାଯାଇଥିଲେ ମଧ୍ୟ ମାସ ଶେଷ ପର୍ଯ୍ୟନ୍ତ ଖୋଳାପୋତା ଚାଲିଛି। ଓଭରବ୍ରିଜ ଉପରେ ଦିନରାତି କାମ ଚାଲିଥିଲେ ମଧ୍ୟ ମରାମତି ସରୁନାହିଁ। କଳିଙ୍ଗ ଷ୍ଟାଡ଼ିୟମ୍ ଗେଟ୍-୯ ସମ୍ମୁଖରେ ନିର୍ମାଣ ଓ ଭଗ୍ନାବଶେଷର ଗଦାହୋଇ ରହିଛି। ୱାଟ୍‌କୋ, ଗେଲ୍, ଇଣ୍ଟରନେଟ୍ ସେବା ପ୍ରଦାନକାରୀ କମ୍ପାନୀଗୁଡ଼ିକ ପକ୍ଷରୁ ସହରର ବିଭିନ୍ନ ସ୍ଥାନରେ କାମ ଚାଲିଛି। ଯୋଜନା ମୁତାବକ ଏମ୍‌ସ ରୋଡ଼ରେ ଆଲୋକୀକରଣ, ବରମୁଣ୍ଡା ଓଭରବ୍ରିଜ୍ ତଳେ ଫୁଟପାଥ୍ ମରାମତି,

## ସହର ଭିତର ବିଭିନ୍ନ କାମ ମଧ୍ୟ ଅଧପନ୍ତରିଆ

ଲେନ୍ ମାର୍କିଂ, ଡୁମୁଡୁମା ନିକଟରେ ଭାଙ୍ଗିରୁଜି ଯାଇଥିବା ଗ୍ରୀଲ୍ ମରାମତି, ସିଆର୍‌ପି ଛକରେ ଡ୍ରେନ୍ ମରାମତି ଓ ବ୍ୟାରିକେଡ୍ ମରାମତି କାର୍ଯ୍ୟ ହାତକୁ ନିଆଯାଇଥିଲେ ଅଧିକାଂଶ କାର୍ଯ୍ୟ ଅଧାପନ୍ତରିଆ ପଡ଼ିଛି। ଉତ୍ତର ଜୋନ୍‌ର ୧୬.୨୧ କି.ମି. ରାସ୍ତା, ଦକ୍ଷିଣ-ପୂର୍ବ ଜୋନ୍‌ର ୨ଟି ଡିଭିଜନରେ ଯଥାକ୍ରମେ ୧୬.୯୪ କି.ମି. ଏବଂ ୨୨.୪୩ କି.ମି. ରାସ୍ତା ଓ ପାରିପାର୍ଶ୍ୱିକ ଉନ୍ନତିକରଣ କରାଯିବାର ଯୋଜନା ରହିଥିଲା। ଦକ୍ଷିଣ-ପଶ୍ଚିମ ଜୋନର ୨୩.୬୭ କି.ମି. ରାସ୍ତାର ମରାମତି ତଥା ଆନୁସଙ୍ଗିକ ସୌନ୍ଦର୍ଯ୍ୟକରଣ ମଧ୍ୟ ସମାପ୍ତ ହୋଇପାରିନାହିଁ। ନିର୍ଦ୍ଧାରିତ ସମୟ ମଧ୍ୟରେ ପାଦଚଲା ରାସ୍ତା ପ୍ରସ୍ତୁତି, ସ୍ୱଚ୍ଛତା, ବ୍ୟାରିକେଡିଂ, ରେଲିଂ ମରାମତି, ବିଭିନ୍ନ ସର୍ଭିସ୍ ରୋଡ୍‌ରେ ଲେନ୍ ମାର୍କିଂ, ଭାଙ୍ଗିଯାଇଥିବା ବ୍ରିଜ୍ ଏବଂ କର୍ବ୍‌ର ମରାମତି ତଥା ବିଭିନ୍ନ ସ୍ଥାନରେ ହଟିଯାଇଥିବା ସାଇନେଜ୍ ମରାମତି ସହ ନୂତନ ସାଇନେଏଜ୍ ସ୍ଥାପନ ଓ ରଙ୍ଗ କାର୍ଯ୍ୟ ମଧ୍ୟ ଶତପ୍ରତିଶତ ହୋଇପାରିନାହିଁ। ଅନ୍ୟପଟେ ଡ୍ରେନ୍ ସଫେଇ, ମୁକୁଳା ଡ୍ରେନ୍ ଉପରେ ସ୍ଲାବ୍ ପକାଇବା ସହ ଆଲୋକୀକରଣ, ରାସ୍ତାରେ ସୃଷ୍ଟି ହୋଇଥିବା ବିଭିନ୍ନ ପାଥ୍‌ହୋଲର ମରାମତି କାର୍ଯ୍ୟ କେବେ ସରିବ ତାହା ମଧ୍ୟ ଅସ୍ପଷ୍ଟ।

## ସଂକ୍ଷେପରେ

### ୪ ମୃତ ବିଦେଶୀ ପକ୍ଷୀ ଜବତ: ଶିକାରୀ ଗିରଫ



ଟାଙ୍ଗୀ(ଖୋର୍ଦ୍ଧା),୨।୧(ଡି.ଏନ୍.ଏ.): ଟାଙ୍ଗୀ ବନ୍ୟପ୍ରାଣୀ ରେଞ୍ଜ ଅନ୍ତର୍ଗତ କାଲୁପଡ଼ା ନିକଟ ବରକୁଦୀ ନାଳ ନିକଟରେ ସୋମବାର ବିଭାଗୀୟ କର୍ମଚାରୀ ଚଢ଼ାଉ କରି ୪ଟି ମୃତ ବିଦେଶୀ ପକ୍ଷୀ ଜବତ କରିବା ସହ ଜଣେ ଶିକାରୀଙ୍କୁ ଗିରଫ କରିଛନ୍ତି। ଅଭିଯୁକ୍ତ ହେଲେ ମାଟିଆପଡାର ନାରାୟଣ ଘଡ଼େଇ(୩୦)। ଚଢ଼ାଉ ବେଳେ ଅଭିଯୁକ୍ତଙ୍କ ନିକଟରୁ ଗୋଟିଏ ଲାର୍ଜ ହୁଇଷ୍ଟିଲଙ୍ଗ ଡକ୍, ଦୁଇଟି ଫିଜାଣ୍ଟ ଟେଲ୍ଡ ଜାକନା ଓ ଗୋଟିଏ ପରପଲ ମୁରହେନ ଜବତ କରାଯାଇଛି। ଏହି ଚଢ଼ାଉରେ ଫରେଷ୍ଟ ଗାର୍ଡ ଶିବ ପ୍ରସାଦ ପଲାଇ ଓ ଲିପିନା ପଲାଇ ସାମିଲ ଥିଲେ।

### ବିଦ୍ୟାଳୟରୁ କ୍ରୀଡ଼ା ସାମଗ୍ରୀ ଚୋରି

ଗମ୍ଭାରୀମୁଣ୍ଡା,୨।୧(ଡି.ଏନ୍.ଏ.): ବାଣପୁର ବ୍ଲକ ଅଧୀନ ଗମ୍ଭାରୀମୁଣ୍ଡାସ୍ଥିତ ପତିତପାବନ ସରକାରୀ ଉଚ୍ଚ ବିଦ୍ୟାଳୟରୁ କ୍ରୀଡ଼ା ସାମଗ୍ରୀ ଚୋରି ହୋଇଥିବା ସୋମବାର ବାଣପୁର ଥାନାରେ ଅଭିଯୋଗ ହୋଇଛି। ସୂଚନା ମୁତାବକ, ବିଦ୍ୟାଳୟ ଏକ ସପ୍ତାହ ଛୁଟିଥିବା ବେଳେ ସୋମବାର ଖୋଲିଥିଲା। ତେବେ ବିଦ୍ୟାଳୟ ଖୋଲାଯିବା ପରେ ଖେଳ ସାମଗ୍ରୀ ବ୍ୟାଡ଼ମିଣ୍ଟନ, କର୍କ, କ୍ରିକେଟ ବ୍ୟାଟ, ଫୁଟ୍‌ବଲ, ଭଲିବଲ, ବାସ୍କେଟ ବଲ, ରିଂ ବଲ ଆଦି ଚୋରି ହୋଇଥିବା ବିଦ୍ୟାଳୟ କର୍ତ୍ତୃପକ୍ଷ ଜାଣିବାକୁ ପାଇଥିଲେ। ଏନେଇ ଅଭିଯୋଗ ପରେ ପୋଲିସ ତଦନ୍ତ ଚଳାଇଛି।

### ସ୍ୱାଧୀନତା ସଂଗ୍ରାମୀ ନୀଳକଣ୍ଠ ମିଶ୍ରଙ୍କ ଜୟନ୍ତୀ

ବେଗୁନିଆ,୨।୧(ଡି.ଏନ୍.ଏ.): ଖୋର୍ଦ୍ଧା ଜିଲା ବେଗୁନିଆ ବ୍ଲକ ଅଞ୍ଚଳର ବିଶିଷ୍ଟ ସ୍ୱାଧୀନତା ସଂଗ୍ରାମୀ ସ୍ୱର୍ଗତ ନୀଳକଣ୍ଠ ମିଶ୍ରଙ୍କ ଜନ୍ମ ଜୟନ୍ତୀ ପାଳିତ ହୋଇଯାଇଛି। କଣ୍ଟାବାଡ ସ୍ଥିତ ବାସଭବନ ପରିସରରେ ଆୟୋଜିତ କାର୍ଯ୍ୟକ୍ରମରେ ଅତିଥିଭାବେ ଶିକ୍ଷାବିତ୍ କୁଳମଣି ମିଶ୍ର ଯୋଗଦେଇଥିଲେ। ପ୍ରଥମେ ସ୍ୱର୍ଗତ ମିଶ୍ର ଓ ତାଙ୍କ ସହଧର୍ମିଣୀ ନିଶାମଣି ଦେବୀଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପ ମାଲ୍ୟାର୍ପଣ କରାଯାଇଥିଲା। ପରେ ଅବସରପ୍ରାପ୍ତ ପ୍ରଫେସର ରବୀନ୍ଦ୍ର ନାଥ ପାଣିଗ୍ରାହୀ ଦିବଂଗତଙ୍କ ଉଦ୍ଦେଶ୍ୟରେ ସ୍ୱରଚିତ ଶ୍ରଦ୍ଧାଞ୍ଜଳି ସଙ୍ଗୀତ ପରିବେଷଣ କରିଥିଲେ। ସାମାଜିକକର୍ମୀ ଶିବ ନାରାୟଣ ମିଶ୍ର ସ୍ୱାଗତ ଭାଷଣ ଦେଇଥିଲେ। ଭୁବନେଶ୍ୱରସ୍ଥିତ ଇଣ୍ଡିଆନ ବ୍ୟାଙ୍କର ଆଞ୍ଚଳିକ ଉପପ୍ରବନ୍ଧକ ଶଶୀଭୂଷଣ ମିଶ୍ର, କଣ୍ଟାବାଡ଼ ଇଣ୍ଡିଆନ ବ୍ୟାଙ୍କ ଶାଖା ପରିଚାଳକ ସନ୍ତୋଷ କୁମାର ସେନାପତି, ପୂର୍ବତନ ସମିତି ସଭ୍ୟ ଶିଶିର କୁମାର ଆଚାର୍ଯ୍ୟ ପ୍ରମୁଖ ଅତିଥିଭାବେ ଯୋଗଦେଇଥିଲେ। ଏହି ଅବସରରେ ୨୫ ଜଣଙ୍କୁ ଶୀତ ବସ୍ତ୍ର ବଣ୍ଟନ କରାଯାଇଥିଲା। ସାମାଜିକ କର୍ମୀ ମାନସ ରଞ୍ଜନ ଦାଶ ଧନ୍ୟବାଦ ଦେଇଥିଲେ। ଶିକ୍ଷକ ବଂଶୀଧର ପାଣିଗ୍ରାହୀ, ସୁଧାଂଶୁ ଶେଖର ମିଶ୍ର, ଅରୁଣ କୁମାର ମହାପାତ୍ର ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ଚାଷରୁ ମୁହଁ ଫେରାଉଛନ୍ତି ଚାଷୀ

**ବେଗୁନିଆ ବ୍ଲକ**
- ବିପର୍ଯ୍ୟୟଠୁ ବଳାଉଛି ବିଭାଗୀୟ ଅବହେଳା
- ସମନ୍ୱିତ କୃଷି ପାଇଁ ଆନ୍ତରିକତା ନାହିଁ

ବେଗୁନିଆ,୨।୧(ଡି.ଏନ୍.ଏ.)

କୃଷି ଓ କୃଷକଙ୍କ ଉନ୍ନତି ପାଇଁ ସରକାରଙ୍କ ପକ୍ଷରୁ ଅନେକ ଯୋଜନା କାର୍ଯ୍ୟକାରୀ କରାଯାଇଛି। ଚାଷୀଙ୍କ ଆୟକୁ ଦ୍ୱିଗୁଣିତ କରି ରୋଜଗାର ପନ୍ଥାକୁ ସୁଦୃଢ଼ କରିବା ଲକ୍ଷ୍ୟରେ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ପକ୍ଷରୁ ବର୍ଷର ବିଭିନ୍ନ ସମୟରେ ସ୍ୱତନ୍ତ୍ର ବଜେଟ ସ୍ଥିର କରାଯାଉଛି। ଏହା ସତ୍ତ୍ୱେ ବହୁ ଚାଷୀ ପରିବାର ଗରିବ ହୋଇ ରହିଛନ୍ତି। ଏଥିରୁ ଖୋର୍ଦ୍ଧା ଜିଲା ବେଗୁନିଆ ବ୍ଲକ ଅଞ୍ଚଳର ଚାଷୀ ବାଦ୍ ପଡିନାହାନ୍ତି। ପ୍ରାକୃତିକ ଦୁର୍ବିପାକ ଏବଂ ବିଭାଗୀୟ ଅବହେଳା ଯୋଗୁ ବହୁ ଚାଷୀ ଚାଷରୁ ମୁହଁ ଫେରାଇ କାମ ଅନ୍ୱେଷଣରେ ଦାଦନ ଖଟିବାକୁ ଯାଉଛନ୍ତି। ସ୍ଥାନୀୟ କୃଷି ବିଭାଗର ଅବହେଳାରୁ ଗାଁରେ ବର୍ତ୍ତୁନି ସମନ୍ୱିତ ଚାଷ।

ସୂଚନାଥାଉ କି, ୨୦୧୨ ମସିହାରୁ ବେଗୁନିଆ ବ୍ଲକ ଚାଷୀଙ୍କ ଫସଲ ଉପରେ କ୍ରମାଗତ ଭାବେ ପ୍ରକୃତି ଦାଉ ସାଧୁଛି। ସ୍ୱଳ୍ପ ବୃଷ୍ଟି, ଅଦିନିଆ ବର୍ଷା, ସାମୁଦ୍ରିକ ଝଡ଼ ସହିତ ରୋଗ ପୋକ ଆଦି ପ୍ରାଦୁର୍ଭାବ ଲାଗି ରହିଛି। ଏଭଳି ସ୍ଥିତିରେ ସରକାରୀ ସହାୟତା, ଜଳସେଚନ ଓ ବିଭିନ୍ନ ଯୋଜନାର ସୁଫଳ ନ ପାଇ ବହୁ ଚାଷୀ ଚାଷରୁ ମୁହଁ ଫେରାଇ ଦାଦନ ଖଟିବାକୁ ବାହାର ରାଜ୍ୟକୁ ଯାଉଛନ୍ତି। କେତେଜଣ ଚାଷୀ ଅନ୍ୟ ରାଜ୍ୟରେ ନିର୍ଯାତିତ ହୋଇ ଭିଟାମାଟିକୁ ଫେରୁଥିଲେ ମଧ୍ୟ ଚାଷକୁ ଗୁରୁତ୍ୱ ଦେଉନାହାନ୍ତି। ଏହାର ସ୍ଥାୟୀ ସମାଧାନ କ୍ଷେତ୍ରରେ କୃଷି ବିଭାଗ ପକ୍ଷରୁ କୌଣସି ପ୍ରୟାସ କରାଯାଉ ନାହିଁ ବୋଲି ଗତ ସମିତି ବୈଠକରେ ଉଦ୍‌ବେଗ ପ୍ରକାଶ ପାଇଥିଲା। ଚାଷୀଙ୍କ ହିତରେ ଏପର୍ଯ୍ୟନ୍ତ ସ୍ଥାୟୀ ଜଳସେଚନ ବ୍ୟବସ୍ଥା କରାଗଲା ନାହିଁ। ସେହିପରି ପିଏମ୍ କିଷାନ, କାଳିଆ ଯୋଜନା, ପ୍ରଧାନମନ୍ତ୍ରୀ ଫସଲ ବୀମା ଯୋଜନାରୁ କେତେଜଣ ପ୍ରକୃତ ଚାଷୀ ବାଦ୍ ପଡିଛନ୍ତି। ଧାନ ଓ ଅଣଧାନ ଫସଲ ଉପରେ ପ୍ରାକୃତିକ ଦୁର୍ବିପାକ ପଡ଼ିଲେ କ୍ଷତିଗ୍ରସ୍ତ ଚାଷୀ ଚୟନ କରାଯାଇ ସହାୟତା ଯୋଗାଇ ଦିଆଯାଏ। ପୂର୍ବରୁ ଘଟିଥିବା ସାମୁଦ୍ରିକ ଝଡ 'ଜୱାଦ' ସହାୟତାରୁ ପ୍ରାୟ ୩୦% ଚାଷୀ ବାଦ୍ ପଡିଛନ୍ତି। ପାକ୍ସ ଜରିଆରେ ମଣ୍ଡିରେ ଠିକ୍ ଭାବେ ମଧ୍ୟ ଧାନ ଦେଇପାରୁ ନାହାନ୍ତି। ତେବେ ଚାଷରୁ ମୁହଁ ଫେରାଇ ଥିବା ଚାଷୀଙ୍କ ନିକଟତର ହୋଇପାରୁନାହିଁ କୃଷି ବିଭାଗ ବୋଲି ସମିତି ସଭ୍ୟମାନେ ଦାବି ଉଠାଇଥିଲେ। ଅନ୍ୟପକ୍ଷରେ ଗାଁକୁ ଯାଇ କୃଷି ବିଭାଗ ପକ୍ଷରୁ ଚାଷୀଙ୍କୁ ପରାମର୍ଶ କରାଯାଉନାହିଁ କି ଫସଲ ସମ୍ପର୍କରେ ବିଭିନ୍ନ ସଚେତନତା କାର୍ଯ୍ୟକ୍ରମର ଆୟୋଜନ ହେଉନି। ଧାନ ଓ ଅଣଧାନ ଫସଲ ଉପରୁ ଚାଷୀ ମୁହଁ ଫେରାଇଲେ ମଧ୍ୟ ଏହାର ପ୍ରତିକାର ବ୍ୟବସ୍ଥା ସରକାରଙ୍କ ପକ୍ଷରୁ କରାଯାଇଛି। ଅର୍ଥକରୀ ଫସଲ ପରିବା, ତୈଳବୀଜ, ଫଳ ଫୁଲ ଚାଷ ଆଦି ରହିଛି। ସେହିପରି ଆୟ ଦ୍ୱିଗୁଣିତ ପାଇଁ ଫସଲରେ ଅଧିକ ରାସାୟନିକ ସାର ବ୍ୟବହାର ହେଉଛି। ଏହାଦ୍ୱାରା ମୃତ୍ତିକା ନଷ୍ଟ ହେବା ସହ ଶରୀରରେ ଅନେକ ରୋଗ ଦେଖାଦେଉଛି। ଜୈବିକ ସାର ପ୍ରଣାଳୀ ଉପରେ ବିଭାଗ ପକ୍ଷରୁ ଚାଷୀଙ୍କୁ ସଚେତନ କରାଯାଉନାହିଁ ବୋଲି ସିକୋ, ଗଡମାଣତୀର, ହଜ ଆଦି ପଞ୍ଚାୟତ ସମିତି ସଭ୍ୟମାନେ ଦାବି ଉପସ୍ଥାପନ କରିଥିଲେ। ପ୍ରକାଶ ଯେ, ଏହି ବ୍ଲକରେ ୮୦% ଚାଷୀ କୃଷି ଉପରେ ନିର୍ଭର କରନ୍ତି। ୨୦୧୯ରେ ସରକାରଙ୍କ ଦ୍ୱାରା ନ୍ୟାଶନାଲ ସାମ୍ପୁଲ ସର୍ଭେ ଅର୍ଗାନାଇଜେଶନ (ଏନ୍‌ଏସ୍‌ଏସ୍‌ଓ) ଏବଂ ନ୍ୟାଶନାଲ ଷ୍ଟାଟିଷ୍ଟିକାଲ ଅଫିସ୍ (ଏନ୍ ଏସ୍ ଓ) ପକ୍ଷରୁ ହୋଇଥିବା ବେଗୁନିଆ ବ୍ଲକ କୃଷକ ପରିବାରର ସ୍ଥିତି, ଭୂମି ଓ ପ୍ରାଣୀସମ୍ପଦ ଆକଳନରୁ ବହୁ ଗରିବ ଚାଷୀ ଅଛନ୍ତି ବୋଲି ଜଣାପଡିଥିଲା। ଅନ୍ୟପକ୍ଷରେ ଏ ସମ୍ପର୍କରେ ବ୍ଲକ କୃଷି ଅଧିକାରୀ ଗଣେଶ୍ୱର ରଥ କୁହନ୍ତି, ଚାଷୀ ଓ ଚାଷ ଉପରେ ବିଭାଗ ସର୍ବଦା ଗୁରୁତ୍ୱ ଦେଇଆସିଛି।



**ଖୋର୍ଦ୍ଧା:** ମିନି ମାରାଥାନ ଦୌଡ଼ ପ୍ରତିଯୋଗିତା ଉପଲକ୍ଷେ ଆୟୋଜିତ ବୈଠକରେ ଜିଲାପାଳ କେ.ସୁଦର୍ଶନ ଚକ୍ରବର୍ତ୍ତୀ ଏବଂ ଅନ୍ୟ ଅଧିକାରୀ।

# ୮ରେ ମିନି ମାରାଥନ ଦୌଡ଼ ପ୍ରତିଯୋଗିତା

ଖୋର୍ଦ୍ଧା ଅଫିସ,୨।୧

ଓଡ଼ିଶାରେ ଜାନୁୟାରୀ ୧୩ରୁ ଭୁବନେଶ୍ୱର ଓ ରାଉରକେଲା ଠାରେ ପୁରୁଷ ବିଶ୍ୱ ହକି କପ୍ ଅନୁଷ୍ଠିତ ହେବ। ଏନେଇ ସବୁଠି ଉତ୍ସାହ ରହିଛି। ଏହି ଉପଲକ୍ଷେ ଆସନ୍ତା ୮ତାରିଖରେ ଜିଲା ପ୍ରଶାସନ ଆନୁକୂଲ୍ୟରେ ମିନି ମାରାଥାନ ଦୌଡ଼ ପ୍ରତିଯୋଗିତା ଅନୁଷ୍ଠିତ ହେବ। ସୋମବାର ଏନେଇ ଏକ ପ୍ରସ୍ତୁତି ବୈଠକ ଜିଲାପାଳ କେ.ସୁଦର୍ଶନ ଚକ୍ରବର୍ତ୍ତୀଙ୍କ ଅଧ୍ୟକ୍ଷତାରେ ଜିଲାପାଳଙ୍କ ସମ୍ମିଳନୀରେ କକ୍ଷରେ ଅନୁଷ୍ଠିତ ହୋଇଯାଇଛି। ଜିଲା କ୍ରୀଡାଧିକାରୀ ଅଜୟ ବେହେରା କାର୍ଯ୍ୟକ୍ରମ ରୁପରେଖ ପ୍ରସ୍ତୁତ କରିବେ। ଏଥିରେ ଅଂଶଗ୍ରହଣ ଲାଗି ଇଚ୍ଛୁକ ଯୁବକମାନେ ଆସନ୍ତା ୬ତାରିଖ ସୁଦ୍ଧା ଜିଲା କ୍ରୀଡାଧିକାରୀଙ୍କ ନିକଟରେ ନାମ ପଞ୍ଜୀକରଣ କରିପାରିବେ। ୮ତାରିଖ ସକାଳ ୬ଟା ସୁଦ୍ଧା ନାମ ପଞ୍ଜୀକରଣ କରି ଭାଗ ନେଇପାରିବେ। ସକାଳ ୭ଟାରୁ ସ୍ଥାନୀୟ ଷ୍ଟାଡିୟମରୁ ମାରଥାନ ଆରମ୍ଭ ହୋଇ ୮ଟା ୩୦ମିନିଟ୍ ସୁଦ୍ଧା ଶେଷ କରିବାକୁ ସ୍ଥିର କରାଯାଇଛି। ଏହି ମାରଥାନ ୪ଟି ପର୍ଯ୍ୟାୟରେ ଯଥା ଏହି ମାରାଥନରେ ୧୪ବର୍ଷରୁ ଊର୍ଦ୍ଧ୍ୱ ବାଳକ, ବାଳିକା, ବିଏସଏଫ ଏବଂ ୫୦ବର୍ଷରୁ ଊର୍ଦ୍ଧ୍ୱ ସମସ୍ତ ନାଗରିକ ଓ ଗଣମାଧମ ପ୍ରତିନିଧି ପ୍ରମୁଖଙ୍କୁ ନେଇ ଆୟୋଜନ କରାଯିବ। ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ଏସ୍‌ପି ସିଦ୍ଧାର୍ଥ କଟାରିଆ, ଜିଲା ପରିଷଦ ମୁଖ୍ୟ ଉନ୍ନୟନ ଓ କାର୍ଯ୍ୟନିର୍ବାହୀ ଅଧିକାରୀ ଦିଗନ୍ତ ରାଉତରାୟ, ଅତିରିକ୍ତ ଜିଲାପାଳ(ରାଜସ୍ୱ) ସାଫଲ୍ୟ ମଣ୍ଡିତ ପ୍ରଧାନ, ଉପଜିଲାପାଳ ଦିପ୍ତିରଞ୍ଜନ ସେଠୀ, ତହସିଲଦାର ଇପ୍‌ସିତ ସାହୁ, ଜିଲା ସଂସ୍କୃତି ଅଧିକାରୀ ଚୌଧୁରୀ ଅରବିନ୍ଦ ଦାସ, ଜିଲା କ୍ରୀଡା ସଂସଦ ସମ୍ପାଦକ ଉପନ୍ଦ୍ରେ ନାଥ ଦାସଙ୍କ ସମେତ ବିଭାଗୀୟ ଅଧିକାରୀମାନେ ଉପସ୍ଥିତ ଥିଲେ।

# ମାନବୀୟ ଜୀବନମୂଲ୍ୟର ଆଧାର ଭାଗବତ

ଖୋର୍ଦ୍ଧା ଅଫିସ,୨।୧

ତ୍ରିନାଥ ଚରଣ କଳା ସାହିତ୍ୟ ସଂସଦ ପକ୍ଷରୁ ଶ୍ରୀମଦ୍ ଭାଗବତ ଉପରେ ଏକ ଆଲୋଚନାଚକ୍ର ଶ୍ରୀରାମନଗରସ୍ଥିତ କାର୍ଯ୍ୟାଳୟ ପରିସରରେ ସୋମବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ସାହିତ୍ୟିକ ସତ୍ୟବାଦୀ ବଳିଆରସିଂହ ସଭାପତିତ୍ୱ କରିଥିଲେ। ଡ.ଶରତ ଚନ୍ଦ୍ର ମହାପାତ୍ର ମୁଖ୍ୟ ଅତିଥି, ପ୍ରାଧ୍ୟାପକ ଗୋପାଳକୃଷ୍ଣ ଦାସ ମୁଖ୍ୟ ବକ୍ତା, ଶିବ ସୁନ୍ଦର ପଟ୍ଟନାୟକ, ଦୟାନିଧି ସାହୁ ପ୍ରମୁଖ ଅତିଥିଭାବେ ଯୋଗଦେଇ ଭାଗବତର ମହନୀୟତା ଉପରେ ଆଲୋକପାତ କରିଥିଲେ। ଜଗନ୍ନାଥ ଦାସଙ୍କ ଭାଗବତ ମାନବିକତାର ଶିକ୍ଷା ଓ ଦେବତ୍ୱର ସନ୍ଧାନ ଦିଏ। ଅତୀତରେ ଭାଗବତ ଟୁଙ୍ଗି ଥିଲା ଓଡ଼ିଶା ପରିଚୟ। ପ୍ରତି ଗାଁ ଗାଁରେ ସଞ୍ଜ ନଇଁଲେ ଭାଗବତ ପାଠ ଓ ଚର୍ଚ୍ଚା, ଆଲୋଚନା, ପ୍ରବଚନ କାର୍ଯ୍ୟକ୍ରମ ଆୟୋଜିତ ହେଉଥିଲା। ଏବେ ଲୋପ ପାଇବାକୁ ବସିଛି। ଭାଗବତ ଟୁଙ୍ଗି ହେଉଛି ଓଡ଼ିଆ ଜାତିର ଅସ୍ମିତା। ଏହାର ଦୈନିକ ପାଠ ସାତିକ ଭାବ ଜାଗ୍ରତ କରିଥାଏ। ମାନବୀୟ ଜୀବନମୂଲ୍ୟର ଆଧାର ହେଉଛି ଭାଗବତ। ଭାଗବତ ଟୁଙ୍ଗିର ପୁନଃଜିବିତ ତଥା ରାଜ୍ୟ ସରକାର ଏହାକୁ ପାଠ୍ୟ ପୁସ୍ତକରେ ସ୍ଥାନ ଦେଲେ ପିଲାଙ୍କ ମଧ୍ୟରେ ଜୀବନରେ ଗଭୀର ରେଖାପାତ କରିପାରିବ ବୋଲି ମତପ୍ରକାଶ ପାଇଥିଲା। ଶିକ୍ଷାବିତ୍ ଡ.ବୃନ୍ଦାବନ ପଣ୍ଡା, ବ୍ରଜ କିଶୋର ସାହୁ, ଅର୍ଜ୍ଜୁନ ମହାପାତ୍ର, ଶୋଭନ କୁମାର ସାହୁ ବକ୍ତବ୍ୟ ରଖିଥିଲେ। କବି ଗୋବିନ୍ଦ ଚନ୍ଦ୍ର ମହାରଣା ଓ କୈଳାସ ଚନ୍ଦ୍ର ପୃଷ୍ଟିଙ୍କ ସଂଯୋଜନାରେ ପ୍ରଫୁଲ୍ଲ କୁମାର ସାମନ୍ତରାୟ, ଗୟାପ୍ରସାଦ ମିଶ୍ର, ନାରାୟଣ ଦାସ, ଜ୍ୟୋତିପ୍ରଭା ପଟ୍ଟନାୟକ, ପଣ୍ଡିତ ବାସୁଦେବ ସାହୁ, ଅନସୂୟା ସାମନ୍ତରାୟ, ନୀଳାଦ୍ରିନାଥ ଜଗଦ୍ଦେବ, ଦିଲ୍ଲୀପ କୁମାର କର, ସ୍ମୃତିରଞ୍ଜନ ସାହୁ, ସରୋଜିନୀ ଦାଶ ଓ ସୁଭାସିନୀ ଦାଶ ଭାଗବତକୁ ନେଇ କବିତା ପାଠ କରିଥିଲେ। ସମ୍ପାଦିକା ଇତିଶ୍ରୀ ସାହୁ ସ୍ୱାଗତ ଭାଷଣ ଓ ଉପଦେଷ୍ଟା ଗୋବିନ୍ଦ ଚନ୍ଦ୍ର ମହାରଣା ଅତିଥିଙ୍କ ପରିଚୟ ପ୍ରଦାନ କରିଥିଲେ। ଜ୍ୟାତିରଞ୍ଜନ ସାହୁ ଧନ୍ୟବାଦ ଦେଇଥିଲେ।

# ରାସ୍ତାରୁ ଉଠାଇ ନେଉଛନ୍ତି ଗୋରୁ



**ସିସିଟିଭିରେ ଦୃଶ୍ୟ କଏଦ**

ଜଟଣୀ,୨।୧(ଡି.ଏନ୍.ଏ.)

ଖୋର୍ଦ୍ଧା ଜିଲା ଜଟଣୀ ଥାନା ଅଞ୍ଚଳରେ ଗୋଚାଲାଣ ବଢ଼ିଚାଲିଛି। ସୋମବାର ଭୋରୁ ଏହି ଥାନା ଅଧୀନ ବଡ଼ନୂଆଗାଁସ୍ଥିତ ମୁଖ୍ୟ ରାସ୍ତା ଉପରେ ଶୋଇଥିବା ଗୋରୁଙ୍କୁ କେତେଜଣ ଯୁବକ ଗାଡ଼ିରେ ଆସି ଜବରଦସ୍ତ ନେଇଯାଉଥିବା ଦେଖିବାକୁ ମିଳିଛି। ଯାହାକି ଉକ୍ତ ଅଞ୍ଚଳରେ ଲାଗିଥିବା ସିସିଟିଭିରେ କଏଦ ହୋଇଛି। ସୂଚନା ମୁତାବକ, ଏକ ପିକ୍‌ଅପ୍ ଭ୍ୟାନରେ କେତେଜଣ ଯୁବକ ଆସି ହଠାତ୍ ବଡ଼ନୂଆଗାଁସ୍ଥିତ ଏକ ଶପିଂ ମଲ୍ ଆଗରେ ଓହ୍ଲାଇଥିଲେ। ସେଠାରେ ଶୋଇଥିବା ଗୋରୁ, ବାଛୁରି, ଷଣ୍ଢଙ୍କୁ ଜବରଦସ୍ତ ଉଠାଇ ନେବାକୁ ଚେଷ୍ଟା କରିଥିଲେ। ଗୋରୁଙ୍କ ଚିତ୍କାର ଶୁଣି ସ୍ଥାନୀୟ ଲୋକେ ବାହାରକୁ ଆସିଥିଲେ। ଯୁବକମାନେ ଜବରଦସ୍ତ ଗୋରୁଙ୍କୁ ନେଉଥିବା ଦେଖି ସ୍ଥାନୀୟ ଲୋକେ ଗୋଡ଼ାଇଥିଲେ ମଧ୍ୟ ଗାଡ଼ିରେ ଯୁବକମାନେ ପଳାଇଥିଲେ। ଯାହାକି ସିସିଟିଭିରେ କଏଦ ହୋଇଛି। ପୋଲିସର ଢ଼ିଲା ପାଟ୍ରୋଲିଂ ଯୋଗୁ ଏଭଳି ଘଟଣା ଘଟୁଥିବା ସାଧାରଣରେ ମତପ୍ରକାଶ ପାଇଛି। ତୁରନ୍ତ ପୋଲିସ ପ୍ରଶାସନ ଏଥିପ୍ରତି ଦୃଷ୍ଟି ଦେବାକୁ ବୁଦ୍ଧିଜୀବୀଙ୍କ ମହଲରେ ଦାବି ହୋଇଛି। ଅନ୍ୟପକ୍ଷରେ ଏନେଇ ଥାନା ଅଧିକାରୀ ସୋମ୍ୟକାନ୍ତ ବାରିୟାରସିଂହ କୁହନ୍ତି, ଏ ସମ୍ପର୍କରେ କୌଣସି ଅଭିଯୋଗ ହୋଇନାହିଁ। ପୋଲିସ ସିସିଟିଭି ଆଧାରରେ ତଦନ୍ତ ଜାରି ରଖିଥିବା ସେ କହିଛନ୍ତି।

### ଗୋଷ୍ଠୀ ଶିକ୍ଷା ଅଧିକାରୀଙ୍କୁ ସମ୍ବର୍ଦ୍ଧନା

ବୋଲଗଡ଼,୨।୧(ଡି.ଏନ୍.ଏ.)

ଖୋର୍ଦ୍ଧା ଜିଲା ଓଷ୍ଟା ସଂଘ ଆନୁକୂଲ୍ୟରେ ଓ ବୋଲଗଡ଼ ଓଷ୍ଟା ଶାଖାର ସମ୍ପାଦକ ସୁରେଶ ଚନ୍ଦ୍ର ପଲେଇଙ୍କ ଆବାହକତ୍ୱରେ ସଭାପତି ପ୍ରଭାକର ସାହୁ, ପ୍ରଧାନ ଶିକ୍ଷକ ଶଙ୍କର ମହାପାତ୍ର ପ୍ରମୁଖ ସୋମବାର ବୋଲଗଡ଼ ଗୋଷ୍ଠୀ ଶିକ୍ଷାଧିକାରୀ ଡ.ନିରଞ୍ଜନ ମହାନ୍ତି, ମଣ୍ଡଳ ସଂଯୋଜକ ପଦ୍ମ ଚରଣ ବେହେରା ଏବଂ ଗୋଷ୍ଠୀ ସହଶିକ୍ଷାଧିକାରୀ ସିଦ୍ଧେଶ୍ୱର ସାହୁଙ୍କୁ ସାକ୍ଷାତ କରି ନବବର୍ଷ ଉପଲକ୍ଷେ ସମ୍ବର୍ଦ୍ଧନା ପ୍ରଦାନ କରିଥିଲେ। ଏହି କାର୍ଯ୍ୟକ୍ରମରେ ଖୋର୍ଦ୍ଧା ଜିଲା ଓଷ୍ଟା ସଂଘର କାର୍ଯ୍ୟକାରୀ ସଦସ୍ୟ ପ୍ରମୋଦ କୁମାର ସ୍ୱାଇଁ ଉପସ୍ଥିତ ଥିଲେ। ଛାତ୍ରୀଛାତ୍ରଙ୍କୁ ଗୁଣାତ୍ମକ ଶିକ୍ଷା ଦେବା ପାଇଁ ଖାଲି ପଡ଼ିଥିବା ଶିକ୍ଷକ ପଦବୀଗୁଡ଼ିକ ପୂରଣ କରିବାକୁ ଓଷ୍ଟା ସଂଘର କର୍ମକର୍ତ୍ତା ଡ. ମହାନ୍ତିଙ୍କୁ ଅନୁରୋଧ କରିଥିଲେ। ରାଜ୍ୟ ସରକାରଙ୍କ ଜାତୀୟ ଶିକ୍ଷା ନୀତି ଅନୁସାରେ ଖୁବ୍‌ଶୀଘ୍ର ଖାଲି ପଡ଼ିଥିବା ଶିକ୍ଷକ ପଦବୀଗୁଡ଼ିକ ପୂରଣ କରାଯାଇ ଶିକ୍ଷାର ମାନଦଣ୍ଡକୁ ସୁଦୃଢ଼ କରାଯିବ ବୋଲି ଗୋଷ୍ଠୀ ଶିକ୍ଷାଧିକାରୀ ମହାନ୍ତି ପ୍ରତିଶ୍ରୁତି ଦେଇଥିଲେ। ଖୋର୍ଦ୍ଧା ଜିଲା ଓଷ୍ଟାର କାର୍ଯ୍ୟକାରୀ ସଦସ୍ୟ ପ୍ରମୋଦ କୁମାର ସ୍ୱାଇଁ ଧନ୍ୟବାଦ ଦେଇଥିଲେ।

# ଜାତୀୟ ସେବା ଶିବିର ଉଦ୍‌ଯାପିତ

ବାଲିପାଟଣା,୨।୧(ଡି.ଏନ୍.ଏ.)

ବାଲିପାଟଣା ବ୍ଲକ ବନମାଳୀପୁର ଡିଗ୍ରୀ କଲେଜର ଏକ ସାତଦିନିଆ ଜାତୀୟ ସେବା ଶିବିର ସାରଦା ଉଚ୍ଚ ବିଦ୍ୟାଳୟ ନିକଟରେ ଅନୁଷ୍ଠିତ ହୋଇଯାଇଛି। ଜାତୀୟ ସେବା ଅଧିକାରୀ ମୋହମାୟା ମହାପାତ୍ର ଓ କଲେଜର ୫୦ଜଣ ଛାତ୍ରୀଛାତ୍ରଙ୍କୁ ନେଇ ଅନୁଷ୍ଠିତ ଶିବିର ସୋମବାର ଉଦ୍‌ଯାପିତ ହୋଇଯାଇଛି। ଛାତ୍ରୀଛାତ୍ରଙ୍କ ଦ୍ୱାରା ସ୍ୱଚ୍ଛ ଭାରତ କାର୍ଯ୍ୟକ୍ରମ, ସଚେତନତା ସୃଷ୍ଟି କରିବା ପାଇଁ ବିଭିନ୍ନ ସଚେତନତାଧର୍ମୀ ନାଟକ ପରିବେଷଣ, ସ୍କୁଲ ପରିସରରେ ଚାରାରୋପଣ ଆଦି କାର୍ଯ୍ୟକ୍ରମ କରଯାଇଥିଲା। ଉଦ୍‌ଯାପନୀ ଉତ୍ସବରେ ଭାଗୀରଥି ପାତ୍ର ଯୋଗଦେଇ କହିଥିଲେ, ସେବା ମନୋବୃତ୍ତି ନେଇ କାମ କଲେ ଜୀବନରେ ଜଣେ ସଫଳ ସମାଜସେବୀ ହୋଇପାରିବ। ଡିଗ୍ରୀ କଲେଜ ଅଧ୍ୟକ୍ଷ ଡ. ମୁରଲୀଧର ସାହୁ ଯୋଗଦେଇ ମତବ୍ୟକ୍ତ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଅଧ୍ୟାପକ ଉମେଶ ଚନ୍ଦ୍ର ନାୟକ, ସୁଶାନ୍ତ ମହାପାତ୍ର, ମନୋଜ କୁମାର ସାହୁ ପ୍ରମୁଖ ଯୋଗଦେଇଥିଲେ।

# ଜନଶୁଣାଣି ଶିବିରରେ ୫୪ ଅଭିଯୋଗ




ଜନଶୁଣାଣି ଶିବିରରେ ଜିଲାପାଳ କେ. ସୁଦର୍ଶନ ଚକ୍ରବର୍ତ୍ତୀ ଏବଂ ଅନ୍ୟ ଅଧିକାରୀ।

ଖୋର୍ଦ୍ଧା ଅଫିସ,୨।୧

ଖୋର୍ଦ୍ଧା ଜିଲା ପ୍ରଶାସନର ମିଳିତ ଜନଶୁଣାଣି ଶିବିର ଖୋର୍ଦ୍ଧା ବ୍ଲକ କାର୍ଯ୍ୟାଳୟ ପରିସରରେ ସୋମବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଜିଲାପାଳ କେ. ସୁଦର୍ଶନ ଚକ୍ରବର୍ତ୍ତୀ ଅଧ୍ୟକ୍ଷତା କରିଥିଲେ। ଜିଲା ଆରକ୍ଷୀ ଅଧୀକ୍ଷକ ସିଦ୍ଧାର୍ଥ କଟାରିଆ, ଜିଲା ପରିଷଦ ମୁଖ୍ୟ ଉନ୍ନୟନ ଓ କାର୍ଯ୍ୟନିର୍ବାହୀ ଅଧିକାରୀ ଦିଗନ୍ତ ରାଉତରାୟ, ଅତିରିକ୍ତ ଜିଲାପାଳ(ରାଜସ୍ୱ) ସାଫଲ୍ୟ ମଣ୍ଡିତ ପ୍ରଧାନ, ଉପଜିଲାପାଳ ଦିପ୍ତିରଞ୍ଜନ ସେଠୀ, ତହସିଲଦାର ଇପସିତ ସାହୁ, ବିଡିଓ କ୍ଷିରାବ୍ଧିତନୟା ସାହୁଙ୍କ ସମେତ ବିଭାଗୀୟ ଅଧିକାରୀମାନେ ଉପସ୍ଥିତ ରହି ଅଭିଯୋଗ ଶୁଣାଣି କରିଥିଲେ। ୫୪ଟି ଅଭିଯୋଗ ଦାଖଲ ହୋଇଥିଲା। ୩ଟି ସାମୁହିକ ସମସ୍ୟା ରହିଥିବା ବେଳେ ୫୧ଟି ବ୍ୟକ୍ତିଗତ ରହିଥିଲା। ୬ଟି ଅଭିଯୋଗର ତତ୍କାଳ ସମାଧାନ କରିଥିଲେ। ଜଣଙ୍କୁ ରେଡକ୍ରସ ପାଣ୍ଠିରୁ ଜଣଙ୍କୁ ସହାୟତା ଯୋଗାଇ ଦିଆଯାଇଛି।

# ଜଟିଆଣୀଙ୍କ ପୀଠରେ ମେଣ୍ଢା ଲଢ଼େଇ

ଜଟଣୀ,୨।୧(ଡି.ଏନ୍.ଏ.)

ଜଟଣୀ ପାତ୍ରପଡ଼ାସ୍ଥିତ ମା' ଜଟିଆଣୀଙ୍କ ଶାମ୍ବଦଶମୀ ଉତ୍ସବ ଉଦ୍‌ଯାପିତ ହୋଇଯାଇଛି। ଏହି ପରିପ୍ରେକ୍ଷୀରେ ସୋମବାର ଉଦ୍‌ଯାପନୀ ଦିବସରେ ପ୍ରତିବର୍ଷ ଭଳି ମା'ଙ୍କ ପୀଠରେ ମେଣ୍ଢା ଲଢ଼େଇ ପ୍ରତିଯୋଗିତା ହୋଇଥିଲା। ଏଥିରେ ପୁରୀ, ଖୋର୍ଦ୍ଧା ଏବଂ ନୟାଗଡ଼ ଜିଲାର ବିଭିନ୍ନ ସ୍ଥାନରୁ ୮୦ଟି ମେଣ୍ଢା ଅଂଶଗ୍ରହଣ କରିଥିଲେ। ଉକ୍ତ ପ୍ରତିଯୋଗିତାରେ ପ୍ରଥମ ପୁରସ୍କାର ବିଜେତା ମିଟୁ ପ୍ରଧାନ ଖଣ୍ଡିଆବନ୍ଧ ପୁରୀର ହୋଇଥିଲେ। ସେହିପରି ଦ୍ୱିତୀୟ ବିଜେତା ରଞ୍ଜନ ବିଶ୍ୱାଳ ନିରଞ୍ଜନପୁର ଜଟଣୀ, ତୃତୀୟ ବିଜେତା ବାବା କପିଳନାଥ ଝିଙ୍କିଶାସନ। ପ୍ରଥମ ପୁରସ୍କାର ଭାବେ ୧୧ ହଜାର, ଦ୍ୱିତୀୟ ପୁରସ୍କାର ୮ହଜାର ଓ ତୃତୀୟ ପୁରସ୍କାର ୬ହଜାର ଟଙ୍କା ପ୍ରଦାନ କରାଯାଇଛି। ପୁରସ୍କାର ବିତରଣ ଉତ୍ସବରେ ଅତିଥିଭାବେ ପିପିଲି ବିଧାୟକ ରୁଦ୍ର ପ୍ରତାପ ମହାରଥୀ, ଡେଲାଙ୍ଗ ବ୍ଲକ ଅଧ୍ୟକ୍ଷା ବାସନ୍ତୀ ସାହୁ, ଉପାଧ୍ୟକ୍ଷ ଦୁର୍ବାସା ନିଶଙ୍କ, ସାମାଜିକ କର୍ମୀ ରାଧାମୋହନ, ଜଟଣୀ ପଞ୍ଚାୟତ ସମିତି ଉପାଧ୍ୟକ୍ଷଙ୍କ ପ୍ରତିନିଧି ଅକ୍ଷୟ ଦାଶ, ଭାଜପା ନେତା ବିଶ୍ୱରଞ୍ଜନ ବଡଜେନା ପ୍ରମୁଖ ଯୋଗଦେଇଥିଲେ। ଅଶୋକ ମଙ୍ଗରାଜ, ପଦ୍ମଚରଣ ପ୍ରଧାନ, ଅଭିମନ୍ୟୁ ପ୍ରଧାନ, ଜୟନ୍ତ ପଲେଇ, ଲଲାଟେନ୍ଦୁ ବେବର୍ତ୍ତା, ରମେଶ ପ୍ରଧାନ, ମନୋଜ ସାହୁ, ପ୍ରମୋଦ ଦାଶ, ବିଭୁଦତ୍ତ ସ୍ୱାଇଁଙ୍କ ସମତେ ମା'ଜଟିଆଣୀ ଯୁବକ ସଂଘର ସମସ୍ତ କାର୍ଯ୍ୟକର୍ତ୍ତା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଉକ୍ତ ମେଣ୍ଢା ଲଢେଇ ପ୍ରତିଯୋଗିତା ଦେଖିବା ପାଇଁ ଅଖାପାଖ ଅଞ୍ଚଳର ଲୋକଙ୍କ ଭିଡ଼ ଜମିଥିଲା।



ଜଟଣୀ ପାତ୍ରପଡ଼ାସ୍ଥିତ ମା' ଜଟିଆଣୀଙ୍କ ପୀଠରେ ଅନୁଷ୍ଠିତ ମେଣ୍ଢା ଲଢ଼େଇ ପ୍ରତିଯୋଗିତା।

# କଣ୍ଟାବାଡ଼ କପ୍ କ୍ରିକେଟ: ସୁନ୍ଦରଗ୍ରାମ ଚାମ୍ପିୟନ

ବେଗୁନିଆ,୨।୧(ଡି.ଏନ୍.ଏ.)

ବେଗୁନିଆ ବ୍ଲକ ଅନ୍ତର୍ଗତ କଣ୍ଟାବାଡ ନୀଳକଣ୍ଠ ଉଚ୍ଚ ବିଦ୍ୟାଳୟ ଖେଳପଡିଆରେ ଚାଲିଥିବା ୩ୟ ବାର୍ଷିକ ରାଜ୍ୟସ୍ତରୀୟ କ୍ରିକେଟ ଟୁର୍ଣ୍ଣାମେଣ୍ଟ ଉଦ୍‌ଯାପିତ ହୋଇଯାଇଛି। ସୋମବାର ଅନୁଷ୍ଠିତ ଫାଇନାଲ ମ୍ୟାଚରେ ମଞ୍ଚେଶ୍ୱର କ୍ରିକେଟ କ୍ଲବକୁ ହରାଇ ସୁନ୍ଦରଗ୍ରାମ ଟିମ୍ ଚାମ୍ପିୟନ ହୋଇଛି। ଟସ୍ ଜିତି ସୁନ୍ଦରଗ୍ରାମ ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୨୦ ଓଭରରେ ୮ ଉଇକେଟ ବିନିମୟରେ ୧୭୭ ରନ ସଂଗ୍ରହ କରିଥିଲା। ଜବାବରେ ମଞ୍ଚେଶ୍ୱର କ୍ଲବ ୧୯.୩ ଓଭରରେ ସମସ୍ତ ଉଇକେଟ ବିନିମୟରେ ୧୬୦ରନ ସଂଗ୍ରହ କରି ପରାଜିତ ହୋଇଥିଲା। ପୁରସ୍କାର ବିତରଣ ଉତ୍ସବରେ ଚାଣକ୍ୟ ହାୟର ସେକେଣ୍ଡାରୀ ହାଇସ୍କୁଲ ଚେୟାରମ୍ୟାନ ଜ୍ୟୋତି ଶଙ୍କର ମହାନ୍ତି, ଡାଇରେକ୍ଟର ଡ.ଏଲୋରା ରାୟ, ବ୍ଲକ ଏକ୍‌ଜିକ୍ୟୁଟିଭ ଇଞ୍ଜିନିୟର ଅମୂଲ୍ୟ ବାହିନୀପତି, ଶିକ୍ଷାବିତ୍ ରାଜ କିଶୋର ପାଣିଗ୍ରାହୀ, ଶିବ ନାରାୟଣ ମିଶ୍ର, ସୁରେନ୍ଦ୍ର ପଣ୍ଡା, ଇଣ୍ଡିଆନ ବ୍ୟାଙ୍କ ଡେପୁଟି ଜୋନାଲ ମ୍ୟାନେଜର ଶଶିଭୂଷଣ ମିଶ୍ର, କଣ୍ଟାବାଡ଼ ଇଣ୍ଡିଆନ ବ୍ୟାଙ୍କ ଶାଖା ପରିଚାଳକ ସନ୍ତୋଷ ସେନାପତି, ଆୟୋଜକ ଟୁର୍ଣ୍ଣାମେଣ୍ଟର ସଭାପତି ମାନସ ରଞ୍ଜନ ଦାଶ, ସମ୍ପାଦକ ସୌମ୍ୟ ରଞ୍ଜନ ଦାଶ ଅତିଥିଭାବେ ଯୋଗ ଦେଇଥିଲେ। ଚାମ୍ପିୟନ ଟିମକୁ ୨୫ ହଜାର ଟଙ୍କା ସହିତ ପଦ୍ମ ଚରଣ ପାଣିଗ୍ରାହୀ ମେମୋରିଆଲ ଟ୍ରଫି ଓ ରନର୍ସ ଅପ୍ ଟିମକୁ ୨୦ ହଜାର ଟଙ୍କା ସହିତ ବିଶ୍ୱନାଥ ବାହିନୀପତି ମେମୋରିଆଲ ଟ୍ରଫି ପ୍ରଦାନ କରାଯାଇଥିଲା। ସେହିପରି କାଇପଦର ଦଳକୁ ବୈକୁଣ୍ଠ ନାଥ ମେମୋରିଆଲ ଫେୟାର ପ୍ଲେ ଟ୍ରଫି ଏବଂ ଉତ୍ତମ ମହାନ୍ତିଙ୍କୁ ଶ୍ରେଷ୍ଠ ବ୍ୟାଟ୍ସମ୍ୟାନ୍ ଭାବେ ପୁରସ୍କୃତ କରାଯାଇଥିଲା। ସୁନ୍ଦରଗ୍ରାମ ଟିମର ଜଗନ୍ନାଥ ଗୋଟାଙ୍କୁ ଶ୍ରେଷ୍ଠ ଫିଲ୍ଡର ଓ ସୁରେଶ କୁମାରଙ୍କୁ ମ୍ୟାନ ଅଫ ଦି ଫାଇନାଲ ଭାବେ ପୁରସ୍କୃତ କରାଯାଇଛି। ମଞ୍ଚେଶ୍ୱର ଟିମର ରବୀନ୍ଦ୍ର ନାୟକଙ୍କୁ ଶ୍ରେଷ୍ଠ ବୋଲର ଓ ସତ୍ୟରଞ୍ଜନ ସେନାପତିଙ୍କୁ ମ୍ୟାନ ଅଫ ଦି ଟୁର୍ଣ୍ଣାମେଣ୍ଟ ଭାବେ ପୁରସ୍କୃତ କରାଯାଇଛି। ଟୁର୍ଣ୍ଣାମେଣ୍ଟରେ ଅମ୍ପେୟାର ଭାବେ ଦାୟିତ୍ୱ ନିର୍ବାହ କରିଥିବା ବିନୟ ପାଇକରାୟ, ରମାକାନ୍ତ ପାତ୍ର ଓ ଶରତ ଚନ୍ଦ୍ର ତ୍ରିପାଠୀଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଦିଲୀପ ପାଣିଗ୍ରାହୀ ପୁରସ୍କାର ବିତରଣ ଉତ୍ସବରେ ସଂଯୋଜନା କରିଥିଲେ। ବଂଶୀଧର ପାଣିଗ୍ରାହୀ, ପ୍ରଭାତ ପଣ୍ଡା, ସୁନିଲ୍ ପାଣିଗ୍ରାହୀ, ସନ୍ତୋଷ ପ୍ରଧାନ, ସୂର୍ଯ୍ୟ ନାରାୟଣ ଓଝା, ନରସିଂହ ପ୍ରଧାନ ପ୍ରମୁଖ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ।




ଅତିଥିଙ୍କ ଠାରୁ ଚାମ୍ପିୟନ୍ ଟିମ୍‌ର ଖେଳାଳୀମାନେ ଟ୍ରଫି ଗ୍ରହଣ କରୁଛନ୍ତି।

## ପୋଖରୀ ହୁଡ଼ାରେ ହାଟ ପିଣ୍ଡି ନିର୍ମାଣକୁ ବିରୋଧ

ପୁରୁଣା ଭୁବନେଶ୍ୱର,(ଡି.ଏନ୍.ଏ.): ରାଜ୍ୟ ସରକାର ଗ୍ରାମାଞ୍ଚଳର ବିକାଶ ପାଇଁ ବିଭିନ୍ନ ଯୋଜନା କରୁଛନ୍ତି। ତେବେ ଅନେକ ସମୟରେ ବିଭାଗୀୟ ଅଧିକାରୀଙ୍କ ଅବହେଳା ପାଇଁ ଯୋଜନା ଦୀର୍ଘସ୍ଥାୟୀ ହୋଇପାରୁନି। ଏହିକ୍ରମରେ ପିପିଲି ଥାନା ଅଧୀନ ଲକ୍ଷ୍ମୀନାରାୟଣପୁର ପଞ୍ଚାୟତ ପକ୍ଷରୁ ହାଟ ପିଣ୍ଡି ନିର୍ମାଣ କରାଯିବାକୁ ନିକଟ ଗ୍ରାମର ନୂଆପୋଖରୀ ହୁଡ଼ାକୁ ସ୍ଥିର କରାଯାଇଛି। ଏଥିସହ ଏକ ବରଗଛର ଶାଖାକୁ ମଧ କଟାଯାଇଛି। ସୋମବାର ହୁଡ଼ାରେ ପିଣ୍ଡି ନ କରିବା ପାଇଁ ଗ୍ରାମବାସୀ ବିରୋଧ କରିବାରୁ ଘଟଣାସ୍ଥଳରେ ଚାପା ଉତ୍ତେଜନା ଦେଖାଯାଇଥିଲା। ଏ ନେଇ ବିଡିଓ ରଶ୍ମିତା ନାଥ କୁହନ୍ତି, ଲୋକେ ଯେଉଁ ନକ୍ସା ଦେଖାଇଛନ୍ତି ତାହା ଜଳାଶୟ ନୁହାଁ ତଦନ୍ତ ପରେ ଯଦି ଜଳାଶୟ ଜଣାପଡ଼େ ସେଠାରେ ହାଟ ପିଣ୍ଡି କରିବାକୁ ଦିଆଯିବନାହିଁ।

## ସଂକ୍ଷେପରେ

### ରାସ୍ତାରୁ ଉଠାଇ ନେଉଛନ୍ତି ଗୋରୁ ସିସିଟିଭିରେ ଦୃଶ୍ୟ କଏଦ

ଜଟଣୀ,୨।୧(ଡି.ଏନ୍.ଏ.): ଖୋର୍ଦ୍ଧା ଜିଲା ଜଟଣୀ ଥାନା ଅଞ୍ଚଳରେ ଗୋଚାଲାଣ ବଢ଼ିଚାଲିଛି। ସୋମବାର ଭୋରୁ ଏହି ଥାନା ଅଧୀନ ବଡ଼ନୂଆଗାଁସ୍ଥିତ ମୁଖ୍ୟ ରାସ୍ତା ଉପରେ ଶୋଇଥିବା ଗୋରୁଙ୍କୁ କେତେଜଣ ଯୁବକ ଗାଡ଼ିରେ ଆସି ଜବରଦସ୍ତ ନେଇଯାଉଥିବା ଦେଖିବାକୁ ମିଳିଛି, ଯାହାକି ଉକ୍ତ ଅଞ୍ଚଳରେ ଲାଗିଥିବା ସିସିଟିଭିରେ କଏଦ ହୋଇଛି। ସୂଚନା ମୁତାବକ, ଏକ ପିକ୍ଅପ୍ ଭ୍ୟାନରେ କେତେଜଣ ଯୁବକ ଆସି ହଠାତ୍ ବଡ଼ନୂଆଗାଁସ୍ଥିତ ଏକ ଶପିଂ ମଲ୍ ଆଗରେ ଓହ୍ଲାଇଥିଲେ। ସେଠାରେ ଶୋଇଥିବା ଗୋରୁ, ବାଛୁରି, ଷଣ୍ଢଙ୍କୁ ଜବରଦସ୍ତ ଉଠାଇ ନେବାକୁ ଚେଷ୍ଟା କରିଥିଲେ। ଗୋରୁଙ୍କ ଚିତ୍କାର ଶୁଣି ସ୍ଥାନୀୟ ଲୋକେ ବାହାରକୁ ଆସିଥିଲେ। ଯୁବକମାନେ ଜବରଦସ୍ତ ଗୋରୁଙ୍କୁ ନେଉଥିବା ଦେଖି ସ୍ଥାନୀୟ ଲୋକେ ଗୋଡ଼ାଇବାରୁ ସେମାନେ ଗାଡ଼ିରେ ପଳାଇଥିଲେ। ଏହି ଦୃଶ୍ୟ ସିସିଟିଭିରେ କଏଦ ହୋଇଛି। ପୋଲିସର ଢିଲା ପାଟ୍ରୋଲିଂ ଯୋଗୁ ଏଭଳି ଘଟଣା ଘଟୁଥିବା ସାଧାରଣରେ ମତପ୍ରକାଶ ପାଇଛି। ତୁରନ୍ତ ପୋଲିସ ପ୍ରଶାସନ ଏଥିପ୍ରତି ଦୃଷ୍ଟି ଦେବାକୁ ବୁଦ୍ଧିଜୀବୀଙ୍କ ମହଲରେ ଦାବି ହୋଇଛି। ଏନେଇ ଥାନା ଅଧିକାରୀ ସୋମ୍ୟକାନ୍ତ ବାରିଆରସିଂହ କୁହନ୍ତି, ଏ ସମ୍ପର୍କରେ କୌଣସି ଅଭିଯୋଗ ହୋଇନାହିଁ। ପୋଲିସ ସିସିଟିଭି ଆଧାରରେ ତଦନ୍ତ ଜାରି ରଖିଛି।

### ଜଟିଆଣୀଙ୍କ ପୀଠରେ ମେଣ୍ଢା ଲଢ଼େଇ

ଜଟଣୀ,୨।୧(ଡି.ଏନ୍.ଏ.): ଜଟଣୀ ପାତ୍ରପଡ଼ାସ୍ଥିତ ମା' ଜଟିଆଣୀଙ୍କ ଶାମ୍ବଦଶମୀ ଉତ୍ସବ ଉଦ୍ଯାପିତ ହୋଇଯାଇଛି। ଏହି ପରିପ୍ରେକ୍ଷୀରେ ସୋମବାର ଉଦ୍ଯାପନୀ ଦିବସରେ ପ୍ରତିବର୍ଷ ଭଳି ମା'ଙ୍କ ପୀଠରେ ମେଣ୍ଢା ଲଢ଼େଇ ପ୍ରତିଯୋଗିତା ହୋଇଥିଲା। ଏଥିରେ ପୁରୀ, ଖୋର୍ଦ୍ଧା ଏବଂ ନୟାଗଡ଼ ଜିଲାର ବିଭିନ୍ନ ସ୍ଥାନରୁ ୮୦ଟି ମେଣ୍ଢା ଅଂଶଗ୍ରହଣ କରିଥିଲେ। ଉକ୍ତ ପ୍ରତିଯୋଗିତାରେ ପ୍ରଥମ ପୁରସ୍କାର ବିଜେତା ମିଟୁ ପ୍ରଧାନ ଖଣ୍ଡିଆବନ୍ଧ ପୁରୀର ହୋଇଥିଲେ। ସେହିପରି ଦ୍ୱିତୀୟ ବିଜେତା ରଞ୍ଜନ ବିଶ୍ୱାଳ ନିରଞ୍ଜନପୁର ଜଟଣୀ, ତୃତୀୟ ବିଜେତା ବାବା କପିଳନାଥ ଝିଇଣ୍ଟିଶାସନ। ପ୍ରଥମ ପୁରସ୍କାର ଭାବେ ୧୧ ହଜାର, ଦ୍ୱିତୀୟ ପୁରସ୍କାର ୮ହଜାର ଓ ତୃତୀୟ ପୁରସ୍କାର ୬ହଜାର ଟଙ୍କା ପ୍ରଦାନ କରାଯାଇଛି। ପୁରସ୍କାର ବିତରଣ ଉତ୍ସବରେ ଅତିଥିଭାବେ ପିପିଲି ବିଧାୟକ ରୁଦ୍ର ପ୍ରତାପ ମହାରଥୀ, ଡେଲାଙ୍ଗ ବ୍ଲକ ଅଧକ୍ଷା ବାସନ୍ତୀ ସାହୁ, ଉପାଧ୍ୟକ୍ଷ ଦୁର୍ବାସା ନିଶଙ୍କ, ସାମାଜିକ କର୍ମୀ ରାଧାମୋହନ, ଜଟଣୀ ପଞ୍ଚାୟତ ସମିତି ଉପାଧକ୍ଷଙ୍କ ପ୍ରତିନିଧି ଅକ୍ଷୟ ଦାଶ, ଭାଜପା ନେତା ବିଶ୍ୱରଞ୍ଜନ ବଡଜେନା ପ୍ରମୁଖ ଯୋଗଦେଇଥିଲେ। ଅଶୋକ ମଙ୍ଗରାଜ, ପଦ୍ମଚରଣ ପ୍ରଧାନ, ଅଭିମନ୍ୟୁ ପ୍ରଧାନ, ଜୟନ୍ତ ପଲେଇ, ଲଲାଟେନ୍ଦୁ ବେବର୍ତ୍ତା, ରମେଶ ପ୍ରଧାନ, ମନୋଜ ସାହୁ, ପ୍ରମୋଦ ଦାଶ, ବିଭୁଦତ୍ତ ସ୍ୱାଇଁଙ୍କ ସମତେ ମା'ଜଟିଆଣୀ ଯୁବକ ସଂଘର ସମସ୍ତ କାର୍ଯ୍ୟକର୍ତ୍ତା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଉକ୍ତ ମେଣ୍ଢା ଲଢେଇ ପ୍ରତିଯୋଗିତା ଦେଖିବା ପାଇଁ ଅଖାପାଖ ଅଞ୍ଚଳର ଲୋକଙ୍କ ଭିଡ଼ ଜମିଥିଲା।

### ମହିଳାଙ୍କ କ୍ଷତବିକ୍ଷତ ମୃତଦେହ ଜବତ

ଭୁବନେଶ୍ୱର,୨।୧(ବ୍ୟୁରୋ): ନୟାପଲ୍ଲୀ ଥାନା ଅନ୍ତର୍ଗତ ଆଇଜି ମାର୍କେଟ ନିକଟସ୍ଥ ଏକ ନିର୍ମାଣାଧୀନ ଆପାର୍ଟମେଣ୍ଟରୁ ଜଣେ ମହିଳାଙ୍କ ସନ୍ଦେହଜନକ ମୃତ୍ୟୁ ଘଟିଛି। ମୃତା ଜଣଙ୍କ ହେଲେ ମୟୂରଭଞ୍ଜ ଜିଲା ଉଦଳା ଅଞ୍ଚଳର ସୁନୀ ମୁଳି ସିଂ। ଖବରପାଇ ପୋଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ କ୍ୟାପିଟାଲ ହସ୍ପିଟାଲ ପଠାଇଛି। ତେବେ ମହିଳାଙ୍କ ଶରୀରରେ କ୍ଷତ ଚିହ୍ନ ଥିବାବେଳେ ତାଙ୍କ ସ୍ୱାମୀ ନିଶାସକ୍ତ ଅବସ୍ଥାରେ ପିଟି ମାରିଦେଇଥିବା ସନ୍ଦେହ ହେଉଥିବା ସ୍ଥାନୀୟ ଲୋକେ କହିଛନ୍ତି। ତେଣୁ ପୋଲିସ ମୃତାଙ୍କ ସ୍ୱାମୀଙ୍କୁ ଅଟକ ରଖି ଘଟଣାର ଅଧିକ ତଦନ୍ତ ଚଳାଇଛି। ସୂଚନାନୁସାରେ ସୁନୀ ଓ ତାଙ୍କ ସ୍ୱାମୀ ମହେଶ୍ୱର ରାଜଧାନୀରେ ରହି ଶ୍ରମିକ କାମ କରନ୍ତି। ଉକ୍ତ ନିର୍ମାଣାଧୀନ ଆପାର୍ଟମେଣ୍ଟରେ ରହୁଥିଲେ। ହେଲେ ସୋମବାର ରାତି ୯ଟାରେ ସୁନୀଙ୍କ ମୃତଦେହ ପାଖରେ ମହେଶ୍ୱର ବସି କାନ୍ଦୁଥିବାର କେତେଜଣ ଲୋକ ଦେଖିଥିଲେ। ଏହାପରେ ପାଖକୁ ଯାଇ ଘଟଣା ଜାଣିବା ପରେ ପୋଲିସକୁ ଖବର ଦେଇଥିଲେ। ଏନେଇ ଥାନାରେ କୌଣସି ଅଭିଯୋଗ ହୋଇ ନାହିଁ। ଏ ନେଇ ଥାନା ଅଧିକାରୀ ବିଶ୍ୱରଞ୍ଜନ ସାହୁ କହିଛନ୍ତି, ମୃତ୍ୟୁର ପ୍ରକୃତ କାରଣ ଜଣାପଡିନାହିଁ।

# ଅଲିଭ୍ ରିଡ୍ଲେଙ୍କ ସୁରକ୍ଷା ପ୍ରତି ନିଘା ନାହିଁ

**ପୁରୀ ଅଫିସ, ୨।୧:**



ବେଳାଭୂମିରେ ପଡ଼ିରହିଥିବା ମୃତ ଅଲିଭ୍ ରିଡ୍ଲେ କଇଁଛକୁ କୁଆମାନେ ଖୁମ୍ପି ଖାଉଛନ୍ତି।

**ବେଳାଭୂମିରେ ପଡ଼ିଛି ମୃତ କଇଁଛ**

- ସୃଷ୍ଟି ହେଉଛି ଦୁର୍ଗନ୍ଧମୟ ପରିବେଶ
- ପ୍ରାଣୀପ୍ରେମୀ,ପରିବେଶବିତ୍‌ଙ୍କ ଉଦ୍‌ବେଗ

ସମ୍ପ୍ରତି ବିରଳ ଅଲିଭ୍ ରିଡ୍ଲେ କଇଁଛମାନଙ୍କ ଅଣ୍ଡାଦାନ ଋତୁ ଚାଲିଛି। ଗଭୀର ସମୁଦ୍ରରୁ ଅଲିଭ୍ ରିଡ୍ଲେ କଇଁଛ ବେଳାଭୂମିକୁ ଆସି ଅଣ୍ଡାଦାନ କରୁଛନ୍ତି। ଅଣ୍ଡା ଓ କଇଁଛଙ୍କ ସୁରକ୍ଷା ପାଇଁ ପ୍ରଶାସନ ପକ୍ଷରୁ ବ୍ୟବସ୍ଥା କରାଯାଉଛି। କଇଁଛଗୁଡ଼ିକ ସୁରକ୍ଷିତ ଭାବେ କୂଳକୁ ଆସି ଅଣ୍ଡାଦାନ କରିବା ନେଇ ପ୍ରଶାସନ ଦୃଷ୍ଟି ଦେଉଥିବା କୁହାଯାଉଛି। ତେବେ ଅନେକ ସମୟରେ ପୁରୀ ବେଳାଭୂମିରେ ଅଲିଭ୍ ରିଡ୍ଲେ କଇଁଛ ମରି ପଡ଼ିରହୁଥିବା ଦେଖିବାକୁ ମିଳୁଛି। ସୋମବାର ବଳିଆପଣ୍ଡା ଲାଇଟ ହାଉସ୍ ନିକଟ ହୋଟେଲ ଡ୍ରିମ୍‌ଲ୍ୟାଣ୍ଡ ସମ୍ମୁଖ ବେଳାଭୂମିରେ ଏକ ଅଲିଭ୍ ରିଡ୍ଲେ କଇଁଛ ମରି ପଡ଼ିଥିବାବେଳେ ତା'ର ମାଂସକୁ କାଉମାନେ ଖୁମ୍ପି ଖାଉଥିବା ଦେଖିବାକୁ ମିଳିଛି। ଏପରି କି ମୃତ କଇଁଛର ମାଂସ ଖାଇବାକୁ ସେଠାରେ କୁକୁର ବୁଲୁଥିଲେ। ତେବେ ଏ ସଂକ୍ରାନ୍ତରେ ବନ ବିଭାଗ ନିକଟରେ ଖବର ନ ଥିବା ଜଣାପଡ଼ିଛି। ଏ ନେଇ ପରିବେଶବିତ୍ ଓ ପ୍ରାଣୀପ୍ରେମୀ ଉଦ୍‌ବେଗ ପ୍ରକାଶ କରିଛନ୍ତି।

ଅନ୍ୟପକ୍ଷରେ ମୃତ କଇଁଛ ପାଖକୁ ଯାଇ ଯୁବ ଗୋଷ୍ଠୀ ଫଟୋ ଉଠାଇବା ସହ ସେଲ୍ଫି ନେଉଥିବା ଦେଖିବାକୁ ମିଳିଥିଲା। ଏପରିକି ଅନେକ ବ୍ୟକ୍ତି ତାଙ୍କ ମୋବାଇଲ ଫୋନରେ ଏହାର ଭିଡିଓ କରିଥିଲେ। ପୁରୀକୁ ପ୍ରତିଦିନ ବହୁ ଭକ୍ତ ଓ ପର୍ଯ୍ୟଟକ ଆସିଥାନ୍ତି। ତେବେ ବର୍ତ୍ତମାନ ନୂଆବର୍ଷ ଅବସରରେ ପୁରୀରେ ପର୍ଯ୍ୟଟକଙ୍କ ସଂଖ୍ୟା ଅଧିକ ରହିଛି। ବେଳାଭୂମିରେ ଅଲିଭ୍ ରିଡ୍ଲେ କଇଁଛଙ୍କ ମୃତଦେହ ଦେଖି ସେମାନଙ୍କ ମନରେ ଏକ ନକାରାତ୍ମକ ଭାବନା ସୃଷ୍ଟି ହେଉଛି। ତେଣୁ ପ୍ରଶାସନ ଏଥିପ୍ରତି ଦୃଷ୍ଟି ଦେବାକୁ ସାଧାରଣରେ ଦାବି ହେଉଛି। ଅନେକ ସମୟରେ ସାମାଜିକ କର୍ମୀମାନେ ବେଳାଭୂମିରେ ପଡ଼ିରହିଥିବା ମୃତ କଇଁଛକୁ ବାଲିରେ ପୋତି ଦେଇଥାନ୍ତି। ଏନେଇ ପୁରୀ ଡିଏଫ୍ଓ ଏନ୍. ରାମାସ୍ୱାମୀ କହିଛନ୍ତି, ଗତ ନଭେମ୍ବର ମାସରୁ କଇଁଛମାନଙ୍କ ପ୍ରଜନନ ଋତୁ ଆରମ୍ଭ ହୋଇଛି। ତେଣୁ ନଭେମ୍ବର ୧ରୁ ପ୍ରଶାସନ ପକ୍ଷରୁ ବେଳାଭୂମିରେ ୧୫ଟି ଟଟଲ କ୍ୟାମ୍ପ ଓ ହାଜରା କରାଯାଇଛି। ପ୍ରତ୍ୟେକ କ୍ୟାମ୍ପରେ ଦୁଇଜଣ ଲେଖାଏ କର୍ମଚାରୀ ନିୟୋଜିତ ରହିଛନ୍ତି। କୋଷ୍ଟ ଏରିଆକୁ କେତେ କଇଁଛ ଅଣ୍ଡା ଦେବାକୁ ଆସୁଛନ୍ତି ଓ କେତେ କଇଁଛ ମରି ପାଣିରେ ଭାସୁଛନ୍ତି ସେ ନେଇ ସେମାନେ ନଜର ରଖିବା ସହ ମନିଟରିଂ କରୁଛନ୍ତି। ସେହିଭଳି ସମୁଦ୍ର ମଧ୍ୟରେ ୨୦କି.ମି. ଭିତରେ ଥିବା 'ନୋ ଫିଶିଙ୍ଗ୍ ଜୋନ'ରେ ଟ୍ରଲର ଦ୍ୱାରା ପାଟ୍ରୋଲିଂ କରାଯାଉଛି। ଯେଉଁମାନେ ନିୟମ ଉଲ୍ଲଂଘନ କରୁଛନ୍ତି, ସେମାନଙ୍କୁ ଧରାଯାଇ ଫିସରି ଡିପାର୍ଟମେଣ୍ଟକୁ ହସ୍ତାନ୍ତର କରାଯାଉଛି। ଅନେକ ସମୟରେ କଇଁଛଗୁଡ଼ିକ ଆଘାତ ପ୍ରାପ୍ତ ହୋଇ ସମୁଦ୍ର ମଧ୍ୟରେ ମୃତ୍ୟୁବରଣ କରୁଛନ୍ତି। ସେମାନେ ପାଣିରେ ଭାସି ଭାସି ବେଳାଭୂମିର କୂଳରେ ଲାଗୁଛନ୍ତି। ସେମାନଙ୍କୁ ବିଭାଗୀୟ କର୍ମଚାରୀମାନେ ଉଦ୍ଧାର କରି ବ୍ୟବଚ୍ଛେଦ ପରେ ବେଳାଭୂମି ବାଲିରେ ପୋତି ଦେଉଛନ୍ତି। ବେଳାଭୂମିରେ ପଡ଼ିରହିଥିବା ମୃତ କଇଁଛକୁ ସମ୍ଭବତଃ ପୂର୍ବରୁ କର୍ମଚାରୀମାନେ ବ୍ୟବଚ୍ଛେଦ ପରେ ବାଲିରେ ପୋତି ଦେଇଥିବେ। ସୁମୁଦ୍ରର ଢ଼େଉ ବାଜି ପୋତା ଯାଇଥିବା କଇଁଛଟି ବାଲି ଉପରକୁ ଆସିଯାଇ ଥାଇପାରେ। ଅନ୍ୟପକ୍ଷରେ ପ୍ରଶ୍ନ ଉଠୁଛି ଯେ, ଲାଇଟ ହାଉସ୍ ବେଳାଭୂମି ଓ ସମୁଦ୍ର ମଧ୍ୟରେ ଦୂରତା କମ୍ ଥିବାରୁ ପାଣି ଯଦି ବହୁବାଟକୁ ମାଡ଼ିଆସୁଛି, ତେବେ ବଡ଼ ଗାତ ଖୋଳାଯାଇ ମୃତ କଇଁଛମାନଙ୍କୁ କାହିଁକି ପୋତା ଯାଉନାହିଁ। କଇଁଛମାନଙ୍କୁ ଠିକ୍ ଭାବେ ପୋତାଯାଉ ନ ଥିବାରୁ ସମୁଦ୍ର ଢେଉ ମାଡ଼ ବାଲି ଭିତରୁ ବାହାରି ବେଳାଭୂମିରେ ପଡୁଛନ୍ତି। ତାହାକୁ କାଉ, କୁକୁର ଖାଇବା ଦ୍ୱାରା ଏକ ଅସ୍ୱାସ୍ଥ୍ୟକର ପରିବେଶ ସୃଷ୍ଟି ହେଉଛି।

# ୭୩୫ ୱାର୍ଡରେ ସାଙ୍ଗଠନିକ ବୈଠକ ହେବ

**ନିମାପଡ଼ା,୨।୧(ଡି.ଏନ୍.ଏ.)**

**ନିମାପଡ଼ା ନିର୍ବାଚନ ମଣ୍ଡଳୀ**

ଆଗାମୀ ସାଧାରଣ ନିର୍ବାଚନ ପରିପ୍ରେକ୍ଷୀରେ ଏବେଠାରୁ ଓଡ଼ିଶାର ନିମାପଡ଼ା ନିର୍ବାଚନ ମଣ୍ଡଳୀରେ ସମରସଜ୍ଜା ଆରମ୍ଭ ହୋଇଯାଇଛି। ୨୦୨୩ରେ ନିମାପଡ଼ା ନିର୍ବାଚନମଣ୍ଡଳୀର ୭୩୫ଟି ୱାର୍ଡରେ ୱାର୍ଡସ୍ତରୀୟ ବୈଠକ ଅନୁଷ୍ଠିତ ହୋଇ ସାଙ୍ଗଠନିକ କାର୍ଯ୍ୟକ୍ରମକୁ ତ୍ୱରାନ୍ୱିତ କରାଯିବ। ନିମାପଡ଼ା ବ୍ଲକ ଅଧୀନ ରେଞ୍ଚ ଶାସନ ପଞ୍ଚାୟତରେ ଆୟୋଜିତ ଏକ କର୍ମୀ ସମ୍ମିଳନୀରେ ମୁଖ୍ୟ ଅତିଥି ଭାବେ ଗଣଶିକ୍ଷା ମନ୍ତ୍ରୀ ସମୀର ରଞ୍ଜନ ଦାଶ ଯୋଗଦେଇ ଏହା କହିଛନ୍ତି। ଆଗାମୀ ନିର୍ବାଚନରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ପୁନଶ୍ଚ ମୁଖ୍ୟମନ୍ତ୍ରୀ କରିବା ଓ ନିମାପଡ଼ା ବିଧାୟକ ମନ୍ତ୍ରୀ ଦାଶଙ୍କୁ ପୁନଶ୍ଚ ବିଧାୟକ ନିର୍ବାଚିତ କରିବାକୁ ଶତାଧିକ ବିଜେଡି କର୍ମୀ ଦୃଢ ସଂକଳ୍ପ ନେଇଥିଲେ। ମୁଖ୍ୟମନ୍ତ୍ରୀଙ୍କ ବିଭିନ୍ନ ଲୋକାଭିମୁଖୀ ବିକାଶମୂଳକ ଯୋଜନାକୁ ପ୍ରତ୍ୟେକ ଗାଁ ଗଣ୍ଡା, ଲୋକଙ୍କ ପାଖରେ ପହଞ୍ଚାଇବା, ଦଳୀୟ ସଂଗଠନକୁ ମଜଭୁତ କରିବା ଦିଗରେ ଦଳୀୟ ନେତୃବୃନ୍ଦ ଓ କର୍ମୀମାନେ ଏକଜୁଟ ହୋଇ କାର୍ଯ୍ୟ କରିବାକୁ ମନ୍ତ୍ରୀ ଦାଶ ଆହ୍ୱାନ ଦେଇଥିଲେ। ଆଗାମୀ ନିର୍ବାଚନ କାର୍ଯ୍ୟ ବିଜେଡି ପକ୍ଷରୁ ନବବର୍ଷ ଅବସରରେ ରେଞ୍ଚଶାସନ ପଞ୍ଚାୟତରୁ ଶୁଭାରମ୍ଭ ହୋଇଥିବା ମନ୍ତ୍ରୀ ଦାଶ କହିଛନ୍ତି। ସମ୍ମାନିତ ଅତିଥି ଭାବେ ନେତା ବିଷ୍ଣୁଚରଣ ମହାନ୍ତି, ସରପଞ୍ଚ ପ୍ରସନ୍ନ ସ୍ୱାଇଁ, ରଘୁନାଥ ସ୍ୱାଇଁ, ପଞ୍ଚାୟତ ପର୍ଯ୍ୟବେକ୍ଷକ ଅଶୋକ ମହାନ୍ତି, ନରେନ୍ଦ୍ର ମହାନ୍ତି ପ୍ରମୁଖ ଯୋଗଦେଇଥିଲେ। ଏହି ସମାରୋହରେ ପଞ୍ଚାୟତର ୩୦ଜଣ ଭାଜପା ଓ କଂଗ୍ରେସ କର୍ମୀ ଦଳ ତ୍ୟାଗ କରି ବିଜେଡିରେ ଯୋଗଦେଇଥିବା ମନ୍ତ୍ରୀ ଦାଶ କହିଛନ୍ତି। ଦଳରେ ଯୋଗଦେଇଥିବା ନୂତନ କର୍ମୀ ଓ ନେତାଙ୍କୁ ଉତ୍ତରୀୟ ଦେଇ ମନ୍ତ୍ରୀ ସ୍ୱାଗତ ଜଣାଇଥିଲେ। ଏଥିରେ ଶତାଧିକ ବିଜେଡି କର୍ମୀ ଓ ନେତୃବୃନ୍ଦମାନେ ଯୋଗଦେଇଥିଲେ।



ମନ୍ତ୍ରୀଙ୍କ ଗହଣରେ ବିଜେଡିରେ ଯୋଗଦେଇଥିବା ନୂତନ ନେତା ଓ କର୍ମୀଗଣ।

# ଓଡ଼ିଶା ବାର୍ତ୍ତା ପକ୍ଷରୁ ସାହିତ୍ୟ ମିତ୍ର ସମ୍ମାନ ପ୍ରଦାନ



ଓଡ଼ିଶା ବାର୍ତ୍ତା ସାହିତ୍ୟ ପରିଷଦ ପକ୍ଷରୁ ଆୟୋଜିତ କାର୍ଯ୍ୟକ୍ରମରେ ପ୍ରତିଭା ସମ୍ପନ୍ନ ବ୍ୟକ୍ତିତ୍ୱଙ୍କୁ ସମ୍ମାନିତ କରାଯାଉଛି।

**ଅସ୍ତରଙ୍ଗ,୨।୧(ଡି.ଏନ୍.ଏ.)**

**ଡ. ସଂଗ୍ରାମ କେଶରୀ ସାମନ୍ତରାୟଙ୍କୁ ରାଜ୍ୟସ୍ତରୀୟ ମାତୃ ଭାରତୀ ସମ୍ମାନ**

ଇଂଲିଶ୍ ନବବର୍ଷ ୨୦୨୩ ଓ ପବିତ୍ର ଶାମ୍ବ ଦଶମୀ ଅବସରରେ ଓଡ଼ିଶା ବାର୍ତ୍ତା ସାହିତ୍ୟ ପରିଷଦ ପକ୍ଷରୁ ଅମରେଶ୍ୱର ମନ୍ଦିର ପ୍ରାଙ୍ଗଣରେ ରବିବାର ରାଜ୍ୟସ୍ତରୀୟ ବାର୍ତ୍ତା ସାହିତ୍ୟ ମିତ୍ର ସମ୍ମାନ ଓ ସାହିତ୍ୟ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ଓଡ଼ିଶା ବାର୍ତ୍ତା ସାହିତ୍ୟ ପରିଷଦର ପ୍ରତିଷ୍ଠାତା ସମ୍ପାଦକ ଡ. ସଂଗ୍ରାମ କେଶରୀ ସାମନ୍ତରାୟ ଏଥିରେ ଅଧ୍ୟକ୍ଷତା କରିଥିଲେ। ରାଜ୍ୟର କୋଣ ଅନୁକୋଣରୁ ଯୋଗ ଦେଇଥିବା କବି, ଲେଖକ, ସ୍ତମ୍ଭକାର ଓ ଖବରଦାତାଙ୍କୁ ବାର୍ତ୍ତା ସାହିତ୍ୟ ମିତ୍ର ସମ୍ମାନରେ ସମ୍ମାନିତ କରାଯାଇଥିଲା। ଜଣେ ନିରନ୍ତର ସାରସ୍ୱତ ସାଧକ ଓଡ଼ିଆ ଭାଷା ସଂସ୍କୃତିର ପ୍ରଚାରକ ଭାବେ ଡ. ସଂଗ୍ରାମ କେଶରୀ ସାମନ୍ତରାୟଙ୍କୁ ରାଜ୍ୟସ୍ତରୀୟ ମାତୃ ଭାରତୀ ସମ୍ମାନରେ ସମ୍ମାନିତ କରାଯାଇଛି। କାର୍ଯ୍ୟକ୍ରମରେ 'ନବବର୍ଷ ଓ ଜଗନ୍ନାଥ ସଂସ୍କୃତି' ଶୀର୍ଷକ ଆଲୋଚନାଚକ୍ର ମଧ ଅନୁଷ୍ଠିତ ହୋଇଥିଲା। ଜଗନ୍ନାଥଙ୍କ ଭଜନ ଓ ଭକ୍ତି ସଙ୍ଗୀତ ପରିବେଷଣ ସହ 'ନବବର୍ଷ ନମସ୍କାର' ଶୀର୍ଷକ କବିତା ପାଠୋତ୍ସବ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଜଷ୍ଟିସ୍ ମନୋରଞ୍ଜନ ମହାନ୍ତି, ପ୍ରାଧ୍ୟାପିକା ଡ. ବିଦ୍ୟୁତ୍‌ପ୍ରଭା ମିଶ୍ର, ଅଧ୍ୟାପକ ଲକ୍ଷ୍ମଣ ସାହୁ, ଉତ୍କଳ ଗ୍ରାମ୍ୟ ସ୍ୱରାଜ୍ୟ ସଭାପତି ବ୍ରହ୍ମାନନ୍ଦ ମହାନ୍ତି, ଦାର୍ଶନିକ ନଳିନୀକାନ୍ତ ରାଉତ, ଡ. ଗିରିଜା ଶଙ୍କର ଶ୍ରୀଚନ୍ଦନ ମହାପାତ୍ର, ଅମରେଶ୍ୱର ମନ୍ଦିର ପ୍ରତିଷ୍ଠାତା ରାଜେଶ ସାହୁ, ଅଜୟ ପଣ୍ଡା, ବିଶ୍ୱଜିତ୍ ସୂର୍ଯ୍ୟବଂଶୀ ପ୍ରମୁଖ ଯୋଗ ଦେଇଥିଲେ। କବିତାପାଠ କରିଥିବା ସମସ୍ତ କବିଙ୍କୁ ଓଡ଼ିଶା ବାର୍ତ୍ତା ସାହିତ୍ୟ ପରିଷଦ ପକ୍ଷରୁ ମାନପତ୍ର ଓ ଉପଢୌକନ ଦିଆଯାଇ ସମ୍ମାନିତ କରାଯାଇଥିଲା।

# ଘର ସ୍କାଏଲାଇଟ୍ ଭାଙ୍ଗି ୧ ଲକ୍ଷରୁ ଊର୍ଦ୍ଧ୍ୱ ମୂଲ୍ୟର ସୁନାଗହଣା ଚୋରି

**ବଳଙ୍ଗା,୨।୧(ଡି.ଏନ୍.ଏ.)**

ବଳଙ୍ଗା ଥାନା ଅନ୍ତର୍ଗତ ଚକଳଙ୍ଗା ଗ୍ରାମର ଜଣେ ବ୍ୟକ୍ତିଙ୍କ ଘରର ସ୍କାଏଲାଇଟ ଭାଙ୍ଗି ଲକ୍ଷାଧିକ ଟଙ୍କାର ସୁନା ଗହଣା ସହ ନଗଦ ଟଙ୍କା ଚୋରି ହୋଇଥିବା ସୋମବାର ବଳଙ୍ଗା ଥାନାରେ ଅଭିଯୋଗ ହୋଇଛି। ଏନେଇ ପୋଲିସ ଏକ ମାମଲା (ନଂ. ୧/୨୩)ରୁଜୁ କରି ତଦନ୍ତ ଚଳାଇଛି।

ପ୍ରକାଶ ଯେ, ଜଟଣୀ ଥାନା ଅନ୍ତର୍ଗତ ଦେଉଳିଆ ପାଟଣା ଗ୍ରାମର ପ୍ରଶାନ୍ତ ସାହୁ (୩୪) ବଳଙ୍ଗାଠାରେ ବ୍ୟାଙ୍କ ଅଫ୍ ଇଣ୍ଡିଆ ଶାଖାରେ ସହକାରୀ ପରିଚାଳକ ଭାବେ କାର୍ଯ୍ୟରତ ଅଛନ୍ତି। ସେ ଚକଳଙ୍ଗାସ୍ଥିତ ଶରତ ସାହୁଙ୍କ ଘରେ ଭଡ଼ାରେ ରୁହନ୍ତି। ପ୍ରଶାନ୍ତ ରବିବାର ସ୍ତ୍ରୀଙ୍କ ସହ ଗାଁକୁ ଯାଇଥିଲେ। ଘରର ସ୍କାଏଲାଇଟ ଭଙ୍ଗା ଯାଇଥିବା ବାବଦରେ ତାଙ୍କ ପଡ଼ୋଶୀ ସୋମବାର ସକାଳେ ପ୍ରଶାନ୍ତଙ୍କୁ ଖବର ଦେଇଥିଲେ। ପ୍ରଶାନ୍ତ ଚକଳଙ୍ଗାରେ ପହଞ୍ଚି ସ୍କାଏଲାଇଟ୍ ଭଙ୍ଗା ହୋଇଥିବା ଦେଖିଥିଲେ। ଏଥିସହ ଭିତର ଘରର ସମସ୍ତ ତାଲା ଭଙ୍ଗାଯାଇଥିବାବେଳେ ଶୋଇବା ଘରର ଆସବାବପତ୍ର ଏପଟ ସେପଟ ହୋଇ ପଡ଼ିଥିବା ଦେଖିଥିଲେ। ଏକ ବ୍ୟାଗ ଭିତରେ ଥିବା ନଗଦ ୮୨ ହଜାର ଟଙ୍କା ଓ ୧ ଲକ୍ଷରୁ ଊର୍ଦ୍ଧ୍ୱ ମୂଲ୍ୟର ସୁନାଗହଣା ଚୋରି ହୋଇଥିବା ପ୍ରଶାନ୍ତ ଅଭିଯୋଗ ଫର୍ଦ୍ଦରେ ଦର୍ଶାଇଛନ୍ତି।

# ଦୁର୍ଗାଦାସପୁରରେ ଖୋଲିଲା ଧାନମଣ୍ଡି

**ପିପିଲି,୨।୧(ଡି.ଏନ୍.ଏ./ସ୍ୱ.ପ୍ର.)**

ପିପିଲି ବ୍ଲକ ଅନ୍ତର୍ଗତ ଦୁର୍ଗାଦାସପୁର ସେବା ସମବାୟ ସମିତିରେ ସୋମବାର ଧାନମଣ୍ଡି ଉଦ୍‌ଘାଟନ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ପୁରୀ ଜିଲା କେନ୍ଦ୍ର ସେବା ସମବାୟ ସମିତି ସଭାପତି କିଶୋର ଛୋଟରାୟ, ସମ୍ମାନିତ ଅତିଥି ଭାବେ ଜିଲା କେନ୍ଦ୍ର ସମବାୟ ସମିତି ସମ୍ପାଦକ ସାରଥି ଶତପଥୀ, ବ୍ଲକ ଅଧ୍ୟକ୍ଷା ଦେବସ୍ୱନୀ ନନ୍ଦ, ଉପାଧ୍ୟକ୍ଷ ପ୍ରଫୁଲ୍ଲ ସ୍ୱାଇଁ, ସାଂସଦ ପ୍ରତିନିଧି ନାରାୟଣ ସ୍ୱାଇଁ, ଜିଲାପରିଷଦ ସଭ୍ୟ ଧରଣୀଧର ସାହୁ ଓ ସୁଶାନ୍ତ ମଲ୍ଲିକ, ବିଧାୟକଙ୍କ ପ୍ରତିନିଧି ଆର୍ତ୍ତବନ୍ଧୁ ସାମନ୍ତରାୟ, ସହଜପୁର ସରପଞ୍ଚ ସତ୍ୟନାରାୟଣ ବସ୍ତିଆ, ଦୁର୍ଗାଦାସପୁର ସରପଞ୍ଚ ବିଭୂତି ଭୂଷଣ ନାଥ, ସମିତି ସଭ୍ୟାଙ୍କ ପ୍ରତିନିଧି ଜଗତ ବଲ୍ଲଭ ଖଟେଇ, ଦୁର୍ଗାଦାସପୁର ସେବା ସମବାୟ ସମିତି ସଭାପତି ବିଶ୍ୱଜିତ ଦାଶ ପ୍ରମୁଖ ଉପସ୍ଥିତ ଥିଲେ। ୨୦୭ଜଣ ଚାଷୀ ତାଙ୍କ ନାମ ପଞ୍ଜୀକରଣ କରିଥିଲେ। ପ୍ରଥମ ଦିନରେ ୨୦ଜଣ ଚାଷୀ ଧାନମଣ୍ଡିରେ ସରକାରୀ ମୂଲ୍ୟ କୁଇଣ୍ଟାଲ ପିଛା ୨ହଜାର ୪୦ଟଙ୍କାରେ ଧାନ ବିକ୍ରୟ କରିଥିବା ନେଇ ସମ୍ପାଦିକା ଜ୍ୟୋତିର୍ମୟୀ ଦାଶ ସୂଚନା ଦେଇଛନ୍ତି।



ଧାନମଣ୍ଡି ଉଦ୍‌ଘାଟନ ଅବସରରେ ଅତିଥି ଏବଂ ଅନ୍ୟମାନେ।

# ଆକ୍ରମଣ ଅଭିଯୋଗରେ ଯୁବକ ଗିରଫ

**ପୁରୀ ଅଫିସ,୨।୧:**

ଆକ୍ରମଣ ଓ ଗାଳିଗୁଲଜ କରିବା ଅଭିଯୋଗରେ ବାସେଳିସାହି ଥାନା ପୋଲିସ ଜଣେ ଯୁବକଙ୍କୁ ଗିରଫ କରି ସୋମବାର କୋର୍ଟ ଚାଲାଣ କରିଛି। ସେ ହେଲେ ଗୋଖା ସାହିର ପିଣ୍ଟୁନା ବେହେରା (୨୨)। ଏ ନେଇ ପୋଲିସ ଏକ କେସ୍ (ନଂ ୧/୨୩)ରେ ରୁଜୁ କରିଛି। ସୂଚନା ଅନୁଯାୟୀ, ପିଣ୍ଟୁନା ଓ ତାଙ୍କ ମା'ଙ୍କ ମଧ୍ୟରେ ଝଗଡା ଲାଗିଥିଲା। ସୁବାଷ ଉଭୟଙ୍କୁ ଛଡାଇବା ପାଇଁ ଚେଷ୍ଟା କରିଥିଲେ। ଏଥିରେ ପିଣ୍ଟୁନା ରାଗିଯାଇ ସୁବାଷଙ୍କୁ ଅଶାଳୀନ ଭାଷାରେ ଗାଳିଗୁଲଜ କରିବା ସହ ମରଣାନ୍ତକ ଆକ୍ରମଣ କରିଥିଲା। ଫଳରେ ସୁବାଷଙ୍କ ମୁଣ୍ଡରେ ଆଘାତ ଲାଗିଥିଲା। ଏ ନେଇ ସୁବାଷ ଥାନାରେ ଏତଲା ଦେଇଥିଲେ।

# ୪ ମୃତ ବିଦେଶୀ ପକ୍ଷୀ ଜବତ, ଶିକାରୀ ଗିରଫ

**ଟାଙ୍ଗୀ(ଖୋର୍ଦ୍ଧା),୨।୧(ଡି.ଏନ୍.ଏ.):**

ଟାଙ୍ଗୀ ବନ୍ୟପ୍ରାଣୀ ରେଞ୍ଜ ଅନ୍ତର୍ଗତ କାଲୁପଡ଼ା ନିକଟ ବରକୁଦୀ ନାଳ ନିକଟରେ ସୋମବାର ବିଭାଗୀୟ କର୍ମଚାରୀ ଚଢ଼ାଉ କରି ୪ଟି ମୃତ ବିଦେଶୀ ପକ୍ଷୀ ଜବତ କରିବା ସହ ଜଣେ ଶିକାରୀଙ୍କୁ ଗିରଫ କରିଛନ୍ତି। ଅଭିଯୁକ୍ତ ହେଲେ ମାଟିଆପଡାର ନାରାୟଣ ଘଡ଼େଇ(୩୦)। ଚଢ଼ାଉ ବେଳେ ଅଭିଯୁକ୍ତଙ୍କ ନିକଟରୁ ଗୋଟିଏ ଲାର୍ଜ ହୁଇଷ୍ଟିଲଙ୍ଗ ଡକ୍, ଦୁଇଟି ଫିଜାଣ୍ଟ ଟେଲ୍‌ଡ ଜାକନା ଓ ଗୋଟିଏ ପରପଲ ମୁରହେନ ଜବତ କରାଯାଇଛି। ଏହି ଚଢ଼ାଉରେ ଫରେଷ୍ଟ ଗାର୍ଡ ଶିବ ପ୍ରସାଦ ପଲାଇ ଓ ଲିପିନା ପଲାଇ ସାମିଲ ଥିଲେ।

# ଝିଅକୁ ଟ୍ୟୁଶନ ସାର୍‌ଙ୍କ ଅପହରଣ ଅଭିଯୋଗ

**ପୁରୀ ଅଫିସ, ୨।୧:**

**ନ୍ୟାୟ ଦାବିରେ ଏସ୍‌ପିଙ୍କ କାର୍ଯ୍ୟାଳୟ ଆଗରେ ଧାରଣା ଦେଲେ ମାତାପିତା**

ନାବାଳିକା ଝିଅକୁ ଅପହରଣକାରୀଙ୍କଠାରୁ ଉଦ୍ଧାର କରିବା ସହ ନ୍ୟାୟ ପ୍ରଦାନ ଦାବିରେ ମାତା, ପିତା ସୋମବାର ଏସ୍‌ପିଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦେଇଛନ୍ତି। ଏଥିସହ ଏ ନେଇ ଏସ୍‌ପିଙ୍କୁ ଏକ ଦାବିପତ୍ର ପ୍ରଦାନ କରିଛନ୍ତି।

ସମ୍ପୃକ୍ତ ନାବାଳିକାଙ୍କ ବାପା ଅଭିଯୋଗପତ୍ରରେ ଦର୍ଶାଇଛନ୍ତି ଯେ, ଗତ ଡିସେମ୍ବର ୭ତାରିଖ ପୂର୍ବାହ୍ନ ପ୍ରାୟ ୧୦ଟା ୩୦ରେ ଘରକୁ ଆସି ଦେଖିଥିଲେ ଦଶମ ଶ୍ରେଣୀରେ ପଢୁଥିବା ତାଙ୍କ ନାବାଳିକା ଝିଅ ନାହିଁ। ସେ କିଛି ସାମଗ୍ରୀ କିଣିବା ଲାଗି ବଜାରକୁ ଯାଇଥିବା ପୁଅଠାରୁ ଜାଣିବାକୁ ପାଇଥିଲେ। ତେବେ ଅନେକ ସମୟ ପରେ ବି ଝିଅ ନ ଫେରିବାରୁ ବିଭିନ୍ନ ସ୍ଥାନରେ ଖୋଜାଖୋଜି କରିଥିଲେ। ମାତ୍ର କୌଣସି ସନ୍ଧାନ ପାଇ ନ ଥିଲେ। ପୂର୍ବରୁ ତାଙ୍କ ଝିଅକୁ ଟିଉଶନ କରୁଥିବା ଜଣେ ଯୁବକ ଅପହରଣ କରିନେଇଥିଲେ। ଏ ସମ୍ପର୍କରେ ସେ ଚନ୍ଦନପୁର ଥାନାରେ ଅଭିଯୋଗ କରିଥିଲେ। ପୋଲିସ ଏକ ମାମଲା (ନଂ. ୧୪୩/୨୨) ରୁଜୁ କରି ଅଭିଯୁକ୍ତଙ୍କୁ ଗିରଫ କରି ଜେଲ୍ ପଠାଇଥିଲା। ତେବେ ଅଭିଯୁକ୍ତ ଜେଲ୍‌ରୁ ମୁକୁଳିବା ପରେ ଗତ ଡିସେମ୍ବର ୭ରେ ବାଇକ ଯୋଗେ ଆସି ଝିଅକୁ ପୁଣି ଅପହରଣ କରିନେଇଥିବା ବାପା ଅଭିଯୋଗ କରିଛନ୍ତି। ତାଙ୍କ ଅଭିଯୋଗ କ୍ରମେ ସଦର ଥାନାରେ ଏକ ମାମଲା (ନଂ. ୩୧୫/୨୨) ରୁଜୁ ହୋଇଥିଲା। ମାତ୍ର କୌଣସି କାର୍ଯ୍ୟାନୁଷ୍ଠାନ ନିଆ ନ ଯିବାରୁ ସେ ଥାନାକୁ ଯାଇ ପଚାରିଥିଲେ। ତେବେ ପୋଲିସ ତାଙ୍କୁ ଦୁର୍ବ୍ୟବହାର କରିଥିଲା। ସେ ଗତ ୧୨ତାରିଖରେ ଏସ୍‌ପିଙ୍କ ଦ୍ୱାରସ୍ଥ ହୋଇଥିଲେ। ତଦନ୍ତ ପାଇଁ ଏସ୍‌ପି ନିର୍ଦ୍ଦେଶ ଦେଇଥିଲେ ମଧ ତାହା ପାଣିର ଗାର ପାଲଟିଛି। ତୁରନ୍ତ ଘଟଣାର ତଦନ୍ତ କରି ତାଙ୍କ ଝିଅକୁ ଉଦ୍ଧାର କରିବା ସହ ଅଭିଯୁକ୍ତଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ପାଇଁ ବାପା ଦାବି କରିଛନ୍ତି। ନ୍ୟାୟ ନ ମିଳିବା ପର୍ଯ୍ୟନ୍ତ ଏହି ଦମ୍ପତି ଏସ୍‌ପିଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣାରେ ବସିବେ ବୋଲି କହିଛନ୍ତି।

# ଦାବି ହାସଲ ପାଇଁ ଆନ୍ଦୋଳନକୁ ଆଗେଇ ଆସନ୍ତୁ ଶ୍ରମିକ

**ପୁରୀ ଅଫିସ, ୨।୧:**



ଶ୍ରୀ ନୀଳଗିରି ମୋଟର କର୍ମଚାରୀ ସଂଘର ବାର୍ଷିକ ଉତ୍ସବରେ ମଞ୍ଚାସୀନ ଅତିଥି।

**ଶ୍ରୀ ନୀଳଗିରି ମୋଟର କର୍ମଚାରୀ ସଂଘର ବାର୍ଷିକ ଉତ୍ସବ**

ସର୍ବଭାରତୀୟ ଶ୍ରମିକ ସଙ୍ଗଠନ ଏଆଇଟିୟୁସି ସହବନ୍ଧିତ ନୀଳଗିରି ମୋଟର କର୍ମଚାରୀ ସଂଘର ୪୧ତମ ବାର୍ଷିକ ଉତ୍ସବ ସୋମବାର ବସ୍‌ଷ୍ଟାଣ୍ଡ ନିକଟରେ ପାଳିତ ହୋଇଯାଇଛି। ସଂଘର ସଭାପତି ଏଆଇଟିୟୁସିର ଜାତୀୟ ସମ୍ପାଦକ କମ୍ରେଡ ରାମକୃଷ୍ଣ ପଣ୍ଡାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ସମ୍ପାଦକ ଅଜୟ କୁମାର ମିଶ୍ର ବାର୍ଷିକ ବିବରଣୀ ପାଠ କରିଥିଲେ। ସଭାପତି ପଣ୍ଡା ତାଙ୍କ ବକ୍ତବ୍ୟରେ କହିଥିଲେ ଯେ, କେନ୍ଦ୍ରର ଭାଜପା ସରକାର ଆଦାନୀ, ଅମ୍ବାନୀ, ବହୁ ଦେଶୀୟ ପୁଞ୍ଜିପତିମାନଙ୍କ ସ୍ୱାର୍ଥ ପାଇଁ ଦେଶର ସମସ୍ତ ଜାତୀୟ ସମ୍ପତ୍ତି ଟେକି ଦେଇଚାଲିଛି। ଦେଶର କଳକାରଖାନା, ବ୍ୟାଙ୍କ, ବୀମା, ଖଣି, ଜଳ, ଜମି, ଜଙ୍ଗଲ, ରେଳ ବିଭାଗ ସବୁକୁ ଟେକି ଦେବାକୁ ରାସ୍ତା ପରିଷ୍କାର କରିସାରିଲେଣି। କୃଷକ ବିରୋଧୀ କଳା ଓ ବିଦ୍ୟୁତ୍ ଆଇନ, ଶ୍ରମିକ ବିରୋଧୀ ନୂଆ ଶ୍ରମ ଆଇନ ପୁଞ୍ଜିପତିଙ୍କ ନିକଟରେ ଦେଶର ଶ୍ରମିକ ଓ କୃଷକଙ୍କୁ ଦାସତ୍ୱ ବନେଇଦେବ। ଉତ୍କଟ ଜନସଂଖ୍ୟା ବୃଦ୍ଧି, ଦରବୃଦ୍ଧି, ବେକାରି ସମସ୍ୟାର ସମାଧାନ କରି ନ ପାରି ଜନଆକ୍ରୋଶର ସମ୍ମୁଖୀନ ହୋଇଛି। ଜନତାଙ୍କୁ ବିଭ୍ରାନ୍ତ କରିବା ପାଇଁ ଭାଜପା ଭଣ୍ଡ ଜାତୀୟତାବାଦକୁ ନେଇ ଭାରତୀୟ ଐକ୍ୟବଦ୍ଧ ସମାଜକୁ ଭାଗଭାଗ କରିବାକୁ ହୀନ ଉଦ୍ୟମ ଚଳାଇଛି। ଜାତୀୟ ସମ୍ପତ୍ତି, ଅଖଣ୍ଡତା ଓ ସମ୍ବିଧାନକୁ ବଞ୍ଚାଇବା ପାଇଁ ଦେଶପ୍ରେମୀ ଜନତା ଆଗେଇ ଆସିବା ଜରୁରୀ ହୋଇପଡ଼ିଛି। କେନ୍ଦ୍ର ସରକାରଙ୍କ ନୂତନ ପରିବହନ ଆଇନରେ ଶ୍ରମିକ ଗାଡ଼ି ଚଳାଇବା ଅସମ୍ଭବ ବୋଲି ସେ ମତବ୍ୟକ୍ତ କରିଥିଲେ। ସଭାରେ ଏଆଇଟିୟୁସି ରାଜ୍ୟ ସମ୍ପାଦକ ବ୍ରଜବନ୍ଧୁ ପ୍ରଧାନ, ସିଆଇଟିୟୁ ନେତା ଜଗନ୍ନାଥ ଦେଓ, ସଂଘର ନେତା ଆର୍ତ୍ତତ୍ରାଣ ମିଶ୍ର ଏବଂ ବୃନ୍ଦାବନ ଦାଶ ପ୍ରମୁଖ ଶ୍ରମିକଙ୍କ ନ୍ୟାର୍ଯ୍ୟ ଦାବି ପାଇଁ ଆନ୍ଦୋଳନକୁ ଆଗେଇ ନେବାକୁ ଆହ୍ୱାନ ଦେଇଥିଲେ। ସଂଘ ଗଠନରେ ତ୍ୟାଗ ପାଇଁ ଯଦୁମଣି ସାହୁ, ବ୍ରଜବନ୍ଧୁ ରାଉତ, ସୋବନୀ ଖଟେଇ ଏବଂ ନାରାୟଣ ମେକାପଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା।

# ଦ୍ୱିତୀୟ ଦିନ ବି ଉପବାସରେ ଶ୍ରୀଲିଙ୍ଗରାଜ

## ନୀତିରେ ଆସିଲାନି ସୁଧାର



ପୁରୁଣା ଭୁବନେଶ୍ୱର,୨୧୧(ଡି.ଏନ୍.ଏ.)

ନବବର୍ଷ ୨୦୨୩ ତଥା ରବିବାରଠାରୁ ଶ୍ରୀଲିଙ୍ଗରାଜ ମନ୍ଦିରରେ ନୀତିକାନ୍ତି ଚାଲିଥିବାବେଳେ ଜଣେ ଭକ୍ତ ଭୋଗ ମଣ୍ଡପରେ ପଶିଯିବାରୁ ଭୋଗ ମାରା ହୋଇଥିଲା। ଫଳରେ ସେବାୟତମାନେ ନୀତିକାନ୍ତି ବନ୍ଦ କରିଦେଇଥିବା ବେଳେ ସେଦିନର ସମସ୍ତ କୋଠ ଭୋଗ ଏବଂ ଜଜମାନ ଭୋଗ ଅମୁଣିଆ କୂଅରେ ପକାଇବା ବିଧିଥିବାବେଳେ ଏଥିରେ ବ୍ୟତିକ୍ରମ ହୋଇଥିବା ନେଇ ବଡୁ ନିଯୋଗ ଏବଂ ବ୍ରାହ୍ମଣ ନିଯୋଗ ମଧ୍ୟରେ ତିକ୍ତତା ଦେଖାଦେଇଥିଲା। ତେବେ ରାତି ସୁଦ୍ଧା କୌଣସି ନିଷ୍କର୍ଷ ନ ହେବାରୁ ଶ୍ରୀଲିଙ୍ଗରାଜ ଉପବାସ ରହିଥିଲେ। ହେଲେ ସୋମବାର ରାତି ୯ଟା ସୁଦ୍ଧା ମଧ୍ୟ ସମସ୍ୟାରେ କୌଣସି ସୁଧାର ଆସି ନ ଥିଲା। ଫଳରେ ଶ୍ରୀଲିଙ୍ଗରାଜ ଦ୍ୱିତୀୟ ଦିନ ମଧ୍ୟ ଉପବାସରେ ରହିଛନ୍ତି। ଶ୍ରୀଜୀଉଙ୍କ ପ୍ରତି ସେବାୟତ ଓ ନିଯୋଗଙ୍କ ଏଭଳି ଅବହେଳା ଯୋଗୁ ଭକ୍ତଙ୍କ ମହଲରେ ଅସନ୍ତୋଷ ପ୍ରକାଶ ପାଇଛି। ଅନ୍ୟପଟେ ପ୍ରାତଃରୁ ଠାକୁରଙ୍କ ମଙ୍ଗଳ ଆଳତି କରା ନ ଯାଇ ଦିନତମାମ ଉପବାସରେ ଥିବାବେଳେ ଶ୍ରୀଜୀଉଙ୍କୁ ଶ୍ରଦ୍ଧାଳୁମାନେ ଦର୍ଶନ କରୁଥିବା ଦେଖିବାକୁ ମିଳିଥିଲା। ତେବେ ଠାକୁରଙ୍କର ସ୍ନାନ, ବେଶ, ବିଭିନ୍ନ କର୍ମ, ଷୋଡ଼ଶ ଉପଚାର ପୂଜା, ପଞ୍ଚ ଉପଚାର ପୂଜା ଭଳି ନୀତି ସବୁ ବନ୍ଦ ଥିବାବେଳେ କିଏ ଏବଂ କିଭଳି ଶ୍ରଦ୍ଧାଳୁଙ୍କୁ ଦିଅଁ ଦର୍ଶନ କରାଇଥିଲେ ତାହା ପ୍ରଶ୍ନବାଚୀ ସୃଷ୍ଟି କରୁଛି। ଏ ନେଇ ପୂର୍ବାହ୍ନରେ ଶ୍ରୀଲିଙ୍ଗରାଜ ମନ୍ଦିର ଟ୍ରଷ୍ଟବୋର୍ଡର ପୂର୍ବତନ କାର୍ଯ୍ୟନିର୍ବାହୀ ଅଧିକାରୀ ଅବନିକାନ୍ତ ପଟ୍ଟନାୟକ ସମସ୍ୟାର ସମାଧାନ ନିମନ୍ତେ ମନ୍ଦିର କାର୍ଯ୍ୟାଳୟରେ ପହଞ୍ଚି ୩ ନିଯୋଗକୁ ମନାଇ ନୀତିକାନ୍ତି କରିବାର ଆଶା ରଖିଥିଲେ। କିନ୍ତୁ କେତେଜଣ ସେବାୟତଙ୍କୁ ଛାଡ଼ିଦେଲେ ପ୍ରମୁଖ ନିଯୋଗ ଗଣ ନ ଆସିବାରୁ ବୈଠକ ହୋଇପାରି ନ ଥିଲା। ଏ ନେଇ ମନ୍ଦିର ପ୍ରଶାସନର କାର୍ଯ୍ୟନିର୍ବାହୀ ଅଧିକାରୀ ଭବାନୀ ମିଶ୍ରଙ୍କ ମୋବାଇଲ ନମ୍ବର ୯୪୩୭୨୫୮୬୧୧ରେ ଯୋଗାଯୋଗ କରିଥିଲେ ମଧ୍ୟ ସେ ଉଠାଇ ନ ଥିଲେ।

“ ନିଯୋଗ ପ୍ରମୁଖଙ୍କ ସହ ଛତିଶା ନିଯୋଗଙ୍କୁ ନେଇ ମନ୍ଦିର ବିଶୃଙ୍ଖଳାକୁ ଏଡ଼ାଇବାରେ କାର୍ଯ୍ୟନିର୍ବାହୀ ଅଧିକାରୀଙ୍କ ଦକ୍ଷତା ଫେଲ ମାରିଛି। ଅରଗଳି ଫାଟକରେ ତାଲା ପକାଇବା ଏବଂ ମାରା ଭୋଗକୁ କୂଅରେ ନ ପକାଇ ବିକ୍ରି କରିଛନ୍ତି, ତାହା ସିସିଟିଭି ଫୁଟେଜରେ ଯାଞ୍ଚ କରାଯାଉ। ଏଥିସହ ଏଭଳି ବିଶୃଙ୍ଖଳା ସୃଷ୍ଟି କରୁଥିବା ସମ୍ପୃକ୍ତ ସେବାୟତଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇ ସେମାନଙ୍କୁ ସେବାରୁ ବ୍ୟାହତ କରାଯାଉ।

**–ଭୀଷ୍ମନାରାୟଣ ନାୟକ, ସାମାଜିକ କର୍ମୀ**

“ ଭୋଗମଣ୍ଡପ ମରା ହେଲେ ସମସ୍ତ ମାରା ଭୋଗକୁ ଫୋପଡ଼ାଯାଇଥାଏ। ପରେ ବଡୁ ସେବାୟତ ଭୋଗ ମଣ୍ଡପରେ ପାଣି ସିଞ୍ଚନ କରି ଠା’ କରିଥାନ୍ତି। ପରେ ପୂଜା ପଣ୍ଡା ସେବାୟତ ପୁନଃ ନୀତି ଆରମ୍ଭ କରିଥାନ୍ତି। ରବିବାର ଏହି କାର୍ଯ୍ୟ ବଡୁ ନିଯୋଗ ନ କରିବାରୁ ନୀତି ବନ୍ଦ ରହିଥିଲା।

**– ସଚ୍ଚିକାନ୍ତ ପୂଜାପଣ୍ଡା, ପୂଜାପଣ୍ଡା ସମ୍ପାଦକ**

“ ଦିଅଁମାରା ହେଲେ ଭୋଗ ମାରା ହୋଇଥାଏ, ବିଧି ଅନୁଯାୟୀ ମାରା ଭୋଗକୁ ଅମୁଣିଆ କୂଅରେ ପକାଯାଏ। ବ୍ରାହ୍ମଣ ନିଯୋଗ ସେବାୟତ ମାରା ଭୋଗକୁ ବିକ୍ରି କରିଥିଲେ, ତେଣୁ ଆମେ ଦିଅଁଙ୍କୁ ରାତି ୯ଟା ପର୍ଯ୍ୟନ୍ତ ବେଶ ରଖି କାଳେ ନୀତିକାନ୍ତ ହେବା ନେଇ ଅପେକ୍ଷା କରିଥିଲୁ। ଏଥିପାଇଁ ସେମାନେ ଦାୟୀ।

**–କମଳାକାନ୍ତ ବଡୁ, ବଡୁ ନିଯୋଗ ସମ୍ପାଦକ**

“ ରାଜ୍ୟ ସରକାର ଏକାମ୍ର ମେଗା ଯୋଜନା ପାଇଁ ୯୦୦କୋଟିରୁ ଉର୍ଦ୍ଧ୍ୱ ଟଙ୍କା ବ୍ୟୟ ଅଟକଳ କରିଛନ୍ତି। ଏଭଳି ବାରମ୍ବାର ବ୍ୟତିକ୍ରମ ପାଇଁ ରାଜ୍ୟ ସରକାର ଦାୟୀ। ବିଶ୍ୱ ପର୍ଯ୍ୟଟନ ମାନଚିତ୍ରରେ ଶ୍ରୀଲିଙ୍ଗରାଜ ମନ୍ଦିର ସ୍ଥାନିତ କରିବାକୁ ଉଦ୍ୟମ କରୁଥିବା ସରକାର ଦୁଇଦିନ ଧରି ଉପବାସ ରହିଥିବା ଠାକୁରଙ୍କ ବ୍ୟତିକ୍ରମ ପାଇଁ ପଦକ୍ଷେପ ନ ନେବା ଦୁଃଖର ଘଟଣା।

**– ବାବୁ ସିଂ, ଭାଜପା ନେତା**

“ ଏହାକୁ ରାଜନୀତିକରଣ କରା ନ ଯାଉ, ରାଜ୍ୟ ସରକାର ସମ୍ପୃକ୍ତ ବ୍ୟକ୍ତିଙ୍କୁ ଦିଅଁ ମାରା ପାଇଁ ପଠାଇ ନ ଥିଲେ କି ସେବାୟତଙ୍କୁ ନୀତି ବନ୍ଦ କରିବା ପାଇଁ କହି ନ ଥିଲେ। ମନ୍ଦିର ପ୍ରଶାସନ ପକ୍ଷରୁ ଏହାର ସମାଧାନ କରାଯିବ। ଐତିହ୍ୟ କ୍ଷେତ୍ରର ବିକାଶ ପାଇଁ ସରକାର ସର୍ବଦା ଚେଷ୍ଟିତ।

**– ଅଶୋକ ଚନ୍ଦ୍ର ପଣ୍ଡା, ମନ୍ତ୍ରୀ**

## ଆଜି କ’ଣ କେଉଁଠି

ଭୁବନେଶ୍ୱର

- ଶ୍ରୀ ଶ୍ରୀମଦ୍ ସ୍ୱାମୀ ସ୍ୱରୂପାନନ୍ଦ ପରମହଂସ ଦେବଙ୍କ ଜନ୍ମୋତ୍ସବ, ଭୁବନେଶ୍ୱର ଅଖଣ୍ଡ ମଣ୍ଡଳୀ, ପ୍ଲଟ ନଂ. ୧୭୮, ୟୁନିଟ୍-୯, ସକାଳ ୯ଟା।
- ଦି ଗ୍ଲୋବାଲ ପିସ୍ ଫାଉଣ୍ଡେଶନ ପକ୍ଷରୁ ୱାର୍ଲ୍ଡ ଇଣ୍ଟିଗ୍ରେସନ ଡେ, ସୂଚନା ଭବନ, ପୂର୍ବାହ୍ନ ୧୦ଟା।
- ଅଲ୍ ଓଡ଼ିଶା ଅଙ୍ଗନୱାଡ଼ି ଲେଡିଜ୍ ୱାର୍କର୍ସ ଆସୋସିଏଶନର ମୁଖ୍ୟମନ୍ତ୍ରୀଙ୍କ ସହ ସାକ୍ଷାତ୍କାର, ଲୋୟର ପିଏମ୍‌ଜି, ପୂର୍ବାହ୍ନ ୧୧ଟା।
- ଜାନକୀ ବଲ୍ଲଭ ପଟ୍ଟନାୟକଙ୍କ ୯୭ତମ ଜୟନ୍ତୀ ଉତ୍ସବ, କଂଗ୍ରେସ ଭବନ, ପୂର୍ବାହ୍ନ ୧୧ଟା ଏବଂ ସୂଚନା ଭବନ, ସନ୍ଧ୍ୟା ୬ଟା ୩୦।
- ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରର ୪୦ତମ ପ୍ରତିଷ୍ଠା ଦିବସ ଓ ବାର୍ଷିକ ଉତ୍ସବ, ବିଦ୍ୟାଳୟ ପରିସର, ୟୁନିଟ୍-୮, ଅପରାହ୍ନ ୪ଟା।
- ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ, ଓଡ଼ିଶା ସଙ୍ଗୀତ ନାଟକ ଏକାଡେମୀ ଓ ଓଡ଼ିଶା ନାଟ୍ୟ ସଂଘର ମିଳିତ ଆନୁକୂଲ୍ୟରେ ନାଟ୍ୟଧାରା ‘ତା’ରି ଲାଗି’, ଭଞ୍ଜକଳା ମଣ୍ଡପ, ସନ୍ଧ୍ୟା ୭ଟା।

ବାଲିଅନ୍ତା

- ବିଶ୍ୱଶାନ୍ତି ମହାଯଜ୍ଞ, କୁଶଗାଡ଼ିଆ ମଠ ପରିସର, ସକାଳ ୯ଟା।

କଟକ

- ସ୍ୱାଧୀନତା ସଂଗ୍ରାମୀ ବିଶ୍ୱନାଥ ପଣ୍ଡିତଙ୍କ ୧୦୪ତମ ଜୟନ୍ତୀ ସମାରୋହ, ପଣ୍ଡିତଙ୍କ ବାସଭବନ, ବ୍ରାହ୍ମଣସାହି, ଚାନ୍ଦିନୀଚୌକ, ସକାଳ ୯ଟା।
- ପ୍ରକାଶକ ଓ ସାରସ୍ୱତ ସାଧକ ପୀତାମ୍ବର ମିଶ୍ରଙ୍କ ସ୍ମୃତି ସମାରୋହ, ସାରଳା ଭବନ, ବିଜୁ ପଟ୍ଟନାୟକ ଛକ, ସନ୍ଧ୍ୟା ୬ଟା।
- ଜାନକୀ ବଲ୍ଲଭ ପୌରୁଷ ସମ୍ମାନ ପ୍ରଦାନ ଉତ୍ସବ, ଟାଉନ ହଲ୍, ସନ୍ଧ୍ୟା ୬ଟା ୩୦।

# ବୀରତ୍ୱ, ଧୈର୍ଯ୍ୟର ପ୍ରତୀକ ଚକରା ବିଷୋୟୀ




ଚକରା ବିଷୋୟୀଙ୍କ ରାଜ୍ୟସ୍ତରୀୟ ଜୟନ୍ତୀରେ ବାଚସ୍ପତି ବିକ୍ରମ କେଶରୀ ଆରୁଖ ଓ ଅନ୍ୟ ଅତିଥିମାନେ।

ଭୁବନେଶ୍ୱର,୨୧୧(ବ୍ୟୁରୋ)

ସାରା ଭାରତରେ ଯେତେବେଳେ ବ୍ରିଟିଶ ଅତ୍ୟାଚାରରେ ଜନସାଧାରଣ ତ୍ରାହି ତ୍ରାହି ଡାକୁଥିଲେ, ସେତେବେଳେ ବ୍ରିଟିଶ ଶାସନ ବିରୋଧରେ ଯେଉଁ କେତେଜଣ ସଂଗ୍ରାମୀ ଆଗେଇ ଆସିଥିଲେ, ସେମାନଙ୍କ ମଧ୍ୟରେ ଘୁମୁସରର ସଂଗ୍ରାମୀ ଚକରା ବିଷୋୟୀ ଥିଲେ ଅନ୍ୟତମ। ସେ ପରାକ୍ରମଶାଳୀ ବ୍ରିଟିଶ ବିରୋଧରେ ସଶସ୍ତ୍ର ସଂଗ୍ରାମର ନେତୃତ୍ୱ ନେଇ ଦୀର୍ଘ ୧୫ ବର୍ଷ ଧରି ବ୍ରିଟିଶ ଶାସକଙ୍କ ଆଖିରୁ ନିଦ ହଜାଇ ଦେଇଥିଲେ। ମହାତ୍ମା ଗାନ୍ଧୀଙ୍କ ଭାରତଛାଡ ଡାକରାର ୧୦୦ ବର୍ଷ ପୂର୍ବରୁ ସେ ଏହି ସଂଗ୍ରାମ କରିଥିଲେ। ଦେଶ ମାତୃକା ପାଇଁ ଚକରା ବିଷୋୟୀଙ୍କ ସଂଗ୍ରାମ ଓ ତ୍ୟାଗ ଆଜି ଦିନରେ ବିରଳ ବୋଲି ବାଚସ୍ପତି ବିକ୍ରମ କେଶରୀ ଆରୁଖ ପ୍ରକାଶ କରିଛନ୍ତି।

### ରାଜ୍ୟସ୍ତରୀୟ ଜୟନ୍ତୀ

ରାଜ୍ୟ ସୂଚନା ଓ ଲୋକ ସମ୍ପର୍କ ବିଭାଗ ଏବଂ ଭଞ୍ଜନଗରର ତରୁଣ କଳାକାର ଅନୁଷ୍ଠାନ ପକ୍ଷରୁ ସୋମବାର ସୂଚନା ଭବନରେ ଅନୁଷ୍ଠିତ ଚକରା ବିଷୋୟୀଙ୍କ ୨୦୦ତମ ରାଜ୍ୟସ୍ତରୀୟ ଜୟନ୍ତୀରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ବାଚସ୍ପତି ଆରୁଖ ଏହା କହିଛନ୍ତି। ମୁଖ୍ୟବକ୍ତା ଭାବେ ଭଞ୍ଜନଗରର କବି ସମ୍ରାଟ ଉପେନ୍ଦ୍ର ଭଞ୍ଜ ମହାବିଦ୍ୟାଳୟର ପୂର୍ବତନ ଅଧ୍ୟକ୍ଷ ଡ. ବିଚିତ୍ରାନନ୍ଦ ଦାସ କହିଲେ, ଘୁମୁସର ହେଉଛି ଭାରତୀୟ ମୁକ୍ତି ସଂଗ୍ରାମର ଅନ୍ୟତମ ଆଦିପୀଠ। ଚକରା ବିଷୋୟୀ ଥିଲେ ଘୁମୁସର ମାଟିର ବ୍ରିଟିଶ ବିରୋଧୀ ବଳିଷ୍ଠ ସଂଗଠକ। ସେଥିଲେ ନିର୍ଭିକ ବୀରତ୍ୱ, ଅସୀମ ଧୈର୍ଯ୍ୟର ପ୍ରତୀକ। ସମ୍ମାନିତ ଅତିଥି ଓଡିଶା ସଙ୍ଗୀତ ନାଟକ ଏକାଡେମୀ ଉପସଭାପତି ତଥା ବିଶିଷ୍ଟ ଗବେଷକ ଓ ନାଟ୍ୟକାର ମନ୍ମଥ କୁମାର ଶତପଥୀ ଚକରା ବିଷୋୟୀଙ୍କ ସଂଗ୍ରାମ ସମ୍ପର୍କରେ ଆଲୋକପାତ କରିଥିଲେ। ସୂଚନା ଓ ଲୋକସମ୍ପର୍କ ବିଭାଗର ନିର୍ଦ୍ଦେଶକ ଇନ୍ଦ୍ରମଣି ତ୍ରିପାଠୀ ଅଧକ୍ଷତା କରି କହିଲେ, ଚକରା ବିଷୋୟୀଙ୍କ ଜୀବନୀ ବର୍ତ୍ତମାନ ତଥା ଭବିଷ୍ୟତ ପିଢ଼ି ନିମନ୍ତେ ପ୍ରେରଣାର ଉତ୍ସ ହୋଇ ରହିବ। ସହକାରୀ ନିର୍ଦ୍ଦେଶକ ସୁଚେତା ପ୍ରିୟଦର୍ଶିନୀ ସଂଯୋଜନା ଓ ତରୁଣ କଳାକାର ଅନୁଷ୍ଠାନର କାର୍ଯ୍ୟକର୍ତ୍ତା ତଥା ଅନୁବାଦକ ଡ. ଅଜୟ କୁମାର ପଟ୍ଟନାୟକ ଧନ୍ୟବାଦ ଦେଇଥିଲେ। ଢେଙ୍କାନାଳର ଅଲଟରନେଟିଭ୍ ରିଦମ୍ ଥିଏଟରର ଶିଳ୍ପୀଙ୍କ ଦ୍ୱାରା ‘ମୁଁ ଚକରା କହୁଛି’ ନାଟକ ପରିବେଷଣ କରାଯାଇଥିଲା। ନାଟକର ନିର୍ଦ୍ଦେଶକ ଦୀନେଶ ଦାସଙ୍କୁ ମୁଖ୍ୟ ଅତିଥି ସମ୍ବର୍ଦ୍ଧିତ କରିଥିଲେ।

# ଘରୋଇ ହସ୍ପିଟାଲର ନିର୍ଦ୍ଦେଶକ ଗିରଫ

ଭୁବନେଶ୍ୱର, ୨୧୧ (ବ୍ୟୁରୋ)

ଭୁବନେଶ୍ୱରସ୍ଥିତ ଏକ ଘରୋଇ ହସ୍ପିଟାଲର ନିର୍ଦ୍ଦେଶକଙ୍କୁ ନୟାପଲ୍ଲୀ ଥାନା ପୋଲିସ ସୋମବାର ଗିରଫ କରିଛି। ସେ ହେଲେ ଆଇଆର୍‌ସି ଭିଲେଜରେ ରହୁଥିବା ଅଶୋକ ଆଚାର୍ଯ୍ୟ। ତାଙ୍କ ବିରୋଧରେ ଭୁବନେଶ୍ୱର ଏସ୍‌ଡିଜେଏମ୍ କୋର୍ଟ ୨୦୨୨ରେ ନେଗୋସିଏବୁଲ୍ ଇନ୍‌ଷ୍ଟ୍ରୁମେଣ୍ଟ ଆକ୍ଟରେ ଦୁଇଟି ଜାମିନବିହୀନ ଗିରଫ ପରୱାନା (ଏନ୍‌ବିଡବ୍ଲ୍ୟୁ) ଜାରି କରିଥିବାରୁ ସେହି ଆଧାରରେ ତାଙ୍କୁ ପୋଲିସ ଗିରଫ କରି କୋର୍ଟଚାଲାଣ କରିଥିଲା। ପରେ ତାଙ୍କୁ ଜାମିନ ମିଳିଥିବା ଥାନାଧିକାରୀ ବିଶ୍ୱରଞ୍ଜନ ସାହୁ କହିଛନ୍ତି। ତେବେ କେଉଁ ମାମଲା ଓ କିଏ କରିଥିଲେ ସେନେଇ ଆମ ପାଖରେ କିଛି ସୂଚନା ନ ଥିବା ସେ କହିଛନ୍ତି। ସୂଚନା ଅନୁଯାୟୀ, ଆଚାର୍ଯ୍ୟ ବିହାର ଛକରେ ଥିବା ଉକ୍ତ ଘରୋଇ ହସ୍ପିଟାଲରେ ୨୦୧୬ ଜୁନ ୩୦ରେ ଡାକ୍ତରୀ ଶିକ୍ଷା ଓ ପ୍ରଶିକ୍ଷଣ ନିର୍ଦ୍ଦେଶାଳୟ (ଡିଏମଇଟି) ଚଢ଼ାଉ ସହ ଯାଞ୍ଚ କରିଥିଲା। ଚିକିତ୍ସାରେ ତ୍ରୁଟି ଥିବା ନେଇ ପ୍ରମାଣ ମିଳିବା ପରେ ଡିଏମ୍‌ଇଟି ନିର୍ଦ୍ଦେଶରେ ଏହି ହସ୍ପିଟାଲକୁ ବନ୍ଦ କରାଯାଇଥିଲା।

# ବିଦ୍ୟୁତ୍‌ଖୁଣ୍ଟରୁ ଯୁବକଙ୍କ ଝୁଲନ୍ତା ମୃତଦେହ ଜବତ

ନିରାକାରପୁର,୨୧୧(ଡି.ଏନ୍.ଏ.)

ଜଙ୍କିଆ ଥାନା ଅଧୀନ ଛଣଗିରି ପଞ୍ଚାୟତର ଏକ ବିଦ୍ୟୁତ୍ ଖୁଣ୍ଟରୁ ସୋମବାର ପୋଲିସ ଝୁଲନ୍ତା ଅବସ୍ଥାରେ ଜଣେ ଯୁବକଙ୍କ ମୃତଦେହ ଜବତ କରିଛି। ସେ ହେଲେ ଛଣଗିରି ସଂଖ୍ୟାଲଘୁ ସାହିର ସେକ୍ ତାଲିମ ଓରଫ କୁନା(୩୨)। ସୂଚନା ମୁତାବକ, ଉକ୍ତ ପଞ୍ଚାୟତରେ ଥିବା ମେଳଣ ପଡିଆ ଭୋଗ ଘର ପଛ ପଟେ ଯାଇଥିବା ୧୧ କେଭି ବିଦ୍ୟୁତ୍ ଖୁଣ୍ଟରେ ଜଣେ ଯୁବକଙ୍କ ମୃତଦେହ ଝୁଲୁଥିବା ଦେଖିବାକୁ ମିଳିଥିଲା। ଖବରପାଇ ପୋଲିସ ପହଞ୍ଚି ବିଦ୍ୟୁତ୍ କର୍ମଚାରୀଙ୍କ ସହାୟତାରେ ମୃତଦେହ ଉଦ୍ଧାର କରିଥିଲା। ପରେ ପୋଲିସ କୁନାଙ୍କ ମୃତଦେହ ବ୍ୟବଚ୍ଛେଦ ପାଇଁ ଜିଲା ମୁଖ୍ୟ ଚିକିତ୍ସାଳୟକୁ ପଠାଇଥିଲା। ଏନେଇ ଥାନାରେ ଏକ ଅପମୃତ୍ୟୁ ମାମଲା (ନଂ.୨/୨୩)ରୁଜୁ ହୋଇଛି। ଏନେଇ ତଦନ୍ତକାରୀ ଅଧିକାରୀ ବେଣୁଧର ରାୟ କୁହନ୍ତି, ବିଦ୍ୟୁତ୍ ଖୁଣ୍ଟ ଉପରେ ଲାଗିଥିବା ଆଙ୍ଗଲ ଚୋରି କରିବାକୁ ଯାଇଥିବା ବେଳେ ଏଭଳି ସ୍ଥିତି ଉପୁଜିଛି।

# ଖଣ୍ଡା ବୁଲାଇବା ଘଟଣା:ଏଣ୍ଟୁଅ ଗିରଫ

ଭୁବନେଶ୍ୱର,୨୧୧(ବ୍ୟୁରୋ)

ନୟାପଲ୍ଲୀ ଥାନା ଅନ୍ତର୍ଗତ ଭୋଇସାହିରେ ଖଣ୍ଡା ବୁଲାଇ ଆତଙ୍କ ଓ ଆକ୍ରମଣ କରିବା ଅଭିଯୋଗରେ ପୋଲିସ ସୋମବାର ଜଣେ ଯୁବକଙ୍କୁ ଗିରଫ କରିଛି। ସେ ହେଲେ ଉକ୍ତ ଥାନା ଗଦାସାହିରେ ରହୁଥିବା ସତ୍ୟବ୍ରତ ଖୁଣ୍ଟିଆ ଓରଫ ଏଣ୍ଟୁଅ। ସୂଚନାନୁସାରେ ରବିବାର ଭୋଇ ସାହିରେ ୨ ଗୋଷ୍ଠୀ ସାମାନ୍ୟ ବଚସାରୁ ମୁହାଁମୁହିଁ ହୋଇଥିଲେ। ୧୦ଯୁବକ ହାତରେ ଖଣ୍ଡା, ଭୁଜାଲି ଧରି ଲୋକଙ୍କୁ ଭୟଭୀତ କରି ଗାଡ଼ିମୋଟର ଭଙ୍ଗାରୁଜା କରିଥିଲେ। ଏହାକୁ ବିରୋଧ କରିବାରୁ ଏକ ପରିବାରକୁ ଆକ୍ରମଣ କରିଥିଲେ। ଏ ନେଇ ଥାନାରେ ଅଭିଯୋଗ ହୋଇଥିଲା।

## ସେଲ୍‌ଫି କର୍ଣ୍ଣର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି

metroselfie@gmail.com



@ ଅରୋଦୀପା



@ ଦେବବ୍ରତ



@ କୁନାଲ



@ ସସ୍ମିତା



@ ପ୍ରତୀକ୍ଷା

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟ ବିବେଚିତ ଫଟୋ ପ୍ରକାଶ ପାଇବ।



ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ, ଓଡ଼ିଶା ସଙ୍ଗୀତ ନାଟକ ଏକାଡେମୀ ଏବଂ ଓଡ଼ିଆ ନାଟ୍ୟ ସଂଘ ପକ୍ଷରୁ ନାଟ୍ୟଧାରାରେ ଭୁବନେଶ୍ୱର ଭଞ୍ଜକଳା ମଣ୍ଡପରେ ସୋମବାର ପରିବେଷିତ ନାଟକ ‘ଶୂନ୍ୟ ପଞ୍ଜୁରୀ’ର ଏକ ଦୃଶ୍ୟ।




ବୋଉ ଫାଉଣ୍ଡେଶନ ପକ୍ଷରୁ ସୋମବାର ଗୀତଗୋବିନ୍ଦ ସଦନରେ ବୋଉ ଦିବସ ପାଳନ ଅବସରରେ ଅତିଥିଭାବେ ଯୋଗଦେଇଥିବା ବୋଉମାନେ।

## ଜନ୍ମଦିନର ଶୁଭେଚ୍ଛା

ନାମ: ..............................
ବୟସ: ..............................
ଜନ୍ମ ତାରିଖ: ..............................


ରାନୀ
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


# ନେତାଙ୍କ ହୋର୍ଡିଂ ଭାଙ୍ଗିଦେଲେ

ତେଲକୋଇ,୨।୧(ଡି.ଏନ୍.ଏ)

କେନ୍ଦୁଝର ଜିଲା ତେଲକୋଇ ନିର୍ବାଚନ ମଣ୍ଡଳୀରେ ବିଜେଡିର ନେତାଙ୍କ ହୋର୍ଡିଂଙ୍କୁ ଦୁର୍ବୃତ୍ତ ଭାଙ୍ଗି ଦେଇଛନ୍ତି। ଅନ୍ୟପକ୍ଷରେ ବିଜେଡିର କେତେକ ରାଜନେତାଙ୍କ ବ୍ୟାନର ପୋଷ୍ଟର ସୁରକ୍ଷିତ ରହିଛି। ଫଳରେ ବିଜେଡିରେ ଗୋଷ୍ଠୀ କନ୍ଦଳ ଯୋଗୁ ହୋର୍ଡିଂ ଭଙ୍ଗା ଯାଇଥିବା ନେଇ ସ୍ଥାନୀୟ ଅଞ୍ଚଳରେ ଆଲୋଚନା ହେଉଛି। ସୂଚନାଯୋଗ୍ୟ, ତେଲକୋଇର ବିଭିନ୍ନ ସ୍ଥାନରେ ରାଜନେତାମାନେ ନୂତନ ବର୍ଷ ଏବଂ ମକର ସଂକ୍ରାନ୍ତି ଉପଲକ୍ଷେ ଶୁଭେଚ୍ଛା ବାର୍ତ୍ତା ହୋର୍ଡିଂ ଓ ବ୍ୟାନର ଲଗାଇଛନ୍ତି। ବିଜେଡିର ସାଧାରଣ ସମ୍ପାଦକ ତଥା ଚମ୍ପୁଆ ନିର୍ବାଚନମଣ୍ଡଳୀର ପୂର୍ବତନ ବିଧାୟକ ଧନୁର୍ଜୟ ସିଦ୍ଧୁଙ୍କର ବଜାରରେ ଥିବା ହୋର୍ଡିଂକୁ ରବିବାର କେହି ଭାଙ୍ଗି ଡ୍ରେନ୍‌ରେ ପକାଇଦେଇଥିଲେ। ସୋମବାର ରାଜ୍ୟ ମହିଳା ବିଜେଡି ସଭାନେତ୍ରୀ ସ୍ନେହାଙ୍ଗିନୀ ଛୁରିଆ, ଜିଲା ସଭାପତି ରମଣୀ ନାୟକ, ବ୍ଲକ୍ ପୂର୍ବତନ ଅଧକ୍ଷା ମମତା ଦେହୁରୀଙ୍କ ହୋର୍ଡିଂ ମଧ ଭାଙ୍ଗି ଡ୍ରେନ୍‌ରେ ପକାଯାଇଥିଲା। କିନ୍ତୁ ଚମ୍ପୁଆର ପୂର୍ବତନ ବିଧାୟକ ସନାତନ ମହାକୁଡ଼ ଓ ତେଲକୋଇ ବିଧାୟକ ପ୍ରେମାନନ୍ଦ ନାଏକଙ୍କର ବ୍ୟାନର ପୋଷ୍ଟର ସୁରକ୍ଷିତ ରହିଥିବାରୁ ବିଜେଡିରେ ଗୋଷ୍ଠୀ କନ୍ଦଳ ଯୋଗୁ ହୋର୍ଡିଂ ଭଙ୍ଗା ଯାଇଥିବା ଆଲୋଚନା ହେଉଛି। ଅନ୍ୟପକ୍ଷରେ ବଜାରରେ ଭାଜପାର ଶୁଭେଚ୍ଛା ବାର୍ତ୍ତା ଏବଂ ହୋର୍ଡିଂ ନ ଥିବା ବେଳେ କଂଗ୍ରେସର ମଧ ଅନୁରୂପ ଅବସ୍ଥା ହୋଇଥିବାରୁ ଚର୍ଚ୍ଚା ଜୋର ଧରିଛି।


କୋଲକାତାଠାରେ ସୋମବାର ଆୟୋଜିତ ଭାରତଯୋଡ଼ୋ ଯାତ୍ରାରେ ପଶ୍ଚିମବଙ୍ଗ କଂଗ୍ରେସ ସଭାପତି ଅଧୀର ରଞ୍ଜନ ଚୌଧୁରୀ, ପ୍ରଭାରୀ ଏ.ଚେଲ୍ଲା କୁମାର ଓ ଦଳୀୟ ନେତୃବୃନ୍ଦ।

## ରାହୁଲଙ୍କୁ ଧନ୍ୟବାଦ ଜଣାଇଲେ ଅଖିଳେଶ, ମାୟାବତୀ

ନୂଆଦିଲ୍ଲୀ, ୨।୧: ରାହୁଲ ଗାନ୍ଧୀଙ୍କ ନେତୃତ୍ୱାଧୀନ ଭାରତ ଯୋଡ଼ୋ ଯାତ୍ରା ଜାନୁୟାରୀ ୩ରେ ଉତ୍ତରପ୍ରଦେଶରେ ପ୍ରବେଶ କରିବ। ଏଥିରେ ସାମିଲ ଲାଗି କଂଗ୍ରେସ ସମାଜବାଦୀ ପାର୍ଟି ସଭାପତି ଅଖିଳେଶ ଯାଦବ,ବିଏସ୍‌ପି ମୁଖ୍ୟ ମାୟାବତୀଙ୍କୁ ନିମନ୍ତ୍ରଣ କରିଥିଲା। ତେବେ ନିମନ୍ତ୍ରଣ ପାଇବା ପରେ ସୋମବାର ଉଭୟ ଅଖିଳେଶ ଓ ମାୟାବତୀ କଂଗ୍ରେସ ନେତା ରାହୁଲଙ୍କୁ ଧନ୍ୟବାଦ ଜଣାଇଛନ୍ତି।

# ବିଜେଡି ପ୍ରତିଷ୍ଠା ଦିବସରେ ପିନାକୀ କେଉଁଠି ଥିଲେ: ଭର୍ତ୍ତୃହରି

- ଖୁବ୍‌ଶୀଘ୍ର ୪ଟି ପ୍ରସଙ୍ଗରେ ମୁହଁ ଖୋଲିବେ
- ପୁରୀ କାର୍ଯ୍ୟକ୍ରମରେ ନ ଥିଲେ ପିନାକୀ, ଭର୍ତ୍ତୃହରି
- ଦେବୀ ମିଶ୍ର କହିଲେ ଦଳରେ କିଛି ଦ୍ୱନ୍ଦ୍ୱ ନାହିଁ

ଭୁବନେଶ୍ୱର,୨।୧(ବ୍ୟୁରୋ)

ବିଜେଡିର ବରିଷ୍ଠ ନେତା ତଥା କଟକ ଏମ୍‌ପି ଭର୍ତ୍ତୃହରି ମହତାବ ୪ଟି ବିଷୟରେ ନିଜର ଆଭିମୁଖ୍ୟ ଗଣମାଧ୍ୟମ ଆଗରେ ଖୁବ୍‌ଶୀଘ୍ର ରଖିବେ। ହେଲେ ସେ କେବେ ଏବଂ କେଉଁସବୁ ପ୍ରସଙ୍ଗରେ ରଖିବେ ସେନେଇ କିଛି ସ୍ପଷ୍ଟ କରିନାହାନ୍ତି। ତେବେ ଭର୍ତ୍ତୃହରିଙ୍କ ଏଭଳି ମନ୍ତବ୍ୟ ପରେ ସେ କିଛି ଗୁରୁତ୍ୱପୂର୍ଣ୍ଣ କଥାକୁ ଉହ୍ୟ ରଖିଲେ ନା ବୈଦ୍ୟୁତିକ ଗଣମାଧ୍ୟମର ଖବରଦାତାମାନଙ୍କ ଜରିଆରେ ନିଜର ଅସନ୍ତୋଷକୁ ନେଇ ରାଜନୈତିକ କାର୍ଡ ଖେଳିଲେ ସେନେଇ ବର୍ତ୍ତମାନ ଚର୍ଚ୍ଚା ଆରମ୍ଭ ହୋଇଯାଇଛି। ତେବେ ଗତ ଡିସେମ୍ବର ୨୬ ତାରିଖରେ ପୁରୀଠାରେ ବିଜେଡି ପାଳିଥିବା ପ୍ରତିଷ୍ଠା ଦିବସ କାର୍ଯ୍ୟକ୍ରମରେ ଭର୍ତ୍ତୃହରିଙ୍କୁ ଦେଖିବାକୁ ମିଳି ନ ଥିଲା ବୋଲି ପ୍ରଶ୍ନରେ ସେ ପୁରୀ ଏମ୍‌ପି ପିନାକୀଙ୍କ କଥା ଉଠାଇ ଆହୁରି ଦ୍ୱନ୍ଦ୍ୱକୁ ବଢ଼ାଇ ଦେଇଛନ୍ତି। ବିଜେଡିର ୨୬ତମ ପ୍ରତିଷ୍ଠା ଦିବସରେ ଅନୁପସ୍ଥିତ ରହିଥିବା ନେଇ ମହତାବ ଗଣମାଧ୍ୟମ ଆଗରେ ପ୍ରତିକ୍ରିୟା ରଖି କହିଛନ୍ତି ଯେ, ଆଜି ସ୍ୱାଧୀନତା ସଂଗ୍ରାମୀ ଦିବସରେ ଏନେଇ ଚର୍ଚ୍ଚା ନ କରିବା ଭଲ। ୪ଟି ବିଷୟରେ ତାଙ୍କର କହିବାର ଅଛି। ସେ ମନ୍ମଥ ଦାସଙ୍କ 'ଦେଖା ହେଲେ କହିବି ସେ କଥା' ସମ୍ପର୍କରେ ଉଲ୍ଲେଖ କରି ଏବେ ନୁହେଁ, ଦେଖାହେଲେ କହିବେ ବୋଲି କହିଛନ୍ତି। ତେବେ ୨୦୨୪ରେ ସେ ନିର୍ବାଚନ ଲଢ଼ିବେ ନା ନାହିଁ ବୋଲି ପଚାରିବାରୁ ତାହା ମଧ ଗୋଟିଏ ପ୍ରସଙ୍ଗ ବୋଲି ଭର୍ତ୍ତୃହରି କହିଛନ୍ତି।

ବିଜେଡି ପ୍ରତିଷ୍ଠା ଦିବସରେ କାହିଁକି ଅନୁପସ୍ଥିତ ରହିଲେ ତା'ର ସିଧାସଳଖ ଉତ୍ତର ନ ଦେଇ ସେ କହିଛନ୍ତି, ପିନାକୀ ମିଶ୍ର ତ ଅନୁପସ୍ଥିତ ଥିଲେ। ତାଙ୍କୁ ଏନେଇ ପଚାରିଛନ୍ତି କି। ତେବେ ପିନାକୀ ଅସୁସ୍ଥ ଥିବା ନେଇ ଦଳ ପକ୍ଷରୁ ଘୋଷଣା କରାଯାଇଥିଲା। ହେଲେ ଭର୍ତ୍ତୃହରିଙ୍କ ସମ୍ପର୍କରେ ଦଳ ପକ୍ଷରୁ କିଛି କୁହାଯାଇ ନ ଥିବା ସମ୍ପର୍କରେ ଖବରଦାତାମାନେ ପଚାରିଥିଲେ। ଏହାର ଉତ୍ତରରେ ସେଦିନ ପିନାକୀବାବୁ କେଉଁଠି ଥିଲେ ବୋଲି ଭର୍ତ୍ତୃହରି ପାଲଟା ପ୍ରଶ୍ନ କରିଛନ୍ତି। ତେବେ ପିନାକୀ ମିଶ୍ର ପ୍ରତିଷ୍ଠା ଦିବସରେ ଉପସ୍ଥିତ ନ ରହିବା ଏବଂ ଏହି ବିଷୟରେ ଭର୍ତ୍ତୃହରି ଦେଇଥିବା ମନ୍ତବ୍ୟକୁ ନେଇ ରାଜନୀତି ଜୋର୍ ଧରିଛି। ଭର୍ତ୍ତୃହରି ଆହୁରି କହିଛନ୍ତି, ଭାଜପା ଏବେ ବିଭିନ୍ନ ଲୋକ ସଭା ଆସନ ଉପରେ ଫୋକସ କରୁଛି। ୨୦୧୪ରୁ ଭାଜପା କଟକ ଆସନକୁ ଫୋକସ୍ କଲାଣି। ୨୦୧୯ରେ ଭାଜପାକୁ ୪ଲକ୍ଷ ଭୋଟ ମିଳିଥିଲା। କଟକରେ ଭାଜପା ହେଉଛି ବିଜେଡିର ମୁଖ୍ୟ ପ୍ରତିଦ୍ୱନ୍ଦ୍ୱୀ। ସେହିପରି ନବୀନ ପଟ୍ଟନାୟକ ୧୦୦ବର୍ଷ ବିଜେଡି ଶାସନ କରିବ ବୋଲି ଯାହା କହିଛନ୍ତି ତା'ର ମର୍ମକୁ ବୁଝିବା ଆବଶ୍ୟକ। ଦଳର ନେତା ଓ କର୍ମୀମାନଙ୍କୁ ସେ ଆହ୍ୱାନ ଦେଇଛନ୍ତି ଯେ ମହିଳାମାନଙ୍କ ସହଯୋଗ ଓ ଆଶୀର୍ବାଦରେ ୧୦୦ବର୍ଷ ଧରି କ୍ଷମତାରେ ରହିହେବ।

ଅପରପକ୍ଷେ ଭର୍ତ୍ତୃହରିଙ୍କ ମନ୍ତବ୍ୟ ଉପରେ ପ୍ରତିକ୍ରିୟା ଦେଇ ବରିଷ୍ଠ ବିଜେଡି ନେତା ଦେବୀପ୍ରସାଦ ମିଶ୍ର କହିଛନ୍ତି ଯେ, ଦଳ ଭିତରେ କିଛି ଦ୍ୱନ୍ଦ୍ୱ ନାହିଁ। ସମସ୍ତେ ପ୍ରାୟତଃ ଦଳର ପ୍ରତିଷ୍ଠା ଦିବସରେ ଆସିଥିଲେ। କେହି ବ୍ୟକ୍ତିଗତ ଓ ଶାରୀରିକ ସମସ୍ୟା ଯୋଗୁ ଆସି ନ ଥିଲେ। ଉଭୟ ଭର୍ତ୍ତୃହରି ଓ ପିନାକୀଙ୍କ ସହ ସେ ନିଜେ କଥା ହୋଇଛନ୍ତି। ତେବେ ଭର୍ତ୍ତୃହରି ୪ଟି ବିଷୟରେ ମୁହଁ ଖୋଲିବା ପ୍ରସଙ୍ଗକୁ ନେଇ ପଚାରିବାରୁ ସେ ଏଡ଼ାଇ ଯାଇଥିଲେ। ତେବେ ଡିସେମ୍ବର ୨୬ ଦଳୀୟ ପ୍ରତିଷ୍ଠା ଦିବସରେ ଅନୁପସ୍ଥିତ ଥିବା ଭର୍ତ୍ତୃହରି କିନ୍ତୁ ଡିସେମ୍ବର ୩୦ରେ ମୁଖ୍ୟମନ୍ତ୍ରୀଙ୍କ ସହ ଅଲଓଡ଼ିଶା ଲୟର୍ସ ଆସୋସିଏଶନର ୫୧ତମ ବାର୍ଷିକ ଉତ୍ସବରେ ମଞ୍ଚରେ ଉପସ୍ଥିତ ଥିଲେ। ଏ ନେଇ ପିନାକୀଙ୍କ ମତାମତ ନେବାଲାଗି ତାଙ୍କ ସହିତ ଯୋଗାଯୋଗ କରିବାକୁ ଚେଷ୍ଟା କରିଥିଲେ ମଧ୍ୟ ତାହା ସମ୍ଭବ ହୋଇପାରି ନଥିଲା।

# ଦାବି ପୂରଣ ନ ହେଲେ 'ମାଟି ପାଇଁ ଜେଲ ଚାଲ' : ଗଣେଶ୍ୱର

ଭୁବନେଶ୍ୱର,୨।୧(ବ୍ୟୁରୋ)

କେନ୍ଦ୍ରାପଡ଼ା ନଗର ଓ ବ୍ଲକ କଂଗ୍ରେସ ପକ୍ଷରୁ ହରିଦାସପୁର-ପାରାଦୀପ ରେଳପଥରେ ଯାତ୍ରୀବାହୀ ରେଳ ଚଳାଚଳ ଦାବିରେ ସୋମବାର ପୂର୍ବତଟ ରେଳପଥର ମୁଖ୍ୟ କାର୍ଯ୍ୟାଳୟ ଚନ୍ଦ୍ରଶେଖରପୁରଠାରେ ଗଣବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ପୂର୍ବତନ ମନ୍ତ୍ରୀ ଗଣେଶ୍ୱର ବେହେରାଙ୍କ ନେତୃତ୍ୱରେ ଆୟୋଜିତ ଏହି ଆନ୍ଦୋଳନରେ ପୂର୍ବତନ ପିସିସି ସଭାପତି ନିରଞ୍ଜନ ପଟ୍ଟନାୟକ, କେନ୍ଦ୍ରାପଡା ଜିଲା କଂଗ୍ରେସ ସଭାପତି ଅଂଶୁମାନ ମହାନ୍ତି ଓ ବରିଷ୍ଠ କଂଗ୍ରେସ ବିଧାୟକ ସୁରେଶ କୁମାର ରାଉତରାୟ ଯୋଗଦେଇଥିଲେ। ଗଣେଶ୍ୱର ଏହି ଅବସରରେ କହିଛନ୍ତି, କଂଗ୍ରେସ ହରିଦାସପୁର-ପାରାଦୀପ ରେଳପଥରେ ଯାତ୍ରୀବାହୀ ରେଳ ଚଳାଚଳ ନିମନ୍ତେ ୨୦୨୧ ଓ ୨୦୨୨ରେ ଆନ୍ଦୋଳନ କରାଯାଇଛି। ଜିଏମ୍‌ଙ୍କୁ ଭେଟି ୨ ଥର ଦାବିପତ୍ର ଦିଆଯାଇଛି। ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବଙ୍କୁ ମଧ ୩ଥର ଚିଠି ଲେଖି ବିଫଳ ହେବାରୁ ଏବେ ଗଣବିକ୍ଷୋଭ କରିବାକୁ ବାଧ୍ୟ ହୋଇଛନ୍ତି। ଏହି ଆନ୍ଦୋଳନ ବ୍ୟର୍ଥ ହେଲେ 'ମାଟି ପାଇଁ ଜେଲ ଚାଲ' ଆନ୍ଦୋଳନ କରିବାକୁ ସେ ଚେତାବନୀ ଦେଇଛନ୍ତି।

ଗଣବିକ୍ଷୋଭ ସହ ପୂର୍ବତନ ରେଳପଥ ଜିଏମଙ୍କୁ ଏକ ପ୍ରତିନିଧି ଦଳ ସୁରେଶ କୁମାର ରାଉତରାୟଙ୍କ ନେତୃତ୍ୱରେ ଭେଟି ସ୍ମାରକପତ୍ର ଦେଇଛନ୍ତି।

# କଂଗ୍ରେସ ଛାଡ଼ିଲେ ଉମେଶ

ବରୀ,୨।୧ (ଡି.ଏନ.ଏ.)

ସୋମବାର କଂଗ୍ରେସର ପ୍ରାଥମିକ ସଭ୍ୟ ପଦରୁ ଇସ୍ତଫା ଦେଇଛନ୍ତି ଉମେଶ ଜେନା । ପ୍ରଦେଶ କଂଗ୍ରେସ କମିଟି ସଭାପତି ଶରତ ପଟ୍ଟନାୟକଙ୍କୁ ସେ ପ୍ରଦାନ କରିଥିବା ଇସ୍ତଫା ପତ୍ରରେ ଉଲ୍ଲେଖ କରିଛନ୍ତି ଦଳ ତାଙ୍କୁ ଅଣଦେଖା କରିଛି । କୌଣସି କାର୍ଯ୍ୟକ୍ରମରେ ତାଙ୍କୁ ସାମିଲ କରାଯାଉନାହିଁ । ଏପରି ସ୍ଥିତିରେ ସେ ଦଳ ଛାଡ଼ିବାକୁ ବାଧ୍ୟ ହୋଇଛନ୍ତି । ସେ ନିଜ ଇସ୍ତଫା ସମ୍ପର୍କରେ ବି ଗଣମାଧ୍ୟମକୁ ସୂଚନା ଦେଇଛନ୍ତି। ଉମେଶ ଗତ ସାଧାରଣ ନିର୍ବାଚନରେ ଜାତୀୟ କଂଗ୍ରେସରୁ ଯାଜପୁର ଜିଲା ବରି ନିର୍ବାଚନ ମଣ୍ଡଳୀର ବିଧାୟକ ପ୍ରାର୍ଥୀ ହୋଇ ନିର୍ବାଚନ ଲଢିଥିଲେ।


ଉମେଶ ଜେନା

ଏ ସଂକ୍ରାନ୍ତରେ ଉମେଶଙ୍କୁ ନିଜର ଆଗାମୀ ରାଜନୈତିକ ସ୍ଥିତି ସମ୍ପର୍କରେ ପଚାରିବାରୁ ମୋର ଶୁଭେଚ୍ଛୁ, ସମର୍ଥକମାନଙ୍କ ସହ ଆଲୋଚନା କରି କ'ଣ ନିଷ୍ପତ୍ତି ନେବି ତାହା ସମୟ କହିବ। ଅନ୍ୟପକ୍ଷେ ଉମେଶ ଦଳ ଛାଡିବା ପରେ ବରୀରେ ବୁଡିଯାଉଥିବା କଂଗ୍ରେସର କିଏ ମଙ୍ଗୁଆଳ ସାଜିବ ତାକୁ ନେଇ ଚର୍ଚ୍ଚା ଜୋର ଧରିଛି ।


CLASSIFIED DISPLAY
MORE SPACE • SAME PRICE
ALL EDITION - B/W (Everyday)
for Booking Contact: 0674-2580385, 8637280816, 7894447167, 9338226625
GST 5%

| TARIFF | For Single Day | | For 7 Days | | For 15 Days | | For 30 days | |
|---|---|---|---|---|---|---|---|---|
| | 6x4 | 12x4 | 6x4 | 12x4 | 6x4 | 12x4 | 6x4 | 12x4 |
| | 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

ମୁଦ୍ରା ଫାଇନାନ୍ସ
PM ମୁଦ୍ରା ଯୋଜନା
ଅଧୀନରେ 1ରୁ 90 ଲକ୍ଷ ପର୍ଯ୍ୟନ୍ତ
ମାର୍କଶିଟ୍, ପ୍ରପର୍ଟି, ପର୍ସନାଲ,
ଆଧାରକାର୍ଡ ସମସ୍ତ ଋଣ ।
2% ସୁଧ, 40% ରିହାତି ।
ମହିଳାଙ୍କ ପାଇଁ ବିଶେଷ ରିହାତି ।
ଅନ୍‌ଲାଇନ୍ ସୁବିଧା ।
ମୁଦ୍ରା ଫାଇନାନ୍ସ
Mob. 8985384630

MIDDLE CLASS ELDERS LIVING ALONE ?
Between Bhubaneswar - Cuttack
ASHABAREE gives you AC rooms with all facilities & comfort on PAY & LIVE basis.
Contact:-
9437464945
7978810877

ALL EDITION - B/W (Everyday)
for Booking Contact:
0674-2580385
8637280816,
7894447167, 9338226625

ପାଠକଙ୍କ ପାଇଁ ସୂଚନା: ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

Classified Everyday
0674-2580101, 2549949


REAL ESTATE

SALE

Schedule Caste ଘରବାରି ପ୍ଲଟ୍ ନଖରା, ବ୍ରାହ୍ମଣଝରିଲୋ 2400 sqft. 24,00,000/-, IIT, Jatni 5000 Sqft. 15,00,000/- ଯାଆଁଳା 1200 sqft. 9,60,000/-. 8260032051. D-74175

ଭୁବନେଶ୍ୱର କଟଣୀଗେଟ୍ NH-5 ପାଖରେ ଘରବାରି ପ୍ଲଟ୍ 30' ରାସ୍ତାଥାଇ sqft.-400/-, 630/-. 9437607388, 8637269760. D-74166

ଭୁବନେଶ୍ୱର Sum Hospital 4 k.m. RI training Centre ପାଖରେ mainroad 100mtr distance boundary plot ରୋଡ୍, ଇଲେକ୍ଟ୍ରିସିଟି ଥାଇ ମିଳୁଛି। Owner- 9090963952. D-74176

Rasulgarhଠାରୁ 7 K.M. ଦୂରରେ ଏବଂ 150ft. roadକୁ ଲାଗି ସମସ୍ତ ପ୍ରକାର ସୁବିଧା ଥାଇ gated community ସହ plot ଓ Duplex ମିଳୁଅଛି। 8984025697. D-74172

ଭୁବନେଶ୍ୱର ଖଣ୍ଡଗିରି AMRI Hospital ପାଖରେ ପ୍ଲଟ୍ କିଣି ଘର କରନ୍ତୁ ଓ Madanpur, Gita/Gandhi College ପାଖରେ Sqft. 650/-ରେ ମିଳୁଛି - 9348767829. D-74173

3BHK Flat Sale At Satya Sai Lewis Road Bhubaneswar. Contact - 9114494004, 9040044440. D-2385


CONSTRUCTION

Construct your home @850/-, 1340/- includes architecture structure with 3year FMC, provide BDA plan approval boring/ interiorwork. SNV Construction. 9439295469. D-74160




Fully furnished with conference hall on 3rd floor and 2nd floor with more than 2000sqft halltype with cabin, washrooms and pantry at Acharyavihar, on mainroad of traffic square. Most suitable for corporate office / Bank. Contact : 9437026030. D-73362

Email ମାଧ୍ୟମରେ କ୍ଲାସିଫାଏଡକୁ ବିଜ୍ଞାପନ ପଠାଇବାର ଠିକଣା:-
classifieddharitri@gmail.com




Newly open Spa positively health benefit with expert. Contact: 7749976301. D-74505

Relax, Refresh your body, Mind at Saikrupa Spa with best therapies. 8984068077. D-2374

Asribadada Panchakarma herbal SPA Kesarimall, Bhubaneswar. Contact : 8926173473. D-74623

ପାଠକଙ୍କ ପାଇଁ ସୂଚନା
କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

ଧରିତ୍ରୀ DHARITRI
Scan & Pay
ଧରିତ୍ରୀ କ୍ଲାସିଫାଏଡ୍ ବିଜ୍ଞାପନ ବାବଦୀୟ ଦେୟକୁ ନିମ୍ନପ୍ରଦତ୍ତ QR Code ସ୍କାନ୍ କରି ଯେକୌଣସି UPI App ମାଧ୍ୟମରେ ସହଜରେ ପୈଠ କରନ୍ତୁ ।
BHIM UPI
ଦେୟ ପୈଠ ହେଲାପରେ ରସିଦ୍‌ର Screenshotକୁ classifieddharitri@gmail.com ରେ ଇମେଲ୍ କରନ୍ତୁ ।

ମନେ ପଡ଼ନ୍ତି

ଷୋଡ଼ଶତମ ଶ୍ରାଦ୍ଧବାର୍ଷିକୀ ଉପଲକ୍ଷେ

୰ଶକୁନ୍ତଳା ତ୍ରିପାଠୀ
ପଟିଆଗଡ଼, ଭୁବନେଶ୍ୱର
ତିରୋଧାନ: ୩୧।୧୨।୨୦୦୬
ଆପଣଙ୍କ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ପାଦପଦ୍ମରେ ବିନମ୍ର ପ୍ରାର୍ଥନା ।
ଶୋକସନ୍ତପ୍ତ: ପୁତ୍ର, ପୁତ୍ରବଧୂ, ଝିଅ, ଜ୍ୱାଇଁ, ନାତି, ନାତୁଣୀ. ନାତୁଣୀବୋହୂ, ନାତୁଣୀ ଜ୍ୱାଇଁ, ଅଣନାତି, ଅଣନାତୁଣୀ, ବନ୍ଧୁବାନ୍ଧବ ଓ ସପରିବାର ।
ଧ-୫୯୫୪୯

୨୮ତମ ଶ୍ରାଦ୍ଧବାର୍ଷିକୀ

ସ୍ୱର୍ଗତ କାର୍ତ୍ତିକ ନାୟକ
ସୁବେଦାର ମେଜର (ଆର୍ମି)
ଇଟାମାଟି, ଦେଉଳ ସାହି, ନୟାଗଡ଼
ଆବିର୍ଭାବ-୦୭।୧୦।୧୯୪୧
ତିରୋଧାନ- ୨୪।୦୧।୧୯୯୪
ତୁମର ଅନାବିଳ ସ୍ନେହ, ଶ୍ରଦ୍ଧା, ଭଲ ପାଇବା ଓ ଆଦର୍ଶ ଆମ୍ଭମାନଙ୍କ ପାଇଁ ଅଭୁଲା ହୋଇ ରହିବ। ତୁମର ଅନୁପସ୍ଥିତି ଆମ୍ଭମାନଙ୍କ ପାଇଁ ଅପୂରଣୀୟ। ତୁମ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା । ଶୋକସନ୍ତପ୍ତ: ତୁମର ହତଭାଗ୍ୟ ପତ୍ନୀ: କାଞ୍ଚନ, ପୁତ୍ର: ବାପି, ପପୁ, ଝିଅ: ରୀନା, ସୁଧା, ଇତି, ନାତି: ଦୀପକ, ନାତୁଣୀ: ଆସ୍ଥା, ଶିଖା, ଲିଜା, ଲିକା, ଲିପା, କଣ୍ଟେଇ, ପୁତ୍ରବଧୂ: ସନ୍ଧ୍ୟା, ଆତ୍ମୀୟସ୍ୱଜନ ଓ ବନ୍ଧୁବର୍ଗ
ଧ-୨୩୯୨

ଗଙ୍ଗାଶ୍ରାଦ୍ଧ ଉପଲକ୍ଷେ

୰ଯୋଶଦା ନାୟକ
ସ୍ୱାମୀ: ସ୍ୱର୍ଗତ ମହାଦେବ ଅଧିକାରୀ
ତରଭା, ଜି, ସୁବର୍ଣ୍ଣପୁର
ଆବିର୍ଭାବ: ତା୦୫।୦୧।୧୯୪୯
ତିରୋଧାନ: ତା୨୩।୧୨।୨୦୨୨
ଆପଣଙ୍କ ବିୟୋଗରେ ଆମ୍ଭେ ମର୍ମାହତ । ଆପଣଙ୍କ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ପାଦ ପଦ୍ମରେ ବିନମ୍ର ପ୍ରାର୍ଥନା ।
ଶୋକସନ୍ତପ୍ତ ପରିବାରବର୍ଗ:
ପୁତ୍ର: ଘନଶ୍ୟାମ, ରାଜେନ୍ଦ୍ର, ପ୍ରଫୁଲ୍ଲ, ପ୍ରଦୀପ, ଝିଅ, ଜ୍ୱାଇଁ: ପଙ୍କଜିନୀ, ନରେନ୍ଦ୍ର, ନାତି ଓ ନାତୁଣୀ: ବଳରାମ, ଜଗନ୍ନାଥ, ଚିନ୍ମୟୀ, ଆରତିକା, ବର୍ଷା, ନୀଲେଶ, ଚିକି, ଦେବ ଓ ଅଧିକାରୀ ପରିବାରବର୍ଗ ।
ଧ-୨୩୯୫

ଦଶାହ ଉପଲକ୍ଷେ

ସ୍ୱର୍ଗତ ରାଜ କିଶୋର ପୃଷ୍ଟି
ଇନ୍ଦିପୁର, ତଳ ନୂଆସାହି, ଢେଙ୍କାନାଳ
ଆବିର୍ଭାବ: ୦୬।୧୨।୧୯୪୦
ତିରୋଧାନ: ୨୫।୧୨।୨୦୨୨
ତୁମ ସ୍ମୃତି ଆମ ହୃଦୟରେ ସର୍ବଦା ଅମଳିନ ରହୁ ଏତିକି ଭଗବାନଙ୍କ ନିକଟରେ ପ୍ରାର୍ଥନା।
-:ଶୋକସନ୍ତପ୍ତ:-
ବନ୍ଧୁ, ଆତ୍ମୀୟସ୍ୱଜନ ଓ ପରିବାରବର୍ଗ ।
ଧ-୭୪୦୩୨

ଦ୍ୱାଦଶାହ ଉପଲକ୍ଷେ
ଅଶ୍ରୁଳ ଶ୍ରଦ୍ଧାଞ୍ଜଳି

୰ମୀନା କୁମାରୀ କବି
ଭୁବନେଶ୍ୱର
ଆବିର୍ଭାବ - ୧୨.୧୦.୧୯୬୧
ତିରୋଧାନ - ୨୩.୧୨.୨୦୨୨
ତୁମର ଅମର ଆତ୍ମାର ସଦ୍‌ଗତି ନିମନ୍ତେ ପ୍ରଭୁ ଶ୍ରୀ ଜଗନ୍ନାଥଙ୍କ ନିକଟରେ ବିନମ୍ର ପ୍ରାର୍ଥନା ।
ଶୋକସନ୍ତପ୍ତ :
ପୁତ୍ର-ଶୀତଳାଂଶୁ କବି, ପୁତ୍ରବଧୂ-ପ୍ରତୀକ୍ଷା କବି ଏବଂ ଶୋକାକୁଳ ପରିବାରବର୍ଗ
ଧ-୭୩୩୬୩

ତୃତୀୟ ଶ୍ରାଦ୍ଧବାର୍ଷିକୀ
ଅଶ୍ରୁଳ ଶ୍ରଦ୍ଧାଞ୍ଜଳି

ସ୍ୱର୍ଗତ ରଣଜିତ ରାୟ
(ବରିଷ୍ଠ ଆଇନଜୀବୀ)
ତୁମର ଅମର ଆତ୍ମା ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଚରଣ କମଳରେ ଲୀନ ହେଉ । ମହାପ୍ରଭୁ ତୁମ ଆତ୍ମାର ସଦ୍‌ଗତି କରନ୍ତୁ ଏତିକି ପ୍ରାର୍ଥନା ।
ତୁମ ପରିବାର ଏବଂ ବନ୍ଧୁ ବର୍ଗ ।
ଧ-୭୩୭୩୬

**ଶେୟାର ବଜାରରେ ଉତ୍ସାହ**

ବର୍ଷର ପ୍ରଥମ କାରବାରର ଫଳାଫଳ ଦଲାଲ ଷ୍ଟ୍ରିଟରେ ଉତ୍ସାହ ଭରି ଦେଇଛି। ଚଳିତ ସପ୍ତାହର ପ୍ରଥମ କାର୍ଯ୍ୟଦିବସର ଫଳାଫଳ ଅନୁଯାୟୀ ଶେୟାର ବଜାରର ନିବେଶକଙ୍କ ମନରେ ଉତ୍ସାହ ପରିଲକ୍ଷିତ ହୋଇଛି। ସୋମବାର କାରବାର ଶେଷ ସୁଦ୍ଧା ବମ୍ବେ ଷ୍ଟକ୍ ଏକ୍ସଚେଞ୍ଜ (ବିଏସ୍ଇ)ର ସେନ୍ସେକ୍ସ ୩୨୭ (୩୨୭.୦୫) ପଏଣ୍ଟ ବଢ଼ି ୬୧,୧୬୮ (୬୧,୧୬୭.୭୯) ଅଙ୍କରେ ବନ୍ଦ କରିଥିଲା। ସେହିଭଳି ନ୍ୟାଶନାଲ ଷ୍ଟକ୍ ଏକ୍ସଚେଞ୍ଜ(ଏନ୍ଏସ୍ଇ)ର ନିଫ୍ଟି-୫୦ରେ ମଧ୍ୟ ୯୨ (୯୨.୧୫) ପଏଣ୍ଟ ବୃଦ୍ଧି ଘଟି ୧୮,୧୯୭ (୧୮,୧୯୭.୪୫) ଅଙ୍କରେ ବଜାର ବନ୍ଦ ହୋଇଥିବା ଜଣାପଡ଼ିଛି।

# ପ୍ରଭାବିତ ହୋଇପାରେ ଏକ ତୃତୀୟାଂଶ ବିଶ୍ୱ ଅର୍ଥନୀତି'

## ୨୦୨୩ରେ ମାନ୍ଦାବସ୍ଥା ଜାରି ରହିବ



କ୍ରିଷ୍ଟଲୀନା ଜାର୍ଜିଭର

**ନୂଆଦିଲ୍ଲୀ,୨।୧:**

ଅନ୍ତଃରାଷ୍ଟ୍ରୀୟ ସମସ୍ୟା ଓ ଭୌଗୋଳିକ କାରଣରୁ ଚଳିତ ବର୍ଷ ବିଶ୍ୱ ଅର୍ଥ ବ୍ୟବସ୍ଥା କଠିନ ସମୟ ଓ ମାନ୍ଦାବସ୍ଥା ଦେଇ ଗତି କରିପାରେ ବୋଲି ନିକଟରେ ଅନ୍ତର୍ଜାତୀୟ ମୁଦ୍ରା ପାଣ୍ଠି (ଆଇଏମ୍ଏଫ୍)ର ଏମଡି କ୍ରିଷ୍ଟଲୀନା ଜାର୍ଜିଭର ମତପ୍ରକାଶ କରିଛନ୍ତି। ଏପରିକି ୨୦୨୩ରେ ବିଶ୍ୱ ଅର୍ଥନୀତି ପାଇଁ କଠିନ ପରିସ୍ଥିତି ଓ ଅନେକ ସମସ୍ୟା ଆସିପାରେ ବୋଲି କ୍ରିଷ୍ଟଲୀନା ଚେତାବନୀ ଦେଇଛନ୍ତି। ସେହିଭଳି ଚଳିତ ବର୍ଷ ବୈଶ୍ୱିକ ଅର୍ଥବ୍ୟବସ୍ଥା ଏକ ତୃତୀୟାଂଶ ମାନ୍ଦାବସ୍ଥା ଦେଇ ଗତି କରିବ ବୋଲି ଆଇଏମ୍ଏଫ ପକ୍ଷରୁ ଆକଳନ କରାଯାଇଛି। ବିଶେଷ କରି ଆମେରିକା, ୟୁରୋପୀୟ ସଂଘ ଏବଂ ଚାଇନାରେ ବ୍ୟାପକ ମାନ୍ଦାବସ୍ଥା ଲାଗି ରହିବା ସହ ଚଳତ ବର୍ଷ ୨୦୨୨ତୁଳନାରେ ଅଧିକ କଠିନ ରହିବ ବୋଲି କ୍ରିଷ୍ଟଲୀନା ଚେତାବନୀ ଦେଇଛନ୍ତି। ସେହିପରି ନିକଟରେ ଏକ କର୍ମଶାଳାରେ ଯୋଗ ଦେବା ଅବସରରେ ଏକ ସାକ୍ଷାତକାରରେ କ୍ରିଷ୍ଟଲୀନା ଏଭଳି ଚେତାବନୀ ଦେଇଛନ୍ତି। ଉଲ୍ଲେଖଯୋଗ୍ୟ ଦୀର୍ଘ ୧୦ ମାସ ବିତି ଯାଇଥିଲେ ମଧ୍ୟ ରୁଷିଆ-ୟୁକ୍ରେନ ମଧ୍ୟରେ ଯୁଦ୍ଧର ଅବସାନ ହେଉନଥିବା ବେଳେ ଏହି ସମୟରେ ମୁଦ୍ରାସ୍ଫୀତି ମଧ୍ୟ ଦ୍ରୁତି ଗତିରେ ବୃଦ୍ଧି ପାଉଛି। ଫଳରେ ଉଚ୍ଚ ସୁଧ ହାର ଏବଂ ଚାଇନାରେ ପୁଣି ଥରେ କୋଭିଡ ସଂକ୍ରମଣର ଭୟାବହତା ବିଶ୍ୱ ମାନ୍ଦାବସ୍ଥାକୁ ଆହୁରି ଅଧିକ ଗତିଶୀଳ କରାଉଛି ବୋଲି କ୍ରିଷ୍ଟଲୀନା ମତପ୍ରକାଶ କରିଛନ୍ତି। ଅପରପକ୍ଷରେ କୋଭିଡ ସଂକ୍ରମଣ ମଧ୍ୟ ଧୀରେ ଧୀରେ ଗୋଟିଏ ଦେଶରୁ ଅନ୍ୟ ଦେଶକୁ ବ୍ୟାପିବାରେ ଲାଗିଥିବାବେଳେ କ୍ରିଷ୍ଟଲୀନାଙ୍କ ଚେତାବନୀକୁ ଗୁରୁତ୍ୱପୂର୍ଣ୍ଣ ବୋଲି ବିବେଚନା କରାଯାଉଛି। ବିଶେଷ କରି ସ୍ଥିତି ଏଭଳି ହୋଇପାରେ ଯେ ପୂର୍ବ ଲହରଗୁଡ଼ିକର ପ୍ରଭାବ ମଧ୍ୟ ଦେଖିବାକୁ ମିଳିପାରେ। ଯାହାଦ୍ୱାରା ଯେଉଁଠାରେ ମାନ୍ଦାବସ୍ଥା ନାହିଁ ସେଠାରେ ମଧ୍ୟ ମାନ୍ଦାବସ୍ଥା ଭଳି ସ୍ଥିତି ଉତ୍ପନ୍ନ ହୋଇପାରେ ବୋଲି ବିଶେଷଜ୍ଞମାନେ ମଧ୍ୟ ପୂର୍ବନୁମାନ କରିଛନ୍ତି। ସୂଚନାଯୋଗ୍ୟ ଯେ ଏହା ପୂର୍ବରୁ ଆଇଏମଏଫ୍ ଗତବର୍ଷ ଅକ୍ଟୋବରରେ ୨୦୨୩ ଆର୍ଥିକ ବୃଦ୍ଧି କମିବା ନେଇ ଆକଳନ କରିଥିଲା। ଏହି ପରିପ୍ରେକ୍ଷୀରେ ଆଇଏମଏଫ୍ କହିଥିଲା ଯେ ବୈଶ୍ୱିକ ବୃଦ୍ଧି ହାର ୨୦୨୨ରେ ୩.୨% ରହିବ। ପରବର୍ତ୍ତୀ ସମୟରେ ଏହାର ପରିମାଣ ହ୍ରାସ ଘଟି ୨୦୨୩ରେ ପ୍ରାୟ ୨.୭% ହେବା ନେଇ ଆଇଏମଏଫ ପୂର୍ବ ଅନୁମାନ କରିଛି। ସେହିଭଳି ୨୦୨୧ ରେ ଏହା ପରିମାଣ ହାରାହାରି ୬% ରହିଥିଲା। ଏପରିକି ବୈଶ୍ୱିକ ଆର୍ଥିକ ସଙ୍କଟ ଏବଂ କୋଭିଡ-୧୯ ମହାମାରୀ ସମୟକୁ ବାଦ୍ ଦେଲେ ସ୍ଥିତି ନିୟନ୍ତ୍ରଣରେ ରହିଥିଲା। ବିଶେଷ କରି ୨୦୦୧ପରେ ଏହି ଆର୍ଥିକ ବୃଦ୍ଧି ସବୁଠୁ କମ୍ ବୋଲି ଆକଳନ କରାଯାଉଛି। ସେହିପରି ଆଗାମୀ ୩ ମାସ ଚାଇନା ପାଇଁ ବେଶ୍ କଠିନ ହେବ ଏବଂ ବୈଶ୍ୱିକ ବୃଦ୍ଧି ଉପରେ ତା'ର ନକାରାତ୍ମକ ପ୍ରଭାବ ପଡିବ ବୋଲି ଆଇଏମଏଫ୍ ଆଶଙ୍କା କରୁଛି।

## ବାଦଶାହ ମସଲାର ୫୧% ଅଂଶଧନ କିଣିଲା ଡାବର

**ନୂଆଦିଲ୍ଲୀ,୨।୧:** ଦେଶର ପ୍ରମୁଖ ଏଫ୍ଏମସିଜି କମ୍ପାନୀ ଡାବର ଇଣ୍ଡିଆ ସୋମବାର ବିଧିବଦ୍ଧ ଭାବେ ବାଦଶାହ ମସଲାର ୫୧% ଅଂଶଧନ ହାସଲ କରିଛି। ଏପରିକି ବାଦଶାହ ମସଲାର ଇକ୍ୱିଟି ଶେୟାରରେ ୫୧% ବଜାର ଶେୟାର ଡାବର ହାସଲ କରିଛି। ବିଶେଷ କରି ସୋମବାର ଷ୍ଟକ୍ ଏକ୍ସଚେଞ୍ଜକୁ ଡାବର ଉପରୋକ୍ତ ସୂଚନା ବିସ୍ତୃତ ଭାବେ ପ୍ରଦାନ କରିଛି। ଏହା ସହ ଡାବର ଇଣ୍ଡିଆ ପାଖରେ ବାଦଶାହ ମସଲାର ମାଲିକାନା ରହିଛି। ସେହିଭଳି ୯୯,୫୨୮.୮୧ କୋଟି ଟଙ୍କାର ବଜାର ପୁଞ୍ଜି ଥିବା ଡାବର ଇଣ୍ଡିଆ ଷ୍ଟକ୍ ଏକ୍ସଚେଞ୍ଜକୁ ସୂଚନା ଦେଇ କହିଛି ଯେ ଜାନୁୟାରୀ ୨ରେ ଉଭୟ କମ୍ପାନୀର ନେଣଦେଣ ପ୍ରକ୍ରିୟା ସମ୍ପୂର୍ଣ୍ଣ ହୋଇଛି। ଉଲ୍ଲେଖଯୋଗ୍ୟ ଯେ ଗତ ବର୍ଷ ଅକ୍ଟୋବର ୨୬ରେ ଡାବର ଇଣ୍ଡିଆ ୫୮୭.୫୨କୋଟି ଟଙ୍କାରେ ବାଦଶାହ ମସଲାର ୫୧% ଅଂଶଧନ ହାସଲ ପାଇଁ ପ୍ରକ୍ରିୟା ଆରମ୍ଭ କରିଥିଲା। ଉକ୍ତ ପ୍ରକ୍ରିୟାରେ ବାଦଶାହ କମ୍ପାନୀର ଭାଲ୍ୟୁଏଶନ ପ୍ରାୟ ୧,୧୫୨ କୋଟି କରାଯାଇଛି।

## ବିଓଆଇର ଏନବିଜି ଉଦଘାଟିତ




**ଭୁବନେଶ୍ୱର,୨।୧:**

ବ୍ୟାଙ୍କ ଅଫ ଇଣ୍ଡିଆ (ବିଓଆଇ)ର ନୂତନ ସେବା 'ନ୍ୟାଶନାଲ ବ୍ୟାଙ୍କିଙ୍ଗ ଗ୍ରୁପ' (ଏନବିଜି) ବିଓଆଇର ଜୟଦେବ ବିହାରସ୍ଥିତ ପ୍ରମୁଖ ଶାଖା (ଷ୍ଟାର ହାଉସ)ର ପ୍ରଥମ ମହଲାରେ ଉଦଘାଟିତ ହୋଇଯାଇଛି। ଏହି ଅବସରରେ ବିଓଆଇର ଏମଡି ତଥା ସିଇଓ ଏ.କେ. ଦାସ ସମ୍ମାନିତ ଅତିଥି ଭାବେ ଯୋଗ ଦେଇ ଏହାର ଉଦଘାଟନ କରିଥିଲେ। ଏହି ପରିପ୍ରେକ୍ଷୀରେ ସେ କହିଥିଲେ ଓଡିଶା ବର୍ତ୍ତମାନ ଏକ ବିକଶିତ ରାଜ୍ୟରେ ପରିଣତ ହୋଇଛି। ଏଠାକାର ପରିବେଶ ଓ ପ୍ରଶାସନ ବିଶେଷ ବ୍ୟବସାୟିକ ମନୋଭାବ ପ୍ରଦର୍ଶନ କରୁଥିବାରୁ ନୂଆ ସମ୍ଭାବନା ସୃଷ୍ଟି ହୋଇଛି। ରାଜ୍ୟର ବିକାଶ ଓ ବ୍ୟବସାୟିକ ପରିସ୍ଥିତିରେ ସମ୍ଭାବନାକୁ ଆଖି ଆଗରେ ରଖି ବ୍ୟାଙ୍କ ଓଡିଶାର ଭୁବନେଶ୍ୱରଠାରେ ଏହି ନୂତନ ସେବା ଏନବିଜିର ଶୁଭାରମ୍ଭ କରିଥିବା ବିଷୟରେ ଦାସ ବିସ୍ତୃତ ଆଲୋକପାତ କରିଥିଲେ। ବିଶେଷ କରି ବିଓଆଇ ରିଟେଲ, ଏମଏସଏମଇ, କୃଷି ଓ କର୍ପୋରେଟ କ୍ଷେତ୍ରକୁ ଅଧିକ ଗୁରୁତ୍ୱାରୋପ କରୁଥିବା ଦାସ ମତବ୍ୟକ୍ତ କରିଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ବିଓଆଇ ବହୁ ବରିଷ୍ଠ ଅଧିକାରୀ ଓ ଅନ୍ୟମାନେ ଉପସ୍ଥିତ ଥିଲେ।

## ପୂର୍ବତଟ ରେଳପଥର ରେକର୍ଡ ପ୍ରଦର୍ଶନ

**ଭୁବନେଶ୍ୱର,୨।୧:**

ଭାରତୀୟ ରେଲୱେର ପ୍ରମୁଖ ଜୋନ ପୂର୍ବତଟ ରେଳପଥ ୨୦୨୨ ବର୍ଷରେ ଉଭୟ ପଣ୍ୟ ବୋଝେଇ ଏବଂ ଭିତ୍ତିଭୂମି ବିକାଶ କ୍ଷେତ୍ରରେ ଅନେକ ସଫଳତା ହାସଲ କରିଛି। ଏପରିକି ପୂର୍ବତଟ ରେଳପଥର ବିଭିନ୍ନ ରେଳ କାର୍ଯ୍ୟକ୍ରମରେ ରେକର୍ଡ ପ୍ରଦର୍ଶନ ହାସଲ କରି ବର୍ଷ ଶେଷ କରିଥିବା ଜଣାପଡିଛି। ବିଶେଷକରି ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ନିୟମିତ ଭାବେ ରେଳପଥର ବିଭିନ୍ନ କାର୍ଯ୍ୟ ସମ୍ବନ୍ଧରେ ନଜର ରଖିଛନ୍ତି। ସେହିଭଳି ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବଙ୍କ କ୍ରମାଗତ ପ୍ରକଳ୍ପ ସମୀକ୍ଷା ଏବଂ ମହାପ୍ରବନ୍ଧକ ରୂପ ନାରାୟଣ ସୁନକରଙ୍କ ଉପଦେଶ ଯୋଗୁଁ ଏହା ସମ୍ଭବ ହୋଇଛି। ଅପରପକ୍ଷରେ ଚଳିତ ଆର୍ଥିକ ବର୍ଷ (୨୦୨୨-୨୩) ର ଡିସେମ୍ବର ମାସ ପର୍ଯ୍ୟନ୍ତ ପୂର୍ବତଟ ରେଳପଥ ୧୭୫.୩୨ ନିୟୁତ ଟନ୍ ମାଲ ପରିବହନ କରିଛି, ଯାହା ଗତ ଆର୍ଥିକ ବର୍ଷର ୧୬୯.୩୯ ନିୟୁତ ଟନ ତୁଳନାରେ ୫.୯୩ ନିୟୁତ ଟନ ଅଧିକ ଏବଂ ପ୍ରାୟ ୩.୫% ଅଭିବୃଦ୍ଧି ହୋଇଛି। ସେହିପରି ମାଲ ପରିବହନର ଆୟ ଦୃଷ୍ଟିରୁ ପୂର୍ବତଟ ରେଳପଥ ଏହି ସମୟ ମଧ୍ୟରେ ୧୪,୨୪୭.୮୮କୋଟି ଟଙ୍କା ଆୟ କରିଛି, ଯାହା ୧୩,୧୩୪.୯୮ କୋଟି ଟଙ୍କା ତୁଳନାରେ ଗତ ଆର୍ଥିକ ବର୍ଷ ତୁଳନାରେ ୮.୪୭% ବୃଦ୍ଧି ପଞ୍ଜିକରଣ କରି ୧,୧୧୨.୯ କୋଟି ଟଙ୍କା ବୃଦ୍ଧି କରିଛି। ସେହିଭଳି ଯାତ୍ରୀ ପରିବହନ କ୍ଷେତ୍ରରୁ ପୂର୍ବତଟ ରେଳପଥ ୨୦୨୨ ଡିସେମ୍ବର ଶେଷ ସୁଦ୍ଧା ୫୩.୧୧ ନିୟୁତ ଯାତ୍ରୀ ପରିବହନ କରିଛି, ଯାହା ଗତ ଆର୍ଥିକ ବର୍ଷର ୨୧.୩୭ ମିଲିୟନ ତୁଳନାରେ ୧୪୮.୫% ଅଭିବୃଦ୍ଧି ପଞ୍ଜିକରଣ କରିଛି, ଯାତ୍ରୀମାନଙ୍କଠାରୁ ଆୟ କ୍ଷେତ୍ରରେ ପୂର୍ବତଟ ରେଳପଥ ୮୨.୧୭% ବୃଦ୍ଧି ପଞ୍ଜିକରଣ କରି ଗତ ବର୍ଷର ଆୟ ୭୭୦.୪୫ କୋଟି ତୁଳନାରେ ଚଳିତ ବର୍ଷ ୧,୪୦୩.୫୮ କୋଟି ଆୟ କରିଛି।

## ଟିପିସିଓଡିଏଲ୍ ଏସ୍‌ଡିସିର ଶୁଭାରମ୍ଭ

**କଟକ,୨।୧:**




ଟିପି ସେଣ୍ଟ୍ରାଲ୍ ଓଡ଼ିଶା ଡିଷ୍ଟ୍ରିବ୍ୟୁଶନ୍ ଲିମିଟେଡ୍ (ଟିପିସିଓଡିଏଲ୍) ପକ୍ଷରୁ ସୋମବାର ସ୍ଥାନୀୟ ବାଦାମବାଡ଼ିଠାରେ ଏକ ଅତ୍ୟାଧୁନିକ ଦକ୍ଷତା ବିକାଶ କେନ୍ଦ୍ର (ଏସ୍‌ଡିସି)ର ଶୁଭାରମ୍ଭ କରାଯାଇଛି। ଏହି ପରିପ୍ରେକ୍ଷୀରେ ଶକ୍ତିମନ୍ତ୍ରୀ ପ୍ରତାପ କେଶରୀ ଦେବ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଏହାର ଉଦ୍‌ଘାଟନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଟିପିସିଓଡିଏଲ୍‌ର ସିଇଓ ଏମ୍.ସେନ୍‌ବାଗମ୍, କଟକ ମେୟର ସୁବାସ ଚନ୍ଦ୍ର ସିଂହ, ଚୌଦ୍ୱାର-କଟକ ବିଧାୟକ ସୌଭିକ ବିଶ୍ୱାଳଙ୍କ ସମେତ ଟିପିସିଓଡିଏଲ୍‌ର ବହୁ ବରିଷ୍ଠ ଅଧିକାରୀ ମଧ୍ୟ ଉପସ୍ଥିତ ଥିଲେ। ଏ ସମ୍ପର୍କରେ ଶକ୍ତିମନ୍ତ୍ରୀ ପ୍ରତାପ ଦେବ କହିଛନ୍ତି, ଟିପିସିଓଡିଏଲ୍‌ର ଦ୍ୱିତୀୟ ଦକ୍ଷତା ବିକାଶ କେନ୍ଦ୍ର ଟିପିସିଓଡିଏଲ୍‌ର କର୍ମଚାରୀମାନଙ୍କ ଦକ୍ଷତାକୁ ଆହୁରି ବଢ଼ାଇବାରେ ସହାୟକ ହେବ ଏବଂ ଯେକୌଣସି ପ୍ରକାର ସ୍ଥିତିର ମୁକାବିଲା କରିବା ଲାଗି ସେମାନଙ୍କୁ ପ୍ରସ୍ତୁତ କରିବ ବୋଲି ମନ୍ତ୍ରୀ ଦେବ ମତପ୍ରକାଶ କରିଛନ୍ତି। ସେହିଭଳି ଟିପିସିଓଡିଏଲ୍‌ର ସିଇଓ ଏମ୍ ସେନ୍‌ବାଗମ୍ କହିଛନ୍ତି, କର୍ମଚାରୀମାନଙ୍କ ଦକ୍ଷତାରେ ଉନ୍ନତି ଆଣିବା ନିମନ୍ତେ ଏକ ପ୍ଲାଟ୍‌ଫର୍ମ ପ୍ରଦାନ କରିବା ଲାଗି ଆମର ରହିଥିବା ପ୍ରତିବଦ୍ଧତା ପ୍ରତି ସ୍ୱୀକୃତି ସ୍ୱରୂପ ଆମର ଦ୍ୱିତୀୟ କେନ୍ଦ୍ରକୁ ଉଦ୍‌ଘାଟନ କରାଯାଇଛି।

## ଡିସେମ୍ବରରେ 'ସ୍କୋଡା'ର ବିକ୍ରି ୪୮% ବୃଦ୍ଧି

**ନୂଆଦିଲ୍ଲୀ,୨।୧:**

ଦେଶର ପ୍ରମୁଖ ଅଟୋମୋବାଇଲ କମ୍ପାନୀ 'ସ୍କୋଡା ଅଟୋ ଇଣ୍ଡିଆ' ପକ୍ଷରୁ ୨୦୨୨ ଡିସେମ୍ବରର ଗାଡ଼ି ବିକ୍ରି ସମ୍ପର୍କିତ ସୂଚନା ବିଷୟରେ ଘୋଷଣା କରାଯାଇଛି। ଏପରିକି ଗତ ବର୍ଷ ଡିସେମ୍ବରରେ ସ୍କୋଡା ଅଟୋ ମାସିକ ଭିତ୍ତିରେ ୪୭୮୮ ୟୁନିଟ୍ ଗାଡ଼ି ବିକ୍ରି ରେକର୍ଡ ହୋଇଛି। ହେଲେ ୨୦୨୧ ବର୍ଷର ସମାନ ଅବଧି ମଧ୍ୟରେ କମ୍ପାନୀ ମାତ୍ର ୩୨୩୪ ୟୁନିଟ୍ ଗାଡ଼ି ବିକ୍ରି କରିଥିଲା। ଫଳରେ ଏହି ପରିମାଣ ୨୦୨୧ ବର୍ଷ ଅପେକ୍ଷା ୨୦୨୨ ଡିସେମ୍ବରରେ ପ୍ରାୟ ୪୮% ବୃଦ୍ଧି କରିଥିବା କମ୍ପାନୀ ପକ୍ଷରୁ କୁହାଯାଇଛି। ସେହିଭଳି ବାର୍ଷିକ ଭିତ୍ତିରେ ୨୦୨୧ ବର୍ଷ ତୁଳନାରେ ୨୦୨୨ ବର୍ଷର ବାର୍ଷିକ ବିକ୍ରି ଯଥେଷ୍ଟ ବୃଦ୍ଧି ଘଟିଥିବା ଜଣାପଡିଛି। ଏପରିକି ୨୦୨୨ ବର୍ଷରେ କମ୍ପାନୀ ୫୩,୭୨୧ ୟୁନିଟ୍ ଯାନ ବାର୍ଷିକ ହିସାବରେ ବିକ୍ରି କରିଥିବାବେଳେ ୨୦୨୧ବର୍ଷରେ ଉକ୍ତ ସଂଖ୍ୟା ୨୩,୮୫୮ ୟୁନିଟ୍‌ରେ ରହିଥିଲା। ବିଶେଷକରି ୨୦୨୧ ବର୍ଷର ବାର୍ଷିକ ବିକ୍ରି ତୁଳନାରେ ୨୦୨୨ବର୍ଷର ବାର୍ଷିକ ବିକ୍ରିର ହାର ହାରାହାରି ୧୨୫% ଅଭିବୃଦ୍ଧି କରିଥିବା କମ୍ପାନୀ ପକ୍ଷରୁ ସୂଚନା ଦିଆଯାଇଛି। ଏ ସମ୍ପର୍କରେ ସ୍କୋଡା ଅଟୋ ଇଣ୍ଡିଆର ବ୍ରାଣ୍ଡ୍ ନିର୍ଦ୍ଦେଶକ ପିଟର ସୋଲ୍କ କହିଛନ୍ତି,ଏକ ଦଳ ଭାବେ ଆମର ଧ୍ୟାନ ୨୦୨୨କୁ ସଫଳତାର ସହ ଶେଷ କରିବା ସହ ଆମର ଅଭିଳାଷ ହାସଲ କରି ଆମେ ସମସ୍ତେ ଗର୍ବିତ ମନେ କରୁଛୁ। ଏପରିକି ୨୦୨୨ ଆମ ପାଇଁ ସର୍ବଦା ଏକ ଅବିସ୍ମରଣୀୟ ବର୍ଷ ଭାବେ ମନେ ରହିବ, ପୂର୍ବ ବର୍ଷ ତୁଳନାରେ ଆମେ ଆମର ବିକ୍ରିକୁ ଦ୍ୱିଗୁଣିତ କରିପାରିଥିଲୁ, ବିଶେଷ କରି ମାସିକ ଏବଂ ତ୍ରୈମାସିକ ବିକ୍ରୟ ରେକର୍ଡକୁ ମଧ୍ୟ ଛୁଇଁଥିଲୁ।

**ଫୁରସତ୍**

# ୯ ବର୍ଷ ପରେ ପୁନର୍ମିଳନ

**ବେଙ୍ଗାଲୁରୁ**




### ଅର୍ଦ୍ଧନଗ୍ନ ହୋଇ ବୁଲୁଥିବାବେଳେ ଉଦ୍ଧାର କରିଥିଲା ଏନ୍‌ଜିଓ

ନୂଆବର୍ଷରେ ହରିୟାଣାର କେହାର ସିଂଙ୍କୁ ମିଳିଛି ତାଙ୍କ ଜୀବନର ସବୁଠାରୁ ମୂଲ୍ୟବାନ ଉପହାର। ୯ ବର୍ଷ ପୂର୍ବେ ହଜିଯାଇଥିବା ଜୀବନସାଥୀ ଦର୍ଶନୀଙ୍କୁ ପାଇ କେହାରଙ୍କ ଖୁସି କହିଲେ ନ ସରେ। ତାଙ୍କ ପାଇଁ ଏତେବଡ଼ ଖୁସି ଆଣିବାରେ କର୍ନାଟକର କୋଡାଗୁରେ ଥିବା ସେଲଟର ହୋମ୍ 'ଥାନାଲ ହୋମ୍'ର ବଡ଼ ଭୂମିକା ରହିଛି।

କେହାରଙ୍କ ଘର ହରିୟାଣାର ରୋହତକରେ। ୨୦୧୩ରେ ଦର୍ଶନୀ ଘରୁ କୌଣସି ଆଡ଼େ ଚାଲିଯାଇଥିଲେ। କେହାର ଓ ତାଙ୍କ ପରିବାର ଲୋକେ ସ୍ତ୍ରୀ ଦର୍ଶନୀଙ୍କୁ ବହୁ ଖୋଜାଖୋଜି କରିଲେ ସୁଦ୍ଧା ପାଇ ନ ଥିଲେ। ହତାଶ ହୋଇ ପରବର୍ତ୍ତୀ ସମୟରେ କେହାର ଥାନାରେ ଦର୍ଶନୀଙ୍କ ନିଖୋଜ ନେଇ ଅଭିଯୋଗ କରିଥିଲେ। ୨୦୧୮ରେ କୁଶାଳନଗର ପୋଲିସର ଅନୁରୋଧ କ୍ରମେ ଏକ ଅଣସରକାରୀ ସଙ୍ଗଠନ (ଏନ୍‌ଜିଓ) ଦର୍ଶନୀଙ୍କୁ ଉଦ୍ଧାର କରିଥିଲା। ଦର୍ଶନୀ ଅର୍ଦ୍ଧନଗ୍ନ ହୋଇ ରାସ୍ତାରେ ବୁଲୁଥିବାବେଳେ ଏନ୍‌ଜିଓ ତାଙ୍କୁ ଆଣି ମହମ୍ମଦ ମୁସ୍ତାଫାଙ୍କ ଦ୍ୱାରା ପରିଚାଳିତ ସେଲ୍‌ଟର ହୋମ୍‌ରେ ରଖିଥିଲେ। ତାଙ୍କ ମାନସିକ ଅବସ୍ଥା ବିଗିଡ଼ି ଯାଇଥିବାବେଳେ ସେ ଘରୁ ବାହାରି ଆସି ଏଣେତେଣେ ବୁଲି ବୁଲି କର୍ନାଟକରେ ପହଞ୍ଚିଥିଲେ। ୨୦୧୩ରୁ ୨୦୧୭ ପର୍ଯ୍ୟନ୍ତ ଦର୍ଶନୀ କେଉଁଠାରେ ଥିଲେ ଓ କ'ଣ କରୁଥିଲେ ତାହା ତାଙ୍କର ମନେ ନାହିଁ। ସେଲଟରହୋମ୍‌ରେ ରହିବା ପରେ ତାଙ୍କର କାଉନ୍‌ସେଲିଂ କରାଯାଇଥିଲା। ଧୀରେ ଧୀରେ ସେ ସୁସ୍ଥ ବି ହୋଇଥିଲେ। ଏହାପରେ ତାଙ୍କର ସ୍ୱାମୀ ଓ ପିଲାଙ୍କ କଥା ମନେପଡ଼ିଥିଲା। ୬ ମାସ ପୂର୍ବେ ଦର୍ଶନୀ ତାଙ୍କ ସ୍ୱାମୀ କେହାରଙ୍କ କଥା ମହମ୍ମଦଙ୍କୁ ଜଣାଇଥିଲେ। ତାଙ୍କୁ ଉଦ୍ଧାର କରିଥିବା ଏନ୍‌ଜିଓ କେହାରଙ୍କ ଠିକଣା ଖୋଜି ବାହାରକରି ତାଙ୍କ ସହ ଯୋଗାଯୋଗ କରିଥିଲେ। ଦର୍ଶନୀ ନିଖୋଜ ହେବା ପରେ କେହାର ତାଙ୍କୁ ଉତ୍ତର ପ୍ରଦେଶ, ଦିଲ୍ଲୀ ଏବଂ ପଞ୍ଜାବରେ ଖୋଜାଖୋଜି କରିଥିଲେ। ତେବେ ୯ ବର୍ଷ ପରେ ସ୍ତ୍ରୀଙ୍କୁ ପୁଣିଥରେ ପାଖରେ ପାଇ ସେ ଖୁସି ହେବା ସହ ମହମ୍ମଦଙ୍କୁ ଧନ୍ୟବାଦ ଜଣାଇଛନ୍ତି। ଦୁହେଁ ଏକାଠି ହେବାପରେ ବେଙ୍ଗାଲୁରୁରୁ ଟ୍ରେନ୍ ଯୋଗେ ହରିୟାଣା ଫେରିଛନ୍ତି।

## ଫେବୃୟାରୀରେ 'ଶକୁନ୍ତଲମ୍'



ସାମନ୍ଥା ରୁଥ ପ୍ରଭୁ

**ହାଇଦ୍ରାବାଦ:** ଅଭିନେତ୍ରୀ ସାମନ୍ଥା ରୁଥ ପ୍ରଭୁଙ୍କ ଫିଲ୍ମ 'ଯଶୋଦା' ପରେ ପ୍ରଶଂସକମାନେ ଉତ୍ସାହର ସହିତ ତାଙ୍କ ଅପ୍‌କମିଙ୍ଗ ଫିଲ୍ମ 'ଶକୁନ୍ତଲମ୍'ର ଅପେକ୍ଷା କରିଛନ୍ତି। ଏହି ଫିଲ୍ମରେ ଅଭିନେତ୍ରୀ ଜଣେ ରାଜକୁମାରୀ ଭୂମିକାରେ ନଜରକୁ ଆସିବେ। ଏହା ଏକ ପୌରାଣିକ ଚଳଚ୍ଚିତ୍ର। ସୋମବାର ଫିଲ୍ମର ପୋଷ୍ଟର ସହ ରିଲିଜ ତାରିଖ ଘୋଷଣା ହୋଇଛି। ଫେବୃୟାରୀ ୧୭ରେ ସିନେମା ୱାର୍ଲ୍ଡୱାଇଡ୍ ମୁକ୍ତିଲାଭ କରିବ। ଏ ନେଇ ସାମନ୍ଥା ସୋସିଆଲ ମିଡିଆରେ ପୋଷ୍ଟ ଶେୟାର କରିଥିବାବେଳେ ଏହାର ପ୍ରମୋଶନ ଆରମ୍ଭ କରିଦେଇଛନ୍ତି। ଫିଲ୍ମଟି ତେଲୁଗୁ ଛଡ଼ା ତାମିଲ, କନ୍ନଡ, ମାଲାୟାଲମ, ହିନ୍ଦୀରେ ରିଲିଜ୍ ହେବ। ଥ୍ରୀଡିରେ ଦର୍ଶକ ଏହାର ମଜା ଉଠାଇ ପାରିବେ। 'ଶକୁନ୍ତଲମ୍' ୨୦୨୨ରେ ରିଲିଜ ହେବାକୁ ଥିବାବେଳେ ଥ୍ରୀଡି କାମ ବାକି ଥିବାରୁ ଏଥିରେ ବିଳମ୍ବ ହୋଇଥିଲା। କାଳିଦାସଙ୍କ ଲୋକପ୍ରିୟ ଭାରତୀୟ ନାଟକ 'ଶକୁନ୍ତଳା' ଉପରେ ଫିଲ୍ମଟି ଆଧାରିତ।

## ୮ ମାସରେ ୪୬ କେଜି କମିଲେ ଡିସିପି



ଜିତେନ୍ଦ୍ର ମଣି ତ୍ରିପାଠୀ (ପୂର୍ବ ଫଟୋ) (ବର୍ତ୍ତମାନର ଫଟୋ)

**ନୂଆଦିଲ୍ଲୀ**

ଦିଲ୍ଲୀ ମେଟ୍ରୋ ଡେପୁଟି କମିଶନର ଅଫ୍ ପୋଲିସ (ଡିସିପି) ଜିତେନ୍ଦ୍ର ମଣି ତ୍ରିପାଠୀଙ୍କ ଫଟୋ ଏବେ ସୋସିଆଲ ମିଡିଆରେ ଭାଇରାଲ ହେବାରେ ଲାଗିଛି। ଏହା ପଛର କାରଣ ହେଉଛି ତାଙ୍କ ଟ୍ରାନ୍ସଫରମେଶନ୍। ମାନେ ମାତ୍ର ୮ ମାସରେ ଡିସିପି ଜିତେନ୍ଦ୍ର ଶରୀରର ଓଜନ ୪୬ କେଜି କମାଇ ଦେଇଛନ୍ତି। ପୂର୍ବରୁ ତାଙ୍କ ଓଜନ ୧୩୦ କିଲୋଗ୍ରାମ ଥିବାବେଳେ ସେ ବହୁବିଧ ରୋଗରେ ଆକ୍ରାନ୍ତ ହୋଇଥିଲେ। ମଧୁମେହ, ରକ୍ତଚାପ ସାଙ୍ଗକୁ ଶରୀରରେ କୋଲେଷ୍ଟରଲ୍ ଲେବଲ୍ ଉଚ୍ଚରେ ଥିଲା। ଏଥିଲାଗି ତାଙ୍କୁ କୌଣସି କାମ କରିବାକୁ ଇଚ୍ଛା ହେଉ ନ ଥିବାବେଳେ ସେ ନିଜକୁ ଆକ୍ଟିଭ୍ ରଖିପାରୁ ନ ଥିଲେ। ଜିତେନ୍ଦ୍ରଙ୍କ ସକାଳ ଆରମ୍ଭ ହୁଏ ଲାଉ ସରବତରୁ। ରୁଟି, ଭାତ ବଦଳରେ ସେ ସୁପ୍, ସାଲାଡ୍ ଏବଂ ଫଳ ବହୁତ ମାତ୍ରାରେ ଖାଇବା ଆରମ୍ଭ କରିଥିଲେ। ସେ ଦହିକୁ ନିୟମିତ ଭାବେ ଗ୍ରହଣ କରୁଥିଲେ। ଦୈନିକ ୧୫,୦୦୦ ପାଦ ସେ ଚାଲୁଥିଲେ। ମନିଙ୍କ ଓଜନ ୮୪ କେଜି। ଓଜନ କମାଇରୁ ରକ୍ତଚାପ ନିୟନ୍ତ୍ରଣରେ ରହିବା ସହ ସେ ଏବେ ଫଟ୍ ଥିବା କହିଛନ୍ତି।

## ଚର୍ଚ୍ଚାରେ ଗୁଟ୍‌ଖା ଡାନ୍ସ



**ନୂଆଦିଲ୍ଲୀ**

ସୋସିଆଲ ମିଡିଆ ଯୁଗରେ ଏବେ କୌଣସି ଖବର ଲୋକଙ୍କ ଦୃଷ୍ଟିରୁ ଅଛପା ରହୁନାହିଁ। ଗୋଟିଏ ଛୋଟ ଖବର ହେଲେ ବି ନିମିଷକରେ ତାହା ଚାରିଆଡ଼େ ପ୍ରଘଟ ହୋଇଯାଉଛି। ବର୍ତ୍ତମାନ ସମୟରେ ସୋସିଆଲ ମିଡିଆର ଚର୍ଚ୍ଚା ପାଲଟିଛି ଗୁଟ୍‌ଖା ଡାନ୍ସ। ଏହି ଭିଡିଓ ଏବେ ସୋସିଆଲ ମିଡିଆରେ ଭାଇରାଲ ହେବାରେ ଲାଗିଛି। ପଢ଼ିଲାବେଳକୁ ଅଜବ ଲାଗିଲେ ମଧ୍ୟ ଯେ କେହି ଏହି ଭିଡିଓକୁ ଦେଖିଲେ ଡାନ୍ସର ସତ କ'ଣ ତାହା ଜାଣିପାରିବେ। ଭାଇରାଲ ହେଉଥିବା ଭିଡିଓରେ ଜଣେ ଯୁବକ ହାତରେ ଗୁଟ୍‌ଖା ଧରି ନାଚୁଥିବାର ଦେଖିବାକୁ ମିଳିଛି। ଲୋକେ ଯେଉଁ ଭାବେ ଗୁଟ୍‌ଖା ପୁଡ଼ିଆକୁ ଚିରି ଖାଆନ୍ତି। ତାହାକୁ ଏହି ଯୁବକ ନୃତ୍ୟ ମାଧ୍ୟମରେ ପରିବେଷଣ କରିଛନ୍ତି। ଭିଡିଓକୁ ସୋସିଆଲ ମିଡିଆ ୟୁଜର୍ସ ଖୁବ୍ ପସନ୍ଦ କରିଛନ୍ତି।

# ୩ ପୋଲିସ କର୍ମଚାରୀ ନିଲମ୍ବିତ

## ଥାନା ପରିସରରୁ ହତ୍ୟା ଅଭିଯୁକ୍ତ ଚମ୍ପଟ ମାମଲା

ରାୟଗଡ଼ା,୨।୧(ସ୍ୱ.ପ୍ର.)

ରାୟଗଡ଼ା ଜିଲା କଲ୍ୟାଣସିଂହପୁର ଥାନା ପରିସରରୁ ହତ୍ୟା ଅଭିଯୁକ୍ତ ଚମ୍ପଟ ଘଟଣାରେ ୩ ପୋଲିସ କର୍ମଚାରୀ ନିଲମ୍ବିତ ହୋଇଛନ୍ତି। ଏଏସ୍‌ଆଇ ମନୋଜ ମଲ୍ଲିକ, କନଷ୍ଟେବଲ ରାଙ୍ଗାରାଓ ମାଣ୍ଡାଙ୍ଗି ଓ ଡମ୍ବରୁ ପିଡିପାକାଙ୍କୁ ରୟଗଡ଼ା ଏସ୍‌ପି ବିବେକାନନ୍ଦ ଶର୍ମା ନିଲମ୍ବନ କରିଛନ୍ତି।

ସୂଚନାଯୋଗ୍ୟ, କଲ୍ୟାଣସିଂହପୁର ଥାନା ଅନ୍ତର୍ଗତ ନିୟମଗିରି ପାହାଡ଼ ଉପରେ ଥିବା ଲାମ୍ବା ଗ୍ରାମର ଡମ୍ବୁ ୨୮ ତାରିଖରେ ଜମି ଭାଗବଣ୍ଟା ଓ ଡଙ୍ଗର ପୂଜାକୁ କେନ୍ଦ୍ରକରି ସାନଭାଇ ମିନ୍ଦୁରୁ ପୁଷିକାଙ୍କୁ ଟାଙ୍ଗିଆରେ ହାଣି ହତ୍ୟା କରିଥିଲେ। ଦୁର୍ଗମ ଅଞ୍ଚଳ ହୋଇଥିବାରୁ ପୋଲିସ ବିଳମ୍ବରେ ଖବର ପାଇ ୨୯ରେ ଗାଁକୁ ଯାଇ ମୃତଦେହ ଜବତ କରିବା ସହ ଡମ୍ବୁକୁ ଧରି ଥାନାକୁ ଆଣିଥିଲା। ହେଲେ ୩ ପୋଲିସ କର୍ମଚାରୀଙ୍କ କର୍ତ୍ତବ୍ୟରେ ଅବହେଳା ଯୋଗୁ ୩୦ ତାରିଖ ସକାଳେ ଅଭିଯୁକ୍ତ ଥାନା ପରିସରରୁ ଚମ୍ପଟ ମାରିଥିଲେ। ଶୌଚ ଯିବା ବାହାନାରେ ଡମ୍ବୁ ଥାନାରୁ ବାହାରକୁ ଆସି ଫେରାର ହୋଇଥିଲେ। ଦୁଇଟି ଟିମ୍ ଗଠନ କରି ପୋଲିସ ଅନୁସନ୍ଧାନ ଚଳାଇଥିଲେ ମଧ୍ୟ ଏ ପର୍ଯ୍ୟନ୍ତ ଅଭିଯୁକ୍ତଙ୍କ ସନ୍ଧାନ ମିଳିପାରି ନାହିଁ।







# ଗାଁ ମୁଖିଆଙ୍କୁ ହତ୍ୟା କଲେ ମାଓବାଦୀ

ମାଲକାନଗିରି,୨।୧(ଡି.ଏନ୍.ଏ.)

ମାଲକାନଗିରି ଜିଲା ସୀମାନ୍ତ ଛତିଶଗଡ଼ରେ ପୁଣି ମାଓବାଦୀଙ୍କ ବର୍ବରତା ଦେଖିବାକୁ ମିଳିଛି। ପୋଲିସ ଇନ୍‌ଫର୍ମର ସନ୍ଦେହରେ ସୀମାନ୍ତ ତରେମା ଗ୍ରାମ ମୁଖିଆ ସୟ ତାତିଙ୍କୁ ରବିବାର ରାତିରେ ହତ୍ୟା କରାଯାଇଛି।

ସୂଚନା ଅନୁଯାୟୀ, ରାତିରେ ପ୍ରାୟ ୧୦ ସଶସ୍ତ୍ର ମାଓବାଦୀ ସୟଙ୍କୁ ଉଠାଇ ନେଇ ହତ୍ୟା କରିଛନ୍ତି। ସକାଳେ ଟେଗଲାପାଲ୍ଲୀ ଜଙ୍ଗଲରେ ସଞ୍ଜୟଙ୍କ ମୃତଦେହ ପଡ଼ିଥିବା ଗ୍ରାମବାସୀ ଦେଖି ପୋଲିସକୁ ସୂଚନା ଦେଇଥିଲେ। ପୋଲିସ ଟେଗଲାପାଲ୍ଲୀ ଜଙ୍ଗଲରୁ ମୃତଦେହ ଜବତ କରି ବ୍ୟବଚ୍ଛେଦ କରାଇବା ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। ଏ ନେଇ ଥାନାରେ ଏକ ମାମଲା ରୁଜୁ କରାଯାଇ ତଦନ୍ତ ଜାରି ରହିଥିବା ସୂଚନା ମିଳିଛି।































































# ପିଲାଙ୍କ ଉତ୍ତମ କ୍ୟାରିୟର ପାଇଁ





"ପିଲାର ଭବିଷ୍ୟତ ବିଷୟରେ ମା'ବାପା ଚିନ୍ତା କରିବା କିଛି ଭୁଲ୍ ନୁହେଁ । ପିଲାର କେଉଁଠି ଦୋଷତ୍ରୁଟି ରହୁଛି ତାହା ଜାଣିବା ସହ ସେଗୁଡ଼ିକୁ ସୁଧାରିବାକୁ ଚେଷ୍ଟା କରନ୍ତୁ। ତାକୁ ସବୁବେଳେ ଚାପମୁକ୍ତ ରଖିବାକୁ ଚେଷ୍ଟା କରନ୍ତୁ। ଏହାଦ୍ୱାରା ସେ ନିଜ କ୍ୟାରିୟରକୁ ସୁରୁଖୁରୁରେ ଆଗେଇ ନେଇପାରିବ ।"

ପିଲାଟି ଜନ୍ମଦେବା ପରେ ତା'ର ମା'ବାପା ତାକୁ ନେଇ ଅନେକ ସ୍ୱପ୍ନ ଦେଖନ୍ତି। ପିଲାଟି ପାଠ ପଢ଼ିବ, ନିଜ କ୍ୟାରିୟର ଗଢ଼ିବ। ହେଲେ ପିଲାଟି ଦିନରୁ ତାହାର ଲାଳନପାଳନ ଦାୟିତ୍ୱ ସହ ତା' ହାତ ଧରି ବାଟ କଢ଼ାଇ ନେବାରେ ମା–ବାପାଙ୍କର ପ୍ରମୁଖ ଭୂମିକା ରହିଛି। କେବଳ ପାଠପଢ଼ା ନୁହେଁ, ପିଲାଟିର ଆଉ କେଉଁ ବିଷୟ, ଯଥା– ଖେଳକୁଦ, ନୃତ୍ୟ, ଗୀତ ଗାଇବା ଆଦି ପ୍ରତି ଲକ୍ଷ୍ୟ ଦେବା ଜରୁରୀ। ତେଣୁ ନିଜ ପିଲାର ଉତ୍ତମ କ୍ୟାରିୟର ପାଇଁ ମା' ବାପା କେତୋଟି ବିଷୟ ପ୍ରତି ନଜର ଦେବା ନିହାତି ଦରକାର। ସେ ସମ୍ପର୍କରେ ଟିପ୍ସ...

**ପିଲାକୁ ଚାପମୁକ୍ତ ରଖନ୍ତୁ:** କେତେକ ମା'–ବାପା ପିଲାଟିକୁ ନେଇ ଅନେକ ସ୍ୱପ୍ନ ଦେଖନ୍ତି। ହେଲେ ପିଲା ଏ ବିଷୟରେ କିଛି ଅବଗତ ନ ଥାଏ। ଆମ ପିଲା କିପରି କ୍ଲାସ୍‌ରେ ଫାଷ୍ଟ ହେବ, ସବୁ କ୍ଷେତ୍ରରେ ସଫଳତା ଅର୍ଜନ କରିବ ଏ ନେଇ ସେମାନେ ଭାବିବା ଆରମ୍ଭ କରିଦିଅନ୍ତି। ପିଲାର ଭବିଷ୍ୟତ ବିଷୟରେ ମା'–ବାପା ଚିନ୍ତା କରିବା କିଛି ଭୁଲ୍ ନୁହେଁ। ହେଲେ ଭବିଷ୍ୟତରେ ତାହା ଯେମିତି ପିଲା ପାଇଁ ବୋଝ ହୋଇ ନ ଯାଏ ସେ ଦିଗ ପ୍ରତି



ଦୃଷ୍ଟି ଦିଅନ୍ତୁ। ପିଲାର ପାଠପଢ଼ା ପ୍ରତି ଅବଗତ ରୁହନ୍ତୁ। ସେଥିରେ କେଉଁଠି ତାହାର ଦୋଷତ୍ରୁଟି ରହୁଛି ତାହା ଜାଣିବା ସହ ସେଗୁଡ଼ିକୁ ସୁଧାରିବାକୁ ଚେଷ୍ଟା କରନ୍ତୁ। ତାକୁ ଏଭଳି ପରିବେଶରେ ପାଠ ପଢ଼ାନ୍ତୁ ନାହିଁ, ଯେପରି ସେ ପାଠକୁ ଏକ ବୋଝ ବୋଲି ଅନୁଭବ କରିବ। ତାକୁ ସବୁବେଳେ ଚାପମୁକ୍ତ ରଖିବାକୁ ଚେଷ୍ଟା କରନ୍ତୁ। ଏହାଦ୍ୱାରା ସେ ନିଜ କ୍ୟାରିୟରକୁ ସୁରୁଖୁରୁରେ ଆଗେଇ ନେଇପାରିବ।

**ନକାରାତ୍ମକ ଚିନ୍ତାଧାରା ସୃଷ୍ଟି କରନ୍ତୁ ନାହିଁ:** ଆପଣଙ୍କ ପିଲା ଯଦି କୌଣସି ବିଷୟରେ ଖରାପ ରେଜଲ୍ଟ କରିଛି ତେବେ ତାହାକୁ ଅଧିକ ବିଶ୍ଳେଷଣ କରିବା ଅପେକ୍ଷା ତାହାର ଦୋଷତ୍ରୁଟିକୁ ଲକ୍ଷ୍ୟକରି ତାହାର ସମାଧାନ କରିବାକୁ ଚେଷ୍ଟା କରନ୍ତୁ। ଏ ନେଇ ଯେପରି ପିଲାଟି ମନରେ ନକାରାତ୍ମକ ଭାବନା ସୃଷ୍ଟି ନ ହୁଏ ସେ ଦିଗ ପ୍ରତି ଦୃଷ୍ଟି ଦିଅନ୍ତୁ। ତାକୁ ଥଣ୍ଡା ମିଜାଜ୍‌ରେ ସବୁକଥା ବୁଝାନ୍ତୁ। ଛୋଟ ବେଳୁ ତାହାର ରେଜଲ୍ଟକୁ ନେଇ ଅଧିକ ଚିନ୍ତା କରନ୍ତୁ ନାହିଁ। ପିଲାଟି କିପରି ପାଠପଢ଼ା ପ୍ରତି ଅଧିକ ଧ୍ୟାନ ଦେବ ସେଥିପ୍ରତି ଚେଷ୍ଟା କରନ୍ତୁ।

**ପିଲାର ମନ କଥା ବୁଝନ୍ତୁ:** ଛୋଟ ବେଳେ ପିଲାଟି କିପରି ପଢ଼ିବ ସେ ନେଇ ମା'–ବାପା ବେଶ୍ ଯତ୍ନବାନ ଥାଆନ୍ତି। ଆଜିକାଲିର ହାଇଟେକ୍ ଯୁଗରେ ପାଠପଢ଼ା ଅପ୍‌ସନ ଅନେକ ରହିଛି। ତେଣୁ ବଡ଼ ହେଲେ ପିଲା କାହାକୁ ନେଇ ନିଜ କ୍ୟାରିୟରକୁ ଆଗକୁ ଅଗେଇ ନେବ ସେଥିପାଇଁ ସେ ବେଳେବେଳେ ଦ୍ୱନ୍ଦ୍ୱରେ ପଡ଼ିଥାଏ। ଏହି ସମୟରେ ପିଲା ସହ ମା'–ବାପା ଆଲୋଚନା କରିବା ନିହାତି ଜରୁରୀ। ତେଣୁ ପିଲାଟି



ଭବିଷ୍ୟତରେ କେଉଁ ପାଠ ପଢ଼ିଲେ ତାହାକୁ ଆଧାର କରି ସେ ନିଜ କ୍ୟାରିୟର କରିବ ସେ ନେଇ ତା' ସହ ଆଲୋଚନା କରନ୍ତୁ। ଯଦି ଆପଣ ପିଲାର ଭବିଷ୍ୟତ ବିଷୟରେ କିଛି ଚିନ୍ତା କରିଛନ୍ତି ତେବେ ତାହାକୁ ଭଲ ଭାବରେ ବୁଝାନ୍ତୁ।

**ଅନ୍ୟର ପ୍ରତିଯୋଗୀ କରାଇବା ଠିକ୍ ନୁହେଁ:** ଆଜିକାଲି ଅନେକ ମା'–ବାପା ପିଲାଟିକୁ ଅନ୍ୟ ପିଲା ସହ ତୁଳନା କରିଥାଆନ୍ତି। ହେଲେ ଏଭଳି ମନୋଭାବ ଆଦୌ ଠିକ୍ ନୁହେଁ। କାରଣ ପିଲାଟି କିପରି ପାଠ ପଢୁଛି ସେହି ଅନୁସାରେ ସେ ରେଜଲ୍ଟ କରିଥାଏ। ଅନ୍ୟ ପିଲାଟି ଯିଏ ମନଧ୍ୟାନ ସହ ପାଠ ପଢୁଛି ଏବଂ ପରୀକ୍ଷା ସମୟରେ ଠିକ୍ ଉତ୍ତର ଲେଖି ଭଲ ମାର୍କ ରଖିଛି ତାହା ସହ ନିଜ ପିଲାକୁ ତୁଳନା କରନ୍ତୁ ନାହିଁ। ଏହି ସମୟରେ ଯଦି ଆପଣଙ୍କ ପିଲାର କିଛି ଦୋଷତ୍ରୁଟି ରହିଛି ତାହାକୁ ସୁଧାରିବାକୁ ଚେଷ୍ଟା କରନ୍ତୁ। ସେ ପିଲା ଏମିତି ପଢୁଛି, ସେ କ୍ଲାସ୍‌ରେ ୯୫ % ରଖୁଛି, ତୁ ସେତିକି ରଖ। ଏଭଳି ଭାବନା ମନରେ ସୃଷ୍ଟି ହେଲେ ପିଲାଟି ଶାନ୍ତ ମନରେ ପାଠ ପଢ଼ିପାରିବ ନାହିଁ। କାହା ସହ ତୁଳନା କଲେ ସେ ଭାବିବ ଯେ, ଆରେ, ମୁଁ କ'ଣ ଏତେ ମାର୍କ ରଖିପାରିବି? ଧୀରେ ଧୀରେ ଏଭଳି ଚିନ୍ତାଧାରା ତା' ପାଠପଢ଼ାକୁ ପ୍ରଭାବିତ କରିବ। ଆଜିକାଲି ତ ପାଠପଢ଼ା ପ୍ରତିଦ୍ୱନ୍ଦ୍ୱିତାମୂଳ ହୋଇଗଲାଣି। ହେଲେ ତାହା ସହ ତୁଳନା କରି ଯଦି ଆମେ ପିଲାଟିକୁ ସେହି ଭଳି ପାଠ ପଢ଼ିବାକୁ ବାଧ କରିବା ତେବେ ସେ ଏହାକୁ ଏକ ବୋଝ ବୋଲି ଭାବିବ। ତାହାର ପାଠପଢ଼ା ଶୈଳୀକୁ ତନ୍ନ ତନ୍ନ କରି ତର୍ଜମା କରନ୍ତୁ। ଯଦି କେଉଁଠି ଦୋଷ ତ୍ରୁଟି ରହୁଛି ତାହାକୁ ସୁଧାରି ନିଅନ୍ତୁ। ଏହାଦ୍ୱାରା ସେ ପାଠକୁ ନେଇ ସୁରୁଖୁରୁରେ ଆଗେଇପାରିବ।

**ପିଲାର ମାନସିକତାକୁ ଗୁରୁତ୍ୱ ଦିଅନ୍ତୁ:** ପିଲାଟି ପାଠ ପଢ଼ିବା ସମୟରେ ତାହାର ମାନସିକତା କିପରି ରହୁଛି ତାହାକୁ ଭଲ ଭାବରେ ଲକ୍ଷ୍ୟ କରନ୍ତୁ। ପାଠ ପଢ଼ିବା ସମୟରେ ସେହି ପରିବେଶ ଯେମିତି ପ୍ରଭାବିତ ନ ହୁଏ ସେଥିପ୍ରତି ଦୃଷ୍ଟି ଦିଅନ୍ତୁ। ଆଜିକାଲି ଅନେକ ପିଲା ପାଠପଢ଼ା ପାଇଁ ମୋବାଇଲ ବ୍ୟବହାର କରୁଛନ୍ତି। ହେଲେ ଏହାର ବ୍ୟବହାର ଯେତେ ସୀମିତ ହେବ ସେତେ ଭଲ। କାରଣ ଏବେ ତ ଅଫ୍‌ଲାଇନ ପାଠପଢ଼ା ଚାଲିଛି। ତେଣୁ ସ୍କୁଲରେ ଯାହା ପଢ଼ା ହେଉଛି ତାହାକୁ ସେ ପ୍ରତିଦିନ ଘରେ ପଢୁଛି କି ନାହିଁ ତାହା ଲକ୍ଷ୍ୟ କରନ୍ତୁ। ସେହି ଅନୁସାରେ ରୁଟିନ ପ୍ରସ୍ତୁତ କରନ୍ତୁ ଏବଂ ତାହାକୁ ସେ ଅନୁସରଣ କରୁଛି କି ନାହିଁ ତାହା ଫଲୋ କରନ୍ତୁ।

**ମନ କଥା କହିବାର ସୁଯୋଗ ଦିଅନ୍ତୁ:** ବେଳେବେଳେ ଅନେକ ପିଲା ଭୟରେ ନିଜ ମନ କଥା ମା'–ବାପାଙ୍କୁ କହିପାରି ନ ଥାନ୍ତି। ପିଲା ନିଜ କ୍ୟାରିୟରକୁ ନେଇ କ'ଣ ଚିନ୍ତା କରିଛି ତା' ସହ ଆଲୋଚନା କରନ୍ତୁ। ଯଦି ତା' ଭାବନା ପ୍ରତି ଆପଣଙ୍କର ସହମତି ରହିଛି ତେବେ ସେ ବିଷୟରେ ଭଲ ଭାବରେ ଆଲୋଚନା କରନ୍ତୁ। ଯଦି ତାକୁ ନେଇ ଆପଣ ଆଉ କିଛି ନୂଆ ଯୋଜନା ପ୍ରସ୍ତୁତ କରିଛନ୍ତି ତେବେ ତାହାକୁ ରୂପରେଖ ଦେବା ପୂର୍ବରୁ ପିଲା ସହ ଆଲୋଚନା କରନ୍ତୁ।

## ଏମାନେ କଣ କୁହନ୍ତି



**କୌଣସି ଜିନିଷ ବାଧ୍ୟବାଧକତାରେ ହୁଏ ନାହିଁ :** ସୁଜାତା ପଟ୍ଟନାୟକ(ଜୋବ୍ରା, ନୂଆସାହି, କଟକ)

ପିଲାକୁ ଖେଳ ମାଧ୍ୟମରେ ପାଠ ପଢ଼ାଏ। କାରଣ ପିଲାମାନେ କରୋନାଠାରୁ ଟିକେ ଚଗଲା ହୋଇଯାଇଛନ୍ତି। ପିଲାକୁ ପାଠପଢ଼ାରେ କିପରି ସହଜରେ ବାନ୍ଧି ରଖି ହେବ ସେଥିପାଇଁ ଅନେକ କଥାକୁ ଗୁରୁତ୍ୱ ଦିଏ। ତାଙ୍କ ଭବିଷ୍ୟତ ପାଇଁ ସେମାନେ ଯେଉଁ ଲାଇନ୍ ଚଏସ୍ କରିବେ ତାଙ୍କୁ ସେଇ ଲାଇନ୍‌ରେ ଦେଇଦେଲେ ଭଲ। କାରଣ କୌଣସି ଜିନିଷ ବାଧ୍ୟବାଧକତାରେ ହୁଏ ନାହିଁ।



**ପିଲାର ରୁଚି ଯେଉଁଥିରେ ଅଛି ତାକୁ ସେ ଦିଗରେ ପ୍ରୋତ୍ସାହିତ କରନ୍ତୁ: ରୀତା ସାବତ** (ପଟିଆ, ଭୁବନେଶ୍ୱର)

ମୋ ମତରେ ପିଲାକୁ ଜୋର୍ ଜବରଦସ୍ତ ନ କରି ତାକୁ ଗେହ୍ଲେଇ କଥା ମାଧ୍ୟମରେ ପାଠ ପଢ଼ାଇଲେ ଭଲ। ପିଲା ମୋର ଛୋଟ, ଏଥିପାଇଁ ତାକୁ କୌଣସି ଜିନିଷରେ ପ୍ରେସର ଦିଏନି। ସେ କ'ଣ ସ୍କୁଲରେ ପଢୁଛି କିମ୍ବା ଟ୍ୟୁଶନରେ ତାହା ମୁଁ ଖାଲି ନଜର ଦିଏ। ପାଠପଢ଼ା ବ୍ୟତୀତ ପିଲା ଯଦି ଅନ୍ୟ କେଉଁଥିରେ ରୁଚି ରଖୁଛି ସେଥିରେ ତାକୁ ପ୍ରୋତ୍ସାହିତ କରନ୍ତୁ। ଏପରି କରିବା ଦ୍ୱାରା ପିଲା ତା' ଭବିଷ୍ୟତ ଭଲଭାବେ ଗଢ଼ିପାରିବ।

ଫ୍ୟାଶନ

# ମ୍ୟାରେଜ ପାର୍ଟିରେ ଦେଖାଯିବେ ଷ୍ଟାଇଲିଶ୍

ଏବେ ବାହାଘର ସିଜନ ଆରମ୍ଭ ହୋଇଯାଇଛି। ଏହି ସିଜନରେ ମହିଳାଙ୍କ ପାଇଁ ଷ୍ଟାଇଲିଶ୍ ଆଉଟ୍‌ଫିଟ୍ ଚୟନ କରିବା ବହୁତ ବଡ଼ ସମସ୍ୟା ହୋଇଥାଏ। ଯଦି ଆପଣ ଠିକ୍‌ଭାବରେ ଆଉଟ୍‌ଫିଟ୍‌କୁ କ୍ୟାରି କରିପାରିବା ଜାଣିଛନ୍ତି ତେବେ ଏହି କାମ ଆପଣଙ୍କ ପାଇଁ ଅଧିକ କଷ୍ଟଦାୟକ ହେବନାହିଁ। ବିବାହ ପାର୍ଟିରେ ଅଧିକାଂଶ ମହିଳା ଶାଢ଼ି ପିନ୍ଧିବାକୁ ପସନ୍ଦ କରନ୍ତି। ଶାଢ଼ିକୁ ଆପଣ ସବୁ ପାର୍ଟିରେ ପିନ୍ଧିବା ସହ ସୁନ୍ଦର ମଧ୍ୟ ଦେଖାଯିବେ। ଯଦି ଆପଣ ଏହିଦିନରେ ଶାଢ଼ିକୁ ଷ୍ଟାଇଲିଶ୍ କରିବାକୁ ଚାହୁଁଛନ୍ତି, ତେବେ ଲଙ୍ଗ



କୋର୍ଟ ସହିତ ଶାଢ଼ି ମଧ୍ୟ ପିନ୍ଧିପାରିବେ। ଏହା ଆପଣଙ୍କୁ କ୍ଲାସିକ୍ ଲୁକ୍ ଦେବ। ଏହା ଦେଖିବାକୁ ବହୁତ ସୁନ୍ଦର ଲାଗିଥାଏ। ଏଥିପାଇଁ ଆପଣଙ୍କୁ ସିମ୍ପୁଲ ଉପାୟରେ ଶାଢ଼ି ପିନ୍ଧି ଉପରେ ଲଙ୍ଗ୍ କୋର୍ଟ କ୍ୟାରି କରିପାରିବେ।

➤ଯଦି ଆପଣ ଶାଢ଼ି ପିନ୍ଧୁଛନ୍ତି କୌଣସି ପାର୍ଟି ପାଇଁ ତେବେ ଆପଣ ଶାଢ଼ି ସହ ଶ୍ରଗ୍ ମଧ୍ୟ କ୍ୟାରି କରିପାରିବେ। ଏଥିପାଇଁ ଆପଣ ଯଦି ପ୍ଲେନ୍ ଶାଢ଼ି ପିନ୍ଧୁଛନ୍ତି ସେଥିରେ ଆପଣ ପ୍ରିଣ୍ଟ ଶ୍ରଗ୍ ପିନ୍ଧିବେ ନଚେତ୍ ଯଦି ଆପଣ ପ୍ରିଣ୍ଟେଡ୍ ଶାଢ଼ି ସହ ଆପଣ ପ୍ଲେନ୍ ଶ୍ରଗ୍ ମଧ୍ୟ ପିନ୍ଧିପାରିବେ।

➤ଆଜିକାଲି ହାଇନେକ୍ ବ୍ଲାଉଜ୍‌ର ଟ୍ରେଣ୍ଡ ଚାଲିଛି; ଯାହା ଦେଖିବାକୁ ଷ୍ଟାଇଲିଶ୍ ଲାଗିଥାଏ। ନିଜ ଶାଢ଼ିକୁ ସୁପର ଷ୍ଟାଇଲିଶ୍ ମଡର୍ନ ଲୁକ୍ ଦେବାକୁ ଚାହୁଁଥିଲେ ତେବେ ଆପଣ ମ୍ୟାଚିଂ କିମ୍ବା କଣ୍ଟ୍ରାଷ୍ଟ ହାଇନେକ୍ ବ୍ଲାଉଜ୍ କ୍ୟାରି କରି ପିନ୍ଧିପାରିବେ।

➤ପାର୍ଟିରେ ଆପଣ ଅଧିକ ଆଟ୍ରାକ୍ଟିଭ୍ ଦେଖାଯିବାକୁ ହେଲେ ଗୋଲଡେନ୍ ଗ୍ଲିଟରି ବ୍ଲାଉଜ୍ ପିନ୍ଧି ପାରିବେ।

➤ହାଇ ରାଉଣ୍ଡ ନେକ୍ ବ୍ଲାଉଜ୍‌କୁ ଆପଣ ଶାଢ଼ି ସହ ପିନ୍ଧିଲେ ଅଧିକ ଷ୍ଟାଇଲିଶ୍ ଦେଖାଯିବେ।

# ସକ୍‌ସେସ୍ ଡେଡ୍‌ଲାଇନ

କୌଣସି ବି ଫିଲ୍ଡରେ ସକ୍‌ସେସ୍ ପାଇବାକୁ ହେଲେ ହାର୍ଡୱାର୍କ ଓ ଡେଡିକେଶନର ଆବଶ୍ୟକତା ରହିଛି। ଆପଣ ଏକ ଡେଡ୍‌ଲାଇନ ନିର୍ଣ୍ଣୟ କରନ୍ତୁ ଯାହାଦ୍ୱାରା ସଫଳତା ପାଇବା ଆହୁରି ସହଜ ହୋଇଯିବ। ପ୍ରଫେସନାଲ ଲାଇଫ୍‌ରେ ନୁହେଁ ପର୍ସନାଲ ଲାଇଫ୍‌ରେ ବି ଡେଡ୍‌ଲାଇନ କରିବା ଦ୍ୱାରା ଆପଣ ନିରନ୍ତର ସକ୍‌ସେସ୍ ପାଇବା ସହ ଅଧିକ ମୋଟିଭେଟ୍ ହୋଇପାରିବେ। ସକ୍‌ସେସ୍ ପାଇବା ପାଇଁ ଡେଡ୍‌ଲାଇନ ବିଷୟରେ ଜାଣିବା ନିହାତି ଜରୁରୀ। ସଫଳତା ପାଇବାକୁ ହେଲେ 'ଡେଡ୍‌ଲାଇନ' ରହିବା ନିହାତି ଜରୁରୀ। ଏହା ବିନା ସବୁ ସ୍ୱପ୍ନ। ସମୟର ମହତ୍ତ୍ୱ ବିଷୟରେ କବିର ଦାସ କହିଛନ୍ତି, କାଲି ଯାହା କରିବ ବୋଲି ଭାବୁଛ ତାକୁ ଆଜି କର,



ଆଜି କରିବ ବୋଲି ଯାହା ଭାବୁଛ ତାକୁ ଏବେ କର। ବାସ୍ତବରେ ଆମର ସବୁ ସଫଳତାରେ ସବୁଠାରୁ ମୁଖ୍ୟ ଭୂମିକା ସମୟର ଅଛି। ସତକଥା କହିବାକୁ ଗଲେ ବିତିଯାଇଥିବା ସମୟ କେବେ ଫେରିପାରିବ ନାହିଁ। କିନ୍ତୁ ଅଧିକାଂଶ ବ୍ୟକ୍ତି ସମୟକୁ ଅଣଦେଖା କରିଥାନ୍ତି। ସମୟ ହେଉଛି ଆମ ଜୀବନର ମୁଖ୍ୟ ଅଂଶ। ଏଥିପାଇଁ ଯେତେବେଳେ କୌଣସି ଟାର୍ଗେଟ୍ ସେଟ୍ କରୁଛନ୍ତି ତେବେ ତାହାର ଡେଡ୍‌ଲାଇନ୍ ନିର୍ଦ୍ଧାରଣ କରନ୍ତୁ। କାରଣ କୌଣସି କାମର ଏକ ନିଶ୍ଚିତ ସମୟ ରହିଛି।

ଖାଦ୍ୟରୁଚି

# କ୍ରିସ୍ପି ବ୍ରେଡ୍ ବରା

**ଆବଶ୍ୟକ ସାମଗ୍ରୀ:** ୫ଟି ବ୍ରେଡ୍ କ୍ରମ୍ବ। ୧ରୁ ୩ କପ୍ କଟା ହୋଇଥିବା ପିଆଜ, ଛୋଟ ଆକାରରେ କଟାହୋଇଥିବା ଅଦା, କଟାହୋଇଥିବା ୨ଟି କଞ୍ଚାଲଙ୍କା, କଟାହୋଇଥିବା ଧନିଆପତ୍ର ୨ଚାମଚ, ଅଳ୍ପ ମାତ୍ରାରେ ଭୁର୍ସୁଙ୍ଗ ପତ୍ର, ଅଳ୍ପ ମାତ୍ରାରେ ହେଙ୍ଗୁ, ଗୋଲମରିଚ ପାଉଡର ଓ ଜିରା, ଅଧା ଚାମଚ ହଳଦୀ ପାଉଡର, ଏକ କପ୍ ତାଜା ଦହି, ୩ଚାମଚ ଚାଉଳଗୁଣ୍ଡ, ୨ ଚାମଚ ସୁଜି, ସ୍ୱାଦ ଅନୁସାରେ ଲୁଣ ଓ ଛାଣିବା ପାଇଁ ଆବଶ୍ୟକ ତେଲ।

**ପ୍ରସ୍ତୁତି ପ୍ରଣାଳୀ:** ତେଲକୁ ଛାଡ଼ି ସବୁ ସାମଗ୍ରୀକୁ ଭଲଭାବେ ମିଶାଇ ଦିଅନ୍ତୁ। ଏହା ଭଲଭାବେ ମିଶିଲା ପରେ ତାକୁ ନେଇ ଗୋଲକରି ହାତରେ ଟିକେ ଚାପି ଚେପ୍‌ଟା କରି ସେଥିରେ ଆଙ୍ଗୁଠି ସାହାଯ୍ୟରେ ଏହା ମଝିରୁ କଣା କରି ରଖନ୍ତୁ। ଏହିପରି ଅନ୍ୟ ବରା ସବୁକୁ ତିଆରି କରନ୍ତୁ। ଏବେ ଗ୍ୟାସ୍ ଚୁଲାରେ କଡ଼େଇ ରଖନ୍ତୁ। ତାତିଲା ପରେ ସେଥିରେ ତେଲ ଗରମ କରନ୍ତୁ। ସେଥିରେ ଗୋଟିଏ ଗୋଟିଏ ବରାକୁ ତେଲରେ ପକାଇ ତାକୁ ଛାଣନ୍ତୁ। ଏବେ ଏହି ବରାକୁ ଧନିଆଁ ଚଟଣି ସହ ପରଷିପାରିବେ।



# କିଚେନ୍ ଟିପ୍ସ

ଯଦି ଆପଣ ରାତିରେ ରାଜ୍‌ମା ଭିଜାଇବାକୁ ଭୁଲିଯାଇଛନ୍ତି ତେବେ ରାଜ୍‌ମାକୁ ପ୍ରଥମେ ଭଲଭାବେ ଧୋଇ ସଫା କରିଦିଅନ୍ତୁ। ଏବେ ଏହାକୁ ପ୍ରେସରକୁକରରେ ପାଣି ପକାଇ ସିଝାଇ ଦିଅନ୍ତୁ। ଦୁଇଟି ସିଟି ପରେ କୁକରକୁ ଖୋଲି ଦିଅନ୍ତୁ। ଏଥିରେ ଗୋଟେ କପ୍ ଆଇସ୍ କ୍ୟୁବ୍ ଓ ଲୁଣ ପକାନ୍ତୁ। ଏହାଦ୍ୱାରା ରାଜ୍‌ମା ଭଲ ସିଝିଥାଏ। ପୁନର୍ବାର ରାଜ୍‌ମାକୁ ସିମ୍‌ରେ ୭–୧୦ ମିନିଟ୍ ପର୍ଯ୍ୟନ୍ତ ରାନ୍ଧନ୍ତୁ।

–ରସୁଣରୁ ଚୋପା ସହଜରେ ଛାଡ଼ି ନ ଥାଏ। ଏଥିପାଇଁ ରସୁଣ କୋଳାକୁ କିଛି ସମୟ ଗରମପାଣିରେ ପକାଇ ଦିଅନ୍ତୁ। ଦେଖିବେ ଏଥିରୁ ସହଜରେ ଚୋପା ଛାଡ଼ିଯିବ।

–ଯଦି ଆପଣ ବାଇଗଣ କି ପୋଟଳ ଗ୍ୟାସ୍ ଚୁଲାରେ ପୋଡ଼ିବାକୁ ଚାହୁଁଥାନ୍ତି ତେବେ ମଝିରୁ ତାକୁ ଫାଳକରି କିଛି ତେଲ ସେଥିରେ ପକାଇଦେଲେ ସେଥିରୁ ସହଜରେ ଚୋପା ଛାଡ଼ିଥାଏ, ଏଥିସହ ଗ୍ୟାସ୍ ଚୁଲା ଏତେ ଖରାପ ହୁଏନାହିଁ।

–ଦେଖିବେ ଆପଣ ଲଙ୍କା କାଟିବା କିମ୍ବା ଚକଟିବା ଦ୍ୱାରା ଆପଣଙ୍କ ହାତରେ ଜ୍ୱଳନ ଅନୁଭୂତ ହୁଏ। ଏଥିରୁ ରକ୍ଷା ପାଇବାକୁ ହେଲେ ଆଲୋଭେରା ଜେଲ୍, ମହୁ କିମ୍ବା ଦହି ଲଗାଇ ଜ୍ୱଳନକୁ କମାଇପାରିବେ।

# ତ୍ୱଚାର ଘରୋଇ ଉପଚାରରେ ଦହି

ସୌନ୍ଦର୍ଯ୍ୟ



ଦହି ଆପଣଙ୍କ ତ୍ୱଚାକୁ ଚମକ ଦେଇଥାଏ। ଦହି ସହ ଆପଣ ବେସନକୁ ମିଶାଇ ଲଗାଇ ପାରିବେ। ଏହି ପ୍ରକାର ଦହିକୁ ଏକ ସୌନ୍ଦର୍ଯ୍ୟ ପ୍ରସାଧନ ରୂପେ ବ୍ୟବହାରକରି ତ୍ୱଚାକୁ ଆପଣ ସଫା ଲୁକ୍ ଦେଇପାରିବେ। ଯଦି ଆପଣ ନିଜର ବୟସ ଲୁଚାଇବାକୁ ଚାହୁଁଛନ୍ତି ତେବେ ତ୍ୱଚାରେ ଆପଣ ଦହି ବ୍ୟବହାର କରନ୍ତୁ। କସ୍‌ମେଟିକ୍ ବ୍ୟବହାର ଦ୍ୱାରା ଆପଣଙ୍କ ତ୍ୱଚା ହୁଏତ କିଛି ସମୟ ସୁନ୍ଦର ଦେଖାଯାଇପାରେ। କିନ୍ତୁ ଘରୋଇ ଉପାୟରେ ମୁହଁରେ ଦହି ବ୍ୟବହାର କରିବା ଦ୍ୱାରା ଏଥିରେ ଥିବା ପୋଷକତତ୍ତ୍ୱ ତ୍ୱଚା ପାଇଁ ଉପକାରୀ ହୋଇଥାଏ। ତ୍ୱଚାକୁ ସଫା ଦେଖାଯିବାକୁ ହେଲେ ଦହିର ମୁଖ୍ୟ ଭୂମିକା ରହିଛି। ଦହି କେବଳ ଖାଇଲେ ସ୍ୱାସ୍ଥ୍ୟ ଭଲ ରୁହେ ସତ ଏହା ମଧ୍ୟ ସୌନ୍ଦର୍ଯ୍ୟ ପାଇଁ ବେଶ୍ ଉପଯୋଗୀ। ଏହାକୁ ଆପଣ ଫେସ୍ ପ୍ୟାକ୍ ସହିତ ଲଗାଇ ବ୍ୟବହାର କରିପାରିବେ। ତେବେ ଆସନ୍ତୁ ଜାଣିବା.....

**ତ୍ୱଚା ପାଇଁ କିପରି କାମ କରିଥାଏ**

ମୁଖ ବ୍ରଣ ଦୂରକରିବାକୁ ହେଲେ ମୁହଁରେ ଦହି ଲଗାନ୍ତୁ। ଏଥିରେ ଆଣ୍ଟିବ୍ୟାକ୍ଟେରିଆ ଓ ଆଣ୍ଟିଫଙ୍ଗାଲ ଗୁଣ ରହିଛି, ଯାହା ଆପଣଙ୍କର ମୁଖ ବ୍ରଣ ସମସ୍ୟାକୁ ଦୂର କରିପାରେ। ତେବେ ଏହାକୁ ଆପଣ ସିଧାସଳଖ ମୁହଁରେ ଲଗାଇପାରିବେ। ପୁଣି ଅଧଘଣ୍ଟା ପରେ ପାଣିରେ ମୁହଁକୁ ଭଲଭାବେ ଧୋଇଦିଅନ୍ତୁ।

**ତ୍ୱଚା ଲୋଚାକୋଚା ଦୂରକରିବାକୁ ହେଲେ**

ବୟସ ବଢ଼ି ଚାଲିଲେ ମୁହଁର ଛାପ ଟିକେ ଅଲଗା ହେବାକୁ ଲାଗେ। ଏହାକୁ ଧିମା କରିବାକୁ ହେଲେ ଆପଣଙ୍କୁ ଦହି ବ୍ୟବହାର କରିବାକୁ ପଡ଼ିବ। ଏଥିରେ ଥିବା ଲାକ୍ଟିକ୍ ଏସିଡ୍ ମୃତ କୋଷିକାକୁ ଦୂରକରି ପୋର୍ସକୁ ଟାଇଟ୍ କରିଥାଏ।

**ଡ୍ରାଏ ସ୍କିନ୍ ପାଇଁ ଲାଭକାରୀ ଦହି**

ଯଦି ଆପଣଙ୍କ ତ୍ୱଚା ଡ୍ରାଏ ତେବେ ପ୍ରତିଦିନ ମୁହଁରେ ଦହି ଲଗାନ୍ତୁ ଦେଖିବେ ତ୍ୱଚା ଟିକେ ଟିକେ ତେଲିଆ ହେବାକୁ ଲାଗିବ। ଫଳରେ ଆପଣଙ୍କ ମୁହଁ ଏତେଟା ଫାଟିବ ନାହିଁ। ଏହା ଆପଣଙ୍କ ତ୍ୱଚା ଲାଗି ମଶ୍ଚରାଇଜର ପରି କାମ କରିଥାଏ। ଏଥିପାଇଁ ଆପଣଙ୍କୁ ୨ଚାମଚ ଦହିରେ ୧ଚାମଚ ମହୁ ମିଶାଇ ମୁହଁରେ ଲଗାନ୍ତୁ। ଏହାକୁ ଲଗାଇବାର ୧୫ ମିନିଟ୍ ପରେ ଥଣ୍ଡା ପାଣିରେ ମୁହଁକୁ ଭଲଭାବେ ଧୋଇନିଅନ୍ତୁ। ଦେଖିବେ ତ୍ୱଚାରୁ ଡ୍ରାଏନେସ୍ ଦୂରହୋଇଯିବ।

**ଡାର୍କ ସର୍କଲ ଦୂରକରେ**

ଆଖି ତଳେ ଯଦି ଡାର୍କ ସର୍କଲ ଅଛି ତେବେ ଆପଣ ଦହି ଲଗାଇ ୧୦ମିନିଟ୍ ପର୍ଯ୍ୟନ୍ତ ରଖନ୍ତୁ। ଏହାପରେ ମୁହଁକୁ ଥଣ୍ଡାପାଣିରେ ଭଲଭାବେ ଧୋଇଦିଅନ୍ତୁ। ଏପରି କରିବା ଦ୍ୱାରା ଆଖିତଳ ଡାର୍କ ସର୍କଲ ଧୀରେ ଧୀରେ ଦୂର ହୋଇଯିବ। ଦହିକୁ ମୁହଁରେ ଲଗାଇବା ଦ୍ୱାରା ଏହା ତ୍ୱଚାରେ ମଶ୍ଚରାଇଜର ପରି କାମ କରିଥାଏ।



ଧରିତ୍ରୀ
DHARITRI
www.orissakhabar.com/ www.dharitri.com ପୃଷ୍ଠା ୧୬ Press Regd. No. R.N. 21326/74 Postal Regd. No. BN/42/21-23. ଭୁବନେଶ୍ୱର, ମଙ୍ଗଳବାର, ଜାନୁୟାରୀ ୩/୨୦୨୩ Bhubaneswar, Tuesday, January 3/ 2023

# ଭାରତ-ଶ୍ରୀଲଙ୍କା ଟି୨୦ ଆଜି


ସୋମବାର ଅଭ୍ୟାସ ସେସନରେ ଭାରତୀୟ ଖେଳାଳି।

ମୁମ୍ବାଇ,୨।୧(ପି.ଟି)

ଟି୨୦ ବିଶ୍ୱକପ୍‌କୁ ଆଉ ମାତ୍ର ୧୮ ମାସ ରହିଥିବା ବେଳେ ହାର୍ଦ୍ଦିକ ପାଣ୍ଡ୍ୟାଙ୍କ ନେତୃତ୍ୱରେ ମିଶନ୍ ୨୦୨୪ ପାଇଁ ପ୍ରସ୍ତୁତ ହେଉଛି ଭାରତ। ଭାରତୀୟ ଦଳର ୩ ବରିଷ୍ଠ ଖେଳାଳି ରୋହିତ ଶର୍ମା, ଲୋକେଶ ରାହୁଲ ଓ ବିରାଟ କୋହଲିଙ୍କ ବିନା ହାର୍ଦ୍ଦିକଙ୍କ ନେତୃତ୍ୱରେ ଶ୍ରୀଲଙ୍କା ବିପକ୍ଷ ସିରିଜ ଖେଳିବ ଭାରତ। ୩ ମ୍ୟାଚ ବିଶିଷ୍ଟ ସିରିଜର ପ୍ରଥମ ଟି୨୦ ବୁଧବାର ମୁମ୍ବାଇର ୱାଙ୍ଖେଡେ ଷ୍ଟାଡିୟମରେ ଖେଳାଯିବ। ଦିନିକିଆ ବିଶ୍ୱକପ୍ ବର୍ତ୍ତମାନ ଭାରତୀୟ ମ୍ୟାନେଜମେଣ୍ଟ ପାଇଁ ପ୍ରାଥମିକତା ରହିଥିବା ବେଳେ ହାର୍ଦ୍ଦିକଙ୍କ ନିକଟରେ ୨୦୨୪ର ଯୋଜନା ପ୍ରସ୍ତୁତ ପାଇଁ ସମୟ ମଧ୍ୟ ରହିଛି। ବରିଷ୍ଠ ଖେଳାଳିଙ୍କୁ ଶ୍ରୀଲଙ୍କା ସିରିଜରୁ ବାଦ୍ ଦିଆଯାଇଥିବା ବେଳେ ଭାରତୀୟ ମ୍ୟାନେଜମେଣ୍ଟ ବର୍ତ୍ତମାନ ଭବିଷ୍ୟତ ଉପରେ ଲକ୍ଷ୍ୟ ରଖିଥିବା ସ୍ପଷ୍ଟ।

**ଟିମ୍ କମ୍ବିନେଶନ:** ନ୍ୟୁଜିଲାଣ୍ଡ ସିରିଜରେ ରିଷଭ ପନ୍ତ ଓ ଇଶାନ କିଶନ ଓପନ କରିଥିଲେ। ଦୁର୍ଘଟଣାର ସମ୍ମୁଖୀନ ହୋଇଥିବା ପନ୍ତ ଏହି ସିରିଜରୁ ବାଦ୍ ପଡିଥିବା ବେଳେ ଋତୁରାଜ ଗାଏକ୍ୱାଡ ଇନିଂସ ଓପନ କରିପାରନ୍ତି। ଉଭୟ କିଶନ ଏବଂ ଗାଏକ୍ୱାଡ ଆଇପିଏଲରେ ଭଲ ପ୍ରଦର୍ଶନ କରିଛନ୍ତି। ସେହିପରି ଅନ୍ୟତମ ଓପନିଂ ବିକଳ୍ପ ଭାବରେ ଶୁବମାନ ଗିଲ୍ ମଧ୍ୟ ରହିଛନ୍ତି। ୩ ନମ୍ବର ସ୍ଥାନରେ ସୂର୍ଯ୍ୟକୁମାର ଯାଦବଙ୍କ ଖେଳିବା ନିଶ୍ଚିତ ରହିଥିବା ବେଳେ ଦୀପକ ହୁଡା ଓ ଅଧିନାୟକ ହାର୍ଦ୍ଦିକ ପାଣ୍ଡ୍ୟା ୪ ଓ ୫ ନମ୍ବର ଖେଳାଳି ରହିବେ। ମଧ୍ୟକ୍ରମରେ ଖାଲିଥିବା ଅନ୍ୟ ଏକ ସ୍ଥାନରେ ସଞ୍ଜୁ ସାମସନ୍ ଓ ରାହୁଲ ତ୍ରିପାଠୀଙ୍କ ମଧ୍ୟରୁ ଜଣଙ୍କୁ ସୁଯୋଗ ମିଳିବ। ବିଗତ କିଛି ସିରିଜ୍ ଧରି ତ୍ରିପାଠୀ ବେଞ୍ଚରେ ବସିଥିଲେ ମଧ୍ୟ ଅଭିଜ୍ଞତା ଦୃଷ୍ଟିରୁ ସାମସନଙ୍କୁ ସୁଯୋଗ ମିଳିବ। ସପ୍ତମ ସ୍ଥାନରେ ୱାଶିଂଟନ୍ ସୁନ୍ଦର ଓ ଅକ୍ଷର ପଟେଲଙ୍କ ମଧ୍ୟରୁ ଜଣଙ୍କୁ ସୁଯୋଗ ମିଳିବ। ମୁଖ୍ୟ ସ୍ପିନର ଭାବରେ ଯୁଜବେନ୍ଦ୍ର ଚହଲଙ୍କୁ ଦଳରେ ସାମିଲ କରାଯାଇପାରେ। ଅନକ୍ୟାପ୍‌ଡ ଖେଳାଳି ଶିବମ ମାଭି ଓ ମୁକେଶ କୁମାର ଭାରତୀୟ ଦଳରେ ରହିଥିଲେ ମଧ୍ୟ ଅର୍ଶଦୀପ, ହର୍ଷଲ ପଟେଲ ଓ ଉମ୍ରାନ ମଲିକ୍ ବୋଲିଂର ନେତୃତ୍ୱ ନେଇପାରନ୍ତି। ଏସିଆ କପ୍ ଚାମ୍ପିୟନ ଶ୍ରୀଲଙ୍କା ପ୍ରିମିୟର ଲିଗ୍ ପ୍ରଦର୍ଶନ ଆଧାରରେ ଦଳ ଚୟନ କରିଛି। ଏହି ଦଳକୁ ଅଭିଷ୍କା ଫର୍ନାଣ୍ଡୋ, ଚାମିକା କରୁଣାରତ୍ନେ ଓ ସାଦିରା ସମରୱିକ୍ରମା ପ୍ରତ୍ୟାବର୍ତ୍ତନ କରିଥିବା ବେଳେ ଭାନୁକା ରାଜପାକ୍‌ସେଙ୍କ ପ୍ରଦର୍ଶନ ଉପରେ ମଧ୍ୟକ୍ରମ ବ୍ୟାଟିଂର ଭାର ରହିବ।

**ମ୍ୟାଚ ଆରମ୍ଭ: ରାତି ୭ଟା**
**ପ୍ରସାରଣ: ଷ୍ଟାର ସ୍ପୋର୍ଟ୍ସ**

## ନ୍ୟୁଜିଲାଣ୍ଡ ୩୦୯/୬

**କରାଚୀ, ୨।୧ (ଏପି):** ପାକିସ୍ତାନ ଓ ନ୍ୟୁଜିଲାଣ୍ଡ ମଧ୍ୟରେ ଦ୍ୱିତୀୟ କ୍ରିକେଟ ଟେଷ୍ଟ ମ୍ୟାଚ ସୋମବାର ଆରମ୍ଭ ହୋଇଛି। ପ୍ରଥମେ ବ୍ୟାଟିଂ କରିଥିବା ନ୍ୟୁଜିଲାଣ୍ଡ ଡେଭନ କନ୍‌ୱେଙ୍କ ଶତକ ସହାୟତାରେ ପ୍ରଥମ ଦିବସ ଖେଳ ଶେଷ ସୁଦ୍ଧା ୬ ଉଇକେଟ ବିନିମୟରେ ୩୦୯ ରନ କରିଛି। ଟମ୍ ଲଥାମ (୭୧) ଓ କନ୍‌ୱେ (୧୨୨) ପ୍ରଥମ ଉଇକେଟ ପାର୍ଟନରଶିପ୍‌ରେ ୧୩୪ରନ ଯୋଗ କରି ଦଳକୁ ଭଲ ଆରମ୍ଭ ଦେଇଥିଲେ।

## ନାଭ୍ରାଟିଲୋଭାଙ୍କୁ କର୍କଟ

**ନ୍ୟୁୟର୍କ, ୨।୧(ଏପି):** ମହାନ୍ ଟେନିସ ଖେଳାଳି ମାର୍ଟିନା ନାଭ୍ରାଟିଲୋଭା ଗଳା ଓ ସ୍ତନ କର୍କଟ ରୋଗରେ ପୀଡ଼ିତ ହୋଇଛନ୍ତି। ଚଳିତ ମାସରେ ସେ ଚିକିତ୍ସା ଆରମ୍ଭ କରିବେ ବୋଲି ତାଙ୍କ ପ୍ରତିନିଧି ଏକ ବିବୃତିରେ ପ୍ରକାଶ କରିଛନ୍ତି। ଯଦିଓ ସେ ଜଟିଳ ରୋଗରେ ପୀଡ଼ିତ ଅଛନ୍ତି ସୁସ୍ଥ ହେବା ନେଇ ସେ ଆଶାବାଦୀ ଥିବା ୬୬ ବର୍ଷୀୟା ନାଭ୍ରାଟିଲୋଭା ପ୍ରକାଶ କରିଛନ୍ତି। ୧୮ଥର ଗ୍ରାଣ୍ଡସ୍ଲାମ ସିଙ୍ଗଲ୍ସ ବିଜେତା ନାଭ୍ରାଟିଲୋଭା ହଲ୍ ଅଫ୍ ଫେମ୍‌ର ଜଣେ ସଦସ୍ୟ ମଧ୍ୟ। ସେ ମୋଟ ଉପରେ ୫୯ ଗ୍ରାଣ୍ଡସ୍ଲାମ ଜିତିଛନ୍ତି।

# କାର୍ତ୍ତିକ, ସୂର୍ଯ୍ୟକାନ୍ତଙ୍କ ଉପରେ ନଜର


ଡ୍ରିମ୍ସ ଗ୍ରାଉଣ୍ଡରେ ସୋମବାର ନାଗାଲାଣ୍ଡ ଖେଳାଳିଙ୍କ ଶାରୀରିକ ଅଭ୍ୟାସ।

**ରଣଜୀ ଟ୍ରଫି: ଆଜିଠୁ ଓଡ଼ିଶା-ନାଗାଲାଣ୍ଡ ମ୍ୟାଚ**

ଭୁବନେଶ୍ୱର, ୨।୧ (କ୍ରୀଡ଼ା ପ୍ରତିନିଧି)

ଚଳିତ ରଣଜୀ ସିଜନରେ ଓଡ଼ିଶାର ଏହାର ୪ର୍ଥ ମ୍ୟାଚ ମଙ୍ଗଳବାରଠାରୁ ନାଗାଲାଣ୍ଡ ବିପକ୍ଷରେ ଖେଳିବ। କଟକର ଡ୍ରିମ୍ସ ଗ୍ରାଉଣ୍ଡରେ ଏହି ମ୍ୟାଚ ଖେଳାଯିବ। ଓଡ଼ିଶା ଏପର୍ଯ୍ୟନ୍ତ ୩ଟି ମ୍ୟାଚ ଖେଳି ସାରିଥିବାବେଳେ ୨ଟି ଡ୍ର ରଖିଛି ଏବଂ ଗୋଟିଏ ହାରିଛି। ୨ଟି ଡ୍ର ମ୍ୟାଚ ମଧ୍ୟରୁ ଗୋଟିଏରେ ପ୍ରଥମ ଇନିଂସ ପଛୁଆ ରହିଥିବାବେଳେ ଗୋଟିଏରେ ଅଗ୍ରଣୀ ରହି ୩ ପଏଣ୍ଟ ହାସଲ କରିଛି। ଏହା ପୂର୍ବ ମ୍ୟାଚଟି ସେହି ଡ୍ରିମ୍ସ ଗ୍ରାଉଣ୍ଡରେ ହୋଇଥିଲା। ଯୁଜବେନ୍ଦ୍ର ଚହଲଙ୍କ ନେତୃତ୍ୱାଧୀନ ହରିୟାଣାକୁ ସଫଳ ମୁକାବିଲା କରି ଓଡ଼ିଶା ପ୍ରଥମ ଇନିଂସ ଅଗ୍ରଣୀ ସହ ମ୍ୟାଚ ଡ୍ର ରଖିଥିଲା। ଯୁବ ବ୍ୟାଟର କାର୍ତ୍ତିକ ବିଶ୍ୱାଳ ଶତକ ହାସଲ କରିଥିବାବେଳେ ଅଭିଜ୍ଞ ସୂର୍ଯ୍ୟକାନ୍ତ ଅଲ୍‌ରାଉଣ୍ଡ ପ୍ରଦର୍ଶନ କରି ପ୍ଲେୟର ଅଫ୍‌ଦିମ୍ୟାଚ ବିବେଚିତ ହୋଇଥିଲେ। ତେଣୁ ସେହି ପଡ଼ିଆରେ ପୁଣି ମ୍ୟାଚ ହେବାକୁ ଯାଉଥିବାରୁ କାର୍ତ୍ତିକ ଓ ସୂର୍ଯ୍ୟକାନ୍ତଙ୍କ ଉପରେ ନଜର ରହିବ। ଅଧିନାୟକ ଶୁଭ୍ରାଂଶୁ ସେନାପତିଙ୍କ ବ୍ୟାଟ୍‌ରୁ ମଧ୍ୟ ଏକ ବଡ଼ ଇନିଂସ ଆଶା କରିବ ଓଡ଼ିଶା। ନାଗାଲାଣ୍ଡ ଚଳିତ ସିଜନରେ ଏପର୍ଯ୍ୟନ୍ତ ଖେଳିଥିବା ୩ଟି ଯାକ ମ୍ୟାଚରେ ପରାଜିତ ହୋଇଛି। ଡିସେମ୍ବର ୧୩ରୁ ୧୬ ପର୍ଯ୍ୟନ୍ତ ସୋଭିମାଠାରେ ଅନୁଷ୍ଠିତ ମ୍ୟାଚରେ ଉତ୍ତରାଖଣ୍ଡଠାରୁ ୧୭୪ ରନରେ ପରାସ୍ତ ହୋଇ ଅଭିଯାନ ଆରମ୍ଭ କରିଥିଲା ନାଗାଲାଣ୍ଡ। ପ୍ରଥମ ଇନିଂସରେ ଦଳ ୩୮୯ ରନ କରିଥିଲେ ହେଁ ଦ୍ୱିତୀୟ ଇନିଂସରେ ଆଶ୍ଚର୍ଯ୍ୟଜନକଭାବେ ବ୍ୟାଟିଂ ବିପର୍ଯ୍ୟୟର ସମ୍ମୁଖୀନ ହୋଇ ମାତ୍ର ୨୫ ରନରେ ଅଲ୍‌ଆଉଟ ହୋଇ ଯାଇଥିଲା। ଏହାପରେ ଡିସେମ୍ବର ୨୦ରୁ ୨୨ ପର୍ଯ୍ୟନ୍ତ ୩ ଦିନରେ ଶେଷ ହୋଇଥିବା ମ୍ୟାଚରେ ଦଳ ସୋଭିମାଠାରେ ଉତ୍ତର ପ୍ରଦେଶଠାରୁ ଏକ ଇନିଂସ ୨୩୦ ରନରେ ଏବଂ ଡିସେମ୍ବର ୨୭ରୁ ୨୯ ପର୍ଯ୍ୟନ୍ତ ସମାନ ଭେନ୍ୟୁରେ ଅନୁଷ୍ଠିତ ମ୍ୟାଚରେ ବେଙ୍ଗଲଠାରୁ ଏକ ଇନିଂସ ୧୬୧ ରନରେ ପରାଜିତ ହୋଇଥିଲା। ବର୍ଷ ଆରମ୍ଭର ପ୍ରଥମ ମ୍ୟାଚ ହୋଇଥିବାରୁ ଉଭୟ ଓଡ଼ିଶା ଓ ନାଗାଲାଣ୍ଡ ଭଲ ପ୍ରଦର୍ଶନର ଆଶା ରଖିଛନ୍ତି।

## ପ୍ରଥମ ସଂସ୍କରଣରେ ଭାରତକୁ ବ୍ରୋଞ୍ଜ୍

ହକି ବିଶ୍ୱକପ୍‌ର ପ୍ରଥମ ସଂସ୍କରଣ ୧୯୭୧ ମସିହାରେ ଆରମ୍ଭ ହୋଇଥିଲା। ଆୟୋଜକ ଦେଶ ଥିଲା ସ୍ପେନ୍ ଏବଂ ପ୍ରତିଯୋଗିତା ବାର୍ସିଲୋନାରେ ଅନୁଷ୍ଠିତ ହୋଇଥିଲା। ଅକ୍ଟୋବର ୧୫ରୁ ୨୪ ପର୍ଯ୍ୟନ୍ତ ଏହି ଟୁର୍ନାମେଣ୍ଟ ଆୟୋଜିତ ହୋଇଥିଲା। ଏଥିପାଇଁ କୌଣସି ଯୋଗ୍ୟତା ପର୍ଯ୍ୟାୟ ଟୁର୍ନାମେଣ୍ଟ ହୋଇ ନ ଥିଲା। ଏହା ଏକ ଆମନ୍ତ୍ରଣୀୟ ଟୁର୍ନାମେଣ୍ଟର ରୂପ ନେଇଥିଲା। ଅନ୍ତର୍ଜାତୀୟ ହକି ଫେଡେରେଶନ(ଏଫ୍‌ଆଇଏଚ୍) ପକ୍ଷରୁ ୫ଟି କନ୍‌ଫେଡେରେଶନରୁ ଶ୍ରେଷ୍ଠ ୧୦ ଦଳକୁ ଆମନ୍ତ୍ରଣ କରାଯାଇଥିଲା। ଅଲିମ୍ପିକ୍ସ ପ୍ରଦର୍ଶନ ଭିତ୍ତିରେ ଦଳଗୁଡ଼ିକ ଚୟନର ମାନଦଣ୍ଡ ନିର୍ଦ୍ଧାରଣ କରାଯାଇଥିଲା। ୧୦ ଦଳ ଭାଗ ନେଇଥିବାରୁ ଏହାକୁ ୨ଟି ଗ୍ରୁପ୍‌ରେ ବିଭକ୍ତ କରାଯାଇଥିଲା। ରାଉଣ୍ଡ ରବିନ ଲିଗ୍ ପରେ ପ୍ରତି ଗ୍ରୁପ୍‌ରୁ ଶ୍ରେଷ୍ଠ ୨ ଦଳ ସେମିଫାଇନାଲକୁ ଉନ୍ନୀତ ହେବା ନିୟମ ରହିଥିଲା। ୧୯୬୮ ଅଲିମ୍ପିକ୍ ଚାମ୍ପିୟନ ପାକିସ୍ତାନ, ରନରଅପ୍ ଅଷ୍ଟ୍ରେଲିଆ, ଆୟୋଜକ ସ୍ପେନ୍, ନେଦରଲାଣ୍ଡ୍ସ ଓ ଜାପାନ ଗ୍ରୁପ୍ 'ବି'ରେ ସ୍ଥାନ ପାଇଥିଲେ। ଗ୍ରୁପ୍ 'ଏ'ରେ ଭାରତ ସମେତ ଆର୍ଜେଣ୍ଟିନା, ଫ୍ରାନ୍ସ, କେନିୟା ଓ ପଶ୍ଚିମ ଜର୍ମାନୀ ରହିଥିଲେ। ପ୍ରାରମ୍ଭିକ ଗ୍ରୁପ୍ ପର୍ଯ୍ୟାୟ ପରେ ଗ୍ରୁପ୍ 'ଏ'ରୁ ଭାରତ ୮ ଓ କେନିୟା ୬ ପଏଣ୍ଟ ପାଇ ସେମିଫାଇନାଲରେ ପ୍ରବେଶ କରିଥିଲେ। ପଶ୍ଚିମ ଜର୍ମାନୀ ଓ ଫ୍ରାନ୍ସ ୪ ପଏଣ୍ଟ ଲେଖାଏ ପାଇ ଏବଂ ଆର୍ଜେଣ୍ଟିନା ପଏଣ୍ଟ ଖାତା ଖୋଲି ନ ପାରି ବିଦାୟ ନେଇଥିଲେ। ସେହିପରି ପୁଲ୍ 'ବି'ରେ ସ୍ପେନ୍ ଓ ପାକିସ୍ତାନ ୫ ପଏଣ୍ଟ ଲେଖାଏ ପାଇ ସେମିଫାଇନାଲ ଯୋଗ୍ୟତା ଲାଭ କରିଥିଲେ। ଅନ୍ୟପକ୍ଷରେ ନେଦରଲାଣ୍ଡ୍ସ ୪ ଏବଂ ଅଷ୍ଟ୍ରେଲିଆ ଓ ଜାପାନ ୩ ପଏଣ୍ଟ ଲେଖାଏ ପାଇ ଅଭିଯାନ ଶେଷ କରିଥିଲେ। ସେମିଫାଇନାଲ ପର୍ଯ୍ୟାୟରେ ଅତିରିକ୍ତ ସମୟ ଗୋଲ ବଳରେ କେନିୟାକୁ ସ୍ପେନ୍ ଏବଂ ଭାରତକୁ ହରାଇ ପାକିସ୍ତାନ ଫାଇନାଲରେ ପ୍ରବେଶ କରିଥିଲା। ଫାଇନାଲରେ ସ୍ପେନ୍‌କୁ ହରାଇ ପାକିସ୍ତାନ ଚାମ୍ପିୟନ ହୋଇଥିଲା। ତୃତୀୟ ସ୍ଥାନ ପାଇଁ ଭାରତ ଓ କେନିୟା ମ୍ୟାଚ୍ ନିର୍ଦ୍ଧାରିତ ସମୟରେ ୧-୧ରେ ବରାବର ରହିଥିଲା। ଅତିରିକ୍ତ ସମୟରେ ମୋଲେରା ପୁଭାୟା ଗଣେଶଙ୍କ ଗୋଲ ବଳରେ ଭାରତ ବ୍ରୋଞ୍ଜ ପଦକ ହାସଲ କରିଥିଲା। ମୋଟ୍ ୩୦ ମ୍ୟାଚ ଖେଳାଯାଇଥିବାବେଳେ ୬୭ ଗୋଲ ସ୍କୋର ହୋଇଥିଲା।

**ହକି ବିଶ୍ୱକପ୍**


**ଆଉ ୧୦ ଦିନ**

## ପେଲେଙ୍କ ଶେଷ ଦର୍ଶନ ପାଇଁ ଲମ୍ବାଧାଡ଼ି

ସାଣ୍ଟୋସ (ବ୍ରାଜିଲ), ୨।୧ (ଏପି)

ଫୁଟ୍‌ବଲ କିମ୍ବଦନ୍ତୀ ପେଲେଙ୍କ ଅନ୍ତ୍ୟେଷ୍ଟି କ୍ରିୟା ତାଙ୍କ ଜନ୍ମ ସହର ସାଣ୍ଟୋସ୍‌ଠାରେ ହେବାକୁଥିବା ବେଳେ ଏହା ପୂର୍ବରୁ ସୋମବାର ତାଙ୍କର ଶେଷ ଦର୍ଶନ ପାଇଁ ଭିଲା ବେଲ୍‌ମିରୋ ଷ୍ଟାଡିୟମ ବାହାରେ ଲୋକମାନଙ୍କ ଲମ୍ବା ଧାଡ଼ି ଦେଖିବାକୁ ମିଳିଥିଲା। ବ୍ରାଜିଲର ମହାନ ଖେଳାଳିଙ୍କ ପ୍ରକୃତ ନାମ ହେଉଛି ଏଡସନ ଆରାଣ୍ଟେସ ଡୋ ନାସିମେଣ୍ଟୋ। କିନ୍ତୁ ସେ ସର୍ବତ୍ର ପେଲେ ନାମରେ ପରିଚିତ। ସେ କର୍କଟ ରୋଗରେ ପୀଡ଼ିତ ଥିଲେ। ଗତ ଗୁରୁବାର ୮୨ବର୍ଷ ବୟସରେ ତାଙ୍କର ଦେହାନ୍ତ ହୋଇଛି। ଶେଷ ଦର୍ଶନ କରିଥିବା ମାନ୍ୟଗଣ୍ୟ ବ୍ୟକ୍ତିଙ୍କ ମଧ୍ୟରେ ବ୍ରାଜିଲ ସୁପ୍ରିମକୋର୍ଟ ଜଷ୍ଟିସ ଗିଲ୍‌ମାର ମେଣ୍ଡିସ ଅନ୍ୟତମ ଥିଲେ। ମଙ୍ଗଳବାର ସ୍ଥାନୀୟ ସମୟ ସକାଳ ୧୦ଟାରେ ତାଙ୍କର ଶେଷକୃତ୍ୟ ଆରମ୍ଭ ହେବ। ୬୦୦ ମିଟର ଦୂରରେ ତାଙ୍କ ପ୍ରାର୍ଥିବ ଶରୀରକୁ ସମାଧି ଦିଆଯିବ। ମେଣ୍ଡିସ କହିଛନ୍ତି, ପେଲେଙ୍କ ବିଶ୍ୱବ୍ୟାପୀ ଖ୍ୟାତି ରହିଥିଲେ ସୁଦ୍ଧା ସେ ଭାରି ନମ୍ର ସ୍ୱାଭବର ବ୍ୟକ୍ତି ଥିଲେ। ଅନ୍ତିମ ସଂସ୍କାର ପରେ ପେଲେଙ୍କ କଫିନ ଏକ ଶୋଭାଯାତ୍ରାରେ ସଣ୍ଟୋସ ସହରର ରାସ୍ତାଘାଟ ଦେଇ ସମାଧି ସ୍ଥଳକୁ ଯିବ। ଏହି କାର୍ଯ୍ୟକ୍ରମରେ ବ୍ରାଜିଲ ରାଷ୍ଟ୍ରପତି ଲୁଇଜ୍ ଇନାସିଓ ଲୁଲା ଡା ସିଲ୍‌ଭାଙ୍କ ସମେତ ଅନ୍ୟ ବହୁ ଉଚ୍ଚ ପଦାଧିକାରୀ ଯୋଗ ଦେବାର ସମ୍ଭାବନା ରହିଛି।

## ନିଜ ଷ୍ଟାଡିୟମରେ ଖେଳିବେ ଈଶ୍ୱରନ୍

ନୂଆଦିଲ୍ଲୀ,୨।୧ (ପି.ଟି)

ନିଜ ନାମରେ ନାମିତ ଷ୍ଟାଡିୟମରେ ଖେଳିବାର ସୌଭାଗ୍ୟ ଅନେକ ବଡ ଖେଳାଳିଙ୍କୁ ମିଳି ନ ଥାଏ। ଭିଭିଆନ୍ ରିଚାର୍ଡସ, ବ୍ରାଏନ ଲାରା ଓ ଆଲାନ ବର୍ଡରଙ୍କ ପରି ଖେଳାଳି ଅବସର ନେବା ପରେ ତାଙ୍କ ନାମରେ ଷ୍ଟାଡିୟମ ନିର୍ମାଣ ହୋଇଥିଲା।


ଅଭିମନ୍ୟୁ ଈଶ୍ୱରନ୍

ମାତ୍ର ଏଯାଏ ଅନ୍ତର୍ଜାତୀୟ କ୍ରିକେଟ ପଦାର୍ପଣ କରି ନ ଥିବା ଜଣେ ଖେଳାଳି ନିଜ ନାମରେ ତିଆରି ଷ୍ଟାଡିୟମରେ ଖେଳିବାକୁ ଯାଉଛନ୍ତି। ଭାରତ ଏ' ଦଳର ଅଧିନାୟକ ତଥା ବାଂଲାଦେଶ ବିପକ୍ଷ ଟେଷ୍ଟ ଦଳର ସଦସ୍ୟ ରହିଥବା ଅଭିମନ୍ୟୁ ଈଶ୍ୱରନ୍ ଏମିତି ଏକ ମାଇଲଖୁଣ୍ଟ ହାସଲ କରିବାକୁ ଯାଉଛନ୍ତି। ଅଭିମନ୍ୟୁଙ୍କ ପିତା ରଙ୍ଗନାଥନ ପରମେଶ୍ୱରନ ଈଶ୍ୱରନ ଏକ ଷ୍ଟାଡିୟମ ନିର୍ମାଣ କରିଥିଲେ। ଅଭିମନ୍ୟୁ କ୍ରିକେଟ ଏକାଡେମୀ ଷ୍ଟାଡିୟମରେ ଖେଳାଯିବାକୁ ଥିବା ବେଙ୍ଗଲ ବନାମ ଉତ୍ତରାଖଣ୍ଡ ମ୍ୟାଚରେ ଖେଳିବାକୁ ଯାଉଛନ୍ତି ଈଶ୍ୱରନ୍। ଚାର୍ଟାର୍ଡ ଆକାଉଣ୍ଟାଣ୍ଟ ଭାବରେ କାମ କରୁଥିବା ରଙ୍ଗନାଥନ ପରମେଶ୍ୱରନ ଈଶ୍ୱରନ କ୍ରିକେଟ ପ୍ରତି ଥିବା ନିଜ ଭଲ ପାଇବା ପାଇଁ ୨୦୦୫ରେ ଏହି ଷ୍ଟାଡିୟମ ନିର୍ମାଣ କରିଥିଲେ। ଏପରିକି ଅଭିମନ୍ୟୁଙ୍କ କ୍ରିକେଟ କ୍ୟାରିୟର ମଧ୍ୟ ଏହି ଷ୍ଟାଡିୟମରୁ ଆରମ୍ଭ ହୋଇଥିଲା। ଯେଉଁ ଷ୍ଟାଡିୟମରେ କ୍ରିକେଟ ଖେଳିବା ଆରମ୍ଭ କରିଥିଲେ ସେଠାରେ ମ୍ୟାଚ ଖେଳିବା ତାଙ୍କ ପାଇଁ ଗର୍ବର ବିଷୟ ବୋଲି ଈଶ୍ୱରନ୍ କହିଛନ୍ତି। ଏହି ଗ୍ରାଉଣ୍ଡରେ ଫ୍ଲଡ୍‌ଲାଇଟ ସୁବିଧା ରହିଥିବା ବେଳେ ବିସିସିଆଇ ମଧ୍ୟ ଏହି ଷ୍ଟାଡିୟମ ବ୍ୟବହାର କରିଥାଏ। ୧୯୯୫ରେ ଅଭିମନ୍ୟୁଙ୍କ ଜନ୍ମ ହୋଇଥିବା ବେଳେ ରଙ୍ଗନାଥନ ୧୯୮୮ରେ ଅଭିମନ୍ୟୁ କ୍ରିକେଟ ଏକାଡେମୀ ଆରମ୍ଭ କରିଥିଲେ। ଏହି ଷ୍ଟାଡିୟମରେ ଦୀନେଶ କାର୍ତ୍ତିକ, ଶ୍ରେୟାସ ଆୟାର ଓ ମହମ୍ମଦ ଶାମିଙ୍କ ପରି ଖେଳାଳି ଅଭ୍ୟାସ କରିଥିବା କହିଛନ୍ତି ରଙ୍ଗନାଥନ।

# ଓଡ଼ିଶା ଦଳ ଘୋଷଣା


ଜାତୀୟ ଦୃଷ୍ଟି ବାଧିତ ମହିଳା ଟି୨୦ ପାଇଁ ମନୋନୀତ ଓଡ଼ିଶା ଖେଳାଳିମାନେ କର୍ମକର୍ତ୍ତାଙ୍କ ଗହଣରେ।

**ଜାତୀୟ ଦୃଷ୍ଟି ବାଧିତ ମହିଳା ଟି୨୦**

ଭୁବନେଶ୍ୱର, ୨।୧ (କ୍ରୀଡ଼ା ପ୍ରତିନିଧି)

ବେଙ୍ଗାଲୁରୁଠାରେ ଚଳିତମାସ ୯ରୁ ୧୩ ପର୍ଯ୍ୟନ୍ତ ହେବାକୁଥିବା ଜାତୀୟ ଦୃଷ୍ଟିବାଧିତ ମହିଳା ଟି୨୦ କ୍ରିକେଟ ଟୁର୍ନାମେଣ୍ଟ ପାଇଁ ସୋମବାର ଓଡ଼ିଶା ଦଳ ଘୋଷଣା କରାଯାଇଛି। ଏଥିପାଇଁ ଓଡ଼ିଶା ଦୃଷ୍ଟିବାଧିତ କ୍ରିକେଟ ଆସୋସିଏଶନ (କାଭି) ପକ୍ଷରୁ ଡିସେମ୍ବର ୨୭ରୁ ୩୧ ପର୍ଯ୍ୟନ୍ତ ୨୦ ଜଣ ଖେଳାଳିଙ୍କୁ ନେଇ ଏକ ଚୟନ ଟ୍ରାଏଲର ଆୟୋଜନ କରାଯାଇଥିଲା। ଏଥିରେ ପ୍ରଦର୍ଶନ ଭିତ୍ତିରେ ୧୪ ଜଣିଆ ଦଳ ମନୋନୟନ କରାଯାଇଥିଲା। ଓଡ଼ିଶା ଦଳର କ୍ୟାମ୍ପ ଏବେ କେଟି ଗ୍ଲୋବାଲ ସ୍କୁଲ ପରିସରରେ ଚାଲିଛି। ଏହା ୬ ତାରିଖ ପର୍ଯ୍ୟନ୍ତ ଚାଲିବ। ୭ ତାରିଖରେ ଓଡ଼ିଶା ଦଳ ବେଙ୍ଗାଲୁରୁ ଯିବ। ଫୁଲ ସୋରେନ ଓଡ଼ିଶା ଦଳର ନେତୃତ୍ୱ ନେଉଥିବାବେଳେ ୫ ଜଣ ଖେଳାଳି ସୁନୀତା ମୁର୍ମୁ, ପାର୍ବତୀ ମାର୍ଣ୍ଡି, ସ୍ମୃତିରେଖା ପ୍ରଧାନ, ପିଙ୍କି ବେହେରା ଓ ରୋହି ମୁଣ୍ଡା ପ୍ରଥମଥରପାଇଁ ଜାତୀୟ ପଦାର୍ପଣ କରିବା ସୁଯୋଗ ପାଇଛନ୍ତି। ଓଡ଼ିଶା ଦଳ ଘୋଷଣା ଅବସରରେ ଅବସରପ୍ରାପ୍ତ ଏୟାର ମାର୍ଶାଲ ଜେ. ବର୍ମା, ପୂର୍ବତନ ଖେଳାଳି ରାଜ ଧାୱନ, ଏସ୍. ଧାୱନ, ହୃଦ୍‌ରୋଗ ବିଶେଷଜ୍ଞ ପ୍ରତାପ କୁମାର ପ୍ରଧାନ, କେଟି ଗ୍ଲୋବାଲ ସ୍କୁଲ ପ୍ରମୋଟର ଜଗନ୍ନାଥ ରାଉତ, ଟ୍ରଷ୍ଟି ସୋମଦତ୍ତ ବେଉରା, ଆଇଆଇଜି ସ୍ପୋର୍ଟ୍ସ ଏକାଡେମୀ ନିର୍ଦ୍ଦେଶକ ଚିନ୍ମୟ ପ୍ରଧାନ, ପ୍ରଶାନ୍ତ କୁମାର ପୁହାଣ, କାଭି ସଭାପତି ଜାଫର ଇକବାଲ ପ୍ରମୁଖ ଉପସ୍ଥିତ ଥିଲେ। ପ୍ରତିଯୋଗିତାରେ ମୋଟ ୧୬ଟି ଦଳ ଅଂଶଗ୍ରହଣ କରିବେ। ଏହି ଦଳ ଗୁଡ଼ିକୁ ୪ଟି ଗ୍ରୁପ୍‌ରେ ବିଭକ୍ତ କରାଯିବ। ପ୍ରତି ଗ୍ରୁପ୍‌ର ଶ୍ରେଷ୍ଠ ଦଳ ସେମିଫାଇନାଲରେ ପ୍ରବେଶ କରିବ।

**ଓଡ଼ିଶା ଦଳ:** ଫୁଲ ସୋରେନ (ଅଧିନାୟିକା), ଯମୁନା ରାଣୀ ଟୁଡୁ, ପଦ୍ମିନୀ ଟୁଡୁ, ମାମିନା ନାୟକ, ପାର୍ବତୀ ମାର୍ଣ୍ଡି, ସୁଲୋଚନା ସିଂ (ଉଇକେଟ କିପର), ବାସନ୍ତି ହାଂସଦା, ଝିଲି ବେଉରା, ରଚନା ଜେନା, ସ୍ମୃତିରେଖା ପ୍ରଧାନ, ପାର୍ବତୀ ଟୁଡୁ, ରୋହି ମୁଣ୍ଡା, ସୁନୀତା ମୁର୍ମୁ, ରିଙ୍କି ବେହେରା। କୋଚ୍: ଦେବାଶିଷ ଜେନା ଓ ସୁଖରାମ ମାଝି। ମେଣ୍ଟର ଜାଫର ଇକବାଲ।

# ପନ୍ତ ଆଇସିୟୁରୁ ସ୍ଥାନାନ୍ତରିତ

ଡେରାଡୁନ୍, ୨।୧(ପି.ଟି.)



ଦୁର୍ଘଟଣାରେ ଆଘାତପ୍ରାପ୍ତ ହୋଇ ସ୍ଥାନୀୟ ମାକ୍ସ ହସ୍ପିଟାଲରେ ରହି ଚିକିତ୍ସିତ ହେଉଥିବା କ୍ରିକେଟର ରିଷଭ ପନ୍ତଙ୍କ ସ୍ୱାସ୍ଥ୍ୟ ଅବସ୍ଥାରେ ଯଥେଷ୍ଟ ଉନ୍ନତି ଘଟିଛି। ରବିବାର ସନ୍ଧ୍ୟାରେ ତାଙ୍କୁ ଆଇସିୟୁ (ଇଣ୍ଟେନସିଭ୍ କେୟାର ୟୁନିଟ୍)ରୁ ପ୍ରାଇଭେଟ୍ ୱାର୍ଡକୁ ସ୍ଥାନାନ୍ତର କରାଯାଇଛି। ସେ ଗୋଡ଼ରେ କିନ୍ତୁ ଯନ୍ତ୍ରଣା ଅନୁଭବ କରୁଛନ୍ତି। ତାଙ୍କର ଏମ୍‌ଆର୍‌ଆଇ କରାଯିବା କୌଣସି ଯୋଜନା ନାହିଁ। ଏହି ଉଇକେଟକିପର ବ୍ୟାଟର ଗତ ଶୁକ୍ରବାର ପ୍ରତ୍ୟୁଷରେ ଦିଲ୍ଲୀ-ଡେରାଡୁନ୍ ରାଜପଥରେ ଏକ କାର୍ ଦୁର୍ଘଟଣାରେ ଗୁରୁତର ଭାବେ ଆହତ ହୋଇଥିଲେ। ତାଙ୍କ ଶରୀରର ଏକାଧିକ ସ୍ଥାନରେ ଆଘାତ ଲାଗିଥିଲା। ଉତ୍ତରାଖଣ୍ଡ ମୁଖ୍ୟମନ୍ତ୍ରୀ ପୁଷ୍କର ସିଂ ଧାମି ରବିବାର ହସ୍ପିଟାଲରେ ପନ୍ତଙ୍କୁ ଭେଟିଥିଲେ। ସେ କହିଛନ୍ତି, କ୍ରିକେଟର ଜଣକ ରାସ୍ତାରେ ଏକ ଖାଲକୁ ଏଡାଇବାକୁ ଯାଇ ତାଙ୍କ କାର୍ ଉପରୁ ନିୟନ୍ତ୍ରଣ ହରାଇଥିଲେ। ଦିଲ୍ଲୀ ଡିଷ୍ଟ୍ରିକ୍ଟ କ୍ରିକେଟ ଆସୋସିଏଶନ (ଡିଡିସିଏ) ନିର୍ଦ୍ଦେଶକ ଶ୍ୟାମ ଶର୍ମା ଶନିବାର ଏହି କ୍ରିକେଟରଙ୍କୁ ଭେଟିଥିଲେ। ଖବରଦାତାଙ୍କ ନିକଟରେ ସେ ମଧ୍ୟ ସମାନ କଥା କହିଛନ୍ତି। ଦୁର୍ଘଟଣାଟି ଶୁକ୍ରବାର ସକାଳ ପ୍ରାୟ ୫ଟା୩୦ ମିନିଟ୍‌ରେ ହୋଇଥିଲା। ପନ୍ତଙ୍କ ବିଳାସପୂର୍ଣ୍ଣ କାର୍ ଏକ ରୋଡ୍ ଡିଭାଇଡରରେ ବାଜି ଓଲଟି ପଡ଼ିଥିଲା ଏବଂ ସେଥିରେ ନିଆଁ ଲାଗିଯାଇଥିଲା। ପନ୍ତ ଆଶ୍ଚର୍ଯ୍ୟଜନକ ଭାବେ ବର୍ତ୍ତି ଯାଇଥିଲେ। ତାଙ୍କ କପାଳ, ଗୋଡ଼ ଓ ପିଠିରେ ଆଘାତ ଲାଗିଥିଲା।

# ପରାଜୟରୁ ଓଏଫ୍‌ସିର ବର୍ଷ ଆରମ୍ଭ


କଳିଙ୍ଗ ଷ୍ଟାଡିୟମରେ ସୋମବାର ଓଡ଼ିଶା ଏଫ୍‌ସି ଓ ମୁମ୍ବାଇ ସିଟି ଏଫ୍‌ସି ମଧ୍ୟରେ ଅନୁଷ୍ଠିତ ମ୍ୟାଚ।

ଭୁବନେଶ୍ୱର,୨।୧ (ସ୍ପୋର୍ଟ୍ସ ବ୍ୟୁରୋ)

ଇଣ୍ଡିଆନ୍ ସୁପର ଲିଗ୍‌ରେ ପରାଜୟ ସହିତ ବର୍ଷ ଆରମ୍ଭ କରିଛି ଓଡ଼ିଶା ଏଫ୍‌ସି(ଓଏଫ୍‌ସି)। ଲାଲିଆଞ୍ଜୁଆଲା ଛାଙ୍ଗଟେଙ୍କ ଡବଲ ଗୋଲ ବଳରେ ସୋମବାର ମୁମ୍ବାଇ ସିଟି ଏଫ୍‌ସି ନିକଟରୁ ୪-୨ରେ ହାରିଛି ଓଏଫ୍‌ସି। ମୁମ୍ବାଇ ପକ୍ଷରୁ ଲାଲିଆଞ୍ଜୁଆଲା ଛାଙ୍ଗଟେ (୫୬ ଓ ୮୦) ମିନିଟରେ ସ୍କୋର କରିଥିବା ବେଳେ ବିପିନ ସିଂ(୬୯) ଓ ଆଲବର୍ଟୋ ନୋଗୁଏରା(୮୯) ଗୋଟିଏ ଲେଖାଏ ଗୋଲ ଦେଇଥିଲେ। ଓଏଫ୍‌ସି ପକ୍ଷରୁ ଡିଏଗୋ ମରିସିଓ (୬୨ ଓ ୯୦+୧) ଦୁଇଟି ଗୋଲ ପରିଶୋଧ କରିଥିଲେ। ମ୍ୟାଚର ପ୍ରଥମାର୍ଦ୍ଧ ଗୋଲ ଶୂନ୍ୟ ଭାବରେ ଶେଷ ହୋଇଥିଲା। ଦ୍ୱିତୀୟାର୍ଦ୍ଧ ଆରମ୍ଭରୁ ମୁମ୍ବାଇ ଆକ୍ରମଣ କରିବା ସହିତ ୫୬ ତମ ମିନିଟରେ ମୁମ୍ବାଇ ପ୍ରଥମ ଗୋଲ ସ୍କୋର କରିଥିଲା। ଏହାର ୬ ମିନିଟ ମଧ୍ୟରେ ମରିସିଓ ଗୋଟିଏ ଗୋଲ ପରିଶୋଧ କରିଥିଲେ। ଅତିରିକ୍ତ ସମୟରେ ମରିସିଓ ଆଉ ଏକ ଗୋଲ କରିବା ସହିତ ପରାଜୟ ବ୍ୟବଧାନକୁ ୪-୨କୁ ହ୍ରାସ କରିଥିଲେ। ଏହା ସହିତ ଚଳିତ ସିଜିନରେ କଳିଙ୍ଗ ଷ୍ଟାଡିୟମରେ ଏହା ଓଏଫ୍‌ସିର ପ୍ରଥମ ପରାଜୟ। ଚଳିତ ସିଜିନରେ ଘରୋଇ ଦର୍ଶକଙ୍କ ସମ୍ମୁଖରେ ଏହା ଦଳର ଷଷ୍ଠ ମ୍ୟାଚ। ପୂର୍ବରୁ ୫ ମ୍ୟାଚ ଖେଳିଥିବା ଓଏଫ୍‌ସି ୪ଟି ବିଜୟ ହାସଲ କରିଥିବା ବେଳେ ଗୋଟିଏ ମ୍ୟାଚ ଅମୀମାଂସିତ ରହିଥିଲା। କେରଳ ବ୍ଲାଷ୍ଟର୍ସ, ବେଙ୍ଗାଲୁରୁ, ଚେନ୍ନାୟିନ୍, ନର୍ଥଇଷ୍ଟ ୟୁନାଇଟେଡକୁ ଦଳର ପରାସ୍ତ କରିଥିବା ବେଳେ ଏଟିକେଏମ୍‌ବି ବିପକ୍ଷ ମ୍ୟାଚରେ ପଏଣ୍ଟ ବାଣ୍ଟିଥିଲା।

**ଛାଙ୍ଗଟେଙ୍କ ଡବଲ୍**



1-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ- ତଥାଗତ ସତପଥୀ

## ସଂକ୍ଷେପରେ

### ମହିଳାଙ୍କ କ୍ଷତବିକ୍ଷତ ମୃତଦେହ ଜବତ

**ଭୁବନେଶ୍ୱର,୨।୧(ବ୍ୟୁରୋ):** ନୟାପଲ୍ଲୀ ଥାନା ଅନ୍ତର୍ଗତ ଇନ୍ଦିରା ଗାନ୍ଧୀ ମାର୍କେଟ ନିକଟସ୍ଥ ଏକ ନିର୍ମାଣାଧୀନ ଆପାର୍ଟମେଣ୍ଟରୁ ଜଣେ ମହିଳାଙ୍କ କ୍ଷତବିକ୍ଷତ ମୃତଦେହ ମିଳିଛି। ମୃତା ଜଣଙ୍କ ହେଲେ ମୟୂରଭଞ୍ଜ ଜିଲା ଉଦଳା ଅଞ୍ଚଳର ସୁନୀ ମୂଳି ସିଂ। ଖବରପାଇ ପୋଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ କ୍ୟାପିଟାଲ ହସ୍ପିଟାଲ ପଠାଇଛି। ତେବେ ମହିଳାଙ୍କ ଶରୀରରେ କ୍ଷତ ଚିହ୍ନ ଥିବାବେଳେ ତାଙ୍କ ସ୍ୱାମୀ ନିଶାସକ୍ତ ଅବସ୍ଥାରେ ପିଟି ମାରିଦେଇଥିବା ସନ୍ଦେହ ହେଉଥିବା ସ୍ଥାନୀୟ ଲୋକେ କହିଛନ୍ତି। ତେଣୁ ପୋଲିସ ମୃତାଙ୍କ ସ୍ୱାମୀଙ୍କୁ ଅଟକ ରଖି ଘଟଣାର ଅଧିକ ତଦନ୍ତ ଚଳାଇଛି। ସୂଚନାନୁସାରେ ସୁନୀ ଓ ତାଙ୍କ ସ୍ୱାମୀ ମହେଶ୍ୱର ରାଜଧାନୀରେ ରହି ଶ୍ରମିକ କାମ କରନ୍ତି। ଉକ୍ତ ନିର୍ମାଣାଧୀନ ଆପାର୍ଟମେଣ୍ଟରେ ରହୁଥିଲେ। ହେଲେ ସୋମବାର ରାତି ୯ଟାରେ ସୁନୀଙ୍କ ମୃତଦେହ ପାଖରେ ମହେଶ୍ୱର ବସି କାନ୍ଦୁଥିବାର କେତେଜଣ ଲୋକ ଦେଖିଥିଲେ। ଏହାପରେ ପାଖକୁ ଯାଇ ଘଟଣା ଜାଣିବା ପରେ ପୋଲିସକୁ ଖବର ଦେଇଥିଲେ। ଥାନାରେ କୌଣସି ଅଭିଯୋଗ ହୋଇ ନାହିଁ। ଏ ନେଇ ଥାନା ଅଧିକାରୀ ବିଶ୍ୱରଞ୍ଜନ ସାହୁ କହିଛନ୍ତି, ମୃତ୍ୟୁର ପ୍ରକୃତ କାରଣ ଜଣାପଡିନାହିଁ। ମହିଳାଙ୍କୁ ସ୍ୱାମୀ ମହେଶ୍ୱର ମାରଧର କରିଥିଲେ। ତେଣୁ ତାଙ୍କୁ ପଚରାଉଚରା ପାଇଁ ଥାନାରେ ଅଟକ ରଖାଯାଇଛି।

### ଅବସରକାଳୀନ ସମ୍ବର୍ଦ୍ଧନା ସଭା

**କଟକ ଅଫିସ, ୨।୧:** ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷରେ ସୋମବାର କଟକ କଲେକ୍ଟୋରେଟ ଷ୍ଟାଫ କମିଟି ଆନୁକୂଲ୍ୟରେ ଅବସରକାଳୀନ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଯାଇଛି। ଏଥିରେ ଅତିରିକ୍ତ ଜିଲାପାଳ ଶିବ ଟପୋ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଅବସର ଗ୍ରହଣ କରୁଥିବା କର୍ମଚାରୀମାନଙ୍କ ପରବର୍ତ୍ତୀ ଜୀବନ ମଙ୍ଗଳମୟ ହେଉ ବୋଲି କହିଥିଲେ। ଏଥିସହ ଅବସର ଗ୍ରହଣ କରିଥିବା ଗଙ୍ଗାଧର ଖୁଣ୍ଟିଆ, ଧ୍ରୁବଚରଣ ନନ୍ଦ ଓ ରତ୍ନାକର ଦାସଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ସେହିପରି ସମ୍ମାନିତ ଅତିଥି ଭାବେ ଜିଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଲଲାଟେନ୍ଦୁ ମହାପାତ୍ର ଯୋଗଦେଇ କହିଥିଲେ, ଅବସର ଗ୍ରହଣ କରୁଥିବା କର୍ମଚାରୀମାନେ ବରିଷ୍ଠ ନାଗରିକ ଭାବେ ସାମାଜିକ ଉତ୍ତରଦାୟିତ୍ୱକୁ ନିର୍ବାହ କରିବାରେ ସକ୍ଷମ ହେବା ସହ ପାରିବାରିକ ଜୀବନକୁ ପରିପୁଷ୍ଟ କରିପାରିବେ ବୋଲି କହିଥିଲେ। ଏଥିରେ ଡେପୁଟି କଲେକ୍ଟର ଶଶାଙ୍କ ଶେଖର ମିଶ୍ର, ଡେପୁଟି କଲେକ୍ଟର ଅଳକାରାଣୀ ଦେବତା, ଜିଲା ସଂସ୍କୃତି ଅଧିକାରୀ ନଳିନୀକାନ୍ତ ସାହୁ, ଜିଲା ସ୍ୱଳ୍ପ ସଞ୍ଚୟ ଅଧିକାରୀ ରଞ୍ଜନ କୁମାର ଦାସ ପ୍ରମୁଖ ଉପସ୍ଥିତ ଥିଲେ।

# ବିଦ୍ୟାଳୟରେ ତାଲା ପକାଇ ଛାତ୍ରୀଛାତ୍ରଙ୍କ ଧାରଣା

**ଫୁଲନଖରା,୨।୧(ଡି.ଏନ୍.ଏ.)**



ନାଗବାଲି ପ୍ରାଥମିକ ବିଦ୍ୟାଳୟ ଆଗରେ ଛାତ୍ରୀଛାତ୍ର, ଅଭିଭାବକ ଧାରଣା ଦେଇଛନ୍ତି।

ସରକାର ଗ୍ରାମରେ ଥିବା ବିଦ୍ୟାଳୟଗୁଡ଼ିକୁ ଉନ୍ନତମାନର କରିବା ସହ ଛାତ୍ରୀଛାତ୍ରଙ୍କ ଶିକ୍ଷାରେ ପରିବର୍ତ୍ତନଶୀଳ ଆଣିବା ପାଇଁ ୫-ଟି ଯୋଜନାରେ ରୂପାନ୍ତରୀକରଣ କରୁଛନ୍ତି। କିନ୍ତୁ ବାସ୍ତବରେ ତାହା କେତେ କାର୍ଯ୍ୟକାରୀ ହେଉଛି, ସେନେଇ ତଳସ୍ତରରେ ଅନୁଧ୍ୟାନ କରାଯାଉ ନ ଥିବା ଅଭିଯୋଗ ହେଉଛି। ଏହି ପରିପ୍ରେକ୍ଷୀରେ କଟକ ସଦର ଥାନା ଅନ୍ତର୍ଗତ ନାଗବାଲି ଗ୍ରାମରେ ଥିବା ସରକାରୀ ପ୍ରାଥମିକ ଓ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ସ୍ଥାୟୀ ଶିକ୍ଷକ ଓ ପ୍ରଧାନ ଶିକ୍ଷକ ନ ଥିବାରୁ ଛାତ୍ରୀଛାତ୍ରଙ୍କ ପାଠପଢ଼ାରେ ଅସୁବିଧା ହେଉଛି। ଏ ନେଇ ଅଭିଭାବକ, ଗ୍ରାମବାସୀ ବାରମ୍ବାର ଉଚ୍ଚ କର୍ତ୍ତୃପକ୍ଷଙ୍କୁ ଜଣାଇଥିଲେ ମଧ୍ୟ କେହି ଗୁରୁତ୍ୱ ନ ଦେବାରୁ ସୋମବାର ଅଭିଭାବକ ଓ ଛାତ୍ରୀଛାତ୍ରମାନେ ସୋମବାର ବିଦ୍ୟାଳୟରେ ତାଲା ପକାଇ ଫାଟକ ଆଗରେ ଗଣଧାରଣା ଦେଇଥିଲେ।

ସୂଚନା ଅନୁଯାୟୀ, ଏହି ପ୍ରାଥମିକ ବିଦ୍ୟାଳୟରେ ୭୨ଜଣ ଛାତ୍ରୀଛାତ୍ର ଶିକ୍ଷାଗ୍ରହଣ କରୁଥିବା ବେଳେ ଦୀର୍ଘ ଦିନ ହେବ ଜଣେ ମାତ୍ର ଶିକ୍ଷକ ନିଯୁକ୍ତ ହୋଇଛନ୍ତି। ଏପରିକି ସେ ଜଣେ ମଧ୍ୟ ବେଳେବେଳେ କୌଣସି ଡେପୁଟେଶନ କାର୍ଯ୍ୟରେ ଗଲେ ବିଦ୍ୟାଳୟରେ ଶିକ୍ଷାଦାନରେ ସମ୍ପୂର୍ଣ୍ଣ ବ୍ୟାଘାତ ସୃଷ୍ଟି ହେଉଛି ବୋଲି ଗ୍ରାମବାସୀ କହିଛନ୍ତି।

■ ସ୍ଥାୟୀ ଶିକ୍ଷକ, ପ୍ରଧାନଶିକ୍ଷକ ନିଯୁକ୍ତି ଦାବି

■ ୭୨ ଛାତ୍ରୀଛାତ୍ରଙ୍କୁ ଜଣେ ଶିକ୍ଷକ

ସରକାରଙ୍କ ନିର୍ଦ୍ଦେଶ ଅନୁଯାୟୀ ପ୍ରାଥମିକ ବିଦ୍ୟାଳୟରେ ୩୦ଜଣ ଛାତ୍ରୀଛାତ୍ର ପାଇଁ ଜଣେ ଶିକ୍ଷକ ପାଠ ପଢ଼ାଇବେ। ସେହିପରି ପ୍ରଧାନ ଶିକ୍ଷକ ମଧ୍ୟରେ ଏଠାରେ କେହି ସ୍ଥାୟୀ ନାହାନ୍ତି। ଫଳରେ କୌଣସି କାର୍ଯ୍ୟ ମଧ୍ୟ ଠିକ୍ ଭାବେ ହୋଇପାରୁ ନାହିଁ। ଫଳରେ ଅଭିଭାବକମାନେ ପିଲାମାନଙ୍କ ଭବିଷ୍ୟତ ନେଇ ଚିନ୍ତା ପ୍ରକଟ କରି ସମସ୍ୟା ସମ୍ପର୍କରେ ବହୁଥର ଉଚ୍ଚ କର୍ତ୍ତୃପକ୍ଷଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ହେଲେ ତାହାର କୌଣସି ସୁଫଳ ପାଇପାରି ନ ଥିଲେ। ତେଣୁ ଅଭିଭାବକ ଓ ଛାତ୍ରୀଛାତ୍ର ଏହି ଧାରଣା ଦେଇଥିଲେ। ପ୍ରାୟ ୫ ଘଣ୍ଟା ଧରି ଧାରଣା ବସିବା ପରେ ନାଗବାଲି ଆଞ୍ଚଳିକ ସାଧନ କେନ୍ଦ୍ର ସଂଯୋଜକ(ସିଆର୍‌ସିସି) ସନ୍ତୋଷ ପ୍ରଧାନ ଘଟଣାସ୍ଥଳରେ ପହଞ୍ଚି ଅଭିଭାବକ, ଗ୍ରାମବାସୀଙ୍କୁ ବୁଝାଇଥିଲେ ମଧ୍ୟ ନିଜ ଜିଦ୍‌ରେ ରହିବା ସହ କିଛି ସମୟ ତାଙ୍କୁ ଅଟକ ରଖିଥିଲେ। ଖବରପାଇ କଟକ ସଦର ବ୍ଲକ ଶିକ୍ଷା ଅଧିକାରୀ ସରସ୍ୱତୀ କାନୁନ୍‌ଗୋ ପହଞ୍ଚି ଧାରଣାରତ ଲୋକଙ୍କୁ ବୁଝାଶୁଝା କରିବା ସହ ସୋମବାର ଜଣେ ଶିକ୍ଷକଙ୍କୁ ନିଯୁକ୍ତି ଦିଆଯାଇଥିବା କହିଥିଲେ। ଏଥିସହ ଆଉ ଜଣେ ଶିକ୍ଷକଙ୍କୁ ଖୁବ୍‌ଶୀଘ୍ର ନିଯୁକ୍ତି କରାଯିବ ବୋଲି ପ୍ରତିଶ୍ରୁତି ଦେବାରୁ ଧାରଣାରୁ ଅଭିଭାବକ ଓ ଛାତ୍ରୀଛାତ୍ର ଉଠିଥିଲେ।

### ଯୌତୁକ ପାଇଁ ମହିଳାଙ୍କୁ ହତ୍ୟା

**ମାହାଙ୍ଗା,୨।୧(ସ୍ୱ.ପ୍ର.)**

ମାହାଙ୍ଗା ଥାନା ଅନ୍ତର୍ଗତ ଲଳିତଗିରି ମାଣିତ୍ରୀ ଗ୍ରାମରେ ଯୌତୁକ ପାଇଁ ମହିଳାଙ୍କୁ ହତ୍ୟା କରାଯାଇଥିବା ଅଭିଯୋଗ ହୋଇଛି। ମୃତକ ହେଲେ ବାଲିଚନ୍ଦ୍ରପୁର ଥାନା ନାନପୁର (ପଟଣା) ଗ୍ରାମର ବିଦ୍ୟାଧର ପ୍ରଧାନଙ୍କ ଝିଅ ରାନୁ। ଭାଇ ପ୍ରମୋଦ ମାହାଙ୍ଗା ଥାନାରେ ଲିଖିତ ଅଭିଯୋଗ କରିବା ପରେ ପୋଲିସ ମାମଲା (ନଂ. ୩/୨୩) ରୁଜୁ କରି ମୃତଦେହ ବ୍ୟବଚ୍ଛେଦ କରାଇଛି। ରାନୁ ୨୦୧୬ରେ ଏହି ଥାନା ଅନ୍ତର୍ଗତ ମାଣିତ୍ରୀ ଗ୍ରାମର କୁଳମଣି ସାମଲଙ୍କ ପୁଅ କମଳାକାନ୍ତଙ୍କୁ ବିବାହ କରିଥିଲେ। କିଛି ଦିନ ପରେ ଅଧିକ ଯୌତୁକ ଆଣିବା ପାଇଁ ଶାଶୁଘର ଲୋକେ ରାନୁଙ୍କ ଉପରେ ଚାପ ପକାଇ ମାନସିକ ଓ ଶାରୀରିକ ନିର୍ଯାତନା ଦେଉଥିଲେ। ସୋମବାର ସକାଳେ ରାନୁ ଭାଇଙ୍କୁ ଫୋନ କରି ଶାଶୁଘର ଲୋକେ ମାରଧର କରୁଥିବା କହିଥିଲେ। ଏହାପରେ ପ୍ରମୋଦ ପରିବାର ଲୋକଙ୍କ ସହ ଶାଶୁଘରେ ପହଞ୍ଚିବା ବେଳକୁ ତାଙ୍କୁ ଏକ କୋଠରିରେ ଝୁଲୁଥିବା ଦେଖିଥିଲେ। ତାଙ୍କୁ ଆମ୍ବୁଲାନ୍ସ ଯୋଗେ ମାହାଙ୍ଗା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ନିଆଯାଇଥିଲେ। ସେଠାରେ ରାନୁଙ୍କୁ ଡାକ୍ତର ମୃତ ଘୋଷଣା କରିଥିଲେ। ଯୌତୁକ ପାଇଁ ଭଉଣୀଙ୍କୁ ହତ୍ୟା କରାଯିବା ପରେ ଆତ୍ମହତ୍ୟା ରୂପ ଦିଆଯାଇଛି ବୋଲି ପ୍ରମୋଦ ଥାନାରେ ଅଭିଯୋଗ କରିବା ପରେ ପୋଲିସ ସ୍ୱାମୀ କମଳାକାନ୍ତ ଓ ଶ୍ୱଶୁର କୁଳମଣି ସାମଲଙ୍କୁ ଅଟକ ରଖି ତଦନ୍ତ ଚଳାଇଥିବା ତଦନ୍ତ ଅଧିକାରୀ ପ୍ରିୟରଞ୍ଜନ ସେଠୀ ସୂଚନା ଦେଇଛନ୍ତି।

## ଫାଇନାଲରେ ୟୁନାଇଟେଡ୍ କ୍ଲବ


ଅତିଥିଙ୍କ ଗହଣରେ ଉଭୟ ଦଳର ଖେଳାଳି।

**ଟିଗିରିଆ,୨।୧(ଡି.ଏନ୍.ଏ.)**

ଟିଗିରିଆ ବ୍ଲକ ପାଞ୍ଚଗାଁସ୍ଥିତ ମିନି ଷ୍ଟାଡିୟମରେ ଦିବ୍ୟଜ୍ୟୋତି ଆସୋସିଏଶନ ଦ୍ୱାରା ଆୟୋଜିତ ୭ମ ପାଞ୍ଚଗାଁ ଫୁଟବଲ ଟୁର୍ନାମେଣ୍ଟର ୧ମ ସେମିଫାଇନାଲ ମ୍ୟାଚ ସୋମବାର ଅନୁଷ୍ଠିତ ହୋଇଯାଇଛି। ମ୍ୟାଚ୍‌ରେ ମା' ମଙ୍ଗଳା କ୍ଲବ, ଢେଙ୍କାନାଳକୁ ଏକପାଖିଆ ୪/୦ ଗୋଲରେ ପରାସ୍ତ କରି ୟୁନାଇଟେଡ୍ କ୍ଲବ, ଭୁବନେଶ୍ୱର ଫାଇନାଲରେ ପ୍ରବେଶ କରିଛି। ମ୍ୟାଚର

**ପାଞ୍ଚଗାଁ ଫୁଟବଲ ଟୁର୍ନାମେଣ୍ଟ**

ପ୍ରଥମାର୍ଦ୍ଧର ୧୦ ମିନିଟ୍‌ରେ ବିଜୟୀ ଦଳ ୟୁନାଇଟେଡ୍ କ୍ଲବର ୧୦ ନଂ. ଖେଳାଳି ରାଜେଶ ନାୟକ, ୨୮ ମିନିଟ୍‌ରେ ୯ ନଂ. ଖେଳାଳି ଅଭିଷେକ ପଡ଼ିଆରୀ ଗୋଟିଏ ଲେଖାଏଁ ଗୋଲ କରିଥିଲେ। ଦ୍ୱିତୀୟାର୍ଦ୍ଧର ୨ ମିନିଟ୍‌ରେ ୧୧ ନଂ. ଖେଳାଳି ବାପୁନି ବିଦ୍ଧାଣି ଓ ୨୦ ମିନିଟ୍‌ରେ ୧୪ ନଂ. ଖେଳାଳି ଚନ୍ଦନ ନାୟକ ଗୋଲ ସ୍କୋର କରି ଦଳକୁ ୪/୦ ଗୋଲରେ ବିଜୟୀ କରିଥିଲେ। ମା' ମଙ୍ଗଳା କ୍ଲବ କୌଣସି ଗୋଲ କରିବାକୁ ସକ୍ଷମ ହୋଇ ନ ଥିଲା। ମୁଖ୍ୟ ଅତିଥି ଭାବେ ଟିଗିରିଆ ଓକିଲ ସଙ୍ଘର ବରିଷ୍ଠ ଓକିଲ ବିକ୍ରମ କିଶୋର ଦାଶ ଓ ସମ୍ମାନିତ ଅତିଥି ଭାବେ ଟିଗିରିଆ ଓକିଲ ସଙ୍ଘ ସମ୍ପାଦକ ତନ୍ମୟ ମିଶ୍ର ଯୋଗ ଦେଇଥିଲେ। ଖେଳକୁ ରେଫରି ସଞ୍ଜୀବ ଦାଶ ପରିଚାଳନା କରିଥିବାବେଳେ ତାଙ୍କୁ ବ୍ରହ୍ମାନନ୍ଦ ଭୋଇ ଓ ଅରୁଣ ନାୟକ ସହଯୋଗ କରିଥିଲେ। ସୁବାସ ମୁଦୁଲି ୪ର୍ଥ ରେଫରି ଦାୟିତ୍ୱ ନିର୍ବାହ କରିଥିଲେ।

### କୃଷକ ସାଥୀ ବୈଠକ

**କଟକ ସଦର,୨।୧(ଡି.ଏନ୍.ଏ.)**

କଟକ ସଦର ବ୍ଲକ କୃଷକ ସାଥୀ ବୈଠକ ବିରିବାଟୀସ୍ଥିତ ତାରିଣୀ ମନ୍ଦିର ପରିସରରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ କଟକ ଜିଲା ସଭାପତି ଲକ୍ଷ୍ମୀଧର ରାଉତ ଓ ସମ୍ପାଦକ ଦିଲୀପ କୁମାର ଚୌଧୁରୀ ଅତିଥି ଭାବେ ଯୋଗ ଦେଇଥିଲେ। ବୈଠକରେ କୃଷକ ସାଥୀମାନଙ୍କ ମାସିକ ଦରମା ଓ ଚାକିରି ସମସ୍ୟା ଉପରେ ଆଲୋଚନା ହୋଇଥିଲା। ରାଜ୍ୟ ଓ ଜିଲାସ୍ତରୀୟ କୃଷି ଅଧିକାରୀଙ୍କ ସହ ଆଲୋଚନା କରିବା ପାଇଁ ଜିଲା ସଭାପତି ଓ ସମ୍ପାଦକଙ୍କୁ ଦାୟିତ୍ୱ ଦିଆଯାଇଥିଲା। ସରକାରଙ୍କ ପ୍ରଦତ୍ତ ବିଭିନ୍ନ ଦାୟିତ୍ୱ ସମସ୍ତ କୃଷକ ସାଥୀ ପରିଚାଳନା କରିବା ପାଇଁ ନିଷ୍ପତ୍ତି ନିଆଯାଇଥିଲା। ବ୍ଲକ ଉପାଧ୍ୟକ୍ଷ ଚିତ୍ତରଞ୍ଜନ ବେହେରା, କୋଷାଧ୍ୟକ୍ଷ ପୂର୍ଣ୍ଣଚନ୍ଦ୍ର ନାୟକ, ମଧୁସ୍ମିତା ଜେନା, ସୁରେନ୍ଦ୍ର ନାଥ କର, ପ୍ରତାପ ଦାସ, ବଳରାମ ଭୋଇ, ବିବେକାନନ୍ଦ ରାଉତ, ସୁରେନ୍ଦ୍ର ମଲ୍ଲିକ, ଦେବଗୁରୁ ତରାଇ, ପ୍ରତ୍ୟୁଷ ଜେନା, ବନକିଶୋର ମହାନ୍ତି ପ୍ରମୁଖ ଆଲୋଚନାରେ ଅଂଶଗ୍ରହଣ କରିଥିଲେ।

## ଭୂତଳ ଜଳ ଯୋଗାଣ ପ୍ରକଳ୍ପ ଶୁଭାରମ୍ଭ



ଜଳ ଯୋଗାଣ ପ୍ରକଳ୍ପର ଶୁଭାରମ୍ଭ ଅବସରରେ ମନ୍ତ୍ରୀ ରଣେ ପ୍ରତାପ ସ୍ୱାଇଁ ଓ ଅନ୍ୟମାନେ।

**ଟିଗିରିଆ,୨।୧(ଡି.ଏନ୍.ଏ.)**

ଟିଗିରିଆ ବ୍ଲକ ନୂଆସଡ଼କସ୍ଥିତ ରେଙ୍ଗାଲି ଦକ୍ଷିଣ କେନାଲରେ କୃଷିକ୍ଷେତ୍ରକୁ ପାଇପ ଦ୍ୱାରା ଭୂତଳ ଜଳ ଯୋଗାଣ ପ୍ରକଳ୍ପର ସୋମବାର ରାଜ୍ୟ କୃଷି ମନ୍ତ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ ଶୁଭାରମ୍ଭ କରିଛନ୍ତି। ଏହି ପ୍ରକଳ୍ପ ଦ୍ୱାରା ଟିଗିରିଆ ଓ ଆଠଗଡ ବ୍ଲକର ୩୪ ପଞ୍ଚାୟତର ୧୩୮ ରାଜସ୍ୱ ଗ୍ରାମକୁ ଚାଷ ଜମିକୁ ରେଙ୍ଗାଲି କେନାଲରୁ ଭୂତଳ ପାଇପ ଦ୍ୱାରା ଜଳସେଚନ କରାଯିବ। ଏହାଦ୍ୱାରା ୧୨, ୪୧୧ହେକ୍ଟର ଜମିରେ ପାଣି ମଡ଼ାଯାଇପାରିବ।

ଏହି ପ୍ରକଳ୍ପର ଶୁଭାରମ୍ଭ ଉତ୍ସବରେ ଟିଗିରିଆ ପଞ୍ଚାୟତ ସମିତି ଅଧ୍ୟକ୍ଷା ସନ୍ଧ୍ୟାରାଣୀ ନାୟକ ସଭାପତିତ୍ୱ କରିଥିଲେ। ସମ୍ମାନିତ ଅତିଥି ଭାବେ ପଞ୍ଚାୟତ ସମିତି ଉପାଧ୍ୟକ୍ଷ ମାନସ ସାହୁ,

**ରେଙ୍ଗାଲି ଦକ୍ଷିଣ କେନାଲରୁ ପାଇପ୍‌ରେ ଜଳସେଚନ ହେବ**

ଜିଲା ପରିଷଦ ସଭ୍ୟା ସସ୍ମିତା ରାଉତ, ସଭ୍ୟ ସଞ୍ଜୟ ମଲ୍ଲିକ, ଆଠଗଡ ବ୍ଲକ ବିଜେଡି ସଭାପତି ରବୀନ୍ଦ୍ର ରାଉତ ପ୍ରମୁଖ ଯୋଗ ଦେଇଥିଲେ। କାର୍ଯ୍ୟକ୍ରମରେ ରେଙ୍ଗାଲି ଦକ୍ଷିଣ କେନାଲ ନିର୍ବାହୀ ଅଧୀକ୍ଷଣ ଯନ୍ତ୍ରୀ ଶରତ କୁମାର ପଣ୍ଡା, ଅତିରିକ୍ତ ଅଧୀକ୍ଷଣ ଯନ୍ତ୍ରୀ ଅଶ୍ୱିନୀ କୁମାର ବେହେରା, ସହାୟକ ଯନ୍ତ୍ରୀ ପ୍ରଦୀପ କୁମାର ନାୟକ, ଏଲ.ଟି ପ୍ରକଳ୍ପ ପରିଚାଳକ ପି. ମୁରଲୀଙ୍କ ସହ ଟିଗିରିଆ ବ୍ଲକର ବିଭିନ୍ନ ପଞ୍ଚାୟତର ସରପଞ୍ଚ, ସମିତି ସଭ୍ୟା ସଭ୍ୟ, ସେବା ସମବାୟ ସମିତିର ସଭାପତି ଓ ସମ୍ପାଦକ ଉପସ୍ଥିତ ଥିଲେ। ଏହି କାମ ଏକ ମାସ ମଧ୍ୟରେ ଶେଷ ହେବ ବୋଲି ମନ୍ତ୍ରୀ ସ୍ୱାଇଁ କହିଛନ୍ତି।

## ସମବାୟ ସମିତି ଧାନମଣ୍ଡି ଉଦ୍‌ଘାଟିତ

**ବଡ଼ମ୍ବା,୨।୧(ଡି.ଏନ୍.ଏ.)**

ବଡ଼ମ୍ବା ବ୍ଲକ ଅନ୍ତର୍ଗତ ସୁନାପାଳ ସେବା ସମବାୟ ସମିତିର ଧାନମଣ୍ଡି ସୋମବାର ଆରମ୍ଭ ହୋଇଛି। ସମିତି ସଭାପତି ସନ୍ତୋଷ ମିଶ୍ର ଏଥିରେ ଅଧ୍ୟକ୍ଷତା କରିଥିଲେ। ବଡ଼ମ୍ବା ବ୍ଲକ ଅଧ୍ୟକ୍ଷ ରଘୁପତି ମହାନ୍ତି, ଉପାଧ୍ୟକ୍ଷାଙ୍କ ପ୍ରତିନିଧି ସୁଶାନ୍ତ ଜେନା, ୨୯ନଂ. ଜୋନ ଜିଲା ପରିଷଦଙ୍କ ପ୍ରତିନିଧି ଟୁକୁନା ବରାଳ, କୋଲେଶର ସରପଞ୍ଚ ସନ୍ଧ୍ୟାରାଣୀ ହୋତା, ସମିତି ସଭ୍ୟା ସୁଚିତ୍ରା ପାଣିଗ୍ରାହୀ, ଖଜିଆ ସରପଞ୍ଚ ଓ ସମିତି ସଭ୍ୟାଙ୍କ ପ୍ରତିନିଧି ପ୍ରମୁଖ ଯୋଗଦେଇଥିଲେ। ସମିତି ନିର୍ଦ୍ଦେଶକ ହରିହର ମହାନ୍ତି, ଅଶୋକ ବେହେରା, କୁଳମଣି ପଣ୍ଡା, ଭରତ ନାଏକଙ୍କ ସମେତ ଅନ୍ୟ ନିର୍ଦ୍ଦେଶକ ଏବଂ ଚାଷୀ ଉପସ୍ଥିତ ଥିଲେ। ପ୍ରଥମ ଦିନରେ ଧାନମଣ୍ଡିରୁ ପ୍ରାୟ ୬୦୦ କୁଇଣ୍ଟାଲ ଧାନ ସଂଗ୍ରହ କରାଯାଇଛି।

## ଆଗାମୀ ବର୍ଷ ପାଠପଢ଼ା ନେଇ ପ୍ରାଥମିକ ଶିକ୍ଷକ ମହାସଂଘର ପ୍ରସ୍ତୁତି

**ମାଣିଆବନ୍ଧ,୨।୧(ଡି.ଏନ୍.ଏ.)**

ବଡ଼ମ୍ବା ବ୍ଲକ ଅନ୍ତର୍ଗତ ଗୋଷ୍ଠୀ ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟ ପରିସରରେ ସୋମବାର ବଡ଼ମ୍ବା ମଣ୍ଡଳର ଆଗାମୀ ଶିକ୍ଷା ବର୍ଷର ନୂତନ ଶିକ୍ଷା ପାଠ୍ୟକ୍ରମ ପ୍ରସ୍ତୁତି ନେଇ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ସେଥିରେ ଆଗାମୀ ବର୍ଷରେ କିପରି ପାଠପଢ଼ା ଯିବ, ସେନେଇ ନିଷ୍ପତ୍ତି ନିଆଯାଇଥିଲା। ଏହି ଅବସରରେ ବିଇଓ ଲକ୍ଷ୍ମଣ ଲେଙ୍କା, ସହ ଶିକ୍ଷାଧିକାରୀ ପ୍ରକାଶ ଚନ୍ଦ୍ର ମତଗଜ ସିଂ, ବିବେକାନନ୍ଦ ସାହୁ, ନିର୍ମଳା ବେହେରା ଏବଂ କନିଷ୍ଠ କିରାଣି ମୋହିତ ଦାଶଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଶିକ୍ଷକ ସମୀର ରାଉତ ସମସ୍ତ ଅଧିକାରୀ, କାର୍ଯ୍ୟାଳୟର କର୍ମଚାରୀ ଏବଂ ଶିକ୍ଷକ ସଂଘ କର୍ମକର୍ତ୍ତାଙ୍କ ଉଦ୍ଦେଶ୍ୟରେ ଏକ କବିତା ପାଠ କରିଥିଲେ। କଟକ ଜିଲା ପ୍ରାଥମିକ ଶିକ୍ଷକ ସଂଘ ଉପସଭାପତି ରମେଶ ଚନ୍ଦ୍ର ବେହେରାଙ୍କ ସହିତ ବଡ଼ମ୍ବା ମଣ୍ଡଳର ବରିଷ୍ଠ ଶିକ୍ଷକ ରଘୁନାଥ ସେଠୀ, ଶତ୍ରୁଘ୍ନ ବେହେରା, ସରୋଜ ପଣ୍ଡା, ଅଶୋକ ମାଝୀ, ସୁରସୁନ୍ଦର ଶତପଥୀ, ଜ୍ଞାନେନ୍ଦ୍ର ରାଉତ, ଗୋବିନ୍ଦଚନ୍ଦ୍ର ଗୋଛି, ନବକିଶୋର ବେହେରା, ଦୁର୍ଗା ଚରଣ ମଲ୍ଲ ପ୍ରମୁଖ ଉପସ୍ଥିତ ଥିଲେ।

## ସମବାୟ ପରିଚାଳନା ନିର୍ଦ୍ଦେଶକଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ପାଇଁ ସୁପାରିସ

**କଟକ ସଦର,୨।୧(ଡି.ଏନ୍.ଏ.)**

କଟକ ସଦର ବ୍ଲକ ଅନ୍ତର୍ଗତ କନ୍ଦରପୁର ସମବାୟ ମିନି ବ୍ୟାଙ୍କର ଅର୍ଥ ତୋସରପାତ ଘଟଣାର ଓଡ଼ିଶା ସମବାୟ ଆଇନ ଧାରା ୬୫ ଅନୁଯାୟୀ ଏକ ଅଡିଟ୍ ଟିମ୍ ତଦନ୍ତ କରିଛନ୍ତି। ଏଥିରେ ମୁଖ୍ୟ ଅଭିଯୁକ୍ତ କୁହାଯାଉଥିବା ଉକ୍ତ ବ୍ୟାଙ୍କର କ୍ୟାଶିୟର ଦୀପ୍ତି କୁମାର ପଟ୍ଟନାୟକଙ୍କ ସମେତ କନ୍ଦରପୁର କୃଷକ ସମବାୟ ସମିତି ପରିଚାଳନା ନିର୍ଦ୍ଦେଶକ ଧୀରେନ ଦାଶ ଓ ପରିଚାଳକ ରବୀନ୍ଦ୍ର ମହାନ୍ତି ମହାନ୍ତିଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ପାଇଁ ସୁପାରିସ କରାଯାଇଛି।

ଇତି ମଧ୍ୟରେ କ୍ୟାଶିୟର ପଟ୍ଟନାୟକଙ୍କ ନାମରେ କନ୍ଦରପୁର ଥାନାରେ ଏକ ମାମଲା(ନଂ.୨୨୬/୨୧) ରୁଜୁ ହୋଇଥିବାରୁ ତଦନ୍ତ ରିପୋର୍ଟ ଥାନାର ତଦନ୍ତକାରୀ ଅଧିକାରୀଙ୍କୁ ପରବର୍ତ୍ତୀ କାର୍ଯ୍ୟାନୁଷ୍ଠାନ ପାଇଁ ପ୍ରଦାନ କରାଯାଇଛି। ଏହାବ୍ୟତୀତ ପରିଚାଳନ ନିର୍ଦ୍ଦେଶକ ଦାଶଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ

**କନ୍ଦରପୁର ସମବାୟ ମିନି ବ୍ୟାଙ୍କ ଅର୍ଥ ତୋସରପାତ ମାମଲା**

ଗ୍ରହଣ ପାଇଁ କଟକସ୍ଥିତ ସହକାରୀ ସମବାୟ ନିବନ୍ଧକ ଅନିମା ବେହେରା ଏକ ନିର୍ଦ୍ଦେଶନାମା କୃଷକ ସମବାୟ ସମିତିର ସଭାପତିଙ୍କ ଉଦ୍ଦେଶ୍ୟରେ ଜାରି କରିଛନ୍ତି। ତଦନ୍ତ ରିପୋର୍ଟକୁ ଆଧାର କରି ପରିଚାଳନା ନିର୍ଦ୍ଦେଶକ ଦାଶଙ୍କୁ ବହିଷ୍କାର ଭଳି କଠୋର ନିଷ୍ପତ୍ତି ନେବାକୁ ଉକ୍ତ ନିର୍ଦ୍ଦେଶନାମାରେ ଉଲ୍ଲେଖ ରହିଛି। ତେବେ ଏହା ଉପରେ ସମବାୟ ସମିତିର ବୋର୍ଡ ଅଫ୍ ଡାଇରେକ୍ଟର ମିଟିଂରେ କ'ଣ ନିଷ୍ପତ୍ତି ନିଆଯାଉଛି ତାହାକୁ ସଭ୍ୟାସଭ୍ୟମାନେ ଅପେକ୍ଷା କରି ରହିଛନ୍ତି। ସୂଚନାଯୋଗ୍ୟ, କନ୍ଦରପୁର ସମବାୟ ମିନି ବ୍ୟାଙ୍କରେ ଅର୍ଥ ହେରଫେର କରାଯାଉଥିବା ନେଇ କେତେଜଣ ଜମାକାରୀ ଜାଣିବା ପରେ ୨୦୨୧ ସେପ୍ଟେମ୍ବର୧୮ରେ ଉଚ୍ଚ କର୍ତ୍ତୃପକ୍ଷ, ଥାନାରେ ଅଭିଯୋଗ କରିଥିଲେ।

# ପାଠାଗାର ଆନ୍ଦୋଳନକୁ ସକ୍ରିୟ କରିଥିଲେ ମହତାବ

**ଭୁବନେଶ୍ୱର,୨।୧(ବ୍ୟୁରୋ)**

ଡ. ହରେକୃଷ୍ଣ ମହତାବ ଥିଲେ ଏକାଧାରରେ ଜଣେ ସ୍ୱାଧୀନତା ସଂଗ୍ରାମୀ, ଐତିହାସିକ, ସାହିତ୍ୟିକ, ସାମ୍ବାଦିକ, ଖବରକାଗଜ ସମ୍ପାଦକ, ଓଡ଼ିଶାର ପୂର୍ବତନ ପ୍ରଧାନମନ୍ତ୍ରୀ, ମୁଖ୍ୟମନ୍ତ୍ରୀ, ବମ୍ବେ ପ୍ରଦେଶର ରାଜ୍ୟପାଳ ଓ ପୂର୍ବତନ କେନ୍ଦ୍ରମନ୍ତ୍ରୀ। ସେ ଥିଲେ ଓଡ଼ିଶାର ଚଳନ୍ତି ପାଠାଗାର। ଓଡ଼ିଶାରେ ପାଠାଗାର ଆନ୍ଦୋଳନକୁ ସେ ହିଁ ସକ୍ରିୟ କରିଥିଲେ। ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ପକ୍ଷରୁ ସୋମବାର ତାଙ୍କ ୩୭ତମ ଶ୍ରାଦ୍ଧ ଦିବସ ପାଳନ ଅବସରରେ ଅତିଥିମାନେ ଏହା କହିଛନ୍ତି। ପ୍ରଥମେ ବିଜେବି ନଗରସ୍ଥିତ ତାଙ୍କ ପ୍ରତିମୂର୍ତ୍ତି ଓ ପରେ ଶହୀଦ ସ୍ୱାଧୀନତା ସଂଗ୍ରାମୀ ସଦନଠାରେ ଥିବା ପ୍ରତିକୃତିରେ ମାଲ୍ୟାର୍ପଣ କରାଯାଇଥିଲା। ବିଭାଗୀୟ ଅନୁଶାସନ ସଚିବ ଲକ୍ଷ୍ମୀଧର ବେହେରାଙ୍କ ସଂଯୋଜନାରେ ହରେକୃଷ୍ଣ ମହତାବ ରାଜ୍ୟ ଗ୍ରନ୍ଥାଗାର ପରିସରରେ ଥିବା ପ୍ରତିମୂର୍ତ୍ତିରେ ଭାରପ୍ରାପ୍ତ ଅଧିକାରୀଙ୍କ ପୌରୋହିତ୍ୟରେ ମାଲ୍ୟାର୍ପଣ କରାଯାଇଥିଲା। କାର୍ଯ୍ୟକ୍ରମରେ ବିଧାୟକ



ହରେକୃଷ୍ଣ ମହତାବ ରାଜ୍ୟ ଗ୍ରନ୍ଥାଗାରସ୍ଥିତ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ ଅବସରରେ ଉପସ୍ଥିତ ଅତିଥି ଓ ଅନ୍ୟମାନେ।

**ହରେକୃଷ୍ଣ ମହତାବଙ୍କ ଶ୍ରାଦ୍ଧୋତ୍ସବ**

ପ୍ରଫୁଲ୍ଲ ସାମଲ, ସୁରେଶ କୁମାର ରାଉତରାୟ, ପୂର୍ବତନ ବିଧାୟକ ପ୍ରଭାତ କୁମାର ତ୍ରିପାଠୀ, ପ୍ରଶାସକ ସ୍ୱଦେଶ ସୁନ୍ଦର ପଟ୍ଟନାୟକ, ଶିକ୍ଷାବିତ୍ କାମଦେବ ମହାପାତ୍ର, ଅଧ୍ୟାପକ ରମେଶ ଚନ୍ଦ୍ର ପାତାଳସିଂହ, ଗିରିଜା ଶଙ୍କର ମହାପାତ୍ର, ସଂଜୟ କୁମାର ପରିଡ଼ା, ପୂର୍ବତନ କର୍ପୋରେଟର ଶାଶ୍ୱତୀ ମିଶ୍ର, ଅନୁପମା ବେହେରା, ସଂଯୁକ୍ତା ମିଶ୍ର, ସରୋଜିନୀ ମିଶ୍ର, ବିଜୟ କୁମାର ପରିଡ଼ା, ଉଇ ଫର୍ ଭୁବନେଶ୍ୱରର ସଭ୍ୟ, ଗ୍ରନ୍ଥାଗାର କର୍ମଚାରୀ ଓ ପାଠକମାନେ ଯୋଗଦେଇ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ଏହି ଅବସରରେ ପ୍ରବୋଧ କୁମାର ଦାସ, ବାବନ ଶତପଥୀ, ହାଡ଼ିବନ୍ଧୁ ବେଉରିଆ, ତାପସ କୁମାର ସାହୁ ଓ ଅବନ୍ତୀ କୁମାର ସୁତାରଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଏଥିସହ ପାଠାଗାର ପରିସରରେ ଡ. ମହତାବଙ୍କ ଉପରେ ଏକ ସ୍ୱତନ୍ତ୍ର ପୁସ୍ତକ ପ୍ରଦର୍ଶନୀ, ଆଲୋଚନାଚକ୍ର ଏବଂ ଗ୍ରନ୍ଥାଗାର ବନ୍ଧୁମିଳନ ଅନୁଷ୍ଠିତ ହୋଇଥିଲା। ମହତାବ ଛାତ୍ର ଜୀବନ ପରିତ୍ୟାଗ କରି ଗାନ୍ଧିଜୀଙ୍କ ଆହ୍ୱାନରେ ସ୍ୱାଧୀନତା ସଂଗ୍ରାମରେ ଯୋଗଦେଇ ରାଜ୍ୟରେ ଏକ ଦୁର୍ବାର ବ୍ରିଟିଶ ବିରୋଧୀ ଆନ୍ଦୋଳନ ଗଢିତୋଳିବା ସହ ଗଡ଼ଜାତ ପ୍ରଜା ଆନ୍ଦୋଳନରେ ସାମିଲ ହୋଇ ଏହାକୁ ସକ୍ରିୟ କରିଥିଲେ। ରାଜ୍ୟରେ ଗଣମାଧ୍ୟମକୁ ସକ୍ରିୟ କରିବା ପାଇଁ ପ୍ରଜାତନ୍ତ୍ର ଖବରକାଗଜ ପ୍ରତିଷ୍ଠା କରିଥିଲେ। ଝଙ୍କାର ସାହିତ୍ୟ ପତ୍ରିକା, ମୀନାବଜାର ଶିଶୁ ପତ୍ରିକା ପ୍ରକାଶନ କରିଥିଲେ। ସାହିତ୍ୟିକଙ୍କୁ ପ୍ରୋତ୍ସାହିତ କରିବାକୁ ବିଷୁବ ମିଳନ ଆରମ୍ଭ କରିଥିଲେ। ଓଡ଼ିଶା ଇତିହାସ ସହିତ ବହୁ ପୁସ୍ତକ ରଚନା କରି ସେ ଓଡ଼ିଶାର ବାଣୀ ଭଣ୍ଡାରକୁ ସମୃଦ୍ଧ କରିଥିଲେ। ରାଜ୍ୟରେ ପାଠାଗାର ଆନ୍ଦୋଳନକୁ ସକ୍ରିୟ କରିବା ପାଇଁ ଆଜୀବନ କାର୍ଯ୍ୟ କରି ଓଡ଼ିଶା ପାଠାଗାର ସଂଘର ଆଜୀବନ ସଭାପତି ହୋଇଥିଲେ। ମହତାବଙ୍କୁ ଛାଡ଼ି ଓଡ଼ିଶାର ଇତିହାସ ରଚନା କରାଯାଇ ନ ପାରେ ବୋଲି ଅତିଥିମାନେ କହିଥିଲେ। ଗ୍ରନ୍ଥାଗାରିକ ସସ୍ମିତା ମିଶ୍ର, ରୁଦ୍ର ପ୍ରସାଦ ବେହେରା, କୁମୁଦିନୀ ଦାସ, ବିଦ୍ୟାଧର ପଣ୍ଡା, ସଲିତା ପାତ୍ର, ମଞ୍ଜୁରାଣୀ ମୁଦୁଲି, କଣ୍ଣମଣି ବିଶ୍ୱାଳ, ସୁବର୍ଣ୍ଣ ପଣ୍ଡା, ରାଜ୍ୟ ଗ୍ରନ୍ଥାଗାରରେ ପ୍ରକଳ୍ପ କାର୍ଯ୍ୟ କରୁଥିବା ଗ୍ରନ୍ଥାଗାରିକ ବିଦ୍ୟାର୍ଥୀ ପ୍ରମୁଖ ଡ. ମହତାବଙ୍କ ସମ୍ପର୍କରେ କହିଥିଲେ।